ମଇ ୨୦୨୩



Photo by Dr. Ranjit Ku Sahu, USA

ISSN NO – 2582-208X

[ଏକ ସମ୍ପୂର୍ଣ୍ଣ ପାରିବାରିକ ମାସିକ ଇ-ପତ୍ରିକା]

...ପ୍ରତ୍ୟେକ ଓଡିଆଙ୍କ ପାଇଁ ସମ୍ପୂର୍ଣ୍ଣ ଓଡିଆରେ ପ୍ରକାଶିତ ଏକ ପାରିବାରିକ ଇ-ପତ୍ରିକା...

(ଅଗଷ୍ଟ ୧, ୨୦୧୫ରୁ ପ୍ରତିମାସରେ ପ୍ରକାଶିତ )

## ପ୍ରତିଷ୍ଠାତା – ଅରବିନ୍ଦ ମିଶ୍ର



ଯୋଗାଯୋଗ

Whatsapp:+ 91 9594993733

ଭ୍ରାମ୍ୟଭାଷ - +91 9594993733

**Website: www.vedantimagazine.com**

**Email ids:**

**vedantimagazine@gmail.com**

**editor.vedantimagazine@gmail.com**

ISSN NO.
2582-208X

# ସମ୍ପାଦକୀୟ



ଅରବିନ୍ଦ ମିଶ୍ର

ପ୍ରିୟ ପାଠକବନ୍ଧୁ,

ଦୁନିଆରେ ପ୍ରତ୍ୟେକ ବ୍ୟକ୍ତିଙ୍କର କିଛି ନା କିଛି ବିଶେଷତା ରହିଥାଏ । ମନୁଷ୍ୟ ଜନ୍ମ ମାତ୍ରକେ ହିଁ କିଛି ନା କିଛି ଶକ୍ତିର ଅଧିକାରୀ ହୋଇଥାଏ । କିନ୍ତୁ ଏହି ଶକ୍ତିର ଅଧିକାରୀ ହୋଇଥିବା ସତ୍ୱେ ସେ ନିଜର ଅନ୍ତର୍ନିହିତ ଶକ୍ତିର ସାମର୍ଥ୍ୟକୁ ବୁଝିପାରେ ନାହିଁ । ଆଉ ଏହାପରେ ଆଜିର ଦୁନିଆର ଜଞ୍ଜାଳରେ ପେଶିହୋଇ ନିଜର ଇଚ୍ଛାଶକ୍ତି ହରାଇଥାଏ ଏବଂ ଦୁନିଆରେ ସାଧାରଣ ମନୁଷ୍ୟ ପରି ଚଳିଥାଏ ।

ଇଚ୍ଛାଶକ୍ତି ଦ୍ୱାରା ମନୁଷ୍ୟ ଅନେକ କିଛି କରିପାରେ । ଛୁଆଟିଏ ଜନ୍ମ ହେଉହେଉ ନୂଆ ଦୁନିଆରେ ଆଗକୁ ବଢିବା ପାଇଁ, ନୂଆ ନୂଆ ଜିନିଷ ଦେଖିବା, ଜାଣିବା, ଶିଖିବା ଆଉ ତାର ଜିଜ୍ଞାସା ଭରା ନଜରରେ ଅନେକ କିଛି ପରଖିବାକୁ ଚେଷ୍ଟା କରିଥାଏ । ଆଉ ସେତେବେଳେ ତାକୁ ନିଜ ପରିବାରର ଲୋକେ ହିଁ, ମୂଖ୍ୟତଃ ବାପା ମା, ତାକୁ ଆଗକୁ ବଢିବାକୁ ସହାୟତା କରିଥାନ୍ତି । କିନ୍ତୁ ଏଥିରେ ଅବହେଳା କଲେ, ଅନେକ ଛୁଆ ଆଗକୁ ବଢିବାକୁ ଚେଷ୍ଟା କରିବାକୁ ମଧ୍ୟ ପଛେଇଥାନ୍ତି ।

ISSN NO.
2582-208X

ଆଜିକାଲି ଅନେକ ବାପା ମା ନିଜର ଛୁଆର ଭବିଷ୍ୟତ ଗଢିତୋଳିବାକୁ ଅନେକ ପ୍ରକାର ଚେଷ୍ଟା କରୁଛନ୍ତି । ଆଉ ନିଜ ଛୁଆକୁ ଡାକ୍ତର, ଇଞ୍ଜିନିୟର କରିବା ସେମାନଙ୍କର ମୁଖ୍ୟ ଲକ୍ଷ୍ୟ । ଆଉ ସେଥିଯୋଗୁ, ସେମାନଙ୍କର ଛୁଆର ଅନ୍ତଃର୍ନିହିତ ଶକ୍ତିକୁ ସେମାନେ ଅବହେଳା କରନ୍ତି । ଛୁଆର କେଉଁ ଶିକ୍ଷା ଲାଭ କରିବାକୁ ଆଗ୍ରହ ଅଛି, କେଉଁ ପ୍ରକାର ଶିକ୍ଷା ଲାଭ କଲେ ସେମାନେ ନିଜ କ୍ଷେତ୍ରରେ ଅନେକ ସଫଳତା ହାସଲ କରିପାରିବେ, ଏଥିପ୍ରତି ଦୃଷ୍ଟି ଦିଆଯାଉନାହିଁ । ତେଣୁ ଅନେକ ଛାତ୍ର/ଛାତ୍ରୀଙ୍କର ପାଠପଢା ପ୍ରତି ଆଗ୍ରହ କମିଯାଇଥାଏ । ଏମିତି ଅନେକ ଦୃଷ୍ଟାନ୍ତ ଅଛି ଯେଉଁଠି ଛାତ୍ରଛାତ୍ରୀଙ୍କୁ ଡାକ୍ତର ବନିବା ପାଇଁ ୨ ରୁ ୩ ବର୍ଷ କେବଳ କୋଚିଂ ନେଇ ବାରମ୍ବାର ପ୍ରବେଶ ପରୀକ୍ଷା ଦେବାକୁ ପଡିଥାଏ । ଆଉ ଅନେକ ଛାତ୍ରଛାତ୍ରୀ ଏଥିରେ ବିଫଳ ହୋଇ ମାନସିକ ଭାରସମ୍ୟ ମଧ୍ୟ ହରାଇଥାନ୍ତି ।

ତେଣୁ ଅଭିଭାବକ ହିସାବରେ ଆମମାନଙ୍କର କର୍ତ୍ତବ୍ୟ ହେଉଛି ଯେ ଛୁଆର ଅନ୍ତଃର୍ନିହିତ ଶକ୍ତିକୁ ଚିହ୍ନି ଆଉ ତାର ମନ ଭିତରର କଥାକୁ ଧ୍ୟାନ ଦେଇ, ସେହି ଦିଗରେ ତାକୁ ଆଗେଇବାକୁ ପ୍ରୋତ୍ସାହନ ଦେବା ଉଚିତ । ଏହାଦ୍ୱାରା ସେ ନିଜର ପ୍ରକୃତ ଶକ୍ତିର ପରିଚୟ ଦେଇପାରିବ ।

ଅରବିନ୍ଦ ମିଶ୍ର

ISSN NO.
2582-208X

ବେଦାନ୍ତି

# ଭିତର ପୃଷ୍ଠାରେ....


| | | |
|---|---|---|
| ଡି.ଏଫ.ଓ କ୍ୟାମ୍ପବେଲ ବେ | ଅଶୋକ ବିଶ୍ୱାଳ | ୧୨ |
| କବି ଓ କବିତା | ଶଶଧର ମହାପାତ୍ର | ୨୨ |
| ସମାଜ ଗଠନ ଓ ନାରୀ | ଡ. ପ୍ରସନ୍ନ କୁମାର ବଳ | ୨୪ |
| ମୁଁ ଯେବେ ଯାଆନ୍ତି ସୁଧୁରି | ଭାସ୍କର ଚନ୍ଦ୍ର ଖଣ୍ଡା | ୨୬ |
| ମେଘ | ଡଃ ମାଙ୍ଗଳିକା ମହାପାତ୍ର | ୨୮ |
| ଯୁଦ୍ଧ କିଛି ଲୁହ ଝରି ପାରେନା | ଶାନ୍ତିଲତା ମିଶ୍ର | ୨୯ |
| ଜାଣି ବି ଅଜଣା | ସସ୍ମିତା ମହାପାତ୍ର | ୩୩ |
| ଓଡ଼ିଆ ଭାଷା ସଂସ୍କୃତି | ପ୍ରମୋଦିନୀ ମହାପାତ୍ର | ୩୪ |
| ବାୟାର କି ଯାଏ ଆସେ | ବିନୟ ମହାପାତ୍ର | ୩୬ |
| ଦାୟିତ୍ୱବୋଧ | ସଂଯୁକ୍ତା ସାହୁ | ୪୦ |
| ଘୋଡା ଦୌଡ | ଡକ୍ଟର ବିଜ୍ଞାନୀ ଦାସ | ୪୧ |
| ସଫଳତା ହେ ସଫଳତା ! | ଇଂ. ସୁଶାନ୍ତ କିଶୋର ବଳ | ୫୦ |
| ମୁଁ ଓ ତୁ | ନୀଳମଣି ଗୁନ୍ଦ | ୫୪ |
| ଶାମୁକା | ଛବି ରାଣୀ ପତି | ୫୬ |
| ଶ୍ରୀ ରାମ ନବମୀ | ଶୁଭଶ୍ରୀ ମହାପାତ୍ର | ୫୭ |
| ଉଠ୍ ପୁଟୁର୍ (ଧାରାବାହିକ) | ଆରତୀ ସାହୁ (ଆଶା) | ୬୦ |
| ଯୁଦ୍ଧ | ସ୍ୱର୍ଣ୍ଣମୟୀ ଷଡଙ୍ଗୀ | ୬୮ |
| ସତ୍ୟ ସିଦ୍ଧାନ୍ତ | ପୁଷ୍ପାଞ୍ଜଳି ପଣ୍ଡା | ୭୦ |
| ଗୋଟେ ଆବେଗର କଥା | ଜୟଶ୍ରୀ ପଟ୍ଟନାୟକ | ୭୨ |
| ଫଗୁଣେ କପୋତଟିଏ | ଡକ୍ଟର ମିଲନ ମହାନ୍ତ | ୭୪ |
| ପୂଜା | ବଦ୍ରୀ ମହାନ୍ତ | ୭୫ |

ISSN NO.
2582-208X


| | | |
|---|---|---|
| ଭିକାରୀ | ଡ. ଜ୍ଞାନେଶ୍ୱର ମିଶ୍ର | ୭୯ |
| ତାରିଖ | ଝିଲିମିଲି ସାହୁ | ୮୧ |
| ନାରାୟଣ ନାମେ ଶ୍ରୀ ମଧୁସୂଦନ | ଲକ୍ଷ୍ମୀପ୍ରିୟା ବିଶ୍ୱାଳ(ପୂଜା) | ୮୨ |
| ମନ | ବିନୟାନନ୍ଦ ବସ୍ତସ୍ୟ | ୮୩ |
| ଡିଭୋର୍ସ | ଅଳକା ମହାନ୍ତ | ୮୫ |
| ପ୍ରେମ ଆନମନା | ଆଶୁତୋଷ ମେହେର | ୮୮ |
| ଓଡିଶା ଆମ ରାଇଜ ନାଆଁ | ରଘୁନାଥ ତ୍ରିପାଠୀ | ୮୯ |
| ଛୁରୀ | ମଧୁମିତା ମିଶ୍ର | ୯୧ |
| କର ସୁଧିଜନେ ଚିନ୍ତନ | ଡ. ଅର୍ଜୁନ ଚରଣ ବାରିକ୍ | ୯୩ |
| ଗୋଇନ୍ଦା ଉପନ୍ୟାସ : ଐତିହାସିକ ରହସ୍ୟ | ପ୍ରତୀଚୀ ନନ୍ଦ | ୯୬ |
| ପ୍ରିୟା ଆଉ ତୁମେ | ଦିବାକର ନାୟକ | ୧୦୭ |
| ଚିଲିକା | ଶେଷଦେବ ପଣ୍ଡା | ୧୦୯ |
| ସମୟ | ଇଂ. ନଶୀକାନ୍ତ ମିଶ୍ର | ୧୧୨ |
| ମଧୁ ମାଳତୀ (ଧାରାବାହିକ) | ଡାଃ. ଅନତା ପଣ୍ଡା | ୧୧୪ |
| ବିଦେଶେ ସ୍ୱଦେଶ ସ୍ମୃତି | ମାନସ ରଞ୍ଜନ ନାୟକ | ୧୨୬ |
| ରାମ ନାମ | ମନୋରମା ମହାନ୍ତ | ୧୨୮ |
| ତୁମ ବିନା ପ୍ରିୟ ! | ପ୍ରତିମା ମେହେର | ୧୨୯ |
| ଅନୁତାପ | ଡ. ପଲ୍ଲିମର ଦାଶ | ୧୩୦ |
| ପାପୀ ମଣିଷ | ସସ୍ମିତା ନାୟକ | ୧୩୩ |
| ହୃଦୟ | ଗଜାନନ ମିଶ୍ର | ୧୩୫ |
| ଉଡ଼ା କଥା | ବିନୋଦିନୀ ଦାଶ | ୧୩୭ |
| ଫୁଲ | ବାଙ୍କାବିହାରୀ ମହାକୁର | ୧୩୯ |

ISSN NO.
2582-208X


| | | |
|---|---|---|
| ଜାହାଜ ଲାଗିଲା ଯାଇ ଆଣ୍ଡାମାନ ଦେଶେ (ଧାରାବାହିକ) | ପ୍ରିୟବ୍ରତ ପାତ୍ର | ୧୪୧ |
| ବସନ୍ତ ରାତ | ଅଧାପିକା ଗ୍ରେଜାଲିନ୍ ବାରିକ୍ | ୧୪୫ |
| ନାରୀ ହିଁ ଶ୍ରେଷ୍ଠ | ବର୍ଷାରାଣୀ ମହାମଲ୍ଲିକ | ୧୪୬ |
| ଛକ | ମାନସ ଦାଶ | ୧୪୮ |
| ନାଟକ- ଭଲ ମଣିଷ ଖୋଜିବା ଆସ | ସୁଧାଂଶୁ ଶେଖର ଦ୍ୱିବେଦୀ | ୧୪୯ |
| ମୁହୂର୍ତ୍ତ | ଡଃ ପ୍ରିୟମ୍ବଦା ସାମଲ | ୧୫୫ |
| ସ୍ୱାଭିମାନୀ ବୃଦ୍ଧା | ରାଧାମୋହନ ପୂଜାହାରୀ | ୧୫୬ |
| କଳା ଓ କଳାକାର | ଅଲିଭ୍ ମେହେର | ୧୬୧ |
| ଆମେ ସୁଖେ ରହିବା | ନନ୍ଦିନୀ ରାଉତ | ୧୬୩ |
| ଏକ ସମୃଦ୍ଧ ଭାଷା ଏକ ସମୃଦ୍ଧ ରାଜ୍ୟର ପରିଚୟ | ଅସିତ ମହାନ୍ତ | ୧୬୫ |
| ଅବୁଝା ଏ ମନ | ଅଳକା ରାୟ | ୧୬୯ |
| ବଂଚିବାର ବ୍ୟାକରଣ | କୁଞ୍ଜବିହାରୀ ରାଉତ | ୧୭୧ |
| ଲୁହ | ନରେନ୍ଦ୍ର ପ୍ରସାଦ ବେହେରା | ୧୭୩ |
| ଅପେକ୍ଷା | ଡକ୍ଟର ମନୋରଞ୍ଜନ ବିଷୋୟୀ | ୧୭୫ |
| ନାଟ୍ୟକାର ନୀଳାଦ୍ରିଭୂଷଣ ହରିଚନ୍ଦନଙ୍କ ନାଟକରେ ସମସ୍ୟା | ଡ଼. ନୀଳମାଧବ ଛତ୍ର | ୧୭୬ |
| ଧରାବତରଣ | ମନୋରଞ୍ଜନ ସୁରୁଜାଲ | ୧୮୧ |
| ସମୟ | ଇଂ. ନଶୀକାନ୍ତ ମିଶ୍ର | ୧୮୩ |
| ଦାନ | ଦୀପଙ୍କର ଜେନା | ୧୮୫ |
| ମା ହିଙ୍ଗୁଳାଙ୍କ ପୂଜାରେ ନିଶାଣ | ଡଃ ଦୀପକ କୁମାର ପ୍ରଧାନ | ୧୮୬ |
| ବାପା | ଫଳେନ୍ଦ୍ରୀ ନାଗ | ୧୯୦ |

ISSN NO.
2582-208X


| | | |
|---|---|---|
| ନୀଳକଣ୍ଠ | ଜୟ କୁମାର ମିଶ୍ର | ୧୯୧ |
| ମାନପତ୍ର | ବାସନ୍ତୀ ଲତା ଜେନା | ୧୯୪ |
| ପାପ | ପ୍ରଦୀପ୍ତ କୁମାର ମିଶ୍ର | ୧୯୬ |
| ମହାନ୍ ଓଡ଼ିଶା | ଜୟନ୍ତୀ ଦେବୀ | ୧୯୮ |
| ପାପ ଫଳିବ ଅବଶ୍ୟ | ଅଲେଖ ମେହେର | ୨୦୦ |
| କସ୍ତୁରୀ | ସତ୍ୟନାରାୟଣ ପ୍ରସାଦ ନାୟକ | ୨୦୨ |
| ସୁନା | ହର ପ୍ରସାଦ ସୁଆର | ୨୦୩ |
| ଗୋପୀନାଥ ମହାନ୍ତୀଙ୍କ ପରଜା | ସତ୍ୟବ୍ରତ ଦାସ | ୨୦୫ |
| ସ୍ନାନ ବେଦୀ | ତ୍ରିପତି ପ୍ରଧାନ | ୨୧୦ |
| ପଥର | ଅକ୍ଷୟ ମହାନ୍ତ (ନିର୍ମାଲ୍ୟ) | ୨୧୧ |
| ପ୍ରେମ ପ୍ରଲେପ | ଝରଣା ବାରିକ | ୨୧୩ |
| ବିଡ଼ମ୍ବିତ ଯୌବନ | କୁଞ୍ଜ ବିହାରୀ ସାହୁ | ୨୧୫ |
| ପ୍ରୀତିର ମହ୍ଲାର | ବେଣୁଧର ସୂତାର | ୨୨୬ |
| ନାଆଁ ସଙ୍କଟମୋଚନ | ରାଜକିଶୋର ସ୍ୱାଇଁ | ୨୨୮ |
| ପତିତପାବନ ହରି | ଅଳକା ବାରିକ୍ | ୨୩୦ |
| ଅଚିହ୍ନା ବନ୍ଧନ (ଧାରାବାହିକ) | ଜୟଲକ୍ଷ୍ମୀ ସେଠୀ | ୨୩୧ |
| ଦେଖ କନିକାକୁ ଥରେ | ପ୍ରଶାନ୍ତ କୁମାର ଦାଶ | ୨୩୫ |
| ପରାହତ ପ୍ରଜାତନ୍ତ୍ର | ଦୀନବନ୍ଧୁ ବେଜ | ୨୩୭ |
| ଜୟ ଜଗନ୍ନାଥ କାଳିଆ ସାଆନ୍ତ | ସୁହାସିନ ବାରିକ୍ | ୨୩୯ |
| ମା ଏକ ସଶ୍ରଦ୍ଧ ଉଚ୍ଚାରଣ | ବିଜୟ କୁମାର ସାହୁ | ୨୪୦ |
| ନିସିଦ୍ଧ ସମ୍ଭୋଗ | ଅରୁଣ କୁମାର ତ୍ରିପାଠୀ | ୨୪୩ |
| ନେତା | ନିରଞ୍ଜନ ସାହୁ | ୨୪୭ |
| ଗୁରୁ ପୂଜା | ପ୍ରଦୀପ କୁମାର ପଣ୍ଡା | ୨୪୮ |

ISSN NO.
2582-208X


| | | |
|---|---|---|
| ଦୁଷ୍ଟ ବୟସ | ଅପର୍ତ୍ତି ସେଠୀ | ୨୪୯ |
| ଘଟଣା ଓ ଦୁର୍ଘଟଣା | କାଳପ୍ରସାଦ ମହାପାତ୍ର | ୨୫୧ |
| ପାଇଯାଏ ମୁହିଁ ମୋକ୍ଷ | ଜନ୍ମଜୟ ନାୟକ | ୨୫୪ |
| ଏମିତି ଚାଲିଛି | ଚତରଂଜନ ବେହେରା | ୨୫୬ |
| ଶୁଷ୍କ ପର୍ଣ୍ଣ ବ୍ୟଥା | ଚତ୍ତରଞ୍ଜନ ନାଏକ | ୨୫୭ |
| ଅପ୍ରିୟ ସତ୍ୟ | ଖଗେଶ୍ୱର ବାଗ | ୨୫୯ |
| ନୀଳ ଅଭିମାନ | ଦିନେଶ ଅଗ୍ରୱାଲ୍ | ୨୬୩ |
| ସୁଧା ବାରିଧି | ଅମରନାଥ ବାରିକ | ୨୬୪ |
| ଯୁବ ଆଇ.ପି.ଏସ୍ ଅଫିସର୍ | ରାମ ଚନ୍ଦ୍ର ପ୍ରଧାନ | ୨୬୭ |
| ରଫ୍ ଖାତା | ଅର୍ପିତା ବେହେରା | ୨୭୦ |
| ଦୁଃଖ ମୋ ଭାଗ୍ୟ ରେ ଅଛି | ସ୍ମୃତି ରେଖା ନାୟକ | ୨୭୨ |
| ନାରୀର ଭୂମିକା | ଦେବାର୍ଚ୍ଚନ ମେହେର | ୨୭୩ |
| ଫେରି ଆସିଛି ଆମ ସହର | ଅଜିତ ପାଢ଼ି | ୨୭୫ |
| ଭଙ୍ଗା ହୃଦୟ | ଦୁଷ୍ମନ୍ତ ବେହେରା | ୨୭୭ |
| ଦୁର୍ଲଭ ମାନବ ଜନ୍ମ | ଅଲେଖ ମେହେର | ୨୭୮ |
| ମାନି | କୀର୍ତ୍ତନ ସାହୁ | ୨୮୦ |
| ଭାଷା ର ବ୍ୟବହାର ଓ ଶବ୍ଦ ସଂଯୋଜନା - ଏକ ଅନୁଶୀଳନ | ପ୍ରତାପ ଚନ୍ଦ୍ର ସାହୁ | ୨୮୧ |
| ଗୁନ୍ଥା ଏକ ସୂତ୍ରେ | ଗୋକୁଳ ବିହାରୀ ଦାଶ | ୨୮୪ |
| ଅନ୍ତ ନିବେଶୀ ଶିକ୍ଷା | ଚୌଧୁରୀ ତ୍ରିପାଠୀ | ୨୮୬ |
| ଥୋଇଲୀ | ସିଦ୍ଧେଶ୍ୱର ତ୍ରିପାଠୀ | ୨୮୭ |
| ଦୁର୍ନୀତି ର ଜୟ | ବିଶ୍ୱ ରଞ୍ଜନ ମହାନ୍ତ | ୨୮୯ |
| ଗାଁ ବରଗଛ | ସୁହଂସ ଭୋଇ | ୨୯୦ |

ISSN NO.
2582-208X


| | | |
|---|---|---|
| କୃତ୍ରିମତା ଆଉ ମୌଳିକତା | ମନୋଜ କୁମାର ବେହେରା | ୨୯୨ |
| ମୌସୁମୀ | ପ୍ରକାଶ ଚନ୍ଦ୍ର ପଣ୍ଡା | ୨୯୪ |
| ଆମେ ତ ମିଡ଼ିଲ୍ କ୍ଲାସ୍ | ତାରାପ୍ରସାଦ ଜେନା | ୨୯୬ |
| ଏକା ବାଟୋଇ | ଶିଶିର କୁମାର ସାମଲ | ୨୯୮ |
| ଯଥା ପିତା, ତଥା ପୁତ୍ର | ବ୍ରଜମୋହନ ମେହେର | ୨୯୯ |
| ଜୟମାତ ଲଙ୍କେଶ୍ୱରୀ ଗୋ | କୁମରଲାଲ ରଣା | ୩୦୬ |
| ତୁ ଖୋଜୁଥିବୁ ମୋତେ ଆଉ ମୁଁ ଖୋଜୁଥିବି ତୋତେ | ବିରଞ୍ଚି ନାରାୟଣ ମିଶ୍ର | ୩୦୮ |
| ଓଡିଶା ଏବଂ ଉତ୍କଳ ଦିବସ | ବିଜୟ କୁମାର ନାଏକ | ୩୧୧ |
| ତୁମେ କାହାକୁ ଏତେ ଠକୁଛ | ବୈଷ୍ଣବ ମେହେର | ୩୧୨ |
| ବଗିଚା ର ସେ ଫୁଲ | ରଶ୍ମିତା ବେରା | ୩୧୪ |
| ବନ୍ଦେ ଉତ୍କଳ ଜନନୀ ଆମ ପାଇଁ ବି | ଡୁଇଟ ଡେଭିଡ ଫୀଲିପ | ୩୧୮ |
| ମିଛେ ଗର୍ବ କର ନାହିଁ | ଅନନ୍ତ କୁମାର | ୩୨୦ |
| ସ୍ୱପ୍ନ | ପୂଜା ଷାଣ୍ଢ | ୩୨୨ |
| ଜଗତ୍ପତି ଦନୁଜାରୀ | ଅଭିଳାଶ ବାରିକ୍ | ୩୨୩ |
| ମୁର୍ଦାର | ଲକ୍ଷ୍ମୀଧର ସାହୁ | ୩୨୫ |
| ମୋ ଗାଁ ବସନ୍ତ | ସନାତନ ଦାସ | ୩୩୫ |
| ତୁମେ ଯେବେ ଆସ | ସନ୍ତୋଷ କୁମାର ସୂତାର | ୩୩୬ |
| ସେ ଜଣେ ନାରୀ | ଶ୍ରୀମାନ ପ୍ରିୟଦର୍ଶିନୀ ଦାସ | ୩୩୮ |
| ରଙ୍ଗ | ଶ୍ରୀମନ୍ତ ପଣ୍ଡା | ୩୩୯ |
| ପ୍ରେମିକାର ଗାଁ | ସୂର୍ଯ୍ୟ ନାରାୟଣ ସାହୁ | ୩୪୦ |
| ଅତିରୁ ଇତି | ମନୋଜ କୁମାର ଅଦା | ୩୪୪ |
| ଆଜିବି ଖୋଜେ ତୁମକୁ | ପିଙ୍କୁନ୍ ମାଝୀ | ୩୪୫ |
| ନିର୍ବାଣ | ଶୁଭେନ୍ଦୁ ମେହେର | ୩୪୬ |

ISSN NO.
2582-208X


| | | |
|---|---|---|
| ଆସନ୍ତୁ ଚର୍ଚ୍ଚିକା ଦେବୀଙ୍କ ପୀଠ ବିଷୟରେ କିଛି ଜାଣିବା | ନରେନ୍ଦ୍ର ପ୍ରସାଦ ବେହେରା | ୩୫୦ |
| ନିରାମୟ ଉପାୟ | ମାଳତୀ ଦେବୀ | ୩୫୨ |
| ହୋଇଗଲି ମୁଁ କାଙ୍ଗାଳ | ବିକାଶ କୁମାର ହୋତା | ୩୫୪ |
| ମୋ ପ୍ରିୟା | ଲକ୍ଷ୍ମପତି ମଲ୍ଲିକ | ୩୫୬ |
| ଲୁହ | ରାଧାରାଣୀ ରାଉଳ | ୩୫୭ |
| **ସ୍ୱାସ୍ଥ୍ୟ ବିଭାଗ** | | |
| ବିଶ୍ୱ ମ୍ୟାଲେରିଆ ଦିବସ ଉପଲକ୍ଷେ ବାର୍ତ୍ତା | ଡାକ୍ତର ବସନ୍ତ କୁମାର ଷଡଙ୍ଗୀ | ୩୫୯ |
| ଶରୀର ପାଇଁ ଜଳର ଉପାଦେୟତା | ଡାକ୍ତର ଅଭିମନ୍ୟୁ କାନୁନଗୋ | ୩୬୩ |
| **ଆମ ହାଣ୍ଡିଶାଳ** | | |
| ଦହି ପନିର | ଜୟନ୍ତୀ ଦେବୀ | ୩୬୫ |
| ଛେନା ପଲାଉ | ଅଧ୍ୟାପିକା ରୋଜାଲିନ୍ ବାରିକ୍ | ୩୬୬ |
| ପିପର ମସରୁମ୍ | ଅଳକା ବାରିକ୍ | ୩୬୭ |
| **ଆଞ୍ଚଳିକ** | | |
| ଜିଁତା ଜିଁ ମୁରଦାର୍ | ସୁନୀଲ କୁମାର ଅଗସ୍ତି | ୩୬୯ |
| ସଚ୍ଚା ମତ୍ କା | ମାନସ ରଞ୍ଜନ ସାହୁ | ୩୭୧ |
| ବିତା - ଫଗୁନ ପୁନି ର୍ ସୁର୍ତା ଟେ | ସତ୍ୟନାରାୟଣ ମିଶ୍ର | ୩୭୩ |

ISSN NO.
2582-208X

# ଶିଶୁ ବିଭାଗ


| | | |
|---|---|---|
| ରାଜା ହେବାକୁ ଯୋଗ୍ୟ କିଏ | ଅମରନାଥ ବାରିକ | ୩୭୬ |
| ବୁଢାବୁଢୀଙ୍କ ତୀର୍ଥ ଦେଖା | ଦୀପ୍ତିମୟୀ ସାହୁ | ୩୭୯ |
| ଜଳ ହିଁ ଜୀବନ | ବିକାଶ କୁମାର ହୋତା | ୩୮୪ |
| ଗଛ ଓ ଗୁଗୁଲୁ | ବୈଶାଖୀ ଦୀପ | ୩୮୭ |
| ଚିତ୍ର | ଆଦବିକା ପଟ୍ଟନାୟକ | ୩୮୯ |
| ସମୀକ୍ଷା /ମତାମତ | ଦେବଯାନୀ ସ୍ୱାଇଁ | ୩୯୦ |
| ମଇ ମାସରେ ପଡୁଥିବା ପର୍ବପର୍ବାଣୀ | ସଂଗୃହୀତ | ୩୯୩ |
| ଚିତ୍ର କଥା କହେ | ବେଦାନ୍ତୀ ପରିବାର | ୩୯୪ |


## ଯୋଗାଯୋଗ

Whatsapp:+ 91 9594993733

ଭ୍ରାମ୍ୟଭାଷ - +91 9594993733

ISSN NO.
2582-208X

ବେଦାନ୍ତି

# ଡି.ଏଫ.ଓ

# କ୍ୟାମ୍ପବେଲ ବେ



ଅଶୋକ ବିଶ୍ବାଳ

## ୧୧-ଚନ୍ଦ୍ରା ପରିଜନ

### ୧-ଶିବଚରଣ ସିଂ- ଜଣେ ସନ୍ତୁଷ୍ଟ ସେଟଲର -

ପ୍ରଥମେ ସେମାନଙ୍କର ପୃଥବୀ ସିଂହଙ୍କ ସହ ପରିଚୟ ଶର୍ବରୀଙ୍କର ପିତା ହିସାବରେ ହୋଇଥିଲା । ଏତେ ଦୂରରେ ରହି ଝିଅକୁ ଜ୍ଞାନ ଦେଇଛନ୍ତି । ଝିଅ ସୁଦୂର ଭାରତବର୍ଷର ଭୂଖଣ୍ଡକୁ ଯାଇ ପାଠରେ ଡିଗ୍ରୀ ହାସଲ କରିଛି । କୃତକାର୍ଯ୍ୟ ହୋଇ ଘରକୁ ଫେରି ଆସିଛି। ଘରେ ସମସ୍ତେ ଖୁସି ହୋଇଛନ୍ତି । ସାନ ଝିଅ ମଧ୍ଯ ମେଧାବୀ ଛାତ୍ରୀ । ସେ କଲେଜରେ ପଢିଲାଣି । ପୃଥବୀ ସିଂହ ସବୁଠାରୁ ଦୂର ସେଟେଲମେଣ୍ଟ ୩୫ କମିରେ ଶାସ୍ତ୍ରୀ ନଗରରେ ରହୁଛନ୍ତି । ସମୁଦ୍ରକୂଳଆ ଘର ଥିଲା ପୃଥବୀ ସିଂହଙ୍କର । ପୃଥବୀ ସିଂହ ନେଭିରୁ ରଟାୟାର କରିଥିଲେ । ତାଙ୍କ ଦେହରେ ରହୁଥିଲା ସାଧାରଣ ସାର୍ଟ ଆଉ ପ୍ୟାଣ୍ଟ । କିନ୍ତୁ ସେ ସବୁବେଳେ କର୍ମ ତତ୍ପର ଥାଆନ୍ତି । ଚଳଚଞ୍ଚଳ ଲୋକ । ଘରକୁ ସୁନ୍ଦର ଭାବେ ସମ୍ଭାଳି ଥାଆନ୍ତି । ଉତ୍ତର ପ୍ରଦେଶରୁ ଅନେକ ଲୋକ ସେଟଲର ଭାବରେ ଏଠାରେ ଅଛନ୍ତି । ଆଉ ପୃଥବୀ ସିଂହଙ୍କ ମାଧ୍ୟମରେ ଶିବଚରଣ ସିଂହଙ୍କ ସହ ପରିଚୟ ହେଲା । ଅସୀମ ଆଉ ଶୋଭନାଙ୍କର ଏମିତି କିଛି ସେଟଲରଙ୍କ ସହ ବନ୍ଧୁତା ହୋଇଯାଇଥିଲା ।

ଶିବଚରଣ ସିଂଙ୍କୁ ଦେଖିଲେ ଶୋଭନାଙ୍କ ମନରେ ଭକ୍ତି ଆପେ ଜାଗ୍ରତ ହୋଇଯାଏ । ଏଇଥି ପାଇଁ ନୁହେଁ ଯେ ସେ ଆର୍ମିରୁ ଅବସର ନେଇଛନ୍ତି ଆଉ ଜଣେ ବାପ ବୟସର ବ୍ୟକ୍ତି । ସେ ଯେମିତି ଶ୍ରଦ୍ଧାର ସହ ଶୋଭନା ସହ କଥାବାର୍ତ୍ତା କରନ୍ତି ତା'କୁ ଦେଖି ଶୋଭନା ଆପେ ମୁଣ୍ଡ

ISSN NO.
2582-208X

ନୁଆଁଇ ଦିଅନ୍ତୁ । ତାଙ୍କ ବ୍ୟବହାର ଦେଖି ଲାଗେ ସତେ ଯେମିତି ଶୋଭନା ତାଙ୍କର ଅଲିଅଳୀ ଝିଅ ଆଉ ସେ ଝିଅ ଘରକୁ ବୁଲି ଆସିଛନ୍ତୁ । ଶୋଭନାଙ୍କୁ କଥାରେ ଅବଶ୍ୟ ସେ ଏକଥା କୁହନ୍ତୁ ନାହିଁ । ଏକ ବାପା ବହୁଦିନ ପରେ ଝିଅକୁ ଦେଖିଲେ ଟିକେ ଭାବୁକ ହୋଇଯାଏ । ସେମିତି ଶୋଭନାଙ୍କୁ ଦେଖିଲେ ଶିବଚରଣ ସିଂ କେମିତି ଭାବୁକ ହୋଇଯାଆନ୍ତୁ । ବୁଢାଙ୍କର କଥାବାର୍ତ୍ତା ମଧ୍ଯ ସଂଜତ । କାହା ସହ କେମିତି କଥା କୁହାଯାଏ ତାହା ଭଲଭାବେ ଜାଣିଛନ୍ତୁ । ବୁଢା ଏକ ସଫା ଧୋତି ପିନ୍ଧିଥିବେ । ଦେହରେ କ୍ରିମ ରଙ୍ଗର ପଞ୍ଜାବୀ ଥିବ । ସେ ଆସିଲାବେଳେ ନିଜ ବଗିଚାରୁ କ'ଣ ନା କ'ଣ ଧରିକି ଆସିଥିବେ, ନହେଲେ ଦୁଧ ବା ଦହି ଏକ କ୍ୟାନରେ ଥିବ । ଶୋଭନା ମଧ୍ୟ ତାଙ୍କୁ ଉପଯୁକ୍ତ ସତ୍କାର କରନ୍ତି । ଘରେ ତାଙ୍କୁ ବସାଇ ପାଣି ପିଇବାକୁ ଦିଅନ୍ତି । ଖାଇବାକୁ ଯାହା ଅଛି ସାମାନ୍ୟ ଦିଅନ୍ତି । ସେ ଯେତେ ବ୍ୟସ୍ତ ଥିଲେ ବି କେବେ ଚାହା ନପିଆଇ ଛାଡନ୍ତି ନାହିଁ ।

ସେଦିନ ଶିବଚରଣଙ୍କ ଘରେ ବଡ ପୂଜା ହୋଇଥିଲା । ନିଜର ସଂସ୍କୃତି ଆଜିବି ଏତେ ଦିନ ପରେ ଆଉ ଏତେ ଦୂରରେ ଧରି ରଖିଛନ୍ତୁ ଶିବଚରଣ । ନିମନ୍ତ୍ରଣ ସତ୍ୱେ ଶୋଭନା କିନ୍ତୁ ଆସିପାରି ନଥିଲେ । ସେପଟକୁ ଯିବା ଆସିବା ପାଇଁ କିଛି ସାଧନ ନଥିଲା ଆଉ ଅସୀମ କାର୍ଯ୍ୟବ୍ୟସ୍ତତା ହେତୁ ଅଫିସରୁ ବାହାରି ପାରିନଥିଲେ । ତେଣୁ ସେ ଶୋଭନାଙ୍କ ପାଇଁ ପ୍ରାସାଦ ନେଇ ଆସିଛନ୍ତୁ । ଅଣ୍ଟା ତଳକୁ ଧଳା ଫିନପିନ ଧୋତି ଆଉ ଉପରକୁ ସାମାନ୍ୟ ମାଟିଆ ଗୋଲାପୀ ରଙ୍ଗର କୁର୍ତ୍ତା ତାଙ୍କର ବ୍ୟକ୍ତିତ୍ୱକୁ ବଢାଇ ଦେଉଥିଲା । ସେ ମୁଣ୍ଡରେ ଏକ ତିଳକ ମାରିଥିଲେ । ଏଥିରୁ ତାଙ୍କ ଭକ୍ତିପରାୟଣତା ଜଣା ପଡିଯାଉଥିଲା ।

"ଏତେ ଦୂରରେ ଥାଇ ମଧ୍ଯ ଏତେ ନିଷ୍ଠାର ସହ ସବୁ ପୂଜା କରିପାରୁଛନ୍ତୁ?"- ଶୋଭନା ତାଙ୍କୁ ପଚାରିଲେ ।

"ନିଜର ସଂସ୍କୃତି ପରା । ଜନ୍ମରୁ ଆମେ ମାନି ଯେ ଆସିଛୁ । ଆଜି ଦିନରେ ମଧ୍ଯ ମୁଁ ତାହା ମାନେ ।"-ଶିବଚରଣ କହିଲେ । ତାଙ୍କ ଆଖି ବାହାର ଆକାଶକୁ ଚାଲିଗଲା । କେତେ ଦିଗବଳୟ ପରେ ତାଙ୍କର ନିଜ ଗାଁ ଆକାଶରେ ମେଘ ଘୋଟିଥିବ ଆଉ ସେହି ଆକାଶରେ କେତେ ଦୂର ଦୂରାନ୍ତରୁ ଆସିଥିବା ପକ୍ଷୀ ଉଡିଯାଉଥିବେ । ସେ ତ ନିଜ ଗାଁ ଆକାଶରୁ ଆଜି ଏତେ ଦୂରକୁ ଯେମିତି ଉଡିଆସିଛନ୍ତୁ । କିନ୍ତୁ ନିଜ ଗାଁ ପରିବେଶ ତାଙ୍କର ସ୍ୱଷ୍ଟ ମନେଅଛି ।

ISSN NO.
2582-208X

"ମା, ସଂସ୍କୃତି ଦିଏ ସଂସାରରେ ଚାଲିବାର ଶିକ୍ଷା । ବିନା ସଂସ୍କୃତିର ଆମର ପରିଚୟ ନାହିଁ। ଏହି ପୂଜା ପର୍ବ ଆମକୁ ନିଜର ଭିଟାମାଟି ସହ ଯୋଡି ରଖୁଛି ।"-ସେ ବାହାରୁ ମୁଣ୍ଡ ଫେରାଇ ସୋଭନାଙ୍କୁ ଆନଇ କହିଲେ ।

ଶୋଭନା ମୁଣ୍ଡ ହଲାଇଲେ । ତାଙ୍କ ମା' ମଧ୍ୟ ତାଙ୍କୁ ନିଜ ସଂସ୍କୃତି ବଜାୟ ରଖିବା ପାଇଁ କହିଚନ୍ତି । ସକାଳେ ଉଠି ଗାଧୋଇ ପାଧୋଇ ପୂଜା କରିବ, ଜଗନ୍ନାଥଙ୍କ ଫଟୋକୁ ମୁଣ୍ଡିଆ ମାରିବା ଶୋଭନାଙ୍କର ଆରାଧ୍ୟ ଦେବତା ହେଉଛନ୍ତି ଜଗନ୍ନାଥ । ସେ ଶଂଖ ଫୁଙ୍କନ୍ତି । ନିଷ୍ଠାର ସହ ପୂଜା କରନ୍ତି । ପୂଜା ପର୍ବରେ ଆମିଷ ଖାଇବାକୁ ଚାହାନ୍ତି ନାହିଁ, ଘରେ ମଧ୍ୟ ଆମିଷ ପୂରାଇ ଦିଅନ୍ତି ନାହିଁ ।

ଶୋଭନା ଏଠାକାର ଅନେକ ପୂଜା ପର୍ବ କଥା ମନେ ପକାଇଲେ । ଏତେ ଦୂରରେ ତାମିଲମାନେ ମାରିଆମ୍ମନଙ୍କର ପୂଜା କରନ୍ତି । ସେମାନେ ମଧ୍ୟ ନିଆଁ ଉପରେ ଚାଲନ୍ତି । ଲୋକମାନେ ଗୀତଗାଇ ନାଚନ୍ତି । ଏଠି ଶାଳଗଛର ଜଙ୍ଗଲର ପରିବେଶ ନାହିଁ କି ମହୁଲିର ନରମ ନିଶା ନାହିଁ, ତଥାପି ସେମାନେ ନିଜର ପୁରୁଣା ସଂସ୍କୃତି ମନେ ରଖିଛନ୍ତି । ମାଲାୟାଲୀମାନେ ନିଜ ହିସାବରେ ଅନେକ ପୂଜା ପର୍ବ କରନ୍ତି । ନିକୋବରୀମାନେ ଗୃପରେ ଗୀତ ଗାଆନ୍ତି । ଆଉ ହିନ୍ଦିଭାଷୀ ବା ଉତ୍ତର ଭାରତର ଲୋକମାନେ ରାମ ନବମୀ, ଜନ୍ମାଷ୍ଟମୀ, ହୋଲି, ଦିୱାଲୀ ବଡ ଧୁମଧାମରେ ମନାନ୍ତି । ପଞ୍ଜାବୀମାନେ ହୋଲି ଦିୱାଲୀ ତ ମନାନ୍ତି । ବଙ୍ଗାଳୀମାନଙ୍କର ଦୁର୍ଗାପୂଜା ପୋର୍ଟବ୍ଲେଆରରେ ଅତି ଆକର୍ଷଣୀୟ ହୁଏ ଆଉ ବଙ୍ଗାଳୀ ମହିଳାମାନେ ଅତି ନିଷ୍ଠାର ସହ ଆଳତି କରନ୍ତି । ଅବଶ୍ୟ ଗ୍ରେଟ ନିକୋବରରେ ବଙ୍ଗାଳୀଙ୍କ ସଂଖ୍ୟା କମ ।

କଥାରେ କଥାରେ ଶିବଚରଣ ଗ୍ରେଟ ନିକୋବରରେ ଆର୍ମି ସେଟେଲମେଣ୍ଟ କଥା କହିଲେ । ଭାରତର କେଉଁ ଦୂର ଦୂର ପ୍ରଦେଶରୁ ଏକ ଏକ ନୂଆ ଜୀବନ ପାଇଁ ଆର୍ମି ସେଟଲରମାନେ ଆସିଗଲେ । ପ୍ରଥମ ଦିନମାନ ବହୁତ କଷ୍ଟକର ଥିଲା । ଖାଇବାକୁ କିଛି ବେଶି ନଥିଲା । ଛୁଆଙ୍କ ପାଇଁ ଦୁଧ ଟୋପେ ମିଳୁନଥିଲା । ୧୯୬୯ ମସିହାରୁ ୧୯୮୦ ମସିହା ଭିତରେ ସେଟଲରମାନେ ଅଲଗା ଅଲଗା ଦଳ ହୋଇ ଆସିବାକୁ ଲାଗିଲେ । ସର୍ବମୋଟ ୩୩୦ ପରିବାର ଆସିଥିଲେ । ୧୦୦ଟି ପଞ୍ଜାବୀ ପରିବାର ପ୍ରଥମେ ୧୯୬୯ ମସିହାରୁ ଏଠାରେ ରହିବାକୁ ଆରମ୍ଭ କଲେ । ପ୍ରତି ପ୍ରଥମେ ଆସିଥିବା ସେଟଲରଙ୍କୁ ୧୪.୫ ଏକର ଜମିର

ISSN NO.
2582-208X

ମାଲିକାନା ସତ୍ୱ ଦିଆଗଲା । ପରେ ଆର୍ମି ସେଟଲରମାନେ ଉତ୍ତର ପ୍ରଦେଶ, ଆନ୍ଧ୍ର, ତାମିଲନାଡୁ, ବିହାର, କେରଳ ଆଦି ସ୍ଥାନରୁ ମଧ୍ୟ ଆସିଲେ । ଆଉ ଏବେକାର ନୂଆ ସେଟଲରଙ୍କୁ ୧୧ ଏକର ହିସାବରେ ଜମି ମିଳିଲା । ସେହି ଦିନମାନଙ୍କରେ ଭାରତ ସରକାର ଗ୍ରେଟ ନିକୋବର ଦ୍ୱୀପରେ ଲୋକ ରଖିବା ଆରମ୍ଭ କରିଥିଲେ । ଏଠି ସେତେବେଳେ କିଛି ନିକୋବରୀ ଲୋକ ସମୁଦ୍ରକୂଳରେ ରହୁଥିଲେ ଆଉ କିଛି ଶୋମ୍ପେନ ଜଙ୍ଗଲ ଭିତରେ ଥିଲେ । ଗ୍ରେଟ ନିକୋବର ଭାରତର ଶେଷ ସୀମାନ୍ତ ଦ୍ୱୀପ । ତେଣୁ ଏ ଦ୍ୱୀପରେ କିଛି ଦେଶ ପାଇଁ ଲଢିଥିବା ସିପାହୀଙ୍କୁ ରଖିବା ଅତି ଜରୁରୀ ଥିଲା । ଦେଶର ସେବା କରିଥିବା ଏହି ଲୋକମାନେ ନିଜ ଜୀବନର ଶେଷ ପର୍ଯ୍ୟନ୍ତ ଦେଶ କଥା ଭାବିବେ ଆଉ ସେମାନଙ୍କର ସନ୍ତାନମାନେ ପିତାଙ୍କ କଥା ମନେ ରଖି ଦେଶମାତୃକା ପାଇଁ ଭାବିଚାଲିବେ । ଏଠି କେହି ବିଦେଶୀ ଶତ୍ରୁ ସହଜରେ ପ୍ରବେଶ କରି ପାରିବେନି । ଏହା ସରକାରଙ୍କ ଲକ୍ଷ୍ୟ ଥିଲା ।

"ଏହି ମହାନ ଲକ୍ଷ୍ୟ ସାଧନ ପାଇଁ ଆପଣମାନେ ଆସି ଏଇଠି ରହିଗଲେ ଆଉ ନିଜ ଜନ୍ମସ୍ଥାନ କଥା ଭୁଲିଗଲେ ।"-ଶୋଭନା କହୁଥିଲେ ।

ଶିବଚରଣ ସିଂ ହସିଲେ । ପ୍ରଥମରେ ସାମାନ୍ୟ ଶୁଖିଲା ହସ ଥିଲା । ତାହା କ'ଣ ତାଙ୍କର ବା ଅନ୍ୟ ସେଟଲରମାନଙ୍କ ପ୍ରକୃତ ଲକ୍ଷ୍ୟ ଥିଲା? ଶେଷରେ ସେ ମନ ଖୋଲିକରି ଜୋରରେ ହସିଲେ । ଶେଷ ଜୀବନକୁ ଆଗକୁ ନେବା ପାଇଁ କିଛି ଜମିର ଆବଶ୍ୟକତା ଥିଲା । ତାହା ସେମାନଙ୍କୁ ମିଳିଯାଇଛି । ଜମି ଚଷି ଚଳିପାରିଛନ୍ତି । ଶିବଚରଣ ସିଂଙ୍କର ବୟସ ସେତେବେଳକୁ ବହୁତ ବେଶି ହୋଇଯିବଣି । ନାକତଳେ ସବୁ ନିଶ ଧଳା ହୋଇଯାଇଛି । କେଉଁ ସତୁରୀ ଦଶକରେ ସେ ଆର୍ମିରେ କାମ କରୁଥିଲେ । ପୂର୍ବତନ ସାମରିକ କର୍ମଚାରୀଙ୍କୁ ଗ୍ରେଟ ନିକୋବରରେ ଥଇଥାନ କରାଯିବା କଥା ସେ ଶୁଣିଲେ । ଆଉ ତାହା ତାଙ୍କୁ ଆକର୍ଷଣ କଲା । ଉତ୍ତର ପ୍ରଦେଶରୁ ସୁଦୂର ଆଣ୍ଡାମାନ ଆସିଗଲେ ଏକ ନୀରବ ଆହ୍ୱାନ ଶୁଣି । ଏହାକୁ ଖାଲି ଏକ ଦୂରନ୍ତ ଆହ୍ୱାନ କୁହାଯାଇପାରିବନି କାରଣ ଶିବଚରଣ ତ ଘର ଛାଡି ସବୁବେଳେ ବାହାରେ ଦୂରଦୂରାନ୍ତରେ ରହି ଆସିଛନ୍ତି । ଆର୍ମି ଚାକିରୀରେ କେତେବେଳେ ଘର ପାଖରେ ରହିବାକୁ ମିଳେ? ସବୁବେଳେ ସେ ଦେଶ ସୀମାନ୍ତରେ ଛାତି ଫୁଲାଇ ଠିଆ ହେବାକୁ ଜୀବନର ଶ୍ରେୟ ମାନନ୍ତି । ଜୀବନରେ ଥରେ ମରିବ । ତେଣୁ ବୀରଗତି ପ୍ରାପ୍ତ ନହେବ କ ପାଇଁ? ଶିବଚରଣ ଗ୍ରେଟ ନିକୋବର

ISSN NO.
2582-208X

ଦ୍ୱୀପରେ ୧୮ କ.ମି ଅଞ୍ଚଳରେ ଏକ ଘର କରିଛନ୍ତି । ଘର ଚାରିପାଖେ ଗୁଆ, ନଡିଆ, ମସଲା ଇତ୍ୟାଦିର ବଗିଚା । ସମସ୍ତଙ୍କ ଭଳି ଟିଣ ଛପର ଘରେ ସେ ନିଜ ପରିବାର ସହ ରହୁଛନ୍ତି । ପରିବାର କହିଲେ ତାଙ୍କ ଝିଅ ଆଉ ଜ୍ୱାଇଁ । ସ୍ତ୍ରୀଙ୍କ ଦେହାନ୍ତ ଏହି ଗ୍ରେଟ ନିକୋବରରେ ହୋଇଗଲା । ଆଉ ଫେରିଲେନି ନିଜ ଜନ୍ମସ୍ଥାନ ଉତ୍ତର ପ୍ରଦେଶ । ନିଜ ପୈତୃକ ସ୍ଥାନରେ ସମସ୍ତେ ମରିହଜି ଗଲେଣି । ଏଠି ସମସ୍ତଙ୍କ ସହ ସେ ମିଶି ଯାଇଛନ୍ତି । ପ୍ରତି ପୂଜା ପର୍ବ ଠିକ ଭାବରେ ପାଳନ କରନ୍ତି । ସାମାଜିକ କର୍ମରେ ବ୍ୟସ୍ତ ରୁହନ୍ତି ।

ଅସୀମ ଆଉ ଶୋଭନା ଅନେକ ସମୟରେ ୩୫ କମି କ୍ୟାମ୍ପ ବା ୪୧ କମି କ୍ୟାମ୍ପ ଗଲାବେଳେ ଶିବଚରଣ ସିଂହଙ୍କ ଘରେ କଛି ସମୟ ଅଟକ ଯାଆନ୍ତି । ଶିବଚରଣ ସିଂହଙ୍କର ଥିଲା ଏକ ବିସ୍ତୃତ ବଗିଚା । ସେଥିରେ ସେ ଡାଲଚିନି, ଲବଙ୍ଗ, ଅଳେଇଚ ଆଦି ଭିନ୍ନ ଭିନ୍ନ ଜାତିର ମସଲା ଗଛମାନ ଲଗାଇଥିଲେ । ତାଛଡା ବଗିଚାରେ ଆମ୍ବ, ପିଜୁଳି ଇତ୍ୟାଦି ଅନେକ ଫଳଗଛ ଥିଲା । ବଗିଚାର ପ୍ରତିଟି ଗଛକୁ ଯତ୍ନର ସହ ବଢାଯାଇଥିଲା ଆଉ ଉପଯୁକ୍ତ ରକ୍ଷଣାବେକ୍ଷଣ କରାଯାଉଥିଲା । ଘର ମଧ ବେଶ ଖୋଲା ଖୋଲା ଥିଲା । ନିଜକୁ ଘର ମଧରେ ଆବଦ୍ଧ କରିଦେଇ ନାହାନ୍ତି ଶିବଚରଣ ସିଂହ । ଏକ ଖୋଲା ପରିବେଶରେ ଜୀବନ କାଟନ୍ତି । ସେଟଲରଙ୍କ ମଧରେ ଜଣେ ମାନ୍ୟଗଣ୍ୟ ବ୍ୟକ୍ତି । ସୀମାନ୍ତରେ ଦିନେ ଦେଶର ଜଣେ କର୍ତ୍ତବ୍ୟନିଷ୍ଠ ସୈନିକ ଥିଲେ ଆଉ ଏବେ ଅନ୍ୟ ଏକ ସୀମାନ୍ତରେ ଜଣେ ସଫଳ ଚାଷୀ । ସୈନିକ ଆଉ ଚାଷୀମାନଙ୍କ ମଧରେ ଏକ ବଡ ସମ୍ବନ୍ଧ ଅଛି । ପ୍ରାୟ ସବୁ ସେଟଲର ଚାଷୀ ପରିବାରରୁ ଆସିଛନ୍ତି ଆଉ ସୈନ୍ୟକର୍ମ ସମାପ୍ତ ପରେ ଚାଷକୁ ଫେରିଯାଇଛନ୍ତି । ଦିନେ ଅସ୍ତ୍ର ଧରି ଜମିର ରକ୍ଷା ପାଇଁ ଶତ୍ରୁସହ ଲଢେଇ କରୁଥିଲେ ଆଉ ଆଜି ଲଙ୍ଗଳ ଧରି ଜମିରୁ ଫସଲ ଉପୁଜାଇ ଚାଲିଛନ୍ତି ।

ଅସୀମ ତଥା ଶୋଭନା ଆର୍ମିରୁ ଅବସର ନେଇଥିବା ଏହି ବୟସ୍କ ବ୍ୟକ୍ତିମାନଙ୍କ ପ୍ରତି ଶ୍ରଦ୍ଧାରେ ମୁଣ୍ଡ ନୁଆଁ ଦିଅନ୍ତି ।

### ୨-କୋହଲୀବାବୁ- ଜଣେ ଆବଶ୍ୟକୀୟ ବ୍ୟକ୍ତି

କୋହଲୀବାବୁଙ୍କ ଉପରେ ଲେଖିବା ଟିକେ ଆଶ୍ଚର୍ଯ୍ୟ ଲାଗିପାରେ । ଏକ ବିଜିନେସମ୍ୟାନଙ୍କ ଉପରେ ଲେଖିବା! ବିଜିନେସ ବା ବେପାର କେବଳ ଠକାମୀ ଆଉ ପ୍ରତାରଣାର ସହାୟତାରେ ବଢିଚାଲେ । ଏହି କଛି କଥା ତାଙ୍କ ବିଜିନେସ ବା ଚାଲିକ ଉପରେ

ISSN NO.
2582-208X

ଲେଖାଯାଉନ । ଏହା ତାଙ୍କର ବ୍ୟକ୍ତିତ୍ୱ ଆଉ ସହୃଦୟତା ଉପରେ । କଥାଟା ହେଉଛି ଦରକାର ବେଳେ ଅତ୍ୟାବଶକୀୟ ସହାୟତାର ହାତ କୋହଲୀବାବୁଙ୍କ ଠାରୁ ବଢିଆସେ । ଯେତେବେଳେ ପିଅନ ସୁନ୍ଦରମ କୋହଲୀବାବୁଙ୍କ ଉପରେ କହିଲା ଅସୀମଙ୍କୁ ଟିକେ ତାଜୁବ ଲାଗିଥିଲା । କିନ୍ତୁ କ୍ୟାମ୍ପବେଲ ବେରେ ରହିଲାବେଳେ ଅସୀମ ତାଙ୍କର ଉପଯୋଗୀତା ଆଉ ସହୃଦୟତାର ନିଦର୍ଶନ ପାଇଛନ୍ତି ।

କ୍ୟାମ୍ପବେଲ ବେ ମାର୍କେଟରେ ତାଙ୍କର ଏକ ବଡ ଦୋକାନ ଥିଲା । ଏଠାକାର ମାର୍କେଟ କହିଲେ ଏଇ ସାତ ଆଠଟି ଦୋକାନ । ବେଶି କିଛି ବିକିବାର ଜିନିଷ ନାହିଁ, ଆଉ ସୌଖୀନ ଜିନିଷ କିଣିବା ପାଇଁ ଲୋକ ନାହାନ୍ତି । ଆବଶ୍ୟକୀୟ ଖାଇବା ଜିନିଷ ତଥା ଅତି ଆବଶ୍ୟକୀୟ ଘରକରଣା ଜିନିଷ କେତେଟା ଅବଶ୍ୟ ଦୋକାନମାନଙ୍କରେ ଥାଏ । ସେତିକିରେ କ୍ୟାମ୍ପବେଲ ବେ ବଜାର ଗ୍ଲେ । ଏଣୁ ଏଥିରୁ ଟିକିଏ ଅଧିକ ଦରକାର ହେଲେ କେମିତି ଜିନିଷ ମିଳିପାରିବ ? ଘର ପାଇଁ ଏକ ସାଧାରଣ ଓଭନ, ଗ୍ରାଇଣ୍ଡର, ଏକ ବଡ ପ୍ରେସର କୁକର, ଏକ ଭଲ ଇଲେକଟ୍ରିକ ଆଇରନ ଏମିତିଆ କିଛି ସାଧାରଣ କିନ୍ତୁ ଆବଶ୍ୟକୀୟ ଜିନିଷ ପାଇଁ ସମସ୍ତେ କୋହଲୀବାବୁଙ୍କ ସାହାର୍ଯ୍ୟକୁ ଅନାଉଥିଲେ । କୋହଲୀବାବୁ ସମସ୍ତଙ୍କୁ ହସି ଜିନିଷ ମଗାଇଦେବେ ବୋଲି ପ୍ରତିଶ୍ରୁତି ଦେଉଥିଲେ । ତା'ପରେ ସାଧାରଣ ସଭ୍ୟ ଜଗତର ଦରକାର ହେଲାଭଳି ଜିନିଷମାନ ପ୍ରାୟ ୧୫ ଦିନରୁ ୧ ମାସ ଭିତରେ ଜିନିଷଟି ମିଳିଯାଉଥିଲା । ସେ ପ୍ରିଣ୍ଟେଡ ଦାମରୁ ବୋଧହୁଏ ସାମାନ୍ୟ ଅଧିକ ଦର ନିଅନ୍ତି । ସେଇଟା ଆବଶ୍ୟକ ବୋଲି ଅସୀମ ମଧ୍ୟ ମନେକରନ୍ତି । ଜିନିଷଟା ପୋର୍ଟବ୍ଲେଆରରୁ କ୍ୟାମ୍ପବେଲ ବେକୁ ଜାହାଜରେ କାହା ମାର୍ଫତରେ ଆସିବ । ସାମାନ୍ୟ ଅଧିକ ଖର୍ଚ୍ଚ ତ ଅଛି । କ୍ୟାମ୍ପବେଲ ବେରେ ଜିନିଷ ପହଞ୍ଚିବା କିଛି ସହଜ କଥା ନଥିଲା । କୋହଲୀବାବୁଙ୍କର ମନେ ରଖିବା ଶକ୍ତି ପ୍ରବଳ, ବହୁତ କଥା ଅତି ସହଜରେ ମନେ ରଖନ୍ତି। ତାଙ୍କର ଏକ ଭଲ ଗୁଣ ହେଲା ଯେ ସେ କାହାକୁ ପାଟି କରି ଗାଳି କରନ୍ତି ନାହିଁ । କେବଳ ପଇସା ପାଇବାରେ ଡେରି ହୋଇଗଲା ବୋଲି ମନେ ପକାଇ ଦିଅନ୍ତି । ତେଣୁ ଲୋକେ ତାଙ୍କୁ ଖରାପ ମାନନ୍ତି ନାହିଁ ।

ଏଣେ କୋହଲୀବାବୁଙ୍କ ଦୋକାନ ଆଉ ବାଟଘାଟ ତଥା ବଜାର କଥା ପିଅନ ସୁନ୍ଦରମ ଅସୀମଙ୍କ ଆଗରେ ବେଳେବେଳେ କହିଥାଏ । କିଛି ପରିମାଣରେ ସୁନ୍ଦରମ ଉପରେ ବଜାର ପାଇଁ ଅସୀମ ନିର୍ଭର କରୁଥିଲେ । କ୍ୟାମ୍ପବେଲ ବଜାର ଉପରେ କିଛି କହିବା

ISSN NO.
2582-208X

ମୋତେ କାନକୁ ଟାଣି ଧରିବା ଭଳ ନଥିଲା । କନ୍ତୁ ଆଉ ଯେ କତିଦିନଆ ଖବର ନାହିଁ । ଏଠାର ବଜାରଘାଟ ମୋତେ ଚକଚକଆ ନଥିଲା । ପିଚୁ ରାସ୍ତା ଜାଗା ଜାଗାରେ ଖଣ୍ଡିଆ ହୋଇଯାଇଥିଲା । ଆଉ ଅନେକ ଗାଇ ବାଛୁରୀ ରାସ୍ତା ଉପରେ ଶୋଇରହୁଥିଲେ । ଯାହାହେଉ ରାସ୍ତା ବଜାରରେ ସମତଳ ଥିଲା ଆଉ ଦୋକାନସବୁ ରାସ୍ତାରୁ ଟିକେ ଟିକେ ଛାଡି ଛାଡି କରି ଥିଲା । କଛି ଦୋକାନ ଆଗରେ ନଡିଆ ଗଛ ଲାଗିଥିଲା । ନଡିଆ ଜୀବନର ଏକ ପ୍ରଧାନ ଅଙ୍ଗ ହୋଇଯାଇଛି । ମଝିରେ ମଝିରେ ମଧ୍ୟ ରହିବା ପାଇଁ ଘର ଥିଲା । କଛି ଘରର ଫେନସିଙ୍ଗରେ ଟିଣ ବ୍ୟବହାର ହୋଇଥିଲା । ସେମିତିଆ ବଜାର ସୁନ୍ଦରମ, ବାବୁରାଓ ଆଦି ଅସୀମଙ୍କ ନଜ ଷ୍ଟାଫଙ୍କ କତିଦିନଆ ବୁଲା ଜାଗା ହୋଇଯାଇଥିଲା ।

ସୁନ୍ଦରମ କଥା ହିସାବରେ ନଶ୍ଚିତ ଭାବେ ସକାଳୁ ସକାଳୁ କୋହଲୀବାବୁଙ୍କର ମୋଟରସାଇକେଲ ଆସି ନଜ ଦୋକାନ ଆଗରେ ଠିଆ ହୋଇଯାଏ । ନଜ ଦୋକାନକୁ ଚଢାବାବୁ ଭଲ ଭାବରେ ପରିଷ୍କାର କରନ୍ତୁ । ତା'ପରେ କାହାକୁ କାହାକୁ ଭେଟ କରନ୍ତୁ । ତାଙ୍କ ସହ ଅସୀମଙ୍କର ପ୍ରଥମ ପରିଚୟ ମନେ ଅଛି । କୋହଲୀବାବୁ ହସ ହସ ମୁହଁରେ ଅଫିସକୁ ଆସିଥିଲେ । ଦାଢୀ ନଶ ଅନ୍ୟ ପଞ୍ଜାବୀଙ୍କ ଭଳ ରଖିନାହାନ୍ତୁ । ଅବଶ୍ୟ ଆଣ୍ଡାମାନରେ ଲମ୍ବା ଦାଢୀ ରଖିବା କଷ୍ଟ । ଏତେ ଗରମ ଆଉ ତା' ଉପରେ ଝାଳ । କନ୍ତୁ ସେଇଟା କାରଣ ନୁହେଁ, କୋହଲୀବାବୁ ପରିଷ୍କାର ଖିଅର ହେବାକୁ ଭଲ ପାଆନ୍ତୁ । ଏକ ହସ ହସ ମୁହଁ ନେଇ ସେ ଅସୀମଙ୍କୁ ନଜର ପରିଚୟ ଦେଲେ । ହାତ ଯୋଡି ନମସ୍କାର କଲାବେଳେ ତାଙ୍କ ମୁହଁରେ ଗ୍ରାହକ ନୁହେଁ ଏକ ବନ୍ଧୁର ମନୋଭାବ ଫୁଟିଉଠିଥିଲା । ତା'ପରେ କୋହଲୀବାବୁ ଅନେକ ଥର ଅସୀମଙ୍କ ପାଖକୁ ଆସିଛନ୍ତୁ ।

"ଆପଣଙ୍କ ଭଳ ପଞ୍ଜାବୀ ବ୍ୟବସାୟୀଙ୍କୁ ଦୂର ଯାଗା କ'ଣ ପାଇଁ ଆକର୍ଷଣ କରେ?"- ଅସୀମ ଦିନେ ପଗ୍ଭରିଲେ ।

"ଏକ ବ୍ୟବସାୟୀ ଘର ଛାଡି ଅନ୍ୟ ଦେଶ ଯାତ୍ରା କରିଥାଏ । ଆଉ ବ୍ୟବସାୟ ପାଇଁ ଦୂର କ'ଣ, ପାଖ କ'ଣ?"- କୋହଲୀବାବୁ ନମ୍ରତାର ସହ ଉତ୍ତର ଦେଲେ ।

"ତା' ତ ଠିକ, ତଥାପି ନଜ ଅଞ୍ଚଳ ଠାରୁ ବହୁତ ବହୁତ ଦୂର ତ ଏ ଅଖ୍ୟାତ କ୍ୟାମ୍ପବେଲ ବେ ।"-ଅସୀମ କହିଲେ ।

ISSN NO.
2582-208X

"ବ୍ୟବସାୟୀ ଦୂର ଜିନଷ ଆଣି ପାଖରେ ତ ବିକେ । ଆଉ ସେହି ପାଖଟା ତା' ପାଇଁ ଘର ହୋଇଯାଏ । ବ୍ୟବସାୟୀ ଏକ ମଣିଷ ସାର୍ ।"- କୋହଲୀବାବୁ ଉତ୍ତର ଦେଉଥିଲେ । ଅସୀମ ମଧ୍ୟ ଭାବିଲେ କଥାଟା ଠିକ । କେଉଁଠି ଜିନଷ ବିକ ପାଖରେ ରହିଗଲେ, ଯାଗାଟା ଚହ୍ନ, ବହୁତ ଚହ୍ନା ହୋଇଯାଏ । ଆଉ ଚହ୍ନଜଣା ଯାଗାଟା ତ ଘର । ଅସୀମ କୋହଲୀବାବୁଙ୍କ କଥାରେ ମୁଣ୍ଡ ହଲାଉଥିଲେ ।

"ପ୍ରତି ଯାତ୍ରାର ପଛରେ କାରଣ ଥାଏ କଛି ଆବଶ୍ୟକତା, କଛି ବିଧି ନର୍ଦ୍ଦେଶ, କଛି ପାରିପାର୍ଶ୍ୱିକ ଅବସ୍ଥା । ଏମିତି ଏ ସବୁର ମିଶ୍ରଣରେ ପରେ ଏ ଲମ୍ବା ଯାତ୍ରା । ସେମିତି ଏକ ଲମ୍ବା ଯାତ୍ରା ପରେ ଏଠି ବ୍ୟବସାୟ ଆରମ୍ଭ ହୋଇଥିଲା ।"- କୋହଲୀବାବୁ କହିଲେ । କୋହଲୀବାବୁ ଏମିତି ଦାର୍ଶନକ କଥା କହିବେ ବୋଲି ଅସୀମ ଭାବୁନଥିଲେ । ଶୁଣିଲେ ଲାଗୁଛି କୋହଲୀବାବୁ କଛି ଗୂଢ କଥା ନଶ୍ଚିତ ଭାବେ କହୁଛନ୍ତି ଆଉ ଜୀବନର ଉଦ୍ଦେଶ୍ୟ ଉପରେ ଜ୍ଞାନ ତ ଅଛି । ଅସୀମ ତାଙ୍କୁ ଅନାଇ ରହିଲେ ଆଉ କୋହଲୀବାବୁ ନଜ କଥା କହୁଥିଲେ ।

"ବହୁ ଦୂର କେହି ସେମିତି ଯାଏନା । ବିଧି ନର୍ଦ୍ଦେଶ କନ୍ତୁ ଅଲଗା । କନ୍ତୁ ନଜେ ନୂଆ ଯାଗାକୁ ଏକ ନୂଆ ଜୀବନ ଖୋଜିବା ପାଇଁ ଚାଲିଯିବା ପଛରେ ଅଛି ଆବଶ୍ୟକତା । ପଞ୍ଜାବରେ କୁହନ୍ତୁ ବା ସିନ୍ଧରେ କୁହନ୍ତୁ ଦେଶ ବିଭାଜନ ପରେ ସେଠୁ ପଳାୟନ କରିଥିବା ଅଧିବାସୀଙ୍କୁ ନଜ ମୁଣ୍ଡ ଗୁଞ୍ଜିବା ପାଇଁ ନୂଆ ଜାଗା ଖୋଜିବାକୁ ବାଧ କରିଥିଲା । ସେମିତି ଟିକଏ ଦୂର, ଆଉ ଟିକଏ ଦୂର ଭାବି ଭାବି ଶେଷରେ ଆସି ଏ ସ୍ଥାନରେ ପହଞ୍ଚି ଗଲୁ । ପୂର୍ବ ଜନ୍ମଭୂମିରେ ନରାପତ୍ତାର ଅଭାବ, ଆଉ ଆର୍ଥିକ ଅନାଟନ ତ କାହାକୁ କାହାକୁ ବାଧ କରେ ନଜ ଦେଶ ଛାଡିବା ପାଇଁ । ସେଇଟା ମଧ୍ୟ ଆମମାନଙ୍କ କ୍ଷେତ୍ରରେ ହୋଇଥିଲା ।"- କୋହଲୀବାବୁ କଛି ଦୁଃଖର କଥା ବର୍ଣ୍ଣନା କରୁଥିଲେ ।

ତାପରେ କୋହଲୀବାବୁ ନଜ ବିଷୟରେ ଟିକଏ ଅଧିକା କହିଥିଲେ । ସେ କେଉଁ ଯୁଗରୁ ଦୂର ପଞ୍ଜାବ ଆଉ ସେପଟର ସିନ୍ଧ ପ୍ରଦେଶରୁ ଆସିଥିଲେ । ଆଣ୍ଡାମାନରେ ପହଞ୍ଚି ସେ ପ୍ରାୟ ସେଟଲର ହୋଇଯାଇଛନ୍ତି । ଜୀବନରେ ଆର୍ଥିକ ଦୃଷ୍ଟିରୁ ଅନେକ ଉନ୍ନତି କରିଛନ୍ତି । କ୍ୟାମ୍ପବେଲ ବେ ବଜାରରେ ଥିବା ତାଙ୍କ ବ୍ୟସନ ଦୋକାନରେ ସବୁ ଜିନଷ ମିଳେ । ତାଙ୍କର ମୁହଁଟି କାହା ସହ କଥାହେଲେ ବି ସବୁବେଳେ ହସ ହସ ରୁହେ । ତାଙ୍କୁ କଏବି କହିଲେ

ISSN NO.
2582-208X

କିଛି ନା କିଛି ଜିନିଷ ସେ ଯେଉଁଠୁ ହେଲେ ମଗାଇ ଦେବେ । ଜାହାଜରେ ଅତ୍ୟାବଶ୍ୟକ ଜିନିଷ ଅନ୍ୟ ଜାଗାରୁ ଆସିବ । ଏମିତି ଅବସ୍ଥାରେ କୋହଲୀବାବୁ ବାହାରୁ ଆସୁଥିବା ଲୋକଙ୍କ ପାଇଁ ଅତି ଦରକାରୀ ବ୍ୟକ୍ତି ହୋଇଯାଆନ୍ତି ।

"ସବୁବେଳେ ହସହସ ମୁହଁ ରଖିପାରୁଛନ୍ତି ।"- ଅସୀମ ପଚାରୁଥିଲେ । କ୍ୟାମ୍ପବେଲ ବେ ଭଳି ଯାଗାରେ ହସହସ ମୁହଁ ସହ ରହିବା କଷ୍ଟକର କଥା । ଏକ ବିଜିନେସମ୍ୟାନର ଲୋକସଂମ୍ପର୍କ ଦରକାର । ନହେଲେ ବିଜିନେସ ବଢିବନି ।

"ଗ୍ରାହକମାନଙ୍କ ସହ କିଛି ଚଞ୍ଚକତା ମୁଁ କରେନି । ସେମାନଙ୍କୁ ବୁଝାଇ ଜିନିଷର ଉପଯୁକ୍ତ ମୂଲ୍ୟ ନିଏ । ସେମାନଙ୍କ ବିଶ୍ୱାସ ମୋ ମୁହଁରେ ହସ ଫୁଟାଇ ପାରିଛି ।"- କୋହଲୀବାବୁ କହିଲେ । ଅସୀମ ଜାଣନ୍ତି ସବୁ ଗ୍ରାହକ ସମାନ ନୁହନ୍ତି ଆଉ ସତରେ କ'ଣ କୋହଲୀବାବୁ ତାହା କରୁଥିବେ ? କିନ୍ତୁ କୋହଲୀବାବୁ ନିଜର ଦୂରଦୃଷ୍ଟି ତଥା ବାକଚାତୁରୀ ଯୋଗୁ ସମସ୍ତଙ୍କର ବିଶ୍ୱାସ କିଛି ପରିମାଣରେ ନିଶ୍ଚୟ ଜୟ କରିପାରିଛନ୍ତି ।

### ୩-କ୍ୟାପଟେନ ମୁଥୁ- ଜଣେ ସମ୍ମାନିତ ସେଟଲର

କ୍ୟାପଟେନ ମୁଥୁ ଆର୍ମିରୁ ୧୯୬୯ ମସିହାରେ ଆର୍ମିରୁ ରିଟାୟାର ପରେ ଗ୍ରେଟ ନିକୋବରରେ ସେଟଲର ହିସାବରେ ୧୯୭୯ ମସିହାରୁ ବସବାସ କରିବାକୁ ଲାଗିଲେ । ସେ ଅସୀମଙ୍କ ଅଫିସକୁ ଏକଦମ ଟିପଟପ ହୋଇ ଆସନ୍ତି । ଭୂତପୂର୍ବ ଆର୍ମି ଅଫିସରଙ୍କ ପୂର୍ଣ ମର୍ଯ୍ୟାଦା ତାଙ୍କ ବେଶ ପୋଷାକରେ ନିଶ୍ଚିତ ଦେଖିବାକୁ ମିଳିବ । ଦେହର ରଙ୍ଗ ବୟସାଧିକ୍ୟ ହେତୁ କଳା ପଡିଯାଇଛି । ତଥାପି ସେ ନିଶ୍ଚିତ ଭାବେ ପରିଷ୍କାର ଖିଅର ହୋଇଥିବେ । କପଡାରେ ସାମାନ୍ୟ ଭାଙ୍ଗ ନଥିବ । ଏମିତି ବି ତାଙ୍କର କଥାବାର୍ତ୍ତା ଅତି ମାର୍ଜ୍ଜିତ । ଅନ୍ୟ ଲୋକମାନେ ଏତେ ସମ୍ଭ୍ରମତାର ସହ କଥା କହିପାରନ୍ତି ନାହିଁ । କିନ୍ତୁ କ୍ୟାପଟେନ ମୁଥୁ ଅତି ମାପଚୁପକରି କଥା କୁହନ୍ତି । ତାଙ୍କ କଥାରୁ ସାମାନ୍ୟ ଭୁଲ କେହି ଧରିପାରିବେନି ।

"ଗ୍ରେସୀ ଯେ ତାଙ୍କର ବୋହୂ ।"- ଦିନେ ସୁନ୍ଦରମ କହିଥିଲା ।

ଅସୀମଙ୍କୁ ଲାଗିଲା ସତରେ ଗ୍ରେସୀ କ'ଣ ତାଙ୍କ ବୋହୂ ଆଉ ସେ ଯାଇ ଗ୍ରେସୀକୁ ଏକଥା ପଚାରନ୍ତେ । ଅସୀମ ଭାବିଲେ ଟିକେ ବାହାରକୁ ଆସିବେ ଆଉ ଗ୍ରେସୀକୁ ଦେଖିଲେ କ୍ୟାପଟେନ ମୁଥୁଙ୍କ କଥା ପଚାରିବେ । ତା'ପରେ ସମୁଦ୍ରକୂଳକୁ ଯାଇ ସମୁଦ୍ରକୁ ଟିକେ

ISSN NO.
2582-208X

ଅନାଇବେ । ଅସୀମଙ୍କ ଅଫିସ ପଛରେ ଥିଲା ସମୁଦ୍ର । ଅଫିସ ତିଆରି ହୋଇଥିଲା କାଠ ତକ୍ତା ଆଉ ସିମେଣ୍ଟରେ । ଚଟାଣରୁ ଝରକା ତଳଯାଏ ସିମେଣ୍ଟରେ ତିଆରି ଆଉ ତେଣିକ ଥିଲା ତକ୍ତାର କାନ୍ଥ । ବଡ ହଲରେ ଥିଲା ନୀଳ ରଙ୍ଗରେ ରଙ୍ଗାଇ ହୋଇଥିବା ତକ୍ତାର କାନ୍ଥ। କାନ୍ଥକୁ ସପୋର୍ଟ ପାଇଁ କାଠର ବିମ ଆଉ ପିଲାରମାନ ଗ୍ରୁରିଆଡେ କଛି ଛଡା ଛଡାରେ ଦିଆଯାଇଥିଲ । ଲୋକଙ୍କ ପଛରେ ଥିଲା କଛି ୟାକ । ସେଥିରେ ପୁରୁଣା ନୂଆ ଫାଇଲମାନ ରଖାଯାଇଥିଲା । ବଡ ହଲକୁ ଲୋକମାନଙ୍କ ଯିବା ଆସିବା ଲାଗି ରହିଥାଏ । ଅନେକ ଷ୍ଟାଫ, ସେମାନଙ୍କର ସର୍ଭିସ ସଂକ୍ରାନ୍ତୀୟ ଶହେ କାମ । ଏଷ୍ଟାବ୍ଲିଶମେଣ୍ଟ ସେକସନ ସବୁବେଳେ ବ୍ୟସ୍ତ ରୁହେ । ଏ କୋଠରୀରେ ଉପରେ ଲାଇଟ ଜଳେ, ଝରକା ଦେଇ ବେଶ ଭଲ ଆଲୋକ ଆସେ । କୋଠରୀଗୁଡା ଭଲଭାବରେ ଆଲୋକତ ରୁହେ । ଷ୍ଟାଫମାନେ କାନ୍ଥରେ ଅନେକ ଅନେକ କାଗଜ ଟାଙ୍ଗି ଦେଇଥିଲେ । ସମସ୍ତଙ୍କ ଆଗରେ ରହୁଥିଲା ଏକ ଏକ କାଠ ଟେବୁଲ । ଆଉ ସେମିତିଆ ଏକ ସାଧାରଣ କନ୍ତୁ ବ୍ୟସ୍ତ ସିଟରେ ବସି ଗ୍ରେସୀ ତା' ଗ୍ରୁରିପାଖରେ ଶୃଙ୍ଖଳା ଆଣିପାରିଥିଲା ଆଉ ତା'କୁ ଅନ୍ୟମାନେ ଅନୁକରଣ କରୁଥିଲେ । ଅସୀମ ଜାଣନ୍ତୁ ଗ୍ରେସୀ ଉପରେ ଜଣେ ବିଶ୍ୱାସ କରିପାରିବ । ତା' ପାଖରେ କାମ ନଶ୍ଚିତ ଭାବେ ଠିକ ଭାବରେ ହେବ ।

କ୍ରମଶଃ.....

ସେକ୍ଟର-୩, ସଲ୍ଟଲେକ, କଲିକତା

ISSN NO.
2582-208X

# କବି ଓ କବିତା



ଶଶଧର ମହାପାତ୍ର

କବିଟିଏ ଯେବେ କବିତାଟେ ଲେଖେ
ବଖାଣେ ମନର କଥା
କାହାକୁ ଲାଗଇ ମହୁ ଭଳି ମିଠା
କାହାପାଇଁ ନିମ ପିତା ।
ଶବ୍ଦ ସଂଗେ ଶବ୍ଦ ମିଳାଇ କବିଟେ
ରଚଥାଏ କବିତାଟେ
କେବେ କରେ ବ୍ୟଙ୍ଗ, କେବେ ହାସ୍ୟରସ
ବାସ୍ତବଧର୍ମୀ ଅଟେ ।
ଆଇନା ଦେଖାଏ ସମାଜକୁ କବି
ସୁଧୁରି ଯିବାକୁ ଭାବି
ଦିଏ ଉପହାର ପାଠକମାନଙ୍କୁ
ଯିଏ ବଡ଼ ଅନୁଭବୀ ।
ପାଠକମାନେ ହିଁ ପୋତି ପକାନ୍ତି
କବିଟିକୁ ପ୍ରଶଂସାରେ
କଏ ପଠାଉଛି ଚଠି, କ ଇମେଲ୍
ଫେସ୍‌ବୁକ୍ ମାଧ୍ୟମରେ ।

ISSN NO.
2582-208X

ଛନ୍ଦ ଛଳନା ମିଥ୍ୟା ବାହାନାକୁ
ଦୂରରେ ରଖେ କବି
ଲେଖୁଲେଖୁ କାନ୍ଦେ ଲେଖୁଲେଖୁ ହସେ
ଏକାନ୍ତରେ ବସି ଭାବି ।
କବିଟିଏ ଗଢ଼େ କବିତାର ଘର
କାଗଜ ଓ କଲମରେ
କଛି ସ୍ମୃତି କଛି ଅଭୁଲା ସପନ
ଲୁଚଥାଏ ସେହି ଘରେ ।

(ଯେଉଁ ପାଠକ ପାଠିକା ଭାଇ ଓ ଭଉଣୀମାନେ ମୋର ଲେଖାଗୁଡ଼ିକୁ 'ଫେସ୍‌ବୁକ୍' ହେଉ କ ମୋର ପ୍ରକାଶିତ ବହି ହେଉ କବା ମାଗାଜିନ୍‌ରେ ହେଉ ପଢ଼ି ପ୍ରଶଂସାରେ ପୋତି ପକାଇଛନ୍ତ, ଧନ୍ୟବାଦ ଦେଇଛନ୍ତ, ଲେଖିବାପାଇଁ ଅନେକ ପ୍ରେରଣା ଦେଇଛନ୍ତ, ସେହିମାନଙ୍କୁ ମନେପକାଇ ଏ ଲେଖା )

ହିଡେନ୍ ଭଲି ଲେନ୍, ସିଲଭର୍ ସ୍ପ୍ରିଙ୍ଗ୍,
ମେରୀଲ୍ୟାଣ୍ଡ, ଯୁକ୍ତରାଷ୍ଟ୍ର ଆମେରିକା

ISSN NO.
2582-208X

# ସମାଜ ଗଠନ ଓ ନାରୀ



ଡ. ପ୍ରସନ୍ନ କୁମାର ବଳ

ସମାଜ ଗଠନେ ନାରୀର ଭୂମିକା କହିବା ବାହୁଲ୍ୟ ମାତ୍ର,
ସମାଜର ସୃଷ୍ଟି ମୂଳରେ ହିଁ ନାରୀ, ନାରୀ ସତରେ ସର୍ବସ୍ୱ ।୧।
ନର ନାରୀ ପୁଣି ଗୋଟିଏ ମୁଦ୍ରାର ଦୁଇଟି ତ ପାର୍ଶ୍ୱ ପରି,
ଏକର ଅଭାବେ ଅସଂପୂର୍ଣ୍ଣ ରହେ ସମାଜ ଗଠନ ଲାଗି ।୨।
ନାରୀଟିଏ ପୁଣି ଅନେକ ରୂପରେ କରମ ନିର୍ବାହ କରେ,
ଜନନୀ, ଭଗିନୀ, ଜାୟା ରୂପେ ପୁଣି ନିଜ କାର୍ଯ୍ୟ କରିଥାଏ ।୩।
ଏତେ କାର୍ଯ୍ୟ ପୁଣି କିପରି ସେ କରେ ଭାବିଲେ ଆଶ୍ଚର୍ଯ୍ୟ ଲାଗେ,
ସବୁ କାମ ପୁଣି ଠିକ୍ ଠାକ୍ କରି ସମାଜ ଗଠନ କରେ ।୪।
ସନ୍ତାନଟିଏ ସେ ଯେବେ ଜନ୍ମ ଦିଏ ମାଆ ହୋଇଯାଏ ସିଏ,
ମାଆର ସ୍ଥାନ ତ ସବୁଠାରୁ ଉଚ୍ଚ କିଏ ମନାକରି ପାରେ ।୫।
ସନ୍ତାନର ଯତ୍ନ ମା ନେଇଥାଏ ଅନେକ ଆଶିଷ ଦେଇ,
ସୁମଣିଷ କରି ସମାଜରେ ଛାଡେ ସମାଜ ଗଠନ ପାଇଁ ।୬।
ଇତିହାସ କହେ କେତେ ବୀର କଥା ଭାରତୀୟ ନାରୀ ପାଇଁ,
ଦେଶ ସ୍ୱାଧିନତା ଆଣିଲେ ସେମାନେ ନିଜର ରକତ ଦେଇ ।୭।
ଆଜିର ଦିନରେ ନାରୀଟିଏ ପୁଣି ସବୁ କାର୍ଯ୍ୟ କରିପାରେ,
ପୁରୁଷଙ୍କ ପରି ଚାକିରୀଟି କରି ଦେଶ ସେବା କରିଥାଏ ।୮।

ISSN NO.
2582-208X

ନାରୀର କର୍ତ୍ତବ୍ୟ ଏତିକରେ ପୁଣି ଆଜି ସରିନାହିଁ ସତେ,
ଭୂବିକଏ ପାରେ ସେମାନଙ୍କ ସେବା ଭାରତୀୟ ସେନା ମଧ୍ୟେ ।୯ ।
ପାଇଲଟ୍ ହୋଇ ଯୁଦ୍ଧ ବିମାନକୁ ଉଡାଏ ସେ ନିର୍ବିଘ୍ନରେ,
ଦେଶ ସେବା କରେ ଜୀବନକୁ ଦେଇ ଶତୃକୁ ଗୋଡାଇ ମାରେ ।୧୦ ।
ନାରୀ ସର୍ବଂସହା, ନାରୀ ହିଁ ତ ପୂଜ୍ୟା, ସୃଷ୍ଟିର ମୂଳରେ ନାରୀ,
ସମାଜ ହିଁ ନାରୀ, ନାରୀ ହିଁ ସମାଜ, ଯାର ପଟ୍ଟାନ୍ତର ନାହିଁ ।୧୮ ।
ସମାଜ ଗଠନ ଯେଉଁ ନାରୀ କରେ, ଧ୍ୱଂସ କରିପାରେ ସେହି,
ସେ ସୃଷ୍ଟି କାରିଣୀ, ଚୀର ପ୍ରସବିନୀ, ଚର ପୂଜ୍ୟା ପୁଣି ସେହି ।୧୨ ।
ନାରୀ ଶକ୍ତ ସତେ ଯତ୍ନବାନ ହେଲେ ସମାଜ ସମାଜ ସମୃଦ୍ଧ ହୁଏ,
ନାରୀ ଶକ୍ତର ତ ମହିମା ଅସୀମ ବର୍ଦ୍ଧିଷ୍ଣୁ ଶକ୍ତ ହିଁ ସିଏ ।୧୩ ।
ସମସ୍ତଙ୍କୁ ମୋରେ ଅତିକ ବିନତୀ ନାରୀକୁ ସମ୍ମାନ ଦିଅ,
ସମାଜ ଗଠନ ନାରୀ ଦ୍ୱାରା ହୁଏ ଏ ସବୁକୁ ହେତୁ କର ।୧୪ ।

ଶ୍ରୀ ସତ୍ୟସାଇ ଏନକ୍ଲେଭ,
ଖଣ୍ଡଗିରି, ଭୁବନେଶ୍ୱର

ISSN NO.
2582-208X

# ମୁଁ ଯେବେ ଯାଆନ୍ତି ସୁଧୁରି



ଭସ୍କର ଚନ୍ଦ୍ର ଖଣ୍ଡା

ହେଉଥିଲା ନିର୍ଗତ ଏକ ଦୀର୍ଘ ନିଶ୍ୱାସ
ସେଇ ଉଷ୍ଣତା ଭିତରେ
ଉତ୍ତାଳ ତରଙ୍ଗର ଢେଉ ସବୁ
ବାହାରି ହୃଦୟର ଅନୁକୋଣରୁ
ଦେଖୁଥିଲା ଟପିଯିବାର ଲକ୍ଷ୍ମଣ ରେଖାକୁ ।୧।

ସତେ ଯେପରି ସିଏହିଁ ନେଇଛି ଠିକା
ସୁଧାରିବାକୁ ସମଗ୍ର ଦୁନିଆ
ଏସି କାର୍ ଝରକା ଫାଙ୍କ ଦେଇ
ସାମ୍ନାରେ ଯାଉଥିବା ଗାଡି ଭିତରୁ
ଉଡି ଆସି ହଠାତ୍ ବାଜିଗଲା
ବିସ୍କୁଟ୍ ର ଖୋଳ ।୨।

ବେପରୁଆ ଦୃତଗତିରେ ଯାଉଥିବା
ଦୁଇ ଚକିଆ ଯାନର ବିକଟାଳ ଶବ୍ଦରେ
ବିଚରା ବୁଢା ବାପା, ଝିଅ
ହରାଇ ଭାରସାମ୍ୟ ସ୍କୁଟିର
ପଡିଗଲେ ରାସ୍ତା ମଝିରେ ।୩।

କଣ କହିବ, କାହାକୁ କହିବ ?
ଝାମ୍ପି ନେଲେ ସୁନା ଚେନ୍ କୁ

ISSN NO.
2582-208X

କିଛି ବିପଥଗାମୀ ଯୁବକ ତା ସ୍ୱୀର ଗଳାରୁ ।୪।

ଆଉ ଅନ୍ୟମନସ୍କତାର ସୁଯୋଗ ନେଇ
ଏକ ନମ୍ବର ହାଟ ପରିବା ମାର୍କେଟରୁ
ଝାମ୍ପିନେଲେ ଛାତି ପକେଟରେ
ଥିବା ମୋବାଇଲକୁ ।୫।

ଏମିତି ଆସି ପହଞ୍ଚିଛି
ଦୁର୍ଭାବନାର ଉତ୍ତାଳ ତରଙ୍ଗ ସବୁ
କେମିତି ସୁଧୁରିବ ? ।୬।

ପଡନ୍ତା ନାହିଁ ଆବଶ୍ୟକତା
କଠୋର ନିୟମାବଳୀର
ଯାଆନ୍ତେ ଯଦି ସଭିଏଁ ନିଜେ ନିଜେ ସୁଧୁରି
ହୋଇଯାନ୍ତା ଶାନ୍ତ ସେଇ
ଉତ୍ତାଳ ତରଙ୍ଗ ସବୁ
ବାଇସି ପାହାଚ ର ବେଢା ଭିତର ପରି
ଶୁଭୁ ନଥାନ୍ତା ସେଠି
ସାଗରର ଗୁରୁ ଗର୍ଜନ ।୭।

ରହିଥାନ୍ତେ ସଭିଏଁ
ଲକ୍ଷ୍ମଣ ରେଖା ଭିତରେ
ନଥାନ୍ତା ଆବଶ୍ୟକତା
କଠୋର ନିୟମାବଳୀର
ମୁଁ ଯେବେ ଯାଆନ୍ତି ସୁଧୁରି ।୮।

ଫ୍ଲାଟ୍ ନଂ ବି ୩୦୧, ଗୌରୀଶଙ୍କର ରେସିଡ଼େନ୍ସ
କେଶୁରା, ଭୁବନେଶ୍ୱର (ମୋ) ୯୪୫୫୭୧୭୫୦୭

ISSN NO.
2582-208X

# ମେଘ



ଡଃ ମାଙ୍ଗଳିକା ମହାପାତ୍ର

ମେଘ...
କାହା ପାଇଁ ବଳ ତ
କାହା ପାଇଁ କାଳ...
କେତେବେଳେ ଅଭାବୀ ସ୍ୱଭାବ
ବର୍ଷା  ମାପଚୁପ...ତ...
କେତେବେଳେ ଭୈରବ ରୂପ
ବନ୍ୟା ବିକଟାଳ...
ୟା ସତ୍ତ୍ୱେ ବି ଆକାଂକ୍ଷାର ସ୍ୱର

ସବୁଜିମା ରାଜତ୍ୱ
ଆଧିପତ୍ୟ ସୁଜଳା ସୁଫଳା
ମେଘର ମହ୍ଲାର ବିଛାଇ ଦିଏ
ଧରା ପୃଷ୍ଠରେ ବର୍ଷାର ଜଙ୍ଗଲ
ବର୍ଷା ବି ଗଢ଼ିଦିଏ ଟାଙ୍ଗରା ଭୂଇଁରେ
ସବୁଜିମା ର ମହଲ...

ବର୍ଷା ଭିଜା ମନ କିନ୍ତୁ
ସାଥିଟିଏ ଅନ୍ୱେଷଣରେ
ଫଳାଇବାକୁ ପ୍ରେମର ଫସଲ
ଏଇ ହୃଦୟ କ୍ଷେତ୍ରରେ...

ରେଭେନସା ବିଶ୍ୱବିଦ୍ୟାଳୟ

ISSN NO.
2582-208X

# ଯୁଦ୍ଧ କରିଛି ଲୁହ ଝରି ପାରେନା



ଶାନ୍ତିଲତା ମିଶ୍ର

ଆଜି ସକାଳୁ ଖବର କାଗଜ ପଢୁ ପଢୁ ରାଶି ଫଳ ଉପରେ ଆଖି ପଡିଗଲା । ନିଜ ରାଶି ଫଳରେ ଲେଖା ଅଛି ଆଜି କିଛି ଅସ୍ୱାଭାବିକ ଘଟଣା ଘଟି ପାରେ । ଅସ୍ୱାଭାବିକ କିଛି ଘଟିବାକୁ ଆଉ ବାକି କଣ ଅଛି ଏ ଜୀବନରେ । ମିତାଙ୍କ ଜୀବନରେ ସ୍ୱଭାବିକ, ଅସ୍ୱାଭାବିକ ଆଜି ସବୁ ସମାନ । ଜୀବନ କେବଳ ବିତି ଚାଲିଛି । କାହାର ପ୍ରତିକ୍ଷା ବା କିଛିର ଅପେକ୍ଷା ସେଥିରେ ନାହିଁ । ଏମିତି ଏମିତିରେ ତାଙ୍କର ପଚାଷ ବର୍ଷ ଅତିକ୍ରାନ୍ତ ହୋଇ ସାରିଲାଣି ।

ସବୁଦିନ ପରି କଲେଜ ଗଲେ ପିଲାଙ୍କୁ ପାଠ ପଢେଇଲେ, ଫେରନ୍ତି ବାଟରେ ପରିବା ପତ୍ର କିଣା ଅନ୍ୟାନ୍ୟ କାମ ସାରି ଘରକୁ ଫେରି ଚା ବିସ୍କିଟ ଖାଇ ଟିଭି ଲଗେଇ ବସିଗଲେ । ରାଶି ଫଳ ସବୁଦିନ ପରି ଆଜି ବି କିଛି ସତ ହେଲା ନାହିଁ । ହସ ଲାଗିଲା । କିନ୍ତୁ ଏ ଜ୍ୟୋତିଷଙ୍କଙ୍କ ଉପରେ ତାଙ୍କର ଟିକେ ଅଧିକ ବିଶ୍ୱାସ ଥାଏ । ବହୁତ କଥା ତାଙ୍କର ସତ୍ୟ ସାବିତ ହୋଇଛି ଅତୀତରେ ।

ସନ୍ଧ୍ୟା ଆଗତ ପ୍ରାୟ । ଆଉ କିଛି ସମୟ ପରେ ରାତ୍ର ଭୋଜନ ସାରି ଶୋଇବାକୁ ଯିବେ । ହଠାତ୍ କଲିଙ୍ଗ ବେଲ୍ ବାଜିବାର ଶବ୍ଦ ଶୁଣି କବାଟ ଖୋଲି କିଛି କ୍ଷଣ ଆଶ୍ଚର୍ଯ୍ୟ ହୋଇ ଚାହିଁ ରହିଲେ ଆଗନ୍ତୁକଙ୍କୁ । ଆଗନ୍ତୁକ ବି କିଛିକ୍ଷଣ ସ୍ତମ୍ଭିଭୂତ ହୋଇ ରହିଗଲେ । କିଛି ସମୟ ରହି ଯାଇ କଥା ଆରମ୍ଭ କଲେ କ୍ଷମା କରିବେ ଆଜ୍ଞା ଆପଣଙ୍କ ଘର ଏଇଟା ବୋଲି ଜାଣି

ISSN NO.
2582-208X

ନଥିଲି । କୌଣସି ପ୍ରକାର ଇଛା ନଥିଲା ଆପଣଙ୍କ ଶାନ୍ତ ସ୍ନିଗ୍ଧ ସାନ୍ଧ୍ୟ ମୂହୁର୍ତ୍ତରେ ଆସି ଏପରି ଭାବେ ବାଧା ଉପୁଯାଇବା ପାଇଁ ।

ଏ ମୋର ଝିଅ ହଠାତ୍ ଅସୁସ୍ଥ ଅନୁଭବ କରିବାରୁ ତାକୁ ଡାକ୍ତରଙ୍କ ପାଖକୁ ନେଇକି ଯାଉଥିଲି । ଗାଡି ବାଟରେ ଖରାପ ହୋଇଗଲା । ଘରୁ ତରତରରେ ଆସିଥିବାରୁ ଫୋନ ଟା ଭୁଲି ଆସିଲି । ଆପଣ ଯଦି କିଛି ମନେ ନକରିବେ ଆପଣଙ୍କ ଫୋନ ବ୍ୟବହାର କରି କେହି ବନ୍ଧୁଙ୍କୁ ଅନୁରୋଧ କରି ଥାନ୍ତି ଆସି ମତେ ରାଇଡ୍ ଦେଇଥାନ୍ତେ ।

ଓ ! ଏପରି କଥା, କିଛି ବ୍ୟସ୍ତ ହୁଅନ୍ତୁନି ମୋ ଡ୍ରାଇଭରକୁ ଡାକି ଦେଉଛି ଆପଣଙ୍କୁ ନେଇ ଡାକ୍ତରଙ୍କ ପାଖେ ଛାଡିଦେବ । କିଛି ସମୟ ରହି ଯାଇ ମିତା କହିଲେ । ଅଶେଷ ଧନ୍ୟବାଦ ଦେଇ ଆଗନ୍ତୁକ ଜଣକ ବାର ବର୍ଷର ଝିଅକୁ ତାଙ୍କର ନେଇ ସେଠାରୁ ଚାଲିଗଲେ ଡ୍ରାଇଭର ଆସିଲା ପରେ ।

ଆଜି ତ ଭାରି ଆପଣ ଆପଣ ସମ୍ବୋଧନ ! ସେଦିନ ବେଶ୍ ତୁ ତା କରି ହଜାର ଗାଳି ଦେଇ ଏଇ ଲୋକ ଟି ସବୁଦିନ ପାଇଁ ତାଙ୍କ ଜୀବନରୁ ଦୂରେଇ ଯାଇଥିଲା । ଏଇ ଲୋକର ନାମଟି "ଆଲୋକ' ସତ କିନ୍ତୁ ତା ଭିତର ଟା ପୁରା ଅନ୍ଧକାର । ଦୀର୍ଘ ଛଅ ବର୍ଷର ବନ୍ଧୁତ୍ୱ ପରେ ବିବାହ ପାଇଁ ସବୁ ପ୍ରକାର ଆୟୋଜନ ସରି ଯାଇଥିଲା । ସେଦିନ ଏକ କଫି ସପ୍ ରେ ଆଲୋକ ମିତାଙ୍କୁ ବିଜନ ସହିତ ଏକାଠି ବସି କଫି ପିଇବାର ଦେଖି ଅଗ୍ନି ବର୍ଷଣ କରି ଦେଇଥିଲେ । ତୁ ତା ଠୁ ଆରମ୍ଭ କରି ଯେତେ ସବୁ କୁଶବ୍ଦ, କୁଭାଷା ଥିଲା ଓଡିଆ ଶବ୍ଦକୋଷରେ କିଛି ଛାଡି ନଥିଲେ । ମିତାଙ୍କୁ ବୁଝେଇବାକୁ ସମୟ ବି ଦେଇ ନଥିଲେ । ବିବାହ ତ ଭାଙ୍ଗି ଦେଇଥିଲେ ନା ଫୋନ ଉଠେଇ ଥିଲେ ନା ଇ ମେଲ୍ର ଉତ୍ତର ଦେଇଥିଲେ।

ତା ପରଠୁ ମିତାର ବିବାହ ଉପରୁ ଭରଷା ଉଠି ଯାଇଥିଲା । ସେ ବିବାହ କରି ନଥିଲେ କି ଆଲୋକର କୌଣସି ଖବର ରଖି ନଥିଲେ । ଆଜି ହଠାତ୍ ଏ ଭଦ୍ରୋଚିତ କଥାବାର୍ତ୍ତା ସହିତ ଏ ଅମାୟିକ, ଆତ୍ମୀୟତା ପୂର୍ଣ୍ଣ ବ୍ୟବହାର ! ହସ ମାଡିଥିଲା । ରାତି ସାରା ହସିଥିଲେ ମିତା କିନ୍ତୁ କାନ୍ଦି ନଥିଲେ । ସେଦିନ ବିଜନ୍ ସହିତ ତାଙ୍କର ବଜାରରେ ଦେଖା ହୋଇଥିଲା

ISSN NO.
2582-208X

ସତ ଏବଂ ବିଜନଙ୍କ ସହିତ ମିଶି ସେ କଫି ପିଇଥିଲେ ସତ କିନ୍ତୁ ଆଲୋକ ଯାହା ଭାବିଥିଲା ତା ସତ ଆଦୌ ନଥିଲା । ମିତା ତଙ୍କାର ଓ ଆଲୋକଙ୍କର ବିବାହକୁ ନିମନ୍ତ୍ରଣ ଜଣେଇଥିଲା ବେଳେ ବିଜନ୍ କହିଥିଲେ ସେ ଆସି ପାରିବନି ତାଙ୍କ ମାଙ୍କର ଗଲା ମାସରେ ମୃତ୍ୟୁ ହୋଇ ଯାଇଛି । ସେ ବର୍ଷକ ପର୍ଯ୍ୟନ୍ତ କୌଣସି ଶୁଭ କାମରେ ଯୋଗ ଦେଇ ପାରିବେନି । ଆଖି ଛଳ ଛଳ କରି କହିଥିଲେ ବିଜନ୍ । ତାଙ୍କୁ ସାନ୍ତନା ଦେବା ପାଇଁ ଅତିକମରେ କପେ କଫି ପାଇଁ ନିମନ୍ତ୍ରଣ କରିଥିଲେ ମିତା, ଭୋଜିଭାତ ନହେଲା ନାହିଁ । ବାଶ୍ ଏତିକି ।

ସେମାନଙ୍କୁ ଏକାଠି ଦେଖି ରାଗରେ ଜଳି ଯାଇଥିଲେ ଆଲୋକ । ହଁ ସେ ଟିକେ ବିଜନର ବହୁତ ନିକଟରେ ବସି ଯାଇଥିଲେ । କିଛି ଅନ୍ୟ ଉଦ୍ଦେଶ୍ୟ ନଥିଲା କେବଳ ସମବେଦନା ଦୃଷ୍ଟିରୁ । ସହ୍ୟ କରି ପାରି ନଥିଲେ ଆଲୋକ ସେଦିନ । ଯୋଉ ଚରିତ୍ରହୀନାର ସାର୍ଟିଫିକେଟ ଟା ଦେଇ ଯାଇଥିଲେ ଅଶ୍ଳିଳ ଶବ୍ଦ ଉଚାରଣ କରି ମନେ ରଖିଛନ୍ତି ମିତା ଏ ଯାଏ । ଭୁଲି ନାହାଁନ୍ତି କି ଭୁଲିବେ ନାହିଁ ଏ ଜୀବନରେ ।

ମାସକ ପରେ ଝିଅକୁ ଧରି ଆଲୋକ ଆସିଥିଲେ କିଛି ମିଠା କିଛି ଫଳ ଫୁଲ ତୋଡା ଧରି । କହିଥିଲେ ଝିଅର କିଛି କୋଭିଡ ଲକ୍ଷଣ ଦେଖା ଦେଇଥିଲା । ଏବେ ସେ ଭଲ ଅଛି । ଟିକେ ଦୁର୍ବଳ ଅଛି । ତାଙ୍କ ସ୍ତ୍ରୀ ପାଞ୍ଚ ବର୍ଷ ତଳୁ ଚାଲି ଯାଇଛନ୍ତି । କିଛି ପ୍ରତିକ୍ରିୟା ଦେଖାଇ ନଥିଲେ ମିତା । କିଛି ସାନ୍ତ୍ୱନାପୂର୍ଣ୍ଣ ବା ସମବେଦନାର ଭାଷା ଆଶା ରଖୁଥିଲେ ଆଲୋକ ମିତାଙ୍କ ଠାରୁ ହୁଏତ, କିନ୍ତୁ ସେପରି କିଛି ମିଳି ନଥିଲା ।

କିନ୍ତି ତା ପରଠୁ ଆଲୋକ ଅନେକ ଥର ମିତାଙ୍କ ଘରକୁ ଆସିଛନ୍ତି । କିଛି ବାର୍ତ୍ତାଳାପ କିଛି ଖାଦ୍ୟ ପେୟରେ ଆପ୍ୟାୟିତ କରିଛନ୍ତି ମିତା । ବେଳେ ବେଳେ ଆଲୋକ ବି ହୋଟେଲରୁ ଖାଦ୍ୟ ଧରି ଆସି ଯାଆନ୍ତି ଏକାଠି ବସି ଖାଇବାକୁ । ଲାଗେ କିଛି କିଛି କହିବେ କହିବେ ହୋଇ କହି ପାରନ୍ତିନି । ଓଠ ପାଖରୁ ଲେଉଟି ଯା'ନ୍ତି କଥା ଗୁଡାକ । କିଛି ଅନୁମାନ କରନ୍ତି ମିତା କିନ୍ତୁ କୌଣସି ପ୍ରୋତ୍ସାହନ ଦିଅନ୍ତି ନାହିଁ କହିବାକୁ ବା ଶୁଣିବାକୁ । ଭଙ୍ଗା ଡୋରରେ ଗଣ୍ଠି ପକାଇ ଯୋଡିବାର ଚେଷ୍ଟାକୁ ଦେଖି ହସ ଲାଗେ ମିତାଙ୍କୁ । ସଫଳ ହେବେ ନାହିଁ ଆଲୋକ ସେ ଜାଣନ୍ତି ।

ISSN NO.
2582-208X

କିଛି ଦିନ ପରେ ଏକ ଇ ମେଲରେ ମିତାଙ୍କୁ ବିବାହ ପ୍ରସ୍ତାବ ପଠେଇଥିଲେ ଆଲୋକ । କୌଣସି ଉତ୍ତର ଦେଇ ନଥିଲେ ମିତା । ଥରେ ଠିକିଛନ୍ତି, ଥରେ ପ୍ରତାରଣାର ଶୀକାର ହୋଇଛନ୍ତି ଆଉ ନୁହେଁ । ସେ ଜଖମ ଏ ଜନ୍ମରେ ଭୁଲିବାର ନୁହେଁ । ଜଣେ ଛୁଆର ବାପ ସହିତ ବିବାହ ! କାହିଁକି ! ଏ ଜୀବନ ତ ଏମିତି ଖୁସିରେ ଚାଲିଛି ।

ରଚେଷ୍ଟର, ମିନେସୋଟା, ଆମେରିକା

ISSN NO.
2582-208X

# ଜାଣି ବି ଅଜଣା



ସସ୍ମିତା ମହାପାତ୍ର

ନିଦ୍ରା ରତ ନେତ୍ରେ ଅନୁଭୂତି ଶତଶତ
ଦିବା ଲୋକ ତାକୁ ନେଇଯାଉଛି ଛଡେଇ,
ନୂତନତାର ପଥ ଅନୁସରଣେ
ସଭ୍ୟତାର ଚିହ୍ନକୁ ଦେଉଛି ଭୁଲେଇ !!

ଉପରୁ ଚାକଚକ୍ୟ
କିନ୍ତୁ ଅନ୍ତରରେ ନୀରବ ଆଲୋଡନ,
ହସ ହସ ମୁଖ ସନ୍ଧିରେ
ମଣିଷ ଆଜି ବିଷର୍ଣ୍ଣ ବଦନ !!

ଆଃ! ନିର୍ବୋଧ ମାନବ
ସୁଖର ସନ୍ଧାନେ ଆଜି ଯୁଦ୍ଧର ମୁହାଣେ,
ଆପଣା ପର ଭୁଲି
କେବଳ ବ୍ୟସ୍ତ ରାଜସ୍ୱ ବିସ୍ତାରରେ !!

ଧନ ଜନ ମନ
କିଛି ରହିବନି ମାନବ ଜୀବନରେ
ଜାଣି ମଧ୍ୟ ଅଜଣା
ସମଗ୍ର ସତ୍ତା ଏବେ ବିନାଶର ପଥରେ !!

ଭୁବନେଶ୍ୱର

ISSN NO.
2582-208X



# ଓଡ଼ିଆ ଭାଷା ସଂସ୍କୃତି

ପ୍ରମୋଦିନୀ ମହାପାତ୍ର

ରାଇଜ ଆମର ଅଟେଇ ଓଡ଼ିଶା
ଭାଷା ଅଟଇ ଓଡ଼ିଆ ,
ମାତୃଭାଷା ଆମ ଅତୀବ ମଧୁର
ମହୁ ଠାରୁ ମିଠା ଯାହା ।
ଘୋର ଦୁର୍ଦ୍ଦିନରେ ଫକିର ମୋହନ
ଭାଷାକୁ ଥିଲେ ବଞ୍ଚାଇ ,
ବ୍ୟାସକବି ବୋଲି ଉପାଧି ପାଇଲେ
ଅକ୍ଲାନ୍ତ ପ୍ରୟାସ ପାଇଁ ।
ସାରଳା ଦାସଙ୍କ ମହାଭାରତରେ
ଫୁଟିଛି ମହତ୍ତ୍ୱ ଏହା,
ପଞ୍ଚସଖା ଯୁଗେ ଲେଖାଗଲା ପୋଥି
ଆଜିବି ବିଖ୍ୟାତ ଯାହା ।
ରାମାୟଣ ପୁଣି ମହାଭାରତଯେ
ଆମ ଭାଷାରେ ଲିଖିତ ,
ଘରେ ଘରେ ପଢ଼ା ହେଉଅଛି ତାହା
ଓଡ଼ିଶାର ଭାଗବତ ।


ISSN NO.
2582-208X

ଅଭିମନ୍ୟୁ ଦୀନ  କୃଷ୍ଣ କବିସୂର୍ଯ୍ୟ
ଉପେନ୍ଦ୍ର ଯେ ଗଙ୍ଗାଧର,
ଭାରତୀ ଚରଣେ  ନିବେଦନ କଲେ
ରଚନାବଳୀ ନିଜର ।
ବଇଷ୍ଣବ ପାଣି  ବମମାଳୀ ଦାସ
ରଘୁନାଥ ହରିଚନ୍ଦନ,
ଓଡ଼ିଆ ନାଟକ  ଲୋକପ୍ରିୟ କଲେ
କରିଣ ବହୁ ଯତନ ।
ଦିନୁ ଦିନ ଭାଷା  ହେଉଛି ମାର୍ଜିତ
ହେଉଛି ତାର ଉନ୍ନତି,
ଉନ୍ନତି ଦିଗରେ  ଅଗ୍ରସର ହେଉ
ଲେଖକ କବିଙ୍କ ଜ୍ୟୋତି ।
ଭାଷା ଉନ୍ନତିରେ  ରାଜ୍ୟର ଉନ୍ନତି
ଉନ୍ନତି ଆମର ଜାଣ,
ସେହି ଦିଗେ ସର୍ବ  ପ୍ରୟାସ ଆମର
ଜାରି ରହୁ ପ୍ରାଣପଣ ।

କୁଲୁଥକାନ, ଆନନ୍ଦ ନଗର
ସମ୍ବଲପୁର ୭୬୮୦୦୧

ISSN NO.
2582-208X

# ବାୟାର କି ଯାଏ ଆସେ



ବିନୟ ମହାପାତ୍ର

ଦିନ ଦିପହରେ
ଧୁ ଧୁ ଅଗ୍ନିବର୍ଷି ଖରା ହେଲେ
ବାୟାର କି ଯାଏ ଆସେ,
ସଂଧ୍ୟାରେ ମୁଷଳ ଧାର ମେଘ ବରଷିଲେ
ବାୟାର କି ଯାଏ ଆସେ ।
ଜୀବନରେ ଆମ୍ପାନ, ଫନି ବାତ୍ୟା
କରୋନା ମହାମାରୀ ଯେବେ ଆସେ
କିଛି ବଡ ବଡିଆଙ୍କର
ପକେଟ ସିନା ଗରମ ହୁଏ
ହେଲେ, ନିରିହ ଜନତା,
ଦୁର୍ଦ୍ଦଶାରେ ମଲେ କି ବଞ୍ଚିଲେ
ନେତାର କି ଯାଏ ଆସେ ?
ଏ ଜୀବନ ଏଇମିତି ଚାଲି ଥାଏ
କେବେ ଅଂଶୁଘାତେ ଦେହ ଜଳି ଗଲେ
ଦେହରେ ବରଫ ଘସି
ପୁଣି ପତଙ୍ଗ ପରି ଆଉ ଥରେ,

ISSN NO.
2582-208X

ଜ୍ୱଳନ୍ତ ଅଗ୍ନିରେ ଝାସ ଦେଇ ଦିଏ ।
କେବେ ବର୍ଷାରେ ଭିଜି ଗଲେ
ଥରେ ନିଜକୁ ଝାଡି ଝୁଡି ନିଏ
ସେଇ ଓଦା ସର ସର ଦେହରେ
ପୁଣି ଆଗକୁ ମାଡି ଚାଲେ ।
କରୋନାର ଚିନ୍ତା ନାହିଁ
ପେଟ କଥା କରୋନା କି ଜାଣେ,
ବୈଶାଖର ଦିନ ଦି'ପହରେ
କେତେ ଜୋଡା ଉଲଗ୍ନ ପାଦ
ଡହ ଡହ ତରଳା ଲାଭାରେ
ରାସ୍ତାର ଦୈର୍ଘ୍ୟ ମାପୁ ଥାଏ ।
କେତେ ମଲେ,
କେତେ ଘରେ ପହଞ୍ଚିଲେ
ସେ ହିସାବରୁ କଣ ବା ମିଳେ
ଏ.ସି ବଖରାରେ ବସି, ମଉଜରେ ମସଗୁଲ
ନେତାର କି ଯାଏ ଆସେ ?
ଛୁଆଙ୍କ ପେଟର ଚିନ୍ତା
ବାଇଆର ନିଦ ଭାଙ୍ଗି ଦିଏ,
କେବେ ଯଦି ମହାବାତ୍ୟା ଉଡାଇ ନିଏ
ଲଣ୍ଡା ବର ଗଛ ଡାଳେ ଲଟକାଇ ଦିଏ
ତେବେ ବି ଏ ନିଲଠା ଜୀବନ
ବଞ୍ଚିବାର ନୁଆ ରାହା ଖୋଜି ନିଏ ।
କେବେ ବ୍ୟାଣ୍ଡେଏଡ ଖୋଜେ
କେବେ ସରକାରୀ ହସପିଟାଲରେ

ISSN NO.
2582-208X

ଗଜ ଗଜ, ଗଜକନାରେ
ହୃଦୟର ଘାଆରେ ପଟି ବାନ୍ଧି ଦିଏ ।
ତଥାପି ଜୀବନ ଥକେନି,
ନେତାଙ୍କର ମିଥ୍ୟା ଆଶ୍ୱାସନା
ବିରୋଧୀଙ୍କ ଅଗ୍ନିବର୍ଷି ବାଣ
ମାଇକ ଫଟାଇ ପବନରେ ମିଶେ,
କିଛି ଏ କାନରେ ପଶେ,
କିଛି ଆର କାନେ ବାହାରି ଯାଏ
ନେତାଙ୍କର ମିଥ୍ୟା ପ୍ରତିଶୃତିରୁ
ଦୁସ୍ଥ ଜନତାକୁ କଣ ବା ମିଳେ ?
ମହାମାରୀ କରାଳ ମୁଖରୁ
ବଞ୍ଚିବାକୁ ନିରିହ ମଣିଷ ଘରମୁହାଁ ହୁଏ,
କିଛି ଦୁର୍ଗମ ପଥେ, ବଳି ଚଢି ଯାଏ
କଛି ମହାମାରୀ ପ୍ରବଳ ବନ୍ୟାରେ
କୁଟା ଖିଅ ପରି ଅନାୟାସ ଭାସି ଯାଏ ।
ବାକି କିଛି ବଞ୍ଚି ଗଲା ପରେ ବି
ବିକଟ କ୍ଷୁଧାର ମୁଖରୁ
ଉଦ୍ଧାରର ବାଟ ଖୋଜୁ ଥାଏ ।
କୋଟି କୋଟି ଟଙ୍କା
ଯୋଜନାର ଅର୍ଥରେ ମାଛ ଚାଷ ହୁଏ,
ମାଛ ସବୁ କେଉଟର ଜାଲରେ ଅଟକି ଯାଏ
କ୍ଷୁଧାର୍ଥ ଜନତାର ପେଟ,
ଭାଷଣରେ ପୁରି ଯାଏ ।
ମାଟିପୁଅ ଭିଟାମାଟି ଛାଡି

ISSN NO.
2582-208X

ପୁଣି ଥରେ ଦାଦନକୁ ଫେରେ,
ନେତା ଏଠି ଯୋଜନାର ନକ୍ସାରେ ବ୍ୟସ୍ତ
ଜନତାର କଥା, ସତେ କିଏ ଭାବେ
କେତେ ଗଲେ କେତେ ମଲେ
ନେତାର କି ଯାଏ ଆସେ ?
କେହି ଏଠି ନିଜର ନୁହେଁ
ସମସ୍ତେ ଯେ ନିଜ ପେଟ ପାଟଣାରେ ବ୍ୟସ୍ତ,
କାହା ପେଟ, ମୁଠାଏ ଭାତରେ ପୁରେ
କାହା ପେଟ ମହଣ ମହଣ ଖାଇ,
ସେଇମିତି ଭୋକିଲା ରହି ଯାଏ ।
ତଥାପି, ଏ ଜୀବନ ଚାଲି ଥାଏ,
ବାତ୍ୟା ପରେ କାହାକୁ
ମୁଠାଏ ସୁଖିଲା ନାଲି ଚୁଡା ମିଳେ,
ଆଉ କାହା ଘରେ
ଘିଅ ମହୁର ବନ୍ୟା ଆସି ଯାଏ ।
ଦୁନିଆ ଯେ ଏମିତି ଚାଲିଛି
ଦୁଃଖ ଯେତେ କାହାକୁ ଜଣାଇବ
ଦୁନିଆରେ ସମସ୍ତେ ତ ଦୁଃଖି,
ସଂସାରରେ ଦୁଃଖ ବଢିଲେ କି କମିଲେ
ବାୟାର କି ଯାଏ ଆସେ ।

ପଟିଆ, ଭୁବନେଶ୍ୱର

ISSN NO.
2582-208X

# ଦାୟିତ୍ୱବୋଧ



ସଂଯୁକ୍ତା ସାହୁ

ସତରେ, ଏ ଜୀବନଟା ଭାରି ବିଚିତ୍ର
ଅଙ୍କା ବଙ୍କା ଭରା ଜୀବନର ରାସ୍ତା
କେଇ ଦିନର କୁଣିଆ ଏହା ନିରାଟ ସତ୍ୟ ।
ପ୍ରତ୍ୟେକ ଜୀବ ଜଗତ ପ୍ରାଣୀ ପାଇଁ
ଜୀବନ କାଳରେ ଥାଏ ଦାୟିତ୍ୱବୋଧ
ଚାଲେ ସେ ନିର୍ବିଘ୍ନରେ ପଛକୁ ନ ଚାହିଁ ।
ସମୟର ତାଳେ ତାଳେ ପରିବର୍ତ୍ତନ ହୁଏ
ବିଭିନ୍ନ ଦାୟିତ୍ୱବୋଧର ଦସ୍ତାବିଜମାନ
ଚାପି ହୋଇ ଅସହାୟତା ଭୋଗୁଥାଏ ।
ତଥାପି ତା ପାଖ ଛାଡି ଯାଏନି ଦାୟିତ୍ୱର
ଯେତେ ସବୁ କର୍ତ୍ତବ୍ୟ ବୋଧ ନେଇ
ଯୁଝୁଥାଏ, କ୍ଷତାକ୍ତ ହେଉଥାଏ ବାରମ୍ବାର ।
ଭାଗ୍ୟ ଓ ବିଡ଼ମ୍ବିତ ଅନ୍ଧ ଭବିଷ୍ୟତ ଥାଏ
କାହା ପାଇଁ କିଏ ବଞ୍ଚିବାକୁ ଦାୟିତ୍ୱ ନେଇ
ମାୟା ମୋହରେ ପଡିବାକୁ ବାଧ୍ୟ ହୁଏ ।
ଆରମ୍ଭରୁ ଦାୟିତ୍ୱବୋଧରେ ଜଗତ ଚାଲିଛି
ଯିଏ ଯାହା କରିବାର ସାମର୍ଥ୍ୟ ଥାଏ
ତାକୁ ତ ପରିସ୍ଥିତି ନେବାପାଇଁ ଖଞ୍ଜିଛି ।

ଗ୍ରାହାମା, ଜଗତସିଂହପୁର

ISSN NO.
2582-208X

# ଘୋଡା ଦୌଡ



ଡକ୍ଟର ବିଜ୍ଞାନୀ ଦାସ

ଏ ସମୟର ଜୀବନ ଯେମିତି ଏକ ଘୋଡାଦୌଡ । ସମସ୍ତେ କେମିତି ଏକ ପ୍ରଲୋଭନ ପଛରେ ଦୌଡୁଛନ୍ତି । ଆଗରେ ରହି କେହି ଜଣେ ସେ ଲୋଭନୀୟ ବସ୍ତୁ ଧରି ଡାକ ଛାଡିଛି, "ଆସ ଆସ । ଦୌଡି ଆସ । ଯେତେ ଶୀଘ୍ର ତୁମେ ଦୌଡିପାରିବ, ସେତେ ଶୀଘ୍ର ତୁମେ ଏ ପ୍ରଲୋଭନର ବସ୍ତୁ ନିକଟରେ ପହଞ୍ଚି ପାରିବ । ଯଦି ଗତି ଧୀର କରିଦେଲେ, ତେବେ ତୁମ ଆଗରୁ ଆଉ କେହି ଆସି ଏ ପଦାର୍ଥ ନିଜ ଅକ୍ତିଆରକୁ ନେଇଯିବ ।' ସେଇଭଳି ପ୍ରଲୋଭନରେ ଦୌଡୁଥିଲେ ସେମାନେ; ଅଙ୍କିତ୍ ଓ ଅର୍ଚ୍ଚନା । ଛୋଟବେଳୁ ହିଁ ସେମାନଙ୍କ ପିତାମାତାଙ୍କର ଗୃପ, ସ୍କୁଲ୍ ରେ ଭଲ ପଢିବା ଦରକାର । ଶ୍ରେଣୀରେ ପ୍ରଥମ ହେବା ଦରକାର । ବକ୍ତୃତା ପ୍ରତିଯୋଗିତାରେ ପ୍ରଥମ ହେବା ଦରକାର । ସଙ୍ଗୀତ ପ୍ରତିଯୋଗିତାରେ ପ୍ରଥମ ହେବା ଦରକାର । ରଚନା ପ୍ରତିଯୋଗିତାରେ ପ୍ରଥମ ହେବା ଦରକାର । ଏମିତି ଝୁଙ୍କ ଲାଗିଥିଲା ସେମାନଙ୍କ ମନରେ କି ସେମାନେ କେବଳ ପ୍ରଥମ, ପ୍ରଥମ, ପ୍ରଥମ ସେଇ ନିଶାରେ ଦୌଡୁଥିଲେ । ଜିତିଥିଲେ ଅନେକ ଥର । କେବେକେବେ ଦ୍ୱିତୀୟ ହେଲେ, ପ୍ରଶ୍ନ ଆସୁଥିଲା, "ଏମିତି ତ ହେବାର ନୁହେଁ । ଏମିତି କାହିଁକି ହେଲା ?' ତାପରେ ଆହୁରି ଗୃପ । ତାଲିମ୍ ଦେବା ପାଇଁ ସ୍ୱତନ୍ତ୍ର ଶିକ୍ଷକ ନିଯୁକ୍ତ । ଏମିତି କେତେ କଣ ?

ଅର୍ଚ୍ଚନା ପ୍ରଥମେ ପ୍ରଥମେ ଯୁକ୍ତି କରୁଥିଲା । "ଯଦି ବାଲେଟ୍ ନାଚ ଶିଖୁଚ ତ ସେଇଟା ଶିଖିବି। ମୁଁ ତେବେ ଭରତନାଟ୍ୟମ୍ କାହିଁକି ଶିଖିବି ।' ମା' କହୁଥିଲେ, "ଏତେ ଅଳସୁଆଟା

ISSN NO.
2582-208X

ତୁ ? ଦେଖୁଛୁ ତ ମହାନ୍ତ ବାବୁଙ୍କ ଝିଅକୁ । କଣ ନ କରୁଥିଲା ସିଏ । ବାଲେଟ୍, ଭରତନାଟ୍ୟମ୍ ସାଙ୍ଗକୁ ଓଡିଶା ଯାଇ ଓଡିଶୀ ବି ଶିଖୁଥିଲା । ତା' ସାଙ୍ଗକୁ ଡାକ୍ତର ହେଲା । କଣ କମ କଥା । ଆଉ ତୁ ଏବେଠାରୁ ଏତେ ଅଳସୁଆ ପଣ ଦେଖାଉଛୁ ।'

ଅର୍ଚ୍ଚନା କହୁଥିଲା, "ସିଏ ସିଏ, ମୁଁ କାହିଁକି ତାଙ୍କ ଭଳ ହେବି ? ମୁଁ ମୋ ଭଳ ହେବି । ମତେ ଯାହା ଭଲଲାଗିବ ସେଇଟା କରିବି । ଜୋର ଜବରଦସ୍ତ କଛି କରିବିନ ।'

ବାପା ଶୁଣି ଦେଇଥିଲେ । କହିଲେ, "ଅର୍ଚ୍ଚୁ, ଇଏ ସବୁ ସଙ୍ଗ ଦୋଷ । ଏମିତି କଥା ତୁ କାହାଠାରୁ ଶିଖୁଛୁ ? ମଣିଷ ମନ ସବୁବେଳେ ନମ୍ନଗାମୀ । ତାଙ୍କୁ ଜୋର ଜବରଦସ୍ତ ନକଲେ, ସମସ୍ତେ ବେକାର ହେଇ ବୁଲିବେ । ଖାଲି ଖାଇବେ, ପିଇବେ, ଅୟସ କରିବେ, ଟିଭି ଦେଖିବେ; କେହି କଛି କାମ କରିବେନ । ଏମିତି ହେଲେ, ଏ ସଂସାର ତିଷ୍ଠିବ କେମିତି ? ସମସ୍ତେ ଖାଲି ମଉଜ କରିବେ । ହେଲେ ସେ ମଉଜ ପାଇଁ ଅର୍ଥ, ଆଉ ସରଞ୍ଜାମ ଆସିବ କୋଉଠୁ ?'

ଏମିତ ଘରେ ଅନେକ ଯୁକ୍ତି ତର୍କ ହୁଏ । ଅଙ୍କିତ୍ କେବେ ଯୁକ୍ତି କରେନି । ପ୍ରତିଦ୍ୱନ୍ଦିତା କରିବା ଯେମିତି ତା'ର ସଉକ୍ । ତାକୁ ପ୍ରତିଦ୍ୱନ୍ଦିତା କରିବାକୁ ଭଲଲାଗେ । ସିଏ ଯେଉଥିରେ ପଶେ, ସବୁଥିରେ ଆଗରେ ରହେ । ବାପା, ମା' ତାକୁ ବହୁତ ଗେହ୍ଲା କରନ୍ତି । ସାଙ୍ଗସାଥୀ ଦେଖାହେଲେ, ଅଙ୍କିତ୍କୁ ନେଇ କେତେ ବଡବଡ କଥା କହନ୍ତି । "ଅଙ୍କିତ୍ ଏଥର କ୍ଲାସ୍ ଚଂପିଆନ୍ ହେଲା । ଅଙ୍କିତ୍ର ପ୍ରୋଜେକ୍ଟ୍ ନାସା ବୈଜ୍ଞାନିକଙ୍କ ଦ୍ୱାରା ପ୍ରଥମ ବିବେଚିତ ହେଲା । ଅଙ୍କିତ୍ ସ୍ପେଲିଙ୍ଗ୍ ବି ରେ ପ୍ରଥମ ହେଲା ।'

ଅର୍ଚ୍ଚନା ଅଙ୍କିତ୍ ଠାରୁ ପାଞ୍ଚ ବର୍ଷ ସାନ । ଛୋଟ ଥିବାବେଳେ ବାପା, ମା'ଙ୍କ ଚାପରେ ସବୁ ଠିକ୍ଠାକ୍ କରୁଥିଲା । ବାପା, ମା' ମଧ୍ୟ ତାକୁ ନେଇ ଅନେକ ଗର୍ବ ପ୍ରକାଶ କରୁଥିଲେ । ହେଲେ କଲେଜରେ ସିଏ ନିଜକୁ ସ୍ୱାଧୀନ କରିବାକୁ ଚେଷ୍ଟାକଲା । ମେଡିକାଲ୍ ପଢିବାର ଲକ୍ଷ୍ୟ ନେଇ ତ କଲେଜରେ ପଶିଥିଲା । କନ୍ତୁ ସବୁ କୋର୍ସ ବଦଳେଇଦେଲା । ପଢିଲା ପବ୍ଲିକ୍ ପଲିସି । ବାପା, ମା' ଅନେକ ଦୁଃଖ ପ୍ରକାଶ କଲେ । ପବ୍ଲିକ୍ ପଲିସି ପଢିବାଟାକୁ ସେମାନେ ଅର୍ଚ୍ଚନାର ବିଫଳତା ବୋଲି ଧରିନେଲେ । ତେବେ ସେମାନେ ପୁଅର ସଫଳତା

ISSN NO.
2582-208X

ନେଇ ଅନେକ ଖୁସି ଥିଲେ । ତେଣୁ ଅର୍ଚ୍ଚନାର ବିଫଳତା, ସେମାନଙ୍କ ମନରେ ଯେଉଁ କ୍ଷୋଭ ସୃଷ୍ଟି କରିଥିଲା, ସେଇଟା ଅଙ୍କିତ୍ ପାଇଁ ସନ୍ତୁଳତ ହୋଇ ରହିଲା ।

ଅର୍ଚ୍ଚନା ନିଜ ଜୀବନରେ ଖୁସି । ପବ୍ଲିକ୍ ପଲିସିରେ ସିଏ ଏତେ ଭଲ କଲା ଯେ, ଦୁଇ ବର୍ଷ ଅକ୍ସଫୋର୍ଡରେ ପଢିବା ପାଇଁ ତାକୁ ବୃତ୍ତି ମିଳିଲା । କଲେଜର ତୃତୀୟ ଚତୁର୍ଥ ବର୍ଷ ସିଏ ଅକ୍ସଫୋର୍ଡ ଚାଲିଗଲା ପଢିବା ପାଇଁ । ସେଇଠି ଭେଟିଲା ଜଣେ ବ୍ରିଟିଶ୍ ଓଡିଆ ଛାତ୍ର ଅଭିନବ ମହାନ୍ତିଙ୍କୁ । ପ୍ରେମ ହୋଇଗଲା । ଚତୁର୍ଥ ବର୍ଷ କଲେଜ ଶେଷ କରିବା ପରେ ସେମାନେ ବିବାହ ମଧ୍ୟ କଲେ ଓ ସେଇଠି ଉଭୟ ପି.ଏଚ୍.ଡି ମଧ୍ୟ ସମାପ୍ତ କଲେ । ଏବେ ଉଭୟ ବଡ ବଡ ଫାର୍ମରେ କାର୍ଯ୍ୟରତ ।

ଅଙ୍କିତ୍ କିନ୍ତୁ ତଥାପି ଦୌଡୁଥିଲା । ମେଡିକାଲ୍ ପାଠ ଶେଷ ପରେ ରେସିଡେନ୍ସି; ରେସିଡେନ୍ସି ପରେ ଫେଲୋସିପ୍, ତାପରେ ତାକୁ ଗୋଟିଏ ଭଲ ହସ୍ପିଟାଲ୍ ରେ ଚାକରି ମିଳିଗଲା । ଫୋନ୍ କରି ଅର୍ଚ୍ଚନା କହେ, "ଭାଇ, ଆଉ କେତେ ଦୌଡିବୁ । ଏବେତ ଚାକରି ହେଲା । ବାହା ହୋଇଯା । ଗୋଟିଏ ଜୀବନସାଥୀ ବାଛେ । ଜୀବନରେ ଟିକେ ଉପଭୋଗ ତ କର ।'

ଅଙ୍କିତ୍‌କୁ କିନ୍ତୁ ସମୟ ନାହିଁ । ସିଏ ରୋଗୀ ଦେଖିବା ସହିତ ଗବେଷଣା ମଧ୍ୟ କରୁଛି । ଜୀବନରେ ଶିଖିବାର ଯେମିତି ଅନ୍ତ ନାହିଁ । ସେ ଶିଖିବା ଭିତରେ ଆଉ କା' ସହିତ ସଂପର୍କ ଗଢିବା ପାଇଁ ସମୟ କେଉଁଠୁ ଆସିବ ଯେ ? ଏବେ ବାପା, ମା' ଅନେକ ପ୍ରସ୍ତାବ ଆଣନ୍ତି । ଅଙ୍କିତ୍‌କୁ ପଚାରନ୍ତି । ଅଙ୍କିତ୍ ସମୟ ନଥିବାର କାରଣ ଦେଖେଇ ସେସବୁ ଏଡେଇ ଦେଇଯାଏ ।

ଏବେ ଅଙ୍କିତ୍‌କୁ ପଇଁଚାଳିଶି ବର୍ଷ ହେବ । ବାପା, ମା' ଙ୍କ ମନରେ ଛନକା ପଶିଲା । ପୁଅଟା ଆଉ ଅଭିଆଡା ହୋଇ ରହି ଯିବନି ତ ?

ଅର୍ଚ୍ଚନାର ଦୁଇଟି ପୁଅ, ଝିଅ; ସମ୍ଭବ ଓ ସମ୍ଭାବନା । ଏଇ ନାମ ଦୁଇଟି ତାର ଶାଶୁ ବାଛିଛନ୍ତି । ଏବେ ସମ୍ଭବକୁ ୧୩ ବର୍ଷ; ସମ୍ଭାବନାକୁ ୧୦ । ସେମାନେ ଯେବେ ଅଜା,

ISSN NO.
2582-208X

ଆଇଙ୍କ ପାଖକୁ ଆସନ୍ତୁ, ଅଜା, ଆଇ ବେଳେବେଳେ ଅଭ୍ୟାସ ବଶତଃ ସବୁ ଖିଖିବୁ, ସବୁ ଜାଣିବୁ, ସବୁଥିରେ ପ୍ରଥମ ହେବୁ ଉପଦେଶ ଦିଅନ୍ତୁ । ଅର୍ଚ୍ଚନା କଛି କହେନାହିଁ । କେବଳ ହସିଦିଏ । ଏବେ ଦୁଇବର୍ଷ ହେଲା କନ୍ତୁ ବାପା, ମା' କାହିଁକ ସେମିତି କଛି କହୁନାହାନ୍ତୁ । ଅର୍ଚ୍ଚନା ଏମିତିରେ ଥରେ ପଗ୍ଭରିଦେଲା, "ବାପା, ତମର ଏମିତି ପରିବର୍ତ୍ତନ କେମିତି ହେଲା ? ତମେ ତ ଆଉ ସବୁଥିରେ ସବୁବେଳେ ପ୍ରଥମ ହେବାର ଉପଦେଶ ଦେଉନ । କାହିଁକ ?'

ବାପା କାନ୍ଦକାନ୍ଦ ହୋଇଗଲେ । "ଜାଣେନରେ ମା' । ସେମିତି ସବୁବେଳେ କହିକହି ହୁଏତ ଅଙ୍କିତ୍ ଏମିତି ହୋଇଗଲା । ସବୁବେଳେ ସିଏ ସେ ଉଚ୍ଚଆଶା ପଛରେ ପଡିଲା । ଏବେ ତା' ମୁଣ୍ଡର ପଶିଛି ପୃଥିବୀର ସବୁଠାରୁ ଭଲ ହସ୍ପିଟାଲ୍ ସିଏ ଖୋଲିବ । ସେଥିପାଇଁ ଏମ୍.ବି.ଏ. କୋର୍ସ କଲା । କୋର୍ସରେ ଭଲ ମଧ କଲା । ଏବେ ସେ ହସ୍ପିଟାଲ୍ ପାଇଁ ବିଭନ୍ନ ଯୋଜନା ଗ୍ଭଲିଛି । ସେଥିରେ ତାକୁ ଫୁରୁସତ୍ କାହିଁ ?'

ଅର୍ଚ୍ଚନା ଆଶ୍ଚର୍ଯ୍ୟ ହେଲା । "ହେଲେ ଭ୍ଇ ମୋତେ ତ କଛି କହିନ । ଆମେ ତ ପ୍ରାୟ ମେସେଜ୍ କରୁ; କଥା ହେଉ ।'

ମା' ଉତ୍ତର ଦେଲେ । "ସିଏ କହିବ କଣ ? କୌଣସି ବିଷୟରେ ଶତକଡା ଶହେ ଭ୍ଗ କଛି ସିଦ୍ଧାନ୍ତ ନହେଲେ ସିଏ କଣ କଛି କାହାକୁ ଜଣାଏ ? କେବଳ ତୋ ବାପା ତାକୁ ଗୋଟିଏ ବାହାଘର ପ୍ରସ୍ତାବ ଦେଲେ ଯେ, ସିଏ ଆଡେଇ ଦେଇ ଜଣେଇଲା ହସ୍ପିଟାଲ୍ କରିବାକୁ ବ୍ୟସ୍ତ ଅଛି ବୋଲି । ତା' ସାଙ୍ଗ ଅର୍ଜୁନର ପୁଅ ଏବର୍ଷ କଲେଜ ଗଲା । ତା' ହାଇସ୍କୁଲ୍ ଗ୍ରାଜୁଏସନ୍କୁ ଯାଇଥିଲୁ । ଅଙ୍କିତ୍ ବାହାସାହା ହୋଇଥିଲେ, ତା' ପୁଅ ବି ଆଜି କଲେଜ୍ ଯାଉଥାଆନ୍ତା । ସବୁ ଆମ ଭ୍ଗ୍ୟ ।'

ଅର୍ଚ୍ଚନା ବାପା, ମା'ଙ୍କୁ ବୁଝେଇଲା । ଭ୍ଇ ତ ପ୍ରଥମରୁ ସେମିତି । ଏବେ ହସ୍ପିଟାଲ୍ ନ ହେବା ପର୍ଯ୍ୟନ୍ତ ତାକୁ ତ ନଦ ହେବନ । ସିଏ ନା' ଭଲରେ ଖାଇବ, ନା ଶୋଇବ । ତମେ ବ୍ୟସ୍ତ ହୁଅନ । ମୁଁ ତା' ପଇଁଗ୍ଭଳଶି ବର୍ଷ ଜନ୍ମଦିନରେ ତାକୁ ସର୍‌ପ୍ରାଇଜ୍ ଦେବି ବୋଲି ଯୋଜନା କରିଛି । ପାର୍ଟି ହେବ ଗେଲର୍ଡ ହୋଟେଲ୍ ରେ । ମୁଁ ତାକୁ କହିଛି ମୋ ଗ୍ଭଳଶି

ISSN NO.
2582-208X

ବର୍ଷର ଜନ୍ମଦିନ ପାର୍ଟି ବୋଲି, ଅଭିନବ ଯୋଜନା କରିଛନ୍ତି । ସେଇଠି ତାକୁ ଆମେ ସମସ୍ତେ ବୁଝେଇବା ।'

ଏମିତିରେ ଅଙ୍କିତ୍ ଓ ଅର୍ଚ୍ଚନା ଉଭୟଙ୍କ ଜନ୍ମ ମାସ ଏପ୍ରିଲ୍ । ଅଙ୍କିତ୍‌ର ଏପ୍ରିଲ୍ ୧୪ ତାରିଖ, ପଣା ସଂକ୍ରାନ୍ତି ଦିନ ଜନ୍ମଦିନ । ଅର୍ଚ୍ଚନାର ଏପ୍ରିଲ୍ ୮ ତାରିଖ ଦିନ । ସେମାନେ ଛୋଟ ଥିବା ବେଳେ, ବାପା, ମା' ସେମାନଙ୍କ ଜନ୍ମଦିନ ଗୋଟିଏ ଦିନରେ ପାଳନ କରୁଥିଲେ । ଉଭୟଙ୍କର ସାଙ୍ଗସାଥୀ ଆସୁଥିଲେ ।

ଅର୍ଚ୍ଚନା ଓ ଅଭିନବ ବଡ ପାର୍ଟିର ଯୋଜନା କରିଛନ୍ତି। ସେଥିରେ ସାମିଲ୍ ହେବେ ସେମାନଙ୍କର ପିଲାଦିନର ସାଙ୍ଗସାଥୀ ମାନେ । ସେତେବେଳେ ସେମାନଙ୍କ ପଡୋଶୀରେ ରହୁଥିବା ପରିବାର ସମସ୍ତ । ଅର୍ଚ୍ଚନା ଓ ଅଙ୍କିତ୍‌ଙ୍କର ସମସ୍ତ ସାଙ୍ଗ ପ୍ରାୟତଃ ବିବାହିତ ଓ ସନ୍ତାନ, ସନ୍ତତିଙ୍କର ପିତାମାତା, କେବଳ ଅଙ୍କିତ୍‌କୁ ଛାଡି ।

ଅର୍ଚ୍ଚନା ଦିନ ଗଣୁଛି । ଅଙ୍କିତ୍ କଥା ଦେଇଛି; ତାର ଏକମାତ୍ର ଅଲିଅଳ ଭଉଣୀର ଜନ୍ମଦିନ ସିଏ ଯେମିତି ହେଲେ ଆଟେଣ୍ଡ କରିବ ।

ଗେଲର୍ଡ ହୋଟେଲ୍‌ର ପାର୍ଟି ହଲ୍ ସରଗରମ୍ ହୋଇଉଠିଛି । ଓଡିଆ, ଇଂରାଜୀ ଓ ହିନ୍ଦୀ ଗୀତର ଡିଜେ ବାଜୁଛି । ସମସ୍ତେ ପରସ୍ପରଙ୍କୁ ବହୁତ ଦିନ ପରେ ଭେଟି ଅନେକ ଖୁସି । ଅନେକ ରକମର ଖାଦ୍ୟ ଓ ପାନୀୟ ଭରି ରହିଛି । ସମସ୍ତେ ଗପଶପରେ ମଜ୍ଜିଛନ୍ତି । ରାତି ଆଠଟା ବାଜିଲାଣି । ଅଙ୍କିତ୍ କାହିଁ ? ଅଙ୍କିତ୍‌ର ୬ଟା ବେଳେ ପହଞ୍ଚିବା କଥା । ଦୁଇଘଣ୍ଟା ଲେଟ୍ । ବାପା, ମା, ଅର୍ଚ୍ଚନା ସମସ୍ତେ ଫୋନ୍ କରୁଛନ୍ତି, ଟେକ୍‌ସ୍ଟ୍ କରୁଛନ୍ତି; ହେଲେ ଉତ୍ତର ନାହିଁ ।

ବାପା ଅଙ୍କିତ୍‌ର ଜଣେ ଡାକ୍ତର ସାଙ୍ଗଙ୍କୁ ଫୋନ୍ ଲଗେଇଲେ । ଭାଗ୍ୟକୁ ସେ ସାଙ୍ଗ ଧରିଲା । ଆଉ ଯାହା ଜଣେଇଲା, ବାପା ଶୁଣି ସେଇଠି ସ୍ତବ୍ଧ ହୋଇ ରହିଗଲେ । ଅଙ୍କିତ୍ ହସ୍‌ପିଟାଲ୍ ରେ ଡିଉଟି କରୁଥିଲା । ହଠାତ୍ ପଡିଗଲା । ତା' ମୁଣ୍ଡର ଜୋରରେ ଆଘାତ ଲାଗିଛି । ଏବେ ଆଇ.ସି.ୟୁ ରେ ଅଛି । ବାପା ଅର୍ଚ୍ଚନାକୁ ଜଣେଇ ମା'ଙ୍କ ସହିତ ମିଶି

ISSN NO.
2582-208X

ହସ୍ପିଟାଲ୍ ଅଭିମୁଖେ ଯାତ୍ରା କଲେ । ଜଣେ ସାଙ୍ଗଙ୍କୁ ଅବସ୍ଥା ସମ୍ଭାଳିବାକୁ ଓ ସମସ୍ତଙ୍କ ଖିଆପିଆ ଦାୟିତ୍ୱ ଦେଇ ଅର୍ଚ୍ଚନା ଓ ଅଭିନବ ମଧ୍ୟ ହସ୍ପିଟାଲ୍ ଗଲେ ।

ଭାଇକୁ ଆଇ.ସି.ୟୁରେ ଦେଖି ଅର୍ଚ୍ଚନା ସମ୍ଭାଳି ପାରିଲାନି । ଏଇ ତାର ଭାଇ; ସବୁଥିରେ ସ୍ମାର୍ଟ ଓ ଅଗ୍ରଣୀ । ତା' ସହିତ ରୂପରେ କନ୍ଦର୍ପ ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ । ତାର ପୁଣି ଏମିତି ଅବସ୍ଥା ? "ହେ ଭଗବାନ, ମୋ ଭାଇର କଛି ସିରିୟସ୍ ହୋଇ ନଥାଉ । ସିଏ ଭଲ ହୋଇଯାଉ ।' ଠାକୁରଙ୍କ ପାଖରେ କେତେ ପ୍ରାର୍ଥନା କଲା ଅର୍ଚ୍ଚନା ।

ଅଙ୍କିତ୍‌ର ଜଣେ ସାଙ୍ଗ ଯିଏ କି ସେଇ ହସ୍ପିଟାଲ୍‌ର ଡାକ୍ତର ଓ ଅଙ୍କିତ୍‌ର ଚିକିତ୍ସା କରୁଥିଲେ, ସିଏ ଆସି ଜଣେଇଲେ, "ଅଙ୍କିତ୍ ବହୁତ ପରିଶ୍ରମ କରୁଛନ୍ତି । ରାତି ଅନିଦ୍ରା ରହୁଛନ୍ତି । ଗତ କିଛିଦିନ ହେବ, ସିଏ ଭଲରେ ଶୋଇନଥିଲେ । କଣ ଗୋଟିଏ ବିଷୟରେ ଚିନ୍ତିତ ଥିବାର ଜଣା ପଡୁଥିଲେ । ହୁଏତ ତାଙ୍କ ଶରୀର ସେସବୁ ଚାପ ସହିପାରିଲାନି । ସେଥିପାଇଁ ପଡିଗଲେ କି କଣ ? ମୁଣ୍ଡରେ ଆଘାତ ଲାଗିଥିଲା । ହେଲେ ବ୍ୟସ୍ତ ହେବାର କିଛି ନାହିଁ । ସିଏ ଭଲ ହୋଇଯିବେ । ଭାଗ୍ୟବଶତଃ ଏ ଦୁର୍ଘଟଣା ହସ୍ପିଟାଲ୍ ରେ ଘଟିଲା ଓ ସିଏ ସାଙ୍ଗେସାଙ୍ଗେ ଚିକିତ୍ସା ପାଇଲେ । ତେବେ ତାଙ୍କୁ କିଛିଦିନ ବିଶ୍ରାମ ଦରକାର । ସଂପୂର୍ଣ୍ଣ ବିଶ୍ରାମ । ଆପଣମାନେ ସେତିକି ତାଙ୍କୁ ବୁଝେଇବେ ।'

ଅଙ୍କିତ୍‌କୁ ସୁସ୍ଥ ହେବାକୁ ପାଖାପାଖି ପନ୍ଦର ଦିନ ଲାଗିଗଲା । ସିଏ ହସ୍ପିଟାଲ୍ ରେ ଥିବାବେଳେ ତାକୁ ତା' ସାଙ୍ଗମାନଙ୍କ ସହିତ ସେମାନଙ୍କ ପିଲାମାନେ ମଧ୍ୟ ଦେଖା କରିବାକୁ ଆସୁଥିଲେ । ସେମାନଙ୍କୁ ଦେଖି ସିଏ ଖୁସି ହେଉଥିଲା । ମନରେ ହଠାତ୍ ଧାରଣା ପଶିଲା, "ମୁଁ ତ ପଛରେ ପଡିଯାଇଛି । ଆଗେଇଲି ଆଉ କେଉଁଠି ? ମୋର ସାଙ୍ଗମାନେ ପରିବାର ଗଢ଼ି ସନ୍ତାନ, ସନ୍ତତି ସୃଷ୍ଟି କରିଛନ୍ତି; ସେମାନେ କଥା କୁହନ୍ତି, ସେମାନେ ସୁଖ ଦିଅନ୍ତି; ସେମାନେ ଜୀବନରେ ପୂର୍ଣ୍ଣତା ଆଣନ୍ତି । ହେଲେ ମୁଁ କଣ ପୂର୍ଣ୍ଣ ?'

ଭାବନା ମଝିରେ ପୁଣି ନିଜ ସ୍ୱପ୍ନର ହସ୍ପିଟାଲ୍ କଥା ମନେ ପଡିଗଲା । ସିଏ କାହାକୁ ଫୋନ୍ କରିବାକୁ ଉଦ୍ୟତ ହେଲା । ବାପା ଫୋନ୍ ଛଡେଇ ନେଲେ । କହିଲେ, "ତୁ ଅସୁସ୍ଥ,

ISSN NO.
2582-208X

ନିଜେ ତ ଡାକ୍ତର, ତତେ ଆଉ ବୁଝେଇବି କଣ ? ଏବେ ତୋର ଚିନ୍ତାମୁକ୍ତ ରହିବା ଦରକାର । କିଛିଦିନ ସବୁ କାର୍ଯ୍ୟରୁ ମୁକ୍ତ ରହି ବିଶ୍ରାମ ନେବା ଦରକାର ।'

"ହେଲେ ବାପା, ସେ ହସ୍ପିଟାଲ୍ କଥା ମୁଁ ଯଦି ନ ବୁଝିବି, ସିଏ ବହୁତ ଡେରି ହୋଇଯିବ ଓ ଯାବତୀୟ ଅସୁବିଧା ବାହାରିବ ।'

"ବାହାରୁ । ସେ ଚିନ୍ତା ତୋର ଏବେ କରିବାର ଆବଶ୍ୟକତା ନାହିଁ । ତୋର ଯେଉଁ ସାଙ୍ଗମାନେ ତୋ ସହିତ ସଂଶ୍ଳିଷ୍ଟ ଅଛନ୍ତି, ସେମାନେ ବୁଝିବେ ।'

"ହେଲେ ବାପା, ପାର୍ଥ ମୁଖାର୍ଜୀ ତେବେ ମୋ ଆଗରୁ ତା' ହସ୍ପିଟାଲ୍ ଆରମ୍ଭ କରିଦେବ । ଏବେ ତ ମୋ ଅସୁସ୍ଥତା ନେଇ ସିଏ ଖୁସି ଥିବ । କାରଣ ଏହି ସମୟର ସୁଯୋଗ ନେଇ, ସିଏ ନିଜ ହସ୍ପିଟାଲ୍ ପାଇଁ ଭଲ ଷ୍ଟାଫ୍ ଓ ଡାକ୍ତର ମାନଙ୍କୁ ବାଛି ନିଯୁକ୍ତ ଦେବ ।'

"ହେଲା । ପାର୍ଥ ମୁଖାର୍ଜୀର ହସ୍ପିଟାଲ୍ ଆଗେ ଖୋଲିଯିବ । କଣ ହୋଇଯିବ ତେବେ ?'

"ବାପା, ତମେ ଏମିତି କହୁଛ ? ପାର୍ଥର ହସ୍ପିଟାଲ୍ ପାଖ ସହରର ଫାଷ୍ଟ୍ ହସ୍ପିଟାଲ୍ ହେବ । ମୋ ହସ୍ପିଟାଲ୍ ସେକେଣ୍ଡ । ତମେ ବୁଝୁଛ ତ ?'

"ପାର୍ଥ ତୋ ଠାରୁ ଅନେକ ସବୁ ଜିନିଷରେ ଆଗରେ ଅଛି । ସେକଥା ତୁ ସ୍ୱୀକାର କରିନେ। ତାର ପରିବାର ଅଛି । ତାର ସ୍ତ୍ରୀ ଅଛି ଓ ପନ୍ଦର ବର୍ଷର ଝିଅଟିଏ ଅଛି । ତୋର ପାର୍ଥ ବିଷୟରେ ଭାବିବା ଦରକାର ନାହିଁ । କେବଳ ନିଜ ବିଷୟରେ ଭାବେ ।'

ଅଙ୍କିତ୍ ତଟସ୍ଥ ହୋଇ ବାପାଙ୍କୁ ଚାହିଁରହିଲା ।

ବାପା ପୁଣି କହିଲେ, "ନିଜର କଣ ଦରକାର, ନିଜେ କଣ ଚାହୁଁ, ନିଜର ଖୁସି, ଏବେ ସେ ବିଷୟରେ ଭାବେ । ଅନ୍ୟ ଜଣେ କିଛି କରିଦେଇ ଆଗକୁ ବଢିଗଲା ବୋଲି ପ୍ରତିଦ୍ୱନ୍ଦିତା କରିବାର ବୟସ ଇଏ ନୁହେଁ । କେବଳ ପ୍ରତିଯୋଗିତା ପାଇଁ କୌଣସି କାମ କଲେ

ISSN NO.
2582-208X

ସେଥିରେ ସଫଳତା ମିଳେନ । ଯେଉଁ କାର୍ଯ୍ୟରେ ହୃଦୟ ଜଡିତ ଥାଏ, ସେହି କାର୍ଯ୍ୟ ହିଁ ସଫଳତା ଆଣେ, ସୁଖ ଆଣେ, ପୂର୍ଣ୍ଣତା ଆଣେ ।'

ଅର୍ଚ୍ଚନା ଭାବୁଥିଲା, "ସତରେ ବାପା କେତେ ବଦଳ ଯାଇଛନ୍ତି । ଏ ଯେଉଁ ଦୌଡ ଭାଇ ଦୌଡୁଛି, ବାପା ହିଁ ତ ଶିଖେଇଥିଲେ । ଆଜି କହୁଛନ୍ତି, ସେ ଦୌଡିବା ଭୁଲିଯା । ଜୀବନରେ ଦୌଡିବା ବିନା ଆଉ କିଛିର ଆବଶ୍ୟକତା ରହିଛି ।'

ଭାଇ ଯେବେ ଆସି ଘରେ କିଛିଦିନ ରହିଲା, ଅର୍ଚ୍ଚନା ମଧ୍ୟ ଛୁଟି ନେଇ ଦୁଇ ସପ୍ତାହ ଭାଇର ସେବା କରିବାକୁ ରହିଲା । ଅଭିନବ ମଝିରେ ମଝିରେ ଆସୁଥିଲେ । ଜଣେ ନର୍ସ ପ୍ରତିଦିନ ଆସି ଭାଇକୁ ଚେକ୍ କରୁଥିଲେ । ହସ୍ପିଟାଲ୍ରୁ ଜଣେ ଲେଡି ଡାକ୍ତର ମଧ୍ୟ ମଝିରେ ମଝିରେ ଆସି ଭାଇକୁ ଚେକ୍ କରୁଥିଲେ । ସିଏ ଭାରତୀୟ ବଂଶୋଦ୍ଭବ, ଗୁଜୁରାଟୀ । ତାଙ୍କ ନାଁ ଲୋପା । ଅର୍ଚ୍ଚନା ସହିତ ସାଙ୍ଗ ହୋଇଗଲେ । ଦୁଃଖସୁଖ ହୁଅନ୍ତି । ଅର୍ଚ୍ଚନାର ପୁଅ ଥରେ ଆସିଥିଲା । ଲୋପା ପଚାରିଲେ, "ଅପଣଙ୍କର ଗୋଟିଏ ପୁଅ ?' ଅର୍ଚ୍ଚନା କହିଲା, "ନାଁ, ମୋର ଝିଅଟିଏ ମଧ୍ୟ ଅଛି । ଆଉ ଆପଣଙ୍କର ?'

"ମୁଁ ଏପର୍ଯ୍ୟନ୍ତ ବାହା ହୋଇନ । କାମରୁ ଫୁରୁସତ୍ ମିଳନ । ମାର୍ଚ୍ଚ ୧୫ ତାରିଖରେ ମୋତେ ୩୫ ବର୍ଷ ପୂରିଲା । ଜନ୍ମଦିନରେ ମା' କହିଲେ, ଟିକେ କାମରୁ ଫୁରୁସତ୍ ନେଇ ବାହା ହେବା ବିଷୟରେ ଭାବେ । ହେଲେ ଭାବିଲେ କଣ ହେଇଯିବ ? ମିଷ୍ଟର୍ ପରଫେକ୍ଟ ମିଳବା ଦରକାର ନା ?'

"ମୋ ଭାଇକୁ ବାହା ହୋଇଯାଉନ ? ଅବଶ୍ୟ ତା' ସହିତ ତମ ବୟସର ୧୦ ବର୍ଷ ପାର୍ଥକ୍ୟ ରହିବ । ହେଲେ ମୋ ଭାଇ ସହିତ ତମ ଜୋଡି ଖୁବ୍ ମାନନ୍ତା । କିଛି ଭାବିବନ ଏମିତି କହିଲି ବୋଲି ।'

ଲୋପା ଲାଜେଇଗଲେ ।

ISSN NO.
2582-208X

ଏମିତି ଥଟ୍ଟାମଜା ତ ଗ୍ଲୁଥିଲା । ଅର୍ଚ୍ଚନା ଦିନେ ଏକଥା ଅଙ୍କିତ୍‌କୁ ପଗ୍ଗରିଦେଲା । "ଦେଖେ ଭାଇ, ତୋର କେତେ ଯତ୍ନ ନେଉଛନ୍ତ୍ତ କହ ତ ? ତୁ ଆଉ ସେମିତି ନ ଦୌଡ଼ି ଟିକେ ସେଟ୍‌ଲ୍ ହେଇଯା । ମୁଁ ତ କହିବି ତମ ଦୁଇଜଣଙ୍କ ଜୋଡି ଖୁବ୍ ସୁନ୍ଦର ଦିଶିବ ।'

ଅର୍ଚ୍ଚନା ଏ କଥା, ବାପା ଓ ମାଙ୍କୁ ମଧ୍ୟ ଜଣେଇଲା ।

ଏ ଘଟଣାର ୪୫ ଦିନ ଭିତରେ ଦୃଶ୍ୟ ପରିବର୍ତ୍ତନ ହୋଇଗଲା । ଏବେ ଅଙ୍କିତ୍ ସଂପୂର୍ଣ୍ଣ ସୁସ୍ଥ । ଲୋପା ରାଜି ହୋଇଛନ୍ତି । ଅଙ୍କିତ୍ ମଧ୍ୟ ରାଜି । ଗେଲର୍ଡରେ ପୁଣି ଥରେ ପାର୍ଟିର ଆୟୋଜନ କରାଗଲା । ସେଇଟା ଥିଲା ଲୋପା ଓ ଅଙ୍କିତ୍‌ଙ୍କର ନିର୍ବନ୍ଧ ପାର୍ଟି । ଏବେ ଆଉ ନ ଦୌଡ଼ି ଲୋପାଙ୍କ ସହିତ ଛନ୍ଦି ହୋଇ ରହିବାର ପ୍ରତିଜ୍ଞା କରୁଥିଲେ ସହରର ବିଶିଷ୍ଟ ସର୍ଜନ ଡାକ୍ତର ଅଙ୍କିତ୍ ପଟ୍ଟନାୟକ ।

ରଦରଫୋର୍ଡ ୱେ, ଡେଟନ୍, ମେରୀଲାଣ୍ଡ୍,
ଯୁକ୍ତରାଷ୍ଟ୍ର ଆମେରିକା

ISSN NO.
2582-208X

# ସଫଳତା ହେ ସଫଳତା !



ଇଂ. ସୁଶାନ୍ତ କଶୋର ବଳ

*ସଫଳତା ହେ ସଫଳତା !*
*ସୀମାହୀନ ସାଗର ତମେ ,*
*ଅମାପ ଅକଳ ଅତୌଲ୍ୟ .*
*ଦୁଃସାହାସୀ ସେ, ଯେ କରେ*
*ସାହାସ ତମକୁ ତରାଜୁରେ ତୁଲ !*

*ଅଜସ୍ର ଲହୁ ଅକଳ ଲୁହ*
*ବୋହିବାକୁ ପଡେ, ପାଇବାକୁ*
*ତମ ସାନ୍ନିଧ୍ୟ ଲଭିବାକୁ ତମ ସନ୍ନୀପ.*

*ଏତେ ଅନାୟାସେ ଆସନି ତମେ*
*କରିବାକୁ ହୁଏ ତୀଗ୍ମ ସାଧନା .*
*ପ୍ରତିଟି ପାହାଚ ଟପିବାକୁ ହୁଏ*
*ହୋଇ ଏକବ୍ରତ, ଏକଦୃଷ୍ଟ ଏକମନା !*

*ପଥ କଂଟକିତ ସର୍ପୀଳ ଶଂକୂଳ*
*ପ୍ରତିଟି ବାଂକେ ଆସେ ଚୋରାବାଲି .*
*ବୃଷ୍ଟି, ତଡିତ୍, ତୋଫାନ ଝଂଜା*
*ବୃଚ୍ଛି  କନ୍ଦଂଶନ ଖ୍ୟଣେଖ୍ୟଣେ ଆସେଖାଲି.*

ISSN NO.
2582-208X

*ଥକିଯାଏ ମାଂସପେଶୀ ହାରିଯାଏ ମନ,*
*ଛାଇଯାଏ ନୈରାଶ୍ୟର ତିମିର  ଘନ.*
*ବିତୃଷ୍ଣା, ବିଷାଦ,ବୈରାଗ୍ୟ, ତାଡନା*
*ଯାତନା, ଯାଚନା ପରିବେଷ୍ଟିତେ*
*ସମ୍ମୁଖେ ପଦଚ୍ଚାଳନେ ହୁଏନାହିଁ ମନ !*

*ତମ ସଂଧାନସରଣୀ ଥାଏ ନୀଃଶେଷ*
*ଜୀବନ ଲାଗଇ ଦୂର୍ବୀସହ ହଳାହଳ*
*ସପନ ଲାଗିଥାଏ ଦୂଷ୍ପ୍ରାପ୍ୟ, ଦୂରାଶୟ*
*ମରିଥାଏ, ଜଳିଥାଏ ଆଶାର ଅଂକୂର !*
*ଯେସନ ମରୀଚିକାପଛେ ଦ୍ରୁତେଧାବିତଥାଏ*
*ଦିଗହୀନ ନୀସହାୟ ଜାଜାବର !*

*ପ୍ରଜାପତି ତମେ ପ୍ରଜନିକା ତମେ*
*ପ୍ରଜ୍ୱଳନ ତମେ ତମେହିଁ ଆଶାର*
*ଶେଷ ପ୍ରଦୀପର ଦୀପଶିଖା !*
*ପ୍ରେରଣା ତମେ ପ୍ରଣେତା ତମେ*
*ପ୍ରତପ୍ତ ତମେ ପ୍ରତାପୀ ତମେ*
*ତବ ପ୍ରତିକୃତି ଦର୍ଶନାଭିଳାଷୀ ଆମେ,*
*ତବ ପରସର ଆଶାୟୀ ଆମେ !*

*ସମୟର ବାଲିଝଡେ ଯେବେ ପୋତି*
*ହୋଇଥାଉ ଆମେ ନୈରାଶ୍ୟର* *ବାଲୁସ୍ତୁପେ*

*ଧ୍ରୁବତାରା ପରି ତମକୁ ନିରୀଖି*
*ରହିଥାଉ ଚାହିଁ ତବଦିଗେ ଶ୍ୱାସହୀନେ !*

*ପ୍ରବଂଚନା, ପ୍ରତାରଣା, ଚକ୍ଷ୍ୟୁଭ୍ରୁକୁଂଚନର*
*ଅସହ୍ୟ ତାଡନେ ହୋଇଥାଉ ଆମେ*
*ଯେବେ ନୀଗୁଢେ ନୀଷ୍ପେସିତ, ତ୍ରାସିତ .*

ISSN NO.
2582-208X

*ତବ ଆଗମନେ ହୁଏ ଆଶାର ସଂଚାର*
*ଜୀବନ ହୁଅଇ ସୁଗମ, ସୁରମ୍ୟ .*

*ଆରଣ୍ୟିକ ଯେତେ ହିଂସ୍ର ଦାନବ*
*ପଥ ଘେରିଥାନ୍ତି ସମ୍ମୁଖେ ଆସି .*
*ତବ ସାନ୍ନୀଧ୍ୟେ ଦୂରିଥାନ୍ତି ତାଂକେ*
*ଲୁଚିଯାଇଥାନ୍ତି କେଉଂ ବିଲ୍ୱକୋଣେ ପଶି.*

*ହେ ସଫଳତା !*
*ଖ୍ୟତାକ୍ତ ମନର ଅବ୍ୟର୍ଥ ଅମୋଘ* *ଅନମୋଲ ବିଶଲ୍ୟକରଣୀ ଅଟତମେ,*
*ଲକ୍ଷ୍ୟେ ଗୋଲାପେ ସଜ୍ଜିତେ ବଖ୍ୟତବ କରିବୁ ବଂଦନ ଉପଚ଼ାର ନତମସ୍ତକେ .*
*ତମେ ଲକ୍ଷ୍ୟେରେ ଏକ, ଏକୁଟିଆ* *ଲକ୍ଷ୍ୟେ*
*ପଟାନ୍ତରହୀନ ଅକଳ୍ପ ତବ ବିଭାସ .*

*ବାରେ ଆସିଗଲେ ଆମପାଶେ ତମେ*
*ଶତ ବିଲ୍ୱପତ୍ରେ ସହସ୍ର ଜଳାଭିଷେକେ*
*କରିବୁ ତୁମର ଯଥାରିତି ପୂଜନ ,*
*ନରଖି ଦୂର୍ଭାବନା ଅବା କଳୁଷ ଚେତନ !*

*ହେ ଭବ୍ୟ ନବ୍ୟ ସଫଳତା !*
*ପରିଶେଷେ ଏତିକି ଶୁଣିରଖ,*
*କିଶକହୁ ଆମେ ଦୁନିଆର ଜନେ :-*

*ହେ ଜାନେମନ୍ କାମିୟାବି !*
*ତୁ ଅଗର ସାମନେ ଆ ଭି ଯାଏ ,*
*ତୁମସେ ନାଂ କରୁ ପରଦା ,*
*ତୁମସେ ନାଂ କରୁ ପରଦା !*
*ବଡା ମୁସକିଲ୍ ହୈ ,*
*ୟେ ହମାରେ ଦିଲ୍ ହୈ*
*ବଡା ମୁସକିଲ୍ ହୈ ,*

ISSN NO.
2582-208X

*ୟେ ହମାରେ ଦିଲ୍ ହୈ*
*ତୁମହି କହୋ କୈସେ ଚୁପରହେ ହମ୍*
*ବିନ୍ ତେରି ଚଂଦନ୍ ମେଂ ବଂଦନ୍ .*
*ସଜାଊଂଗା ତେରି ମୂରତ୍ କୋ,*
*ଲାକେ ବଗିୟାଁ ସେ ଚମନ .*
*ଲେକିନ୍ ଏକବାର ସିରଫ୍ ଏକବାର୍*
*ଆୟା ଭି କରୋତୋ ,*
*ଦେଖତା ରେହଯାଏଗା ଦୁନିଆ .*
*ପିଛେକ୍ୟା ନେହିଂରେହଯାଏଗା ଜମାନା ?*
*ଏ ୱାଦା କରତା ହୁଂ ଖୁନକି କସମ୍,*
*ଏକବାର ତୁମ ହାମକୋ ଛୁଂଲେନେ ସେ,*
*ଖାନା,ପିନା ଭୂଲକେ ଯାକେ କରେଗେଂ*
*ସମଂଦର ମେଂ ତରପନ୍ .*
*ହାଁ ହାଁ  କରେଗେଂ ଉଛଲତି*
*ଡରାୱନା ସମଦର୍ ମେଂ ତରପନ୍ !*
*ଉଛଲତି ଗରଜତି ନାଚତି*
*ସମଂଦର ମେଂ ତରପନ୍ !*

ପଟାନ୍ତରହୀନ :* *ଯାହାର ତୁଳନା ନାହିଁ / ଅକଳ୍ପ : ଯାହା କଳ୍ପନା କରିହୁଏ ନାହିଁ /*
*ବିଭାସ : ଆଲୋକ, ଦିପ୍ତୀମୟତା / ଅମୋଘ : ଅବ୍ୟର୍ଥ ]*

କଟକ

ISSN NO.
2582-208X

# ମୁଁ ଓ ତୁ



ନୀଳମଣି ଗୁନ୍ଦ

ମୁଁ ନୀଳଆକାଶ ଚନ୍ଦ୍ରମାଟିଏ ତୁ ଦୂର ସରସୀ କଇଁ
ମୁଁ ଯେ ଦିବସର ଦିନମଣି ପରା ପଙ୍କଜିନୀ ତୁ ମୋ ପାଇଁ ।
ତୁ ଏଇ ଘାଟର ତୁଠପଥରଟି ମୁଁ ପ୍ରବହମାନ ନଈ
ତୁ ରସାଳ କୁଞ୍ଜ ପିକଟିଏ ପରା ଋତୁରାଜ ମୁଁ ତୋ ପାଇଁ।
ମୁଁ ନିର୍ଜନ ଇଲାକାର ଉପତ୍ୟକା ତୁ ସଦା ମୋ ପ୍ରତିଧ୍ୱନି
ମୁଁ ଯେ ଚିରକାଳ ପ୍ରାବୃଟ ପରା ତୁ ଚକୋରୀ ଅଭିମାନୀ ।
ତୁ କେଉଁ ଦୁଃଖର ଲୁହ ଟୋପାଏ ଲୋ ମୁଁ ପରା ନୟନ ତୋ'ର
ତୁ ଖୋଦେଇ ଗୋଟେ ରାବଣଛାୟାଲୋ ମୁଁ ସୀତାବିଞ୍ଛି ତୋ'ର ।
ମୁଁ ନାଟମଣ୍ଡପ ଅଛି କେଉଁକାଳୁ ତୁ ସାଜିଛୁ ଦେବଦାସୀ
ମୁଁ ଯେ ବନାନୀର ଶାଳ୍ମଳୀ ତରୁ ତୁ ବିହଙ୍ଗ ବାରମାସୀ ।
ତୁ ଝଲମଲ ଶିଶିର ବିନ୍ଦୁଟି ମୁଁ ହେମନ୍ତ ନାମେ ଜଣା
ତୁ ଶବ୍ଦଟିଏ ମୋ ଅଭିଧାନର ତୋ ବିନା ମୁଁ ବାଟବଣା ।
ମୁଁ କଳାମେଘ ତୁ କେକୀଟିଏ ଦେଖି କରୁଥାଉ ନୃତ୍ୟ
ମୁଁ ଜୀବନ ମଞ୍ଚ ନାଟକଟିଏରେ ତୁ ଚରିତ୍ରଟିଏ ମାତ୍ର ।

ISSN NO.
2582-208X

ତୁ ମଲ୍ଲୀକାଟିଏ ସଞ୍ଜରେ ଫୁଟୁ ମୁଁ ଚଇତ ମଧୁମାସ
ତୁ ପରା ପ୍ରେୟସୀ ମୁଁ ପ୍ରିୟତମ  ଡାକେ ପାଶେ ଥରେ ଆସ ।
ମୁଁ ସଦା  ତୋ' ପାଇଁ ମହାନଦୀଟିଏ ତୁ ସାତକୋଶିଆ ପରା
ମୁଁ  ସାନଘାଘରା ଜଳପ୍ରପାତରେ ତୁ ଧ୍ୱନି ଯେ ଅପାସୋରା।।
ତୁ ସବୁଦିନେ ତୁ  ହୋଇ ରହୁ,  ମୁଁ ଥାଏଟି ମୁଁ ହୋଇ
ତୁ ସବୁଦିନେ କେନ୍ଦ୍ରବିନ୍ଦୁଟିଏ ମୁଁ ପରିଧି ତୋର ପାଇଁ ।

୨୭, ମନ୍ତ୍ର ମାନୋର,ଗୋଠପାଟଣା
ଭୁବନେଶ୍ୱର,ମୋ:୯୫୮୩୨୦୨୩୫୭

ISSN NO.
2582-208X

# ଶାମୁକା



ଛବି ରାଣୀ ପତି

ଆଲିଙ୍ଗନ ପ୍ରମତ୍ତ ଯେସନେ ସାଗର
ଉତ୍ତାଳ ତରଙ୍ଗ ମାଳା
ଆନମନା ହୋଇ ମାଡ଼ିଆସେ ନେଇ
ମଣି, ମୁକ୍ତା, ହୀରା, ଲୀଳା ।।

ସିକ୍ତ ବେଳାଭୂମି ଭିଜିଯାଏ ପ୍ରେମେ
ପାଇ ତା' ମିଠା ଚୁମ୍ବନ
ଗଳାରେ ପିନ୍ଧଇ ଅଳଙ୍କାର କେତେ
ସ୍ପନ୍ଦନେ ଉଠେ କମ୍ପନ ।।

ଶଙ୍ଖ, ସିପ ପରି ଅମୂଲ୍ୟ ପଦାର୍ଥ
ଭାସିଆସେ ଢେଉ ସାଥେ
ଉପୋଭୋଗର ଏ' ପ୍ରକୃତିର କୋଳ
କଳ୍ପନାରେ କବି ମାତେ ।।

ଶାମୁକାରୁ ମୁକ୍ତା ଖୋଜିବୁଲେ କେହି
ଧରିବସେ କେହି ତୂଳୀ
ନିହାଣ ମୁନରେ ଶବ୍ଦସୌଧ ତୋଳେ
ଶିଳ୍ପୀ ଟି ଭଳିକି ଭଳି ।।

ମଧ୍ୟଶାସନ, ବିରିଡ଼ି
ଜଗତସିଂହପୁର
ଫୋନ -୯୩୩୭୯୬୦୦୬୦

ISSN NO.
2582-208X

# ଶ୍ରୀ ରାମ ନବମୀ



ଶୁଭଶ୍ରୀ ମହାପାତ୍ର

ତ୍ରେତୟା ଯୁଗରେ ଅଯୋଧ୍ୟା ରାଜ୍ୟରେ
ରାଜା ଥିଲେ ଦଶରଥ
ତିନି ରାଣୀ ତାଙ୍କ କୋଳ ଶୂନ୍ୟ ହୋଇ
କାଟନ୍ତି ଜୀବନ ପଥ ।
ସଦା ଚିନ୍ତା ଗ୍ରସ୍ତ ଥାଆନ୍ତି ରାଜନ
ବଂଶ ରକ୍ଷା କଥା ନେଇ
ରଷ୍ୟ ଶୃଙ୍ଗ ପାଶେ ଚଳି ଗଲେ ଦିନେ
ଗୁରୁଙ୍କ ଆଦେଶ ପାଇ ।
ପାଦ ସ୍ପର୍ଶ କରି ସମସ୍ତ ତଥ୍ୟ କୁ
ଗୋଟି ଗୋଟି ଗଲେ ଗାଇ
ବୋଇଲେ ରଷି ଙ୍କୁ ପୁତ୍ରେଷ୍ଟି ଯଜ୍ଞର
ଲୋଡ଼ା ବଂଶ ରକ୍ଷା ପାଇଁ ।
କରିବା ସେ ଯଜ୍ଞ ଆହେ ରଷି ବର
ତୁମେ ହେବ ମୁଖ୍ୟ ତା'ର
ଏକାଗ୍ରତା ସାଥେ କରିବା ଯଜ୍ଞଟି
କୁଳ ଦୀପ ଜଳୁ ମୋର ।

ISSN NO.
2582-208X

ଚରୁ ଯଜ୍ଞ ପାଇ ରାଣୀ ମାନଙ୍କର
ହୋଇଲା ଗର୍ଭ ଉଦୟ
କୌଶଲ୍ୟା ଗର୍ଭରୁ ପ୍ରଭୁ ରାମଚନ୍ଦ୍ର
କୈକେୟୀ ଗର୍ଭୁ ଭରତ
ସୁମିତ୍ରା ଗର୍ଭରୁ ହୋଇଲେ ଟି ଜାତ
ଲକ୍ଷ୍ମଣ, ଶତ୍ରୁଘ୍ନ ଦ୍ୱୟ ।
ଅତ୍ୟନ୍ତ ପ୍ରସନ୍ନ ହୋଇଲେ ରାଜନ
ପୁତ୍ରଙ୍କୁ କୋଳରେ ପାଇ
ଅତି ଯତନରେ ବଢ଼ିଲେ ପିଲାଏ
ଉଚ୍ଚକୋଟୀ ଶିକ୍ଷା ପାଇ ।
ପ୍ରାପ୍ତ ବୟସରେ ପଦାର୍ପଣ ଯେବେ
ପ୍ରଭୁ ଶ୍ରୀ ରାମଚନ୍ଦର
ଶିବ ଧନୁ ଭାଙ୍ଗି ହାତ ଧରିଥିଲେ
ଜନକ ସୁତା ସୀତାର ।
ପିତୃ ସତ୍ୟ ପାଳି ଗଲେ ବନବାସ
ଚଉଦ ବରଷ ପାଇଁ
ସାଥେ ଥିଲେ ଭ୍ରାତା ଅନୁଜ ଲକ୍ଷ୍ମଣ
ପୁଣି ମାତା ବଇଦେହି ।
ବନବାସ କାଳେ ଲଙ୍କାର ନରେଶ
କଲା ମାତାଙ୍କୁ ହରଣ
ବାନରସେନା ନେଇ ବାନ୍ଧିଲ ସେତୁ
କାନ୍ଧରେ ଶିଳା ବୋହିଣ ।
ରାବଣକୁ ମାରି ବିଭୀଷଣ ତାରି
ଧର୍ମର କଲ ପ୍ରତିଷ୍ଠା

ISSN NO.
2582-208X

ତମ ପାଦସ୍ପର୍ଶେ ସତୀ ଅହଲ୍ୟା
ଶାପରୁ ପାଇଲା ରକ୍ଷା ।
ରାମ ନାମ ଜପି ଦସ୍ୟୁ ରତ୍ନାକର
ବୋଲାଇଲା ଯେ ବାଲ୍ମୀକି
ତୁମ୍ଭ କୃପା ବଳେ ରାମାୟଣ କଥା
ସ୍ୱହସ୍ତେ ରଚି ଅଛନ୍ତି ।
ନରଦେହ ବୋହି ସମ୍ପୂର୍ଣ୍ଣ ଜୀବନ
ବିତାଇଲ ମର୍ତ୍ତ୍ୟପୁରେ
ସବୁ ଦୁଃଖ କଷ୍ଟ ନିଜେ ସହିନେଲ
କେଡେ ଆନନ୍ଦ ମନରେ ।
ପ୍ରଜା ଖୁସି ପାଇଁ ତେଜିଲ ପତ୍ନୀ ଙ୍କୁ
ଅଗ୍ନି ପରୀକ୍ଷା କରିଣ
ତିଳ ତିଳ ହୋଇ ଜଳୁଥିଲ ପଛେ
ରାଜଧର୍ମେ ଥିଲ ଟାଣ ।
ଗୋଟିଏ ରାବଣ ମାରିଥିଲ ପ୍ରଭୁ
ଆଜି ବଢ଼ି କୋଟି କୋଟି
ଆସ ଅବତରି ଆଉ ଥରେ ପ୍ରଭୁ
ନିପାତ 'ଏ 'ବଂଶ ଗୋଟି ।

ଶବଳକଣା, ମାହାଙ୍ଗା, କଟକ

ISSN NO.
2582-208X

# ଉଠ୍ ପୁଟୁର୍



ଆରତୀ ସାହୁ (ଆଶା)

( ଭାଗ - ୨୧ )

ନା, ସେଇଟା ପ୍ରକୃତରେ ତୋଫାନର ଇସାରା ଆଦୌ ନଥିଲା । ବରଂ ଥିଲା ଏକ ମଧୁମୟ ସମ୍ପର୍କର ଅୟମାରମ୍ଭ । ଏକ ଛଳଛଳ ନିବିଡ଼ ବନ୍ଧୁତାର ଶୁଭ ଆଗମନର ସଙ୍କେତ । ଏକ ଏମିତି ସମ୍ପର୍କ ଯାହା ମୋର ଭବିଷ୍ୟତ ଜୀବନର ମୂଳଦୁଆକୁ ଆହୁରି ଦୃଢ଼ ଓ ସ୍ଥିର ରଖିବାରେ ସାହାଯ୍ୟ କଲା ।

ମୁଁ ବସିଥିଲି ଶ୍ରେଣୀର ସବା ପଛ ବେଞ୍ଚରେ । ସୂର୍ଯ୍ୟ ମୋତେ ଡାକି ଆଣିଲା ତା ପାଖରେ ବସିବା ପାଇଁ । ତା ପାଖ ପିଲା ତାର ହାବଭାବ ଦେଖି ଛାଏଁ ଘୁଞ୍ଚିଗଲା । ତାର ଚାହିଁ ଦେବାଟା ହିଁ ଯଥେଷ୍ଟ, ତାର ଅଭିପ୍ରାୟ ବୁଝେଇବା ପାଇଁ । ସୂର୍ଯ୍ୟପ୍ରକାଶକୁ କୈଫିୟତ ଦେବା କେବେହେଲେ ଆବଶ୍ୟକ ହୁଏ ନାହିଁ । ସେ ଯାହା କରେ, ଯାହା କୁହେ, ଯାହା ଭାବେ ସବୁର ଦାୟିତ୍ୱ ସେ ସ୍ୱୟଂ ନିଏ । ତାର ସଫଳତା ବିଫଳତା ପାଇଁ କାହାକୁ ପରୋକ୍ଷ ଭାବେ ମଧ୍ୟ ଦାୟୀ କରେ ନାହିଁ । ମୁଁ ପରବର୍ତ୍ତୀ ସମୟରେ ଜାଣି ପାରିଥିଲି ଯେ ସାର୍ ମାନେ ମଧ୍ୟ ତାକୁ ତାର କୌଣସି କର୍ମ ନିମନ୍ତେ ତାଠାରୁ କୈଫିୟତ ମାଗନ୍ତି ନାହିଁ । ସ୍କୁଲ୍ ରେ ସମସ୍ତ ପିଲା ତାକୁ ଅତ୍ୟନ୍ତ ଶ୍ରଦ୍ଧା କରନ୍ତି ନଚେତ ଭୟ କରନ୍ତି । ପାଠ ମଧ୍ୟ ଠିକ୍ ଠାକ୍ ପଢୁଥିଲା ମାନେ ଭଲ ହିଁ କୁହାଯିବ । ପ୍ରଥମ ଦଶଜଣ ଭିତରେ ଗଳିପଶି ଜାଗା ବନେଇ ନେଉଥିଲା ।

ISSN NO.
2582-208X

କୌଣସି ଭାରି କାମ କରିବାକୁ ହେଲେ ପ୍ରଥମେ ସୂର୍ଯ୍ୟପ୍ରକାଶ ଲୋଡ଼ା ହେଉଥିଲା । ଅଷ୍ଟମ ଶ୍ରେଣୀରେ ପଢୁଥିଲେ ବି ସେ ଉଚ୍ଚତା ଓ ଓଜନରେ ଆମ ମାନଙ୍କ ଠାରୁ ଦୁଇଗୁଣ ଥିଲା ।

ଥରେ ସରସ୍ୱତୀ ପୂଜା ନିମନ୍ତେ ହାଟକୁ ଯାଇଥିଲା ସେ ଆମର ଗୃହକର୍ମ ସାରଙ୍କ ସହିତ। ମୁଁ ବି ଥିଲି । ଶଶାଙ୍କ ସାର୍ ଅର୍ଥାତ ଗୃହକର୍ମ ସାର୍,

ପ୍ରକୃତରେ ଶଶାଙ୍କ ସାର୍ ଚିତ୍ରକଳା ଶିଖାଉ ଥିଲେ ଛାତ୍ରଛାତ୍ରୀଙ୍କୁ । କିନ୍ତୁ ଚିତ୍ରକଳା ସହିତ ସାଂସାରିକ ଶିକ୍ଷା ମଧ୍ୟ ଦେଉଥିଲେ ସେ । ଆଜିକାଲିକା ଭୋକେସନାଲ୍ ଏଜୁକେସନ । ପିଲାର ରିଝ (ଝୁଙ୍କ) ନେଇ ସେ ଶିଖାଉଥିଲେ, ମୂର୍ତ୍ତି ଗଢ଼ିବା, ପେପର୍ କଟିଂ କରି ସୁନ୍ଦର ସୁନ୍ଦର ଫୁଲ ଓ ଝାଲର ତିଆରି କରିବା, ନଡ଼ିଆ ଖଳାରେ ସାଧୁବାବା ତିଆରି କରିବା, ପେପର୍ ମେସିର ଫଳ, ଫୁଲ, ପଶୁପକ୍ଷୀ ତିଆରି କରିବା, କୃଷିକାର୍ଯ୍ୟ, ଏମିତି କି ସିଲେଇ, ସ୍ୱେଟର୍ ବୁଣା, ଝାଡୁ ବିଞ୍ଚଣା ତିଆରି .......

ତା ମାନେ ଜୋତା ସିଲେଇରୁ ଚଣ୍ଡିପାଠ । ତେଣୁ ତାଙ୍କ ନାମ ଗୃହକର୍ମ ସାର୍ ପଡ଼ି ଯାଇଥିଲା । ଅଧା ପାଠୁଆ ହେଇ କିମ୍ବା ମେଟ୍ରିକ୍ ପାସ୍ ପରେ ଏସବୁ ଶିକ୍ଷା ପାଇ ଅନେକ ପିଲା ଲାଭାନ୍ୱିତ ହେବାର ମୁଁ ଜାଣିଛି । ଜୀବିକା ଉପାର୍ଜନ ନିମନ୍ତେ ଅନେକଙ୍କୁ ଏଥିରୁ ପ୍ରେରଣା ମିଳିଥିଲା ।

ବନ ବିହାରୀ ବୋଲି ଆମ ସ୍କୁଲର ପିଲାଟିଏ ପେପରମେସିର ଛୋଟ କାରଖାନା ଟିଏ କରି ଅନେକଙ୍କ ପାଇଁ ରୋଜଗାରର ପନ୍ଥା ସୁଗମ କରିଥିଲା । ଆମ ଏରିଆରେ ସେ ଜଣେ ସୁପ୍ରତିଷ୍ଠିତ ବ୍ୟକ୍ତି ।

ଶଶାଙ୍କ ସାର୍ କିନ୍ତୁ କେମିତି ଏତେ ସବୁ ବିଦ୍ୟାର ଅଧିକାରୀ ହେଇ ପାରିଥିଲେ ସେଇଟା ଏପର୍ଯ୍ୟନ୍ତ ଏକ ରହସ୍ୟ । ସେ କୁହନ୍ତି ଯେ କେବଳ ଇଚ୍ଛାଶକ୍ତି ଓ ଅଧ୍ୟବସାୟ ବଳରେ

ISSN NO.
2582-208X

ସେ ସବୁ ବିଦ୍ୟାକୁ ଆୟତ୍ତ କରି ପାରିଥିଲେ । ସ୍କୁଲରେ ସରସ୍ୱତୀ ପୂଜା, ଗଣେଶ ପୂଜା, ଗଣତନ୍ତ୍ର ଦିବସ, ସ୍ୱାଧୀନତା ଦିବସ ଇତ୍ୟାଦିର ଦାୟିତ୍ୱ ତାଙ୍କ ଉପରେ ନ୍ୟସ୍ତ ଥିଲା । ଥରେ ଶଶାଙ୍କ ସାରଙ୍କ ସହିତ ପିଲାଏ ଯାଇଥିଲେ ପୂଜା ସାମଗ୍ରୀ ଓ ଅନ୍ୟାନ୍ୟ ପେଣ୍ଡାଲ୍ ସଜ୍ଜା ସାମଗ୍ରୀ ନିମନ୍ତେ ଏକ ସ୍ଥାନୀୟ ହାଟକୁ । ହାଟରେ ଅକସ୍ମାତ ମାରଣା ଷଣ୍ଢଟିଏ ହୁଡମୁଡ଼ିଆ ପଶି ଆସିଲା । ରଣରଣେଇ କରି ସେ ଆଗେଇ ଆସୁଥାଏ ଜିନିଷ ପତ୍ର ଛିନଛତ୍ର କରି, ସମସ୍ତେ ନିଜର ଜୀବନ ବଞ୍ଚେଇବା ପାଇଁ ତା ସାମନାରୁ ଘଟକି ପଳେଇ ଯାଉଥାନ୍ତି, ପିଲାମାନେ ତ ହାଲକା, ଫୁଲକା । ତେଣୁ ପବନ ବେଗରେ ତାର ବାଟରୁ ଚମ୍ପଟ୍ ମାରିଲେ କିନ୍ତୁ ବୟସ ଭାରାରେ ନେଡ଼ବେଡେଇ ଯାଉଥିବା ଶଶାଙ୍କ ସାର୍ ହତବମ୍ବ ହେଇ ଠିଆ ହେଇ ରହିଲେ, ବାଟ ମଝିଟାରେ । ତାଙ୍କର ବୁଦ୍ଧି କାମ ଦେଉ ନଥିଲା । ଷଣ୍ଢ ଭି ଠିଆ ହେଇଗଲା ବାଟଟାରେ ତାଙ୍କୁ ଦେଖି । ତାପରେ କ୍ଷଣକ ଭିତରେ ଦୁଇ ଆଗ ଖୁରାରେ ଭୁଇଁ ବିଦାରି ଟିକେ ପଛେଇ ଯାଇ ମୁଣ୍ଡ ତଳକୁ କରି ବିଜୁଳି ବେଗରେ ଧାଇଁଲା ସାରଙ୍କ ଆଡ଼କୁ ଆକ୍ରମଣ ଉଦ୍ଦେଶ୍ୟରେ, ଦୁଇ ନାକ ପୁଡାରୁ ଫୁତ୍କାରି ହେଉଥିବା ଅଣଚାଷ ପବନର ତୀବ୍ରତାରେ ହାଟର ମାଟି ଧୂଳି ତାଡ଼ି ହେଇ ଉଡ଼ି ଯାଉଥାଏ ।

ସମସ୍ତେ ଥରହର ହେଇ ନିଜର ଜୀବନକୁ ମୁଠେଇ ଭୟ ଓ ଆଶଙ୍କାରେ ଦେଖୁଥାନ୍ତି ଆଗକୁ କଣ ହେବ । ଶଶାଙ୍କ ସାର୍ ବିଚରା ପ୍ରାଣ ବିକଳରେ ନିଜ ଜୀବନକୁ ପାଣି ଛଡେଇ ଗଳ୍ଟି ପଡିଲେ ସେଇ ଧୂଳିରେ । ଷଣ୍ଢ ଦୁଇଗୁଣ ବେଗରେ ଧାଇଁ ଆସୁଥିଲା କି ସୂର୍ଯ୍ୟ କୁଦି ପଡ଼ିଲା ଦୁହିଁଙ୍କ ମଝିରେ । ଷଣ୍ଢର ଦୁଇ ବଙ୍କା ମଜବୁତ ସିଂଗକୁ ଧରି ଜବତ୍ କରିବାକୁ ଚେଷ୍ଟା କଲା। ଯେତେ ବଳୁଆ ହେଲେ ବି ଷଣ୍ଢର ବଳ ସହିତ ତାର କି ତୁଳନା ? ଷଣ୍ଢ ତାକୁ ପେଲି ପେଲି ଆଗେଇଲା, ସୂର୍ଯ୍ୟର ପାଦ ଘୋଷାଡ଼ି ହେଇ ଯାଉଥାଏ ପଛକୁ ।

ସମସ୍ତେ ଆଶ୍ଚର୍ଯ୍ୟ ଓ ଆତଙ୍କିତ ହେଇ ଦେଖୁଥାନ୍ତି ମଣିଷ ପିଲା ଆଉ ଷଣ୍ଢର ଲଢ଼େଇ ଆଉ ତାକୁ ରକ୍ଷା କରିବାର କୌଶଳ ଚିନ୍ତା କରୁଥାନ୍ତି । ସାଙ୍ଗେ ସାଙ୍ଗେ ହାଟରେ ଥିବା ରକ୍ଷାକାରୀ

ISSN NO.
2582-208X

ଦଳ ଖବର ପାଇ ଆସି ଏକ ଜାଲ ଦ୍ୱାରା ଷଣ୍ଢକୁ ଆୟତ୍ତ କଲେ । ନିଶ୍ଚିତ ମୃତ୍ୟୁରୁ ଅଳ୍ପକେ ରକ୍ଷା ପାଇ ଯାଇଥିଲେ ଦୁଇଜଣ ।

ତାକୁ ରାଷ୍ଟ୍ରପତି ପୁରସ୍କାର କିନ୍ତୁ ମିଳି ନଥିଲା । ବଣର ମଲ୍ଲୀ !!! ହଁ, ସ୍କୁଲରେ ତାକୁ ଭବ୍ୟ ସମ୍ବର୍ଦ୍ଧନା ଅବଶ୍ୟ ମିଳିଥିଲା । ରାଷ୍ଟ୍ରପତି ପୁରସ୍କାର ନାମଟା ସିନା ଜାଣିଥିଲୁ କିନ୍ତୁ ଏମିତି କି ସାହସିକ କାମ କଲେ ଯେ ତାହା ମିଳେ ତାର ଭେଦ ଜଣା ନଥିଲା ।

ଗାଁରେ ଥିଲାବେଳେ ଚିତ୍ତ ତ କେତେ ପିଲାଙ୍କର ଜୀବନ ବଞ୍ଚେଇଥିଲା ବଢ଼ିଲା ଉଚ୍ଛୁଳା ନଇରୁ, କେତେ ମଣିଷଙ୍କୁ ଟେକି ଆଣୁଥିଲା ଘରପୋଡ଼ି ହେଲାବେଳେ ଜଳନ୍ତା ନିଆଁକୁ ଖାତିରି ନକରି । ତାକୁ ବି ମିଳି ନଥିଲା ରାଷ୍ଟ୍ରପତି ପୁରସ୍କାର । ଆହୁରି କଣ ସବୁ ଯୋଗ୍ୟତା ଦେଖୁଥିବେ ବୋଧେ ।

ଏମିତିରେ ଆହୁରି ଅସଂଖ୍ୟ କାରଣ ଥିଲା ସୂର୍ଯ୍ୟର ଲୋକପ୍ରିୟ ହେବାର । ଶଶାଙ୍କ ସାରଙ୍କର ସେ ଡାହାଣ ହାତ ଥିଲା । ସେହି ସାହସୀ ବଳଶାଳୀ ସୂର୍ଯ୍ୟପ୍ରକାଶ ମୋର ଅନ୍ତରଙ୍ଗ ସାଙ୍ଗ ହେଇ ଯାଇଥିଲା ପ୍ରଥମ ଦିନରୁ ।

ଠିକ୍ ଚାରିଟାରେ ଛୁଟି ଘଣ୍ଟା ବାଜିଲା । ସ୍କୁଲ୍ ଫାଟକ ଖୋଲିଗଲା । ପିଲାଏ ଘୋ ଘୋ ହେଇ ହୋ ହାଲ୍ଲା କରି ନଦୀର ସୁଅ ପରି ଶ୍ରେଣୀ ଗୃହ ମାନଙ୍କରୁ ବାହାରିଲେ । ସାମାନ୍ୟତଃ ଶ୍ରେଣୀକୁ ପ୍ରବେଶ କଲା ବେଳେ ଯେଉଁ ଅନୁଶାସନ ଥାଏ ଛୁଟି ସମୟରେ ତାର ଅର୍ଦ୍ଧେକ ଭି ଦେଖିବାକୁ ମିଳେ ନାହିଁ । ଏହା ବୋଧେ ଜନ୍ମଜାତ ପ୍ରବୃତ୍ତି । ସେ ସମୟରେ ଅନୁଶାସନ କରିବା ପାଇଁ ମଧ୍ୟ କେହି ନଥାନ୍ତି । ପିଲାଙ୍କ ଉତ୍ ଶୃଙ୍ଖଳ ବ୍ୟବହାରକୁ ଏହି ସମୟରେ ନିୟନ୍ତ୍ରଣ କରିବା ପାଇଁ ଶିକ୍ଷକ ମାନେ ମଧ୍ୟ ହୁଏତ ଚାହୁଁ ନଥାନ୍ତି କିମ୍ବା ଦିନସାରାର କ୍ଳାନ୍ତିରେ ନିଥର ହେଇ ଯାଇ ଥାଆନ୍ତି ।

ISSN NO.
2582-208X

ଇଆଡେ ଅସ୍ତଗାମୀ ସୂର୍ଯ୍ୟଦେବ ଦିବାବସାନରେ ଯାଉଥାନ୍ତି ତାଙ୍କ ମାଆ କୋଳକୁ, ପକ୍ଷୀମାନେ କଳରବ କରି ଫେରୁଥାନ୍ତି ନିଜ ନିଜର ନୀଡ଼କୁ ଏବଂ ଯେଉଁ ପିଲାମାନେ ଘରୁ ଆସିଥାନ୍ତି ସେମାନେ ମଧ୍ୟ ଫାଟକ ଦେଇ ପ୍ରଫୁଲ୍ଲିତ ବଦନରେ ଯାଉଥାନ୍ତି ତାଙ୍କ ଘରକୁ, ତାଙ୍କର ମାଆ କୋଳକୁ ।

ଆମେ ହାତ ଗଣତି କେଇଟା ହତଭାଗା ନିଶ୍ଚେଷ୍ଟ ଅବସ୍ଥାରେ ଦେଖୁଥାଉ ତାଙ୍କର ସ୍ୱଗୃହ ପ୍ରତ୍ୟାବର୍ତ୍ତନକୁ । ଅନ୍ୟମାନେ ତ ଅଭ୍ୟସ୍ତ ହୋଇ ଯାଇଥାନ୍ତି, ମୁଁ କିନ୍ତୁ ସର୍ବଥା ନୂଆ । ମୋର ମନ କଣ ହେଇ ଯାଉଥାଏ । କାରାଗାରରେ କଏଦୀ ସମ ମୋତେ ଅନୁଭବ ହେଉଥାଏ । ଇଚ୍ଛା ହେଉଥାଏ, ମୁଁ ମଧ୍ୟ ଧାଇଁ ପଳେଇ ଯିବି । ମିଶିଯିବି ସେହି ଗହଳି ଭିତରେ । ନିଜର ଭାବ ପ୍ରବଣତାକୁ ଜବତ୍ ଅଟକେଇ ରଖିଥାଏ ।

ଗଣିଆ ସାରଙ୍କୁ ଦେଖି କିନ୍ତୁ ମୋର ଲୁହ ଉଛୁଳି ଆସେ ଆଖି କୋଣରୁ । ସେ ମଧ୍ୟ ଟିକେ ଭାବ ବିହ୍ୱଳିତ ହେଇ ଯାଆନ୍ତି ।

- ଦୁଇଟା ବର୍ଷ ରହି ଯା ଏଠେ । ତାର୍ ପରେ ଦେଖବା, କିଛି ଗୁଟେଇ ବେବସ୍ଥା କରବା । କେତେଥର୍ ତ ଭାଇ, ମୋତେ ଭି ଏଠେ ରହିତେ ହେଉଛି, ନଦୀବଢ଼ି ହେଲେ, ବର୍ଷାପାଣି ହେଲେ, ପରୀକ୍ଷା ଖାତା ଦେଖବା ବେଳେ । ଏତେ ଦୂର୍ ଟା ନା । ଆଉ ଏଠେ ରହିଲେ ତୋତେ ଯଁ ସୁବିଧା ମିଳବ ଘରେ ରହିଲେ ମିଳବ ନାଇଁ । ତୁଇ ନିଜେ ଦେଖବୁ ନାଇଁ କି ? ହଉ, ଯା ଯା, କୁଠରୀକୁ ଯା । କାନ୍ଦବୁ ନାଇଁ । ମୋ ମୁଣ୍ଡକୁ ଆଉଁସି ଦେଇ ସେ ପଳେଇ ଯାଆନ୍ତି ।

ମୁଁ ସେଇଠି ଠିଆ ହେଇ ରୁହେ ବେଶ୍ କିଛି ସମୟ ଯାଏ ସ୍ଥତପ୍ରଜ୍ଞ ପରି । ଫାଟକ ବନ୍ଦ କରି ଅନାଦି ମଉସା ଆସନ୍ତି, ମୋର ହାତ ଧରି ନେଇ ମୋ କୋଠରୀରେ ଛାଡ଼ନ୍ତି ଆଉ ଅତି ଶ୍ରଦ୍ଧାରେ ମୋର ପିଠିରେ ହାତ ବୁଲାନ୍ତି । ସେ ବି ସେଇଠି ରୁହନ୍ତି ନିଜ ପିଲା ଛୁଆଙ୍କୁ ତାଙ୍କ ଗାଁରେ ଛାଡ଼ି ।

ISSN NO.
2582-208X

କୋଠରୀରେ ଇଲେକ୍ଟ୍ରି ବଲ୍ବ ଜଳୁଥାଏ । ଦିନ ପରି ଆଲୁଅ ବିଛାଡ଼ି ହେଇ ପଡ଼ିଥାଏ । ମୁଁ ଆଶ୍ଚର୍ଯ୍ୟ ହେଇ ଅନାଏ ବଲ୍ବ ଆଡକୁ । ତା ହେଲେ ରାତିରେ ବି ମୁଁ ପଢ଼ି ପାରିବି ।

ଗାଁରେ ତ ଶିଆଳ ହୁକେ ହୋ କରୁ କରୁ ଅଧରାତି । କିରୋସିନି ଅଭାବରୁ ମୋର ଇଚ୍ଛା ଥିଲେ ମଧ୍ୟ ପଢ଼ି ପାରେ ନାହିଁ । ଜହ୍ନ ଆଲୁଅରେ କେତେଥର ପଢ଼ିଛି ମୁଁ ଖରାଦିନରେ । ଶୀତ କାକର ଦିନରେ ତ ତା ଭି ନାହିଁ । ଅନ୍ଧାରୁଆ ପଢ଼ିବି ବୋଲି ମାଆ ଯେମିତି ହେଲେ କୁଆଡୁ ଟିକେ କିରୋସିନି ଯୋଗାଡ଼ିଥାଏ । ନିଜେ ଅନ୍ଧାରରେ କାମ କରି । କାଠ କୁଟା ଜାଳର ଆଲୁଅରେ ଭୁଜା ଭାଜି । ଜଳନ୍ତା କାଠକୁ ଉପରକୁ ଟେକି ସେ ପରଖେ ଭୁଜା ଚାଉଳ ଭଜାକୁ । ବେଳକେ ଖରଭଜା ହେଇଯାଏ ସେଥିପାଇଁ ।

ମୋର ମନ ବେଜାଏଁ ଖୁସି ହେଇଗଲା । ମୁଁ ମୋ କୋଠରୀରେ ଦୃଷ୍ଟି ପକେଇଲି । ଆରପାଖ ଖଟଟିରେ ନିର୍ଲିପ୍ତ, ଧ୍ୟାନସ୍ଥ ପରି ବସିଥିଲା ଜଣେ ପିଲା । ସେ ନିଜ ପୁସ୍ତକ ଭିତରେ ଏମିତି ବୁଡ଼ି ଯାଇଥାଏ ଯେ ମୋ ଆସିବାର ଟେର୍ ସୁଦ୍ଧା ପାଏ ନାହିଁ । ପିଲାଟି କିନ୍ତୁ ଆମ ଶ୍ରେଣୀର ନଥିଲା ନିଶ୍ଚିତ । ମୁଁ ଦେଖି ନଥିଲି ତାକୁ ଆମ ଶ୍ରେଣୀ କକ୍ଷରେ ।

ମୁଁ ମୋର ବିଛଣା ଇତ୍ୟାଦି ସଜାଡ଼ି ପକେଇଲି । ବହିସବୁ ଥାକରେ ରଖିଲି । କାଠର ଅଲଗୁଣିରେ ଶାର୍ଟ ପ୍ୟାଣ୍ଟ ଖୋଲି ରଖିଦେଲି । ମୋତେ ଶୋଷ ଲାଗୁଥିଲା କିନ୍ତୁ ମୋର ତ ସୁରେଇ ନାହିଁ ।

- ମୁଇଁ ଟିକେ ପାଣି ପିଇବି ?

ପାଖକୁ ଯାଇ ପଚାରିଲି, ସେ କିନ୍ତୁ ଶୁଣି ପାରିଲା ନାହିଁ ।

- ପାଣି ଟିକେ ପିଇବି କି ଭାଇ ?

ଅପେକ୍ଷାକୃତ ଯୋରରେ କହିବାରୁ ସେ ଶୁଣିଲା । ଉଠି ପାଣି କାଢ଼ି ଦେଲା ମୋତେ ।

ISSN NO.
2582-208X

- କାଲ୍ ସୁରେଇ ଗୁଟେଇ ଆଣତେ କହିବୁ ଅନାଦି ମଉସାକୁ ।

ମୁଁ ପଢ଼ି ବସିଲି । ହେଲେ ମୋତେ ଅକ୍ଷର ଦେଖା ଯାଉ ନଥିଲା । ବହି ପୃଷ୍ଠାରେ ମୋ ମାଆର ମୁହଁ ଦେଖା ଯାଉଥିଲା । ମୋ ମାଆ ଭି ତ କାନ୍ଦୁଥିବ ମୋ ବିନେ । ଏ ବିଚାର ଆସି ମୋତେ ବିଷର୍ଣ୍ଣ ଓ ବିବ୍ରତ କରି ପକାଇଲା । ଖାଲି ଗାଁର ଚିତ୍ର ସବୁ ଖେଳି ବୁଲିଲେ । ବାପା ବର୍ତ୍ତମାନ ନିଜେ ନିଜେ ପାଦରେ ତେଲ ଘଷୁଥିବେ । ମାଆ ସଞ୍ଜ ଦେଇସାରି ଝୁଲି ଝୁଲି ଗାଉଥିବ, ମୃଗୁଣୀ ସ୍ତୁତି, ନହେଲେ ଆରେ ବାବୁ ଶ୍ୟାମଘନ, ତୁ ଗଲେ ମଧୁ ଭୁବନ.....

ମୋର ଛାତିରେ କଣ ସବୁ ଗୋଳେଇ ଘାଣ୍ଟି ପକେଇଲା ।

ସେଦିନ ରାତିରେ ମୋର ତଣ୍ଟିରେ ଖାଦ୍ୟ ଗଳିଲା ନାହିଁ । ସାଢ଼େ ଦଶଟାରେ ମୋତେ ପଚାରି ମୋର ରୁମମେଟ୍ ଆଲୁଅ ଲିଭେଇ ଦେଲା । ମୁଁ ଖଟରେ ଢଳି ପଡ଼ି କଇଁ କଇଁ କାନ୍ଦିବାକୁ ଲାଗିଲି, ମୋ ମାଆର ଲୁଗାରେ ତିଆରି ହେଇଥିବା କନ୍ଥାକୁ ପାଟିରେ ଜୁବା ଦେଇ। ମାଆ ମାଆ ବାସୁଥିବା କନ୍ଥାକୁ କୁଣ୍ଢେଇ ଧରି କେତେବେଳେ ମୋର୍ ନିଦ ହେଇଗଲା ।

ଉଠ୍ ପୁଟୁର୍ .....
ଉଠ୍ ପୁଟୁର୍ .....

- ଏ ମାଆ ଉଠ୍ ଗୋ । କଏ୍ବା ଡାକଲା ନି । ହାତ ବୁଲେଇଲି । ମୋର ନିଦ ଚାଉଁକିନା ଭାଙ୍ଗିଗଲା । ମୋତେ ଲାଗୁଥିଲା ମୁଁ ଗାଁରେ ଶୋଇଛି ମୋ ମାଆ ପାଖରେ ।

କିନ୍ତୁ ସ୍ୱପ୍ନ ଥିଲା ସେଇଟା ।

ISSN NO.
2582-208X

ସ୍ୱପ୍ନ ନଥିଲା କବ୍ତା ଡାକ,

ଉଠ୍ ପୁଟୁର୍ ....
ଉଠ୍ ପୁଟୁର୍ .....

କବ୍ତା ମୋତେ ଏଠାରେ ବି ଉଠେଇବାକୁ ଚାଲି ଆସିଥିଲା, ନା କି ସମସ୍ତ ପୁଟୁର୍ ମାନଙ୍କୁ ଉଠେଇବା ପାଇଁ ଅନନ୍ତ କାଳରୁ ଏଠାରେ ରାବୁଛି, କିଏ ଜାଣେ ।

କବ୍ତାର ଡାକ ତ ଶୁଣା ଯାଉଥିଲା, କିନ୍ତୁ ମୋ ମାଆର ପାହାନ୍ତାରୁ କୃଷ୍ଣଙ୍କୁ ଉଠେଇବା ଗୀତଟା ଶୁଣା ଯାଉ ନଥିଲା ,

ଉଠୋ ରେ କାହ୍ନାୟ, ଆର୍ ରାତି ନାଁୟ,
ପ୍ରଭାତୋ ହୋଇଲୋ ଆସି ରେ,
ଉଠୋ ବାଛାଧନ୍ ଜୀବେର୍ ଜୀବନ୍
ଯାମିନୀ ଶୟନ ତେଜି ରେ ......

ମାଆର ସୁଲଳିତ କଣ୍ଠରେ ଦିବସର ଶୁଭ ମନାସି ଗାଉଥିବା ଜଣାଣ ବି ଶୁଣା ଯାଉ ନଥିଲା, ଦୟାକର ଦୀନବନ୍ଧୁ, ଶୁଭେ ଯାଉ ଆଜ ଦିନ ....

ଆଉଥରେ ମୋ ମାଆର ନୁଗାରେ ତିଆରି କନ୍ଥାକୁ ଜାବୁଡ଼ି ଧରି ମୁଁ କାନ୍ଦିବାକୁ ଲାଗିଲି ......

କ୍ରମଶଃ .....

ବସନ୍ତ ବିହାର, ନୂଆଦିଲ୍ଲୀ

ISSN NO.
2582-208X

# ଯୁଦ୍ଧ



ସ୍ୱର୍ଣ୍ଣମୟୀ ଷଡଙ୍ଗୀ

ଗଦା ଗଦା ପାଉଁଶ
ସତେ ଯେମିତି ପାଉଁଶ ର ପାହାଡ଼
ତୁହାକୁ ତୁହା ଅଗ୍ନି ବର୍ଷା
ନରମ  କଅଁଳ ଜୀବନ ଉପରେ
ରକ୍ତର ସୁଅ ଛୁଟେ ସବୁଜ ଧରଣୀ ବକ୍ଷରେ
ମାଆର ପଣତ ଭିଜେ ସନ୍ତାନର ଆଖିର ଲୁହରେ
ତଥାପି ଅହଂକାରୀ ଅନ୍ଧ ଶାସକ ବୁଝେନା
କ୍ଷତାକ୍ତ ପ୍ରାଣର ଚିତ୍କାର ।।

ବର୍ବର ଆକ୍ରମଣର ଜ୍ୱଳନ୍ତ ଉଦାହରଣ
ହିରୋସୀମା ନାଗାସାକୀ
ଆଜିବି କାନ୍ଦୁଛି ବିକଳାଙ୍ଗ
ସହୁଛି ଅସହ୍ୟ ଯନ୍ତ୍ରଣାରେ
କାହାକୁ ଶୁଭୁଛି ତାର
ବେଦନାରେ ଭରା ଅସ୍ପଷ୍ଟ ସ୍ୱର
ଚାଲିଛି ବଳ କଷାକଷି
ବୁଝୁନି ବାହୁବଳୀ
ବିଦୀର୍ଣ୍ଣ କରୁଛି ମାଟିକୁ ଶତବାର

ISSN NO.
2582-208X

ଗୋଟିଏ ଜୀବନ ପାଇଁ ନେଉଛି
କୋଟିଏ ଜୀବନ
କମ୍ପି ଉଠୁଛି ଜଳ ସ୍ଥଳ ମାଟି ପୁଣି ଆକାଶ
ଅସୁରଙ୍କ ଭୟରେ ଦେବତାମାନେ ଆଶ୍ରୟ
ନିଅନ୍ତି ବଙ୍କର ଭିତରେ। ।

ତୃଷାର୍ତ୍ତ ପ୍ରାଣର ଅର୍ତ୍ତନାଦ ଶୁଭୁଥାଏ
ଜଳ ବିନ୍ଦୁଏ ପାଇଁ
ହା ଅନ୍ନର କରୁଣ ଚିତ୍କାର
ଜଳେ ମନ
ଜଳେ ଫୁଲ ବନ
ପୋକ ମାଛିପରି  ନିରୀହ ସରଳ ପ୍ରାଣୀମାନେ
ଆହୁତି ହୁଅନ୍ତି ଯୁଦ୍ଧର  ଜ୍ୱଳନ୍ତ ଶିଖାରେ।

ତଥାପି ଜନ୍ମ ନିଅନ୍ତି ନାହିଁ ଈଶ୍ୱର
ନାଶିବାକୁ କଂସ ଆଉ ରାବଣ ମାନଙ୍କୁ
ତେବେ କେମିତି ଉଡ଼ିବ ଶାନ୍ତିର କପୋତ ଏ
ମାଟିର ପୁଣ୍ୟ ତପୋବନେ
କେମିତି  ରାତ୍ରିର ଶେଷ ପ୍ରହରରେ ଝରି ପଡୁଥିବା
ଫୁଲମାନେ  ଶାନ୍ତିରେ ଆଖି ବୁଜିବେ
କେମିତି ହସିବେ ମନଖୋଲି
ଫୁଟୁଥିବା ଫୁଲମାନେ। ।
କେମିତି ? କେମିତି ? କେମିତି ?

ଶିକ୍ଷକ, କେନ୍ଦ୍ରାପଡା

ISSN NO.
2582-208X

# ସତ୍ୟ ସିଦ୍ଧାନ୍ତ



ପୁଷ୍ପାଞ୍ଜଳି ପଣ୍ଡା

ଏ ସତ୍ୟ ସିଦ୍ଧାନ୍ତ
ମୃତ୍ୟୁ ମହାତୀର୍ଥ
ଯାତନା ରହିତ
ଆଦିରୁ ଅନନ୍ତ
ବୁଝିହୁଏ ନାହିଁ ଜମା
ଆଜି ଲାଗେ ସତ
କାଲି ହୁଏ ମିଛ
ଗହଳ ପାଠ ଏ
ଜୀବ ସହ ପରମାତ୍ମା ।।

ଅଦେଖା ଆୟୁଷ
ମୃତ୍ୟୁ ଚିରନ୍ତନ
ଆସିବା ଯିବାରେ
ବେଳ ନିର୍ଦ୍ଦିଷ୍ଟ  ନ ଥାଏ
ଭୟ ଗୀତ ବାଜୁଥାଏ
ଲୁହ ସହ ମେଳ ହୁଏ
ନିଆଁ ସହ ଜଳିଯାଏ

ISSN NO.
2582-208X

ନଶ୍ୱର ଶରୀର ନେଇ
ଛ ଖଣ୍ଡି କାଠ କୋକେଇ
ଶେଷ ବେଳେ ଆଶ୍ରା ହୁଏ ।।

ନେଇ କି ପାରିବି !
କେତେ ସରାଗରେ
ଜତନେ ସାଇତା
କେତେ ସୁନା ରୂପା ଟଙ୍କା ପଇସା
ଯାହା କଷ୍ଟେ ମଷ୍ଟେ ଅର୍ଜିଥିଲି
କେତେ ବନ୍ଧୁତାରେ
ଶତୃତା ଭିତରେ
ସଂସାରୀ ପଣର ବୁକୁଚା ବୋହିଲି
ଶେଷରେ,ଚାରିକାନ୍ଧ ଖୋଜାପଡେ
ଆତ୍ମା ପକ୍ଷୀ ଉଡିଯାଏ
ଶବ ହୋଇ ପଡିଥାଏ
ମୃତ୍ୟୁ ବେଳେ ସବୁ ସତ ଲାଗେ ।।

ଯୋଜନା ସଂଯୋଜନା ବିଭାଗ

ISSN NO.
2582-208X

# ଗୋଟେ ଆବେଗର କଥା



ଜୟଶ୍ରୀ ପଟ୍ଟନାୟକ

କବିତା କି ସତେ ମରମ ବୁଝେ
ଦୁଃଖୀର କେନ୍ଦରା ଗୀତ କି
ସୁଖୀର ରାଜ ଉଆସ କଥା
ଚାଷୀର ଫଟା ଭୁଇଁର କଥା କି
ଦଲାଲର ଲାଭ ଲୁଟିବା କଥା
ଶ୍ରମିକର ଝାଳ ରତ ରତ ଶରୀର କଥା କି
କୃଷକର ହାଡ ଭଙ୍ଗା ଶ୍ରମ କଥା ।

ସେ ତ ସବୁକାଳେ ଆବେଗରେ ବନ୍ଧା
କଳ କଳ ନଈ ପରି ପୁଣ୍ୟ ସ୍ରୋତସ୍ୱିନୀ
ବହି ଯାଉଥିବା ଝରଣା ପରି ଖୁବ ବେଗମତୀ
ଆବେଗରେ ପାରିହୁଏ ବନ୍ଧ ବାଡ଼ ନଈ
ଉତୁରା କ୍ଷୀର ପରି ଯାଏ ସେ ଉତୁରି
କେବେ କଲମ କାଗଜରେ, ଡାଏରୀ ପୃଷ୍ଠାରେ
କି ଆଧୁନିକତାର ମୋବାଇଲ ରେ
ଘୁରିଆସେ ନଗର ପରିଜନ ଜନ ପଦ କି
ମୁଖ ପୁସ୍ତିକାର ନିରବ କୋଳାହଳରେ ।

ISSN NO.
2582-208X

ଯେଉଁଠି ସ୍ଥାନ ମିଳେ ତାକୁ ସେଇଠି ବଞ୍ଚେ
ସେ ବୁଝେନା କିଏ ତାକୁ ଦେଇଛି କଥା
ପ୍ରତ୍ୟୁତ୍ତର ପାଇବାକୁ ନ ଥାଏ ଆଶା
ତଉଲି ପାରେନା ଦୁଃଖ ଅବା ସୁଖ
ବାସ ଗୋଟେ ଆବେଗରେ ବାନ୍ଧିଦିଏ ମଣିଷକୁ
ତା ମନର ଶାଖା ପ୍ରଶାଖାକୁ
ତାକୁ ନିଷ୍ଠାରେ ଭଲ ପାଉଥିବା ହୃଦୟକୁ
ତା ସହ ସାଙ୍ଗ ହୋଇ ଚାଲୁଥିବା ମୁହୂର୍ତ୍ତ ମାନଙ୍କୁ
ଜୀବନ ତମାମ କିଣି ନେଇଥିବା
କବିର ବକ୍ଷୁରେ ହୃଦୟକୁ
ତାକୁ ମୂଲ୍ୟ ଦେଇ ବିତି ଯାଉଥିବା ସମୟର ପ୍ରବାହକୁ ।

ଗଙ୍ଗନଗର,
ଭୁବନେଶ୍ୱର,7978110474

ISSN NO.
2582-208X

# ଫଗୁଣେ କପୋତଟିଏ



ଡକ୍ଟର ମିଲନ ମହାନ୍ତ

ଏ ସନ ଫଗୁଣ,
ଇଷତ୍ ରକ୍ତିମ ଲଫାପାରେ
କରିଛି କୁସୁମୀ ନିମନ୍ତ୍ରଣ ।

ଗଛରେ ଭରିଛି
ନୂଆ ଫୁଲ ଭାର
ତାରା ପରି ଥପଥପ
ବିଛାଡି ପଡୁଛି ଶିମିଳି,ପଳାଶ
ବନଭୂଇଁ ପଥଘାଟ।

ଶାଳ ଓ ମହୁଲ ପୃଥିବୀ ଦିଶୁଛି
ଅନୂଢା ପୁଷ୍ପବତୀ,
ଆଞ୍ଜୁଳାଏ
ନାଲି ଫଗୁ ନେଇ
ଗୋପନରେ କେହି
ଦେବୀରୂପ ଆଙ୍କୁଅଛି ।

ପତଙ୍ଗ-ମଧୁପ ଫୁଲକୁ ଫୁଲ
ଡାଳ ଓ ପତରେ
ଫୁଲଚୁଇଁ କଳରବ
ନାଲି ଓ ସବୁଜ ପଣତ ବିଛାଇ
ବୁଗେନଭିଲା
ଛାଇକୁ କରିଛି ଲମ୍ବ ।

କେତେ ସମାଗମ ଭିଡ ବିଜନେ ତଥାପି
କପୋତଟିଏ
ଆଦରି ନପାରି ଫୁଲ କି ଫଗୁଣେ
ମାଟିକି ଖୁଣ୍ଟୁଥାଏ ।

ଅଧ୍ୟାପକ, ଓଡ଼ିଆ ବିଭାଗ,
ରାଇରଙ୍ଗପୁର ମହାବିଦ୍ୟାଳୟ,
ମୟୂରଭଞ୍ଜ

ISSN NO.
2582-208X

# ପୂଜା



ବଦ୍ରୀ ମହାନ୍ତ

ମାନସିକ ଅବସାଦ, ଯନ୍ତ୍ରଣା, ନିରାଶା, ଅପାରଗତା ଓ ଅପ୍ରାପ୍ତି ରୁ ମୁକ୍ତି ପାଇବା ପାଇଁ ଉପାୟ ସନ୍ଧାନ କରୁ କରୁ ସମୟ କେମିତି ନିଃଶେଷ ହୋଇ ଯାଉଛି, ଜାଣିବା ଅସମ୍ଭବ। ଏକ ନିର୍ଦ୍ଦିଷ୍ଟ ରାସ୍ତାଟିଏ, ଗ୍ରହଣୀୟ ଉପଚାରଟେ ଅଥବା ବିଧି ବ୍ୟବସ୍ଥାର ସହଯୋଗ ଆହୁରି ଅପହଞ୍ଚ ହୋଇ ରହିଯାଉଛି । ସାରା ଜୀବନ ବନ୍ଧା ପଡୁଛି ପ୍ରାପ୍ତି ଆପ୍ରାପ୍ତି ପାଇବା ହଜାଇବା ଖୋଜିବା ଲୁଚିବା ଭିତରେ । ଜଣେ ନିଜକୁ ସଂପୂର୍ଣ୍ଣ ପାରଙ୍ଗମ ବୋଲି ଯେତେ ଯାହା ଡେଙ୍ଗୁରା ପିଟିଲେ ସୁଦ୍ଧା ବାଇ ମହାନ୍ତିଙ୍କ  ଦୃଷ୍ଟିରେ ସଭିଏଁ ଗୋଟେ ଗୋଟେ ଅଧା ଲେଖା କବିତା। ସାରା ଜୀବନ ବିତି ଯାଉଛି ପୂର୍ଣ୍ଣତାର ସିଂହାସନ ଆରୋହଣ କରିବା ପାଇଁ। ଲୋଡ଼ା ପଡୁଛି କଠୋର ପରିଶ୍ରମ ପ୍ରତିବଦ୍ଧତା। ଭାଗ୍ୟ ଭଗବାନ ର ଦ୍ୱନ୍ଦ ଭିତରେ ସେ ଖୋଜୁଛି ରାସ୍ତା। ଭୁଲ ଠିକର ଛକରେ ଛିଡ଼ା ହୋଇ ଆପଣେଇ ନେଉଛି ଦିଶି ଯାଉଥିବା କର୍ମ କରଣୀ ।

କେଉଁ ଅନାଦି କାଳରୁ ଗ୍ରହଣ କରି ନିଆଯାଇଛି 'କର୍ମ ହିଁ ପୂଜା' । କର୍ମ କୁ ବାଦ ଦେଇ ମଣିଷ ବଞ୍ଚି ପାରେନା ଓ ସମର୍ପିତ ଭାବ ଓ ତ୍ୟାଗ ଇ ସଫଳତାର ଦ୍ୟୋତକ। କଠିନ ସମୟ, ପ୍ରତିକୂଳ ପରିସ୍ଥିତି, ଅସମତଳ ରାସ୍ତା ଓ ଅସମଞ୍ଜ ସଖ୍ୟକୁ ପାଥେୟ କରି ଲକ୍ଷ୍ୟ ପ୍ରାପ୍ତି ପାଇଁ ଆବଶ୍ୟକ ପୂଜା । ଈଶ୍ୱର ଓ ନିଜ ମଧ୍ୟରେ ସମ୍ବନ୍ଧ ସ୍ଥାପନ କରି 'କର୍ମ' ସୃଷ୍ଟି

ISSN NO.
2582-208X

କରେ ସୁଯୋଗ । ଆଉ ଏହାକୁ ଯେ ପ୍ରେମ ଓ ସାଧୁତାର ସହ ଉପଯୋଗ କରେ, ପ୍ରାପ୍ତି ତା' ନିମନ୍ତେ ଦୂରନ୍ତ ହୋଇ ରହେନାହି । ବ୍ୟକ୍ତିଗତ ସୁଖ ସ୍ୱାଚ୍ଛନ୍ଦ୍ୟ ସମୃଦ୍ଧି ଐଶର୍ଯ୍ୟ ସହିତ ସମାଜ ଓ ରାଷ୍ଟ୍ର ନିର୍ମାଣ ସମ୍ଭବ ହୁଏ ପୂଜା ଯୋଗୁଁ। ଶ୍ରଦ୍ଧା ଭକ୍ତି ପ୍ରେମ ଓ କର୍ମର ଏକ ମିଶ୍ରିତ ସ୍ୱରୂପ ହିଁ ପୂଜା। ଅତଏବ ଏହା ବିନା ମଣିଷ ଜୀବନ ସାର୍ଥକ ହୋଇଛି ବୋଲି ସାଧାରଣରେ ବିଚାର କରିବା କଷ୍ଟସାଧ୍ୟ ।

ଆସ୍ଥା ଓ ବିଶ୍ୱାସ କୁ ପୁଞ୍ଜି କରି ଗ୍ରହଣ କରା ଯାଉଥିବା ଉପାସନା ପଦ୍ଧତି, କ୍ରିୟା ପ୍ରତିକ୍ରିୟା ଅବଚେତନକୁ ଯେଉଁ ଭଳି ଭାବେ ପ୍ରଭାବ ବିସ୍ତାର କରିଥାଏ, ତାହା ଅନେକ ଉପଲବ୍ଧି କରି ପାରୁନଥିବାରୁ ଏହାକୁ ଅସଙ୍ଗତ ଅନାବଶ୍ୟକ ବୋଲି ମନେ କରନ୍ତି। ମାତ୍ର ଏହା ଅସତ୍ୟ। ସାଧନା ଶୁଦ୍ଧ ଆଚରଣ ଏବଂ ସତ୍ କର୍ମ ହିଁ ଆରାଧନା । ଏଥିରୁ ନିଜକୁ ବଞ୍ଚିତ ରଖୁଥିବା ମଣିଷ ଟି ନିରାଶାର ଅର୍ଗଳୀରେ ଚିର କାଳ ବନ୍ଧା ପଡ଼ିଥାଏ। ଅପ୍ରମିତ ଦୁଃଖ ଯନ୍ତ୍ରଣା ଅସହାୟତା ଭିତରେ ବୁଡ଼ି ରହି ଖୋଜୁଥାଏ କେହି ଜଣେ ଏହା ବ୍ୟତିରେକ ସଳଖ ସୁନ୍ଦର ସାବଳୀଳ ରାସ୍ତାଟିଏ ବତାଇ ଦିଅନ୍ତି କି ! ଅଶାନ୍ତି ଓ ଦୁର୍ଗତିରୁ ମୁକ୍ତି ମିଳନ୍ତା !

ସଭ୍ୟତା ର ଆରଂଭ ଓ ବିକାଶ ସହିତ ମଣିଷ ଯେତେବେଳେ ଆଖି ଖୋଲି ଦେଖିଲା, ଜାଣିଲା ଓ ଅନୁଭବ କଲା କୌଣସି ଶକ୍ତି ତା' ପାଖେ ପାଖେ ରହିଛି, ତାକୁ ରାସ୍ତା ଦେଖାଉଛି ଏବଂ ଜୀବନର ଗତି ପ୍ରକୃତି ଏହି ଶକ୍ତି ଦ୍ୱାରା ନିୟନ୍ତ୍ରିତ ହେଉଛି ନିରନ୍ତର ଭାବେ। ଖୋଜିଲା ସେ ଶକ୍ତି ସମୂହକୁ। ଅଗ୍ନି ବରୁଣ ବାୟୁ ବୃକ୍ଷ ତାର ଚିର ସହଚର ସତ, ମାତ୍ର ସକଳ ଶକ୍ତିର ଆଧାର ଯେ ସୂର୍ଯ୍ୟ, ଏହା ଅନୁଭବ କରିବା ମାତ୍ରେ ସେ ସଭିଙ୍କୁ ପୂଜା ଆରମ୍ଭ କରିବାକୁ ଲାଗିଲା। ଭୟ ବା ଆଶଙ୍କାରେ ନୁହେଁ, ଶୁଦ୍ଧ ଭକ୍ତି ପ୍ରେମ ସହିତ ଆରାଧନାରେ ମଗ୍ନ ରହି ପ୍ରବେଶ କଲା ସୁଖ ଓ ଶାନ୍ତିର ସାମ୍ରାଜ୍ୟ ଭିତରକୁ । ଜୀବନ ଯାହା ଯୋଗୁଁ ସମ୍ଭବ, ସମୃଦ୍ଧ ଓ ଗତିଶୀଳ ତାକୁ ଭଲପାଇବାରେ ଅସୁବିଧା କେଉଁଠି ? ପ୍ରକୃତିର ଅଫୁରନ୍ତ ଦାନକୁ ସ୍ୱୀକାର କରିବା ସହ ଏହାର ରକ୍ଷଣା ବେକ୍ଷଣ ସୁରକ୍ଷା ଆପେ ଆପେ ଆସି ପଡିଲା ତା ଉପରେ। ଶକ୍ତି ପୁଞ୍ଜ ଓ ପ୍ରକୃତି ତା ନିକଟରୁ କୌଣସି କାଳେ ଚାଲି

ISSN NO.
2582-208X

ନଯାଉ, ଏ ଭୟ ତାକୁ ଆବୋରି ବସିଲା । କୃତଜ୍ଞ ହେବା ସହିତ ପୂଜା ଦ୍ୱାରା ସମ୍ଭବ ହେବ ବୋଲି ମନେ କରି କେଉଁ ଅନନ୍ତ କାଳରୁ ମଣିଷ ବିଭିନ୍ନ ଉପଚାର ରେ ଏହା ସମ୍ପନ୍ନ କରି ଆସୁଛି ଏବଂ କରୁଥିବ ମଧ୍ୟ ।

ସମଗ୍ର ବିଶ୍ୱରେ ଉପାସନା ପଦ୍ଧତିରେ ଭିନ୍ନତା ଆସିଛି ଆସ୍ଥା ଓ ବିଶ୍ୱାସ ର ବିବିଧତା ଯୋଗୁଁ। ସମୟ ବଦଳିବା ଓ ଯୋଗାଯୋଗ ରେ କ୍ରମାଗତ ପ୍ରଭୁତ ବିକାଶ ମାନସ ପଟରେ ନାନା କଥା ଉପକଥା ଭରି ଦେଇଛି। ଶୂନ୍ୟ ଅଣାକାର ଆରାଧନା, ମୂର୍ତ୍ତି ପୂଜା, ବସ୍ତୁ ପୂଜା, ବ୍ୟକ୍ତି ପୂଜା ଓ ଅନ୍ୟାନ୍ୟ ସବୁ ଉପାସନା ର ଭିନ୍ନତା ଆସିଛି, ଯେତେବେଳେ ମଣିଷ ଜାତି ଜାତି ସମ୍ପ୍ରଦାୟ ସମ୍ପ୍ରଦାୟ ମଧ୍ୟରେ ନିଜକୁ  ଅଲଗା ଦେଖିଛି। ପ୍ରତିଟି ଆରାଧନା ପଦ୍ଧତି ପଶ୍ଚାତରେ ଲୁଚି ରହିଛି  ଗୋଟାଏ  ମାନସିକ ଅବବୋଧ। ବସ୍ତୁତଃ ଏହାର ଜନ୍ମ ପ୍ରସାର ପ୍ରଚାର ଏବଂ ଦର୍ଶନ ଭିନ୍ନ ଭିନ୍ନ ମନେ ହେଲେ ସୁଦ୍ଧା ଲକ୍ଷ୍ୟ ଗୋଟାଏ। ଅବସ୍ଥା ଚକ୍ରରେ ଗୋଟାଏ ପରେ ଗୋଟାଏ ସମୟ କ୍ରମେ ପ୍ରତିଷ୍ଠିତ ହୋଇ ମଣିଷକୁ ଭାଗ ଭାଗ କରିଦେଇଛି। ସେଥିପାଇଁ ରଚିତ ହୋଇଥିବା ଗ୍ରନ୍ଥ ଗୁଡ଼ିକ ମୂଳ ଆଧାର ରୂପେ ପରିଗଣିତ ହେଉଥିବାରୁ ତଥ୍ୟ ଓ ତତ୍ୱ ପରସ୍ପର ମଧ୍ୟରେ ସୃଷ୍ଟି କରୁଛି ବିଭେଦ, ପ୍ରତିଦ୍ୱନ୍ଦ୍ୱିତା ଓ ପ୍ରତିସ୍ପର୍ଦ୍ଧା ର ବାତାବରଣ। ସଂଘର୍ଷ  ସୂତ୍ରପାତ ହୋଇ ଅବିଶ୍ୱାସ ଦ୍ୱାରା ମୌଳିକ ତତ୍ୱଟି କ୍ଷତିଗ୍ରସ୍ତ ହେଉଛି। ସମାଜ ବା ରାଷ୍ଟ୍ରର ଶାନ୍ତି ସୌହାର୍ଦ୍ଦ୍ୟ ତଥା ଅନୁକୂଳ ପରିବେଶ ନିମନ୍ତେ ବର୍ତ୍ତମାନ ଉପାସନା ରେ ଭିନ୍ନତା ଆଣି ଦେଉଛି କଟୁତା।

ଧ୍ୱନି,ମନ୍ତ୍ର ପାଠ, ଘଣ୍ଟ ଘଣ୍ଟା, ଦୀପ ଧୂପ ପୁଷ୍ପ ପ୍ରସାଦ ଓ ବିବିଧ ବସ୍ତୁ ସମର୍ପଣ ସହିତ ଉପଚାର ପୂଜା ବିଧି ପ୍ରକାରାନ୍ତରେ ଏକ ସକାରାତ୍ମକ ଭାବକୁ ଜନ୍ମ ଦେଇଥାଏ। ପରିବେଶରେ ଆଧ୍ୟାତ୍ମିକ ବାତାବରଣ ଖେଳେଇବାରେ ସମର୍ଥ ହୁଏ ବୋଲି ପ୍ରତି ସମ୍ପ୍ରଦାୟ ଅନୁସରଣ କରନ୍ତି ନିଜସ୍ୱ ପୂଜା ପଦ୍ଧତି। ଶାନ୍ତି ପ୍ରୀତି ମୈତ୍ରୀର ବାର୍ତ୍ତା ବହନ କରିବା ଉଦ୍ଦେଶ୍ୟରେ ଅନୁଷ୍ଠିତ ହେଉଥିବା ସାର୍ବଜନୀନ ପୂଜା ବ୍ୟକ୍ତିଗତ ପୂଜା ଠାରୁ ଭିନ୍ନ। ଏଥିରେ ଆଡ଼ମ୍ବର ଆୟୋଜନ ପ୍ରତିଯୋଗିତା ଓ ସ୍ପର୍ଦ୍ଧା ଅଧିକ ଥିବାରୁ ଅନେକ ସମୟରେ ଅସମ୍ପୂର୍ଣ୍ଣ

ISSN NO.
2582-208X

ରହିଯାଏ ମୌଳିକ ଉଦ୍ଦେଶ୍ୟ। ଅନ୍ୟ ଅନେକ କଥା ପରି ଛଳନା ଓ ନିଜ ଅର୍ଜିତ ପାପ ଲୁଚାଇବା ନିମନ୍ତେ ଲୋକ ଦେଖାଣିଆ ସେବା ପୂଜା କୌଣସି ମହତ୍ ଉଦ୍ଦେଶ୍ୟ ସାଧନ କରି ପାରେ ନାହିଁ। ସେଥିପାଇଁ ସବୁ ମତ, ପନ୍ଥ, ସମ୍ପ୍ରଦାୟରୁ ଊର୍ଦ୍ଧ୍ୱକୁ ଯାଇ ବାଇ ମହାନ୍ତି କହନ୍ତି, "ହେ ପ୍ରଣମ୍ୟ ପୁରୁଷ ! ନିଜ ବ୍ୟକ୍ତିଗତ ଅଭିଳାଷ ପୂର୍ଣ୍ଣ ପାଇଁ ହେଉ, ଅଥବା ବୃହତ୍ତର ସ୍ୱାର୍ଥ ପାଇଁ ହେଉ, ସତ୍ କର୍ମ ଭିତରେ ଆବିଷ୍କାର କର ପୂଜାର ମହତ୍ତ୍ୱ। ବିଧାତା ଓ ନିଜ ମଧ୍ୟରେ ବିମଳ ସମ୍ପର୍କ ସ୍ଥାପନ କରି ମାନବତାର ଜୟଗାନ କଲେ ସିନା ସଭିଏଁ ସ୍ୱୀକାର କରିବେ ଉପାସନାକୁ ଠିକ୍ ଭାବେ ବୁଝି ବିଚାରି ଅନୁସରଣ କରୁଛ, ନହେଲେ ସବୁ ଅସାର ପରା !"

ବି 10/154,କେନ୍ଦ୍ରୀୟ ବିହାର,
ପୋ:ଟମାଣ୍ଡୋ, ଭୁବନେଶ୍ୱର-751028
badrimohanty60@gmail.com

ISSN NO.
2582-208X

# ଭିକାରୀ



ଡ. ଜ୍ଞାନେଶ୍ୱର ମିଶ୍ର

ବାବା ! ମା ! ଗଣ୍ଡେ ଭିକ ଦିଅ
ସକାଳୁ ଠୁଁ ସଂଜଯାଏଁ ଡାକୁଥାଏ ବିକଳ ସ୍ୱରରେ
ରାସ୍ତାକଡ, ରେଲୱେ ପ୍ଲାଟ ଫର୍ମ
ମନ୍ଦିର ମସଜିଦ ଗୀର୍ଜାର ବାହାରେ
ଭୋଟର କି ଆଧାର କାର୍ଡ କିଛି ନାହିଁ ମୋରେ
"ଭିକାରୀ" ଶବ୍ଦଟି ଖାଲି ପରିଚୟ ମୋର
ମୁଁ ତ ଭିକାରୀ ମନ୍ଦିର ବାହାରେ
ତୁମେ ତ ମନ୍ଦିର ଭିତରେ ଭିକାରୀ
ଆଲ୍ଲା ଈଶ୍ୱରଙ୍କୁ ମୋଠୁଁ ଅଧିକ କର ବିକଳ ଗୁହାରୀ
ଭଲ ହୋଇ ଯାଉ ମୋ ସ୍ତ୍ରୀର କ୍ୟାନ୍ସର
ସି.ବିଆଇ. ନ ପାଉ ମୋ କଳା ଧନର ଖବର
ବନ୍ଦ ନହେଉ ମୋ ନକଲି ଔଷଧ ବିକିରି
ପୁଅକୁ ମୋ ମିଳିଯାଉ ସରକାରୀ ଚାକିରୀ
ଥରେ ଖାଲି ଜିତି ଯାଏଁ ଏମ୍.ଏଲ୍.ଏ. ଭୋଟ
ହେ ଠାକୁର ତୁମକୁ ଚଢାଇବି ସୁନାର ମୁକୁଟ
ପେଟପୁରା ଖାଇବାକୁ ମିଳିଗଲେ
ଯେଉଁଠି ସେଇଠି ନିଶ୍ଚିନ୍ତରେ ଶୁଏ
ଦେଶ ଦୁନିଆ ଖବରକୁ ପଚାରୁଛି କିଏ

ISSN NO.
2582-208X

ତୁମେମାନେ ମନ୍ଦିର ଭିତର ଭିକାରୀ
ନିଜେ ଲାଞ୍ଚ ଖାଅ ଠାକୁରଙ୍କୁ ଲାଞ୍ଚ ଯାଚ
ତୁମ ଲୋଭ, ଆଶା ଅସୁମାରୀ
ତୁମେ ଓ ମୋ ଭିତରେ ଏତିକି ଫରକ
ମଳିଆ ଲୁଗା, ଛିଣ୍ଡା ଜାମା ମୋ ପୋଷାକ
ତୁମର ସୁନ୍ଦର ଭଳି ଭଳି ଦାମୀ ରଙ୍ଗୀନର ଭେକ,
ମୁଁ ମନ୍ଦିର ବାହାରେ ଭିକାରୀ
ତୁମେ ମନ୍ଦିର ଭିତରେ ଭିକାରୀ ॥

୪୯/୫/ଏଚ-୫୫, କର୍ଲ୍ ମାର୍କ୍ସ ସରଣୀ
କୋଲକାତା ୭୦୦୦୨୩

ISSN NO.
2582-208X

# ତାରିଖ



ଝିଲିମିଲି ସାହୁ

ଏକ ଆପେକ୍ଷିକ ଶବ୍ଦ............

ସେ ବଦଳିଲେ ବଦଳିଯାଏ ଅସ୍ତିତ୍ୱ

ବର୍ତ୍ତମାନ ପାଲଟିଥାଏ ଅତୀତ ଆଉ ଭବିଷ୍ୟତ ସନ୍ନିକଟ

ମାନ ଅଭିମାନ ଠାରୁ ଅନେକ ଊର୍ଦ୍ଧ୍ୱରେ

କାହା ଆକଟକୁ ତିଳେ ମାତ୍ର ନଥାଏ ଭ୍ରୁକ୍ଷେପ

ଜହୁରୀ ସାଜି ପରଖି ପାରିଲେ ଆଣିଦିଏ ଐଶ୍ୱର୍ଯ୍ୟ

ସ୍ୱପ୍ନ- ଲକ୍ଷ୍ୟ- ବାସ୍ତବତାର  ଅସହଜ ଯାତ୍ରା

ଆଶ୍ୱାସକ ସମ କରେ ଉତ୍ସାହିତ

ତୁମେ ଅଦ୍ୱିତୀୟ, ଅପ୍ରତିଦ୍ୱନ୍ଦୀ, ପରାକ୍ରମୀ ଯୋଦ୍ଧା

ଯାହାର ସମ୍ମୁଖେ ଆପେ ନଇଁଯାଏ ସଭିଙ୍କ ମଥା

ଜନ୍ମ ଠାରୁ ମୃତ୍ୟୁ ଯାଏଁ ଲିପିବଦ୍ଧ ତୁମେ

ତାରିଖ!!! ତାରିଖ!!! ତାରିଖ!!

ଶିକ୍ଷୟିତ୍ରୀ, ନୟାଗଡ଼

ISSN NO.
2582-208X

# ନାରାୟଣ ନାମେ
# ଶ୍ରୀ ମଧୁସୂଦନ



ଲକ୍ଷ୍ମୀପ୍ରିୟା ବିଶ୍ୱାଳ(ପୂଜା)

ଶ୍ରୀ ମଧୁସୂଦନ ଚିନ୍ତ ରେ ମନ ।
ମାରଣ ତାରନ ଯାର କେତନ ।
ନବ ନିରଦ ରୂପ ଶ୍ୟାମ ଘନ ।
ଅରାତ ନାଶନ ନନ୍ଦ ନନ୍ଦନ ।
ଭୀଷଣ ସେ ଭଦ୍ର ନୃହରି ରାଣ ।
ଲାଭ ଏ ସଂସାରେ ହରି ଭଜନ ।
ଷଡ ରସେ ଯେ କରଇ ଭୋଜନ ।
ବାଟକୁ ସଙ୍ଖାଳି ଜଗମୋହନ ।
ରିଦ୍ଧି ସିଦ୍ଧି ଦାତା ଜଗ ମୋହନ ।
କରୁଣା ସାଗର ଯଦୁନନ୍ଦନ ।
ଏ ସାରା ଭବେ ସାର ଜନାର୍ଦ୍ଦନ ।
ବିରମ ଶ୍ରୀରାମ କଥାରେ ମନ ।
ପିବ ହରି ନାମ ରସ ବହନ ।
ଏ ମ·ର ଧାମ ଅଳିକ ପ୍ରମାଣ ।
ନୟ ନାଭିରାମ କର ସ୍ମରଣ ।
ମକର କୁଣ୍ଡଳ ଶୋହେ ଯା କର୍ଣ୍ଣ ।
ତରଣୀ ଭବ ସିନ୍ଧୁର ମୋହନ ।

ରାଜୀବ ଲୋଚନ କଞ୍ଜ ଚରଣ ।
ଶାଶ୍ୱତ ସୁଖ ଦାୟକ ଶ୍ରୀକୃଷ୍ଣ ।
ଖାଏ ବସି ଷାଠିଏ ପୌଟି ଅନ୍ନ ।
ଭାବକୁ ନିକଟ ରାଧା ମୋହନ ।
ରାସବିହାରି କରୁଣା ନିଧାନ ।
ଜଗବନ୍ଧୁ ହରି ରମା ରମଣ ।
କଳାକଳେବର ସେ ଶ୍ୟାମଘନ
ନିଦକେ ସ୍ଥିତ ରତ୍ନ ସିଂହାସନ ।
କାଳୀୟଦଳନ ବିଶ୍ୱ ମୋହନ ।
କେୟୁର କଙ୍କଣ କର ଶୋଭନ ।
ପାଳକ ନ ପଡେ ଚକା ନୟନ ।

ମହୁ, ଆଳ,
ନମୌଜା, କେନ୍ଦ୍ରାପଡ଼ା

ISSN NO.
2582-208X

# ମନ

ବିନୟାନନ୍ଦ ବସ୍ତ୍ରସ୍ୟ

ଭାରୀକୁ ଦେଖିଲେ ଅସମ୍ଭାଳ ମନ
ପୁଳାଏ ଓଟାରି ନେବି,
କମ ପଟ ପୁଣି
ଭାରି ହୋଇଗଲେ
ତାହାକୁ ଗ୍ରାସ କରିବି,
ସମାନ ନ ହେବ କେବେ
ମାଙ୍କଡ଼ ପ୍ରକୃତି ଅଟଇ ମୋହର ସ୍ୱାର୍ଥ ନ ଛାଡୁଛି ଲବେ ।୧

ନିକିତି ଅଟଇ
ତ୍ରିକୁଟ ତୋହର
ଦୁଇ ଆଖି ପଲା ଜାଣ,
ନାସିକା କଣ୍ଟାଟି
ସ୍ଥିର ହୋଇଗଲେ
ତଉଲ କରେ ପ୍ରମାଣ,
ଧର୍ମ ଅଧର୍ମ ବିଚାର,
ବିବେକ ତୁଳଇ କେତେ କଣ ତାହା ଫଳାଇ ସେହି ପ୍ରକାର।୨

ISSN NO.
2582-208X

ପର ଧନ ପର
ଦ୍ରବ୍ୟ ପରେ ଆଶା
ଅଳସୁଆ ପରି ହୋଇ,
ଶୁନ୍ୟେ ମହା ଶୁନ୍ୟେ
ଆଖି ପଲକରେ
ଧନୀ ମାନୀ ହୋଇଯିବି,
ଚିନ୍ତନ ଜନ ମାନସ,
ଅନିୟନ୍ତ୍ରିତ ସେ ଦୁର୍ଜନ କେବଳ ଅନ୍ୟକୁ କରଇ ଧ୍ୱଂସ।୩

ନଆଳ, ଖୋର୍ଦ୍ଧା

ISSN NO.
2582-208X

# ଡିଭୋର୍ସ



ଅଳକା ମହାନ୍ତ

ଆରେ ଏ କଣ ? ଗୃହ ଯୁଦ୍ଧ ଆଜି ଦାଣ୍ଡେ ପଡ଼ି ହାଟେ ଗଡ ଗଡ଼ାଇଲାଣି !! କ ଆଶ୍ଚର୍ଯ୍ୟ କଥା। ବୁଝି ହେଉନ ଏ କପରି ମାନସିକତା ଆଜି କାଲି ପିଲାଙ୍କର!! ପାର୍କରେ ବସିଲା ବେଳେ ଶାଳୀନତା ନାହିଁ, ଘରେ ବଡ଼ ଛୋଟଙ୍କ ଆଗରେ କପରି ବ୍ୟବହାର କରିବେ ଜଣା ନାହିଁ। ନିଜ ସ୍ୱାମୀକୁ ମାରି ମାରି ବାହାରକୁ ନେଇ ଆସିଛି ସ୍ତ୍ରୀ। ଲୋକ ତାକୁ ଗୁହୁଁଛନ୍ତି। ହେଲେ ସେ କ୍ରୋଧାଗ୍ନି ଏପରି ଜର୍ଜରିତ ଥାଏ ଯେ, ସାମନା ରେ କଏ ଅଛି ଜଣା ପଡ଼ିନଥିଲା ତାକୁ। ସ୍ୱାମୀ, ଶଶୁର, ଶାଶୁ - ନଣନ୍ଦଙ୍କୁ କାହାକୁ ଛାଡୁନ।

-"ତୋତେ ମୁଁ ଡିଭୋର୍ସ ଦେବି। ସେ ଟୋକ କ ଛାଡ, ନ ହେଲେ ତୋତେ ପୋଲିସ ରେ ଦେବି"।

--"ମୋର କିଛି ଖରାପ ସମ୍ପର୍କ ନାହିଁ । ସେ କେବଳ ମୋ ଅଫିସ୍ ରେ କାମ କରୁଛି। ମୋର ଭଲ ସାଙ୍ଗ ହୋଇ ଯାଇଛି। ସେଥି ପାଇଁ ମୁଁ ତାକୁ କିଛି ମନ କଥା କହିଦିଏ।

-"ଅଚ୍ଛା, ଦିନ ରାତି ଚାଟିଂ କରୁଛ! ସେ ପୁଣି କଣ ? ଦେଖାଅ ତୁମ ମୋବାଇଲ୍!

--"ସାଙ୍ଗ ହିସାବରେ ଟିକେ ଥଟା କରିଦିଏ। ସେମିତି କିଛି ଖରାପ ଉଦ୍ଦେଶ୍ୟ ନାହିଁ ମୋର। ଯଦି ଅଛି, ତା ହେଲେ ମୁଁ ତୁମକୁ ତ ଖରାପ ବ୍ୟବହାର କରି ଥାଆନ୍ତି। ତୁମକୁ ଭଲରେ କେମିତି ରଖିଛି,କଣ ଅଭାବ ତୁମର ?? ତୁମକୁ ସବୁ ଦେଲି, ତୁମ ଘରକୁ ନିଜର ଘର

ISSN NO.
2582-208X

ବୋଲି ଭାବି ତାଙ୍କ ପାଇଁ ସବୁ କରୁଛି। ପିଲା ମାନଙ୍କୁ ଯଥା ସମ୍ଭବ ସବୁ ସୁବିଧା ସୁଯୋଗ ଦେଇ ପଢ଼ାଉଛି। କାହାର କଛି ଅସୁବିଧା କରିନ କ କରିବି ନାହିଁ। ପାରିବାର ର ସ୍ଥାନ କେହି ନେଇ ପାରିବେନ। ସାଙ୍ଗ ତ ସାଙ୍ଗ। ସେ କଣ କେବେ ପାରିବାର ହୋଇ ପାରିବେ। ପାରିବାର ଜୀବନ ସାରା ସାଥିରେ ରହିବେ, ଏ କଥା କଣ ମୁଁ ଜାଣିନ। ହଉ ଯଦି ତୁମେ ମୋ ସାଙ୍ଗ ଙ୍କୁ ଭଲ ପାଉନ, ତେବେ ତାକୁ ବି ମୁଁ ଛାଡ଼ି ଦେବି, ତାକୁ ବ୍ଲକ କରି ଦେଉଛି। ତୁମେ ରାଗ ନାହିଁ, ଚାଲ ଘରକୁ ଚାଲ! "ନମ୍ରତା ର ସହିତ ପତି କହୁଥାଏ।

ହୋଲି ରେ ଲୋକ ଏପଟ ସେପଟ ହୋଇ ରଙ୍ଗ ଖେଳୁଥିଲେ। ସମସ୍ତେ ଆଶ୍ଚର୍ଯ୍ୟ ଚକିତ ହୋଇ ଦେଖୁଥିଲେ ସେ ନାଟକ। କଛି ସମୟ ପାଇଁ ଚଳଚଂଚଳ ପିଲାଏ ମଧ୍ୟ ସ୍ଥିର ପାଷାଣ ପ୍ରତିମାଟି ପରି ଠିଆ ହୋଇ ତାଙ୍କ ଘର ସାମନା କୁ ଅନାଇ ଠିଆ ହୋଇଗଲେ। ହେଲେ ସ୍ତ୍ରୀ ଲୋକଟିର କ୍ରୋଧାଗ୍ନି ଏତେ ପ୍ରଚଣ୍ଡ ଥିଲା ଯେ ସମସ୍ତ ଙ୍କ ହୃଦୟ ରେ ଥିବା ଆନନ୍ଦ ଉତ୍ସାହ ଟିକୁ ଜାଳ ପୋଡ଼ି ନଷ୍ଟ କରିଦେଲା। ସ୍ୱାମୀ ର କାକୁତି ମିନତି ତାକୁ ଟିକେ ବି ଶୀତଳ କରି ପାରୁନଥିଲା। ବୁଢ଼ା ଶଶୁର ଭିତରୁ ଆସି ଲୋକ ଲଜ୍ଜା କୁ ପଦାରେ ପକାଇ ତାର ହାତ ଧରି ଭିତରକୁ ନେଇଗଲେ। ନେହୁରା ହେଲେ, "କହିଲେ ମୋ ପୁଅ ର ଜିମେଦାରି ମୁଁ ନେବି। ତା ମୋବାଇଲ୍ ନମ୍ବର ବି ବଦଳାଇ ଦେବି। ତା ମୋବାଇଲ ତୋ ହାତରେ ଦେବି। ତୁ ଆଉ ରାଗେନା ମାଆ, ଭିତରକୁ ଆସେ।"

ହାତ ଟା କୁ ଛାଡି ଦେଇ କହିଲା, ଆରେ ତୁମେ କୁକଟେ, ତୁମ ପୁଅ ହାଇପୋକ୍ରାଟ। ତୁମ ମାନଂକ ଯୋଗୁଁ ମୁଁ ଏମିତି ଅବସ୍ଥା ହେଉଛି।

କଣ କରିବେ ବୁଢ଼ା ମଣିଷ। ବିବାହର ପୂର୍ବରୁ ଅନେକ ବେନାମୀ ଚଠି ସେ ଝିଅ ବିଷୟରେ ପାଇଥିଲେ ସୁଦ୍ଧା ପୁଅର ହାତରେ ସେ ଝିଅ କୁ ଦେଇଥିଲେ। ଭାବିଥିଲେ ଝିଅ ପରି କରି ରଖିବେ। ହେଲେ ବୋହୂ ତାର ମାଆ ର ମନ୍ତ୍ରଣା ରେ ଏପରି ଅନେକ ଆଳ କରି ଗଣ୍ଡଗୋଳ କରି ସମସ୍ତଙ୍କୁ ଡରାଇ ରଖିବ ବୋଲି ସେ ଭାବି ନଥିଲେ। ଭିତରକୁ ଟାଣି ଟାଣି ପୁଅ ବୋହୂଙ୍କୁ ନେଉ ନେଉ ଭେଁ ଭେଁ ହୋଇ କାନ୍ଦୁଥିଲେ।

ISSN NO.
2582-208X

ସେମାନେ ଭିତରକୁ ଯାଉ ଯାଉ ମୋର ସୁଦୂର ପଲ୍ଲୀ ରେ ପର୍ଶୁରାମ ବାବୁଙ୍କ କଥା ମନେ ପଡିଗଲା। ଦୀର୍ଘ ଶ୍ଚାଳଶ ବର୍ଷ ତଳର କଥା। ଜମିଦାର ଘରର ଝିଅ କୁ ବାହା ହୋଇ ଆଣିଥିଲେ। ଅନେକ ସ୍ନେହ ଅଦର ରେ ଥିଲେ ଦୁଇ ବର୍ଷ। କେଜାଣି କେଉଁ ଏକ ଦୁର୍ବଳ ମୁହୂର୍ତ୍ତ ରେ ସ୍ଵାମୀ ଆଉ ସ୍ତ୍ରୀଙ୍କ ସଂସାରରେ ପ୍ରବେଶ କରିଥିଲା ମାୟା। ବିବାହ ର ଦୁଇବର୍ଷ ପରେ ସାବିତ୍ରୀ ଦେବୀ ଙ୍କୁ ସଉତୁଣୀ କୁ ସ୍ୱାଗତ କରିବାକୁ ପଡ଼ିଥିଲା। ହୃଦୟ କୁ ଶତ ଖଣ୍ଡ କରି ନିଜ ସଂସାର କୁ ବଞ୍ଚାଇବାକୁ ଯାଇ ମାୟା କୁ ଘରେ ନିଜ ସାନ ଭଉଣୀ ଭାବି, ସମସ୍ତ ଅଭିମାନ, ଲୋକ ଲଜ୍ଜ୍ୟା କୁ ନିଜର ବୁକୁ ତଳେ ଲୁଚି ଶେଷ ଜୀବନ ସେଇଠାରେ ତ୍ୟାଗ କରିଥିଲେ, ହେଲେ ସ୍ୱାମୀଙ୍କୁ ତ୍ୟାଗ କରି ନଥିଲେ। ସ୍ୱାମୀ ମଧ ନିଜର ଭୁଲ ସ୍ୱୀକାର କରି ଦୁଇ ସ୍ତ୍ରୀ ଆଉ ସେମାନଙ୍କ ପିଲା ମଧରେ ସେମିତି କଛି ପାତର ଅନ୍ତର କରି ନଥିଲେ। ଦୁଇ ସ୍ତ୍ରୀ ଙ୍କୁ ସମ୍ମାନ, ସମାନ ଅଧିକାର ଦେଇ, ସେମାନଙ୍କ ପିଲା ମାନଙ୍କୁ ନିଜର ଉତ୍ତରାଧିକାରୀ କରି, କଛି ପାତର ଅନ୍ତର ନ କରି ସେମାନେ ଏକ ସୁସ୍ଥ ବାତାବରଣ ଭିତରେ ଜୀବନ ନିର୍ବାହ କରିବାକୁ ଯଥା ସମ୍ଭବ ଚେଷ୍ଟା କରୁଥିଲେ। ସାବିତ୍ରୀ ଦେବୀ ସ୍ୱୀକାର କରିବାର ଶକ୍ତ ଯୋଗୁଁ ସାବିତ୍ରୀ ଦେବୀ ତାଙ୍କ ଉଜୁଡ଼ା ସଂସାର କୁ ସଜାଡି ଦେଲେ। ସବୁ ପିଲା ତାଙ୍କର, ସଉତୁଣୀ ବି ତାଙ୍କର, ସ୍ୱାମୀ ବି ତାଙ୍କର ଭାବି ସଂସାର ନାଆ ରେ ସଭି ଙ୍କୁ ବସାଇ କଛି ଦିନ ପରେ ଶେଷ ବିଶ୍ୱାସ ତ୍ୟାଗ କଲେ। ହେଲେ ଘର କଥା କୁ କେବେ କାହା ଆଗରେ ବଖାଣି ବସି ନଥିଲେ।

ହେଲେ ଆଜି ଏ ଦାଣ୍ଡ ରାସ୍ତା ରେ ସାମାନ୍ୟ ଘର କଳି ରେ ଡିଭୋର୍ସ କଥା ଶୁଣି ମୋତେ ଯେତିକ ହସ ଲାଗୁଥିଲା, ତାଙ୍କ ସ୍ୱାମୀ ଙ୍କ ଅପାରଗତା ଦେଖି ତା ଠାରୁ ଅଧିକ ନ ହସି ରହି ପାରିଲିନି। ଦୁନିଆଁ ସତରେ ବଦଳ ଯାଇଛି। ସମସ୍ତଙ୍କର ଆତ୍ମ ବିଶ୍ୱାସ ବହୁତ ଅଧିକ ବଢ଼ି ଯାଇଛି ବୋଧହୁଏ। ଏ ଆଇନ କାନୁନ ବି ଲୋକଙ୍କୁ ଅଧିକ ବଳଶାଳୀ କରିଦେଇନି ତ??

ଭାବିଲେ କଣ ହେବ ଯେ। ଦୁନିଆଁ ର ରଙ୍ଗ ମଞ୍ଚରେ ସମସ୍ତେ ସମସ୍ତଂକ ଭୂମିକା କରୁଛନ୍ତି, କରିବେ ମଧ୍ୟ।

ନଭି ମୁମ୍ବାଇ, ମହାରାଷ୍ଟ୍ର
ମୋ: ୭୩୦୩୨୬୪୩୭୭

ISSN NO.
2582-208X

# ପ୍ରେମ ଅନମନା



ଆଶୁତୋଷ ମେହେର

ମରିଗଲ୍ ପରେ ଭୁତ ଅବା ପ୍ରେତ
କଏ କଣ କା'ରେ ଜଣା,
ସବୁ ଲୀଳାଖେଳା ଜୀବନ ବେଳାରେ
ହସ କାନ୍ଦ ନାହିଁ ମନା......||୦||

ପ୍ରେମ କ ପୀରତି ବଞ୍ଚିଲ୍ ଲୋକର
ହୃଦୟରେ ଥାଏ ଭାବ,
ଦୁଇଟା ପରାଣୀ ଏକ ପ୍ରାଣ ହୋଇ
ଆହୁଲ୍ ଭିଡନ୍ତୁ ନାବ,
ମରି ହଜିଗଲେ ଯିଏ ଯାହା ବାଟେ
ହୋଇଥାନ୍ତୁ ପଥବଣା.....||୧||

ଭଲ ଭାବ ଥିଲେ ଝୁରେ ଏକ ମନ
ଆର ଚାଲିଗଲେ ଦୂରେ,
ଅଫେରା ରାଇଜ ସ୍ମୃତି ମାଜି ମାଜି
ଆଖି କାନ୍ଦେ ମନ ଝୁରେ,
ସେଇ ପ୍ରେମ ଧାରା ଯୁଗ ଯୁଗ ଧରି
କରେ ସତେ ଅନମନା.......||୨||

୫୪ ଆର୍ଯ୍ୟପଲ୍ଲୀ, କଟଛକ ପଟିଆ
ଭୁବନେଶ୍ୱର ୭୫୧୦୨୪/ଦୂରଭାଷ
9437085396

ISSN NO.
2582-208X

# ଓଡିଶା ଆମ ରାଇଜ ନାଆଁ



ରଘୁନାଥ ତ୍ରିପାଠୀ

ଆମ ରାଇଜ ନାଆଁ ଓଡିଶା ଓଡ଼ିଆ ଆମ ଭାଷା
ତାହାରି କୋଳେ ଜନମ ନେଇ ପୁରିଛି ସବୁ ଆଶା
କେଡେ ମିଠାଟି ଆମରି ଭାଷା ପୀୟୂଷ ସମ ପରା
କେତେ ମଧୁର ଲାଗେ ଆମକୁ ଅବା ମଧୁରେ ଭରା
ଆନ ରାଇଜେ ରହିଲେ ଆମେ ଥିଲେ ଅପର ଦେଶେ
କାନେ ପଡିଲେ ଓଡ଼ିଆ ଭାଷା ପ୍ରାଣକୁ ଆମ ତୋଷେ
ଆମ ଠାକୁର ବଡ଼ ଠାକୁର ସାରା ଦୁନିଆ କହେ
ତାର ଦେଉଳ ବଡ଼ ଦେଉଳ ସାଗର କୂଳେ ଶୋହେ
ସିଏ ତ ନୁହେଁ ଆମରି ଦିଅଁ ଆମ ଭିତରେ ଜଣେ
ଠାକୁର ରାଜା ମହତ ଲାଗି ବାହାରିଥିଲେ ରଣେ
ଇତିହାସର ଗାଥା ଗାଉଛି ଆମରି ବାରବାଟୀ
ବୀର ରକତେ ଭିଜିଯାଇଛି ଆମ ଇରମ ମାଟି
କଳଙ୍ଗ ଯୋଦ୍ଧା ବୀର ପାଇକେ ରଖିଲେ ଆମ ମାନ
ବେପାର କରି ସାଧବ ପୁଅ ବଢ଼ାଇଥିଲେ ଧନ
ଆମ ରାଇଜ ମଣି ଯେ ଥିଲେ ଆପଣା ଗୋପବନ୍ଧୁ
ଭୂମିର ପୁତ୍ର ବିଜୁ ଆମର ଥିଲେ ସାହସ ସିନ୍ଧୁ

ISSN NO.
2582-208X



କେତେ ମୁକତିଯୋଦ୍ଧାଙ୍କ ପାଇଁ ଋଣୀ ଅଛି ଏ ମାଟି
ରିପୁ କୁଳକୁ ଭୟ ଦେଖାଏ ଚାନ୍ଦିପୁରର ଘାଟି
ରୁପା ସହର କଟକ ପରା ହଜାରେ ବରଷର
ମନ୍ଦିର ମାଳ ରାଜଧାନୀ ଯେ ଆମ ଭୁବନେଶ୍ୱର
ହୀରାକୁଦର ପଥର ବନ୍ଧ ପାଣି ବିଜୁଳି ବଳେ
ରାଉରକେଲା କାରଖାନା ଯେ ଲୁହା ଇସ୍ପାତ ଢାଳେ
ପାରାଦ୍ୱୀପରେ ବନ୍ଦରଟିଏ ହୋଇଛି ଆମ ଗଢ଼ା
କୋଣାରକର ଚରମ କଳା ଆମରି ଆଗେ ଛିଡା
ଶୀତ କାଳରେ ଆମ ଅତିଥି ଦୁନିଆ ପକ୍ଷୀ କୁଳ
ରଙ୍ଗା ବିହଙ୍ଗ କଳରବରେ ଭରେ ଚିଲିକା ଜଳ
ଓଡିଶା ଆମ ରାଇଜ ନୁହେଁ ଅଟେ ଆମରି ମାଆ
ତାହାରି ପାଣି ପବନ ବଳେ ହୋଇଛୁ ଆମେ ଠିଆ
କେତେ ସାହିତ୍ୟରଥି ଗାଆନ୍ତି ଲେଖିବା ତାଙ୍କ ନିଶା
ଓଡିଶା ଆମ ରାଇଜ ନାଆଁ  ଓଡ଼ିଆ ଆମ ଭାଷା ॥

ବାଲିସାହି, ମଧୁପାଟଣା,
କଟକ8763343263

ISSN NO.
2582-208X

# ଛୁରୀ...



ମଧୁମିତା ମିଶ୍ର

କାଟିବାକୁ ହୁଏ...
ଏମିତି କଟି ଯାଏନା...
ବୁହେଇବାକୁ ହୁଏ ରକ୍ତ...
ଏମିତି ବୋହି ପାରେନା...

ଲହୁ ପର ବୁହାଇ ଥାଏ...
ଆପଣା ଲହୁ ଝରେଇ ଦିଏ...
ମନ ଭିତରେ ରହି ମନ ମନ୍ଥିଦେଇ...
ନିଜ ଲୋକଟି ନିଜକୁ କନ୍ଦେଇ ଦିଏ...

ହୃଦ କଥା ମନ କୁହଇ ଯାହାକୁ...
ସେ ଖଣ୍ଡ ଖଣ୍ଡ କରି ମଜା ନେଇଥାଏ...
ଭଗ୍ନ ମନର ଧ୍ୱଂସ ସ୍ତୁପପରେ...
ନିଜ ସୌଖିନ ମହଲ ସଜାଇ ଥାଏ...

ISSN NO.
2582-208X

ଷଡଯନ୍ତ୍ର କରି ପିଠିରେ ମାରି...
ଆଗରେ ପୁଣି ସେ ଆସି ହସିପାରେ...
ବେଇମାନ ବନ୍ଧୁ ବିଷାକ୍ତ ସବୁଠୁ...
ବନ୍ଧୁକୁ ଫସାଇ ଖସି ଯେ ପାରେ...

ନିଶ୍ଚୟ ସେ ଛୁରୀଟିଏ...
ରକ୍ତମୁଖା ଲହୁ ପିପାସୁ ବସ୍ତୁ...
ଯେତେ ବାନ୍ଧି ରଖିଲେ ବି ତାକୁ...
ଖସି ଯାଇଥାଏ ସହଜେ ହସ୍ତୁ...

ଭୁବନେଶ୍ୱର

ISSN NO.
2582-208X

# କର ସୁଧିଜନେ ଚନ୍ଦନ

(ସୁମାଧବ ଚଉତିଶା)



ଡ. ଅର୍ଜୁନ ଚରଣ ବାରିକ୍

ଫଳଫୁଲ ପତ୍ର ଜଳ ଦାନେ ପେଷ ରମାଧବ ।
ଫାଡି ଦେଇଥିଲା ବକା କୃଷ୍ଣ ରୂପେ ସୁମାଧବ ।୪୪ ।
ବଳବାନ ବଳ ହରି ପୁଣ୍ଡରୀକାକ୍ଷ ମୁରାରୀ ।
ବନମାଳି କ୍ଷେତ୍ରମୌଳୀ ନରହରି ଦାନବାରୀ ।୪୫ ।
ବଦନକଳା କଜ୍ଜ୍ୱଳ ନନ୍ଦ ନନ୍ଦନ ଶ୍ରୀହରି ।
ବାଳ ମୁକୁନ୍ଦ କେଶବ ଶୁଣଇ ସର୍ବ ଗୁହାରୀ ।୪୬ ।
ଭରତ ଅଗ୍ରଜ ଭଜ ରାଘବ ଦେବାଧିରାଜ ।
ଭାରତୀ ବଲ୍ଲଭ ବିଷ୍ଣୁ ନାରାୟଣ ଚତୁର୍ଭୁଜ ।୪୭ ।
ଭଗବାନ ଶ୍ୟାମଘନ ଶ୍ରୀହରି ଗରୁଡଧ୍ୱଜ ।
ଭାବକୁ ନିକଟ ସେହି ଦେବକୀ ଦେବୀ ତନୁଜ ।୪୮ ।
ମକର କୁଣ୍ଡଳ କର୍ଣ୍ଣେ କି ସୁନ୍ଦର ନନ୍ଦନାନ ।
ମନ ଭଜ ଅଭିରାମ କୃଷ୍ଣ ପତିତପାବନ ।୪୯ ।
ମଧ୍ୟ ଆଦ୍ୟ ପ୍ରାନ୍ତ ସେହି ଭାବଗ୍ରାହୀ ଜନାର୍ଦ୍ଦନ ।
ମର ଜଗତରେ ସାର ନାମ ଯାହାର ପାବନ ।୫୦ ।

ISSN NO.
2582-208X

ଯଦୁ ନନ୍ଦନ ଶ୍ରୀକୃଷ୍ଣ ନୀଳମଣି ଘନଶ୍ୟାମ ।
ଯମ ଦଣ୍ଡହାରୀ ହରି ଶ୍ରୀପତି ପୁରୁଷୋତ୍ତମ ।୫୧।
ଯଦବ କୁଳ ଚନ୍ଦ୍ରମା ଶ୍ରୀଧର ଯାହ୍ର ନାମ ।
ଯଦା ହୁଏ ଧର୍ମ ହାନୀ ଅବତରନ୍ତି ଶ୍ରୀରାମ ।୫୨।
ରସନାରଟ ଶ୍ରୀହରି ନରହିବ ଭବତାପ ।
ରବି ସୁତ ଦର୍ପଦଳା ଶ୍ରୀକୃଷ୍ଣ ଜଗତ ବାପ ।୫୩।
ରତ୍ନ ମଣ୍ଡପ ଆସୀନ ମଦନମୋହନ ରୂପ ।
ରଙ୍ଗାଧର ସୁରେଶ୍ୱର ସେହି ତପୀଙ୍କର ତପ ।୫୪।
ଲୟ ଲଗା ବାଇ ମନ ଶ୍ରୀକୃଷ୍ଣ ରଙ୍ଗାଚରଣ ।
ଲାଭ ଏଇ ସଂସାରରେ ଏକା ଶ୍ରୀହରି ଭଜନ ।୫୫।
ଲବକୁଶର ପିଅର ରାଘବ ରଘୁନନ୍ଦନ ।
ଲୁଟ ଲୁଟ ସୁଧିଜନ ଶ୍ରୀରାମ ନାମ ରତନ ।୫୬।
ବଂଶୀଧର କୃଷ୍ଣ କେଶବ କଂସାରୀ ନାମ ସ୍ମର ।
ବାଟକୁ ଶଙ୍ଖାଳୀ ହରି ନାମକୁ ସାଇତ ନର ।୫୭।
ବରଜ କିଶୋର ସ୍ମର ଭବ କ୍ଳେଶ ହେବ ଦୂର ।
ବରୁଣ ଜାମାତା ବିଷ୍ଣୁ କେଶବ କୃପାସାଗର ।୫୮।
ଶରଣ ସୋଦର ସେହି ଭାବଗ୍ରାହୀ ବାସୁଦେବ ।
ସତ୍ୟ ସନାତନ ହରି କୃଷ୍ଣ କେଶବ ମାଧବ ।୫୯।
ଷଣ୍ଢାରୀ ବକାରୀ କୃଷ୍ଣ ସୁମାଧବ ରମାଧବ ।
ଶାରଙ୍ଗ ମାର୍ଗଣଧର ଶ୍ରୀଧର ଶ୍ରୀମତୀ ଧବ ।୬୦।
ହରିଭବ ବ୍ୟହ ହର ରମାବର ଦେବରାଜ ।
ହୃଷୀକେଶ ଜଗଦୀଶ କୃଷ୍ଣ ବ୍ରଜ ଯୁବରାଜ ।୬୧।
ହନନ କରେ ଦୂରୀତ ଦର୍ଶନେ ଦେବାଧିରାଜ ।
ହୀତକର ଭକତର କୃଷ୍ଣ ଦେବକୀ ତନୁଜ ।୬୨।


ISSN NO.
2582-208X

କ୍ଷୟ କରଇ ହରୀତ ନଟରାଟ ନନ୍ଦ ସୁତ ।
କ୍ଷମା ବାରିଧି କରୁଣା ସିନ୍ଧୁ ହରି ଗୋପିନାଥ ।୭୩।
କ୍ଷତ୍ରୀକୁଳ ଷଣ୍ଢ ସେହି ଭାବଗ୍ରାହୀ ଜଗନ୍ନାଥ ।
କ୍ଷାତ ଯାର ନାମ ଗୁଣ୍ ଲୀଳା ଆବର ଶ୍ରୀଖେତ୍ର ।୭୪।
ୟଶୋଦନନ୍ଦନ କୃଷ୍ଣ କେଶବ କଳା ଶ୍ରୀମୁଖ ।
ୟମଦଣ୍ଡ ହାରୀ ହରି ହରି ପାରେ ଭବ ଦୁଃଖ ।୭୫।
ୟାଦକେନ୍ଦ୍ର କଳାଚାନ୍ଦ କଳାହୀରା କଳା ମୁଖ ।
ୟାଦବ କୁଳ ମିହୀର ଦାମୋଦର ବ୍ୟକ୍ତ ସୁଖ ।୭୬।
ଲୟ ଲଗା ରଙ୍ଗାପଦ ହରି ହରିବେ ଆପଦ ।
ଲିଭିବା ଆଗରୁ ଭଜ ପୁଣ୍ଡରୀ କାକ୍ଷ ଗୋବିନ୍ଦ ।୭୭।
ଲୀଟ ସାଜ ଶ୍ରୀଚରଣ ହରି ହରିବେ ବିଷାଦ ।
ଲୋଟ ରଙ୍ଗା ପଦତଳେ ମିଳିବେ ପରମାନନ୍ଦ ।୭୮।

ସାଃପୋ-ମହୁ, ଜି-କେନ୍ଦ୍ରାପଡା

ISSN NO.
2582-208X

# ଗୋଇନ୍ଦା ଉପନ୍ୟାସ: ଐତିହାସିକ ରହସ୍ୟ



ପ୍ରତୀଚୀ ନନ୍ଦ

ଐତିହାସିକ ରହସ୍ୟ କହିଲେ ଇତିହାସ ସମ୍ପର୍କିତ ରହସ୍ୟ ବୋଲି ଆମେ ବୁଝୁ । ଇତିହାସ ବର୍ଣ୍ଣିତ କୌଣସି ପ୍ରସଙ୍ଗ ଅଥବା ଅତୀତରେ ଘଟିଯାଇଥିବା କୌଣସି ଗୁରୁତ୍ୱପୂର୍ଣ୍ଣ ଓ ଉଲ୍ଲେଖଯୋଗ୍ୟ ଘଟଣାକୁ ଆଧାରକରି ରଚିତ ରହସ୍ୟରୋମାଞ୍ଚଧର୍ମୀ ଉପନ୍ୟାସକୁ ଐତିହାସିକ ରହସ୍ୟରୋମାଞ୍ଚଧର୍ମୀ ଉପନ୍ୟାସ କୁହାଯାଏ । ଯାହାର ପରିବେଶ ଅତୀତ ଉନ୍ମୁଖୀ ହୋଇଥାଏ । ଏଥିରେ ତତ୍‌କାଳୀନ ସ୍ଥାନ, କାଳ, ପାତ୍ର, ଘଟଣା ଓ ସାମାଜିକ, ସାଂସ୍କୃତିକ ପରିବେଶ ପ୍ରାଧାନ୍ୟ ଲଭେ । ଏଥିରେ ପାଠକ ଅତୀତର ସେହି କାଳଖଣ୍ଡକୁ ଉପଭୋଗ କରେ । ଅଧିକ ସ୍ୱଷ୍ଟଭାବରେ ଉକ୍ତ ଘଟଣାର ବର୍ଣ୍ଣନା, ଚରିତ୍ର ସହିତ ପାରିପାର୍ଶ୍ୱିକ ପରିବେଶର ସଂଯୋଗ ଓ କଥାବସ୍ତୁର ଅଭିମୁଖ୍ୟକୁ ପାଠକୁ ଅବଗତ କରାଏ । ଉକ୍ତ ଧରଣର ଉପନ୍ୟାସସ୍ଥ କଥାବସ୍ତୁର ପୃଷ୍ଠଭୂମି ଓ ପ୍ରେକ୍ଷାପଟରେ ଇତିହାସର ସତ୍ୟତା ବିଦ୍ୟମାନ । ତେବେ ସାହିତ୍ୟ ଓ କଳ୍ପନା ଅଙ୍ଗାଙ୍ଗୀ ଭାବେ ଜଡ଼ିତ । ତେଣୁ ଲେଖକର କଳ୍ପନାପ୍ରସୁତ କିଛି ପ୍ରକ୍ଷାପ୍ତାଂଶ, ଘଟଣା ଓ ଚରିତ୍ର ଐତିହାସିକ ରହସ୍ୟରୋମାଞ୍ଚଧର୍ମୀ ଉପନ୍ୟାସରେ ସ୍ଥାନାଧିକାର କରିପାରେ । ମାତ୍ର ଘାଟନିକ, ଚାରିତ୍ରିକ ଓ ସ୍ଥାନ-କାଳଗତ ସତ୍ୟତା କଥାବସ୍ତୁରେ ରହିବା ବାଞ୍ଛନୀୟ । ନତୁବା ତାହା ଐତିହାସିକ ରହସ୍ୟରୋମାଞ୍ଚଧର୍ମୀ ଉପନ୍ୟାସର ମର୍ଯ୍ୟାଦା ହରାଇ ବସିବ । ଅତୀତରେ ଘଟିଯାଇଥିବା କୌଣସି ଅପରାଧଗତ ରହସ୍ୟର ଅସମୀକୃତ ଗ୍ରନ୍ଥୀ କଥାକାରଙ୍କ ଦ୍ୱାରା ଚମତ୍କାର ଭଙ୍ଗିରେ ରହସ୍ୟକୁ ଭେଦକରି ଏକ ପରିଣତରେ ଉପନୀତ ହୁଏ । ଏହି କଳ୍ପିତ ବା

ISSN NO.
2582-208X

ଯୁକ୍ତିସଂଗତ ପରିଣତି ପ୍ରଦାନ ହିଁ ଲେଖକର ମୁଖ୍ୟ ଆଭିମୁଖ୍ୟ । ଚରିତ୍ରକୁ ଉପଯୁକ୍ତ ନ୍ୟାୟ ଦେବାରେ କଥାକାର ନିଜର ସମସ୍ତ କୌଶଳ ବିନିଯୋଗ କରିଥାନ୍ତି । ଯେତେ ଅଧିକ ସଫଳ ହୁଅନ୍ତି ଉପନ୍ୟାସ ସେତେ ଅଧିକ ପାଠକୀୟ ଆଦୃତି ସାଉଁଟିବାରେ ସମର୍ଥ ହୁଏ । ଏ ଧରଣର ଉପନ୍ୟାସ ରଚନା ଯେତିକି ପ୍ରଶଂସନୀୟ, ସେତିକି ଆୟସସାଧ୍ୟ ମଧ୍ୟ । ଏଥିରେ କଥାକାର ପାଠକ କୈନ୍ଦ୍ରିକ ସମାଲୋଚନା ଓ ଲିଖନ ଧାରାର ଅପରିହାର୍ଯ୍ୟତା ଦୃଷ୍ଟିକୋଣରୁ ସମାଲୋଚିତ ହୋଇଯିବାର ମଧ୍ୟ ସମ୍ଭାବନା ରହିଥାଏ । କୌଣସି ଐତିହାସିକ ଘଟଣା ଉପରେ ପରିକଳ୍ପିତ କଥାବସ୍ତୁରେ ତଥ୍ୟାତ୍ମକ ତ୍ରୁଟି ଏପରି ସଂକଟ ସୃଷ୍ଟି କରିପାରେ । ତେଣୁ  କଥାକାରଙ୍କର ଉକ୍ତ ଘଟଣା ସମ୍ବନ୍ଧୀୟ ସ୍ଥାନ, କାଳ, ପାତ୍ର, ବାର, ତାରିଖ, ମାସ, ମସିହା ପରି ତାଥ୍ୟିକ ଅବଗତି ଏକାନ୍ତ ଅନିବାର୍ଯ୍ୟ ।

(୨)

ଐତିହାସିକ ରହସ୍ୟରୋମାଞ୍ଚଧର୍ମୀ ଉପନ୍ୟାସ କଥାସାହିତ୍ୟର ଦୁଇଟି ମୁଖ୍ୟ ବିଭାଗ; ଯଥା- ଐତିହାସିକ ଉପନ୍ୟାସ ଓ ରହସ୍ୟରୋମାଞ୍ଚଧର୍ମୀ ଉପନ୍ୟାସ ବିଭଗର ଉପବିଭାଗ। ଉଭୟ ଧାରାର ଉପନ୍ୟାସ ଆଲୋଚନା କାଳରେ ଏହି ଉପବିଭାଗଟି ଆଲୋଚନା ପ୍ରସଂଗକୁ ଆସିଥାଏ । ଐତିହାସିକ କଥାବସ୍ତୁ ଓ ଅପରାଧଗତ ରହସ୍ୟର ଅନୁସନ୍ଧାନ ଜନିତ ଉତ୍କଣ୍ଠାର ମିଶ୍ରଣରୁ ଏହିପରି ଏକ ନୂତନ ଉପାଦେୟ ଓ ରୋଚକ ଉପପ୍ରାରୂପଟିଏ ଉପନ୍ୟାସ ସାହିତ୍ୟର ରଚନାଧାରାରେ ଜନ୍ମଲାଭ କରିଛି । ଅବଶ୍ୟ ଏଧରଣ ଉପନ୍ୟାସ ରଚନାର ଧାରା ପ୍ରଥମେ ପାଶ୍ଚାତ୍ୟ ସାହିତ୍ୟରେ ଆରମ୍ଭ ହୋଇଥିଲା ଓ ଆଲୋଚିତ ହୋଇଥିବାର ପ୍ରମାଣ ମିଳେ । ପାଶ୍ଚାତ୍ୟ ଭାଷାତତ୍ୱର ଗବେଷକ ଏଡ଼ିଥ୍ ପାରଗେଟାର (୧୯୧୩-୧୯୯୫) କୋଡ଼ିଏ ଜଣ କ୍ୟାଥଲିକ ଚର୍ଚ୍ଚର ମଙ୍କଙ୍କୁ ଆଧାର କରି ୧୯୭୭ ରୁ ୧୯୯୪ ମସିହା ମଧ୍ୟରେ 'ଏଲିସ୍ ପେଟେର୍ସ ' ନାମକ ପୁସ୍ତକ ରଚନା କରିଥିଲେ। ଉକ୍ତ ପୁସ୍ତକରେ କ୍ୟାଥଲିକ ଚର୍ଚ୍ଚର ମଙ୍କ କାଡ଼୍‌ଫିଲ ହେଉଛି ଧର୍ମ ଓ ନୀତିର ନିୟନ୍ତା ତଥା ଜନ୍ମମୃତ୍ୟୁ ରହସ୍ୟର ବିହିତ ଦାତା । ପୁସ୍ତକର କଥାବସ୍ତୁ ୧୧୩୫ ମସିହା ଡିସେମ୍ବର ମାସରୁ ୧୧୫୩ ମସିହା ମଧ୍ୟରେ ଇଂଲଣ୍ଡ ଓ ନମାଣ୍ଡି ମଧ୍ୟରେ ହୋଇଥିବା 'ଅନାର୍କି' ନାମକ ନାଗରିକ ଆନ୍ଦୋଳନକୁ କେନ୍ଦ୍ରକରି ରଚିତ ହୋଇଛି । କଥାବାସ୍ତୁ ଅନୁସାରେ ତତ୍କାଳୀନ ରାଜା ହେନେରୀ ୧ଙ୍କ ଏକମାତ୍ର ପୁତ୍ର ଉଇଲିୟମ ଆଡ଼େଲଭାଇନଙ୍କ ସମୁଦ୍ରରେ ଧଳା ଜାହାଜ ବୁଡ଼ିଯିବା ହେତୁ ଅକାଳ ମୃତ୍ୟୁ ହୋଇଥିଲା ।

ISSN NO.
2582-208X

ମାତ୍ର ୧୭ବର୍ଷ ବୟସରେ ରାଜକୁମାର ମୃତ୍ୟୁବରଣ କରିବା ପରେ ପ୍ରଜାମାନେ ଗଣବିଦ୍ରୋହ ଆରମ୍ଭ କରିଦେଲେ । ସେତେବେଳେ ଚର୍ଚ୍ଚର ମଙ୍କଥିଲେ ସମାଜର ନିୟନ୍ତା, ଭଗବାନଙ୍କ ବର୍ତ୍ତାବହ । ତାଙ୍କ ନିୟମ ଅନୁଯାୟୀ କେବଳ ରାଜାଙ୍କ ପୁତ୍ର ହିଁ ଉତ୍ତରାଧିକାର ସୂତ୍ରରେ ରାଜା ହୋଇପାରିବ । ରାଜକୁମାରଙ୍କ ମୃତ୍ୟୁପରେ ମଙ୍କମାନଙ୍କ ଏକଛତ୍ରବାଦୀ ଅଯୌକ୍ତିକ ନିୟମରେ ଅତିଷ୍ଠ ନାଗରିକ ଗଣ ଏହି ନିୟମର ଦ୍ରୁତ ବିରୋଧ କରିବା ଆରମ୍ଭ କରିଦେଲେ। କିଛି ବର୍ଷ ପରେ ରାଜା ହେନେରୀ ୧ ମଧ୍ୟ ମୃତ୍ୟୁବରଣ କଲେ । ଫଳରେ ଦେଶରେ ଅରାଜକତା ବ୍ୟାପିଗଲା ରାଜଗାଦି ଅଧିକାର କରିବା ପାଇଁ ଅନେକ ଚକ୍ରାନ୍ତ ଚାଲିଲା । ପରବର୍ତ୍ତୀ ସମୟରେ ହେନେରୀ ୧ଙ୍କ ପୁତୁରା ଷ୍ଟେଫେନ ଅନେକ ସଂଘର୍ଷ କରି କୌଶଳକ୍ରମେ ରାଜା ହୋଇଥିଲେ । ଇତିହାସର ଏହି ଅରାଜକତାକାଳୀନ ଲୋମହର୍ଷଣକାରୀ ଦୁର୍ଦ୍ଧର୍ଶ ପରିବେଶ ମଧ୍ୟରେ ଚର୍ଚ୍ଚର ମଙ୍କମାନଙ୍କ ଏକଛତ୍ରବାଦୀ ଭାଇଚାରାକୁ ବିରୋଧ କରି ହୋଇଥିବା ବିଭତ୍ସ ହତ୍ୟା ରହସ୍ୟ ହିଁ ଏହାର ବିଷୟବସ୍ତୁ ।

ପାଶ୍ଚାତ୍ୟ ସାହିତ୍ୟରେ 'ଏଲିସ ପେଟେର୍ସ' ପୁସ୍ତକ ପ୍ରକାଶ ପାଇବା ପରେ ସମାଲୋଚନାର ଏକ ନୂତନ ବିନ୍ଦୁ ତଥା ଉପନ୍ୟାସର ଏକ ନୂତନ ଉପପ୍ରାରୂପର ସୃଷ୍ଟି ହେଲା । ପରବର୍ତ୍ତୀ ସମୟରେ ଉପନ୍ୟାସର ଏକ ଗୁରୁତ୍ୱପୂର୍ଣ୍ଣ ଉପଶାଖା ଭାବରେ ଐତିହାସିକ ରହସ୍ୟ ଆଲୋଚନାରେ ସ୍ଥାନଲାଭ କଲା । ଓଡ଼ିଆ ଐତିହାସିକ ଉପନ୍ୟାସ ଓ ରହସ୍ୟରୋମାଞ୍ଚଧର୍ମୀ ଉପନ୍ୟାସର ଆଲୋଚନା କାଳରେ ଐତିହାସିକ ରହସ୍ୟ ପ୍ରସଂଗ ଆସିବା ସ୍ୱାଭାବିକ ବ୍ୟାପାର । କାରଣ, ଏଥିରେ ଇତିହାସର ସତ୍ୟତା ସହିତ ଅପରାଧଗତ ରହସ୍ୟର ଇନ୍ଦ୍ରଜାଲିକ ସଂଶୟ ଅନୁରୂପ ଭାବରେ ସ୍ଥାନାଧିକାର କରିଥାଏ । ଓଡ଼ିଆ ସାହିତ୍ୟରେ ପ୍ରଥମ ଐତିହାସିକ ରହସ୍ୟରୋମାଞ୍ଚଧର୍ମୀ ଉପନ୍ୟାସ ଭାବରେ ଏଠାରେ ଆଲୋଚନା କରାଯାଇଛି । ଯଦିଓ ଏହା ପାଶ୍ଚାତ୍ୟରେ ରଚିତ ହୋଇଥିବା ପ୍ରଥମ ଐତିହାସିକ ରହସ୍ୟ ରୋମାଞ୍ଚଧର୍ମୀ ପୁସ୍ତକ । ଏଲିସ ପେଟେର୍ସର ବହୁବର୍ଷ ପୂର୍ବରୁ ରଚିତ ହୋଇଅଛି । ମାତ୍ର ଐତିହାସିକ ରହସ୍ୟ ଦୃଷ୍ଟିକୋଣରୁ ଏହାର ଆଲୋଚନା ଏଯାବତ୍ ହୋଇନାହିଁ । ତେଣୁ ଉପଯୁକ୍ତ ସମାଲୋଚନାର ଅଭାବ ହେତୁ ଉକ୍ତ ଉପନ୍ୟାସ ତାର ଯଥାର୍ଥ ମର୍ଯ୍ୟାଦା ପ୍ରାପ୍ତିରୁ ବଞ୍ଚିତ ହୋଇଛି ।

ISSN NO.
2582-208X

(୩)

'ରକ୍ତଗୋଲାପର ରକ୍ତ ସ୍ରୋତ' ଉପନ୍ୟାସର କଥାବସ୍ତୁ 'ସୁନ୍ଦରଗଡ଼ର' ଅର୍ଥାତ୍ ତତ୍‌କାଳର 'କଲ୍ୟାଣପୁର'ର ଶେଷ ରାଜା ଆଦିତ୍ୟ ପ୍ରତାପ ନରେନ୍ଦ୍ର ରାୟଙ୍କ ଜୀବନକାହାଣୀ ଉପରେ ଆଧାରିତ । କଥାବସ୍ତୁର ସମୟ ଅଷ୍ଟାଦଶ ଶତାବ୍ଦୀର ଶେଷ ଭାଗରୁ କଲ୍ୟାଣପୁର ଇଂରେଜ ଶାସନ ଅଧିକୃତ ହେବା ପର୍ଯ୍ୟନ୍ତ କାଳଖଣ୍ଡ । ରାଜା ଦିନବନ୍ଧୁ ନରେନ୍ଦ୍ର ରାୟଙ୍କର ଦୁଇପୁତ୍ର ଥିଲେ । ରାଣୀ ପୁତ୍ର ଆଦିତ୍ୟ ଓ ଦାସୀ ସୁରମାର ପୁତ୍ର ସଚ୍ଚିଦାନନ୍ଦ । ରାଣୀଙ୍କ ମୃତ୍ୟୁ ପରେ ଉଭୟଙ୍କ ଲାଳନ ପାଳନ ଦାସୀ ସୁରମା କରୁଥିଲେ । ବଡ଼ହେବା ସହିତ ପୁତ୍ରଦ୍ୱୟ ଆଶ୍ଚର୍ଯ୍ୟଜନକ ଭାବରେ ଏକାପରି ଅବିକଳ ଦେଖାଯିବାରୁ ରାଜା ରାଜା ଚିନ୍ତିତ ହୋଇ ଦାସୀ ସୁରମା ଓ ତାଙ୍କ ପୁତ୍ରକୁ ଜଙ୍ଗଲ ମଧ୍ୟରେ ଅଜ୍ଞାତରେ ଛାଡ଼ି ଆସିଲେ । କିଛି ଦିନ ପରେ ଦାସୀ ସୁରମା ଓ ପୁତ୍ରର ମୃତ୍ୟୁ ଘଟିଛି ବୋଲି ସମ୍ବାଦ ପ୍ରଘଟ ହେଲା । ମାତ୍ର ସେମାନେ ଜୀବୀତ ଥିଲେ । ସଚ୍ଚିଦାନନ୍ଦ ମାର ଶିକ୍ଷା କ୍ରମେ ସର୍ବ ବିଦ୍ୟାରେ ନିପୁଣ । ସୁରମାର ମୃତ୍ୟୁପରେ ସଚ୍ଚିଦାନନ୍ଦ ନିଜର ଜନ୍ମପରିଚୟ ଖୋଜିବା ପାଇଁ ରାଜ୍ୟକୁ ଆସେ । ସେହି କାଳରେ ରାଜକୁମାର ଆଦିତ୍ୟଙ୍କର ରାଜ୍ୟାଭିଷେକ ହେବାରଥାଏ । ରାଜାଙ୍କର ସାନଭାଇ ଲାଲମୋହନଙ୍କ ରାଜଗାଦି ଲୋଭ ଓ ପ୍ରତିଶୋଧ ପରାୟଣତା ପାଇଁ ରାଜକୁମାରଙ୍କୁ ହତ୍ୟା କରିବା ଉଦ୍ଦେଶ୍ୟରେ ଖାଦ୍ୟରେ ଉତ୍କଟ ବିଷ ମିଶାଇବା ପରି ଷଡ଼ଯନ୍ତ୍ର ଚାଲିଥାଏ । ରାଜକୁମାର ଆଦିତ୍ୟଙ୍କ ଅସୁସ୍ଥତାରେ ରାଜ୍ୟରେ ସ୍ଥିରତା ବଜାୟ ରଖିବା ପାଇଁ ସମଦୃଶ୍ୟ ସଚ୍ଚିଦାନନ୍ଦଙ୍କୁ ରାଜକୁମାରଙ୍କ ବେଶରେ ଅଭିନୟ କରିବାକୁ ପଡ଼େ। ରାଜକୁମାର ଆଦିତ୍ୟଙ୍କର ତଥାକଥିତ ଅହଙ୍କାର, ନିଷ୍ଠୁରତା ଓ ଅସମ୍ବେଦନଶୀଳ ବ୍ୟବହାର ସହିତ ଅତ୍ୟଧିକ ବିଳାଷ ବ୍ୟସନ, ନିଶାପାନ ଓ ଅପାରଗତା ହେତୁ ପ୍ରଜାଙ୍କ ମଧ୍ୟରେ ରାଜ୍ୟର ଭବିଷ୍ୟତ ନେଇ ମନରେ ଶଙ୍କା ଜାତ ହୁଏ । ମାତ୍ର ସଚ୍ଚିଦାନନ୍ଦ ଆଦିତ୍ୟଙ୍କ ଭୂମିକାରେ ଅଭିନୟକାଳରେ ପ୍ରଜାଏ ଆଦିତ୍ୟଙ୍କ ଅକଳ୍ପନୀୟ ପରିବର୍ତ୍ତନ ଆଶ୍ଚର୍ଯ୍ୟାଭିଭୂତ ହେବାସହ ଭବିଷ୍ୟତକୁ ନେଇ ଆଶ୍ୱସ୍ତ ହୁଅନ୍ତି । ଉକ୍ତ ବିଷୟ ଲାଲମୋହନ ଜାଣିପାରି ଅସୁସ୍ଥ ଆଦିତ୍ୟଙ୍କୁ ଅପହରଣ କରି ଅନାହାରରେ ଅନ୍ଧକାର ଗୁମ୍ଫାରେ ବନ୍ଦୀକରି ରଖେ । ମାତ୍ର ସଚ୍ଚିଦାନନ୍ଦ ଓ ରାଜଙ୍କ ବିଶ୍ୱସ୍ତ ଭୃତ୍ୟଙ୍କ ସହାୟତାରେ କୌଣସି ପ୍ରକାରେ ଆଦିତ୍ୟ ଉଦ୍ଧାର ହୋଇଛି । ଏହିକାଳରେ ଆଦିତ୍ୟଙ୍କ ପତ୍ନୀ ସୁଶୀଳା ସଚ୍ଚିଦାନନ୍ଦଙ୍କୁ ଆଦିତ୍ୟ ମନେ କରି ସ୍ୱାମୀଙ୍କ ପରିବର୍ତ୍ତନରେ ହତଚକିତ ହୋଇ ଉଠିଛି ଓ ପ୍ରେମ କରି

ISSN NO.
2582-208X

ବସିଛି । ମାତ୍ର ପରେ ସଚ୍ଚିଦାନନ୍ଦଙ୍କ ଅସଲ ସ୍ୱରୂପ ଜାଣିବା ପରେ ମଧ୍ୟ ସେ ପ୍ରେମର ବୃଦ୍ଧି ଘଟିଛି । ରାଣୀ ସୁଶୀଳା ଆଦିତ୍ୟଙ୍କ ଗୋପ୍ୟକରି ସଚ୍ଚିଦାନନ୍ଦଙ୍କୁ ପ୍ରେମପତ୍ର ଓ ଗୋଲାପ ଫୁଲ ଭୃତ୍ୟ ହସ୍ତରେ ପ୍ରେରଣ କରିଛନ୍ତି । ମାତ୍ର ଲାଲମୋହନର ବିଶ୍ୱସ୍ତ ହାତ ମୋହନ ରାସ୍ତାରେ ଆକ୍ରମଣ କରି ଭୃତ୍ୟ ହସ୍ତରୁ ତାହା ଛଡ଼ାଇ ନେବାରେ ସଫଳ ହୋଇଛି। ଯାହାକୁ ସେ ଆଦିତ୍ୟଙ୍କୁ ଦେଖାଇ ସଚ୍ଚିଦାନନ୍ଦ ଓ ସୁଶୀଳାଙ୍କୁ ଦଣ୍ଡିତ କରିପାରିବ । ଫଳରେ ଅପାରଗ ଆଦିତ୍ୟଙ୍କୁ ସହଜରେ ହତ୍ୟାକରି ନିଜେ ରାଜା ହୋଇପାରିବ । ସଚ୍ଚଦାନନ୍ଦର ପ୍ରେମପତ୍ର ହାତେଇବାର ପ୍ରଚେଷ୍ଟା ଓ ମୋହନର ସଚ୍ଚିଦାନନ୍ଦ ଓ ଆଦିତ୍ୟଙ୍କୁ ହତ୍ୟା କରିବାର ଷଡ଼ଯନ୍ତ୍ରରେ ଆଦିତ୍ୟଙ୍କର ମୃତ୍ୟୁ ହୁଏ । ଫଳରେ ସଚ୍ଚିଦାନନ୍ଦ ଚିରଦିନ ଆଦିତ୍ୟ ପରିଚୟରେ ରାଜଗାଦିରେ ଅଭିଷିକ୍ତ ହୁଏ । ସିଂହାସନ ଅଧିକାର କରିବାପରେ ପ୍ରତିଶୋଧ ପରାୟଣ ମୋହନ ଓ ଗଗନ ଯୋଜନାକ୍ରମେ ଆକ୍ରମଣ କରି ସଚ୍ଚିଦାନନ୍ଦ, ସୁଶୀଳା ଓ ତାଙ୍କର ସେନାପତି ଭୃତ୍ୟଙ୍କୁ ହତ୍ୟାକରିଛନ୍ତି । ଏହିପରି ଏକ ବିଭତ୍ସ ଲେଲିହାନ ହତ୍ୟା ରହସ୍ୟକୁ ଆଧାର କରି ଚରିତ ହୋଇଛି 'ରକ୍ତଗୋଲାପର ରକ୍ତ ସ୍ରୋତ' ନାମକ ଐତିହାସିକ ରହସ୍ୟରୋମାଞ୍ଚଧର୍ମୀ ଉପନ୍ୟାସ ।

ଉପନ୍ୟାସର ନାୟକ ଆଦିତ୍ୟ ପ୍ରତାପ ନରେନ୍ଦ୍ର ରାୟଏ ଓର୍‌ଅଫ ଦାସୀପୁତ୍ର ସଚ୍ଚିଦାନନ୍ଦଙ୍କ ବିଷୟରେ କଥାକାର ଉପନ୍ୟାସ ମଧ୍ୟରେ ସୂଚନା ଦେଇ କହିଛନ୍ତି- "ପୂର୍ବ ଅଧ୍ୟାୟରେ ବର୍ଣ୍ଣିତ ଆଦିତ୍ୟ ପ୍ରତାପ ନରେନ୍ଦ୍ର ରାଏ ସୁନ୍ଦରଗଡ଼ର ଶେଷ ରାଜା । ତାଙ୍କ ରାଜତ୍ୱର ଅଳ୍ପ ଦିନପରେ ଘଟଣାଚକ୍ରରେ ରାଜ୍ୟ ଅରାଜକ ହୋଇପଡ଼ିଲା । ତେଣୁ ସରକାର ଏହାର ଶାସନ ଭାର ଘୁମୁସରର ରାଜା ଶ୍ରୀକର ଭଞ୍ଜ, ଦ୍ୱିତୀୟ ଥର ସିଂହାସନ ଆରୋହଣ କରିବା ପରେ ତାଙ୍କର ହସ୍ତରେ ଅର୍ପଣ କରିଥିଲେ । ସେହି ଦିନଠାରୁ 'ସୁନ୍ଦରଗଡ଼' ନାମରେ ଚିରକାଳ ପାଇଁ ଲୋପ ପାଇଛି । ବର୍ତ୍ତମାନ ଘୁମୁସର ତାଲୁକାର ଗୋଟିଏ କ୍ଷୁଦ୍ର ଗ୍ରାମ ସହିତ ଏହି ନାମ ସଂଯୁକ୍ତ ହୋଇଥିବା ଦେଖାଯାଏ ।"(ରକ୍ତଗୋଲାପର ରକ୍ତ ସ୍ରୋତ, ଶ୍ରୀଧର ମହାପାତ୍ର, ପୃଷ୍ଠା – ୧୩) ଅର୍ଥାତ୍ ଇତିହାସ ଅନୁସାରେ ଆଦିତ୍ୟ ପ୍ରତାପ ନରେନ୍ଦ୍ର ରାୟ ହେଉଛନ୍ତି 'ସୁନ୍ଦରଗଡ଼'ର ଶେଷ ରାଜା ।

ଏହାପରେ ଉକ୍ତ ଅଞ୍ଚଳ ଗଞ୍ଜାମର ଘୁମୁସର ସହିତ ମିଶିଯାଇଛି ।

ISSN NO.
2582-208X

(୪)

୧୯୭୦ ମସିହା ଜାନୁଆରୀ ମାସରେ ରହସ୍ୟ ଉପନ୍ୟାସଧର୍ମୀ ମାସିକ ପତ୍ରିକା 'ଚକ୍ରାନ୍ତ'ରେ ପ୍ରକାଶ ପାଏ ମୁରଲୀଧର ମଲ୍ଲିକଙ୍କ ଦ୍ୱାରା ରଚିତ 'ଛଦ୍ମବେଶରେ ସୁଭାଷ ଚନ୍ଦ୍ର ବୋଷ' ନାମକ ଉପନ୍ୟାସ । ଏଥିରେ ଚରମପନ୍ଥୀର ସମର୍ଥକ ସ୍ୱାଧୀନତା ସଂଗ୍ରାମୀ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୀବନାଂଶ କଥାବସ୍ତୁ ଭାବରେ ଗୃହୀତ । ସେ ପ୍ରଥମେ ମହାତ୍ମାଗାନ୍ଧୀଙ୍କ କଂଗ୍ରେସ ଓ୍ୱର୍କିଂ କମିଟିରେ ଯୋଗ ଦେଇଥିଲେ । ମାତ୍ର କ୍ରାନ୍ତିକାରୀ ଚିନ୍ତାଧାରା ମହାତ୍ମାଗାନ୍ଧିଙ୍କ ଚିନ୍ତନର ପରିପନ୍ଥୀ ହୋଇଥିବାରୁ ନେତାଜୀ କମିଟିରେ ତ୍ୟାଗପତ୍ର ଦେଇଥିଲେ । ଏହି ସମୟରେ ଦ୍ୱିତୀୟ ବିଶ୍ୱଯୁଦ୍ଧ ଆରମ୍ଭ ହୋଇଥିଲା । ନେତାଜୀ ବିଶ୍ୱାସ କରୁଥିଲେ ଯେ ଇଂରେଜଙ୍କ ଶତ୍ରୁ ଦେଶଙ୍କ ସହିତ ମିତ୍ରତା କରି ସ୍ୱାଧୀନତା ହାସଲ କରାଯାଇ ପାରିବ । ତାଙ୍କର ଏହି ପ୍ରଚେଷ୍ଟା ହେତୁ ବ୍ରିଟିଶ ସରକାର ତାଙ୍କୁ କଲିକତାରେ ନଜରବନ୍ଦୀ କରି ରଖିଥିଲେ । ସେଠାରୁ ସେ ତାଙ୍କର ପୁତୁରା ଶିଶିର କୁମାର ବୋଷଙ୍କ ସହାୟତାରେ ପଳାଇଯାଥିଲେ । ସେ ୧୯୩୩ ରୁ ୧୯୩୯ ମସିହା ପର୍ଯନ୍ତ ୟୁରୋପରେ ଥିଲେ । ସେଠାରୁ ସେ ଜର୍ମାନୀ ଓ ୧୯୪୩ ରେ ଜାପାନ ଯାଇଥିଲେ । ସେଠାରୁ ସିଙ୍ଗାପୁର ଯାଇ ସେଠାରୁ କ୍ୟାପ୍ଟେନ ମୋହନ ସିଂହଙ୍କ ଦ୍ୱାରା ଆଜାଦ ହିଂଦ୍ ଫୌଜର କାର୍ଯ୍ୟଭାର ହାତକୁ ନେଇଥିଲେ । ନେତାଜୀଙ୍କର ଚରମ କ୍ରାନ୍ତିକାରୀ ନେତୃତ୍ୱ ପାଇଁ ବ୍ରିଟିଶ ସରକାର ତାଙ୍କୁ ଗିରଫ କରିବା ପାଇଁ ଖୋଜୁଥିଲେ । ତେଣୁ ସେ ତାଙ୍କର ସମସ୍ତ ସ୍ୱଦେଶୀ କାର୍ଯ୍ୟ ନିଜର ଚେହେରା ଓ ନାମ ବଦଳାଇ ଛଦ୍ମବେଶରେ ଯାତାୟତ କରୁଥିଲେ । ତାଙ୍କର ଏପରି ଛଦ୍ମବେଶ ଧାରଣରେ ଦକ୍ଷତା ଥିଲା ଯେ ତାଙ୍କୁ କେହି ବି ଚିହ୍ନି ପାରୁନଥିଲେ । ତେଣୁ ତାଙ୍କର ମୃତ୍ୟୁ ବି ଏକ ରହସ୍ୟ ହୋଇ ରହିଛି ଏଯାବତ୍ । ଏହିପରି ଏକ ଘର୍ମାକ୍ତ ସ୍ୱାଧୀନତା ସଂଗ୍ରାମର ରହସ୍ୟକୁ କେନ୍ଦ୍ର କରି 'ଛଦ୍ମବେଶରେ ସୁଭାଷ' ଉପନ୍ୟାସର କଥାବସ୍ତୁ ହୋଇଛି ପୁଷ୍ଟ । ଉପନ୍ୟାସର କଥାବସ୍ତୁ ମଧ୍ୟରେ ୧୯୩୦ ମସିହାରୁ ୧୯୪୭ ମସିହା ମଧ୍ୟସ୍ଥ ଐତିହାସିକ କାଳଖଣ୍ଡର ଚିତ୍ରପଟ ଅଙ୍କିତ । ଭାରତର ପ୍ରଖର ଚରମପନ୍ଥୀ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଦୁଃସାହସିକ ପଦକ୍ଷେପ, ବୁଦ୍ଧିଦୀପ୍ତ ବିଚକ୍ଷଣତା ଏହାର ଛତ୍ରେ ଛତ୍ରେ ପ୍ରତିଭାତ ।

ISSN NO.
2582-208X

(୫)

ସ୍ୱାଧୀନ ଭାରତର ସ୍ୱପ୍ନ ସାରା ଦେଶବାସୀଙ୍କର ଥିଲା । ମାତ୍ର ତାହା ସାକାର ହୋଇଥିଲା କେତେଜଣ ଦେଶମାତୃକାର ଦକ୍ଷ ସନ୍ତାନଙ୍କ ଆତ୍ମବଳିଦାନରୁ । ନିଜ ଜୀବନକୁ ଦେଶ ପାଇଁ ଉତ୍ସର୍ଗୀକୃତ କରି ମୃତ୍ୟୁର ପରବାହ ନକରି ସେମାନେ କରିଚାଲିଥିଲେ ଆନ୍ଦୋଳନ ପରେ ଆନ୍ଦୋଳନ । ସେହିପରି କେତେଜଣ ଯୁବଗୋଷ୍ଠୀ ମିଳିତ ହୋଇ ଗୋଷ୍ଠୀବଦ୍ଧ ଭାବରେ କାର୍ଯ୍ୟ କରୁଥିଲେ । ସେମାନେ ହେଲେ ଲୋକମାନ୍ୟ ତିଲକ, ବିପିନ ଚନ୍ଦ୍ର ପାଲ ଓ ଅନ୍ୟକେତେଜଣ ସାଥୀ । ସେମାନେ ସ୍ୱରାଜ ଆନ୍ଦୋଳନର ଡାକରା ଦେଇଥିଲେ । ଯେଉଁଥିରେ ପରେ ଯୋଡ଼ି ହୋଇଥିଲେ ଶ୍ରୀ ଅରବିନ୍ଦ ଘୋଷ,ଖୁଦୀରାମ ବୋଷ,ପ୍ରଫୁଲ୍ଲ ଚାକି ଆଦି ପରି ଯୁବକ ଓ କୈଶରମାନେ । ସେମାନେ ପଶ୍ଚିମବଙ୍ଗରେ ଅନୁଶୀଳନ ସମିତୀ ଗଠନ କରିଥିଲେ । ୩୦ ଏପ୍ରିଲ ୧୯୦୮ ରେ ମାଜିଷ୍ଟ୍ରେଟ କିଙ୍ଗପର୍ଡଙ୍କୁ ହତ୍ୟା କରିବା ଉଦ୍ଦେଶ୍ୟରେ ବମ୍ ପ୍ରୟୋଗ କରିବା ହେତୁ ଖୁଦୀରାମ ବୋଷ ଗିରଫ ହୋଇଥିଲେ। ଏହିପରି ଅନେକ ସ୍ୱାଧୀନତା ସଂଗ୍ରାମଭୁକ୍ତ ପଦକ୍ଷେପ ଓ କର୍ମୀଙ୍କ କାର୍ଯ୍ୟନିର୍ବାହ ପନ୍ଥା ଅବଲୋକନରେ ୧୯୭୦ ମସିହାରେ ଅଶୁତୋଷ ରାୟଙ୍କ ଦ୍ୱାରା ରଚିତ ହୋଇଛି 'ରକ୍ତ ମସୀରେ ଲେଖା' ନାମକ ଐତିହାସି ରହସ୍ୟରୋମାଞ୍ଚଧର୍ମୀ ଉପନ୍ୟାସ । ସ୍ୱାଧୀନତା ସଂଗ୍ରାମୀମାନେ ଯେତେ ବିତ୍ତଶାଳୀ ହେଲେ ମଧ୍ୟ ଘର ପରିବାର ଛାଡ଼ି ଭିନ୍ନ ପରିଚୟ ନେଇ ଭିନ୍ନଭିନ୍ନ ସ୍ଥାନରେ ଅତି ସାଧାରଣ ଜୀବନ ବଞ୍ଚୁଥିଲେ । ସଂଗ୍ରାମରେ ଯୋଗଦେବା କାଳରେ ପରିବାର ସହ ସଂପର୍କ, ଚାକିରୀ ଛାଡ଼ିବା ପରି ପଦକ୍ଷେପ ହେତୁ ଆର୍ତ୍ଥିକ ସଂକଟ ମଧ୍ୟ ରହୁଥିଲା । ମାତ୍ର ସେମାନେ ଗୁପ୍ତ ସମ୍ମିଳନୀ କରୁଥିଲେ । କିଛି ଖରାପ ରେଡ଼ିଓ ଓ ସମ୍ବାଦ ପତ୍ରରେ ସାଙ୍କେତିକ ଭାଷାରେ ପ୍ରକାଶ ପାଉଥିଲା । ଯାହା କେବଳ କର୍ମୀମାନେ ହିଁ ବୁଝିପାରୁଥିଲେ । ସେହି ଅନୁସାରେ କାର୍ଯ୍ୟ ହେଉଥିଲା । କାରଣ ସେତେବେଳେ ମୋବାଇଲ୍ ଫୋନ୍ ବା ଦୂରଭାଷର ସୁବିଧା ସେତେ ନଥିଲା ଏବଂ ଧରାପଡ଼ିବା ଭୟରେ ସାଙ୍କେତିକ ଭାବରେ ଭାବର ଆଦାନ ପ୍ରଦାନ ହେଉଥିଲା । ଗୋଷ୍ଠୀ ମଧ୍ୟରେ ଆଲୋଚିତ ସମସ୍ତ ତଥ୍ୟ ଗୋପନୀୟ ରହୁଥିଲା । ଏପରିକି ଗୋଷ୍ଠୀ ସ୍ୱାଧୀନତା ସଂଗ୍ରାମୀ ଗୋଷ୍ଠୀରେ କୋଉମାନେ ଅଛନ୍ତି ବୋଲି ଜଣେ ଆରେକକୁ ଚିହ୍ନି ନଥିଲେ । କୌଣସି ଷଡ଼ଯନ୍ତ୍ରକୁ ସାକାର କରିବା ଦାୟିତ୍ୱ କାହାକୁ ଦିଆଯିବ ତାହା କର୍ମୀମୁଖ୍ୟ ସ୍ଥିର କରୁଥିଲେ । କିଏ କଣ କରିବ ତାହାର ଏକ ସୂଚନା କାଗଜରେ ଲେଖି ଲଫାପାରେ ବନ୍ଦ କରି ଗୁପ୍ତ ଭାବରେ

ISSN NO.
2582-208X

କର୍ମୀମାନଙ୍କୁ ଦିଆଯାଉଥିଲା । ଫଳରେ ଗୋଟିଏ କର୍ମୀର କାର୍ଯ୍ୟ ଅନ୍ୟକର୍ମୀ ମଧ୍ୟ ଜାଣିପାରୁ ନଥିଲେ । ଏହା ପଛରେ ଏକ ଗୁରୁତ୍ୱ ପୂର୍ଣ୍ଣ କାରଣ ରହିଛି । କାରଣ ଜଣେ କର୍ମୀ ଯଦି ଇଂରେଜ ସରକାରଙ୍କ ଦ୍ୱାରା ବନ୍ଦୀହୁଏ ତେବେ ସେମାନଙ୍କର ଅତ୍ୟାଚାର ସହି ନକରିପାରି ଅନ୍ୟକର୍ମୀ ନାମ, କାମ ଆଦି ବାବଦରେ ପ୍ରକାଶ କରିଦେବାର ଭୟଥାଏ । ଫଳରେ ଅନ୍ୟ କର୍ମୀ ମଧ୍ୟ ବିପଦରେ ପଡ଼ନ୍ତି ଓ ପରିକଳ୍ପିତ ଯୋଜନା ଅନୁସାରେ କାର୍ଯ୍ୟ ସାଧନ ହୋଇପାରେ ନାହିଁ । ତେଣୁ ସ୍ୱାଧୀନତା ସଂଗ୍ରାମୀ ଦ୍ୱାରା ଗୋପନୀୟତା ପ୍ରତିପାଳନ କଡ଼ାକଡ଼ି ଭାବରେ କରାଯାଉଥିଲା । ଏସମସ୍ତ ଉତ୍କଣ୍ଠାପୂର୍ଣ୍ଣ, ଦୁଃସାହାସିକ କାର୍ଯ୍ୟ କରିବା ଓ କରିବାର କୌଶଳ ନିୟମ ବାବଦରେ ବିସ୍ତୀର୍ଣ୍ଣ ଆଲେଖ୍ୟ ରହିଛି ଉକ୍ତ ଐତିହାସିକ ରହସ୍ୟରୋମାଞ୍ଚଧର୍ମୀ ଉପନ୍ୟାସ ମଧ୍ୟରେ । କୌଣସି କାରଣ ବା ପ୍ରତିବନ୍ଧକ ହେତୁ ସଫଳ ନ ହୋଇପାରିଲେ ତାର ପ୍ରତିଯୋଜନା ମଧ୍ୟ ରହିଥାଏ । ଅନ୍ୟ ବିକଳ୍ପିତ ଯୋଜନା ଦ୍ୱାରା କାର୍ଯ୍ୟକୁ ସାକାର କରାଇବାର ପୂର୍ଣ୍ଣଚେଷ୍ଟା କରଯାଏ । ୧୯୦୦ ମସିହାରୁ ୧୯୨୦ ମସିହା ମଧ୍ୟରେ ଭାରତୀୟ ନାଗରିକଙ୍କ ମଧ୍ୟରେ ଦେଖାଦେଇଥିବା ସ୍ୱାଧୀନତା ପ୍ରାପ୍ତିର ବ୍ୟଗ୍ରତା ହେତୁ ସୃଷ୍ଟି ଉଷ୍ଣବାତାବରଣର ଏକ ସ୍ୱଷ୍ଟ ଚିତ୍ର ହେଉଛି 'ରକ୍ତ ମସୀରେ ଲେଖା' ଉପନ୍ୟାସ । ଇତିହାସର ସତ୍ୟତା ସହିତ ଏଥିରେ ରହିଛି ତତ୍‌କାଳୀନ ସାମାଜିକ ସ୍ଥିତିର ବାସ୍ତବ ରୂପ, କର୍ମୀମାନଙ୍କର ଉତ୍ସର୍ଗୀକୃତ ଭାବ, ଦେଶମାତୃକାର ସ୍ୱାଧୀନତା ପାଇଁ କିଛି କରିଯିବାର ଉତ୍ସାହ, ଉଦ୍ଦୀପନା ଯାହା ୧୭-୧୮ ବର୍ଷ ବୟସର ବାଳକ ମଧ୍ୟରେ ବି ଜଗାପାରେ ଦେଶପ୍ରୀତିର ବହ୍ନୀ । ତେଣୁ ଆଜି ଆମେ ସ୍ୱାଧୀନ ଦେଶର ନାଗରିକ । ସ୍ୱାଧୀନତା ସଂଗ୍ରାମୀମାନଙ୍କର ଯୋଜନା, ଇଂରେଜମାନଙ୍କୁ ଦମନ କରିବା ଉଦ୍ଦେଶ୍ୟରେ ସେମାନଙ୍କଠାରୁ ଦୁଇପାଦ ଆଗକୁ ଚିନ୍ତନ ତଥା ପ୍ରାଣ ଉତ୍ସର୍ଗ କରି ମଧ୍ୟ ଦେଶର ରକ୍ଷା କରିବାର ସ୍ପୃହା ବେଶ ରୋମାଞ୍ଚକ । ତାତ୍‌କାଳୀନ ପରିବେଶ ଭିତରକୁ ସ୍ୱତଃ ଟାଣି ନେଇଯାଏ ଉପନ୍ୟାସ କଥାବସ୍ତୁ । ଏହା ହିଁ ତ ଲେଖକର ସଫଳତା । ବାର୍ତ୍ତମାନିକ ସମାଜ ମଧ୍ୟରେ କାଳଖଣ୍ଡରେ ଥାଇ ମଧ୍ୟ ଉପନ୍ୟାସ ପାଠଦ୍ୱାରା ତାତ୍‌କାଳୀକ କାଳଖଣ୍ଡ,ଘଟଣା, ଚରିତ୍ର ଆଦିକୁ ପୁଙ୍ଖାନୁପୁଙ୍ଖ ଜାଣିବା ହିଁ ଐତିହାସିକ ରହସ୍ୟରୋମାଞ୍ଚଧର୍ମୀ ଉପନ୍ୟାସର ଉଦ୍ଦେଶ୍ୟ । ଯାହାର ସଫଳ ରୂପାୟନ ହେଉଛି 'ରକ୍ତ ମସୀର ଲେଖା' ଐତିହାସିକ ରହସ୍ୟରୋମାଞ୍ଚଧର୍ମୀ ଉପନ୍ୟାସ ।

ISSN NO.
2582-208X

(୬)

୧୯୭୩ ମସିହାରେ ରହସ୍ୟ ଔପନ୍ୟାସିକ ଆଶୁତୋଷ ରାୟଙ୍କ ଦ୍ୱାରା ରଚିତ ହୁଏ 'ଗାନ୍ଧିହତ୍ୟା ଷଡ଼ଯନ୍ତ୍ର ଓ ଲାଲ ସୂର୍ଯ୍ୟ' ନାମକ ଉପନ୍ୟାସ । ଏଥିରେ ମହାତ୍ମାଗାନ୍ଧିଙ୍କୁ ହତ୍ୟା କରିବା ଉଦ୍ଦେଶ୍ୟରେ କରାଯାଇଥିବା ଷଡ଼ଯନ୍ତ୍ରକୁ ଆଧାର କରି କଥାବସ୍ତୁ ରଚିତ ହୋଇଛି । ଇତିହାସର ତଥ୍ୟ ଅନୁଯାୟୀ ମାର୍ଚ୍ଚ ୧୯୩୪ ମସିହାରେ ନାଥୁରାମ ଗଡ଼ସେଙ୍କ ଦ୍ୱାରା ଗାନ୍ଧିଜୀଙ୍କୁ ହତ୍ୟା କରିବାର ପ୍ରଥମ ପ୍ରୟାସ କରାଯାଇଥିଲା । ଏହାର ଠିକ୍ ଦଶବର୍ଷ ପରେ ୧୯୪୪ ମସିହାରେ ପୁନଃଶ୍ଚ ହତ୍ୟା ପ୍ରୟାସ କରି ଅସଫଳ ହେବା ପରେ ତାଙ୍କର ସାଙ୍ଗ ନାରାୟଣ ଆପ୍ଟେଙ୍କ ସହିତ ମୁମ୍ବାଇ ଚାଲିଯାଇଥିଲେ । ଗାନ୍ଧିଜୀଙ୍କ ମୃତ୍ୟୁର ଠିକ୍ ଦଶଦିନ ପୂର୍ବରୁ ୨୦ ଜାନୁଆରୀ ୧୯୪୮ ମସିହାରେ ପୁନଃଶ୍ଚ ଗାନ୍ଧିଜୀଙ୍କ ଉପରେ ଆକ୍ରମଣ ହୁଏ ମଦନଲାଲ ପାହୱାଙ୍କ ଦ୍ୱାରା । ଶେଷରେ ୧୯୪୮ ମସିହା ଜାନୁଆରୀ ୩୦ ତାରିଖରେ ନାଥୁରାମ ଗଡ଼ସେଙ୍କ ଦ୍ୱାରା ପ୍ରାର୍ଥନା ସଭାରେ ଗାନ୍ଧିଜୀଙ୍କ ହତ୍ୟା ହୁଏ । ଏହି ଷଡ଼ଯନ୍ତ୍ରରେ ସାମିଲ ଥିଲେ- ବିନାୟକ ଦାମୋଦର ସାବରକର, ଶଙ୍କର କିସ୍ତୋୟା, ଦିଗମ୍ବର ବଡ଼ଗେ,ଗୋପାଲ ଗୋଡ଼ସେ, ମଦନଲାଲ ପାହୱା, ବିଷ୍ଣୁରାମକୃଷ୍ଣ କରକରେ, ନାରାୟଣ ଆପ୍ଟେ ଏବଂ ନାଥୁରାମ ଗୋଡ଼ସେ । ମହାତ୍ମାଗାନ୍ଧିଙ୍କର ଦକ୍ଷିଣ ଆଫ୍ରିକାରୁ ପ୍ରତ୍ୟାବର୍ତ୍ତନ ପରେ ସେ ସ୍ୱତନ୍ତ୍ର ଓ ସ୍ୱାଧୀନ ଭାରତ ଗଠନ ପାଇଁ ଅନେକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିଥିଲେ ହେଁ ଧର୍ମନିରେକ୍ଷତା ନାମରେ ମୁସଲମାନମାନଙ୍କୁ ସମର୍ଥନ କରିବା ଗାନ୍ଧିଙ୍କ ହତ୍ୟାର ମୁଖ୍ୟକାରଣ । ଧର୍ମନିରପେକ୍ଷ ରାଷ୍ଟ୍ର ଭାରତରେ ସ୍ଥିତ ସ୍ୱଳ୍ପ ସଂଖ୍ୟକ ମୁସଲମାନମାନଙ୍କ ପାଇଁ ଦେଶ ବିଭଜନର ସିଦ୍ଧାନ୍ତ ଫଳରେ ପୂର୍ବପାକିସ୍ଥାନର ଅର୍ଥାତ୍ ବାଙ୍ଗଲାଦେଶରେ ଥିବା ହିନ୍ଦୁମାନଙ୍କ ଉପରେ ମୁସଲମାନମାନଙ୍କର ନୃସଂଶ ଅତ୍ୟାଚାର ଓ ବିଭିଷିକା ଆରମ୍ଭ ହୋଇଯାଇଛି । ଦେଶ ବିଭଜନର ଅନେକ ଅସୂୟାର କାରଣ ପାଲଟିଛି। ଏ କାଳରେ ପାକିସ୍ତାନର ଦାବି ରକ୍ଷା ପାଇଁ ମୁସଲମାନମାନଙ୍କୁ ୫୦କୋଟି ଟଙ୍କା ଦେବା ଉଦ୍ଦେଶ୍ୟରେ ଗାନ୍ଧିଜୀ ଆରମ୍ଭ କରନ୍ତି ଆମରଣ ଅନସନ । ତେଣୁ ଦେଶର ଓ ଜାତିର ଅଖଣ୍ଡତା ଏବଂ ହିନ୍ଦୁଙ୍କ ଭବିଷ୍ୟତକୁ ଆଖି ଆଗରେ ରଖି ଗାନ୍ଧିଜୀଙ୍କ ହତ୍ୟାର ଷଡ଼ଯନ୍ତ୍ର କରାଯାଇଥିଲା । ମାତ୍ର ତାହା ସଫଳ ହୋଇ ପାରିନଥିଲା । ୧୯୩୪ ମସିହାରେ ହୋଇଥିବା ହତ୍ୟା ପ୍ରୟାସ ସଫଳ ହୋଇଥିଲେ ହୁଏତ ଅଖଣ୍ଡ ଭାରତ ଏଯାବତ୍ ରହିଥାନ୍ତା ବୋଲି ନାଥୁରାମ ଗୋଡ଼ସେ ତାଙ୍କ ବୟାନରେ କହିଥିଲେ । ଦେଶ ବିଭାଜନ ହେବା ପରେ

ISSN NO.
2582-208X

ଦେଶର ହିନ୍ଦୁମାନଙ୍କ ହତ୍ୟାସାଧନ ଓ ଜାତିର କଲ୍ୟାଣ ଅର୍ଥରେ ୧୯୪୮ରେ ଗାନ୍ଧିଙ୍କ ହତ୍ୟା କରିଥିଲେ । ଏ ହତ୍ୟା ବ୍ୟକ୍ତିଗତ ଦ୍ୱେଷ ପାଇଁ ନୁହେଁ, ବରଂ ଦେଶ, ଜାତି ଓ ହିନ୍ଦୁ ସମାଜର ମଙ୍ଗଳ ପାଇଁ କରିଥିଲେ ବୋଲି ଗୋଡ଼ସେ ନ୍ୟାୟାଳୟରେ ତାଙ୍କ ନିର୍ଭିକ ବୟାନରେ କହିଥିଲେ । ଏହିପରି ଏକ ଐତିହାସିକ ଲୋମହର୍ଷଣକାରୀ ହତ୍ୟା ଷଡ଼ଯନ୍ତ୍ରକୁ ଆଧାର କରି ରଚିତ ହୋଇଛି 'ଗାନ୍ଧି ହତ୍ୟା ଷଡ଼ଯନ୍ତ୍ର ଓ ଲାଲସୂର୍ଯ୍ୟ' ନାମକ ଐତିହାସିକ ରହସ୍ୟ ସମ୍ବଳିତ ଉପନ୍ୟାସ ।

ଐତିହାସିକ ରହସ୍ୟରୋମାଞ୍ଚଧର୍ମୀ ଉପନ୍ୟାସର ମୁଖ୍ୟ ଉପାଦାନ ଇତିହାସ ହୋଇଥିବାରୁ ଏଥିରେ ସର୍ବଦା ଅତୀତର କଥା କୁହାଯାଇଥାଏ । ଯାହା ବାର୍ତ୍ତମାନିକତାର ବହୁପୂର୍ବ କାଳଖଣ୍ଡରେ ଘଟିତ । ତେଣୁ କଥାବସ୍ତୁର ପରିବେଶ, ଚରିତ୍ର, ଘଟଣା ଆଦିର ବର୍ଣ୍ଣନା ଅତୀତ ଉନ୍ମୁଖୀ ହୋଇଥାଏ । ମାତ୍ର କଥାକାରଙ୍କ ଉପସ୍ଥାପନା ଶୈଳୀ ଅତୀତ ଉଦ୍‌ଭଷଣ ଶୈଳୀରେ ହେବା ବାଞ୍ଛନୀୟ ନୁହେଁ । ଏହା ଆତ୍ମକଥନ ଶୈଳୀ ବା ପ୍ରଥମ ପୁରୁଷୀୟ ଶୈଳୀରେ ବା ତୃତୀୟ ପୁରୁଷୀୟ ଶୈଳୀରେ ମଧ୍ୟ ହୋଇପାରେ । ସାଧାରଣତଃ କଥାବସ୍ତୁ ତୃତୀୟ ପୁରୁଷୀୟ ଶୈଳୀରେ ରଚିତ ହୋଇଥାଏ । ମାତ୍ର ଏଥିରେ କଥାକାରଙ୍କର ପ୍ରଚେଷ୍ଟା କରିଥାନ୍ତି ରଚନା ଦ୍ୱାରା ପାଠକକୁ ଅତୀତ ସହିତ ପରିଚିତ କରାଇବା ପାଇଁ ଅତୀତର ପରିବେଶ ସହିତ ଚରିତ୍ର ସମ୍ପୃକ୍ତିଗତ ବର୍ଣ୍ଣନା ପାଠକକୁ ବର୍ଣ୍ଣିତ ନିର୍ଦ୍ଦିଷ୍ଟ କାଳଖଣ୍ଡ ଭିତରକୁ ଘେନିଯାଏ । ଉକ୍ତ କାଳଖଣ୍ଡରେ ଘଟିତ ଗୁରୁତ୍ୱପୂର୍ଣ୍ଣ ରହସ୍ୟର ଅସମାଧିତ ଗ୍ରନ୍ଥୀ ଉନ୍ମୋଚନ କରି ନିଜର ଅସାଧାରଣ ଚିତ୍ରଣ ପ୍ରତିଭା ଓ ବିଶ୍ଳେଷଣ କୌଶଳ ଦ୍ୱାରା କଥାବସ୍ତୁସ୍ଥ ନିର୍ଦ୍ଦିଷ୍ଟ ଚରିତ୍ର ଓ ଘଟଣାକୁ ନ୍ୟାୟ ପ୍ରଦାନ କରିବା ହେଉଛି ଐତିହାସିକ ରହସ୍ୟରୋମାଞ୍ଚଧର୍ମୀ ଉପନ୍ୟାସ ରଚନାର ମୁଖ୍ୟ ଆଭିମୁଖ୍ୟ । ଐତିହାସିକ ରହସ୍ୟରୋମାଞ୍ଚଧର୍ମୀ ଉପନ୍ୟାସ ରହସ୍ୟ ଉପନ୍ୟାସ ଚିରାଚରିତ ଅନୁସନ୍ଧାନ ବା ଗୋଇନ୍ଦା, ପୋଲିସ କର୍ମଚାରୀ ଚରିତ୍ର ହୁଏତ ରହିନଥାନ୍ତି । କାରଣ କେତେଜଣ ଐତିହାସିକ ରହସ୍ୟ ଏପରି କାଳଖଣ୍ଡରେ ଘଟିତ, ଯେତେବେଳେ ରାଜାରାଜୁଡ଼ାଙ୍କ ଶାସନ ଚାଲିଥିଲା । ସେପରି କ୍ଷେତ୍ରରେ ଆଲୋଚ୍ୟ ଘଟଣା ଐତିହାସିକ ସତ୍ୟତା ଓ ତାଥ୍ୟିକ ଉପସ୍ଥାପନା ଗୁରୁତ୍ୱ ଲାଭ କରେ । ମାତ୍ର ଘଟଣାକ୍ରମରେ ପ୍ରସଂଗସ୍ଥ ରହସ୍ୟର ଗ୍ରନ୍ଥୀମୋଚନ ହୋଇ ପରିଚିତ ଆଡ଼କୁ ଗତିକରେ । ଘଟିତ ଦୁର୍ଘଟଣା, ଅପରାଧଗତ ରହସ୍ୟ ଓ ତାର ଅନୁକ୍ରମିକ ସମାଧାନ କଥାବସ୍ତୁର ପ୍ରାଣକେନ୍ଦ୍ର ପାଲଟେ । ଦ୍ୱନ୍ଦ୍ୱ, ଉତ୍କଣ୍ଠା,

ISSN NO.
2582-208X

ସଂଶୟ, ରୋମାଞ୍ଚ ମଧ୍ୟରେ ପାଠକୁ ମଣ୍ଡାଇ ରଖେ । ସେ ଭିତରେ ପ୍ରେମ, ପ୍ରତାରଣା, ଲଘୁହାସ୍ୟ ଆଂଶିକ ଭାବରେ ଆସିପାରେ । ମାତ୍ର ତାହା କଥାବସ୍ତୁର ମୁଖ୍ୟ ଆଭିମୁଖ୍ୟକୁ କ୍ଷର୍ଣ୍ଣ କରିବା ଉଦ୍ଦେଶ୍ୟରେ ନୁହେଁ, ପାଠକକୁ ବାନ୍ଧିରଖିବା ପାଇଁ । ଐତିହାସିକ ରହସ୍ୟରୋମାଞ୍ଚଧର୍ମୀ ଉପନ୍ୟାସ ପଠନ ପାଇଁ ପାଠକ ଅଧିକ ଆଗ୍ରହ ପ୍ରକାଶ କରିଥାନ୍ତି । କାରଣ ଏତଦ୍ୱାରା ଇତିହାସର ବିରକ୍ତିକର ତଥ୍ୟକୈନ୍ଦ୍ରିକ ବିଷୟ ଆକର୍ଷଣୀୟ ଢଙ୍ଗରେ ପରିବେଶଣ କରାଯାଇଥାଏ । ଯଦ୍ୱାରା ପାଠକ ଇତିହାସର ତାଥ୍ୟିକ ସତ୍ୟତା ବାବଦରେ ଅବଗତ ହେବା ସହିତ ରୋମାଞ୍ଚକର ରହସ୍ୟ ବାବଦରେ ପଢ଼ି ଉତ୍‌ଫୁଲ୍ଲିତ ହୋଇଉଠେ । ଓଡ଼ିଆ ସାହିତ୍ୟରେ ଐତିହାସିକ ରହସ୍ୟରୋମାଞ୍ଚଧର୍ମୀ ଉପନ୍ୟାସ ଖୁବ୍ କମ୍ ରଚିତ ହୋଇଛି । ଓଡ଼ିଆ ଉପନ୍ୟାସ ସାହିତ୍ୟରେ ଏପରି ଏକ ନୂତନ ଧାରାର ଲିଖନଶୈଳୀ ସ୍ୱାଗତଯୋଗ୍ୟ । ଏ ବାବଦରେ କୌଣସି ବିସ୍ତୀର୍ଣ୍ଣ ଆଲୋଚନା ଓ ମୂଲ୍ୟାୟନ ଅଧିକ ବିଷଦ ହେବା ଆବଶ୍ୟକ ।

ଓଡ଼ିଆ ଭାଷା ସାହିତ୍ୟ ବିଭାଗ, ବିଶ୍ୱଭାରତୀ
ଶାନ୍ତିନିକେତନ, ପଶ୍ଚିମବଙ୍ଗ ୭୩୧୨୩୫
ମୋ- ୭୦୬୪୫୧୫୭୬୪

ISSN NO.
2582-208X

# ପ୍ରିୟା ଆଉ ତୁମେ



ଦିବାକର ନାୟକ

ତୁମେ ସୁନ୍ଦରରେ ହୋଇପାର..ମୋ ପ୍ରିୟାଠୁ ବେଶୀ
ହେଲେ- ପ୍ରିୟା ଭଳି ସବୁ ଦେଇ
ମୋ ପାଖରେ ନିତି ରହି
କରି ପାରିବ କି ମୋତେ..ଷୋଳ ଅଣା ଖୁସି (୦)

ମନ-ସରୀସୃପ ଯଦି ଟେକିବ ମୋ ଫଣା
ଶାନ୍ତ କରିବା ମନ୍ତର ତୁମକୁ କି ଜଣା;
ମୋ ପ୍ରିୟା ତ ବଡ଼ ଗୁଣୀ କରିଦିଏ ବଶ
କେତେ କଉଶଳେ ପରା ଝଡ଼ାଏ ମୋ ବିଷ;
ତୁମେ ପାଠଶାଠେ ହୋଇପାର..ମୋ ପ୍ରିୟାଠୁ ବେଶୀ
ହେଲେ- ପ୍ରିୟା ଭଳି ପ୍ରୀତି ଦେଇ
ମୋ ଦେହର ଛାଇ ହୋଇ
ବାନ୍ଧି ପାରିବ କି ମୋତେ..ତୁମ ଭାବ-ରସି..
ତୁମେ ସୁନ୍ଦରରେ ହୋଇପାର..ମୋ ପ୍ରିୟାଠୁ ବେଶୀ (୧)

ISSN NO.
2582-208X

ଭୁଲ୍ ତୁମେ ବୁଝିବନି କରିବନି ଦୁଃଖ
ନିଜ ବାଟେ ଖୋଜ ନିଜେ ପାଇଯିବ ସୁଖ;
ରାଧା ମୋର ହୁଅ ନାହିଁ ହୁଅ ନାହିଁ ଗୋପୀ
ପଦୁଅଁ ପତ୍ରେ ଜଳ ମୁଁ ଯେ ନିରୋଳା ନିହାତି;
ତୁମେ ଚାଲାକିରେ ହୋଇପାର..ମୋ ପ୍ରିୟାଠୁ ବେଶୀ
ହେଲେ- ମୋ ପ୍ରିୟା ମୋ ରସଗୋଲା
ସ୍ନେହ ଶ୍ରଦ୍ଧା ରସ ଝରା
ସେ ହେଲେ ଘର ତୋରାଣି..ତୁମେ ଦହି ଲସି..
ତୁମେ ସୁନ୍ଦରରେ ହୋଇପାର..ମୋ ପ୍ରିୟାଠୁ ବେଶୀ (୨)

ଆକାଶବାଣୀ ଗୀତିକାର
ପାଟପୁର, କନସି-୭୬୧୦୦୮
ମୋ-୯୯୩୮୭୧୯୯୮୧

ISSN NO.
2582-208X

# ଚିଲିକା



ଶେଷଦେବ ପଣ୍ଡା

ଜଟିଆ ଭାଲେରି ଚଢେଇଗୁହାର
ବଳୟ ମଧ୍ୟରେ ସ୍ଥିତ,
ଉତ୍କଳଲକ୍ଷ୍ମୀଙ୍କ ବିଳାସ ଦୀର୍ଘିକା
ଚିଲିକା ନାମ ତୋ' ଖ୍ୟାତ ।

ଲୋହିତ ଧବଳ ପକ୍ଷ ଅନୁପମ
ଏରା ପକ୍ଷୀ ଦୃଶ୍ୟମାନ,
ନୀଳ ତରଙ୍ଗର ଦୀପ୍ତି ସନ୍ଦର୍ଶନେ
ପର୍ଯ୍ୟଟକ ତୃପ୍ତ ମନ ।

ଶୋଭନ୍ତି ବକ୍ଷେ ତୋ' ବିହଙ୍ଗମ ପନ୍ତି
ରଚି ମିଷ୍ଟ କଳରବ,
ବାସ କରିଛନ୍ତି ମୀନ ଶିଶୁମାର
ଶାଙ୍କୁଚାଦି ଜଳଜୀବ ।

ମଧ୍ୟେ ସମୁନ୍ନତ ଗିରି ପରେ ବିଜେ
କାଳିଜାଇ ଠାକୁରାଣୀ,

ISSN NO.
2582-208X

ଚିଲିକା ଲୋ ତୋର ବିଗତ ଅତୀତ
ସଜଳ ସ୍ମୃତିର ଖଣି ।

ହଂସ ହଂସରାଳି କ୍ରୀଡାରତ ତହିଁ
ରମ୍ୟ ନୀଳ ଜଳରାଶି,
ନାବେ ଆରୋହିଣ ବାଳ ବୃଦ୍ଧ ଯୁବା
ମନ ଉଠଇ ଉଲ୍ଲସି ।

ଏ ଚିଲିକା କୂଳେ ମାଣିକ ହସ୍ତରୁ
ଦଧି ଭୁଞ୍ଜି ଭଗବାନ,
ଲୋକମୁଖେ ଆହା ପ୍ରସରି ଯାଇଛି
ମାଣିକ ପାଟଣା ନାମ ।

କେଡେ ମନଲୋଭା ସୂର୍ଯ୍ୟାସ୍ତର ଆଭା
ଦର୍ଶକ ଚିତ୍ତକୁ ହରେ,
ଉଡି ମାଛରଙ୍କା ଜଳେ ବୁଡିଥାଏ
ମୀନ ଧରିବା ଲକ୍ଷ୍ୟରେ ।

ପ୍ରବାଳ ବରଣ  ସ୍ୱର୍ଣ୍ଣାଭ କିରଣ
ଅସ୍ତଗାମୀ ଯେବେ ରବି,
ରମଣୀୟ ବକ୍ଷେ ଝଟକି ଉଠଇ
ବଚନାତୀତ ଯେ ଛବି ।

ଉତ୍କଳମଣିଙ୍କୁ  କଲୁ ତୁ ଭାବୁକ
ଲେଖନୀରେ ଦେଲେ ରୂପ,

ISSN NO.
2582-208X

ବାଷ୍ପୀୟ ଶକଟୁଁ ଦେଖିଥିଲେ ଯେବେ
ତୋ ଦିବ୍ୟ ଭବ୍ୟ ସ୍ୱରୂପ ।

ଦ୍ୱୀପ ପାରିକୁଦ ତା ସାଥେ ମାଲୁଦ
ଅପରୂପ ଶୋଭା ଘେନି,
ଗାୟନରତ ତୋ' ରୂପର ସଂଗୀତ
ସ୍ମରି ସୁନିର୍ମଳ ବେଣୀ ।

କବିବର ରାଧା- ନାଥ ଗାଇଥିଲେ
ତୋହର ଜୟ ଗୀତିକା,
ମରାଳ ମାଳିନୀ ନୀଳାମ୍ବୁ ଚିଲିକା
ଦେଇଗଲେ ତୋତେ ଆଖ୍ୟା ।

ସ୍ନାତକ ଶିକ୍ଷକ (କଳା)
ସ୍ୱରାଜ ସରକାରୀ ଉଚ୍ଚ ବିଦ୍ୟାଳୟ
ଘସିଏନ୍,ପାଟଣାଗଡ,ବଲାଙ୍ଗିର

ISSN NO.
2582-208X

# ସମୟ



ଇଂ. ନଶୀକାନ୍ତ ମିଶ୍ର

ରେ..... ସମୟ...
କାହିଁ ହଜିଗଲା ମୋ ପିଲାଦିନ...
ଯେବେ ଛୋଟ ଥିଲି...
ଦାଣ୍ଡ ଧୂଳିରେ ମୁଁ ଗୁଲି ଖେଳୁ ଥିଲି..
ସୁନୁଗାଡ଼ି ଚକା ଗଡ଼େଇ ଗଡ଼େଇ
ଗାଁ ଚାରିଆଡ଼େ ବୁଲୁ ଥିଲି...।।
ରେ..... ସମୟ ଫେରେଇ ପାରିବୁକି ସେ ପିଲାଦିନ ...
ଯେବେ ବୁଝି ମୁଁ ନଥିଲି ଏ ମାୟା ସଂସାର
ଜାଣି ନଥିଲି ମୁଁ ଛନ୍ଦ କି କପଟ
ପାଠ ପଢୁ ଥିଲି... ଗପ ଶୁଣୁଥିଲି....
ଗପ ଶୁଣି ଶୁଣି ମା ର କୋଳରେ ,
ଆଖି ବୁଜି ଶୋଇ ପଡୁଥିଲି..।।
ରେ.... ସମୟ ଫେରେଇ ପରିବୁକି ସେ ପିଲା ଦିନ...
ନା ଥିଲା ଚିନ୍ତା, ନା ଥିଲା ଦୁଃଖ...
ଥିଲା ଖାଲି ଖୁସି ଆଉ କିଛି ସ୍ୱପ୍ନ...
ସେବେର ପାଠ ପଢ଼ା, ଆଉ ମଜା ମସ୍ତି
ପାରିବୁ କି ଦେଇ ଆଣି ମୋ ହାତେ ଖଞ୍ଜି ।।

ISSN NO.
2582-208X

ରେ.... ସମୟ ଫେରେଇ ପରିବୁକି ସେ ପିଲାଦିନ...
ଆସୁ ପଛେ ଝଡ଼, ବହୁ ପଛେ ଝାଞ୍ଜି
ମୋ ମା ର ପଣତ ସବୁ ଦିଏ ରୋକି ,
କାହାକୁ ଡରେନା, କାହାକୁ ଛାଡେନା
ଥିଲେ ଶତପଥେ ମୋ ପରିବାର ସାଥେ।
ସବୁଠୁ ଆଗାରେ ସେହି ପରିବାର,
ଯେବେ ସମସ୍ତେ ଥାଆନ୍ତି ନିଜର।
ହସ ଖୁସି ଥାଏ ଯେ ପରିପୂରକ,
ସମସ୍ତେ ସଭିଙ୍କ ଆପଣାର
ଦୁଃଖ କଷ୍ଟ କେବେ ଜଣା ପଡିନାହିଁ
ଯେବେ ପ୍ରଭୁଙ୍କର ହାତ ଥାଏ ରହି।।
ରେ.... ସମୟ ଦେଇ କି ପାରିବୁ ସେ ପାରିବାର...
ଟିକେ ସ୍ନେହ ଓ ପ୍ରେମର ଅପେକ୍ଷା ରେ,
ଏଠି ବଞ୍ଚିଚି ମୁଁ ଆଶା ଭରସା ରେ
କେବେ ମିଳିବ କି ନାହିଁ ଜାଣି ନାହିଁ,
ଯଦି ନମିଳିବ ପ୍ରଭୁ ଦିଅ ତ୍ରାହି ।
ଛନ୍ଦ କପଟ ରୁପକ ଏ ଜାଲରେ ,
ପଡ଼ି ଯନ୍ତ୍ରଣା ପାଉଛି ବହୁ କାଳେ
ଯେବେ ଆସିବନି କେବେ ସେ ସମୟ,
ପ୍ରଭୁ ମୁକ୍ତି ଦିଅ ଏ ମାନବ କୁଳେ ।।

ଖିରବାଟି , ଗୌଡୁଣି ପଡ଼ିଆ , ଜଗତସିଂହପୁର
ମୋବାଇଲ: ୮୭୩୭୨୨୩୨୩୭

ISSN NO.
2582-208X



# ମଧୁ ମାଳତୀ



ଡାଃ. ଅନତା ପଣ୍ଡା

## କୈଶୋର ଉମଙ୍ଗ

(୨)

ସଞ୍ଜ ଗଡ଼ି ଯାଇଥିଲ୍ । ନଈ ପଠାର ଅପୂର୍ବ ମନୋରମ ଦୃଶ୍ୟ ତାକୁ ପୁଣି ସେଇ ପିଲ୍ଦିନକୁ ଟାଣି ନେଇଥିଲ୍ । ବର୍ଷା ଦିନର ଅମୂଲ୍ୟ ସ୍ମୃତି । ମେଘମାନେ ଯେମିତି ତା ଗାଁଟାକୁ ଖୁବ୍ ଭଲ ପାଉଥିଲେ । ଛୋଟ ନଈଟି ବର୍ଷା ଦିନରେ ଫୁଲି ଉଠୁଥାଏ । ନଈଟାର କିଛି ନାଁ ନ ଥିଲ୍ । ଦିନେ ସୀତା ଦେଠେଇ ନଈ ପଠାରେ ବାସନ ମାଜୁ ମାଜୁ ତାଙ୍କର ଗାଙ୍ଗୁଲ୍ଟାଏ କୁଆଡ଼େ ପାଣି ଧାରରେ ଭସିଗଲ୍ । ପତ୍ତା ମିଳିଲ୍ନ । ସେଇ ଦିନଠୁ ନଈଟାର ନାଁ ହେଇଗଲ୍ ଗାଙ୍ଗୁଲେଇ । ନଈ ସେପାରିକୁ ଆଖି ପାଏନା । ସେଇ ଘନ ଜଙ୍ଗଲିଆ ତୋଟା ଭିତରେ ମୟୁର ମାନେ ଅକ୍ଳାନ୍ତ ନାଚନ୍ତୁ । ନଜ ଗାଁ ତୋଟା ଆଡ଼କୁ ଆଖି ଫେରାଏ ମାଳତୀ । କାହିଁକି କେଜାଣି ତାଙ୍କ ଗାଁ ତୋଟାକୁ ଆଖି ଫେରାଇ ଗୃହାନ୍ତୁନ ସେଇ ମୟୁର ଗୁଡ଼ିକ ।

ଗେହ୍ଲେଇ ହେଇ ମାଳତୀ ପିଇସା, କକେଇ, ବଡ଼ ବାପା ମାନଙ୍କୁ ପଗୃରି ପଗୃରି ଅଥୟ କରିଦିଏ, ହେଲେ ଜବାବ୍ ମିଳଥାଏ, "ଆମ ତୋଟାଟା ଗହଳଆ ନୁହେଁ । ଦିନ ଗୃତି ସେଥିରେ ମଣିଷ ହାଉ ଯାଉ । ଶିଆଳ ଭଳ ଶ୍ୱାପଦ ମଧ ପାଦ ରଖିବାକୁ ଭୟ କରେ । ଆଉ ସେଇ ନର୍ତ୍ତକୀ ମୟୁର ଏଇଠି ନାଚନ୍ତା ?" ମାଳତୀ ଚୁପ୍ ହୋଇଯାଏ । ଘନ ଘନ ମେଘ ଡମ୍ବରୁ ସହ ତାଳ ଦେଇ ନାଚୁଥିବା ମୟୂର ମାନଙ୍କୁ ସେ କେବଳ ଗୃହିଁ ରହିଥାଏ । ସକାଳ କଥା ମନେ ପକାଇ ତା ମନ ଭିତରଟା କାହିଁକି କେଜାଣି ନାଚ ଉଠୁଥିଲ୍ । ସକାଳୁ

ISSN NO.
2582-208X

ସକାଳୁ ଜଣେ କଏ କଳା ଭୁର୍ଷୁଣ୍ଡା ଲୋକ ବାପାଙ୍କୁ ଦେଖା କରିବାକୁ ଆସିଥିଲା । ଚରମ୍ପାରୁ ଆସିଛି । ଝିଅ ଶାଶୁ ଘର ଗାଁରୁ । ବହୁ ଆଦର ଅଭ୍ୟର୍ଥନା କରି ଅତିଥି ଜଣଙ୍କୁ ବାପା ତାଙ୍କ ବୈଠକ ଘରେ ବସାଇଲେ । ବୋଉକୁ ଡାକ ତାଙ୍କ ପାଇଁ ଚା, ଜଳଖିଆର ବ୍ୟବସ୍ଥା କରିବାକୁ କହିଲେ । ସତରେ ଯେମିତି ଅତିଥି ଜଣକ ଗୋପବନ୍ଧୁ ବାବୁଙ୍କ ଘରର ସଦସ୍ୟ। ଗୋଟି ଗୋଟି କରି ସବୁ କଥା ଗୁଡ଼ିକ ଗାଇ ଯାଉଥାଏ । ଏଇମିତି କହୁ କହୁ କହିଲା, "ମାଘ ମାସରେ ତ ଝିଅ ବିଦା କରିବେ । ଆଉରି ଛଅ ମାସ ବାକି ଅଛ । କ'ଣ ଗୋଟେ ପ୍ରତିଯୋଗିତାରେ ଭାଗ ନବାକୁ ମଧୁ ଭାୟା ଯାଜପୁର ଏନ୍ ସି କଲେଜକୁ ଆସିଥିଲେ । ଆଉ ଦି' ଦିନ ରହିବେ । ଗାଁ ସେପାରିରେ ତାଙ୍କର ଗାଁ ସମ୍ପର୍କୀୟ ମାଉସୀ ରୁହନ୍ତି । ତାଙ୍କ ଘରେ ଅଛନ୍ତି । ଆପଣଙ୍କ ଝିଅ ସଂଗେ କଛି ପାଠ ପଢ଼ା କଥା ନେଇ ଟିକଏ କଥା ହବାକୁ ଚାହୁଁଛନ୍ତି ।

ନାଁ ଅସଲମ ବାବୁ, ଏ କଥା ସଂସ୍କୃତି ବିରୁଦ୍ଧ । ଝିଅ ବଡ଼ ହେଲାଣି । ଜୋଇଁ ପିଲାଙ୍କ ସଂଗେ କଥା ହେଲେ ସମାଜ କ'ଣ କହିବ ? ତା ଛଡ଼ା ସେଇଟା ଗୋଟାଏ ପାପ ।

ବୁଝୁଛି ଆଜ୍ଞା, ହେଲେ ଆପଣ ଜାଣିଛନ୍ତ ମଧୁ ଭାୟା କଲେଜରେ ପଢୁଛନ୍ତ । ତେଣୁ ସେଇ ପାଠ ବିଷୟରେ କଛି କଥା ଭାଉଜଙ୍କ ସଂଗେ ଆଲୋଚନା କରିବାକୁ ଚାହୁଁଛନ୍ତ ।

କ୍ଷମା କରିବେ ଆଜ୍ଞା, ଆମେ ଗାଁ ଦାଣ୍ଡରେ ଘର କରି ରହିଛୁ । କେହି ପଡ଼ୋଶୀ ଏହାକୁ ଗ୍ରହଣ କରିବେନ ।

କେଉଁ କଥା କହୁଛ ବାପା ?

ଭଲ ହେଲା ତୁ ବି ୟାଙ୍କୁ ଜାଣି ରଖ ବାଲୁ । ଏ ବାବୁ ମାଳତୀ ଶାଶୁଘର ଗାଁରୁ ଆସିଛନ୍ତ ।

କ'ଣ ମାଳକୁ ଜଲ୍‌ଦି ପଠାଇବାକୁ କହୁଛନ୍ତ ? ତା' କେମିତି ହେବ । ଯେବେ ପାଇଁ ଦିନ ପଡିଛି ନା । ବାପାଙ୍କ କଥା କାଟି କହିଲା ବାଲୁ ।

ISSN NO.
2582-208X

ନାଁ ସେମିତି କଛି ନୁହେଁ । କଛି ଅନ୍ୟ କଥା ।

ଠିକ୍ ଅଛି, ତୁମେ କଥାବାର୍ତ୍ତା କରି ବାବୁଙ୍କୁ ଭଲ କରି ବୁଝେଇ ଦିଅ । ମୋର କ୍ଲାସ ଅଛି । ମୁଁ ଏବେ ଯାଉଛି ।

ବାଲୁ ଭାଇନା ଚାଲି ଯାଇଥିଲା ସତ ମାତ୍ର କ୍ଲାସ ପାଇଁ ନୁହେଁ ସେଇ ବାବୁଙ୍କର ଅପେକ୍ଷା କରି ବାହାରେ ଲୁଚ ଛିଡ଼ା ହୋଇଥିଲା । ବହୁ ସମୟ ବାଦ ବାଲୁ ଭାଇନା ଅସଲାମ ବାବୁଙ୍କୁ ଦେଖି ବୁଦା ପଛରୁ ବାହାରି ଆସିଲା । ପାଖରେ ପହଞ୍ଚି ଦେଖିଲା ଅସଲାମ ବାବୁ ଏକା ନୁହଁନ୍ତି ସାଙ୍ଗରେ ମଧୁସୂଦନ ଅଛନ୍ତି । ଆଶ୍ଚର୍ଯ୍ୟ ସହ ଦୁହିଙ୍କ ଆଡ଼କୁ ଏକ ଲୟରେ ଚାହିଁ ରହିଲା ବାଲୁ । ମାମଲା ନିଶ୍ଚୟ କଛି ଗମ୍ଭୀର । କ'ଣ ହୋଇ ପାରେ । ଭାରୀ ଯୌତୁକ ପାଇଁ ନୁହେଁ ତ!! ସକ୍ଷମ ଅନୁସାରେ ତ ବାପା ସବୁ କଛି ଦେଇଛନ୍ତି ଓ ଦେଉଛନ୍ତି । ଆଉ କ'ଣ ଅଧିକା ଚାହୁଁଛନ୍ତି । ଏ ପରିସ୍ଥିତିରେ କ'ଣ କରାଯାଇପାରେ!! ମାଳକୁ ନେବା ପାଇଁ ଅସ୍ୱୀକାର କରି ଦେବେ ଯଦି । କମ୍ପା ଘରକୁ ଯିବା ପରେ ବଧୂ ନିର୍ଯ୍ୟାତନା । ଆଉ ଗାଁର ଶ୍ୟାମା ଅପାଙ୍କର ଦୁରାବସ୍ଥା ନିଜ ଆଖିରେ ଦେଖିଛି ବାଲୁ । ଯାହା ତ ଦଣ୍ଡିଲେ ଦଣ୍ଡିଲେ । ଶେଷରେ ଦିନେ ଉପରେ କିରାସିନ ଢାଳି ଅପାକୁ ଜଳାଇ ଦେଲେ । ଆଃ ମାଲୁ ।

ଭାଇନା ଏଠି ମାଲୁ ନାହିଁ?

ପ୍ରକୃତିସ୍ଥ ହେଲା ବାଲୁ । ନାଁ ମଧୁବାବୁ, ମୁଁ କହୁଥିଲି ବର୍ତ୍ତମାନ ପାଇଁ ସେତିକରେ ଖୁସି ରୁହ । ତୁମକୁ କଥା ଦେଉଛି, ମୁଁ ଚାକରୀ କଲେ ତୁମେ ଆଉ ଯାହା କଛି ଦାବୀ କରିବ ମୁଁ ତୁଲାଇବା ପାଇଁ ଚେଷ୍ଟା କରିବି ।

କୋଉ କଥା କହୁଛ ଭାଇନା । ମୁଁ ତୁମ କଥା କଛି ବୁଝି ପାରୁନ ।

ବାପାଙ୍କ ପାଖକୁ ଦବା ନବା କଥା ଦାବୀ କରିବାକୁ ଆସିଥିଲ ତ ?

ISSN NO.
2582-208X

ଛିଃ ଭାଇନା ସେ ଖରାପ କଥା ଗୁଡ଼ା କାହିଁକି ମନରେ ଆଣୁଛ । ମୁଁ କହୁଥିଲି... କାହିଁକି କେଜାଣି ଆଉ ଆଗକୁ କହିପାରି ନଥିଲା ମଧୁସୂଦନ ।

ଆରେ କୁହ ନା ମଧୁ ବାବୁ । ବର୍ତ୍ତମାନ ଯୌତୁକ ଦେବା ପାଇଁ ସିନା ମୁଁ ସକ୍ଷମ ନୁହେଁ, ମାତ୍ର ଆଉ ଯାହା କହିବ ମାଳତୀ ଖୁସି ପାଇଁ ମୁଁ ସବୁ କିଛି ପୂରଣ କରିବାକୁ ତିଆର । କହି ଦେଖ ।

ଲାଜରେ ସଢ଼ି ଯାଇଥିଲା ମଧୁସୂଦନ । କ'ଣ କହିବ ! ମୁଁ ତୁମ ଭଉଣୀକୁ ଥରଟେ ଦେଖିବାକୁ ଚାହେଁ । କିଶୋର ମନର ତୃଷ୍ଣା ।

ମୁଁ ବୁଝେଇ ଦେଉଚ ବାଲୁ ବାବୁ । ମଧୁ ଭାୟା ଯାହା ନିଜ ମୁହଁରେ ଧରିପାରୁ ନାହାନ୍ତି । କଥା କ'ଣ କି, କିଶୋର ମନ ତ ବହୁତ କିଛି ଚାହୁଁଛି । ଆହୁରି ଛଅ ମାସ ଅପେକ୍ଷା କରିବାକୁ ହେବ । ଯଦି ତୁମ ଭଉଣୀଙ୍କ ସଙ୍ଗେ ଥରେ ତାଙ୍କୁ ଦିପଦ କଥା କହିବା ପାଇଁ ମୌକା ଦିଅନ୍ତ । ତୁମ ବାପା ଗାଁ ବାସୀଙ୍କୁ ଡରି ରାଜି ହେଲେନ ।

ଏଇ ଗୋଟେ କଥା ମଧୁବାବୁ । ଯେଉଁଦିନ ହାତଗଣ୍ଠି ପଡ଼ିଲା ସେଇ ଦିନଠୁ ମାଲୁ ତୁମର ଅମାନତ । ତୁମ ସମ୍ପତ୍ତିକୁ ଆମେ ଦେଖା ଚାହାଁ କରୁଛୁ ଯାହା । ଆଜି ସନ୍ଧ୍ୟାରେ ମୁଁ ମାଲୁକୁ ଗାଙ୍ଗୁଲେଇ ନଈ ପଠାକୁ ନେଇ ଯିବି । ତୁମେ ସେଇଠି ଆମର ଅପେକ୍ଷା କରିଥିବ । ମାଳତୀକୁ ମଧ୍ୟ ସେଇ କଥା କହିଥିଲା ବାଲୁ । ଆଜି ମୋର ଜଣେ ଅତି ପ୍ରିୟ ସାଙ୍ଗ ମୋତେ ଦେଖା କରିବାକୁ ଆସିବ । ଆଜିକାଲି ଆମ ଗାଙ୍ଗୁଲେଇ ନଦୀର ଶୋଭା ଅନୁପମ । ମୁଁ ତାକୁ ସେଇଠିକୁ ନେଇ ଆସିବି । ତୁ ମଧ୍ୟ ସେଠାରେ ପହଞ୍ଚି ଯାଇଥିବୁ । ମନେ ରଖିଥା, ଏ କଥା ଯେମିତି ବାପାଙ୍କ କାନକୁ ନଯାଏ ।

ବାଲୁ ଭାଇନା କଥା ମାନି ନଈ ପଠାକୁ ଚାଲି ଯାଇଥିଲା ମାଳତୀ । ହୁଏତ ପ୍ରବଳ ବର୍ଷା ଯୋଗୁଁ ଭାଇନା ତା ବନ୍ଧୁଙ୍କୁ ନେଇ ପହଞ୍ଚି ପାରି ନଥିଲା । ଏଇମିତି ବସି ବସି ପ୍ରକୃତିକୁ ଉପଭୋଗ କରୁ କରୁ କାହିଁ ଥିଲା କଳାହାଣ୍ଡିଆ ମେଘ ଦଳ ବଳ ନେଇ ମାଡ଼ି ଆସିଲା । ଘରକୁ ଫେରିବା ତା ପାଇଁ କାଠିକର ପାଠ ହୋଇଯାଇଥିଲା । ଗାଁ ମାଆ, ମାଉସୀ, ଖୁଡ଼ୀ,

ISSN NO.
2582-208X

ପିଇସୀ ମାନେ ନଈରେ ଗାଧୋଇପାଧୋଇ ଓଦାଲୁଗା ପାଲଟିବା ପାଇଁ ଖଣ୍ଡେ ଟିଣ ଛପର ପଡ଼ିଥିବା ଚଉତରାକୁ ଦଉଡ଼ି ଯାଇ ନିଜ ମୁଣ୍ଡଟାକୁ ବର୍ଷା ପିଟାଣୀରୁ ରାହତ ଯୋଗେଇଲେ । ବରଷା ଧାରା ଥିର ପଡ଼ିଥିଲା । ଜହ୍ନ ଆଲୁଅ ସହିତ କଳା କଳା ହାଲୁକା ପ୍ରସ୍ତ ପ୍ରସ୍ତ ମେଘର ଏକ ମଧୁମୟ ମିଳନ ମାଳତୀର ମନକୁ ମଣ୍ଡେଇ ଦେଉଥିଲା । ଘରକୁ ଫେରିବା କଥା ଭୁଲି ଯାଇଥିଲା ଯେମିତି । ନିରବତାର ବନ୍ଧନୀ ଭିତରେ । ପରେ ବିଲୁଆଙ୍କ ବୋବାଳି ଶୁଣି ଚମକି ପଡ଼ିଥିଲା ମାଳତୀ । ରାତି ହେଲାଣି । ଏକା ଏକା ନଈ ପଠାରେ ବସିଛି ଡରରେ ଦେହହାତ ତାର ଥରିବାକୁ ଲାଗିଲା । ମୃଦୁ ମୃଦୁ ପବନରେ ନଈପଠାର କାଶତଣ୍ଡୀ ଫୁଲ ଗୁଡ଼ିକ ଦୋଳି ଖେଳୁଥିଲେ ଯେମିତି । ଫୁଲ କେଣ୍ଡା ମାନଙ୍କର ଦୋହଲିବା ଥିଲା ଉଲ୍ଲାସର, ଆଉ ତା ମନ ଦୋହଲୁ ଥିଲା ସଂପୂର୍ଣ୍ଣ ଭୟର । ବହୁ ଚେଷ୍ଟା କରି ମଧ ଭୟର ଲହରକୁ ସେ ଅପସାରଣ କରି ପାରୁ ନ ଥିଲା । କଳା ବାଦଲ ଅପସାରତାରେ ଆକାଶ କେଡ଼େ ସ୍ୱଚ୍ଛ। ବୃକ୍ଷ ପରିବେଷ୍ଟିତ ଜହ୍ନ ଆଲୋକ ନଦୀ ଜଳରେ ପ୍ରତିଫଳିତ ହେଉଥିଲା । ଏଇ ଗାଙ୍ଗୁଲେଇ ନଈଟି ତାର ଅତି ଆପଣାର । ଏଇଠି ବସି ବସି ସେ କେତେ କେତେ ଗୀତ ମାନ ଗୁଣଗୁଣାଏ । ବାନ୍ଧବୀମାନଙ୍କ ସହ ନଈ ପଠା ଜାମୁ ଗଛ ଡାଳରେ ବସି ଜାମୁକୋଳି ତୋଳେ । ସ୍ଥିର ନଦୀ ଭିତରେ ଗଗରା ଖଣ୍ଡିଏ ମୁହଁ ତଳେ ରଖି ଗାଁ ଟୋକା ମାନଙ୍କ ସହ ପହଁରିବାକୁ ଚେଷ୍ଟା ଚଳାଇ ବିଫଳ ହୋଇଥାଏ । ସେତେବେଳେ ସେ ବହୁତ ଦୁଃଖ କରିଥାଏ । ପାଠ ପଢ଼ିବାର ଇଚ୍ଛା ଥାଇ ମଧ ସେଥିରୁ ବଂଚିତ ହେଲା । ଅପାଠୁଆ ପିଲାମାନଙ୍କର ପାରଦର୍ଶିତା ବଳୟକୁ ମଧ ପ୍ରବେଶ କରିପାରି ନ ଥିଲା । ଦୁଇଆଡୁ ଛେଡି। ଜୀବନରେ ତେବେ ସେ ଗୋଟିଏ ବାଦୁଡ଼ି ହୋଇ ରହିଯିବ । ନାଁ ପଶୁ ଗୋଷ୍ଠୀର, ନାଁ ପକ୍ଷୀ! ହଠାତ୍ ଅନତି ଦୂରରେ କଦଳୀ ଭେଳାଟାଏ ଦେଖି ଟିକଏ ଦମ୍ଭ ଧରିଲା ମାଳତୀ । ଏକା ଏକା ଏଇ ନଈ କୂଳ ତୋଟାରେ ସିନା ଭୂତ, ପ୍ରେତ, ପିଶାଚ, ପିଶାଚୁଣୀ ମାଡ଼ି ଆସିବେ । କଦଳୀ ଭେଳାରେ ତ ନିଶ୍ଚିତ ଭାବେ ମଣିଷଟିଏ ଥିବ । ଧୀରେ ଧୀରେ ନାଆଟି କୂଳରେ ଲାଗିଲା । ଭେଳାରୁ କେହି ଜଣେ ଅବତରଣ କରିବା ଦେଖୁ ଦେଖୁ ଦଉଡ଼ି ଯାଇ ତାକୁ କୁଣ୍ଢାଇ ଧରିଲା ମାଳତୀ । ଏ ଭୂତ, ପ୍ରେତ କବଳରୁ ମତେ ବଂଚାଅ ।

ହଇଲୋ, ଏତେ ରାତି ହେଲାଣି, ଏଠି ଏକା ଏକା କ'ଣ କରୁଥିଲୁ ? ଦୁଇ ହାତରେ ତାର ଗଳାକୁ ଜାବୁଡ଼ି ଧରି ତା ଶରୀର ସହ ମିଳି ଯାଇଥିବା ମାଳତୀକୁ ନିଜଠାରୁ ଅଲଗା କରିବାର ପ୍ରୟାସ କରି ହାର ମାନିଥିଲା ମଣିଷଟି ।

ISSN NO.
2582-208X


ବହୁ ସମୟ ଧରି କେବଳ ଦୁହେଁ ଦୁହିଙ୍କର ବାସ୍ନା ଆଘ୍ରାଣ କରୁଥିଲେ । ନୀଳ ଆକାଶରେ ବୁଲୁଥିବା ଧଳା ମେଘମାଳ ମଝିରେ ମଝିରେ କେତେ ବୁନ୍ଦା ବରଷି ଦେଇ ଦୁହିଙ୍କର ଉତ୍ତପ୍ତ ମନକୁ ଶାନ୍ତ କରି ଦେଉଥିଲା । ଅଜଣା ମଣିଷଟିର ଦୁଇ ବାହୁ କବଳରେ ରହି କେତେବେଳେ ଯେ ପୁଣି କଳା ଅନ୍ଧାର ଘୋଡି ମାଡ଼ି ଆସିଥିଲା ମାଳତୀର ଗୋଚରରେ ନ ଥିଲା । ନୀଳ ଆକାଶ ବକ୍ଷରେ ଅଗଣିତ ତାରା ଛାଇ ହୋଇ ଯାଇଛନ୍ତି ସତେ ଯେମିତି କଏ ତାରାମାନଙ୍କର ଘରଦର ବୁଣିଛି । ଶରୀରଠାରୁ ଅନତି ଦୂରରେ କୋଚ୍ଚମୋଚ୍ଚ ହୋଇ ଅସହାୟ ଭାବରେ ପଡ଼ି ରହିଥିବା ଶାଢ଼ୀ ଖଣ୍ଡକୁ ଆଣି ନିଜ ଦେହରେ ଗୁଡ଼ାଇ ଦେଲା ମାଳତୀ । ଏଇ କେତେ ଘଣ୍ଟା ମଧ୍ୟରେ କେତେ କ'ଣ ଘଟିଗଲା । ଏତେ ସବୁ ମଧୁରତା ଭିତରେ କିଛି ତିକ୍ତତା ପାଚେରୀ ଛିଡ଼ା କରାଇବନି ତ ! ସଦ୍ୟ କୈଶୋର ଛୁଇଁଥିବା କିଶୋରୀଟି ଆଗକୁ ପଛକୁ କିଛି ଚିନ୍ତା କରି ପାରୁ ନ ଥିଲା । ଅନ୍ଧକାରର ନିଃଶବ୍ଦତା ମଧ୍ୟରେ ଦୁଇଜଣଙ୍କର ନିରବତା । କେହି କାହାକୁ ଜାଣନ୍ତି ନି । ଅନ୍ଧାର ଭିତରେ ମୁହଁ ଦେଖିବା ମଧ୍ୟ ସମ୍ଭବ ହୋଇପାରୁ ନ ଥିଲା । ଭୂତ, ପ୍ରେତଙ୍କ ଗହଣରୁ ଉଦ୍ଧାର ପାଇ କିଛି ଏକ ଅକଥନୀୟ ଭୟ ମାଳତୀର ଶରୀରକୁ ଜଡ଼ୀଭୂତ କରି ଦେଇଥିଲା ଯେମିତି ଚଟାଣ ଉପରେ ଗଙ୍ଗଶିଉଳି ଫୁଲର ଶେଯ, ଯାହାର ବାସ୍ନାରେ ସମ୍ମୋହିତ ହୋଇ ଉଠୁଥିଲା ମାଳତୀ ।

ଅପରିଚିତ ମଣିଷଟି ମୁହଁ ଖୋଲିଲା । ମନେ ହୁଏ ଏଇ ଗଙ୍ଗଶିଉଳି ଫୁଲର କଳୀ ଭଳି ତୁ ଗୋଟିଏ କଳୀ । କ୍ଷଣିକ ଉତ୍ତେଜନାରେ ତୁ କେତେବଡ଼ ଭୁଲଟାଏ କରିଗଲୁ ଜାଣି ପାରୁନୁ ବୋଧେ । ନାଁ, ଦୋଷ ମୋର । ତୁ ତ ପିଲାଟା । ତତେ ମୋର ବୁଝାଇବାର ଥିଲା । କିଛି ନ ବୁଝି ନ ଶୁଝି ତୋର ମୁଁ ସର୍ବସ୍ୱ ଲୁଟି ନେଲି ।

ମୋ ନାଁ କଳୀ ନୁହେଁ କି ଗଙ୍ଗଶିଉଳି ନୁହେଁ । ତୁମେ ତ ମୋର କିଛି ଲୁଟିନି ଅଜଣା ମଣିଷ। ମୋ ବର ଦେଇଥିବା ମୁଦିଟି ଏବେ ବି ମୋର ବାଁ ହାତର ଅନାମିକା ଆଙ୍ଗୁଠିରେ । କାନର ଫାସିଆ ଦିଖଣ୍ଡ ସେଇମିତି ଝୁଲୁଛି । କଳା ସୂତାରେ ବନ୍ଧା ଥିବା ପଦକର ଗୋଟାଏ ବାଳ ବି ବଙ୍କା ହେଇନି । ଭୟରେ ବସି ବସି ହୁଏ ତ ଛାତି ଫାଟି ଯାଇଥାନ୍ତା । ଆଉ ମୁଁ ସବୁଦିନ ପାଇଁ ଦୁନିଆ ଛାଡ଼ି ଚାଲିଯାଇଥାନ୍ତି । ଦୁନିଆ ଦୁଆରେ ତୁମେ ମତେ ବଂଚାଇ ରଖିଲ । କେବଳ ସେତିକି ନୁହେଁ ଏଇ କେତେ ସମୟ ପାଇଁ ତୁମେ ମତେ ଯୋଉ ଆନନ୍ଦ

ISSN NO.
2582-208X

ଟିକକରେ ପୋତି ପକେଇଲ ଆଜିଯାକେ ଏ ଆନନ୍ଦ ମତେ କେହି ଦେଇ ନାହାନ୍ତି । ଆଉ କାହାଠାରୁ ପାଇ ପାରିବି ତା' ମଧ୍ୟ ମୁଁ କହି ପାରିବିନି । ପଦି ନାନୀ କୋହୁଥିଲା, ଏଇମିତିଆ ଆନନ୍ଦ କାଳେ ବରଠାରୁ ମିଳଥାଏ । ତୁମେ ମୋ ବର ନୁହଁ ତ ? ବୋଉ କୋଉଥିଲା ଆଜି ସକାଳେ କାଳେ ମୋର ବର ଆମ ଗାଁକୁ ଆସିଥିଲା । ମୋ ନାଁ ମାଳତୀ । ସାତ ବରଷ ବୟସରୁ ବାହା ହୋଇ ବସିଛି । ମୋ ବର କେତେଥର ଆମ ଘରକୁ ଆଇଚ। ନୂଆ ନୁଗା, ନୂଆ ଗହଣା, ସୋନୋ, ପାଉଡ଼ର, ଅତର, ରିବନରେ ମତେ ଜଡ଼େଇ ଦେଇଥାଏ । ହେଲେ ତୁମେ ମତେ ଯେମିତି ଜଡ଼େଇ ଧରିଲ ସେମିତି କେବେ ବି ଧରିନ । ଜଡ଼େଇ ଧରିବା ତ ଦୂର କଥା, ମତେ ଥରୁଟେ ତା ମୁହଁ ଦେଖେଇନ । ସେଇ ବାହା ବେଦୀରେ ଯାହା ତାକୁ ଦେଖିଥିଲି । ଛଅ ବରଷ ହେଇ ଗଲାଣି । କେଡ଼େ ବଡୁଟେ ହେଇଯିବଣି । ତମ ଭଳି ତା'ର ବି ନିଶ ଦାଢ଼ି ଗଜିରିବଣି । ମତେ ଭାରି ଭଲ ନାଗୁଛି, ତୁମେ କଏ, ଈଶ୍ୱରଙ୍କ ଦୂତ ରୂପେ ମତେ ଏତେ ଆନନ୍ଦ ଦେବାକୁ ଆସିଥିଲ । ବୋଉ କୋଉଥେଲା ଆସନ୍ତା ମାଘ ମାସରେ ମତେ ମୋ ବର ଘରକୁ ପଠେଇ ଦବ । ଆମ ଗାଁରେ ଏଇଟା ମୋର ଶେଷ ଶ୍ରାବଣ । ତେଣୁ ଗାଙ୍ଗୁଲେଇ ନଈ କୂଳର ଶେଷ ଶ୍ରାବଣ ମନ ଭରି ଉପଭୋଗ କରିବା ପାଇଁ ଆସିଥିଲି । ଯେତିକି ଆଶା କରିଥିଲି ତାଠାରୁ ତୁମେ ମତେ ଶହେଗୁଣା ଅଧିକା ଦେଇଦେଲ । ମୁଁ ତୁମ ନିକଟରେ ଚିର ଋଣୀ ରହିବି । ହେଲେ ମତେ କହିଲ ଏ ଅନ୍ଧାର ରାତିରେ ବଢ଼ିଲା ନଈରେ କଦଳୀ ଭେଳାରେ ଚଢ଼ି ମୁଁ ଡରି ଯାଇଥିଲି ବୋଲି ମତେ କ'ଣ ଉଦ୍ଧାର କରିବାକୁ ଆସିଥିଲ ?

ତୁ ନିଜର ପରିଚୟ ନ ଦେଇଥିଲେ ମଧ୍ୟ ତୋ ସହ ବିତାଇଥିବା ସେଇ କେତୋଟି ମୁହୂର୍ତ୍ତ ମତେ ଜଣେଇ ଦେଇଥିଲା ତୁ ଏକ କୁଆଁରୀ କନ୍ୟା । ତୋ ବାଁ ହାତ ଅନାମିକା ଆଙ୍ଗୁଳିର ମୁଦିଟି କହି ଦେଇଥିଲା ତୁ ଏକ ବ୍ରାହ୍ମଣ ଘରର ଝିଅ । ଯାହାର ବାଲ୍ୟ ବିବାହ ହୋଇ ସାରିଛି । ଏ ସବୁ ଜାଣିବା ପରେ ମଧ୍ୟ ମୁଁ ସେ ଆନନ୍ଦ ମୁହୂର୍ତ୍ତକୁ ହାତ ଛଡ଼ା କରିବାକୁ ଚାହୁଁ ନ ଥିଲି । ଆଉ ତୋ ନାଁଟି ମାଳତୀ ଜାଣିବା ପରେ ମୋ ମନରେ ଆନନ୍ଦ ଘର ଧରୁନି ।

ମିଛ କୋହୁଚ ।

କୋଉ କଥା ।

ISSN NO.
2582-208X

ଯଦି ସେ ଆନନ୍ଦ ମୁହୂର୍ତ୍ତଗୁଡ଼ିକୁ ହାତଛଡ଼ା କରିବାକୁ ଚାହୁଁ ନ ଥିଲ ତେବେ ମତେ କଥାଦିଅ ମୋ ଇଚ୍ଛା ଅନୁସାରେ ତୁମେ ମତେ ସେ ସୁଖର ଅଧିକାରିଣୀ କରାଇବ ।

ନାଁ ଲୋ ମାଲୁ, ଏ କଥା ଗୁଡ଼ାକ ଭଲ କଥା ନୁହେଁ । ତୁ ବାହା ହେଇ ସାରିଛୁ । ତୋ ବର ତତେ ବହୁ ସୁଖୀ କରି ରଖିବ । ମନେ ରଖିଥା, ଆଜିର କଥା ସବୁ ତୁ ତୋ ଠେଇଁ ରଖିବୁ, ଅନ୍ୟ କାନକୁ ଯିବାକୁ ଦବୁନ । ତୋ ଭାଇନା ଆଉ ବର କାନକୁ ତ ଜମା ନୁହେଁ । ହଉ ଚାଲ । କେତେଗୁଡ଼ାଏ ରାତି ହେଇ ଗଲାଣି, ତତେ ତୋ ଘରେ ଛାଡ଼ି ଆସି ମୁଁ ଭେଳାରେ ସେପାରି ଚାଲିଯିବି ।

ତୁମ ଘର ସେପାରିରେ ! ମୋ କଥା ତ ସବୁ କହିଲି । ତୁମେ ତୁମ କଥା କଛି କଇଲନ ଯେ।

ତୁ' ତ ସବୁ କହିଦେଲୁ ମୋ କଥା । ମୁଁ ଆଉ ଅଧିକା କ'ଣ କହିବି ? ମୁଁ ପରା ଅଜଣା ମଣିଷ ।

ଅଜଣା ମଣିଷ । ମାନେ ହେଲା ଯା'କୁ ମୁଁ ଜାଣିନ । ମୁଁ ତ ଅପାଠୋଇ ତୁମେ ବି ପାଠ ପଢ଼ିନ ! ଆଚ୍ଛା ଶୁଣ୍ କହୁଛି, ମୋ ନାଁ ପାପୀ ଦେଶ ବିଭାଜନ ସମୟରେ ବାପା, ମା'ଙ୍କ ସହିତ ଢ଼ାକା ଛାଡ଼ି କଲିକତା ଆସିଥିଲି । ମୋ ଘର ଗୋଟେ ଅପନ୍ତରାରେ । ଦିନ ରାତି ଅପକର୍ମ କରେ । ପାଠ ଶାଠ ପଢ଼ିନ । ହେଲେ ଯୋଉ ଗୋବିନ୍ଦା ମୋ ମୁହଁରେ ଦାନା ପାଣି ଦେଉଛି ସିଏ ମତେ ଗୋଟେ ଭଲ ହୃଦୟ ଦେଇଛି । ବାଛ ବିଚାର କରିବା ପାଇଁ ମୁଣ୍ଡରେ କଛି ମସଲା ମଧ ଭରିଛି । ତେଣୁ ମୁଁ ଚଣ୍ଡ ପାଷାଣ୍ଡ ନୁହେଁ । ଆଜି ସେପାରିରେ ରହୁଛି । କାଲି ଆଉ କୋଉ ପାରିକି ଟିକଟ କାଟିବି । ତୁମ ବାପା, ବୋଉ କ'ଣ ତୁମକୁ ଆଉ କୋଉ ଗାଁକୁ ଯିବାକୁ ଦେବେ ?

ଆରପାରିରୁ ଡାକରା ଆସିଲେ କେହି କାହାକୁ ରୋକ ପାରିବେନ । ବାପ, ମା' ତ ଛାର, ଖୋଦ୍ ଗୋବିନ୍ଦାର ମଧ ଅଟକାଇବାକୁ ହାତ ଚାଲିବନ । ଜାଣିଛୁ, ସେଇ ଗୋବିନ୍ଦା ତ କଏ କେତେବେଳେ ଯିବ ଲେଖିସାରିଥାଏ ।

ISSN NO.
2582-208X

କେହି ଗୋବିନ୍ଦା ଫୋବିନ୍ଦା କଛି କରନ୍ତୁନ । ବାପା, ବୋଉ ସବୁ ।

ହଉ ହେଲା, ତୋ କଥା ସତ । ହେଲେ ଏ ସାରା ଦୁନଆରେ ମୋର କେହି ନାହାଁନ୍ତି । ହଁ ଗୋଟେ ଟୋକା ଅଛି । କ 'ଣ ଗୋଟେ କଲେଜରେ ପାଠ ପଢୁଛି । ଏତେ ଅନ୍ଧାରରେ ବଢ଼ିଲା ନଈରେ କଦଳୀ ଭେଳା ପକେଇ ତୁମେ କ'ଣ ମତେ ସେ ଭୂତ ଭୂତୁଣୀଙ୍କ ଠୋଉ ବଂଚେଇବାକୁ ଆଇଥେଲ ।

ନାଁ ଲୋ ମାଲୁ । ତତେ ବଂଚେଇବାକୁ ନୁହେଁ । ମୋ ସପନ ପୂରଣ କରିବାକୁ ।

ସପନ !!

ହଁ ସପନ, କହିଲି ନା ମୋର ଘର ଦୁଆର ନାହିଁ । ସେ ଗୋବିନ୍ଦା ଦୁଆରେ ପଡ଼ିଥାଏ । ତା'ରି ଭୋଗ ରାଗରୁ ଗଣ୍ଡେ ଗଣ୍ଡେ ମୋ ମୁହଁରେ ପଡ଼ିଥାଏ । କାଲି ରାତିରେ ତା'ରି ଚଟାଣ ଉପରେ ଗଡ଼ି ପଡ଼ିଥିଲି । ସେଇ କଲେଜ ଟୋକାଟା ତା' କନଆକୁ ଭେଟିବା ପାଇଁ ଆଇଥିଲା। କେତେ କେତେ କଥା ତା କନଆ ନାଁରେ କହିଲା । ମୋ ମନ ଭିତୁରୁଟା କୁତୁକୁତୁ କଲା । ମୋର ମନେ ହେଲା ମୋ ପାବୀ ଏଇ ଗାଁରେ ଅଛି । ସନ୍ଧ୍ୟାର ମେଘୁଆ ଅନ୍ଧାରରେ ବଢ଼ିଲା ନଈ ପାର କରି ଯାଇ ପାରିଲେ ମତେ ଦୁନଆର ସବୁଠୁ ଭଲ ଚଜଟାଏ ମିଳଯିବ । ନଦୁଟା ଚଟ୍ କରି ଭଙ୍ଗିଗଲା । କଏ ଏମିତି ମନଗଢ଼ା କଥା ସବୁ କହିଲା ! ସେଇ ଗୋବିନ୍ଦା ।

'ପାବୀ' ଆରପାରି ଗାଁରେ । ଜୀବନରେ ପ୍ରଥମ ଥର କରି ସବୁଠୁ କଛି ଗୋଟାଏ ବଡ଼ ଜିନଷ ମିଳବ । ମୋ "ପାବୀ'ଠାରୁ ଆହୁରି କଛି ଭଲ ଜିନଷ ଥାଇପାରେ ! ଆଉ କଛି ଚନ୍ତା ନ କରି ସକାଳୁଠୁ ବୁଲି ବୁଲି ଗାଁ ବାହାରେ ନଦୀ ବଢ଼ିରେ ଭାଙ୍ଗି ପଡ଼ିଥିବା କଦଳୀ ଗଛଗୁଡ଼ିକୁ ଗୋଟେଇ ଗୋଟେ ଶକତ ଭେଳା ତିଆରି କଲି ।

'ପାବୀ' କୋଉଠି ରହିଲା । ସିଧା ଆସି ତୋ ପାଖରେ । ତୁ "ପାବୀ'କୁ ଜାଣିଛୁ ?

ISSN NO.
2582-208X

ନାଁ ପାପୀ, ଆମ ଗାଁରେ ସିମିତି କେଇ ଝିଅ ନାହିଁ । ତୁମେ ଭରମରେ ଅଛ ।

ଅଛି ଲୋ ମାଲୀ, ଶୁଣ୍ ତେବେ ସବୁ ଖୋଲି କହୁଛି । କଲିକତାରେ ମୁଁ ବଡ଼ ହେଲି । ଆମେ ମୁସଲମାନ ହୋଇଥିଲେ ମଧ୍ୟ ହିନ୍ଦୁମାନଙ୍କ ଭଳ ଦିନ କାଟୁଥିଲୁ । କାହିଁକି ନା ଆମର ପରିଚୟ ମିଳଲେ ସେଠା ଲୋକମାନେ ଆମୁକୁ ଅଲଗା କରିଦେବେ । ବାପା କାମ କରୁଥିବା ଅଫିସର ବାବୁଙ୍କ ଘରେ ଜଣେ ଖାନସମା ଥିଲେ । ଥରେ ସେ ତାଙ୍କର ଛଅ ସାତ ବର୍ଷର ଝିଅ 'ପାବୀ'କୁ ନେଇ ଆସିଥିଲେ । ସେଇ ପାବୀ । ଜୀବନ ସାଗ୍ ପାଇଁ ମୋ ମନର ଦୁଇ ପାଦରେ ପାବନ୍ଧୀ ବାନ୍ଧି ଦେଲା, ମା'କୁ କହିଲି । ଉତ୍ତର ଦେଲା "ପାପ କରନାରେ ଆଲି, ସେମାନେ ହେଲେ ହିନ୍ଦୁ ବ୍ରାହ୍ମଣ । ଆମେ ମୁସଲମାନ ।" ମା' କଥା ନ ମାନି ଚାରା ନ ଥିଲା । ସେଇ ଦିନଠୁ ମୋର ଆଲିଡିଲ ନାଁଟି ବଦଳି ଯାଇଥିଲା । ଆମରି ନିଜ ଲୋକ ଆମ ପାଇଁ ଦାଉ ସାଧିଲେ । ବାପା' ମା ଦିହେଁ ଶିକାର ହେଲେ । ଭୟରେ ମୁଁ ଘର ଛାଡ଼ି ଆସି ହାବଡ଼ା ଷ୍ଟେସନରେ ଲୁଚି ରହିଲି । ହେଲେ କେଇଦିନ ସେମିତି ରହି ପାରିଥାନ୍ତ । ରେଳଗାଡ଼ିରେ ବସି ଗଲି । ଥିର କଲି, ଏ ଗାଡ଼ି ଯୋଉ ଯାକେ ଯିବ ମୁଁ ସେଇଠି ଓହ୍ଲେଇବି । ଜାଣିଛୁ ଲୋ ମାଲୁ, ସେ ଗାଡ଼ି ମତେ ଜଗା ଗାଁକୁ ନେଇଗଲା । ଗାଡ଼ି ଭିତରେ ମୋର କେଇ ଜଣଙ୍କ ସାଙ୍ଗେ ଚହ୍ନା ପରିଚୟ ହେଇଗଲା । ସେଥି ଭିତରୁ ଥିଲା ଗୋଟେ ବାହ୍ମଣ ଟୋକା କୋଉ ଭଦରକ ଗାଁର । ଯାହା କହ ଦେବ ଦାରୁ ଗଛୁ ଟାଏ । ଭାରି ଭଲ ପିଲାଟାଏ । ମତେ ତା ସାଙ୍ଗରେ ଜଗା ଘରକୁ ଡାକଲା । ମନ ମାନଲାନ, ଯେତେହେଲେ ମୋ ଧିଅରେ ମୁସଲମାନ ରକତ ବୋହୁଛି । କେମିତି ଜଗା ଘରକୁ ଯାଇଥାନ୍ତ । କହିଲି ମୁଁ ଗୋଟାଏ ପାପୀ । ମୁଁ ସେ ଯାଗା ମାନୁକୁ ଯାଏନା । ସେଇଦିନଠୁ ମୋ ପାଇଁ ନାଁ ଟା ହେଇଗଲା ପାପୀ ।

ଦେଖିଲ, ନଈ ପାଣି ଆଉରି ବଢ଼ିଲାଣି । ଢେଉ ଗୁଡ଼ାକ ଯିମିତି ଆମୁକୁ ମୁଠେଇବାକୁ ମାଡ଼ି ଆଉଚନ୍ତ । ଏ ଅବସ୍ଥାରେ ତୁମେ ସେପାରି ଯିବ କମିତି ?

ସେ ସବୁ ପର କଥା । ଗୁଲ୍, ତତେ ତୋ ଘରେ ଛାଡ଼ି ଆସେ । ସେ ପାରି ନ ଯାଇ ପାରିଲେ ଆରପାରି ।

ISSN NO.
2582-208X

ତହି ଆରଦିନ ସକାଳୁ । ଗତ ସନ୍ଧ୍ୟା ଅନୁଭୂତି ମାଲୁକୁ ଲାଜରେ ପୋତି ପକାଉଥିଲା ଯେମିତି । ପୁଣି ମନକୁ ଆସୁଥିଲା ଯାହା ସବୁ ହେଲା ବାଲୁ ଭାଇନା ପାଇଁ । ସଂଜ ବେଳୁଟାରେ କାହିଁକି ବା ଏକା ଏକା ସେ ନଈ ପଠାକୁ ଗଲା । ମାଳତୀ କିଛି ନ କହୁଥିଲେ ମଧ୍ୟ ବାଲୁ ଭାଇନା ତାକୁ ଚୁପ୍ ଚୁପ୍ କରି କହୁଥିଲା, "କାଲି ଚାରିଟା ବେଳେ ଜୋର୍‌ରେ ବର୍ଷା ହେଉ ଥିଲା ବୋଲି ବାପା ମତେ ଘରକୁ ଆଣିବା ପାଇଁ ପହଞ୍ଚି ଯାଇଥିଲେ । ହେଲେ କଲେଜରୁ ସିନା ବାହାରି ଆସିଲୁ । ମାତ୍ର ଭୀଷଣ ଘଡ଼ଘଡ଼ି ଚଡ଼ଚଡ଼ି ଆମ୍ଭକୁ ଆଉ ବିରଜା ମନ୍ଦିର ଆଗକୁ ଆସିବାକୁ ଦେଲାନି । ସଂଜ ବେଳୁଟାରେ ତୁ ଏକା ଏକା ନଈ ପଠାରେ ଥିବୁ। ସେଇ ମା' ବିରଜାଙ୍କୁ ମନେ ମନେ ଗୁହାରି କରିଥିଲି । ସେଇ ହିଁ ତୋର ରକ୍ଷା କରିବେ । କ'ଣ ଭାବିଥିବେ ଜୋଇଁ ବାବୁ । ଆମ୍ଭକୁ କଥା ଦେଇ ରଖିବା ଆସେନା ।"

ଚାରିଦିନ ବାଦ୍ ହାତରେ ଖବର କାଗଜ ଖଣ୍ଡିକ ଧରି ବାପା ବୋଉ ଆଗେରେ ଗାଇ ଚାଲିଥିଲେ । ଢେଙ୍କାନାଲି ମୁଣ୍ଡୁଳିରୁ ନିଖୋଜ ହେବାର ୪୮ ଘଣ୍ଟା ପରେ ଗାଁକୁ ନୂଆ କରି ଆସିଥିବା ଜଣେ ଅଜଣା ବ୍ୟକ୍ତି ଯିଏ କି ରାଧାଗୋବିନ୍ଦ ମନ୍ଦିରରେ ନଜର ଡ଼େରା ବାନ୍ଧିଥିଲା ତାର ଶବ ମିଳିଛି । ବୁଧବାର ସକାଳେ ଅସମ୍ଭବ ରୂପେ ଫୁଲି ଯାଇଥିବା ଶବଟି ଯୋବ୍ରା ଆନିକଟର ୨୪ ନମ୍ବର ଫାଟକରେ ଚାପି ହୋଇ ରହିଥିବା ଦେଖିବାକୁ ମିଳିଲା । ଖବର ପାଇ ଜଗତପୁର ପୁଲିସ ଆଖ ପାଖ ଗାଁ ମାନଙ୍କୁ ଖବର ଦେଇଥିଲା । କେତେ ଖଣ୍ଡ ମଉଜାର ଅଧିକାରୀ ମାନେ ଘଟଣାସ୍ଥଳରେ ପହଞ୍ଚି ଯାଇଥିଲେ । ଦୀର୍ଘ ଛଅ ଘଣ୍ଟା ପରେ ଫାଟକରେ ଲାଗି ରହିଥିବା ଶବଟିକୁ ବାହାର କରିବା ପାଇଁ ଜଳ ସମ୍ପଦ ବିଭାଗ ପକ୍ଷରୁ ଫାଟକ ଖୋଲାଯାଇଥିଲା । ଫାଟକ ଖୋଲିବା ପରେ ଶବଟି ଆନିକଟ ଦେଇ ନଈ ସୁଅରେ ଭାସି ଭାସି ପ୍ରାୟ ସାତ କି.ମି. ଦୂର ସାତ ବାଟିଆ ନଦୀକୂଳଠାରୁ ୩ ଶହ ମିଟର ଦୂରରେ ରହିଥିବା ପଠାରେ ଲାଗି ଯାଇଥିଲା । ଶବଟିକୁ ଉଦ୍ଧାର କରିବା ପାଇଁ ଗୋଟିଏ ଦେଶୀ ଡଙ୍ଗା ଦ୍ୱାରା ସ୍ଥାନୀୟ ଯୁବକମାନଙ୍କ ସାହାଯ୍ୟରେ ଉଦ୍ଧାର କରାଯାଇଥିଲା । ମୃତ ଶବର ଅଣ୍ଟାରୁ ଗୋଟିଏ ଛୋଟ ଝିଅର ବ୍ଲାଉଜ ଖଣ୍ଡେ ଓହଳ ଥିଲା । ଯେଉଁଥିରୁ ମନେ ହୁଏ ବ୍ୟକ୍ତି ଜଣକ ଏକ ଛୋଟ ଝିଅକୁ ନଦୀ ପାର କରାଇବାକୁ ଯାଇ ମୃତ୍ୟୁବରଣ କରିଛି । ବ୍ଲାଉଜ ଖଣ୍ଡକର ଚନ୍ଦ୍ର ଖଣ୍ଡେ ମଧ୍ୟ ଛପିଛି । ଚମକ ପଡ଼ିଲା ମାଳତୀ । ଏଇଟା ତ ତା'ରି ବ୍ଲାଉଜ ଖଣ୍ଡକର ଚନ୍ଦ୍ର । ସେଦିନ ରାତିରେ ସେ ଅନ୍ଧାରରେ ନଈ ପଠାରୁ ଆଣି ପାରି ନ ଥିଲା । ଶବଟି

ISSN NO.
2582-208X

ତେବେ 'ପାପୀ'ର । "ପାପୀ' ତୁ ଆଉ ଆସିବୁନ । କହି ମୂର୍ଚ୍ଛା ହେଇଗଲ୍ ମାଳତୀ । ପାଣି ଛଟା ଛଟି କରି ତାକୁ ସାଷ୍ଟମ କର୍‌ଯାଇଥିଲ୍ । ତା'ର ଚେତା ଆସିବା ପରେ ଯିଏ ଯାହା କାମରେ ଗ୍‌ଲି ଯାଇଥିଲେ, ହେଲେ ବୋଉ ନଛୋଡ଼ ବନ୍ଧା । କୋଉ ପାପୀ ନାଁ ନେଇ ତୁ ଅଚେତ୍ ହେଇଗଲୁ ! କାହାର କ'ଣ ପାପ ତୋ ନଜରକୁ ଆଇଲ୍ !! କହିବ କହିବ ହୋଇ ପୁଣି ପାଟି ବନ୍ଦ କରିଥିଲ୍ ମାଳତୀ, ପାପୀ କହିଛି ଏ କଥା କାହାକୁ କହିବୁନ । ହେଲେ ବୋଉ କ'ଣ କାହା ଭିତରେ ଗଣାଯାଏ ! ତା' ଛଡ଼ା ପାପୀ ଜୋର୍ ଦେଇ କଇଥେଲ୍ ବୁଲୁ ଭାଇନା ଆଉ ବରୁକୁ ନ କହିବାକୁ, ବୋଉକୁ କହିଲେ କ୍ଷେତି କ'ଣ ! ଗଡ଼ ଗଡ଼ ହୋଇ ସେଦିନ ସନ୍ଧ୍ୟାର ଅନୁଭୂତି ସବୁ ଗାଇ ଗ୍‌ଲିଗଲ୍ ମାଳତୀ । ସେ ବ୍ଲାଉଜ ଖଣ୍ଡକ ମଧ ତା' ନଜର ବୋଲି କହିଥିଲ୍ ।

ଖୁବ୍ ଜୋର୍‌ରେ ବୋଉ ପାଟିଟାଏ କରି ଉଠିଲ୍ । ସିଏ ପାପୀ ନୁହେଁ ତୁ ମହାପାପୀ । କ'ଣ କଲୁ ଲୋ ସତ୍ୟାନାଶୀ । ବାପା, ମା', ପରିବାର ସଂସ୍କୃତି ସବୁରି ମୁହଁକୁ ତଳୁକୁ କଲୁ । ହଉ, ଯାହା ତ ହେବାର ହେଇଗଲ୍‌ଣି । ଆଜି ସିନା ମୋ ଆଗେରେ ବଖାଣିଲୁ । ମୋ ମୁଣ୍ଡରେ ହାତ ରଖି କହ, ଆଜିଠାରୁ ଏ କଥା ଯେମିତି ଆଉ କାହା କାନୁକୁ ନ ଯାଏ । ଏତିକ କହି ବୋଉ ତା ପାଇଟି କରିବାକୁ ଗ୍‌ଲି ଯାଇଥିଲ୍ । ମାଳତୀ ମନୁକୁ ବାରଂବାର ଆସୁଥିଲ୍ ସେଇ ଖୁସି କଥାଟି କ'ଣ ଏମିତି ଗୁପ୍ତ ଯେ ପାପୀ ଅନ୍ୟକୁ କହିବା ପାଇଁ ବାରଣ କରିଥିଲ୍, ଆଉ ଆଜି ବୋଉ ବି ସେଇଆ କଇଲ୍ । କଏ ଜାଣେ କ'ଣ ଇମିତି ଲୁଗ୍ ଛପା କଥାଟିଏ ।

ବସନ୍ତ କୁଞ୍ଜ, ନୂଆ ଦିଲ୍ଲୀ

ISSN NO.
2582-208X

# ବିଦେଶେ ସ୍ୱଦେଶ ସ୍ମୃତି



ମାନସ ରଞ୍ଜନ ନାୟକ

ଜୀବନ ଜୀବିକାର ପ୍ରତିଦ୍ୱନ୍ଦିତାରେ, ଭିଟାମାଟି ଦୁଃସ୍ୱପ୍ନ
ଚେତନାର ଚୌହଦୀରେ କ୍ଷୀଣ ଶୁଭେ, ହରେରାମ ହରେକୃଷ୍ଣ।
ହଜିଛି ଆତ୍ମୀୟତା, ବିବିଧତା ସତ୍ତ୍ୱେ ଭାଷାର ପ୍ରଗଲ୍ଭତା
ପ୍ଲାଷ୍ଟିକ୍ ଟଙ୍କା ବଜାରରେ, ମହଙ୍ଗା ମିଳେ ନିରୁତା ମମତା।

ପାଶୋରିଛି ଶୀତ, ଗରମ, କୁହୁଡି, କାକର ର କ୍ୟାଲେଣ୍ଡର୍
ଶୁଭେନି ଅର୍ଦ୍ଧ ରାତ୍ରୀରେ ଏଠି, ବାହାଦୁର୍ ସ୍ୱର ହୁସିଆର୍ ।
ବିକାସ ର ଚଉଡା ରାସ୍ତାରେ ଅବିଚ୍ଛିନ୍ନ ପ୍ରଗତି ର ରାହା
ସ୍ମୃତିରୁ କ୍ରମେ ଇତିହାସ ସାଜେ, ରଜ କି ଦୋଳ ସବୁ ସ୍ୱାହା ।

ଚାଖଣ୍ଡେ ଉଦର ଲାଗି, ଶହସ୍ର କୋଶ ଭୂଗୋଳ ବିସ୍ଥାପନ
ପଥର ଛାତିରେ ବୁଢା ବାପ'ର, ପୁଅକୁ ଶେଷ ଆଲିଙ୍ଗନ।
ବଢିଛି ଶିକ୍ଷା, ବୁଝିଛି ଦୀକ୍ଷା, କମିଛି କି ମୋକ୍ଷର ପ୍ରତୀକ୍ଷା?
ଉନ୍ନତିର ପିଆଲାରେ, କକ୍ଷା ପରେ କକ୍ଷା କେବଳ ଆକାଂକ୍ଷା।।

ISSN NO.
2582-208X

ବଦଳୁଛି ସମୟ, ବଦଳେ ଆଭିମୁଖ୍ୟ, ଚାଲିଛି ସ୍ପନ୍ଦନ
ଉଦାସ ମନରେ କେବେ ଶୁଭିଯାଏ, ଗାଁ'ର ଖୋଳ ସଂକୀର୍ତ୍ତନ।
ସଭ୍ୟତା, ପରମ୍ପରା, ସଂସ୍କାରକୁ ମଣେ ପ୍ରହେଳିକା'ର ଫାସ
ପ୍ରଭୁତ୍ୱର ଅଭୀପ୍ସାରୁ ସାଜେ, ଜଡ ବସ୍ତୁବାଦୀତା'ର ଦାସ।

ପ୍ରାପ୍ତି ପରିତୃପ୍ତିର ସମ୍ମୋହନେ ଜିତିଛି ଖାଲି ନିଃସଙ୍ଗତା
ଅବସୋସ୍ ର ଗାଦିପରେ ପୁଳା ପୁଳା ଟଙ୍କାର ଅଭିଜ୍ଞତା।
ଶୁଷ୍କ ହସର ବ୍ୟବହାରିକତାରେ ସରିଛି ଅନ୍ତରଙ୍ଗତା
ସମ୍ପର୍କର ସମୀକରଣରେ ଏଠି ଖାଲି ସ୍ୱାର୍ଥ ସଂକୀର୍ଣ୍ଣତା ।

ଅନ୍ତଃକରଣରେ ପଢିପାରେ ଜୀବନର ସ୍ଥୂଳ ମୂଲ୍ୟବୋଧ
ବିଦେଶୀ ମାଟିରେ ବୁଣେ ସ୍ୱଦେଶୀ ପିଢି ର ବୀଜ ଅବବୋଧ।
ପାରିବ କି ପର କରି ମାତୃଭୂମି ମାତୃଭାଷା ର ମମତ୍ୱ
ସ୍ୱଦେଶ ପ୍ରୀତି ପାଖେ ନିଅଣ୍ଟିଆ ହଜାର ମାଇଲ୍ ଦୂରତ୍ୱ।

ମଞ୍ଜୁରୀ ରେଡ୍ଡ଼, ଭଦ୍ରକ
ଦୂରଭାଷ - ୯୮୯୦୮୫୧୪୨୭

ISSN NO.
2582-208X

# ରାମ ନାମ

ମନୋରମା ମହାନ୍ତ

ରାମ ନାମ ପରି
ନାମ ଟିଏ ଆଉ
ଦୁନିଆ ଭିତରେ ନାହିଁ !
ରାମଚନ୍ଦ୍ର ପରି
ପ୍ରଭୁ ଟିଏ ଆଉ
କିଏ ଅଛି କୁହ କାହିଁ !
ରାମ ପାଦ ସ୍ପର୍ଶେ
ଋଷି ଅଭିଶାପୁ
ଅହଲ୍ୟା ପାଇଲେ ମୁକ୍ତି !
ମରା ମରା ଜପି
ଦସ୍ୟୁ ରତ୍ନାକର
ହୋଇଗଲା ମହାମତି !
ରାମ ନାମ ଜପି
ପଥର ଭସିଲା
ଅଗାଧ ଜଳରେ ପୁଣି !
ରାମ ନାମ ଜପି
ବୀର ହନୁମାନ
ପର୍ବତ ପାରିଲା ଆଣି !

ରାମଙ୍କ ଛୁଆଁ ରେ
ଗୁଣ୍ଡୁଚି ପିଠିରେ
ହୋଇଗଲା ତିନି ଗାର !
ଶାସ୍ତ୍ର କହୁଅଛି
କଳିଯୁଗେ ପରା
ରାମ ନାମ ଏକା ସାର !
ରାମ ନାମ ପ୍ରଭୁ
ଡାକି ନ ପାରିଲେ
ମରା ତ ପାରିବି ଡାକି !
ଏହି ପ୍ରାଣ ଯେବେ
ପିଣ୍ଡ ଛାଡ଼ି ଯିବ
ପାଖକୁ ନେବ ହେ ଡାକି !!

ଜଗତସିଂହପୁର

ISSN NO.
2582-208X

# ତୁମ ବିନା ପ୍ରିୟ !



ପ୍ରତିମା ମେହେର

ତୁମ ବିନା ହେ ପ୍ରିୟ !
ଲାଗେନାହିଁ ମନ
ଝୁରିହୁଏ ଦିବା ନିଶି
ରୌଦ୍ର ତାପ'ର
ଉଦାସିଆ ଭାବ
ତମେ କି ଯାଇଛ ଋଷି !

ବହଲେ ଖରାର ଝଲମଲ ଧରା
ବହେ ଖାଲି ଝାଞ୍ଜି ନିଆଁ
ମନ ବନାନୀ ରେ
କୁହୁଳି ଉଠେରେ
ତୁମ ଚୋରା ପ୍ରୀତି ନିଆଁ

ବହେନା ସମୀର,ଫୁଟେନା କରବୀ
ଭ୍ରମର ଯେ ଝୁରି ମରେ
ପ୍ରେମ, ପ୍ରୀତି, ରାଗ
ଅନୁରାଗ,ସ୍ନେହ
ମଳିନ ଯେ, ଧୀରେ ଧୀରେ

କାକଳି କୂଜନ
ନାହିଁ ତରୁ ଡାଳେ
ନିଃଶବ୍ଦ ବନଭୂମି
ସ୍ରୋତସ୍ୱିନୀ ଜଳେ
ଖେଳେ ନାହିଁ ମୀନ
ଜଳେ ତୁମ ବିନା ରାତି

ଆସ ପ୍ରିୟତମ !
ବାହୁରେ ମୋହର
ଆଲିଙ୍ଗନେ ନିଅ ତୋଳି
ଝୁମି ଯାଉ ମୋର
ଏ'ସାରା ବଦନ
ଝୁଲି ଫୁଲଭରା ଦୋଳି

ପାଟଣାଗଡ଼
ଜି.ବଲାଙ୍ଗିର

ISSN NO.
2582-208X

# ଅନୁତାପ



ଡ଼. ପଲିମର ଦାଶ

ମଣିଷ ଯେତେ ମନଭିତରେ କଥା ଲୁଚାଇ ରଖେ ସେତିକି ତାର ସମସ୍ୟା ବଢ଼ିବଢ଼ି ଚାଲେ । ଏହା ଆମେ ଶୁଣିଛେ ହେଲେ ପ୍ରକୃତରେ କଣ କଥା ସବୁ ଖୋଲି କହିବାଟା ଭଲ ? ନା ଲୁଚାଇ ରଖିଲେ ଭଲ । ଏମିତି ଅନେକ ସବୁ କଥା ମନରେ ଦ୍ୱନ୍ଦ୍ୱ ସୃଷ୍ଟି କରେ । ହେଲେ ମନରେ ଉଠୁଥିବା ପ୍ରଶ୍ନର ଉତ୍ତର ପାଇବା ବହୁତ କଷ୍ଟ । ବେଳେବେଳେ ପ୍ରଶ୍ନ ମନରେ ଥିଲେ ଭଲ । ନୁଆଁ ନୁଆଁ କଥା ଜାଣିବାକୁ ମିଳେ ଏବଂ ଟିକେ ହାଲକା ମଧ୍ୟ ମନ ହୋଇପଡେ । ମନଠାରୁ କିଏବା ଆମକୁ ବେଶି ଚିହ୍ନିଛି!!! ଏମିତି ଅନେକ କଥା ମଧ୍ୟରେ ମଧୁରିମା ଚାଲିଚାଲି ଯାଉଛି ଷ୍ଟେସନ ପାଖକୁ । କୋରାପୁଟରେ ତାର ମଉସା ମାଉସୀ ରହନ୍ତି । ପରୀକ୍ଷା ସରିଯାଇଛି ବୋଲି ଖରାଛୁଟି ସେଠି ସେ କାଟିବ । ଟ୍ରେନର କର୍କଶ ଗର୍ଜନରେ ମଧୁରିମାର ମନର ଦ୍ୱନ୍ଦ୍ୱ କେତେବେଳେ ଉଭେଇ ଗଲା ସେ ଜାଣିପାରିଲା ନାହିଁ ।

ରାତି ପ୍ରାୟ 1ଟା 40 ମିନିଟ ହଠାତ ଉଠିପଡିଲା ମଧୁରିମା । ଏପଟ ସେପଟ ଚାରିଆଡ଼କୁ ଦେଖିଲା କିଏ ଜଣେ ବି ନାହିଁ, ଘଣ୍ଟାର ଟିକଟିକ ଶବ୍ଦରେ ରାତିର ଗଭୀରତା ଆହୁରି ଗଡି ଚାଲିଛି । ପାଖରେ ଥିବା ପାଣି ଗ୍ଲାସଟିକୁ ଆଣି ପିଇବାକୁ ଚେଷ୍ଟା କଲାବେଳକୁ ଦେହରେ ଝାଳ ଗମଗମ ହୋଇ ବହିଚାଲିଛି । ଏ ସବୁ କଣ ତାର ସ୍ୱପ୍ନ ନା ସତ୍ୟତାର ପରିଭାଷା ସେ

ISSN NO.
2582-208X

କିଛି ବୁଝିପାରିଲାନି । ଟିକିଏ ପରେ ଦେଖେତ ଚାରି କାନ୍ଥରେ ତିଆରି ତା ଘରେ ସେ । କେତେବର୍ଷ ପୂର୍ବେ ତା ମାଉସି ଘରକୁ ଯାଇଥିବାର ଆଜି ସ୍ୱପ୍ନରେ ଅଜାଡି ହୋଇ ପଡିଛି ।

ସ୍କୁଲରେ ପିଲାଙ୍କୁ ପଢ଼ାଇବା ସମୟରେ ମଧୁରିମା କହୁଛି "ମିଛ କହିବା ପାପ" ସତ୍ୟ କହିଲେ ସବୁବେଳେ ମନକୁ ଆରାମ ମିଳେ । ଏ ସବୁ ପଢ଼ାଇବା ବେଳେ ତାର ମନର ଦ୍ୱନ୍ଦ ଆହୁରି ସମୁଦ୍ର ଲହରୀ ପରି ଉଠୁଛି ପଡୁଛି । ସ୍କୁଲ ଝିଅ ଟିଏ ତାକୁ ପ୍ରଶ୍ନ କଲା ଭଲ କାମ ପାଇଁ ଯଦି ମିଛ କୁହାଯାଏ ତା ହେଲେ କଣ ସେ ପାପ ? ହଠାତ ମୁହଁରୁ ବାହାରି ପଡିଲା ନା ପାପ ନୁହେଁ ।

ସନ୍ଧ୍ୟା ସମୟ ବରୁଣ ମନଦୁଃଖ କରି ବସିଛି ନଈ ପାଖରେ । ପାଣିକୁ ଟେକା ଫିଙ୍ଗିବା ସମୟରେ ତାର କଣ ସବୁ ଭାବି ଚାଲିଛି । ପାଣି ମଧ୍ୟ ତାର ଡେଣା ମେଲାଇ ଚାରିଆଡ ବୁଲିବାକୁ ଆତୁର ହୋଇପଡୁଛି ଯେତେବେଳେ ଟେକଟିଏ ତାର ମନକୁ ଜାଣିଲା ପରିକା ଲକ୍ଷ୍ୟ ଭେଦ କରୁଛି । ମଧୁରିମା ବରୁଣ କୁ କୁଆଡେ ନ ପାଇ ନଈ ତୁଠକ ଆସିଲା ସେ ଜାଣେ ବରୁଣ କୁଆଡେ ଥିବ । ବରୁଣ... ଏଠି ଏକା କଣ କରୁଚ ଆଉ ଟିକେ ପରେ ରାତି ଚାଲ ଘରକୁ ଯିବା... ନା ମଧୁ ନା.... ତୁ ଯା ମୁଁ ଯିବି ଏଠି ଏକା ବସିବାକୁ ଭଲ ଲାଗୁଛି । କଣ କହୁଛ ବରୁଣ ଏକା ରହିବା କେବେଠୁ ଭଲ ଲାଗିଲାନି ଯେ !!! ଆଜିଠୁ ନାଇଁ ଏବେଠୁ କହିଲେ ବି ହେବ । କଣ ପାଇଁ ? କଣ ପାଇଁ ! ତୁ ସତରେ କଣ ଜାଣିନୁ ? ନା କଣ ହେଲା..... ମୋର ଚାକିରୀ ହୋଇଛି ଦିଲ୍ଲୀରେ ସବୁତକ ଛାଡି ଯିବାକୁ ହେବ ତତେ ଛାଡି କେମିତି ରହିବି, ଚାଲ ବାହା ହେବା ଆଉ ଏ ଠାରୁ ବହୁଦୂର ଦିଲ୍ଲୀକୁ ଯାଇ ନୁଆଁ ଘରସଂସାର କରବା । ସେଠାରେ କୌଣସି ପ୍ରତିବନ୍ଧକ ନାଇଁ କିଏ କହିବାକୁ ନାହିଁ । ଚାଲ ମଧୁରିମା ବିବାହ କରିବା । ଏ କଥା ଶୁଣିବାକୁ କେବେଠୁ ଚାହିଁରହିଥିଲା ହେଲେ ସେ ଉତ୍ତର ଦେଇପାରିଲାନି କାହିଁକିନା ସେ ଆଉ କାହାକୁ କଥା ଦେଇଛି ସେ ବାହା ହେବନି ବରୁଣକୁ ବୋଲି । ମନର କୋହକୁ ମନଭିତରେ ରଖି ମଧୁରିମା ସେ ଦିନ ବାହାହେବାକୁ ମନା କରି ଥିଲା । ଜାଣିଶୁଣି ଛୋଟ ଦିନର ସାଙ୍ଗକୁ ପ୍ରେମର ଆଖ୍ୟା ନ ଦେଇ କଥାକୁ

ISSN NO.
2582-208X

ସେଠାରେ ରଖି ଜୀବନରେ ଆଗକୁ ବଢ଼ିବାକୁ କହି ନିଜ ଜୀବନର ଖୁସିକୁ ଜଳାଞ୍ଜଳି ଦେଇଥିଲା ମଧୁରିମା ସାମାନ୍ୟ ବାପାଙ୍କ କଥା ରଖିବାକୁ । ମନର ଆଘାତ ସହ୍ୟ କରି ନ ପାରି ବରୁଣ ସେ ଦିନ ଟ୍ରେନରେ ଚାଲିଗଲା । ଆଜିକୁ ସାତ ବର୍ଷ ହେବ ବରୁଣର ଦେଖା ନାହିଁ । ଗାଁ ଲୋକେ କହନ୍ତି ସେ କୁଆଡେ ବାହାସାହା ହୋଇ ଦିଲ୍ଲୀରେ ଘର କଲାଣି ।

ସେ ଦିନ ଯଦି ତା ମନର କଥା ବରୁଣକୁ କହିଥାନ୍ତା ତେବେ ହୁଏତ ଆଜି ଗୋଟେ ସୁନ୍ଦର ସଂସାରଟିଏ ମଧୁରିମାର ଥାଆନ୍ତା । ସମୟ ସହ ତାଳ ଦେବାକୁ ହେଲେ ନିଜକୁ ମଧ୍ୟ ବଦଳିବାକୁ ହେବ । ଗୋଟିଏ ମିଛ ସାରାଦିନ ପାଇଁ ଅନୁତାପର ବିଷୟ ପାଲଟିଯାଏ । ପରିବାରର ଦାୟିତ୍ୱ ଏବଂ ସମାଜର କଟୁକଥା ପାଇଁ ସେ ଆଜି ଏକା ଛିଡ଼ାହୋଇଛି ।

ଝାରସୁଗୁଡା

ISSN NO.
2582-208X

# ପାପୀ ମଣିଷ



ସସ୍ମିତା ନାୟକ

ମାଟିର ଦ୍ୱୀପରେ
ସଳିତା ଯେପରି
ଶେଷ ସମୟରେ
ଜଳିଥାଏ ହୁତାସନ।।
ଜୀବନ ଦ୍ୱୀପ ଟି
ପାପ କାଳଟିରେ
ଧନ ମାନ ସହ
ବଢ଼ିଥାଏ ହୁତାସନ।।
ତେଲ ସରିଗଲେ
ଶଳିତା ଯେପରି
ହରେଇ ବସଇ ଅସ୍ତିତ୍ୱ।।
ମଣିଷ ସେପରି
ଧନ ମାନ ଯଶ
ଅନ୍ତ ହୋଇଗଲେ
ଫେରିଆସେ ତାର ଅତୀତ।।

ISSN NO.
2582-208X

ଧନ ଜନ ପାପ
କିଛି ନୁହେଁ ସତ୍ୟ
ସତ୍ୟ। ସତ ତୁମ ବାସ୍ତବ।।
ଜୀବନ ଆମର
ଗୋଲାକାର ପରି
ବୁଲି ବୁଲି ପୁଣି
ଫେରି ଆସେ ସେହି ଠାବ।।
କାହିଁକି ଏପରି
ହୁଅରେ ମାନବ
ସୋପ୍ନ ପଛେ ଧାଇଁ ପଡି।।
ପାଣିର କୁହୁଡି
ସତ କି ହୋଇବ
ନଦୀ ର ଗର୍ଭ ପରି।।

ପୁରୀ, ନଇଗୁଆଁ

ISSN NO.
2582-208X

# ହୃଦୟ



ଗଜାନନ ମିଶ୍ର

ଲୋଡା, ହୃଦୟ।

କେବଳ ହୃଦୟ ଲୋଡା ।

ଆଉ କଣ ନେଇ କଣ ହେବ

ମୋ ପ୍ରିୟତମା ପତ୍ନୀର!

ରଖିଛ ଯୋଉଠି

ଖୋଜି ଲୋଡି ଦେବ ଯଦି,

ଦେଖ, ତୁମ ଇଚ୍ଛା!

ଖୋଜିବା ବାହାନାରେ

ଖସି, ଡେଇଁଯିବ ଯଦି

ଆଉ କେଉଁଠିକୁ ତୁମ ମର୍ଜି ।

ମୋର ମୁଁ ଏଇ ପାଣିରେ,

ପାଣିରୁ କୂଳ ଆଉ

କୂଳରୁ ପାଣି ହେଉ ହେଉ

ଯଦି ଭେଟିଦିଏଁ ଆଉ କାହାକୁ,

ଭାବିବ ତେବେ, ଦେବା ସୁଯୋଗ

ISSN NO.
2582-208X

ଚାଲିଗଲା ହାତରୁ !
ମୁଁ ତ ମୋର ପାଇଯିବି
ଆଉ କାହାଠୁ !
କଥା ଦେଉଛି ମିଛରେ
ପିଠି ବସାଇ ଖେଳେଇବି ନି
ପାଣିରେ ଆଉ କାହାକୁ
ହୃଦୟକୁ ଆଖିକରି !
ହୃଦୟ ଚିଜଟି
ଅଛି କି ନ ଅଛି କାହାଠି
ଭାବିବା ବିଷୟ ସେଇଟା ବି ।

ତପୋବନ, ଟିଟିଲାଗଡ,
ବଲାଙ୍ଗୀର

ISSN NO.
2582-208X

# ଉଡ଼ା କଥା



ବିନୋଦିନୀ ଦାଶ

ତିନ ତୁଣ୍ଡେ ଛେଳ କୁକୁରଟେ ହୁଏ
ଉଡ଼ା କଥା ଭସିଭସି
ସମାଜର ମୁଖ ଦିଶଇ ବେରୂପ
ମାନବ ମୁଖରେ ଲେସି ।

କୁଆ ଉଡ଼ିଗଲ୍ ଛୁଆ ଉଡ଼ିଗଲ୍
ମଣଇ ବି ଯିଏ ସତ
ତା'ଠାରୁ ନିର୍ବୋଧ ନାହିଁ କେ ମରତେ
ଆଖି କାନ ନୁହେଁ ମିତ ।

କୁବୁଦ୍ଧି ଯେତେକ ନାହିଁ ପରିତାପ
ଆନେ କରି ଅଟ୍ଟହାସ୍ୟ
ଫାଟି ପଡ଼ିଥାନ୍ତି ଗରବ ଦମ୍ଭରେ
ସତେ କ ସଚ୍ଚା ମଣିଷ !

କାନରେ ପୂରାଏ ନାହିଁ ଏକଥାକୁ
ଯିଏ ମଣିଷ ଉତ୍ତମ

ISSN NO.
2582-208X

ଯାହା ନଦେଖିଛି ଦୁଇ ନୟନରେ
କାହିଁକି ସତର ଭ୍ରମ ।

ବିଜ୍ଞାନ ଯୁଗରେ ମିଛ ପ୍ରମାଣ ବି
ଠୁଳ କରିପାରେ କେହି
ଟଙ୍କା ବଳେ ଏବେ ମିଛ ବାପାମାଆ
କେ ବି ଯୋଗାଡ଼ି ପାରଇ ।

ଉଡ଼ା କଥା ଶୁଣି ଟୁପୁରୁଟାପୁରୁ
ସମୟ ଯେ ବୃଥା ନଷ୍ଟ
ଭାବିବା ଉଚତ ଏଥିରୁ କ ଲାଭ
ଆତ୍ମା କ ହୁଅଇ ତୁଷ୍ଟ ?

ନିଜର ଶୋଚନା ବଦଳଲେ ସିନା
ସମାଜ ପରିବର୍ତ୍ତନ
ସତ୍ ଚନ୍ତା କରି ସତ୍ ପଥେ ରହି
ସାର୍ଥକ ହେବ ଜୀବନ ।

କୁରୁଆଁ, ମୁଗପାଳ, ଯାଜପୁର

ISSN NO.
2582-208X

# ଫୁଲ



ବାଙ୍କାବିହାରୀ ମହାକୁର

ଜଳ  ସ୍ଥଳ ବଣ  ପର୍ବତ ଉଦ୍ୟାନ
ସର୍ବକ୍ଷେତ୍ରେ ବିଦ୍ୟମାନ
ଘାସ ତରୁ ଲତା ହୋଇ ବିମଣ୍ଡିତା
ବଢାଏ ସୌନ୍ଦର୍ଯ୍ୟମାନ  ।

ନାମ ତାର ଫୁଲ ସଦା ସେ ଚଞ୍ଚଳ
ଆଶା ଦ୍ୱୀଜ ମନେ ବୁଣେ
ନକରି  ଉପେକ୍ଷା  ଦେଇ  ନିତିଶିକ୍ଷା
ସବୁରୀ ମନକୁ କିଣେ  ।

ରୂପଟି ତାହାର ଆହା କି ସୁନ୍ଦର
ଦର୍ଶନେ ତୃପ୍ତ ନୟନ
ଭାରୀ ସେ ସରଳ ପାଖୁଡା କମଳ
ଜିଣିନିଏ ମନପ୍ରାଣ  ।

ଚାରି ଚଉପାସ ଛୁଟେ ତା ସୁବାସ
ପବନକୁ ମହକାଇ

ISSN NO.
2582-208X

ଜାଣେ ନି ମନ୍ଦିରେ  ଅବା ମଶାଣୀରେ
ସ୍ଥାନ ଗୋଟେ ଯିବ  ପାଇ ।

ପୂଜା ପରବରେ  ବିବାହ ବ୍ରତରେ
ଘର ସାଜସଜ୍ଜା ପାଇଁ
ମହିଳା ବେଣୀରେ  ଅବା ଉପହାରେ
ଭୁଲନ୍ତି ନି ତାକୁ କେହି ।

ଭ୍ରମର ପାଗଳ  ଧାଆନ୍ତି ସଅଳ
ଶୋଷି ନେବାକୁ ତା ରସ
ପିରତୀ ବାସନା କରେ ଅନାବଣା
ଅତୁଟ ରହେ ବିଶ୍ୱାସ ।

କବିତା ସଂଗୀତ ଚିତ୍ରକର ହାତ
ସ୍ୱର୍ଶେ ହୁଅଇ ଜ୍ୱଳନ୍ତ
ବୃକ୍ଷେ ଶୋଭାବନ୍ତ  ପରିତ୍ୟକ୍ତେ ଖତ
ପ୍ରତିଦାନ ତା ମହତ ।

କ୍ଷଣିକ ଜୀବନ ପାଇ ସିଏ ପୁଣ
ନ କରଇ ଅଭିମାନ
ସିଃସ୍ୱାର୍ଥ ଭାବନା କରେ ପରିପୂର୍ଣ୍ଣା
ଆନନ୍ଦେ ଲଭେ ମରଣ ।

ବୁରୁବୁଡା
ବୀରମହାରାଜପୁର, ସୁବର୍ଣ୍ଣପୁର

ISSN NO.
2582-208X

# ଜାହାଜ ଲ୍‌ଗିଲ୍‌ ଯାଇ ଆଣ୍ଡାମାନ ଦେଶେ

ପ୍ରିୟବ୍ରତ ପାତ୍ର

ସମୟ ଥିଲା ଓଡିଆ ପୁଅ ବୋଇତ ଧରି, ସାତ ଦରିଆ ପାରି ହୋଇ ଜାଭା, ମାଳୟ, ବର୍ମା, ଶ୍ରୀଲଙ୍କା, ଶ୍ୟାମଦେଶ ଆଦିକୁ ଯାତ୍ରା କରୁଥିଲେ । ଆବିଷ୍କାରର ଦୀପ୍ତି ଓ ସଭ୍ୟତା ପ୍ରସାରର ତୃଷା ଆଗରେ ମାସ ମାସ ଧରି ବୋଇତ ଚାଳନାର କ୍ଳାନ୍ତି ଉଭେଇ ଯାଉଥିଲା । କାମ୍ବୋଡିଆର ଆଙ୍କର-ଭଟ୍ ବିଷ୍ଣୁ ମନ୍ଦିର, ସୁମାତ୍ରାର ପାଲେମ୍ବାଙ୍ଗ ରାଜଧାନୀ ସ୍ଥାପନ, ଜାଭାରେ ବୋରାବୁଦୁର ବୌଦ୍ଧସ୍ତୁପ ସ୍ଥାପନ - ଏସବୁ ଥିଲା ଦୁଃସାହସୀ ସମୁଦ୍ରଯାତ୍ରାର ପରବର୍ତ୍ତୀ ସ୍ଥାପତ୍ୟ କଳାର ଦୁଃସାହସ । ଏହା କେବଳ କଳିଙ୍ଗ ବୀରଙ୍କ ଦ୍ୱାରା ସମ୍ଭବ ଥିଲା । ସମୟକ୍ରମେ ବୋଇତ ବୁଲୁପ୍ତି ସାଥିରେ ଓଡିଆଙ୍କ ସମୁଦ୍ରଯାତ୍ରାର ବୀରଗାଥା ମଧ୍ୟ ଅସ୍ପଷ୍ଟ ପ୍ରତିଧ୍ୱନିରେ ପରିଣତ ହେଲା । ଆଧୁନିକ ପାଣି ଜାହାଜ ଯାତ୍ରାରେ ଦୁଃସାହସ ନାହିଁ, କିନ୍ତୁ ଅଛି ବିରଳ ଅନୁଭୂତି ରହିଛି, ଏପରିକି ଅନେକଙ୍କ ରେଳ, ମଟର ଲଞ୍ଚ ବା ଉଡାଜାହାଜର ଅନୁଭୂତି ରହିଛି, ଏପରିକି ଆକାଶମାର୍ଗରେ ସୁଦୂର ବିଦେଶ ଯିବାର ଅନୁଭୂତି ରହିଛି, କିନ୍ତୁ କ୍ୱଚିତ୍ ଲୋକଙ୍କ ରହିଛି ସମୁଦ୍ରଯାତ୍ରାର ଅନୁଭୂତି । ପୂର୍ବାପର ପ୍ରସ୍ତୁତି ସହିତ ଏହି ବିରଳ ଅନୁଭବକୁ ସମସ୍ତଙ୍କ ସହିତ ବାଣ୍ଟିନେବା ଏଥରର ଆଲେଖ୍ୟ-ଉଦ୍ଦେଶ୍ୟ ।

ପରାଧୀନ ଭାରତରେ ଜାହାଜ ଚଢିବା ଏକ ଧର୍ମଛଡା କାର୍ଯ୍ୟ ଥିଲା । ବାରିଷ୍ଟରୀ ପଢି ଗାନ୍ଧୀ ଇଂଲଣ୍ଡରୁ ଫେରିବା ପରେ ନିଜ ଲୋକଙ୍କ ଦ୍ୱାରା ବର୍ଜିତ ହୋଇଥିଲେ । ଠିକ୍ ସେହି କାରଣରୁ ଓଡିଶାରେ ମଧୁବାବୁ ହିନ୍ଦୁଧର୍ମରୁ ତଡା ଖାଇଥିଲେ ଓ ପରେ ଖ୍ରୀଷ୍ଟଧର୍ମରେ ସାମିଲ ହୋଇଥିଲେ । ସମୁଦ୍ର ବକ୍ଷରେ ଦିଗହଜା ହୋଇଯିବା, ବୁଡନ୍ତା ପାହାଡରେ ଧକ୍କା

ISSN NO.
2582-208X

ଖାଇବା, ଯାନ୍ତ୍ରିକ ତ୍ରୁଟି ଯୋଗୁଁ ବୁଡିବା, ଅଧାବାଟରେ ଯାତ୍ରା ବନ୍ଦ ହୋଇଯିବା ତଥା ଯାତ୍ରା ସମୟରେ ରୋଗାକ୍ରାନ୍ତ ହେବାର ସମ୍ଭାବନା ସହିତ ଜଳଦସ୍ୟୁ, ପହଞ୍ଚିବା ସମୟରେ ଅନିଶ୍ଚିତତା ତଥା ସମୁଦ୍ର ଝଡର ଉପସ୍ଥିତି ସମୁଦ୍ର ଯାତ୍ରାକୁ ଆତଙ୍କଗ୍ରସ୍ତ କରି ରଖୁଥିଲା । ଅତ୍ୟାଧୁନିକ ଯନ୍ତ୍ରପାତିର ବ୍ୟବହାର, କ୍ଷୀପ୍ର ଖବର ସରବରାହ ବ୍ୟବସ୍ଥା ତଥା ଶତ ପ୍ରତିଶତ ଯାନ୍ତ୍ରିକ ତ୍ରୁଟି ନିରାକରଣ ବ୍ୟବସ୍ଥା ଯୋଗୁଁ ପୂର୍ବର ସେହି ଅସହାୟ ଅବସ୍ଥା ନାହିଁ । ଟାଇଟାନିକ ଜାହାଜ ବୁଡନ୍ତା ବରଫ ପାହାଡରେ ଧକ୍କା ଖାଇଥିଲା, କିନ୍ତୁ ଏବେ ତରଙ୍ଗ ବିଜ୍ଞାନ ଦ୍ୱାରା ବହୁ ଆଗରୁ ସମ୍ଭାବିତ ବିପଦ ସବୁକୁ ଜାଣି ହେଉଛି । ଲଘୁଚାପ ସୃଷ୍ଟି ହେଲେ ଅଶାନ୍ତ ସମୁଦ୍ରରେ ଜାହାଜ ଟଳମଳ ହୁଏ । ସେତିକି ବେଳେ ନଙ୍ଗର ପକାଯାଇ ତାକୁ ସ୍ଥିର କରାଯାଏ । ପଚିଶି ଫୁଟ ଉଚ୍ଚର ଢେଉ ଆସି ଜାହାଜ ଭିତରେ ପଶିଗଲେ ସୁଦ୍ଧା ଉନ୍ନତ ନିଷ୍କାସନ ବ୍ୟବସ୍ଥା ଯୋଗୁଁ କୌଣସି ବିପଦର ସମ୍ଭାବନା ନଥାଏ । ଜାହାଜର ଚାରିପାଖରେ ସୁଦୃଢ ଓ ନିର୍ଗଳ ରେଲିଂ ବ୍ୟବସ୍ଥା ଥିବାରୁ ପିଲାଙ୍କର ଗଳି ପଡିବା ଭୟ ଆଦୌ ନଥାଏ, ଏପରିକି ବାଉଳାରେ ମଧ୍ୟ ପଡିଯିବାର ଭୟ ନଥାଏ । ଜାହାଜରେ ଅଭିଜ୍ଞ ଡାକ୍ତର ଥାନ୍ତି, ଔଷଧ ମଧ୍ୟ ମହଜୁଦ୍ ଥାଏ । ଯେଉଁମାନଙ୍କ ସାମୁଦ୍ରିକ ଅସୁସ୍ଥତା ପ୍ରବଣତା ଥାଏ କେବଳ ସେମାନଙ୍କ ମୁଣ୍ଡ ବୁଲାଏ, ବାନ୍ତି ଲାଗେ, ଅନ୍ୟମାନଙ୍କର କୌଣସି ଅସୁବିଧା ହୁଏନାହିଁ । ବିଭିନ୍ନ ଜାଗାରେ ବିପଦ ଏଡେଇବା ପାଇଁ ସରଳ ଭାଷାରେ ସତର୍କ ସୂଚନା ସବୁ ଲେଖାଯାଇଥାଏ । ଏସବୁ ସତ୍ତ୍ୱେ ବି ଯଦି କିଛି ଅସୁବିଧା ଦେଖାଦେଲା, ତେବେ ଦୁଇକଡେ ବନ୍ଧାଥିବା ଜୀବନରକ୍ଷାକାରୀ ବୋଟ୍ ସବୁ ଯାତ୍ରୀଙ୍କ ନିରାପତ୍ତା ପାଇଁ କାମରେ ଲାଗିଯାଏ । ବିପଦର ସୂଚନା ପାଇବା ମାତ୍ରେ ତତକ୍ଷଣାତ୍ ସୁରକ୍ଷାବାହିନୀ ହେଲିକେପଟର ଯୋଗେ ପହଞ୍ଚିବେ, ତଟରକ୍ଷୀ ବାହିନୀ ପହଞ୍ଚିବେ ଏବଂ ଉଦ୍ଧାର କାର୍ଯ୍ୟରେ କୌଣସି ଅବହେଳା ଦେଖାଯିବ ନାହିଁ ।

ଜାହାଜ ଯାତ୍ରାକୁ ନେଇ ଭୟଭ୍ରାନ୍ତିର କଳ୍ପନା ଜଳ୍ପନା ଯେତିକି ଅତିରଞ୍ଜିତ, ତାର ସୌଖିନ୍ ଓ ରାଜକୀୟ ବିଳାସତାର କଳ୍ପନା ସେତିକି ଅମୂଳକ । ସିନେମାରେ ଦେଖାଇଲା ଭଳି କୌଣସି ଭାରତୀୟ ଜାହାଜରେ ଫୁଟବଲ୍ ପଡିଆ ନାହିଁ, ବିଶାଳ ସନ୍ତରଣାଗାର ନାହିଁ,

ISSN NO.
2582-208X

ମାର୍କେଟ ବ୍ୟବସ୍ଥା, ଗଲଫ୍ ପଡିଆ, ତଥା ପାଞ୍ଚ ଶହ ଲୋକ ବସିଲା ପରି ସିନେମା ଘର ଆଦି ମଧ୍ୟ କିଛି ନାହିଁ। ମନୋରଞ୍ଜନ ପାଇଁ କୌଣସି ବାଇ-ନାଚ ନାହିଁ, ଜୁଆ ଆଡ୍ଡା ନାହିଁ, ବିଉଟି ପାର୍ଲର ବା ମେସଜ୍ ପାର୍ଲନ ନାହିଁ, ମଦ ସିଗାରେଟର ବ୍ୟବହାର ନାହିଁ। ଏହି ତମାମ ଚିଜ ବିଦେଶରେ ଚାଲିଥିବା ଅତ୍ୟାଧୁନିକ କ୍ରୁଇଜ ସବୁରେ ଉପଲବ୍ଧ ହୋଇଥାଏ । ପଞ୍ଚତାରକା ହୋଟେଲ୍ ର ସମସ୍ତ ବିଳାସକୁ ଉପଲବ୍ଧ କରାଉଥିବା ଏହି କ୍ରୁଇଜ ସବୁ କଦବା କେବେ ଆଗ୍ରହୀ ବିଶ୍ୱ-ପରିବ୍ରାଜକଙ୍କୁ ନେଇ ଭାରତ ଆସିଥାଏ ଏବଂ ବିଭିନ୍ନ ବନ୍ଦର ପାଖରେ ନଙ୍ଗର ପକେଇବା ଦେଖାଦେଇଥାଏ ।

ଭାରତବର୍ଷ ମୂଳତଃ ସୁଦୀର୍ଘ ଉପକୂଳ ଥିବା ଏକ ବିରାଟ ଉପଦ୍ୱୀପ ଯାହାକି ସମୁଦ୍ର ଭିତରକୁ ଧସେଇ ପଶିଛି । ସ୍ଥଳ ଭାଗରେ ଗମନାଗମନର ସୁବିଧା ଯୋଗୁଁ ଜଳଯାତ୍ରାକୁ ଧ୍ୟାନ ଦିଆଯାଏନି । ଜଳଯାତ୍ରା ପାଇଁ ତିନୋଟି ସୁଯୋଗ ହେଲା – କୋଚିନ୍ ରୁ ଲକ୍ଷାଦ୍ୱୀପ ଯାତ୍ରା, ମୁମ୍ବାଇ ରୁ ଗୋଆ ଯାତ୍ରା, କଲିକତା ବା ଚେନ୍ନାଇରୁ ଆଣ୍ଡାମାନ ନିକୋବର ଯାତ୍ରା । ଆଜିକାଲି ମୁମ୍ବାଇରୁ ଗୋଆକୁ ଅତ୍ୟାଧୁନିକ କ୍ରୁଇଜ ଉପଲବ୍ଧ ଯାହାକି ୨୫୦ କୋଲୋମିଟର ରାସ୍ତାକୁ ପୁରା ଦିନଟିଏ ନେଇଥାଏ । କୋଚିନ୍ ରୁ ବାହାରି ଟିପୁ ସୁଲତାନ ନାମକ ଜାହାଜ କାଭାର୍ତ୍ତି, ମିନିକଏ ଆଦି ଲାକ୍ଷାଦ୍ୱୀପରେ ବିଶ୍ରାମ ନେଇ ପୁଣି କୋଚିନ୍ ଫେରି ଆସିବାକୁ ପୁରା ସାତ ଦିନ ସମୟ ନେଇଥାଏ । ଚେନ୍ନାଇରୁ ପୋର୍ଟବ୍ଲେୟାର (ଆଣ୍ଡାମାନର ବନ୍ଦର ରାଜଧାନୀ) ୧୨୩୦ କୋଲୋମିଟରକୁ ୫୫ ଘଣ୍ଟା ସମୟ ଲାଗିଥାଏ, କଲିକତାରୁ ପୋର୍ଟବ୍ଲେୟାର ୧୨୮୦ କୋଲୋମିଟର କୁ ୬୫ ଘଣ୍ଟା ସମୟ ଲାଗିଥାଏ । ଚେନ୍ନାଇରୁ ପ୍ରତି ଶୁକ୍ରବାରେ ସ୍ୱରାଜଦ୍ୱୀପ ବା ନନକାଉରୀ ନାମକ ଜାହାଜ ଛାଡିଥାଏ, କଲିକତାରୁ ପ୍ରତି ଶୁକ୍ରବାରେ ଆକବରୀ, ହର୍ଷବର୍ଦ୍ଧନ ବା ନିକୋବରୀ ଛାଡିଥାଏ । ମାସକୁ ଥରେ ବିଶାଖାପାଟଣାରୁ (୧୧୦୦ କୋଲୋମିଟର) ଜାହାଜ ଆଣ୍ଡାମାନ ଦିଗେ ଯାଇଥାଏ । ଜାହାଜ ଛାଡିବାର ଦିନ, ସମୟ, ଟିକଟ ମୂଲ୍ୟ ତଥା ଅନ୍ୟାନ୍ୟ ସବିଶେଷ ବିବରଣୀ ପାଇଁ ସିପିଙ୍ଗ୍ କର୍ପୋରେସନ୍ ଅଫିସ୍ କୁ ପଚାରି ବୁଝିବା ଜରୁରୀ । ହଜଯାତ୍ରୀଙ୍କୁ ନେଇ ଉପରୋକ୍ତ କଥିତ ଜାହାଜରୁ କିଛି ଅଫିସ୍ ନିଷ୍ପତ୍ତି କ୍ରମେ ବମ୍ବେରୁ ଆରବ ଅଭିମୁଖେ ଯାତ୍ରା କରିଥାଏ ।

ISSN NO.
2582-208X

ପୋର୍ଟବ୍ଲେୟାରରୁ ନିକୋବରକୁ ପ୍ରତି ମାସରେ କେବଳ ଥରୁଟିଏ ଜାହାଜ ଛାଡିଥାଏ ଏବଂ ବିଭିନ୍ନ ଅନୁମତି ପତ୍ର ସଂଗ୍ରହ ପରେ ଯାଇ ସେଥିରେ ଯିବାକୁ ମିଳିଥାଏ । ଆଣ୍ଡାମାନରେ ପହଞ୍ଚିବା ପରେ ଜଣେ ପର୍ଯ୍ୟଟକର ପ୍ରଥମ କର୍ତ୍ତବ୍ୟ ହେଉଛି ଆଠଦଶ ଦିନ ପରେ କେଉଁ ଜାହାଜ ଭାରତର ମୂଳଭୂମି ଅଭିମୂଖେ ଆସୁଛି ତାର ଖବର ନେବା । ସହରସ୍ଥିତ ରେଲୱେ ଅତିରିକ୍ତ କାଉଣ୍ଟରରୁ ଫେରନ୍ତା ରେଲ୍ ଟିକେଟ୍ ତଦନୁସାରେ କରି ମାନସିକ ଭାବେ ପ୍ରସ୍ତୁତ ହେବା ଜରୁରୀ । ଚେନ୍ନାଇରୁ ପୋର୍ଟବ୍ଲେୟାର ଯାଇ କଲିକତା ପଟେ ଫେରିବା ଜଳଯାତ୍ରା ହେଉଛି ଏକ ସ୍ୱୟଂ ସମ୍ପୂର୍ଣ୍ଣ ଅନୁଭୂତି । ଅନ୍ୟ ସବୁ ଯାତ୍ରା ସ୍ୱଳ୍ପ ସମୟ ଯୋଗୁଁ ଖଣ୍ଡିତ ହୋଇଥାଏ ।

କ୍ରମଶଃ.........

ଭାରତୀୟ ଜୀବନ ବୀମା ନିଗମ,
କୋରାପୁଟ, ଓଡିଶା

ISSN NO.
2582-208X

# ବସନ୍ତ ଋତ



ଅଧ୍ୟାପିକା ରୋଜାଲିନ୍ ବାରିକ୍

ଶୀତ ପରେ ଆସେ ବସନ୍ତ ରାଜ ।

ବିସ୍ତାରି ସଂସାରେ ପ୍ରଭାବ ତେଜ ।

ହଲଦିବସନ୍ତ କରଇ ଗାନ ।

କୋକିଳ ର କଣ୍ଠରେ କୁହୂ ତାନ ।

କୁସୁମ ସୁବାସେ ଦିଗ ମହକେ ।

ଆନନ୍ଦିତ ସକଳ ଜୀବ ଯାକେ ।

ମନ୍ଦ ମରୁତ ମଳୟ ବହଇ ।

ସଭିଙ୍କ ହୃଦୟେ ଆମୋଦ ଦେଇ ।

ନବ ଉନ୍ମାଦନା ଭରେ ଅନ୍ତରେ ।

ବିଭୁ ସତ୍ତା ଦେଖ ସାରା ବିଶ୍ୱରେ ।

ମହୁ, ଆଳ, କେନ୍ଦ୍ରାପଡା

ISSN NO.
2582-208X

# ନାରୀ ହିଁ ଶ୍ରେଷ୍ଠ



ବର୍ଷାରାଣୀ ମହାମଲ୍ଲିକ

ସେ ମା ରୂପେ ଆସେ
ପଣତ ରେ ତାର ଅସୁମାରି ସ୍ନେହ ନେଇ
ବାତ୍ସଲ୍ୟ ମମତା ର ଜ୍ୱଳନ୍ତ ପ୍ରତିମା
ହଁ ସେ ଅଟେ ମା।

ଆସେ ଭଉଣୀ ରୂପରେ
ଅଳି ଅଝଟ ଆଉ ଗେଲ ରେ ଭାଗ ନବା ପାଇଁ
ଦ୍ୱିତୀୟ ମାଁ ର ସେ ଜ୍ୱଳନ୍ତ ସ୍ୱରୂପିଣୀ
ହଁ ସେ ଭଉଣୀ।

ସେ ଆସେ ସାଙ୍ଗ ହୋଇ
ସାହାଯ୍ୟ ର ହାତ ଟି କୁ ସଦା ଦିଏ ସେ ବଢ଼ାଇ
ଖୁସି ର ଜୁଆର ସଙ୍ଗେ ବୁଣେ କେତେ ରଙ୍ଗ
ହଁ ସେ ତ ସାଙ୍ଗ।।

ଆସିଥାଏ ଜୀବନ ରେ ସ୍ତ୍ରୀ ରୂପ ନେଇ
ପ୍ରିତୀସୁଧା ଆଣି ମନେ ଢାଳିଦେବା ପାଇଁ

ISSN NO.
2582-208X

ଜୀବନ ସାଥି ରୂପରେ ମଙ୍ଗଳକାରିଣୀ
ହଁ ସେ ଯେ ଅର୍ଦ୍ଧାଙ୍ଗିନୀ।

ଆସେ ସେହି ଗୁରୁ ରୂପ ନେଇ
ଅଜ୍ଞାନ କାଳିମା ଠାରୁ ଟାଣି ନେବା ପାଇଁ
ଆଲୋକ ର ଦୀପ ହୃଦୟ ରେ ଜାଳେ ନିତି
ହଁ ସେ ହିଁ ତ ଶିକ୍ଷୟିତ୍ରୀ।।

ସାଜେ ବେଳେବେଳେ କାତ୍ୟାୟିନୀ
ଦୁଷ୍ଟ ର ସଂହାର କରିବା ପାଇଁ
ସିଏ ଲକ୍ଷ୍ମୀ ସେହି ସରସ୍ୱତୀ
ସେ ଦୁର୍ଗା ରୂପ ରେ ଶକ୍ତିସ୍ୱରୂପିଣୀ।

କେତେ ରୂପ ନେଇ ଆସେ ସେ
ଜନନୀ, ଭଗିନୀ, ଅର୍ଦ୍ଧାଙ୍ଗିନୀ ହୋଇ
ନାରୀ ଠାରେ ମଥା କରୁଛି ମୁଁ ନତ
ସତରେ ନାରୀ ହିଁ ତ ସର୍ବଶ୍ରେଷ୍ଠ।

ବରଗଡ଼
ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ
ସମ୍ବଲପୁର ବିଶ୍ୱବିଦ୍ୟାଳୟ, ବୁର୍ଲା

ISSN NO.
2582-208X

# ଛକ

ମାନସ ଦାଶ

ଏମିତି ଜୀବନ ପଥେ
ଆସିବ ଗୋଟେ ଗୋଟେ ଛକ
ଯେଉଁଠି ଠିଆହୋଇ
ନୀରବରେ ଭାବିବାକୁ
ସମୟ ବି ନଥିବ......

କେଉଁଆଡେ ପୃଥିବୀ ର
ସ୍ଥିରିକୃତ ଗତିମାନ ଚକ
ଉଣ୍ଡାଳି ସଲଖେଇ ନେଇ
ଚାଲିବାକୁ ସଖୀ !
ପାଖେ ତୁମେ ବି ନଥିବ....

ସେମିତି ଯେଉଁଦିନ ମୁହୂର୍ତ୍ତ ର
ରୌଦ୍ର ତାପରେ ସ୍ନେହ ଯେତେ
ଚିପୁଡି ଶୁଖିଶୁଖି ଗଲା
ମୁଁ ନିରୁଦିଷ୍ଟ ହୋଇଗଲି
ନିଗାଡି ଛାତିରୁ ସବୁ ଘନ ଲାଲ ରକ୍ତ.....

ଏବେ ଉପାନ୍ତେ ଠିଆ ହୋଇ କ୍ଳାନ୍ତି ରେ
ଆଖି ମୋର ଖୋଜୁଥାଏ ପଥ
ମନେପଡେ ଅଶ୍ରୁର ବଣରେ ସଖି !
ଚର୍ତୁଦିଗେ ଖୋଜି ଖୋଜି ମତେ
ନପାଇ ତୁମେ ହତାଶାରେ
ଫେରିଯାଉଥିବ....

ISSN NO.
2582-208X

# ନାଟକ

# ।। ଭଲ ମଣିଷ ଖୋଜିବା ଆସ ।।



ସୁଧାଂଶୁ ଶେଖର ଦ୍ୱିବେଦୀ

## ।। ୨ ଦୃଶ୍ୟ ।।

(ନିର୍ମଳ ଭାବମୂର୍ତ୍ତିର ଚ୍ୟାମ୍ବର।ବ୍ୟସ୍ତତା ମଧ୍ୟରେ ଟହଲ ମାରୁଥାଏ।ପଛେ ପଛେ ରାଧାକାନ୍ତ ବି ଟହଲ ମାରୁଥାଏ।)

ନିର୍ମଳ-ରାଧାକାନ୍ତ!

ରାଧା- ସାର!...

ନିର୍ମଳ- ଯୋଗେନ୍ଦର ଏପର୍ଯ୍ୟନ୍ତ ଫେରିଲା ନାହିଁ?

ରାଧା- ସାର! ଆପଣ ଏମିତି ତରତର ହେଉଛନ୍ତି କଣପାଇଁ? ତା' ନାଁ ଯୋଗେନ୍ଦର ସେ ଯେମିତି ହେଉ କାମ ଫିନିଶ କରି ଆସିବ। (ଯୋଗେନ୍ଦର ଦୌଡ଼ି ଦୌଡ଼ି ଆସେ।ତା' ଗୋଡ଼ରେ ଗୁଳି ବାଜିଥାଏ।)

ଯୋଗା- ସାର!...ସାର!..ମୋତେ ବଞ୍ଚାନ୍ତୁ ସାର! ମୋତେ ବଞ୍ଚାନ୍ତୁ।

ରାଧା- ଇରେ ତୁ ଏମିତି ପାଗଳା କୁକୁର ଭଳି ଧାଇଁଛୁ କାହିଁକି? ତୋତେ କିଏ ମାରିବାକୁ ଗୋଡେଇଛି?

ISSN NO.
2582-208X

ନିର୍ମଳ- ଆରେ ଯୋଗେନ୍ଦର କଣ ହେଲା ତୋର ? ତୋ ଗୋଡ଼ରୁ ଏମିତି ରକ୍ତ ବୋହୁଛି ?.....

ଯୋଗା- ସେ ହାରାମଜାଦା ପୋଲିସ ମୋ ପିଛା କରିଛି ସାର!

ନିର୍ମଳ-ପୋଲିସ ? କୋଉ ପୋଲିସ ବେ ?

ଯୋଗା- ଇଏସ ସାର! ଏଠିକୁ ବି ଆସିପାରେ!

ନିର୍ମଳ- ଆରେ ଆସୁ....! ଏଠିକୁ ଆସିବାର ଠିକଣା ସମସ୍ତଙ୍କୁ ଜଣା। ନେତା ନିର୍ମଳ ଭାବମୂର୍ତ୍ତି ନିକଟକୁ ଜନତା ଆସିବେ, ପୋଲିସ ଆସିବେ, ମନ୍ତ୍ରୀ ଆସିବେ ଏମିତି କେତେ କିଏ ଆସିବେ। ସେ ପୋଲିସବାଲା ଆସିବ, ଆସୁ। ତାକୁ ଆସିବାକୁ ଦ୍ୱାର ଖୋଲିଦିଅ।

(ଇନ୍ସପେକ୍ଟର ଅଖିଳ ପଣ୍ଡା ଦ୍ୱାର ପାଖେ ଥାଇ କହେ)

ଅଖିଳ- ଏତେ ଆଉ ଦାତବ୍ୟ ହୁଅନ୍ତୁ ନାହିଁ ନିର୍ମଳ ଭାବମୂର୍ତ୍ତି। କର୍ଣ୍ଣଙ୍କର ରଥ ଚକ ଅଟକିଗଲା ପରି ଆପଣ ବି ଦିନେ କୋଉଠି ଅଟକିଯିବେ ।

ନିର୍ମଳ- ଆରେ ଇନ୍ସପେକ୍ଟର ଯେ..ଆସ ..ଆସ,ଭିତରକୁ ଆସ ।

ଅଖିଳ-ରାଜନେତାର ଚେହେରା ତଳେ ଆପଣ ଯେଉଁ କୁକର୍ମ କରି ଚାଲିଛନ୍ତି ତା'ର ଛଦ୍ମ ଆବରଣ ଆଜି ଖୋଲି ଯାଇଛି ।

ନିର୍ମଳ- ମାନେ... ?

ଅଖିଳ- ନାଓ ଇଉ ଆର ଅଣ୍ଡର ଏରେଷ୍ଟ ।

ନିର୍ମଳ- ରାଧାକାନ୍ତ !

ରାଧା- ସାର!...

ନିର୍ମଳ-ଆରେ ଏ ଇନ୍ସପେକ୍ଟର କଣ କହୁଛି ଶୁଣୁଛ ତ ?

ISSN NO.
2582-208X

ରାଧା-ମୁଁ ସବୁ ଶୁଣି ବଧିର ଭଳି କିଛି ବି ଶୁଣି ପାରୁନି, ସବୁ ଦେଖି ଅନ୍ଧ ଭଳି କିଛି ବି ଦେଖିପାରୁନି, ଅନେକ କିଛି କହିବାକୁ ଇଛା ଥିଲେ ବି କିଛି କହିପାରୁନି ସାର !

ନିର୍ମଳ- ଓ ହୋ ରାଧାକାନ୍ତ! ଶିକାର ବେଳେ କୁକୁର ମଳ ତ୍ୟାଗ କରିବାକୁ ଗଲା ଭଳି ହେଉଛ। ମୁଁ ଦେଖୁଛି ତୁମ ଦ୍ୱାରା ଶାଗ ବି ସିଝିବ ନାହିଁ।

ଯୋଗା- ଦେଖ ଇନ୍ସପେକ୍ଟର ଆମ ସାରଙ୍କୁ ରଗାନ୍ତୁ ନାହିଁ। ସେ ଯଦି ରଗିଛନ୍ତି...

ଅଖିଳ- କଣ କରିବେ ମୋତେ ଚାଁଛି ନଣ୍ଡା କରିଦେବେ ?

ନିର୍ମଳ- ସେ ବକବାସ କଥା ବନ୍ଦ କର ଇନ୍ସପେକ୍ଟର। ତୁମେ ଯଦି ମୋ ରହସ୍ୟ ବିଷୟରେ ଜଣିଛ ତାହେଲେ ସର୍ଚ୍ଚ ଓ୍ୱାରେଣ୍ଟ ନେଇ ଆସିବ ଯାଅ।

ଅଖିଳ- ଇନ୍ସପେକ୍ଟର ଅଖିଳ ପଣ୍ଡା ବିନା ସର୍ଚ୍ଚ ଓ୍ୱାରେଣ୍ଟରେ କାହା ଦ୍ୱାରରେ ପାଦ ପକାଏନାହିଁ ନିର୍ମଳ ଭାବମୂର୍ତ୍ତି। ଏଇ ଦେଖନ୍ତୁ ଆପଣଙ୍କ ସର୍ଚ୍ଚ ଓ୍ୱାରେଣ୍ଟ (ଓ୍ୱାରେଣ୍ଟ ବାହାର କରି ଦେଖାଏ)

(ହଠାତ ଯୋଗେନ୍ଦ୍ର ଅଖିଳ ହାତରୁ ଓ୍ୱାରେଣ୍ଟ ପେପର ଝାମ୍ପିନେଇ ପାଟିରେ ପୂରେଇ ଚୋବାଏ।)

ନିର୍ମଳ- ସାବାସ ଯୋଗେନ୍ଦର ସାବାସ। ତୋ ବୁଦ୍ଧିକୁ ତାରିଫ ନ କରି ମୁଁ ରହିପାରୁନି।

ଅଖିଳ- ଆଜିକାଲି ଡିଜିଟାଲ ଯୁଗ। ଯୋଗେନ୍ଦର ଗୋଟେ ଓ୍ୱାରେଣ୍ଟ ପେପର ଖାଇଦେଲା। ମୁଁ ଏତେ ବୁଦ୍ଧୁ ନୁହେଁ ଆଜ୍ଞା! କମ୍ପ୍ୟୁଟରରେ ଫିଡ଼ କରି ରଖିଆସିଛି। ଗୋଟେ ଫୋନ କଲରେ ହଜାର ହଜାର ଓ୍ୱାରେଣ୍ଟ ପେପର ବାହାରି ପଡିବ।

ନିର୍ମଳ- ରାଧାକାନ୍ତ! ଇନ୍ସପେକ୍ଟର କଥା ବୁଝିଦିଅ।

ରାଧା- ଆଜ୍ଞା ସାର! (ଟଙ୍କା ବଣ୍ଡିଲ ବାହାର କରି ଆଖିଳକୁ ବଢ଼ାଏ)

ଅଖିଳ- ଏ କଣ ଲାଞ୍ଚ ନା ତୋଷାମଦ ?

ନିର୍ମଳ- ତୁମେ ବଞ୍ଚ, ଆମକୁ ବି ବଞ୍ଚିବାକୁ ଦିଅ। ଗାନ୍ଧୀ କହିଥିଲେ କୁଟି ଖାଅ କାଟି ପିନ୍ଧ।

ISSN NO.
2582-208X

ଅଖିଳ-ତାମାନେ ଆପଣ ମୋତେ ଲାଞ୍ଚ ଦେଇ କିଣିବାକୁ ଚାହୁଁଛନ୍ତି ?

ନିର୍ମଳ- ହେଃ---ୟାକୁ ଲାଞ୍ଚ କୁହାଯାଏନି। ଆଜିର ଦୁନିଆରେ ଇଏ ହେଉଛି ମହାପ୍ରସାଦ ।

ଅଖିଳ- ଛି ଛି ଛି, ଆପଣଙ୍କ ବିବେକ ଟିକେ ବାଧା ଦେଉନି। ବଡ଼ ଠାକୁର ଜଗନ୍ନାଥଙ୍କ ଦ୍ୱାହି ଦେଇ ଲାଞ୍ଚ ଟଙ୍କାକୁ ମହାପ୍ରସାଦ କହୁଛନ୍ତି ?

ନିର୍ମଳ- ଫିଲୋସଫି ଝାଡ଼ନା ଇନ୍ସପେକ୍ଟର। ସେତକ ନେଇ ଏଠାରୁ ଭଲରେ ଭଲରେ ଚାଲିଯାଅ ।

ଅଖିଳ- ମୋତେ ଧମକ ଦେଉଛନ୍ତି ?

ଯୋଗା- ଧମକ ନୁହେଁ ବେ ଇନ୍ସପେକ୍ଟର ସାର ଯାହା କହୁଛନ୍ତି ସୁନା ପିଲା ପରି ମାନିଯା, ତା ନହେଲେ ସିଧା ଉପରକୁ ପଠେଇଦେବି ।

ଅଖିଳ- ତୋ ଭଳି କେତେଟା ପୋଷା ଗୁଣ୍ଡାକୁ ଅଖିଳ ପଣ୍ଡା ତା ପଦରେ ଦଳି ଦେଇଛି। ଆଉ ତୁ ତ ଜଣେ ଅଇଁଠାଚଟା କୁକୁର...। ତୋତେ ଫିନିଶ କରିବାକୁ ବେଶୀ ସମୟ ଲାଗିବନି ।

ଯୋଗେ - ଇନ୍ସପେକ୍ଟର !

ଅଖିଳ- ହେଣ୍ଡସ ଆପ। ସମସ୍ତେ ଥାନାକୁ ଚାଲ ।

ନିର୍ମଳ- ବାରମ୍ବାର ସେ ଥାନାକୁ ଯିବା କଥା କୁହନାହିଁ ଇନ୍ସପେକ୍ଟର। ଟଙ୍କା ବଣ୍ଡଲ ଧରି ଯେଉଁ ରାସ୍ତାରେ ଆସିଥିଲ ବନ୍ଧୁ ସେଇ ରାସ୍ତାରେ ଫେରିଯାଅ ।

ଅଖିଳ- ଇମ୍ପୋସିବଲ! ଟଙ୍କା ବିଡ଼ାରେ ମୋତେ ପୋତି ପକେଇଲେ ବି ମୁଁ କେବେ ଦେଶଦ୍ରୋହୀ ହୋଇପାରିବିନି ।

ନିର୍ମଳ- ଶୁଣୁଛ ରାଧାକାନ୍ତ! ଇନ୍ସପେକ୍ଟର ଅଖିଳ ପଣ୍ଡା ଦେଶଦ୍ରୋହୀ ହେବନି। ବୁଝିଲ ଆଜ୍ଞା, ତୁମରି ଭଳି ଅନେକ ପୋଲିସ ଆଖିରେ ଅନ୍ଧ ପୁଟୁଳି ବାନ୍ଧି ଟଙ୍କା ଗୋଟେଇବାରେ

ISSN NO.
2582-208X

ଲାଗିଛନ୍ତି, ଅଥଚ ତୁମେ ଶିଖଣ୍ଡି ହୋଇ ଭୀଷ୍ମ ପାଇଁ ପ୍ରତୀକ୍ଷା କରିବା କି ପ୍ରୟୋଜନ? ମୁଁ ମାନୁଛି ତୁମେ ସିଂହ ଛୁଆ। ହେଲେ ବାଟବଣା ହୋଇ ମେଣ୍ଢା ପଲକୁ ପଳାଇ ଆସିଛ। ମେଣ୍ଢାଙ୍କ କଥା ମାନିବାକୁ ପଡିବ ।

ଅଖିଳ- ମେଣ୍ଢା ପଲରେ ରହି ସିଂହ ଛୁଆ ଯେତେବେଳେ ଜାଣିବ ସେ ଶିକାରୀ ସିଂହ ସେଇବେଳେ ସେ ମେଣ୍ଢା ଖାଇବା ଆରମ୍ଭ କରିଦେବ ।

ନିର୍ମଳ- ଓ ଇଉ ସେଟଆପ!

ଅଖିଳ- ଗର୍ଜନ କରନ୍ତୁ ନାହିଁ। ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ।

ନିର୍ମଳ-ବୁଝିଲ ଇନ୍ସପେକ୍ଟର ମୁଁ ଲୋକ ହିଶାବରେ ପୂରା ନିର୍ମଳ କିନ୍ତୁ ଇଛା କଲେ ତୁମ ଲାଶ ବି ଗାଏବ କରିଦେବି ।

ଅଖିଳ- ତା' ପୂର୍ବରୁ ମୁଁ ଆପଣଙ୍କୁ ଜେଲରେ ଭର୍ତ୍ତି କରି ତେଲ ଘଣା ଟାଣିବା କାମରେ ଲଗେଇ ସାରିଥିବି। ଇଏସ ବି କେୟାରଫୁଲ ଚାଲ ସମସ୍ତେ (ପିସ୍ତଲ ଦେଖାଇ ସଭିଙ୍କୁ ଅକ୍ତିଆର କରି ନେଉଥିବା ବେଳେ ପଛପଟୁ ଗୋଗା ଆସି ପ୍ରହାର କରେ ଅଖିଳ ହାତରୁ ପିସ୍ତଲ ଛିଟିକି ପଡେ। ଗୋଗା ଓ ଯୋଗା ଆଖିଳକୁ ଧରି କାବୁ କରି ନିଅନ୍ତି।)

ନିର୍ମଳ- (ହସ) ନିଜ ଜାଲରେ ନିଜେ ଛନ୍ଦିଗଲୁ। ଆବେ ତୁମେ ଦୁଇଜଣ ତାକୁ ଆମ ଡେନକୁ ନେଇଯାଅ ।

ଅଖିଳ- ସତ୍ୟ ନ୍ୟାୟକୁ ପାଥେୟ କରି ଯିଏ ଚାଲି ଶିଖିଛି ସେ ବେଶିଦିନ ମିଥ୍ୟାର ଘଣ୍ଟ ତଳେ ଆତ୍ମଗୋପନ କରି ପାରିବିନି ।

ନିର୍ମଳ- ନିର୍ମଳ....ନିର୍ମଳ ଭାବମୂର୍ତ୍ତି ସବୁବେଳେ ନିର୍ମଳ ।

ଅଖିଳ- ମୁଁ ରାମ ନୁହେଁ କି କୃଷ୍ଣ ନୁହେଁ କିନ୍ତୁ ଏତିକି ଜାଣିଛି ମହାନ ଯୋଦ୍ଧା ଅପାର ଶକ୍ତିଶାଳୀ ରାବଣ ଓ କଂସର ଅହଂ ଓ ଅହଂକାର ଯେତେବେଳେ ଭାଙ୍ଗି ଚୁରମାର ହୋଇଯାଇଛି ସେଠି ତୁମର ସ୍ଥିତି କେତେଦିନ? (ଫ୍ରିଜ)

ISSN NO.
2582-208X

ରାଧାକାନ୍ତ(ଜୋନ ଲାଇଟରେ)-ଏହିପରି ନେତାମାନେ ହେଉଛନ୍ତି ଏ ଦେଶର ବଡ଼ପଣ୍ଡା ସାଜିଥିବା ସମାଜପତି ,ସମାଜପତି ତ ନୁହଁନ୍ତି ସମାଜପତି ମାନେ ହିଁ ପତିତ, ଅତୀତର ନିବନ୍ଧକ, ବର୍ତ୍ତମାନର ନୟାମକ, ଭବିଷ୍ୟତର କର୍ଣ୍ଣଧାର। ଏମାନେ ଆଜି ଦ୍ୱତୀୟ ମହା ସମର ପରେ ତୃତୀୟ ମହାସମର ସୃଷ୍ଟି କରିବାର କ୍ରୁର ଚକାନ୍ତରେ ଲିପ୍ତ। ହିରୋସିମା-ନାଗାସାକୀ ବୋମିଙ୍ଗ ପରେ ପରେ ବଞ୍ଚି ରହି ଥିବା ମଣିଷ ରୂପୀ ଜାନୁଆର ହେଉଛନ୍ତି ଏଇମାନେ।

(ଆଙ୍ଗୁଳି ନିର୍ଦ୍ଦେଶ ମଧ୍ୟରେ ଫ୍ରିଜ)

[ମଞ୍ଚ ଅନ୍ଧାର]

ବାକି ଆର ଥରକୁ........

ବିସି-୭୪, ସେକ୍ଟର-୧,
ସଲ୍ଟ ଲେକ୍, କୋଲକତା
email-dwibedysudhansu@gmail.com

ISSN NO.
2582-208X

# ମୁହୂର୍ତ୍ତ



ଡଃ ପ୍ରିୟମ୍ବଦା ସାମଲ

ତୁମେ ସିନା ସ୍ପର୍ଶକର
ପ୍ରତିଟି ପ୍ରାଣସତ୍ତାର ମନନର
କ୍ଷୁଦ୍ରାଦିକ୍ଷୁଦ୍ର ଭାବର ଚିନ୍ତନକୁ
ମୁଁ କିନ୍ତୁ ସ୍ମିତ ହସି
ଅତିକ୍ରମ କରେ
ମୋ ଇଛାର ପ୍ରତିଟି ମୁହର୍ତ୍ତର
ନୂତନ କଳିକୁ ।
ତୁମେ ସିନା ଭରିଦିଅ ସବୁଜିମା
ଶୂନ୍ୟତାକୁ ଦେଇପାର
ପୂର୍ଣ୍ଣତାର  କଳେବର
ରଚିପାର ଅନନ୍ତ ଅପାର
ଏ ଜୀବନ ପରିଧୀରେ
ମୁହୁର୍ତ୍ତକ ମୁହୂର୍ତ୍ତକ ମଧ୍ୟରେ
କେବେ ଆସେ ଛାଇ ପୁଣି
କେବେ ଆସେ ଖରା ପ୍ରଖର ।
ତୁମେ ସିନା ଖୋଜିପାର
ସାତତାଳ ଗହୀର ପାଣିରୁ

ISSN NO.
2582-208X

ମୁହୂର୍ତ୍ତ କରେ ସୁନା ଫରୁଆ
ମଧ୍ୟରୁ ଭଅଁରକୁ
ମୁଁ କିନ୍ତୁ ଖୋଜୁଥାଏ ନୀଳ ଲହରୀର
ଅବ୍ୟକ୍ତ ଅବୁଝା  ଗର୍ଜନ ତର୍ଜନ ଭରା
ଫେନିଳ ଲବଣାକ୍ତ ତରଙ୍ଗ ଛିଟାକୁ ।
ଦେଇ ପାରିବ ରୂପରଙ୍ଗ
ଅସରନ୍ତି ଭାବନାର ପ୍ରତିଟି ମୁହୂର୍ତ୍ତ କୁ
ଲେଖନୀ ସ୍ପର୍ଶରେ ସ୍ୱର୍ଣାୟିତ କରି
ଦେଖୁଛି ଅପଲକ ନେତ୍ରରେ
ଦ୍ୱିତୀୟା ଜହ୍ନର ହସକୁ
ଅଦୃଶ୍ୟ ଡୋରୀରେ ବାନ୍ଧି ଦେଇଛି
ମନ ପ୍ରାଣ ହୃଦୟ
ପ୍ରତିକ୍ଷିତ ସେଇ ମୁହୂର୍ତ୍ତକୁ
ପୂର୍ଣ୍ଣତା କେବେ ମିଳିବ ଅପୂର୍ଣ୍ଣତାକୁ ।

ନନ୍ଦନ ବିହାର, ପଟିଆ, ଭୁବନେଶ୍ୱର

ISSN NO.
2582-208X

# ସ୍ୱାଭିମାନୀ ବୃଦ୍ଧା



ରାଧାମୋହନ ପୂଜାହାରୀ

ଅସହ୍ୟ ଗ୍ରୀଷମେ ଖରାବେଳଟାରେ
ଅନୁଗୋଳ ମୁଖ୍ୟ ଟ୍ରାଫିକ୍ ଛକରେ,
ଟ୍ରାଫିକ୍ ପୋଲିସ୍‌ର ଇସାରା ପାଇ
ଗାଡ଼ିକୁ ମୁଁ ମୋର ଦେଲି ଅଟକାଇ,
ସହସା ପଛରୁ ଶୁଭିଲା ସ୍ୱର
ମନେ ହେଲା ଜଣେ ସେ ବୃଦ୍ଧାଙ୍କର,
ଦେଖିଲି ଥରଟେ ପଛକୁ ଚାହିଁ
କାହାର ସେ ସ୍ୱର ଜାଣିବା ପାଇଁ । (୧)

ମୋ ପଛରେ ଜଣେ ବୃଦ୍ଧା ନିର୍ଭୟେ
ଚାହୁଁଥିଲା ମୋତେ ସେ ଏକଲୟେ,
ଆସିଲା ପାଖକୁ ବିକଳେ ଧାଇଁ
ମାଉଁସ ତା' ଦେହେ ପତରେ ନାହିଁ,
ହାତରେ ସେ କିଛି କଲମ ଧରି
କହୁଥିଲା ମୋତେ ସେ ଥରି-ଥରି,
କିଛି ଅର୍ଥ ବାବୁ ହାତକୁ ଦିଅ
ମୋ ପାଖରୁ କିଛି କଲମ ନିଅ । (୨)
ସିଗ୍‌ନାଲ୍ ପାଇ ସମସ୍ତ ଗାଡ଼ି
ପେଁ-ପାଁ କରି ସର୍ବେ ଯାଆନ୍ତି ମାଡ଼ି,

ISSN NO.
2582-208X

ରହିଗଲି ସେଠି ମୁଁ କିଛି କ୍ଷଣ
ଭାବିଲି ଏବେ ମୁଁ କରିବି କ'ଣ ?
ତହୁଁ ବୃଦ୍ଧା କହେ ମୋ ମୁହଁ ଚାହିଁ
ବିକୁଛି କଲମ ମୋ ପେଟ ପାଇଁ,
ସକାଳୁ ପେଟକୁ ଯାଇନି ଦାନା
ବିକ୍ରି ପାଇଁ କଲି ଉପାୟ ନାନା,
ତଥାପି କଲମ ନ ନେଲେ କେହି
ନିଅ ବାବୁ କିଛି ପଇସା ଦେଇ । (୩)

ବୟସ ହେବ ତା' ପ୍ରାୟ ସତୁରୀ
ଭାବିଲି ତା' କାଳ ଆସୁଛି ପୁରି,
ଆଶାବାଡ଼ି ଟିକୁ ହାତରେ ଧରି
ଆସିଛି ତା'କୁ ସେ ଆଶରା କରି,
ଦୃଷ୍ଟିଶକ୍ତି ତା'ର ଥିଲା ଦୁର୍ବଳ
ଚାଲିବା ପାଇଁ ତା' ନ ଥିଲା ବଳ,
ଅଣ୍ଟା ତା'ର ପଡ଼ିଥିଲାଣି ନଇଁ
ହୋଇଯାଉଥିଲା ସେ ଧଇଁସଇଁ । (୪)

ଜୀର୍ଣ୍ଣଶୀର୍ଣ୍ଣ ତା'ର ଦେହେ କଙ୍କାଳ
ଦିଶୁଥିଲା ଅଙ୍ଗେ ତା' ଫାଳଫାଳ,
ଦେଖି ଏତାଦୃଶ ଚେହେରା ତା'ର
ଭାବେ ଏତେ ସରି ନ ହେଉ କା'ର !
କହିଲି ପ୍ରଭୁଙ୍କୁ ସ୍ମରଣ କରି
ଆଉ କେ ନ ହେଉ ଏ ବୃଦ୍ଧା ପରି !
ଦୁଃଖ ତା' ଶୁଣିବି କଲି ମୁଁ ପଣ
କଲମ ବା ମୋର ହୋଇବ କ'ଣ ?
ପାଞ୍ଚ ଶ' ଟଙ୍କା ମୁଁ ପର୍ସରୁ ପାଇ
ତା'କୁ ତା' ହାତରେ ଦେଲି ଧରାଇ,

ISSN NO.
2582-208X

କହିଲି ଏହାକୁ ରଖ ବୁଢ଼ୀ ମାଁ
ପେଟ ଭରି ଆଗ ଖାଇବୁ ଯା'..... (୫)

ତହୁଁ ସେ ବୁଢ଼ୀ ମାଁ କହିଲା ମୋତେ
ମୋ ଆୟୁଷ ଲାଗୁ ବାବୁରେ ତୋତେ !
କ୍ଷମା କରିଦେବୁ ମୋତେ ରେ ତୁହି
ଏହି ପଇସାକୁ ନ ନେବି ମୁହିଁ,
ଭୋକରେ ମୁଁ ପଛେ ମଲେ ମରିବି
ବିନା ଶ୍ରମେ କିନ୍ତୁ ଟଙ୍କା ନ ନେବି,
ମାଗି ଖାଇବା ମୋ ଜାତକେ ନାହିଁ
ବଳ ଥିବା ଯାଏଁ ଥକିବି କାହିଁ ?
ଆଜି ଯାଏଁ କେବେ ପାଖରେ କା'ର
କରିନି କାହାଠୁ ଧାର-ଉଧାର । (୬)

ନିଜ ଭାଗ୍ୟକୁ ସେ ନିଜେ ଆଦରି
ଚାଲି ଯାଉଥିଲା ନ କରି ଡେରି,
ତହୁଁ ପଛପଟୁ ଡାକିଲି ତା'କୁ
ପଚାରିଲି କେତେ ନେବୁ ଏହାକୁ ?
ଗୋଟାକର ମୂଲ୍ୟ ପାଞ୍ଚ ବୋଇଲା
ଦଶଟା ଆଣି ମୋ ଆଗେ ଥୋଇଲା,
କହିଲା ଏଗୁଡ଼ା ନେବୁକି ବାବୁ ?
ଘରେ ତୋର ପିଲାଛୁଆଙ୍କୁ ଦେବୁ । (୭)

ଝଅଟ ତା' ହାତୁ କଲମ ନେଇ
ସେ ପାଞ୍ଚ ଶ' ଟଙ୍କା ଦେଲି ବଢ଼ାଇ,
କହିଲି ମାଁ ମନା କରନା ମୋତେ
ଭାବିବୁ ପୁଅଟେ ଦେଇଛି ତୋତେ,

ISSN NO.
2582-208X

କହିଲି ଆଉ ତୁ ଡେରି ନ କରି
ଖାଇବୁ ଆଗ ଯା' ତୋ ପେଟ ଭରି । (୮)

ତହୁଁ ସେ ବୁଢ଼ୀ ମାଁ ମୋ ମୁହଁ ଚାହିଁ
ଆଶିଷ ଦେଲା ସେ ମୋ ମଥା ଛୁଇଁ,
ରଖି ପାରିଲାନି କୋହକୁ ତା'ର
ନୟନୁ ବହିଲା ଲୋତକ ଧାର,
ଲୋତକ ଧାରେ ତା' ଓଠ ଭିଜିଲା
ଲୁହ ଭିଜା ଓଠେ ଖୁସି ଦିଶିଲା,
ତା' ଓଠରେ ହସ ଫୁଟାଇ ଦେଇ
ମୋ ପଥେ ଗଲି ମୁଁ ବିଦାୟ ନେଇ । (୯)

ସ୍ୱାଭିମାନୀ ନାରୀ ବୁଢ଼ୀ ମାଁ ପରି
ଦେଖି ନ ଥିଲି ମୁଁ କାଳେ ମୋହରି,
ତା'ରି ସ୍ୱାଭିମାନୀ ସ୍ୱଭାବ ପାଇଁ
ସସମ୍ମାନେ ମଥା ଦେଲି ନୁଆଁଇ,
ଦୂରୁ ଥାଇ ତା'କୁ କଲି ପ୍ରଣାମ
କହିଲି ଠାକୁରେ ରଖ ତା' ମାନ । (୧୦)

ଗାଡ଼ି ରଖି ଦୂରୁ ଦେଖୁ-ଦେଖୁ ତା'କୁ...
ଆନନ୍ଦିତ ମନେ ପଥେ ଯାଉଥିବା
ଦେଖୁଥିଲି ମୁହିଁ ବୁଢ଼ୀ ମାଁ କୁ । (୧୧)

ଶିକ୍ଷକ
ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ତାଳଚେର

ISSN NO.
2582-208X

# କଳା ଓ କଳାକାର



ଅଲିଭ୍ ମେହେର

ଈଶ୍ୱରଙ୍କ ଦ୍ୱାରା  ପ୍ରଦତ୍ତ ଏହି
ପ୍ରତିଭା ନାମେ କଳା,
କଳାରେ କଳାରେ ସାରା ଜଗତରେ
ସବୁ ମଣିଷ ଏଠି ଗଢା ।।        (୧)

ପ୍ରତି ମନୁଷ୍ୟଙ୍କ ପାଖେ ଲୁଚି ରହିଥାଏ
ଅସୀମ ପାରଦର୍ଶିତା,
ତାହାକୁ ଯିଏ   ବିକଶିତ କଲା
ସେ ହୁଏ ଜଗତ ଜିତା  ।।।        (୨)

କଳାକୁ ଯିଏ ଏଠି ପ୍ରଦର୍ଶିତ କରେ
ସେ ଅଟେ କଳାକାର,
କେତେ ଅପବାଦ କୁ ସହି ବଞ୍ଚାଏ କଳାକୁ
ଧନ୍ୟ ତା' ତ୍ୟାଗର ଭଣ୍ଡାର ।।       (୩)

ISSN NO.
2582-208X

ଦୁନିଆଁ ଏଠି ନିନ୍ଦା  କରେ ତାକୁ
ପ୍ରତି ମୁହୂର୍ତ୍ତରେ,
ତଥାପି ସେ ଅଭିନୟକୁ  ଆପଣା କରେ
ଅତି ଶରଧାରେ ।।   (୪)

ଏ ସାରା ଜଗତରେ  ଯେତେକ ଲୋକ
ସମସ୍ତେ ଏଠି କଳାକାର,
ଅଭିନୟ ଆମ  ଦେଖିଥାନ୍ତି ବସି
ଲୀଳା ମୟ ବ୍ରହ୍ମାଣ୍ଡ ଠାକୁର ।।   (୫)

ବିଜେପୁର ଡିଗ୍ରୀ କଲେଜ, ବିଜେପୁର
ଓଡ଼ିଆ ସମ୍ମାନ  ୨ୟ ବର୍ଷ, ଜିଲ୍ଲା - ବରଗଡ

ISSN NO.
2582-208X

# ଆମେ ସୁଖେ ରହିବା



ନନ୍ଦିନୀ ରାଉତ

ବିନ୍ଦୁ ବିନ୍ଦୁ ଜଳ ମିଶି
ହୋଇଯାଏ ସିନ୍ଧୁ
କୋଟି କୋଟି ତାରା ମଧ୍ୟେ
ଶୋଭା ପାଏ ଇନ୍ଦୁ ।
ଟିକି ଟିକି ପର ଝାଡ଼ି
ଦେଖ ଟିକି ଚଢେଇ
ଉଡି ଉଡି ଖାଦ୍ୟ ଖୋଜେ
ବଣ ବିଲ ଆଡେଇ ।
ଧୀରେ ଧୀରେ ଜଳ ସ୍ରୋତ
ମିଶି ହୁଏ ତଟିନୀ
ଜୀବନର ପଥେ କେବେ
ହାରି ସେତ ଯାଆନି ।
ଛୋଟ ଛୋଟ ସୁମନର
ବାସ କେତେ ସୁନ୍ଦର
ସୁବାସରେ ମହକାଏ
ଆମ ଘର ଦୁଆର ।

ISSN NO.
2582-208X

ଏକ ମନ ଏକ ପ୍ରାଣ
ଆଜି ବିଶ୍ୱ ଜନର
ଭରି ଦିଏ ଏକାଗ୍ରତା
ଶୁଦ୍ଧ ବୁଦ୍ଧି ଅପାର ।
ଏକ ପରିବାର ଆଜି
ବିଶ୍ୱ ହୋଇ ଯାଇଛି
ବିପଦ ବେଳରେ ସବୁ
ମନ ଆଜି ମିଶିଛି ।
ଶ୍ରେଷ୍ଠ ଜୀବ ଆମେ ପରା
ଆମେ ହେବା ସେବକ
ଦେଶ ସେବା ବ୍ରତ ଘେନି
ଆମେ ହେବା ଭାବୁକ ।
ଆସୁ ଝଡ଼ ଆସୁ ଝଞ୍ଜା
ଭାଙ୍ଗି ଯିବା ନାହିଁରେ
ରହିଯିବ କୀର୍ତ୍ତି ଆମ
ଭଲ କାମ ମହୀରେ ।
ଆସ ସର୍ବେ ଏକ ମନ
ଏକ ପ୍ରାଣ ହୋଇବା
ବିପଦ ପଳାଇଯିବ
ଆମେ ସୁଖେ ରହିବା ।

ବାଲିପଙ୍ଗା, ଅନୁଗୁଳ

ISSN NO.
2582-208X

# ଏକ ସମୃଦ୍ଧ ଭାଷା ଏକ ସମୃଦ୍ଧ ରାଜ୍ୟର ପରିଚୟ



ଅସିତ ମହାନ୍ତ

ଓଡ଼ିଶା ରାଜ୍ୟର ଲୋକମାନେ ପ୍ରତିବର୍ଷ ଏପ୍ରିଲ ୧ ତାରିଖରେ ଉତ୍କଳ ଦିବସ କମ୍ବା ଓଡ଼ିଶା ଦିବସ ପାଳନ କରି ରାଜ୍ୟର ଗୌରବମୟ ଅତୀତକୁ ସ୍ମରଣ କରି ରାଜନୈତିକ ସଂଗ୍ରାମକୁ ସମ୍ମାନ ଜଣାନ୍ତି । ଭାରତୀୟ ମାଟିରେ ଏକ ସ୍ୱାଧୀନ ରାଜନୈତିକ ସଂସ୍ଥା ଭାବରେ ରାଜ୍ୟ ଉତ୍ପନ୍ନ ହେବାର ଯେଉଁ ସୁଯୋଗ ସୃଷ୍ଟି ହୋଇଥିଲା ଏବଂ ଏହାପରେ ଲୋକଙ୍କ ମଧ୍ୟରେ ଅଧିକ ଏକତା ଏବଂ ସୌହାର୍ଦ୍ଦ୍ୟ ଭାବନାକୁ ଏହି ଦିବସ ଆହୁରି ନିକଟତର କରେ । ବାସ୍ତବରେ ଓଡ଼ିଶାର ଇତିହାସ ଅତ୍ୟନ୍ତ ପ୍ରାଚୀନ ଏବଂ ସେହି ଦୃଷ୍ଟିରୁ ଏହାର ବିକାଶର ଧାରାବାହିକତାକୁ ନବୁଝିଲେ ନୂତନ ଓଡିଶାକୁ ବୁଝିବା କଷ୍ଟକର ହୋଇପାରେ । ଏହାର ରାଜନୈତିକ, ସାମାଜିକ ଏବଂ ଭାଷାଗତ ଦିଗରୁ ଯଦି ଦେଖାଯାଏ, ସଂଘର୍ଷ ଅତ୍ୟନ୍ତ କଠୋର ହୋଇଛି । ଆଜିର ନୂତନ ଓଡିଶା ର ଯେଉଁ ଚିତ୍ର ଆମେ ଦେଖିବାକୁ ପାଉଛୁ, ତା ପଛରେ ଅସଂଖ୍ୟ ମନୀଷୀ ମାନଙ୍କର ଯୋଗଦାନ ରହିଛି । ଏହାର ପ୍ରଗତି ରେ ଅନେକ ଝଡ ଝଞ୍ଜା ଏବଂ ଏଥିରୁ ପାର ପାଇବାପାଇଁ ଯେଉଁମାନେ ନେତୃତ୍ୱ ଦେଇଥିଲେ ସେମାନଙ୍କର ମୂଲ୍ୟାଙ୍କନ କରିବାର ଦିନ ହେଉଛି ୧ ଏପ୍ରିଲ । ପ୍ରାଚୀନ କାଳରୁ ମଧ୍ୟଯୁଗ ପର୍ଯ୍ୟନ୍ତ ଓଡ଼ିଶାର ରାଜ୍ୟ କଳିଙ୍ଗ, ଉତ୍କଳ, ଉତ କଳତ, ଓଡ୍ର , ଓଦ୍ର, ଓଡ୍ରଦେଶ, ଓଡ, ଓଡ୍ରାଷ୍ଟ୍ର, ତ୍ରିକଳିଙ୍ଗ, ଦକ୍ଷିଣ କୋସଳ, କଙ୍ଗୋଦ, ତୋସାଲି, ଛେଦି ଏବଂ ମତ୍ସ୍ୟ ନାମରେ ଜଣାଶୁଣା ଥିଲା। ବର୍ତ୍ତମାନର ନାମ ଓଡ଼ିଶା ପୂର୍ବରୁ ମଧ୍ୟଯୁଗରୁ ଏହି ରାଜ୍ୟ 'ଓଡ଼ିଶା' ଭାବରେ ଜଣାଶୁଣା ଥିଲା, ଯାହାକ ନଭେମ୍ବର ୪ , ୨୦୧୧ ରେ ଆନୁଷ୍ଠାନିକ ଭାବରେ 'ଓଡିଶା' ରେ ପରିବର୍ତ୍ତିତ ହୋଇଥିଲା ।

ISSN NO.
2582-208X

ଇତିହାସ ପୃଷ୍ଠାରୁ ଜଣାଯାଏ ଯେ ରାଜକୁମାର କଳଙ୍ଗ ଉତ୍ତର ସରକାର ସମେତ ଉପକୂଳ ଓଡିଶାର ବର୍ତ୍ତମାନର ଅଞ୍ଚଳରେ କଳଙ୍ଗ ରାଜ୍ୟ ପ୍ରତିଷ୍ଠା କରିଥିଲେ। ଟୋଲେମି, ପ୍ଲିନ ଦି ଏଲ୍ଡର୍ ଏବଂ କ୍ଲାଉଡିୟସ୍ ଆଲିଆନାସ୍ ମଧ୍ୟ ସେମାନଙ୍କ ଗ୍ରନ୍ଥରେ କଳଙ୍ଗ ବିଷୟରେ ଉଲ୍ଲେଖ କରିଛନ୍ତି । ଭାଷାଭିତ୍ତିକ ଭିତ୍ତିରେ ୧୯୩୬ ମସିହାରେ ଏହାର ରାଜନୈତିକ ପରିଚୟକୁ ଏକ ପୃଥକ ରାଜ୍ୟ ଭାବରେ ଗ୍ରହଣ କରିବାକୁ ଆସିଥିବା ଓଡିଶା ରାଜ୍ୟର ଏକ ସମୃଦ୍ଧ ପରମ୍ପରା ଏବଂ ଇତିହାସ ରହିଛି। ଖ୍ରୀଷ୍ଟପୂର୍ବ ୨୬୧ ରେ ମଗଧ ସାମ୍ରାଜ୍ୟର ରାଜା ଅଶୋକଙ୍କ ରାଜତ୍ୱରୁ ଏହି ଅଞ୍ଚଳ ଅନୁସନ୍ଧାନ କରାଯାଇପାରେ, ଯେତେବେଳେ ଏହା ବିସ୍ତାରିତ ମୌର୍ଯ୍ୟ ଶାସନର ଏକ ଅଂଶ ହୋଇଥିଲା। ଇତିହାସ ସୂଚତ କରେ ଯେ ବର୍ତ୍ତମାନର ଓଡ଼ିଶା ପ୍ରାଚୀନ କଲିଙ୍ଗ ର ଏକ ପ୍ରମୁଖ ଅଂଶ ଥିଲା । ରାଜା ଅଶୋକଙ୍କ ନେତୃତ୍ୱରେ ଏହି ଅଞ୍ଚଳ "କଲିଙ୍ଗ ଯୁଦ୍ଧ" ର ସାକ୍ଷୀ ହୋଇଥିଲା। ଯିଏ ଖ୍ରୀଷ୍ଟପୂର୍ବ ୨୬୦ରେ ଏହି ଅଞ୍ଚଳ ଉପରେ ଆକ୍ରମଣ କରିଥିଲେ ଏବଂ ଜୟ କରିଥିଲେ । ପରେ, ବ୍ରିଟିଶମାନେ ଏହି ଅଞ୍ଚଳର ପ୍ରଶାସନିକ କ୍ଷମତା ଗ୍ରହଣ ନକରିବା ପର୍ଯ୍ୟନ୍ତ ଏବଂ ୧୮୦୩ ମସିହାରେ ଏହାକୁ ଛୋଟ ୟୁନିଟରେ ବିଭକ୍ତ କରିବା ପର୍ଯ୍ୟନ୍ତ ମୋଗଲମାନଙ୍କ ଦ୍ୱାରା ରାଜ୍ୟ ଆକ୍ରମଣ କରାଯାଇଥିଲା ଏବଂ ଅଧିକୃତ ହୋଇଥିଲା। ପଶ୍ଚିମ ଏବଂ ଉତ୍ତର ଜିଲ୍ଲାଗୁଡ଼ିକ ବଙ୍ଗଳାର ଏକ ଅଂଶ ହୋଇଥିବାବେଳେ ଉପକୂଳବର୍ତ୍ତୀ ଅଞ୍ଚଳ ବିହାର ଏବଂ ଓଡିଶାର (ସେତେବେଳେ ଓଡ଼ିଶା ନାମରେ ଜଣାଶୁଣା) ଗଠନ କରିଥିଲା । ଓଡ଼ିଶାର ପୂର୍ବ ରାଜଧାନୀ କଟକ ଥିଲାବେଳେ ବର୍ତ୍ତମାନର ରାଜଧାନୀ ଭୁବନେଶ୍ୱର । ଆଦିବାସୀ ଜନସଂଖ୍ୟା ଦୃଷ୍ଟିରୁ ଓଡିଶା ଦେଶର ତୃତୀୟ ରାଜ୍ୟ ଅଟେ । ବିଭିନ୍ନ ଶାସକ ରାଜ୍ୟକୁ ଶାସନ କରିଥିଲେ । ରାଜ୍ୟର ୩୧ % ରୁ ଅଧିକ ଜଙ୍ଗଲ ଦ୍ୱାରା ଆବଦ୍ଧ । ଓଡିଆ ଭାରତୀୟ ଭାଷା ପରିବାରର ପୂର୍ବ ଗୋଷ୍ଠୀର ଏବଂ ଅର୍ଦ୍ଧ-ମଗଧୀ ପ୍ରାକୃତରୁ ଉତ୍ପନ୍ନ । ଦଶମ ଶତାବ୍ଦୀରେ ଏହା ଏକ ପୃଥକ ଭାଷା ଭାବରେ ଉଦ୍ଭବ ହୋଇଥିବା କୁହାଯାଉଛି । ପରବର୍ତ୍ତୀ ଶତାବ୍ଦୀରେ, ଏହା ମୁଖ୍ୟତଃ ଦ୍ରାବିଡ଼ ଭାଷା, ଆରବୀ, ପାର୍ସୀ ଏବଂ ଇଂରାଜୀ ସହିତ ସଂସ୍ପର୍ଶରେ ଆସିଥିଲା । ଫକୀର ମୋହନ ସେନାପତି ଓଡିଆର ସ୍ୱତନ୍ତ୍ର ପରିଚୟ ପ୍ରତିଷ୍ଠା କରିବାରେ ଏକ ଅଗ୍ରଣୀ ଭୂମିକା ଗ୍ରହଣ କରିଥିଲେ, ଯାହା ମୁଖ୍ୟତଃ ଭାରତୀୟ ରାଜ୍ୟ ଓଡ଼ିଶାରେ କଥିତ ଭାଷା । ଫକୀର ମୋହନ ସେନାପତିଙ୍କୁ ଓଡିଆ ଜାତୀୟତା ଏବଂ ଆଧୁନିକ ଓଡିଆ ସାହିତ୍ୟର ପିତା ଭାବରେ ବିବେଚନା କରାଯାଏ । ଅର୍ଥାତ ଉତ୍କଳ ର ବ୍ୟାସ କବି ହେଉଛନ୍ତି ଫକୀର

ISSN NO.
2582-208X

ମୋହନ । ବର୍ତ୍ତମାନର ଓଡ଼ିଶା ରାଜ୍ୟ ଏହାର ନାମ ଓଡ୍ରା ଜନଜାତିରୁ ଆସିଛି ଯାହା ରାଜ୍ୟର କେନ୍ଦ୍ରୀୟ ଅଞ୍ଚଳରେ ବାସ କରୁଥିଲା। ମୂଳତଃ ଏହି ରାଜ୍ୟକୁ ଓଡ଼ିଶା କୁହାଯାଉଥିଲା, ଯାହା ଆଜି ବିଷୁଭ ମିଳନ ନାମରେ ମଧ ଜଣାଶୁଣା । ଏହି ପୃଥକ ରାଜ୍ୟରେ ମୁଖ୍ୟ ବିପ୍ଳବ ତିନି ଦଶନ୍ଧି ଧରି ଉତ୍କଳ ସମ୍ମିଳନୀ ଗଠନ ଦିନଠାରୁ ଜାରି ରହିଥିଲା ଯାହା ଏକ ଅଲଗା ଓଡ଼ିଶା ପ୍ରଦେଶର ମୂଳଦୁଆ ପକାଇଲା। ଉତ୍କଳ ଗୌରବ ମଧୁସୂଦନ ଦାସ, ଉତ୍କଳ ମଣି ଗୋପାବନ୍ଧୁ ଦାସ, ମହାରାଜା ଶ୍ରୀ ରାମ ଚନ୍ଦ୍ର ଭଞ୍ଜ ଦେଓ, ମହାରାଜା କୃଷ୍ଣ ଚନ୍ଦ୍ର ଗଜପତି, ପଣ୍ଡିତ ନିଲକଣ୍ଠ ଦାସ, ଫକିର ମୋହନ ସେନାପତି, ଦେଓ୍ୱାନ ଅଥର୍ ମହମ୍ମଦ, ଗଙ୍ଗାଧର ମେହେର, ସୟିଦ ମହମ୍ମଦ, ବାସୁଦେବ ସୁଧାଳଦେବ, ରାଧାନାଥ ରେ, ଏ ପି ପାତ୍ର ଏବଂ ଅନେକ ଜନସାଧାରଣଙ୍କ ସହଯୋଗରେ ଏହି ମହତ୍ୱପୂର୍ଣ୍ଣ କାର୍ଯ୍ୟଟି ହୋଇଥିଲା । ନୂତନ ଭାବେ ଗଠିତ ଓଡିଶାରେ କଟକ, ପୁରୀ, ବାଲେଶ୍ବର, ସମ୍ବଲପୁର, କୋରାପୁଟ ଏବଂ ଗଞ୍ଜାମ ନାମକ ୬ଟି ଜିଲ୍ଲା ରହିଥିଲା । ଜନ୍ ଅଷ୍ଟିନ ହବବ୍ୟାକ୍ ଶପଥ ଗ୍ରହଣ କରି ଓଡିଶା ପ୍ରଦେଶର ପ୍ରଥମ ରାଜ୍ୟପାଳ ହୋଇଥିଲେ । ଓଡିଆ ଭାଷାର ପ୍ରଥମ ମହାନ କବି ଥିଲେ ଝଙ୍କଡ଼ ନିବାସୀ ସାରଳା ଦାସ ଯିଏ ଦେବୀ ଦୁର୍ଗାଙ୍କ ପ୍ରଶଂସା କରି ଚଣ୍ଡୀ ପୁରାଣ ଏବଂ ବିଲଙ୍କା ରାମାୟଣ ରଚନା କରିଥିଲେ । ଅର୍ଜୁନ ଦାସଙ୍କ ଦ୍ୱାରା ଲିଖିତ ରାମ-ବିବାହ ହେଉଛି ଓଡିଆ ଭାଷାର ପ୍ରଥମ ଲମ୍ବା କବିତା । ପ୍ରାରମ୍ଭିକ ଅବଧିରୁ ପ୍ରାୟ ୧୭୦୦ ପର୍ଯ୍ୟନ୍ତ ସମୟ ଓଡିଆ ସାହିତ୍ୟରେ ପଞ୍ଚସାଖା ଯୁଗ ଭାବରେ ଜଣାଶୁଣା । ଏହି ଯୁଗ ଶ୍ରୀ ଚୈତନ୍ୟଙ୍କ ବୈଷ୍ଣବ ଧର୍ମର ପ୍ରଚାରରୁ ଆରମ୍ଭ ହୋଇଥିଲା। ବଳରାମ ଦାସ, ଜଗନ୍ନାଥ ଦାସ, ଯଶୋବନ୍ତ ଦାସ, ଅନନ୍ତ ଦାସ ଏବଂ ଅଚ୍ୟୁତାନନ୍ଦ ଦାସ - ଏହି ପାଞ୍ଚଜଣଙ୍କୁ ପଞ୍ଚସାଖା କୁହାଯାଏ। ଏହିମାନେ ଓଡ଼ିଆ ଭାଷା ଦ୍ୱାରା ଓଡ଼ିଆକୁ ଜନମାନସରେ ପହଞ୍ଚାଇବାରେ ଅନେକ ପରିଶ୍ରମ କରିଛନ୍ତି । ଏଥିରୁ ଜଣାପଡେ ଯେ ନୂତନ ଓଡିଶା ଗଠନ ପ୍ରକ୍ରିୟାରେ ଭାଷା ଆନ୍ଦୋଳନ ର ଭୂମିକା ଅତୁଳନୀୟ। ଓଡ଼ିଆ ଭାଷାକୁ ଶାସ୍ତ୍ରୀୟ ମାନ୍ୟତା ମିଳିବା ପରେ ମଧ ଓଡିଆଭାଷା ଆଜି ଅବହେଳିତ । ଏହା କାହିଁକି ? ଆଜିର ଦିନରେ ଏହାର କାରଣ ଉପରେ ବିଚାର ଆବଶ୍ୟକ । ଯେଉଁ ଭାବେ ହିନ୍ଦୀ ଏବଂ ଇଂରାଜୀ ଭାଷା ନିଜର ପ୍ରଭାବ ବିସ୍ତାର କରିବାରେ ସଫଳ ହୋଇପାରିଛି, ସେହି ଭାବେ ଓଡ଼ିଆ ଭାଷା ପଛରେ ରହିଛି । ଓଡ଼ିଆ ଭାଷାକୁ ଶିଖରରେ ପହଞ୍ଚାଇବାକୁ ହେଲେ ମିଳିତ ଭାବେ ଭାଷା କ୍ଷେତ୍ରରେ ହୋଇଥିବା ଆନ୍ଦୋଳନକୁ

ISSN NO.
2582-208X

ପୁନଃ ଜାଗ୍ରତ କରିବାକୁ ହେବ । ଯଦିଓ ଓଡ଼ିଶାର ଅନେକ ଜ୍ଞାନୀ ଗୁଣି ବ୍ୟକ୍ତିତ୍ୱ ଏହି କ୍ଷେତ୍ରରେ କାର୍ଯ୍ୟରତ । କିନ୍ତୁ ତାହା ଯଥେଷ୍ଟ ନୁହେଁ । ଏହି କ୍ଷେତ୍ରରେ ଓଡ଼ିଆ ଭାଷାରେ ଜ୍ଞାନ ବିଜ୍ଞାନର ଚର୍ଚ୍ଚା ଅତ୍ୟନ୍ତ ଆବଶ୍ୟକ । ସାହିତ୍ୟ, ବିଜ୍ଞାନ, ସାମାଜିକ ବିଜ୍ଞାନ, କଳା ଏବଂ ଜୀବନର ସମସ୍ତ ଦିଗକୁ ବ୍ୟାପ୍ତ ହୋଇଥିବା ଜ୍ଞାନକୁ ଓଡ଼ିଆ ଭାଷାରେ ଲେଖି ଲୋକମାନଙ୍କ ପାଖରେ ପହଞ୍ଚାଇବାକୁ ହେବ । ଏହି କ୍ଷେତ୍ରରେ ଦୁଇଟି ଓଡ଼ିଆ ମାସିକ ଇ-ପତ୍ରିକା ଆହ୍ୱାନ ଏବଂ ବେଦାନ୍ତୀ ସ୍ୱାଗତଯୋଗ୍ୟ କାର୍ଯ୍ୟ କରୁଛନ୍ତି । ଏହି ପତ୍ରିକା ମାଧ୍ୟମରେ ଓଡ଼ିଶାର ଅନେକ ଲୋକ ଓଡ଼ିଆ ରେ ଲେଖିବା ପାଇଁ ଆଗ୍ରହୀ ହେଉଛନ୍ତି । ବାସ୍ତବରେ ଐତିହାସିକ ଭାବେ ଓଡ଼ିଶାର ଯେଉଁ ନମସ୍ୟ ମନୀଷୀ ମାନେ ଓଡ଼ିଆ ଭାଷାକୁ ନେଇ ଯେଉଁ ସଂଘର୍ଷ କରି ନୂତନ ଓଡିଶା ତିଆରି କରିବାରେ ମହତ୍ୱପୂର୍ଣ୍ଣ ଭୂମିକାରେ ଅବତୀର୍ଣ୍ଣ ହୋଇଥିଲେ, ସେମାନଙ୍କ ପରେ ଆମେ ସେହି ସଂଘର୍ଷକୁ ଛାଡି ଦେଲୁ । ଏହାହିଁ ହେଉଛି କାରଣ ଅନ୍ୟ ଭାଷା ଗୁଡିକ ନିଜର ପ୍ରଭାବ ବିସ୍ତାର କରିବାରେ ସଫଳ ହୋଇପାରିଲେ ଏବଂ ସେହି ଭାଷା ଗୁଡିକୁ ଆମେ ଓଡ଼ିଆ ଭାଷା ସହିତ ମିଶାଇ କହିବାକୁ ଲାଗିଲୁ । ଆଜିର ଏହି ଐତିହାସିକ ଦିନରେ ଓଡ଼ିଆ ଭାଷାକୁ ଏକ ସମୃଦ୍ଧ ଭାଷା ଭାବେ ଗଢି ତୋଳିବା ପାଇଁ ଆମ ସମସ୍ତଙ୍କୁ ଶପଥ ନେବା ଉଚିତ, କାରଣ ଏକ ସମୃଦ୍ଧ ଭାଷା ଏକ ସମୃଦ୍ଧ ରାଜ୍ୟର ପରିଚୟ ।

ଆବାହକ
ଓଡ଼ିଆ ଭାଷା ସୁରକ୍ଷା ଅଭିଯାନ, ସୁଜନପୁର, ଯାଜପୁର
୯୩୪୮୭୬୮୮୧୨

ISSN NO.
2582-208X

# ଅବୁଝା ଏ ମନ



ଅଳକା ରାୟ

କିପରି ବୁଝିବ ଅବୁଝା ଏ ମନ
ପାରୁନି ତୁମକୁ ତ ଭୁଲି
ମୂହୁର୍ତ୍ତର ସେଇ ଆବେଗଭରା
ଚାହାଣିରେ ସଜାଇଦେଲ
କାଳ କାଳ କୁ ବିରହିଣି ।

ପାଷାଣ ଦେହରେ ପ୍ରାଣ ଭରିଦେଇ
ସାଜିଲ ଅଅାବାସ୍ୟା ଜହ୍ନ
ଅପେକ୍ଷାରେ ତୁମ ଲୁହଧାର ଢାଳି
ଖୋଜୁଛି ପୂନେଇ ଜହ୍ନ ।

ଦୁଃଖର ଚାଦର ନିଜେ ଓଢିଛି
ଦେଇ ରାଜସ୍ୱ ପ୍ରେମର
ଅବୁଝା ମନ ଖୋଜୁଛି ଖାଲି
ଟିକେ ସାନିଧ୍ୟ ପାଇଁ ।

ISSN NO.
2582-208X

ତୁମେ ଚାଲିଗଲ ଶ୍ରାବଣ ଶେଷରେ
ଦାରୁଣ ବିରହ ଦେଇ
ଶରତ ମଳୟେ ଛୁଆଁ ରେ ତୁମର
ସାନିଧ୍ୟ କୁ ଅନୁଭବିଲି ।

ମଳୟ ପରଶେ ପୁଲକିତ ମନ
ପ୍ରୀତି ର ପରଶ ପାଇ
ତୁମ ଚାହାଣି ର ସ୍ୱର୍ଷ ରେ ଘାଇଲା
ହେଲି ମୁଁ କାଳ କାଳ ପାଇଁ ।

ନୟାପଲ୍ଲୀ ଭୁବନେଶ୍ୱର
୭୯୭୮୩୩୨୦୬୧

ISSN NO.
2582-208X

# ବଂଚିବାର ବ୍ୟାକରଣ



କୁଞ୍ଜବିହାରୀ ରାଉତ

ଜୀବନ କେବେ ବି ସମତଳ ରାସ୍ତା ନୁହେଁ କି
ଗୋଲାପର ଶଯ୍ୟା
ଜୀବନକୁ ଜିଇଁବାକୁ ହେଲେ,
ଓଗାଳିବ ବାଧାବିଘ୍ନର ବାଘ
ରାତିରେ ଫୁଟିଥିବା ଫୁଲ ଜାଣିନଥାଏ
ରାତି ପାହିଲେ ସେ ମନ୍ଦିରକୁ ଯିବ ନା ମଶାଣିକୁ ଯିବ
ତଥାପି ସେ ସୁଗନ୍ଧ ବାଣ୍ଟି ଚାଲିଥାଏ, ଏ ସମାଜରେ
ଏ ସଂସାରରେ ସବୁ ମଣିଷ ମରନ୍ତି
ମାତ୍ର ସବୁ ମଣିଷ ବଂଚିବା ଜାଣନ୍ତି ନାହିଁ
ଜୀବନ ଜିଇବା ବଡକଥା ନୁହେଁ
ଠିକଣା ଢଙ୍ଗରେ ଜିଇଁବା ବଡକଥା
ଗଣିତ କେବେ ଶିଖାଇନି ଜୀବନେ ସୁଖ
ଯୋଗ କିପରି କରିବାକୁ ହୁଏ
ଦୁଃଖ କିପରି ବିୟୋଗ କରାଯାଏ
ତେବେ ଶିଖାଇଛି,
ପ୍ରତ୍ୟେକ ସମସ୍ୟାର ସମାଧାନ ଅଛି
ଜୀବନ ଅଛି ମାନେ ସମସ୍ୟା ଅଛି
ସମସ୍ୟା ଅଛି ମାନେ ସମାଧାନ ଅଛି .....

ISSN NO.
2582-208X

ସାହିତ୍ୟ କହିଛି,
ଜୀବନ ତୁମକୁ କାନ୍ଦିବା ପାଇଁ ଶହେ କାରଣ ଦେଖାଇବ
ତୁମେ ତାକୁ ହସିବା ପାଇଁ
ଶହେ ଏକ କାରଣ ଦେଖାଇ ପାରିଲେ
ତୁମେ ଜିତିଯିବା।
ପରାଜୟ ପାଇଁ ନୁହେଁ ଜନ୍ମ ମଣିଷର
ତେବେ ବଂଧୁ, ଆସ ଜୀବନ ସଂଗୀତ ଗାଇବା
ନହୋଇ ଅଧିର
ସତରେ ଦୁର୍ମୂଲ୍ୟ ଏ ମାନବ ଜୀବନ
ଏହାହିଁ ହେଉଛି ବଂଚିବାର ବ୍ୟାକରଣ .....

ପ୍ଲଟ ନଂ: ୧୪୮/୫, ହମିରପୁର, ରାଉରକେଲା:୩
ମୋ :୯୦୯୦୦୯୦୨୨୫

ISSN NO.
2582-208X

# ଲୁହ



ନରେନ୍ଦ୍ର ପ୍ରସାଦ ବେହେରା

ଲୁହରେ ଲେଖିଛି ପ୍ରଥମ କବିତା
କରିବନି ମୋତେ ପର
ଏଜୀବନେ କେହି ନାହାନ୍ତି ନିଜର
ତୁମେ ଅଟ ମୋ ଠାକୁର ।୧।
ଆହେ ଦୟାମୟ ଜଗତ ଠାକୁର
ସବୁରି ମୂଳରେ ତୁମେ
ନକରିଲେ ଦୟା ହେବି ସର୍ବନାଶ
ବଞ୍ଚି ପାରିବିନି ଧାମେ ।୨।
ଆଖି ଲୁହ ମୋର ଆଖିରେ ମରୁଛି
ରଖିବାକୁ ନାହିଁ ଜାଗା
କେବେ ତୁ ବୁଝିବୁ ମୋ ଲୁହର କଥା
କହ ଆରେ ତୁହି ଜଗା ।୩।
ଆଶା କରିଥିଲି ପୋଛିଦେବ ବୋଲି
ଆଖିରୁ ନିଶୃତ ଲୁହ
ଆଉ କାହା ପାଖେ କରିବି ଗୁହାରୀ
ଭାବିଚିନ୍ତି ଥରେ କୁହ ।୪।

ISSN NO.
2582-208X

ଆଖି ମୋର ଆଜି ବୁଜିତ ଯାଉଛି
ଲୁହର ପସରା ନେଇ
ଶୂନ୍ୟ ହାତେ ମୁହିଁ ବାଟ ଚାଲୁଅଛି
ତୁମରି ଆଶ୍ରିତ ହୋଇ ।୫।
କେତେ ଭଲପାଏ ତୋତେରେ କାଳିଆ
ଜାଣିତୁ ପାରିବୁ ନାହିଁ
ପେଟ ମୋର ପୁରି ଯାଏରେ କାଳିଆ
ତୋର ଶ୍ରୀ ମୁଖକୁ ଚାହିଁ ।୬।
ଆଜି କାହିଁ ମୋର ଆଖିରେ ଭରିଲୁ
ମାୟା ମୋହ ଲୁହ ତୁହି
ଜନମ ଆଗରୁ କାହିଁ ନ କହିଲୁ
ପାରିବୁନି ବୋଲି ସହି ।୭।
ଦିନେ ନ ଦେଖିଲେ ନୟନ ତୋହର
ମନ ହୁଏ ଛନ ଛନ
କେମିତି ସହୁଛୁ ଦେଖି ମୋ ଲୁହକୁ
କହରେ ଚକା ନୟନ ।୮।
ଭଲ ପାଇବାର ମାନେ କ'ଣ ଏହି
ଆଖିରେ ଲୁହ ଭରିବା
ଅଗତିର ନାଥ ଜଗନ୍ନାଥ ନାମ
କାହିଁକି ମୁଖେ ଧରିବା ।୯।
ତଥାପି କାହିଁକି ପାଉଛି ଯନ୍ତ୍ରଣା
କହିଦିଅ ମନ ଖୋଲି
ନକହିଲେ ଖୋଲି ବଢ଼ିଯିବ କୋହ
ପାରିବିନି ସବୁ ଭୁଲି ।୧୦।

ଆଳଦା, ଖଇରା, ବାଲେଶ୍ୱର

ISSN NO.
2582-208X

# ଅପେକ୍ଷା



ଡକ୍ଟର ମନୋରଞ୍ଜନ ବିଷୋୟୀ

ତୁମକୁ ଅପେକ୍ଷା କରି
ଜହ୍ନ ସହ ଭେଟ ହୁଏ ଅକସ୍ମାତ ।
ତୁମକୁ ଅପେକ୍ଷା କରି
ମୃତ୍ୟୁ ସହ ହୁଏ ମୁଲାକାତ୍ ।
ତୁମକୁ ଅପେକ୍ଷା କରି ଦିନ ଯାଏ
ଚହ୍ନ ଖୋଜି ଖୋଜି
ନୟାନ୍ତ ହୁଏ ତମାମ ଜୀବନ ।
ତୁମେ ତଥାପି ଆସିବ ଆସିବ କହି
ମୋ ଭିତରେ ସଞ୍ଚରୁଥାଅ ବାରମ୍ବାର ।
ତା' ଭିତରେ ଅନେକ ଭଙ୍ଗା ଗଢ଼ାର
କାହାଣୀ ଖୋଜୁଥାଏ
ଆତତାୟୀର ଆତଙ୍କ
ମୁକ୍ତ ଅର୍ଥନୀତିର ଶ୍ଳୋକ
ଧର୍ଷିତାର ଅଶ୍ଳୀଳ ବୟାନ
ପୁଣି ଶିଶୁ ବିକ୍ରର ଛବି ଭିତରେ
ମୁଁ ତଥାପି ଥାଏ ଅପେକ୍ଷାମାଣ ।

ସ୍ନାତକୋତ୍ତର ଓଡ଼ିଆ ବିଭାଗ,
ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ଭଞ୍ଜବିହାର/ମୋ:୮୮୯୫୧୪୧୭୨୨

ISSN NO.
2582-208X

# ନାଟ୍ୟକାର ନୀଳାଦ୍ରିଭୂଷଣ ହରିଚନ୍ଦନଙ୍କ ନାଟକରେ ସମସ୍ୟା

ଡ଼. ନୀଳମାଧବ ଛନ୍ଦ

ଯେକୌଣସି ସାହିତ୍ୟିକ ସାହିତ୍ୟ ସାଧନା କରିବା ପୂର୍ବରୁ ସାମାଜିକ ସଚେତନତା ଅବଲମ୍ବନ କରିଥାଏ। ସାହିତ୍ୟ ମାଧ୍ୟମରେ ଅନେକ କଥା କୁହାଯାଇଥାଏ। ତେଣୁ କୌଣସି ସାହିତ୍ୟ ସ୍ରଷ୍ଟାର ସୃଷ୍ଟିକୁ ଆଲୋଚନା କରିବାକୁ ହେଲେ ସେହି ସମୟର ସାମାଜିକ, ରାଜନୈତିକ, ଧାର୍ମୀକ, ସାଂସ୍କୃତିକ, ଶୈକ୍ଷିକ ବିଭିନ୍ନ ଚିନ୍ତାଚେତନାକୁ ଦୃଷ୍ଟିଦେବାକୁ ହୋଇଥାଏ। ନାଟ୍ୟ ସାହିତ୍ୟର ଆଲୋଚନା ପରିପ୍ରେକ୍ଷୀରେ ଦେଖାଦିଏ ନାଟ୍ୟକାର ତାର ନାଟକରେ କଳ୍ପିତ କାହାଣୀରେ ସମସାମୟିକ ଯୁଗରୁଚିକୁ ହିଁ ନାଟକମାନଙ୍କରେ ପ୍ରତିଫଳିତ କରିଥାଏ। ଜୀବନର କିଛି ଅଭିଜ୍ଞତା ପରିବେଶ ଉପରେ ଘଟିଯାଇଥିବା ଘଟିଚାଲିଥିବା ଘଟଣା ସମୁହ ଯାହା ସେ ଜାଣିଥିବ ସେ ସବୁକୁ ନେଇ ତାର ସୃଷ୍ଟିକୁ ସମୃଦ୍ଧ କରିବ ଏହା ସ୍ୱୀକାର କରିବାକୁ ହେବ। ନିଜ ଚତୁଃପାର୍ଶ୍ୱରେ ବିଭିନ୍ନ ଉପଲବ୍ଧିହିଁ ତାର ଲେଖନୀରେ ରୂପରେଖ ପ୍ରଦାନ କରିଥାଏ। ତତ୍ ସହିତ ସ୍ୱୀୟ ପରିବେଶ ସହ ବ୍ୟକ୍ତିମାନସକୁ ଯଥାର୍ଥ ରୂପ ପ୍ରଦାନ କରିଥାଏ।

ଅସ୍ପୃଶ୍ୟତା, ବାଲ୍ୟବିବାହ, ନିରକ୍ଷରତା ଭଳି କୁସଂସ୍କାରକୁ ସମାଜରୁ ମୂଳୋତ୍ପାଟନ କରିବା ଥିଲା ସେମାନଙ୍କର ମୂଳ ଉଦ୍ଦେଶ୍ୟ। କୁସଂସ୍କାର ମୁକ୍ତ, ଶ୍ରେଣୀମୁକ୍ତ, ଉନ୍ନତ ଓ ଆଦର୍ଶ ସମାଜ ଗଠନ ପାଇଁ ଆଗ୍ରହି ଥିଲେ। କ୍ରମେ ପାଶ୍ଚାତ୍ୟ ସଂସ୍କୃତି ସହିତ ଭାରତୀୟ ସମାଜର ସଂପର୍କ ସ୍ଥାପିତ ହେବା ଦ୍ୱାରା ଭାରତୀୟ ପ୍ରାଚୀନ ନୈତିକ ବିଚାରଧାରା ପରିବର୍ତ୍ତିତ ହେବାକୁ ଲାଗିଲା ଖାଦ୍ୟପେୟ, ବେଶଭୂଷା, ଚାଲିଚଳନ, ସ୍ୱାସ୍ଥ୍ୟ, ଆଚାର, ଶିଷ୍ଟାଚର, ଆଦିରେ ପାଶ୍ଚାତ୍ୟ ପ୍ରଭାବର ପ୍ରତିଫଳନ ଦୃଷ୍ଟିଗୋଚର ହେଲା । ଏହି ପାଶ୍ଚାତ୍ୟ ସଭ୍ୟତା ଓ ସଂସ୍କୃତି ଭାରତୀୟ ସାମାଜିକ ଜୀବନ ଓ ଚିତ୍ରକୁ ଏକ ନୂତନ ଦୃଷ୍ଟିକୋଣ ପ୍ରଦାନ କଲା। ବ୍ୟକ୍ତିବାଦର ପ୍ରସାର ଫଳରେ ସାମାଜିକ ବନ୍ଧନ ଶିଥିଳ ହୋଇଗଲା ଫଳସ୍ୱରୂପ ଜାତି ପ୍ରଥା

ISSN NO.
2582-208X

ଓ ସଂପୃକ୍ତ ପରିବାର ପ୍ରଥା ଚାରିଆଡ଼େ ବିକ୍ଷିପ୍ତ ହେବାରେ ଲାଗିଲା। ପ୍ରଥମତଃ ଓଡ଼ିଶାରେ ସାମାଜିକ ଜୀବନରେ ମାନବିକ ବିଚାରଧାରା, ହେତୁବଦୀ ମନୋବୃତ୍ତି ଓ ବୈଜ୍ଞାନିକ ଦୃଷ୍ଟିକୋଣରେ ଏହାର ପ୍ରଭାବ ଦୃଷ୍ଟିଗୋଚର ହେବାକୁ ଲାଗିଲା।

ନିଜର ସିମାବଦ୍ଧତା ଭିତରେ ମଣିଷ ଓ ସମାଜର ବିସ୍ତୃତ ଜିବନବୋଧକୁ ସମ୍ପୂର୍ଣ୍ଣ ଭାବରେ ରୂପାୟିତ କରିବା ସମ୍ଭବପର ନ ହେବାରୁ ନୀଳାଦ୍ରି ଭୂଷଣ ହରିଚନ୍ଦନ ଏକ ବିସ୍ତୃତ ପଟ୍ଟଭୂମିର ଆବଶ୍ୟକତାକୁ ଅନୁଭବ କଲେ। ମନ ଭିତରେ ନାଟକରେ ସେହି ସୁପ୍ତ ଅଭିଳାଷାକୁ ଚିରତାର୍ଥ କରିବା ପାଇଁ ୧୨୫୦ ମସିହା ବେଳକୁ ନାଟ୍ୟସାହିତ୍ୟରେ ଯୋଗ ଦେଲେ। ତା ପୂର୍ବରୁ ନାଟ୍ୟସାହିତ୍ୟକୁ ଭଲ ଭାବରେ ଯଥାସମ୍ଭବ ଜାଣିଛନ୍ତି ଯେହେତୁ ପିତା ପର୍ଶୁରାମ ହରିଚନ୍ଦନ ମଧ୍ୟ ନାଟକ ଲେଖାଲେଖି କରୁଥିଲେ। ନାଟ୍ୟକାର କୁହନ୍ତି ନାଟ୍ୟଭାବର ପୁନରାବୃତ୍ତିରେ ସେ ବିଶ୍ୱାସ ରଖନ୍ତି ନାହିଁ। କିଛି ନୂଆ କରି ଦେଖାଇବା ପାଇଁ ବିବିଧ ସମସ୍ୟା ରହିଛି ସମାଜରେ ତାକୁ ନେଇ ନାଟକ ପରିକଳ୍ପନା କରିବାରେ ସେ ବ୍ୟଗ୍ର। ସର୍ବଦା ତାଙ୍କ ନାଟକାଦିରେ ସମକାଳୀନ ବିଭିନ୍ନ ସମସ୍ୟା ସବୁକୁ ଆମେ ଦେଖିପାରିବା ତାହା ହୋଇପାରେ ପୁରଣ ଭିତ୍ତିକ, ଇତିହାସ ଭିତ୍ତିକ, ସାମାଜିକ ତାଙ୍କ ନାଟକର ଚରିତ୍ର, ସଂଳାପ ସବୁ ଦର୍ଶକ, ପାଠକମାନଙ୍କୁ ବେଶି ପରିମାଣରେ ଆକୃଷ୍ଟ କରିଥାଏ। ଇତିହାସର ମିଥ ଏବଂ ଐତିହାସିକବାଦ, ଜୀବନମୂଳକ, ନରୀବାଦ, ଦଳିତ ବିମର୍ଶ, ପିଢ଼ିଗତ ବ୍ୟବଧାନ, ଜନ୍ମମାଟି ପ୍ରତି ମୋହ, ବିସ୍ଥାପିତ ସମସ୍ୟା ପରି ସମକାଳୀନ ସମସ୍ୟାଗୁଡ଼ିକ ନାଟକ ମାଧ୍ୟମରେ ଅନୁଶୀଳନକରି ସଚେତନତାର ବାର୍ତ୍ତା ପ୍ରଦାନ ତାଙ୍କ ଉଦ୍ଦେଶ୍ୟ।

ନାଟ୍ୟ ସାହିତ୍ୟକୁ ପ୍ରବେଶ କରିବା ପୂର୍ବରୁ ଏହାରି ଉପରେ ଗବେଷଣା କରି ଡିଗ୍ରୀ ପାଇଲା ପରେ ନାଟ୍ୟତତ୍ତ୍ୱକୁ ଭଲ ଭାବରେ ପଢ଼ିଲାପରେ ହିଁ ଏ ବିଭାଗକୁ ନେଇ ତାଙ୍କ ପରୀକ୍ଷା ନିରୀକ୍ଷା ଆରମ୍ଭ କଲେ। ତେଣୁ ପ୍ରଫେସର ବୈଷ୍ଣବ ଚରଣ ସାମଲଙ୍କ ମତରେ -"ବିଶେତଃ ଇଂରାଜୀ, ଜର୍ମାନି, ମାର୍କିନ ଆଦି ସାହିତ୍ୟରେ ରଚିତ ନୂତନ ନାଟକଗୁଡ଼ିକ ପଢ଼ିଲେ ଓ ଅନୁଧ୍ୟାନ କଲେ। ଚିନ୍ତା କଲେ କାହାରି ଦ୍ୱାରା ପ୍ରଭାବିତ ନହୋଇ ମୌଳିକ ଦୃଷ୍ଟିକୋଣ ନେଇ ନାଟକ ରଚନା କରିବେ। ଆଧୁନିକ ମଣିଷର ଅନ୍ତର୍ନିହିତ ବ୍ୟକ୍ତିସତ୍ତାର ସଂଘର୍ଷକୁ ଆବିଷ୍କାର କରି ତାହାକୁ ନାଟ୍ୟରୂପ ଦେବାକୁ ସେ ଶ୍ରେୟ ମନେ କଲେ ।" ସେଥିପାଇଁ ଯାହା ସର୍ବସମ୍ମୁଖକୁ ପରିଦୃଶ୍ୟ ହୁଏ ମଣିଷ ବା ସେ ବାସ କରୁଥିବା ପରିବେଶରେ ଯାହା ଲୋକଲୋଚନକୁ ନ ଆସିପାରୁଛି ସେସବୁ ଘଟାନପ୍ରଭବକୁ ତାଙ୍କ ନାଟକ

ISSN NO.
2582-208X

ମାନଙ୍କରେ ସାମିଲ କରି ତାରି ଉହାଡରେ ରହିଯାଉଥିବା ଘଟଣାକୁ ପ୍ରାଧାନ୍ୟ ଦେଇଛନ୍ତି ଯାହାକି ଅତ୍ୟନ୍ତ ଶକ୍ତିଶାଳୀ ଭାବରେ ନାଟକକୁ ପ୍ରଣବନ୍ତ କରୁଛି । ସେଥିପାଇଁ ତାଙ୍କ ନଟ୍ୟଧାରାଟି ଗତାନୁଗତିକ ନହୋଇ ପୁରାପୁରି ଭାବରେ ଏକ ନୂତନ ରୂପରେଖ ପ୍ରଦାନ କରିବାରେ ସଫଳ ହୋଇପାରୁଛି ଜନମାନସରେ । ତାଙ୍କ ଏ ସୃଷ୍ଟିର ସଂରଚନା ମଧ୍ୟରେ ଇତିହାସ, କିମ୍ବଦନ୍ତୀ, ଲୋକକାହାଣୀ , ଲୋକତତ୍ତ୍ୱ, ପୌରାଣିକ ଆଖ୍ୟାନ, ମିଥ୍, ସମାଜ ସଂସ୍କୃତି ସବୁକିଛି ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଗ୍ରହଣ କରେ। ଏ ସମସ୍ତ ଶୈଳୀକୁ ଆପଣେଇ ନାଟ୍ୟସମ୍ଭାରକୁ ବଳିଷ୍ଠ କରିଛନ୍ତି ଏବଂ ଏହାରି ମାଧ୍ୟମରେ ନିଜର ମୌଳିକ ଚିନ୍ତାଧାରାକୁ ହିଁ ପ୍ରକଟ କରିଛନ୍ତି ଯାହା ସମାଜର ପ୍ରତିଟି ସ୍ତରରେ ରହିଥିବା ବିଧିବ୍ୟବସ୍ଥାକୁ ପ୍ରକଟିତ କରିଛି। ଜଣେ ନାଟ୍ୟକାର ଭାବରେ ଯୁଗୋପଯୋଗୀ ବାତାବରଣ, ସ୍ଥାନ, କାଳ, ପାତ୍ରକୁ ଦେଖି ଲେଖିନାହାନ୍ତି ନିଜର ବିବେକ ସମ୍ମତ ଚିରନ୍ତନ ସତ୍ୟକୁ ଆଖିଆଗରେ ରଖି ଲେଖିଛନ୍ତି ତେଣୁ ନାଟକର ବାର୍ତ୍ତା ଯେ ସୁସ୍ଥ ବାତାବରଣକୁ ଅନ୍ୱେଷଣ କରେ ତାହା ପ୍ରମାଣିତ ହୋଇଯାଏ।

ନୀଳାଦ୍ରି ଭୂଷଣ ହରିଚନ୍ଦନଙ୍କ ସାହିତ୍ୟ ଯାତ୍ରା କବିତାରୁ ଆରମ୍ଭ ହୋଇଥିଲେ ମଧ୍ୟ ପୂର୍ଣ୍ଣତା ଲାଭ କରିଛି ନାଟକରେ । ସର୍ବଦା ସେ ନାଟକ ଲେଖନ୍ତି ସମକାଳୀନ ସମାଜକୁ ନେଇ ଦିଶାହୀନ ହୋଇପଡୁଥିବା ମଣିଷମାନଙ୍କୁ ନେଇ । ସେ ଅନୁଭବ କରିଛନ୍ତି ଯେଉଁମାନେ ରାଜନୀତି କରୁଛନ୍ତି, ବିଭିନ୍ନ ପଦବୀରେ ଅଧିଷ୍ଠ ରହିଛନ୍ତି କିମ୍ବା ବାଣିଜ୍ୟ ବ୍ୟବସାୟରେ ନିଜକୁ ପ୍ରତିଷ୍ଠିତ କରିପାରିଛନ୍ତି ସେମାନେ ସାଧାରଣ ଜନତାଙ୍କ ନାରେ ବିଭିନ୍ନ ଯୋଜନା ସବୁର ଫାଇଦା ନେଇ ଚାଲୁଛନ୍ତି ନିଜର ସ୍ୱାର୍ଥ ତ ସାଧନ ହୋଇଯାଉଛି ହେଲେ ସେହି ନିରୀହ ଜନସାଧରଣ ସେହି ଅଜ୍ଞାନ ଅନ୍ଧକାର ଯୋଗୁଁ ଯେଉଁଠିକି ସେଇଠି ପଡ଼ିରହିଛନ୍ତି । ତେଣୁ ସେସବୁ ପ୍ରତିହତ କରିବାପାଇଁ ଅନ୍ୟାୟ ଅତ୍ୟାଚାରକୁ ପ୍ରତିରୋଧ କରିବା ପାଇଁ ମନ ଭିତରେ ଥିବା ଇଚ୍ଛାକୁ ନାଟ୍ୟରୂପ ପ୍ରଦାନ କରି ସମାଜର ବିଶ୍ୱସ୍ଥ ବ୍ୟକ୍ତିତ୍ୱରେ ନିଜକୁ ପରିଣତ କରିପାରିଛନ୍ତି । ଆଜି ପର୍ଯ୍ୟନ୍ତ ପ୍ରାୟ ପଚାଶ ଗୋଟି ନାଟକରୁ ଅଧିକ ଲେଖି ନାଟ୍ୟକାର ଓଡ଼ିଆ ନାଟ୍ୟସାହିତ୍ୟର ବଣୀଭଣ୍ଡାରକୁ ପୂର୍ଣ୍ଣ କରିଛନ୍ତି। ତାଙ୍କ ନାଟକଗୁଡ଼ିକରେ ନିର୍ଦ୍ଦିଷ୍ଟ ସ୍ଥାନ ଦାବିକରେ ଯଥା:- ପୁରଣ ଭିତ୍ତିକ, ଇତିହାସ ଭିତ୍ତିକ, କିମ୍ବଦନ୍ତୀମୂଳକ, ସାମାଜିକ, ମିଥଧର୍ମୀ, ନରୀବାଦ୍, ବାସ୍ତବ ବାଦ୍, ପ୍ରତୀକ ଓ ଲୋକକଥା ମୂଳକ କଥାବସ୍ତୁକୁ ନେଇଁ ନାଟକ ରଚନାର ପରମ୍ପରା ବହୁ

ISSN NO.
2582-208X

ପୁରାତନ କିନ୍ତୁ ଏସବୁକୁ ନେଇ ଆଧୁନିକିକରଣ କରିବା ଆଧୁନିକ ପରିବେଶରେ ଏପରି ଚରିତ୍ରମାନଙ୍କୁ ଖୋଜି ବହାରକରିବାରେ ସେ ଅନନ୍ୟ। ସମାଜର ଯେଉଁ ବିବିଧ ସମସ୍ୟା ତାହାକୁ ତାଙ୍କ ନାଟକରେ ସନ୍ନିବିଷ୍ଟକରି ଲେଖୁଛନ୍ତି ତତସହିତ ଆଉ କେତେକ ନାଟକରେ କିମ୍ବଦନ୍ତୀ ମିଥକୁ ଭିତ୍ତିକରି ସମାଜର ସମସ୍ୟାକୁ ପ୍ରଦାନ କରିଛନ୍ତି । ନାଟକ ରଚନାର ପ୍ରଥମ ସ୍ୱାକ୍ଷର ହେଉଛି "ସତ୍ୟ ସଂଶୟ ସାଲବେଗ" ଯାହା 1981 ମସିହାରେ ପ୍ରକାଶିତ ହୋଇଛି। ଏହାପରେ ନାଟ୍ୟକାର ଆଉ ପଛକୁ ଫେରିନାହାନ୍ତି। ଗୋଟିଏ ପରେ ଗୋଟିଏ ନାଟକ ଲେଖି ନାଟ୍ୟ ସାହିତ୍ୟର ବଳିଷ୍ଠ ଭିତ୍ତିଭୂମିକୁ ସୁଦୃଢ କରିଛନ୍ତି।

1- ପୁରଣ ଭିତ୍ତିକ ନାଟକ:

"ନିରାପଦ ଭବିଷ୍ୟତ(ଏପିକ)", "ସ୍ୱର୍ଗାରୋହଣ(ମିଥ)", "ମଧ୍ୟାପତ୍ର", "ଅନୁଶାସନ", "ନିରୁତ୍ତାପ ବିଷ୍ଣୁକଳା" (ମିଥ ଆଶ୍ରୀତ ସାମାଜିକ ନାଟକ), "ସ୍ୱର୍ଗାଲୋକେ ଯୁଧିଷ୍ଠିର" (ମିଥ୍), "ସକଳ ତୀର୍ଥ ତୋ ଚରଣେ" (ମିଥ୍), "ଚନ୍ଦ୍ରଲୋକେ ଭୀମସେନ", "ପୂଣ୍ୟଭୂମି ଭାରତ"।

2- ଇତିହାସ ଭିତ୍ତିକ ନାଟକ:

"ବତାସ ନିସ୍ତବ୍ଧ ଆଜି", "କଲମ୍ବସ", "ସତ୍ୟ ସଂଶୟ ସାଲବେଗ", "ଭୀମଭୋଇଙ୍କ ସନ୍ଧାନରେ", (ସାମାଜିକ ମିଥ୍ ପ୍ରତୀକ) ।

3- ସାମାଜିକ ନାଟକ:

"ରତ୍ନାକରର ରାସ୍ତା", "ରାଜପଥ ଗ୍ରାମପଥ", "ଆଶ୍ଚର୍ଯ୍ୟ ମଣିଷ", "ମୁଣ୍ଡ ଉପରେ ଛାତ", "ସନ୍ଧ୍ୟାର ଆଲୁଅ", "ଦିନ ଦିନ ଶେଷ ଦିନ", "ଶୁନ୍ୟଘର", "କଲୁରିବେଣ୍ଟ" (ଲୋକ ମିଥ୍), "ରାସ୍ତା ନାହିଁ", "ମୁକମୌନାକ", "ଜନ୍ମଭୂମି", "ପଥ ବହୁଦୂର" (ନରୀବାଦ), "ଜଳ ଯେସନ ଚନ୍ଦ୍ର ଛାଇ", "ଭାରତୀ କୁନ୍ତଳା", "ସରସ୍ୱତୀ ନଗେନ୍ଦ୍ରବାଳା", "ବାନ୍ଦୀଶାଳାରେ ବିଶ୍ୱପତି" (ବାସ୍ତବବାଦୀ), "ଅର୍ଦ୍ଧେକ ପୃଥିବୀ", "ଜଣେ ବିଚାରଧୀନ ବନ୍ଦୀର ଆତ୍ମକଥା", "ଅରଣ୍ୟର ଅଶ୍ରୁ", "ଅବ୍ୟକ୍ତ ଅନେକ", "ଅଶ୍ୱିନୀ କୁମାରଙ୍କ ଶେଷଦିନ", "ଯେ ଫୁଲ କୀଟ ଦ୍ରଷ୍ଟ", "ଦେବୀ ପୀଠ", "ଛାୟାଚନ୍ଦ୍ରିକାଙ୍କ ପ୍ରତିମୂର୍ତ୍ତି", "ମୃତ୍ୟୁମୁଖୀ ଶୋଭା ଯାତ୍ରାରୁ", "ଏ ମାଟିର ଅମୃତଧାରା", "ଅପସୃତ ଅନ୍ଧକାର", "ପୂଣ୍ୟଭୂମିର ଧୂଳି", "ଭିଟାମାଟି", "ଯେ ଆକାଶେ ପକ୍ଷୀ ଉଡେ ନାହିଁ", "ଶେଷ ଦୃଶ୍ୟ ପରେ", "ରାଜଧାନୀରେ ମହିଳା ସମାବେଶ", "ଅଚିହ୍ନା ରାଜ୍ୟରେ ଅବାକ୍ ରାଜପୁତ୍ର" ।

ISSN NO.
2582-208X

ତାଙ୍କ ନାଟକ ସମଗ୍ରରେ ଦେଖାଦେଉଥିବା ସମସ୍ୟାକୁ ଆଲୋଚନାର ସୁଗମତ ପାଇଁ ଅତି ସାଧାରଣ ଭାବରେ ତିନୋଟି ପର୍ଯ୍ୟାୟରେ ଭାଗ କରାଯାଇପାରେ ଯଦିଓ ଅନେକ ପ୍ରକାର ଶୈଳୀକୁ ଆଧାରକରି ସମକାଳୀନ ସମାଜକୁ ଦେଖାଇଛନ୍ତି ତଥାପି ପୁରାଣଭିତ୍ତିକ, ଇତିହସଭିତ୍ତିକ ଓ ସାମାଜିକ ଭାବରେ ଆଲୋଚନା କରାଯାଇପରେ।

ସହାୟକ ଗ୍ରନ୍ଥସୂଚୀ :

1- ମୁଦାଲି, ପ୍ରଫେସର ସମର
ଦାସ, ମାନସ କୁମାର : "ଅନ୍ତରଙ୍ଗ ଆଳାପ", ମଧୁମିତା ମହାପାତ୍ର, 59 ଶୈଳ ନିବାସ, ଶକ୍ତିନଗର, ରାଉରକେଲା, ୨୦୦୮

2- ମୁଦାଲି, ପ୍ରଫେସର ସମର : "ମୁଁ ଓ ମୋ ନାଟ୍ୟ ଜୀବନ",ସୁଖଦୁଖ ପବ୍ଲିକେଶନ ସମ୍ବଲପୁର, ଓଡ଼ିଶା, ମାର୍ଚ୍ଚ ୨୭, ୨୦୧୩

3- ବରାଳ, ଡ଼. ପ୍ରଦୋଷ କୁମାର: "ନୀଳାଦ୍ରିଭୂଷଣ ନାଟ୍ୟ"- ଜିଜ୍ଞାସା ଅଗ୍ରଦୂତ ବାଙ୍କାବଜାର, କଟକ, ୨୦୧୮

4- ମିଶ୍ର, ଡକ୍ଟର ସଂଘମିତ୍ରା। : "ନାଟକ: ବ୍ୟାପ୍ତି ଓ ଦୀପ୍ତି" ଅଗ୍ରଦୁତ ବଙ୍କାବଜାର କଟକ, ୨୦୧୩

ସିଦ୍ଧାର୍ଥ ମହାବିଦ୍ୟାଳୟ ବିନକା

ISSN NO.
2582-208X

# ଧରାବତରଣ



ମନୋରଞ୍ଜନ ସୁରୁଜାଲ

ଆନନ୍ଦମୟ ଏ ସୃଷ୍ଟିରେ ଜୀବନ ମଧୁମୟ ।
ପ୍ରଭୁଦତ୍ତ ସର୍ବ ବିଭବ ଝରେ ତହୁଁ ଅମୀୟ।।
ଜଡ ଚେତା ସମୀକରଣ ତମାଳେ ମଧୁକୁଞ୍ଜ।
ମଧୁକର ଲଭେ ଅମୃତ କିବା ଦିବସ ସଞ୍ଜ।।

ଖୋଜିଲେ ପାଇବା ସରବେ କଲେ ମଧୁ ସନ୍ଧାନ।
ଶିକ୍ଷା ଦେବା ଆଳ ଭୋ ପ୍ରଭୁ ଏଠି ଜୀବ ବନ୍ଧନ।।
ମଣିଷ ଜୀବନ ଲଭିଛି ପାଇ ତୁମ ଆଶୀଷ।
ତୁଚ୍ଛ ଲାଗେ ଏଇ ସଂସାର ଯହିଁ ଯୋଡା ପୀୟୂଷ।।

ପଶୁ ପକ୍ଷୀ ଠାରୁ ହୀନ କି ହୃଦେ ନାହିଁ ବିଚାର ?
ଶାସ୍ତ୍ରୋଚିତ କର୍ମ ନ କରି ଜୀବନ ନାରଖାର।।
ପ୍ରାଣ ଯାଉ ପଛେ ବ୍ୟାଘ୍ରର ଭୁଞ୍ଜଇ କି ସେ ଘାସ ?
ଟାକି ଥାଏ ଯେହ୍ନେ ଚାତକ ପହିଲି ମେଘରସ।।

ଜୀବ ଛାଡିଯିବ ପଛକେ ଗାଭି ନ ଛୁଏଁ ମାଂସ।
ଅଭକ୍ଷ୍ୟ ଭକ୍ଷଣ ଇତର ସିଏ ଘୁଷୁରି ଅଂଶ।।
ସଦାଚାର ଇଷ୍ଟ ଚିନ୍ତନ ଦିବ୍ୟଜ୍ଞାନ ସଂଯୁତ।
ଦୁର୍ଲଭ ମାନବ ଜୀବନ ହୃଦେ ପ୍ରଭୁ ସମ୍ମତ।।

ISSN NO.
2582-208X

ପ୍ରକୃତ ପ୍ରେମର ସନ୍ଧାନ ଦେଖ ଶିଖୀ କି ଚାହିଁ।
ଦେହ ଦାହ ନୁହଁ ସତରେ ନିଶି ଚାନ୍ଦକୁ କଇଁ।।
ସିଂହ ପରି ଥରେ ସଂଯୋଗ ସ୍ଥାପି ଦୁନିଆଁ ରିତି।
ମଣିଷ ବିବେକ ବିକିଛି କରି ପର ପୀରତି।।

ମାନବ ଦାନବ ଦେବତା ପଶୁପକ୍ଷୀ ଆବର।
ଅମୃତ ଗରଳ ବିଭିଦ ସୂତ୍ର ତୁମ ସୃଷ୍ଟିର।।
ଯୁଗ ଅନୁସାରେ ଧରିଣ ପ୍ରଭୁ ମାନବ ତନୁ।
ମାନବିକ ଧର୍ମ ସ୍ଥାପନ ଫୁଙ୍କି ମୋହନ ବେଣୁ ।।

କୁକ୍କଟ ରାବଇ ରାତିରେ ଜାଣେ ବ୍ରହ୍ମ ମୁହୂର୍ତ୍ତ।
କିଚିରି ମିଚିରି ଶବଦ ଯେହ୍ନେ ପବିତ୍ର ଗାତ୍ର।।
ଧରାବତରଣେ ମହାର୍ଘ୍ୟ ଯାଚି ଦେଇଛ ସବୁ।
ହଳାହଳ ତୀବ୍ର ଜ୍ୱାଳାରେ ନିନ୍ଦେ ତୁମକୁ ବିଭୁ।।

ଅଇଁଲ୍‌ପାଲି, ଧମା, ସମ୍ବଲପୁର

ISSN NO.
2582-208X

# ସମୟ



ଇଂ. ନଶୀକାନ୍ତ ମିଶ୍ର

ରେ..... ସମୟ...
କାହିଁ ହଜିଗଲା ମୋ ପିଲାଦିନ...
ଯେବେ ଛୋଟ ଥିଲି ...
ଦାଣ୍ଡ ଧୂଳିରେ ମୁଁ ଗୁଲି ଖେଳୁ ଥିଲି..
ସୁନୁଗାଡ଼ି ଚକା ଗଡ଼େଇ ଗଡ଼େଇ
ଗାଁ ଚାରିଆଡ଼େ ବୁଲୁ ଥିଲି...।।
ରେ..... ସମୟ ଫେରେଇ ପାରିବୁକି ସେ ପିଲାଦିନ ...
ଯେବେ ବୁଝି ମୁଁ ନଥିଲି ଏ ମାୟା ସଂସାର
ଜାଣି ନଥିଲି ମୁଁ ଛନ୍ଦ କି କପଟ
ପାଠ ପଢୁ ଥିଲି... ଗପ ଶୁଣୁଥିଲି....
ଗପ ଶୁଣି ଶୁଣି ମା ର କୋଳରେ ,
ଆଖି ବୁଜି ଶୋଇ ପଡୁଥିଲି..।।
ରେ.... ସମୟ ଫେରେଇ ପରିବୁକି ସେ ପିଲା ଦିନ...
ନା ଥିଲା ଚିନ୍ତା, ନା ଥିଲା ଦୁଃଖ...
ଥିଲା ଖାଲି ଖୁସି ଆଉ କିଛି ସ୍ୱପ୍ନ ...
ସେବେର ପାଠ ପଢ଼ା, ଆଉ ମଜା ମସ୍ତି
ପାରିବୁ କି ଦେଇ ଆଣି ମୋ ହାତେ ଖଞ୍ଜି ।।
ରେ.... ସମୟ ଫେରେଇ ପରିବୁକି ସେ ପିଲା ଦିନ...
ଆସୁ ପଛେ ଝଡ଼, ବହୁ ପଛେ ଝାଞ୍ଜି

ISSN NO.
2582-208X

ମୋ ମା ର ପଣତ ସବୁ ଦିଏ ରୋକି ,
କାହାକୁ ଡରେନା, କାହାକୁ ଛାଡେନା
ଥିଲେ ଶତପଥେ ମୋ ପରିବାର ସାଥେ।
ସବୁଠୁ ଆଗାରେ ସେହି ପରିବାର,
ଯେବେ ସମସ୍ତେ ଥାଆନ୍ତି ନିଜର।
ହସ ଖୁସି ଥାଏ ଯେ ପରିପୂରକ,
ସମସ୍ତେ ସଭିଙ୍କ ଆପଣାର
ଦୁଃଖ କଷ୍ଟ କେବେ ଜଣା ପଡିନାହିଁ
ଯେବେ ପ୍ରଭୁଙ୍କର ହାତ ଥାଏ ରହି ।।
ରେ.... ସମୟ ଦେଇ କି ପାରିବୁ ସେ ପାରିବାର...
ଟିକେ ସ୍ନେହ ଓ ପ୍ରେମର ଅପେକ୍ଷା ରେ,
ଏଠି ବଞ୍ଚିଚି ମୁଁ ଆଶା ଭରସା ରେ
କେବେ ମିଳିବ କି ନାହିଁ ଜାଣି ନାହିଁ,
ଯଦି ନମିଳିବ ପ୍ରଭୁ ଦିଅ ତ୍ରାହି ।
ଛନ୍ଦ କପଟ ରୁପକ ଏ ଜାଲରେ ,
ପଡ଼ି ଯନ୍ତ୍ରଣା ପାଉଛି ବହୁ କାଳେ
ଯେବେ ଆସିବନି କେବେ ସେ ସମୟ,
ପ୍ରଭୁ ମୁକ୍ତି ଦିଅ ଏ ମାନବ କୁଳେ ।।

ଖୃରବାଟି , ଗୌଡୁଣି ପଡ଼ିଆ , ଜଗତସିଂହପୁର
ମୋବାଇଲ: ୮୭୩୭୨୨୩୨୩୭

ISSN NO.
2582-208X

# ଦାନ



ଦୀପଙ୍କର ଜେନା

ସୁରୁଜ କୁ କେହି ମାଗେନା କିରଣ
ମାଆ କୁ ମାଗେନା କରୁଣା,
ଫୁଲକୁ ମାଗେନା ସୁବାସ କେହିତ,
ଚନ୍ଦ୍ରକୁ ତାହାର ଜୋଛନା ।

ବସନ୍ତକୁ କେହି ମଳୟ ମାଗେନା
କୋକିଳକୁ କେବେ କାକଳି,
ବରଷା କୁ କେହି ଚାହୁଁ ବା ନ ଚାହୁଁ
ଶ୍ରାବଣ ଦିଅଇ ଧାରା ଢ଼ାଳି ।

ମାଗିବାକୁ କିଛି କେବେ ତ ପଡେନା
ଆମ ପାଇଁ ପ୍ରକୃତି ର ଦାନ ,
ତଥାପି ମଣିଷ ପାଇ ନାହିଁ ବୋଲି
ଊଣା କରୁଥାଏ ସଦା ମନ ।

ଯେତେ ପାଇଲେ ବି ସନ୍ତୁଷ୍ଟ ନୁହଇଁ
ମଣିଷ ପ୍ରକୃତି ମଲେ ତୁଟେ,
କିନ୍ତୁ ତୁମେ ଯାହା ପାଇଛ ଭାବ ତ
ଆଉ କାହା ଭାଗ୍ୟେ ତାହା ଯୁଟେ !

ଜଗତସିଂହପୁର, ଓଡିଶା - ୭୫୪୧୦୩

ISSN NO.
2582-208X

# ମା ହିଙ୍ଗୁଳାଙ୍କ ପୂଜାରେ ନିଶାଣ

ଡଃ ଦୀପକ କୁମାର ପ୍ରଧାନ

ମା ଙ୍କ ସୃଷ୍ଟିରେ ସଂସାର ଗତି ବଡ ବିଚିତ୍ର ଓ ରହସ୍ୟମୟ । କେତେବେଳେ ଯେ କେଉଁ କଥା ଘଟିବ କିଏ କହିବ । ସଂସାରକୁ ଯିଏ ଗଢିଛି, ସଂସାରକୁ ଯିଏ ପାଳନ କରୁଛି, ଏ ବିଶ୍ୱ ବ୍ରହ୍ମାଣ୍ଡର ଯିଏ ସୃଷ୍ଟିକର୍ତ୍ତା, ଯିଏ ପାଳନ କର୍ତ୍ତା, ଯିଏ ସଂହାର କର୍ତ୍ତା, ସେ କେତେ ଯେ ବିଚିତ୍ରମୟ ଓ ରହସ୍ୟମୟ ହୋଇ ନଥିବ ତାହା କିଏ କହିବ । ଯିଏ ପ୍ରତି ମୁହୂର୍ତ୍ତରେ ଜୀବ ଜଗତର ଭଲ ମନ୍ଦ ବୁଝି ଏ ସଂସାର ଚକ୍ରକୁ ନିୟନ୍ତ୍ରଣ କରନ୍ତି । ମଣିଷ ବଞ୍ଚି ରହିବା ପାଇଁ ଯେପରି ଖାଦ୍ୟ, ବସ୍ତ୍ର ଓ ବାସଗୃହ ଆବଶ୍ୟକ ଠିକ ସେହିପରି ଜୀବନକୁ ସରସ ସୁନ୍ଦର କରିବା ପାଇଁ ନାଚ, ଗୀତ ଓ ବାଦ୍ୟର ଆବଶ୍ୟକତା ରହିଛି । ନିଜର ଭାବକୁ ଅନ୍ୟ ଆଗରେ ପ୍ରକାଶିତ କରିବା କରି ସମାଜକୁ ନୀତି ଶିକ୍ଷା ଦେଇ ଅନେକ ଦିଗରେ ଆଗେଇ ନେବାକୁ ଚେଷ୍ଟା କଲେ ।

ସଙ୍ଗୀତ ହେଉ, ନୃତ୍ୟ ଅବା ସଙ୍କୀର୍ତ୍ତନ କିମ୍ବା ଯେ କୌଣସି ପୂଜା ପଦ୍ଧତିରେ ଯେଉଁ ବାଦ୍ୟ ଯନ୍ତ୍ରର ଆବଶ୍ୟକତାରେ ପ୍ରାୟ ଚାରି ପ୍ରକାର ବାଦ୍ୟଯନ୍ତ୍ର ବ୍ୟବହାର ହୋଇଥାଏ । ଯଥା : - ତତ ବାଦ୍ୟ, ତାନ ବାଦ୍ୟ, ଶୁଷିର ବାଦ୍ୟ ଓ ଆନନ୍ଦ ବାଦ୍ୟ ।

ତତ ବାଦ୍ୟର ସଜ୍ଞା ହେଲା ତାର ଦ୍ୱାରା ନିର୍ମିତ ବାଦ୍ୟ ଯନ୍ତ୍ର, ସେହି ବାଦ୍ୟର ସ୍ୱର ତାର ଦ୍ୱାରା ବାଦନ କରାଯାଏ । ଧାତୁ ଦ୍ୱାରା ନିର୍ମିତ ବାଦ୍ୟ ସମୂହକୁ ତାନ ବାଦ୍ୟ କୁହାଯାଏ । ମୁଖ ସାହାଯ୍ୟରେ ବଜା ଯାଉଥିବା ସମସ୍ତ ବାଦ୍ୟ ଶ୍ରେଣୀକୁ ଶୁଷିର ବାଦ୍ୟ ସଜ୍ଞାରେ ଗ୍ରହଣ କରାଯାଏ । କାଷ୍ଠ, ମୃତ୍ତିକା ଓ ଚର୍ମ ନିର୍ମିତ ବାଦ୍ୟ ସମୂହକୁ ଆନନ୍ଦ ବାଦ୍ୟ ଉହାଯାଏ । ଖୋଳ, ମାଦଳ, ମୃଦଙ୍ଗ, ମର୍ଦ୍ଦଳ, ଢୋଲକ, ଢୋଲ, ନିଶାଣ, ଡମ୍ବରୁ, ଖଞ୍ଜଣୀ, ଡୁବିତବଲା ଓ ନାଗରା ଇତ୍ୟାଦି ବାଦ୍ୟ ସମୂହକୁ ଆନନ୍ଦ ବାଦ୍ୟ କୁହାଯାଏ । ସୃଷ୍ଟିର ଆଦ୍ୟ ବାଦ୍ୟ ଭାବରେ ଶୁଷୁରି ବାଦ୍ୟକୁ ଗ୍ରହଣ କରାଯାଏ । ଆଦି ମାନବ ଗୁମ୍ଫାରେ ବାସ କରୁଥିବା

ISSN NO.
2582-208X

କାଳରେ ଖୁସି ମନରେ ଶୁଷୁରି ବାଦନ କରୁଥିଲା ଓ ଏହାକୁ ଏକ ସଂକେତ ରୂପେ ବ୍ୟବହାର କରୁଥିଲା । ମାଟି ପାତ୍ର ଓ କାଷ୍ଠ ଦ୍ୱାରା ଗୃହ ନିର୍ମାଣ ତଥା ବସତି ସ୍ଥାପନ କାଳରେ ଆନଦ୍ଧ ବାଦ୍ୟ ଗୁଡିକ ସୃଷ୍ଟି ହୋଇଛି । ପରବର୍ତ୍ତୀ ଯୁଗରେ ଧାତୁ ଆବିଷ୍କୃତ ହେବାରୁ ସେହି ଧାତୁକୁ ପ୍ରୟୋଗ କରି ତତ ବାଦ୍ୟ ଓ ତାନ ବାଦ୍ୟ ସୃଷ୍ଟି ହୋଇ ବାଦ୍ୟ ଜଗତରେ ସ୍ୱତନ୍ତ୍ର ସ୍ଥାନ ଗ୍ରହଣ କରିଛି ।

ନିଶାଣ ବାଦ୍ୟ - ବହୁ ପୁରାତନ ତାଳପତ୍ର ପୋଥିରୁ ସଂଗୃହିତ "ବାଦ୍ୟ ରତ୍ନାବଳୀ" ପୁସ୍ତକରୁ ଜଣାଯାଏ ଯେ, ଚାରି ପ୍ରକାର ବାଦ୍ୟ ମଧ୍ୟରୁ "ନିଶାଣ ବାଦ୍ୟ" ଆନଦ୍ଧ ବାଦ୍ୟ ଶ୍ରେଣୀଭୁକ୍ତ ଅଟେ । ଏହା କାଷ୍ଠ, ମୃର୍ତ୍ତିକା ଓ ଚର୍ମ ଦ୍ୱାରା ନିର୍ମିତ । ସବୁଠାରୁ ଅଧିକ ଶବ୍ଦ ସମ୍ପର୍ଣ୍ଣ ବାଦ୍ୟ । ଏହାର ଶବ୍ଦ ଏକ କ୍ରୋଶ ଭେଦ କରିଥାଏ ।

ଆମ୍ଭ ଅଞ୍ଚଳରେ ବ୍ୟବହାର ହେଉଥିବା ନିଶାଣ ବାଦ୍ୟ ଦୁଇ କିସମର, ଛୋଟ ଓ ବଡ । ଏହାକୁ ମଧ୍ୟ "ବଡ କାଠ" ବାଦ୍ୟ କୁହାଯାଏ । ସାଧାରଣରେ ଏହା ମାଟି ତିଆରି ଏକ ବଡ ଖୋଲା ମୁହଁ ହାଣ୍ଡି ସଦୃଶ । ନିଶାଣ ପାଇଁ ବ୍ୟବହୃତ ମାଟି ହାଣ୍ଡି ଟି କୁମ୍ଭାରମାନଙ୍କ ଦ୍ୱାରା ତିଆରି କରା ଯାଇଥାଏ । ପରବର୍ତ୍ତୀ ସମୟରେ ଏହା କାଠ କିମ୍ବା ଧାତୁ ଦ୍ୱାରା ନିର୍ମାଣ କରାଗଲା । ଏହି ବାଦ୍ୟରେ ତାନ ସୃଷ୍ଟି ପାଇଁ ଏହାକୁ ଗୋଚର୍ମ ଦ୍ୱାରା ଆଚ୍ଛାଦିତ କରାଯାଇଥାଏ ଓ ଚମଡା ନାଲିରା ଦ୍ୱାରା ଏହାର ଚତୁଃପାର୍ଶ୍ୱ ଆବଦ୍ଧ କରାଯାଇଥାଏ ।

ନିଶାଣର ବ୍ୟବହାର - ସ୍ଥାନାନୁସାରେ ଏହି ବାଦ୍ୟର ବିଶାଳତା ଯୋଗୁଁ ଦୁଇଜଣ ସହାୟକ ଏହାକୁ ଏକ ଲମ୍ବ କାଠ ସାହାଯ୍ୟରେ ବହନ କରିଥାନ୍ତି ଓ ଜଣେ ବାଦକ ଏହାକୁ ଦୁଇଖଣ୍ଡ କାଠିଦ୍ୱାରା ବାଦ୍ୟ ସୃଷ୍ଟି କରିଥାଏ । ଏହି ବାଦ୍ୟକୁ ଢୋଲ ବାଦ୍ୟ ସହ ସାମୁହିକ ଭାବେ ବାଦ୍ୟ କରାଯାଏ । ଛୋଟ ନିଶାଳ ଗୁଡିକ ବେକରେ ଓହଳାଇ ବାଦ୍ୟକାର ବାଦ୍ୟ କରିଥାଏ । ଯାହାକି ବର୍ତ୍ତମାନର "ତେଲେଙ୍ଗା ବାଦ୍ୟ" ସହିତ ସମାନ ଦେଖାଯାଏ । ବଡ ନିଶାଣ ବଜାଇବା ପାଇଁ ତିନିଜଣ ଆବଶ୍ୟକ ପଡୁଥିବା ବେଳେ ଛୋଟ ନିଶାଣ ପାଇଁ ଜଣେ ବ୍ୟକ୍ତି ଆବଶ୍ୟକ ହୋଇଥାଏ ।

ISSN NO.
2582-208X

ପୁରାଣ ଯୁଗରୁ ନିଶାଣ ବାଦ୍ୟର ବ୍ୟବହାର ବାଲ୍ମୀକି କୃତ ରାମାୟଣରେ ଦେଖାଯାଏ । ରାମାୟଣରେ ବାଲ୍ମୀକି ନିଶାଣ ବାଦ୍ୟକୁ "ଦୁନ୍ଦୁଭି" ବାଦ୍ୟ ଭାବରେ ବର୍ଣ୍ଣନା କରିଛନ୍ତି । ତ୍ରେତା ଯୁଗରେ ରାମଚନ୍ଦ୍ର ପିତୃସତ୍ୟ ପାଳନ ପାଇଁ ଚଉଦ ବର୍ଷ ବନବାସ ସମୟରେ ଋଷ୍ୟମୁକ ପର୍ବତରେ ବାନର ରାଜ ସୁଗ୍ରୀବଙ୍କ ସହ ମିତ୍ରତା ହୋଇଥିଲା । ସୁଗ୍ରୀବଙ୍କ ବଡଭାଇ ବାଳୀ କିସ୍କିନ୍ଧାର ରାଜା ଥିଲେ ଓ ସେ ଅତ୍ୟନ୍ତ ବଳଶାଳୀ ଥିଲେ । ଏକଦା ଦୁନ୍ଦୁଭି ନାମକ ଏକ ରାକ୍ଷସ ମହା ବଳଶାଳୀ ବାଳୀଙ୍କ ଉପରେ ଆକ୍ରମଣ କଲା । ଦ୍ୱନ୍ଦ ଯୁଦ୍ଧରେ ବାଳୀ ଠାରୁ ପରାସ୍ତ ହୋଇ ଜୀବନ ବଞ୍ଚାଇବା ପାଇଁ ଋଷ୍ୟମୁକ ପର୍ବତର ଏକ ଗୁମ୍ଫା ମଧ୍ୟରେ ଆତ୍ମଗୋପନ କଲା । ବାଳୀ ଗୁମ୍ଫା ମଧ୍ୟରେ ପ୍ରବେଶ କରି ଦୁନ୍ଦୁଭି ରାକ୍ଷସକୁ ବଧ କରି ତାର ହାଡ ଓ ଚମଡାରେ ଏକ ବାଦ୍ୟ ଯନ୍ତ୍ର ନିର୍ମାଣ କଲେ । ଏହି ବାଦ୍ୟ ଯନ୍ତ୍ରର ନାମ "ଦୁନ୍ଦୁଭି ବାଦ୍ୟ" । ବାଳୀ ଏହି ଦୁନ୍ଦୁଭି ବା ନିଶାଣ ବାଦ୍ୟ ଯନ୍ତ୍ରକୁ ଇନ୍ଦ୍ରଙ୍କୁ ଦାନ କରିଥିଲେ । ଇନ୍ଦ୍ରଙ୍କ ରାଜ ସଭାରେ ଏହା ବୀର ବାଦ୍ୟ ଭାବରେ ବାଦନ କରାଯାଉଥିଲା । ବାଳୀଙ୍କୁ ଦୁନ୍ଦୁଭି ରାକ୍ଷସ ଅନ୍ୟାୟ ଭାବରେ ଆକ୍ରମଣ କରିଥିବାରୁ ତାର ମୃତ୍ୟୁ ପରେ ତାର ଚର୍ମକୁ ନିତି ଦିନ ବାଡିରେ ପିଟାଯାଇ ପ୍ରତୋଶୋଧ ନିଆ ଯାଉଛି ବୋଲି କୁହାଯାଏ ।

ବହୁ ପ୍ରାଚୀନ ସମୟରୁ ବାଦ୍ୟ ଯନ୍ତ୍ରର ଆବଶ୍ୟକତା ପୂଜା ଅନୁଷ୍ଠାନ ପାଇଁ ବ୍ୟବହୃତ ହେଉଥିଲା । ଦେବୀ ବା ଦେବତାଙ୍କୁ ଜାଗ୍ରତ କରିବା ପାଇଁ ଏହି ପିଟା ବାଦ୍ୟ ବହୁଳ ଭାବରେ ଉତ୍କଳୀୟ ପରମ୍ପରାରେ ସଂଶ୍ଳିଷ୍ଟ। ଏହା ବ୍ୟତିତ ମଙ୍ଗଳକାରକ କାର୍ଯ୍ୟ ବିବାହ, ଯାନୀଯାତ୍ରା ତଥା ରାଜକୀୟ ଶୋଭାଯାତ୍ରାରେ ବ୍ୟବହାର ହୋଇଥାଏ । ବର୍ତ୍ତମାନ କାଳରେ ମଧ୍ୟ ନିଶାଣ ବା ଦୁନ୍ଦୁଭି ବାଦ୍ୟ ଓଡିଶା ତଥା ଅନୁଗୋଳ ଜିଲ୍ଲାରେ ବହୁଳ ପ୍ରଚଳନ ଅଛି ବିଶେଷତଃ ଦେବୀ ପୂଜାରେ ନିଶାଣ ବାଦ୍ୟ ଅପରିହାର୍ଯ୍ୟ । ଏହି ପରିପ୍ରେକ୍ଷୀରେ ତାଳଚେରସ୍ଥ ଦେବୀ ହିଙ୍ଗୁଳାଙ୍କ ପୀଠର ପୂଜା ପାର୍ବଣରେ ନିଶାଣ ବାଦ୍ୟ ଆଜି ମଧ୍ୟ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି । ଏହି ନିଶାଣକୁ ଢୋଲ ବାଦ୍ୟ ସହ ସାମୁହିକ ଭାବେ ବାଦନ କରାଯାଏ । ହିଙ୍ଗୁଳା ପୀଠରେ ଦୁଇଟି ନିଶାଣ ବାଦ୍ୟ ବ୍ୟବହାର ହେଉ ଥିବାରୁ ଏହାକୁ ଜାଉଁଳ ନିଶାଣ କୁହାଯାଏ । ତାଳଚେର ପୂର୍ବରୁ ଗଡାଜାତ ରାଜ୍ୟ ଥିବାରୁ ତାଳଚେର ରାଜାଙ୍କ ଠାରୁ ଜାଗିରିରେ ଜମି ପାଇ ହାଡି ସମ୍ପ୍ରଦାୟର ଲୋକେ ଆବାହମାନ କାଳରୁ ଗୋପାଳଗଡରେ ବାସ କରି ମା ହିଙ୍ଗୁଳାଙ୍କ ସେବା ପୂଜାରେ ବାଦ୍ୟକାର ଭାବରେ କାର୍ଯ୍ୟ କରୁଛନ୍ତି । ମା ହିଙ୍ଗୁଳା, କରଡେଇ ଓ କୁଟେଇଗୁଣିଙ୍କ ଜନ୍ତାଳ ପୂଜାରେ ନିଶାଣକୁ ବୀରବାଦ୍ୟ ତାଳରେ

ISSN NO.
2582-208X

ବାଦନ କରାଯାଇ ଦେବୀ ଆବାହନ କରାଯାଏ । ଗୋପାଳଗଡରେ ଷୋହଳ ଘର ହାଡି ରାଜ ପ୍ରଦତ୍ତ ବୃତ୍ତିରେ ହିଙ୍ଗୁଳା ପୀଠରେ ଢୋଲ ଓ ନଶାଣ ପାଇଁ ସଦା ସର୍ବଦା ଜାଗ୍ରତ ।

ତାଳଚେର ହିଙ୍ଗୁଳାପୀଠ ପରି ଓଡିଶାର ସମସ୍ତ ଦେବୀ ପୀଠରେ ଦେବୀ ଆବାହନରେ ନଶାଣ ବାଦ୍ୟର ବ୍ୟବହାର ଦେଖିବାକୁ ମିଳଥାଏ । ପୂର୍ବ ସମୟର ବଡ ବଡ ନଶାଣ ଏବେ ଦେଖାଯାଉନାହିଁ । ବହନ କରିବା କଷ୍ଟ ହେବାରୁ ଏବେ ସବୁ ଛୋଟ ନଶାଣ ତିଆରି ହେଉଛି । ପୂର୍ବେ ବିବାହ ଶୋଭାଯାତ୍ରାରେ ନଶାଣ ବ୍ୟବହାର ପ୍ରତିଷ୍ଠିତ ପରିବାର କରୁଥିଲେ । ଏହା ଅତ୍ୟନ୍ତ ବ୍ୟୟ ବହୁଳ ଥିବାରୁ ସାଧାରଣ ଲୋକ ଏହାକୁ ବ୍ୟବହାର କରିପାରୁ ନଥିଲେ । ବର୍ତ୍ତମାନ ନଶାଣ ବାଦ୍ୟର ନୂତନ ସଂସ୍କରଣ ପ୍ରବେଶ କରିଛି । ବିବାହ ଶୋଭାଯାତ୍ରାରେ ଏହା ଚଳମାନ ଅବସ୍ଥାରଏ ଶୋଭାଯାତ୍ରାର ମାନ ବଢାଉଛି । ନଶାଣର ଆକାର ପରିବର୍ତ୍ତନ ହେଲେ ମଧ୍ଧ ତାଳ, ମାନ, ଲୟ ପୂର୍ବବତ ସମସ୍ତ ପରିବେଶକୁ ଗୁରୁ ଗମ୍ଭୀର ସ୍ୱରରେ ବୀରତ୍ୱର ଧ୍ୱନକୁ ସମଗ୍ର ଜଗତରେ ପ୍ରତିଧ୍ୱନିତ କରୁଛି ।

କର୍ଣ୍ଣପୁର, ତାଳଚେର

ISSN NO.
2582-208X

# ବାପା



ଫଲେନ୍ଦ୍ରୀ ନାଗ

ଯେତେବେଳେ ତୁମ ଘରେ ହେଲି ଜନ୍ମ
ଭାଗ୍ୟବତୀ ଭାବିନେଲି
ଝିଅ ପୁଅ ତୁମ ନଜରରେ ସମାନ
ତାହା ଜାଣି ଖୁସି ହେଲି।।
ରାଗରେ ବାପା ଗାଳି ଦେଲି ଯେବେ
ହସି ହସି ସହି ନେଲ
ସାନ୍ତ୍ୱନା ଦେବାକୁ ଯାଇ ମୋତେ କେତେ
ଭଲ କଥା ଶିଖାଇଲ।।
କହିବା ଆଗରୁ ମନ କଥା ଜାଣି
ସବୁ କିଛି ଆଣିଦେଲ
ଭୋକ ଉପାସରେ ରହିକରି ତୁମେ
ଆମ ପେଟ ପୁରାଇଲ।।

ଆମେ ଭଲ ମଣିଷ ହେବା ନିମନ୍ତେ
ତାହା ଭାବୁଥାଅ କେତେ
ଆମର ଉଜ୍ଜ୍ୱଳ ଭବିଷ୍ୟତ ପାଇଁ
ଦିନ ରାତି ଖଟ ସତେ।।
ଆମ ଅସୁସ୍ଥତାରେ ତୁମେ ଯେ କେତେ
ନୀରବରେ କାନ୍ଦି ଅଛ
ତୁମ ଋଣ ସୁଝି ପାରିବି କି ମୁହିଁ
ଶରଧାରେ ପାଳିଅଛ।।

କସାଇପାଣି,
ସିନାପାଲି, ନୂଆପଡ଼ା

ISSN NO.
2582-208X

# ନୀଳକଣ୍ଠ



ଜୟ କୁମାର ମିଶ୍ର

ନୀଳକଣ୍ଠ ପରି, ଆକଣ୍ଠତା ଭରି
ପ୍ରତାରଣା ଜହର କେତେ,
ନିତି ପିଇଯାଏ, ଜ୍ୱାଳା ସହୁ ଥାଏ,
ଜୀବନର ଚଲା ପଥେ ॥
ନିନ୍ଦା ଅପନିନ୍ଦା, ଆଖି କରେ ଓଦା
ବଳେ ସହିବାକୁ ହୁଏ,
କିଏ ବୁଝିଲେନି, ଅନ୍ତର ବେଦନା
ପୀଡା ପୀଡନର କଥା,
ସବୁ ଜାଣି ଶୁଣି, ବୋଝ ଭାବି ମଣି
ମାଡିଲେନି କେହି ହତା ॥
ସମସ୍ୟା ନୀବିଡ଼, ଅଭାବଟି ବଡ଼
ଦାୟିତ୍ୱର ବୋଝ ଧରି,
ଆଗକୁ ଆଗକୁ, ଧୀରେ ଆଗେଇବାକୁ
ସ୍ଥିର କଲା ମନ ମୋର ॥
ବାଟ ମୁଁ ଚାଲିଛି, ଝୁଣ୍ଟି ପଡି ଅଛି
କ୍ଷତାକ୍ତ ହୋଇଛି ବେଶି,
ବଚନ ମାଡ଼ରେ, ଘାଇଲା କେ କରେ
ମଉଜ ବିଳାସେ ଭାଷି ॥

ISSN NO.
2582-208X

ହାତ ଧରି ମୋର, ଚାଲିବା ତ ଦୂର
ଚଞ୍ଚକର ଗାତ ଖୋଳା,
ଆଗେ ମିଠା କଥା,ପଛେ ମନ୍ଦ ଚିନ୍ତା
ସତେ କି ସେ ମହୁ ବୋଳା ॥
ଲମ୍ବା ପ୍ରତିଶୃତି, ଆଶା ଭରା ମତି
ଅସମୟ କାଳ ବେଳେ,
ମୃଗତୃଷ୍ଣା  ମାୟା, କରିଥିଲା ବାୟା
ତୃଷ୍ଣା ମେଣ୍ଟାବ ବଳେ ॥
କରିଲି ମୁଁ ପିଛା, ସୁଖ ଶାନ୍ତି ତୁଚ୍ଛା
ଘର ପରିବାର ଛାଡି,
ଭୁଲି ଦିନ ରାତି, ବିଶ୍ରାମର ସ୍ଥିତି
ଏକ ମୁହାଁଟିରେ ମାଡି ॥
ନେବା ପାଇଁ ସବୁ, ହେଲେ ମୋର ପ୍ରଭୁ
ସେବା ଓ ସଞ୍ଚିତ ଯେତେ,
ଦେବାକୁ ସାହାଯ୍ୟ, ସୁବିଧା ସୁଯୋଗ
ପଛଘୁଞ୍ଚା ସ୍ୱାର୍ଥ ଚିତେ ॥
ପରିସ୍ଥିତି ଦେଖି ଅଟହାସ ଯୋଖି
କଟା ଘା'ରେ ଚୂନ ଦେଇ,
କଲେ  ଛଟପଟ, ବିହିକରି ନାଟ
ଆପଣା ଜନଟି ହୋଇ ॥
ଶତ୍ରୁ ମାଛ ପରି, କା କ୍ଷତି ନକରି
ସବୁରି ଶତ୍ରୁ ମୁଁ ଆଜି,
ମୋର ନୀତି, ନିଷ୍ଠା, ଦୃଢ଼ ମନ ଗୋଟା
ପୋତିଲା ଅପ୍ରିୟ ମଞ୍ଜି ॥
ସଂକଳ୍ପ ଅଟଳ, ନିଷ୍ପତିର ବଳ
ମୋତେ ବାଟ କାଢ଼ି ନିଏ,

ISSN NO.
2582-208X

ବୃଥା ସଡଯନ୍ତ୍ର, ଗୁପୁତ କୁମନ୍ତ୍ର
ଦେଖି ଦୂରୁ ହଟି ଯାଏ ॥
ଟୀକା ଟିପ୍ପଣୀର, ଅଳଙ୍କାର ହାର
ଅଦୃଶ୍ୟରେ ଦେହ ଭାରେ,
ସୁବିଧା ବାଦୀଙ୍କ, ସବୁ ଦୁଃଖ ଶୋକ
ମନକୁ ଘାଇଲା କରେ ॥
ସବୁ ଘେନୁଅଛି, ନିନ୍ଦା ପ୍ରଶଂସା କିଛି
ଆକଣ୍ଠରେ ପିଇ ଯାଏ,
ବିଷ ଓ ଅମୃତ, ମୋ ପାଇଁଟି ହୀତ
ଅନୁଭୂତି କେତେ ଦିଏ ॥
ବିପଦ ବେଳାରେ, ମୋ କାନ ମନରେ
ପରିସ୍ଥିତି କହି ଗଲା
ମଣିଷ ଚିହ୍ନାଇ, ସଚେତନ କହି
ଅନ୍ତରଙ୍ଗ ବନ୍ଧୁ ହେଲା ॥

ବୁଦୁରୁ, ଗୋରିବନ୍ଧା
ଗଜପତି, ଓଡିଶା, 761296,
ଯୋଗାଯୋଗ 6372127449

ISSN NO.
2582-208X

# ମାନପତ୍ର



ବାସନ୍ତୀ ଲତା ଜେନା

ଲେଖକ ଲେଖିକା କଳ୍ପନା ବିଳାସୀ
ସୃଷ୍ଟି ତାଙ୍କର ସୁନ୍ଦର
ବାସ୍ତବ ଘଟଣା ରୂପ ଦେଇ ଥାଏ
ଲେଖା ମାଧ୍ୟମରେ ତାର ।୧।
ପାଷାଣ ଦେହରେ ଫୁଲ ଫୁଟାଅନ୍ତି
ମରୁ ଭୂମେ ଜଳ ଧାର
ମଉଳା ଫୁଲକୁ ସଦ୍ୟ କରି ଥାନ୍ତି
ପାଷାଣ ଜୀବ ନ୍ୟାସର ।୨।
ଅନ୍ଧ ବିଶ୍ୱାସ କୁସଂସ୍କାର ଦୂରେଇ
ଦେଶପ୍ରେମ ଜଳାଅନ୍ତି
ସଭ୍ୟତା ସଂସ୍କୃତି କୁସଂସ୍କାରକୁ ତ
ଲେଖାରେ ସ୍ଥାନ ଦିଅନ୍ତି ।୩।
ସାଧନାରେ ସେତ ସବୁ ବେଳେ ଥାନ୍ତି
ସାହିତ୍ୟ ଅତି ନିଜର
ଏହି କାମ ପାଇଁ ଆୱାର୍ଡ ମିଳିଲେ
ଆନନ୍ଦେ ହୁଏ ବିଭୋର ।୪।
ମାନ ପତ୍ର ହୁଏ ଶକ୍ତିର ଆଧାର
ଉପାଧି ତ ପରିଚୟ

ISSN NO.
2582-208X

ସମ୍ମାନ ହୁଏ ପ୍ରେରଣାର ଉତ୍ସ
ସାହିତ୍ୟ ଉପାଧି ପ୍ରିୟ ।୫।
ଆବେଗ ତାହାର କୂଳ ଲଂଘି ଯାଏ
ସୃଜନୀ ରୋକିବ କିଏ
ନୂତନ ସୃଷ୍ଟି କଲମ ମୂନରେ
ସୁଚିନ୍ତନ ସ୍ଥାନ ପାଏ ।୬।
ମହାପୁରୁଷ ତ ସମ୍ମାନ ପାଇଁ କି
କେବେ ନ ହୁଏ ତତ୍ପର
ନିଜ ସୃଜନୀରେ ସ୍ଥାନ ଦେଇଥାନ୍ତି
ଜଗତ ପୂଜେ ତାଙ୍କର ।୭।
ବାଲ୍ମୀକି ତୁଳସୀ ବଳରାମ ଦାସ
ସାରଳା ମଧୁସୂଦନ
ଗୋପବନ୍ଧୁ ଦାସ ଉପଇନ୍ଦ୍ର ଭଞ୍ଜ
ରାଧାନାଥ ରାୟ ଜାଣ ।୮।
ବେଦବ୍ୟାସ ଆଉ କାଳିଦାସ ସଙ୍ଗେ
ରବୀନ୍ଦ୍ର ନାଥ ଠାଗୁର
ଜୟ ଦେବ ସଙ୍ଗେ ଜଗନ୍ନାଥ ଦାସ
ଲେଖା ଥିଲା ଉପହାର ।୯।
କାଳଜୟୀ ସିଏ ନିର୍ଲୋଭତା ଗୁଣ
ପଦବୀରେ ଆଶା ନାହିଁ
ସମାଜର ପ୍ରତି ଛବି ଲେଖିଛନ୍ତି
ଲେଖନୀ ନିଶାଣ ଦେଇ ।୧୦।
ଲୋଭ ଛାଡ଼ି ଦେଇ କର୍ତ୍ତବ୍ୟ କରିଲେ
ସାଧନା ସଫଳ ହେବ
ସ୍ରଷ୍ଟା ତୁମେ ପରା ସାହିତ୍ୟ ଜଗତେ
ଚିରଞ୍ଜିବି ହୋଇ ଯିବ ।୧୧।

ଗାନ୍ଧୀନଗର, ନବରଙ୍ଗପୁର

ISSN NO.
2582-208X

# ପାପ



ପ୍ରଦୀପ୍ତ କୁମାର ମିଶ୍ର

ପାପପୁଣ୍ୟର ସଂଜ୍ଞା ଖୋଜି ଖୋଜି ଯେତେବେଳେ ଅଶୋକ ନିଜର ସ୍ଥିତି କୁ ପରଖେ ସେତେବେଳେ ସବୁ ଭୁଲ ହୋଇଯାଏ। ଭାବିପାରେନା କେଉଁଟି ଠିକ କେଉଁଟି ଭୁଲ। ତା ମନ ଭିତରେ ନୈତିକତା ମରିଯାଏ। ସେ ସ୍ଵାର୍ଥପର ହୋଇଉଠେ। ଯେତେବେଳେ ସେ ପ୍ରଥମ ଚାକିରୀ କରିଥିଲା ସେ ମନମଧ୍ୟରେ ଭାବିଥିଲା ଗୋଟିଏ ସଚ୍ଚୋଟ ଅଫିସର ଟିଏ ହେବ। କିନ୍ତୁ ବିବାହ ପରେ ତାର ଏତେ ଆବଶ୍ୟକତା ବଢିଗଲା ଯେ ସେ ସଚ୍ଚା ହେବାର ସ୍ଥିତି କଣ ଜାଣିବି ପାରିଲାନି। ଯେତେବେଳେ ସେ ସତ୍ୟଆଡ଼କୁ ଢଳିଛି ସେ ଅନୁଭବ କରିଛି ସେ ନିଦ ହଜେଇଦେଇଛି। ସେ ଅନ୍ଧାରରେ ନିଦ୍ରାକୁ ଖୋଜିଛି ଯଦି ପାଇଛି ତେବେ ଦୁସ୍ଵପ୍ନରେ । ସେ ଅନୁଭବ କରୁଛି ଯେମିତି ତାର ପତ୍ନୀ ତାର ବନ୍ଧୁ ସମସ୍ତେ ତାକୁ ଅନେକ ପ୍ରଶ୍ନ କରିଛନ୍ତି ପ୍ରଶ୍ନବି ସତ୍ୟ କିନ୍ତୁ ଉତ୍ତର ମିଛ ପ୍ରଣାଳୀ ମିଛ ।

ତାପାଖରେ ଧନୀ ଯାହା ଗରିବ ବି ସେମିତି। ସେଦିନ ଗୋଟିଏ ବାପ ଛେଉଣ୍ଡ ଝିଅର ଲୁହକୁ ଦେଖିଛି, ଜଣେ ବିଧବାର ଦୁଃଖକୁ ଦେଖିଛି କିନ୍ତୁ ସେହି ଥର ଥର ହାତରେ ସେ ତାଙ୍କଠାରୁ ଉତ୍କୋଚ ନେଇଯାଇଛି। କିଛି ବାଛ ବିଚାର କରିପାରିନି, କାରଣ ତାଉପରେ ସମସ୍ତେ ଯେମିତି ବିଗିଡି ଯାଉଛନ୍ତି ।

ପାପ ହଁ ସେ କରୁଛି କରିବାକୁ ବାଧ୍ୟ ତାକୁ ତାର ବ୍ୟବସ୍ଥା ବାଧ୍ୟ କରୁଛି। ସେ ଦୋଷ ଦେଉଛି ବ୍ୟବସ୍ଥାକୁ କେବଳ ବ୍ୟବସ୍ଥା। ଏଠି ସେ ପାପ କରୁନି କିନ୍ତୁ ପୁଣ୍ୟ ତ କରୁନି।

ISSN NO.
2582-208X

ପୁଣ୍ୟ ପାଇଁ ଜଣେ କିଛି ମନ୍ଦିରକୁ ଦାନଦେବା ନିମିତ୍ତ କହିଥିଲେ। ସେ ଯାହାହେଉ ଅଶୋକ କେବଳ ପାପ କରିଚାଲିଛି ଓ ପାପ ପୁଣ୍ୟ ର ମଧ୍ୟରେ ଅସମାଞ୍ଜସ୍ୟ ରେ ଥିବା ଗୋଟେ ଅଦ୍ଭୁତ ମଣିଷ। ତାରପରିବାର ବି ଭୁକ୍ତଭୋଗୀ ନୁହଁନ୍ତି ଦସ୍ୟୁ ରତ୍ନାକର ପରି। ହେଲେ ସେ ତ ବାଲ୍ମୀକି ହେଲା ହେଲେ ଅଶୋକ କେବଳ ପ୍ରତ୍ୟେକ ମୁହୂର୍ତ୍ତରେ ମରୁଥିବା ଗୋଟେ ମଣିଷ ।

ସେ ଚୋର ନୁହେଁ ବରଂ ଏସମାଜର ଜଣେ ପ୍ରତିଷ୍ଠାବାନ ବ୍ୟକ୍ତି। ସେ ଜିତିଛି କିନ୍ତୁ କାହିଁକି ତା ମନଟା ହାରିଯାଇଛି।ସେ ଭାବିବାକୁ ବାଧ୍ୟହୋଇଛି କେବଳ ବର୍ତ୍ତମାନରେ ବଞ୍ଚିବା ପାଇଁ ଜଣେ ପ୍ରତିଷ୍ଠା ସମ୍ପର୍ଣ୍ଣ ବ୍ୟକ୍ତି ଭାବରେ ତାକୁବି ନେଇ ବଞ୍ଚିଛନ୍ତି ତାର ନିକଟ ସମ୍ପର୍କରେ ଆସୁଥିବା ସମସ୍ତ ବ୍ୟକ୍ତିମାନେ। ସେ କେବଳ ପାପ କରୁଛି କିନ୍ତୁ ଖୁସିତ ଅନେକ ।

ଅରେଇ, ଯାଜପୁର, 9658614728

ISSN NO.
2582-208X

# ମହାନ୍ ଓଡ଼ିଶା



ଜୟନ୍ତୀ ଦେବୀ

ମହାନ ଓଡ଼ିଶା ମଧୁର ଯା ଭାଷା
ସନ୍ତାନ ଯା ବିଜ୍ଞ ଜନ ।
ମହାନ ଯାହାର ରୂପ ଗୁଣ ମାନ
କରି ନୁହଇ ବର୍ଣ୍ଣନ ।
ଉତ୍କଳ ଗୌରବ ମଧସୁଦନ ଙ୍କ
ଆଳୟ ଏହି ଭୁବନ ।
ବୁଦ୍ଧିଜୀବୀ ମଧ୍ୟେ ଶ୍ରେଷ୍ଠ ବୋଲାଇ
ସେ ରଖିଲେ ଉତ୍କଳ ମାନ ।
ଉତ୍କଳର ମଣି ଗୋପବନ୍ଧୁ ଦାସ
ଉତ୍କଳ ଯୋଗ୍ୟ ସନ୍ତାନ ।
ଆପଦେ ବିପଦେ ଉତ୍କଳୀୟ ସଖା
ସହୋଦର ରୂପେ ଗଣ୍ୟ ।
ଉତ୍କଳ ପ୍ରଦେଶ ଯାର ନାମ ଯଶ
କରେ ଏ ଧରା ମଣ୍ଡନ ।
ଉତ୍କଳ କଳା କେଶରୀ ନରହରି
କ୍ଷେତ୍ର ରେ ଯହିଁ ଆସିନ ।
କୋଟି ଭୁବନ ପାଳକ କଳା ମୁଖ
କଳାକ ର କଳା ଜହ୍ନ ।

ISSN NO.
2582-208X

ଯହିଁ ବିରାଜିତ ଧନ୍ୟ ସେ ସାମନ୍ତ
ନାହିଁ କେ ତାର ସମାନ ।
ଉତ୍କଳର ଚାରୁ କଳା ଅନୁପମ ସର୍ବ ଧାମ ଅଗ୍ରଗଣ୍ୟ ।
ଧାମ ଶ୍ରୀ ପୁରୁଷୋତ୍ତମ କ୍ଷେତ୍ର ବର
ଏ ଚରାଚରେ ମହାନ ।
ଓଡ଼ିଶା ବାସୀ ପରା ଭାରି ସାହସୀ
ବୀର ତା ସନ୍ତାନ ଗଣ ।
କଳିଙ୍ଗ ବୀର ର ଉପାଧି ଲଭିଣ
ପ୍ରଦେଶ କୁ କଲେ ଧନ୍ୟ ।
ଓଡ଼ିଶାର ମାଟି ପାଣି ଓ ପବନ
ସକଳ ଅଟେ ପାବନ ।
ପୂଣ୍ୟ ମୟ ଧାମ ଓଡ଼ିଶା ମହାନ
ସର୍ବ କଳାରେ ନିପୂଣ ।
କଟକର ତାରକସୀ ବ୍ରହ୍ମପୁର ପାଟ
କଣ୍ଟିଲୋ ବାସନ ।
ପିପିଲି ଚାନ୍ଦୁଆ ପାରାଦୀପ ଗୋପାଳ
ପର ବନ୍ଦର ମାନ ।
ବନାନୀ ନଦ ନଦୀ ଭରା ଓଡ଼ିଶା
ଆବର ଖଣି ଖାଦାନ ।
ଭରପୁର ଚାରୁ ସୁନ୍ଦର ଶୈଳୀରେ
କୋଣାର୍କ ର ନିରି ମାଣ ।

ମହୁ, ଆଳ, କେନ୍ଦ୍ରାପଡା

ମଇ-୨୦୨୩
www.vedantimagazine.com
ISSN NO.
2582-208X

# ପାପ ଫଳବ ଅବଶ୍ୟ



ଅଲେଖ ମେହେର

ବିଶ୍ୱାସ ମୂଳରେ ତେଜା ପାଣି ଢାଳି
ପ୍ରକାଶ୍ୟେ ଦେଖାଉ ଭକ୍ତି,
ନେପଥ୍ୟେ ଜଳୁଛି ଅବୟବ ତବ
ସମ୍ମୁଖରେ ମିଷ୍ଟ ଉକ୍ତି ।
ଏତିକି ଭରଷା ସାଇତିଛି ହିଆ
ନିଶାପ କରିବେ ଇଶ,
ଅଦୃଷ୍ଟ ତାଡନା ପଡିଲେ ନଇବ
ଗରବି ପ୍ରତାପି ଶିଶ ।
ଗୋରା ଲେଖିଥିଲେ ବାସର ସମ୍ମୁଖେ
ଶ୍ୱାନ ଭାରତୀୟ ମନା,
ଆଜି ହିନ୍ଦୁବୀର ବ୍ରିଟେନ ଦେଶରେ
ଉଡାନ୍ତି ବିଜୟ ବାନା।
ପ୍ରଧାନମନ୍ତ୍ରିରୀ ଆବାସ ଭିତରେ
ପରିବାର ସାଥେ ଯାଇ,
ଜଗୁଆଳୀ ଭାବେ ବିଶ୍ୱାସୀ କୁକୁର
ତହିରେ ବୋବାଉ ଥାଇ ।

ISSN NO.
2582-208X

ଆସିବ ସମୟ  ହାତ ପାହାନ୍ତକୁ
ହସୁଥିବି ମନ ଖୋଲା,
ସାହାର୍ଯ୍ୟ  ବଦଳେ  ହଳାହଳ ଦେଇ
ଧର୍ମରେ  ମାରିଲୁ ତାଲା ।
ଦେଲାବେଳେ ଧନ  କାନ୍ଦ ବୋବାଳର
ଇତିହାସ  ଲେଉଟିବ,
ସତ୍ୟ ସୂର୍ଯ୍ୟ ଚନ୍ଦ୍ର  ବିଲୋକନ୍ତି ସବୁ
ଅବଶ୍ୟ  ପାପ ଫଳିବ ।
ଯାଯାବର ଅକ୍ଷି  ତତଲା  ଲହୁରେ
ଭାସିବୁ ଅବଶ୍ୟ  ଦିନେ,
ବିହରିତେ ଭାସେ  ଏ ବଚନ ଧ୍ରୁବ
ଶୁଣାଯାଏ ମୋର କାନେ ।

ସୋହେଲ୍, ବରଗଡ
ମୋ-୭୩୭୦୨୨୦୫୫୯

ISSN NO.
2582-208X

# କସ୍ତୁରୀ



ସତ୍ୟନାରାୟଣ ପ୍ରସାଦ ନାୟକ

ଜୀବନଟା ହେଲେ ଚଲାପଥ
ହୁଏ ତାହା କେବେ
କୁସୁମିତ ଅବା କଣ୍ଟକିତ ।

ଚାଲି ଚାଲି ଯାଉ ଦୀର୍ଘପଥ
ବାଟ ସରିଗଲେ
ଦେଖା ମିଳେ ନାହିଁ ଏହା ସତ ।

ବାଟର ବାଟୋଇ ଆମେ ସବୁ
କେତେବେଳେ କାହା
ବାଟ ସରିଯିବ ଦେଖୁ ଦେଖୁ ।

ସାକ୍ଷୀ ପରା ଆମ ପୂର୍ବ ସୁରୀ
ସେମାନଙ୍କ ପଥ
ଥିଲା ଯେ ସୁପଥ
କରିଥିଲେ କେତେ ପୁଣ୍ୟବ୍ରତ ।

ତାଙ୍କ ଯଶକୀର୍ତ୍ତି ଅନୁରୂପ
କୀର୍ତ୍ତିସ୍ତମ୍ଭ ଟିଏ
ନିର୍ମାଣ କରିବା ପଣ ରଖ ।

ରଥ ରୋଡ, ଭୁବନେଶ୍ୱର -2
Mob -9437764014

ISSN NO.
2582-208X

# ସୁନା



ହର ପ୍ରସାଦ ସୁଆର

ରତ୍ନଗର୍ଭା ଉତ୍କଳର ଆଠଟି ଜିଲ୍ଲାରେ ରହିଛି ସୁନାର ଖଣି
ହାୟ! ସୁନା ଦଶଗ୍ରାମ୍ ପ୍ରତି ପଞ୍ଚଷଠି ହଜାରେ ହେଲାଣି ।
ପୂର୍ବେ ରାଜା ରାଜୁଡାଏଁ ପିନ୍ଧୁଥିଲେ ଅନେକ ସୁନା,
ଏବେ ଆମ ଝିଅ, ବୋହୂ ଓ ମାଇପେ ପିନ୍ଧନ୍ତୁ ସୁନା ।

ସବୁ ସ୍ତ୍ରୀ ଲୋକେ ପସନ୍ଦ କରନ୍ତୁ ସୁନା,
ସ୍ୱାମୀଙ୍କ ସହ କଳକରି ହେଲେ କଣନ୍ତୁ ସୁନା ।
ସୁନାରେ ମଣ୍ଡିତ ହୋଇ ମଥା, ବେକ, ହାତ, କାନ,
ନାକ, ସୁନ୍ଦରୀ ଦିଶନ୍ତୁ ସୁନ୍ଦରୀ ଦେଖାନ୍ତୁ ଏହା ନହୁଏ ଆନ ।

ଦେଶରୁ ସୁନା ଉତ୍ପାଦନ ପାଇଁ ଚେଷ୍ଟିତ କେନ୍ଦ୍ର ସରକାର,
ସୁନାଖଣି ଯୋଗୁଁ ଓଡିଶା ସଦସ୍ୟ ହେଲାଣି ଗୋଲ୍ଡ କ୍ଲବ୍ ର ।
କର୍ଣ୍ଣାଟକ, ଆନ୍ଧ୍ର, କେରଳ, ଝାଡଖଣ୍ଡ ଓ ବିହାର,
ବର୍ଷକେ ଦେଢଟନ୍ ରୁ ଅଧିକ ସୁନା ଉତ୍ପାଦନ କରଇ ପାର ।

କୃଷ୍ଣଙ୍କୁ ଫେରି ପାଇବା ପାଇଁ ତଉଲିଥିଲେ ଦେଇ ସୁନା
ସତ୍ୟଭାମା, ଚନ୍ଦ୍ରଶେଖର ସରକାର ଅମଳରେ ଦେଶ ବିକଥିଲା ସୁନା ।
ଗୃହିଦାକୁ ଦେଖି ବିଦେଶରୁ ଆମଦାନୀ ହୁଅଇ ସୁନା,
ଗ୍ରେର ଗୃଲାଣରେ ଆସେ ଏବଂ ଯାଏ ଅନେକ ସୁନା ।

ISSN NO.
2582-208X

ପ୍ରତିଯୋଗୀତାରେ ଜୟଲାଭ କରି ଖେଳାଳୀଏଁ ପାଆନ୍ତି ସୁନା,
ଆଜିକାଲି ଇମିଟେଶନ୍ ଓ ସିଟି ଗୋଲ୍ଡ ଆଦି ଦିଶଇ ସୁନା ।
ବ୍ରତ, ବାହାଘର, ଜନ୍ମଦିନରେ ଲୋକେ ଉପହାର ଦିଅନ୍ତି ସୁନା,
ଧନତେରସ୍ ରେ କିଣିବାକୁ ଲୋକେ ମନ ବଳାନ୍ତି ସୁନା ।

ଅନ୍ୟ ଜିଲ୍ଲାଠାରୁ ମୟୂରଭଞ୍ଜରେ ରହିଛି ଅଧିକା ସୁନା,
ଚୋର, ସୁନା ଚୋରି କରିବାକୁ ନାଚଇ ତାକଧିନା ।
ସୁନା ପାଇବାକୁ କେହି କେବେ କରନ୍ତି ନାହିଁ ମନା,
ରାଜାରାଣୀଏଁ ପିନ୍ଧୁଥିଲେ ଅଳଙ୍କାର ଦେଇ ମହଣେ ସୁନା ।

ଭାରତୀୟମାନେ ଅଳଙ୍କାର ପ୍ରିୟ ଏଣୁ ଲାଗଇ ସୁନା,
ପ୍ରତିବର୍ଷ କେତେ ମୃତ୍ୟୁହୁଏ ତାର କାରଣ ହେଲା ସୁନା ।
ପିଲାମାନେ ପାଠପଢି ଭବିଷ୍ୟତରେ ହେବେ ସୁନା,
ସୁନାପିଲା ହୋଇ ନବ ଉତ୍କଳ ଗଢିବେ, ଓଡିଶା ହୋଇବ ସୁନା ।

କବିଚନ୍ଦ୍ରସାହି, ପାରଳାଖେମୁଣ୍ଡି
ଜିଲ୍ଲା - ଗଜପତି/ମୋ - ୭୫୦୧୬୫୨୪୨୮

ISSN NO.
2582-208X

# ଗୋପୀନାଥ ମହାନ୍ତୀଙ୍କ ପରଜା



ସତ୍ୟବ୍ରତ ଦାସ

୧. ଔପନ୍ୟାସିକ ଗୋପୀନାଥ ମହାନ୍ତି ହେଉଛନ୍ତି ଆଧୁନିକ ଓଡିଆ ଉପନ୍ୟାସ ସାହିତ୍ୟର ଜଣେ ଏଭଳି ଏକ ସ୍ରଷ୍ଟା ଯିଏକି ତାଙ୍କର ଚାକିରୀ ଜୀବନ କାଳରେ ଆଦିବାସୀ ମାନଙ୍କ ଜୀବନୀ ଓ ସଂସ୍କୃତି ସଂସ୍ପର୍ଶରେ ଆସି ଅନେକ ଗୁଡିଏ ଆଦିବାସୀ ଜୀବନ ମୂଳକ ଉପନ୍ୟାସ ରଚନା କରି ସେଗୁଡିକୁ ଜୀବନ୍ୟାସ କରିଛନ୍ତି । ଜୀବନ୍ୟାସ ପାଇଥିବା ସେହି ଉପନ୍ୟାସ ଗୁଡିକ ହେଉଛି - ଦାଦିବୁଢା (୧୯୯୪), ପରଜା(୧୯୪୫), ଅମୃତର ସନ୍ତାନ (୧୯୪୯), ଶିବଭାଇ (୧୯୫୫), ଏବଂ ଅପହଞ୍ଚ(୧୯୬୧)। ମୋର ଆଲୋଚନାର ବିଷୟଟି ହେଉଛି ପରଜା ଉପନ୍ୟାସ ।

୨. ଗୋପୀନାଥ ମହାନ୍ତି କିଭଳି ଭାବରେ କୋରାପୁଟ ଜିଲ୍ଲାର ରହଣି କାଳରେ ଆଦିବାସୀ ସମାଜରେ ଥିବା ସେମାନଙ୍କର ଅର୍ଥନୈତିକ ବ୍ୟଥା ଓ ମାନସିକ ଅଶାନ୍ତି ପ୍ରତି ଦୃଷ୍ଟି ଦେଇଛନ୍ତି । ଗୋଟିଏ ପକ୍ଷେ ସେମାନଙ୍କର ସରଳ ବିଶ୍ୱାସ, ଧର୍ମଧାରଣା ଓ ସଂସ୍କୃତି ଅନ୍ୟ ପକ୍ଷରେ ସେମାନଙ୍କର ଦୁଃଖ ଯନ୍ତ୍ରଣା ଭରା ଜୀବନ ସ୍ରଷ୍ଟା ହୃଦୟକୁ ଗଭୀର ଭାବରେ ମର୍ମାହତ କରିଛି । ନୃତାତ୍ତ୍ୱିକ ଦୃଷ୍ଟିକୋଣରୁ ଦେଖିବାକୁ ଗଲେ ଆଦିବାସୀମାନଙ୍କ ଜୀବନ ପୋଥୀକୁ ଅଧ୍ୟୟନ କରି ପାଠକମାନଙ୍କ ନିକଟରେ ଉପସ୍ଥାପନା କରିଛନ୍ତି ଗୋପୀନାଥ ମହାନ୍ତି ।

ISSN NO.
2582-208X

୩. ପରଜା ଉପନ୍ୟାସ ଲେଖିବାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି – ପ୍ରଥମ କଥା ହେଲା ଗୋପୀନାଥ ମହାନ୍ତି ଯେତେବେଳେ କୋରାପୁଟ ରହଣି କାଳରେ ପରଜା ଜନଜାତି ମାନଙ୍କର ଜୀବନଚର୍ଯ୍ୟା ସଂପର୍କରେ ଲକ୍ଷ୍ମୀପୁର ଥାନା ସବ୍ ଇନିସପେକ୍ଟର ଶ୍ରୀଧର ନାୟକଙ୍କଟଠାରୁ ଶୁଣିଛନ୍ତି ଗଭୀର ମର୍ମାହତ ହୋଇ ପରଜା ଉପନ୍ୟାସ ଲେଖିବା ପାଇଁ ଇଚ୍ଛା ପ୍ରକାଶ କରିଛନ୍ତି ।

୪. ଦ୍ୱିତୀୟ କଥାଟି ହେଉଛି ଠିକ୍ ସେହି ଘଡିସନ୍ଧି ମୁହୁର୍ତ୍ତରେ ଲେଖକ ଗୋପୀନାଥ ମହାନ୍ତି ଯାଜପୁରରେ ଏକ ସୁନ୍ଦର ମଞ୍ଚାଭିନୟ ଏଖି ଗଭୀର ମର୍ମାହତ ହୋଇ ପଡିଛନ୍ତି । ଶୋଷିତ ପିଡୀତ ପରଜା ଚାଷୀ ଭୂମିକାରେ ଜନୈକ ଛାତ୍ର ଅକ୍ଷୟ ବିଶ୍ୱାଳ ନାମକ ଜଣେ ଯୁବକ ମଞ୍ଚ ଅଭିନୟ ଭିତରେ ଗୋଟିଏ ଗୀତ ଗାଇଲେ-

"ପରଜା କଣ୍ଟକ ପୁଞ୍ଜିପତି
ନିତି ନିତି ଦୁଆରେ ମୋର ରଖେ ନାହିଁ ତାଟି" ।

୫. ନିଆଁରେ ଘିଅ ଢାଳିବା ଭଳି ଲେଖକଙ୍କ ମନରେ ପରଜା ଜନଜାତି ମାନଙ୍କ ପ୍ରତି ଭଲ ପାଇବା ଆହୁରି ଅଧିକରୁ ଅଧିକ ନିବିଡ ହେବା ସଙ୍ଗେ ସଙ୍ଗେ ପ୍ରେରିତ କରିଥିଲା ପରଜା ଉପନ୍ୟାସ ସୃଷ୍ଟି କରିବାପାଇଁ ।

୬. ତୃତୀୟ କଥାଟି ହେଉଛି – ୧୭୮୯ ମସିହାରେ ହୋଇଥିବା ଫରାସୀ ରାଷ୍ଟ୍ର ବିପ୍ଳବ ଏବଂ ୧୯୧୭ ମସିହାରେ ଘଟିଥିବା ଋଷ ବିପ୍ଳବ ସମଗ୍ର ବିଶ୍ୱକୁ ସବୁ ଦେଶରେ ବ୍ୟାପି ଅର୍ଥିକ ସ୍ଥିତିକୁ ଦୁର୍ବଳ କରିଦେଇଛି । ଏହାର ମୁଖ୍ୟ କାରଣ ଥିଲା ବୁର୍ଜୟା ଶୋଷକ ଗୋଷ୍ଠୀର ହତ୍ୟା । କେବଳ ସେତିକି ନୁହେଁ ପରାଧୀନ ଓଡିଶାରେ ଗଢି ଉଠିଥିବା ଗଡଜାତ ଜମିଦାର ସାହୁକାର ଭଳି ଶୋଷକ ଗୋଷ୍ଠୀମାନଙ୍କ ଦ୍ୱାରା ସାଧାରଣ ପରଜା ଆଦିବାସୀମାନେ କିଭଳି ଭାବରେ ଶୋଷିତ ହୋଇଛନ୍ତି ତାହାର ଚିତ୍ର ପରଜା ଉପନ୍ୟାସର ମୁଖ୍ୟ ଉଦ୍ଦେଶ୍ୟ ।

୭. ପରଜା ଉପନ୍ୟାସଟିକୁ ଦେଖିବାକୁ ଗଲେ ଏହା ହେଉଛି ଏକ ମଣିଷ ଜୀବନର ଯୁଦ୍ଧୋତ୍ତର ମହାକାବ୍ୟ । କାରଣ ୧୯୧୪ ମସିହାରେ ପ୍ରଥମ ବିଶ୍ୱଯୁଦ୍ଧ ଆରମ୍ଭ ହୋଇ

ISSN NO.
2582-208X

୧୯୧୮ ମସିହାରେ ଶେଷ ହେବା, ୧୯୧୭ ମସିହାରେ ଫରାସୀ ରାଷ୍ଟ୍ର ବିପ୍ଳବ, ୧୯୩୯ ମସିହାରେ ଦ୍ୱିତୀୟ ବିଶ୍ୱଯୁଦ୍ଧ ଆରମ୍ଭ ହୋଇ ୧୯୪୫ ମସିହାରେ ଶେଷ ହେବା ଏବଂ ୧୯୪୨ ମସିହାରେ ଘଟିଥିବା ଅଗଷ୍ଟ ବିପ୍ଳବକୁ ଲକ୍ଷ୍ୟକଲେ ଜଣାଯାଏ ଯେ ପରଜା ଉପନ୍ୟାସଟି ହେଉଛି ଏକ ଯୁଦ୍ଧୋତ୍ତର ମହାକାବ୍ୟ ।

୮. ଯେତେବେଳେ ଉପଭୋଗୀ ମଣିଷର ତୃଷ୍ଣା ଆହୁରି ବ୍ୟାପକରୁ ବ୍ୟାପକ ହୋଇଉଠି ଉଗ୍ରରୂପ ଧାରଣ କରେ ସେତେବେଳେ ସହିଷ୍ଣୁତା ଆବରଣ ଭିତରୁ ବାହାରି ଏକ ନୂତନ ଯୁଗର ମହାପୁରୁଷ ଆତ୍ମପ୍ରକାଶ କରେ, ଯିଏକି ଉପଭୋଗୀ ଶୋଷକ ଗୋଷ୍ଠୀକୁ ହତ୍ୟାକରି ସର୍ବହରାର ମୁକ୍ତି ପାଇଁ ସଙ୍କେତ ହେଇଥାଏ ।

୯. ଶୁକ୍ରୁଜାନି-ଜିଲି-ସାହୁକାର ରାମଚନ୍ଦ୍ର ବିଶୋଇ ଏଇ ତ୍ରିକୋଣ ଭୂମିରେ ଲେଖକ ନିଜେ ଗୋପୀନାଥ ମହାନ୍ତି ଏଠି ସାଜିଛନ୍ତି ଏହାର ଶୀର୍ଷବିନ୍ଦୁ । ତ୍ରିଭୁଜର ବାହୁ ଦୁଇଟି ଜିଲି ଓ ସାହୁକାର ରାମଚନ୍ଦ୍ର ବିଶୋଇ ହେଲେ ଭୂମିଟି ନିଜେ ହେଉଛି ଶୁକ୍ରୁଜାନି ।

୧୦- ଏହି ଦୁଃଖମୟ ଘଟାଣଟି ଆରମ୍ଭ ହୋଇଛି କୋରାପୁଟ ଜିଲ୍ଲାର ଶର୍ଶୁପଦ ଗାଁର କନ୍ଧ ଶୁକ୍ରୁଜାନିର ପରିବାରକୁ କେନ୍ଦ୍ରକରି । ଶୁକ୍ରୁଜାନିର ପରିବାରର ପ୍ରତ୍ୟେକ ସଦସ୍ୟମାନେ କିଭଳି ଭାବରେ ଶୋଷକ ଗୋଷ୍ଠୀମାନଙ୍କ ଦ୍ୱାରା ଅତ୍ୟାଚାରିତ ହୋଇ ସୁଖର ସଂସାରଟି କିଭଳି ଭାବରେ ଧୂଳିସାତ୍ ହୋଇଯାଇଛି ତାହାର ଚିତ୍ର ଏହି ପରଜା ଉପନ୍ୟାସ ମାଧ୍ୟମରେ ଆମେ ଦେଖିବାକୁ ପାଉ ।

୧୧. ମୋଟାମୋଟି ଭାବରେ କହିବାକୁ ଗଲେ ଗୋପୀନାଥ ମହାନ୍ତିଙ୍କ ପରଜା ଉପନ୍ୟାସରେ ମୁଖ୍ୟତଃ ଦୁଇଟି ଶୋଷଣର ଚିତ୍ର ଦେଖାଦେଇଛି । ଗୋଟିଏ ହେଉଛି - ଅର୍ଥନୈତିକ ଶୋଷଣ (ଗୋତିପ୍ରଥା) ଏବଂ ଅନ୍ୟଟି ହେଉଛି ଶାରିରୀକ ଶୋଷଣ ।

ଅର୍ଥନୈତିକ ଶୋଷଣ ସଭ୍ୟ ମଣିଷ ସମାଜ ପାଇଁ ଏକ କଳଙ୍କିତ ଅଧ୍ୟାୟ । ପରାଧୀନ ଓଡିଶାରେ ଗୋତିପ୍ରଥା ମାଧ୍ୟମରେ କିଭଳି ତିନୋଟି ଚରିତ୍ର ଶୋଷକ ଗୋଷ୍ଠୀର ଶିକାର

ISSN NO.
2582-208X

ହୋଇ ଗୋଡି ଖଟି ଖଟି ନିଜନିଜର ଅର୍ଥନୈତିକ ଭାରସାମ୍ୟ ହରାଇ ବସିଛନ୍ତି ତାହାର ଚିତ୍ର ଏଠାରେ ଆମେ ଦେଖିବାକୁ ପାଉଛୁ ।

୧୨ – ଠିକ୍ ସେହିଭଳି ଜିଲି ଓ ବିଲି ଭଳି ଦୁଇଟି ସରଳ ନିରୀହ ଚରିତ୍ର ମାଧ୍ୟମରେ ଶାରିରୀକ ଶୋଷଣରେ ଚିତ୍ର ପ୍ରତିଫଳିତ ହୋଇଛି । ଜିଲି କିଭଳି ମୁମାସ୍ତା କଣ୍ଟ୍ରାକ୍ଟର ଦ୍ଵାରା ଶୋଷିତ ହୋଇଛି ଏବଂ ଶେଷରେ ସାହୁକାର ରାମଚନ୍ଦ୍ର ବିଶୋଇ ଦ୍ଵାରା ରକ୍ଷିତା ହୋଇ ନିଜର ସତୀତ୍ଵ ହରାଇ ବସିବାକୁ ବାଧ୍ୟ ହେଉଛି ତାହାର ଚିତ୍ର ମଧ୍ୟ ଆମେ ଦେଖିବାକୁ ପାଉଛୁ ।

୧୩. ଶୁକ୍ରୁଜାନି ଯେତେବେଳେ ଅନୁଭବ କରିଛି ବଣ ଜଙ୍ଗଲ ପାହାଡ ଘେରା ତପୋବନ ସଦୃଶ ଦେବଭୂମିରେ କିଭଳି ସତ୍ୟର କଣ୍ଠରୋଧ କରାଯାଉଛି ସେତେବେଳେ ସେ ପ୍ରତିକ୍ରିୟାଶୀଳ ହୋଇ ଉଠିଛି । ସଇତାନ ଚରିତ୍ର ଭଳି ସାହୁକାର ରାମଚନ୍ଦ୍ର ବିଶୋଇ ଆଗେଇ ଆସିଛି ସତ୍ୟର କଣ୍ଠରୋଧ କରିବାପାଇଁ ।

୧୪ – ଶୁକ୍ରୁଜାନି ଏହିସବୁ ଲାଞ୍ଛନା, ପ୍ରତାରଣା, ଶୋଷଣକୁ ମୁଣ୍ଡପାତି ସହିଯାଇ ଧୈର୍ଯ୍ୟର ପିରାମିଡ୍ ପାଲଟି ଯିବାକୁ ଲେଖକ ଚାହିଁନାହାଁନ୍ତି । ସେହିଭଳି ଗୋପୀନାଥଙ୍କ ଶୁକ୍ରୁ ଆଖିରୁ ଗଳି ପଡୁଥିବା ଠୋପା ଠୋପା ଲୁହକୁ ଲେଖକ ନିଜେ ନିଜ ଦୁଇ ଆଞ୍ଜୁଳାରେ ଭରି ନିବେଦନ କରିଛନ୍ତି –

“ହେ ଧର୍ମ ତୁ ଦେଖୁଚୁ ନା! ବୁଢାର ଲୁହ? ମାଆ ବାପା ମଲା ପିଲାର ଲୁହ; ଗୋଡିର ଝାଳ, କାଉଡିଆ କାନ୍ଧର ଆବୁ, ବଳଦ ବେକର ଘା, କାହା ପଞ୍ଜରା ହାଡ ଗୋଟି ଗୋଟି ହୋଇ ଗଣିହେଉଛି ତ, କାହାର ପିଠା ଦିଫାଳି ଯେମିତି ଚଟୁ ଦିଫାଳି ଠିକ୍ ସେମିତି ଦେଖାଯାଉଛି” ।

୧୫. କିନ୍ତୁ ଲେଖକ ଗୋପୀନାଥ ମହାନ୍ତି ସେଇଠି ଅଟକି ଯାଇନାହାନ୍ତି, ପାପର ପ୍ରାୟଶ୍ଚିତ ବିଧାନରେ ପଛଘୁଞ୍ଚା ନଦେଇ ପରାଧୀନ ଭାରତରେ ସେହି ସନ୍ଧିକ୍ଷଣି ସମୟରେ ତିନୋଟି ଚରିତ୍ର ହାତରେ ତିନୋଟି ଅସ୍ତ୍ର ଧରେଇ ଦେଇଛନ୍ତି । ଶୋଷିତ ମଣିଷ କିଭଳି ଶୋଷକକୁ

ISSN NO.
2582-208X

ବିନାଶ କରିବାପାଇଁ ହିଂସ୍ର ହୋଇ ଉଠିଛି ଏବଂ ଆଗେଇ ଆସିଛି ହତ୍ୟା କରିବାପାଇଁ, ହତ୍ୟା କରିସାରି ଶୋଷିତ ମଣିଷ ଶୋଷକକୁ କହୁଛି - "ଅଧର୍ମ କରି ଜମି ନେଲୁ ସିନା ସାହୁକାର, ଭୋଗ ତୁ କରିପାରିବୁ ନାହିଁ, ଭୋଗ ତୁ କରିପାରିବୁ ନାହିଁ "।

୧୬. ପରଜା ଉପନ୍ୟାସର ଚରିତ୍ରମାନେ କିଭଳି ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ସଂଘର୍ଷ ହିଁ ସଂଘର୍ଷ କରି ଚାଲିଛନ୍ତି, କେବଳ ନିଜ ନିଜର ଅଧିକାର ପାଇବା ପାଇଁ। ଯେତେବେଳେ ଏହି ସରଳ ଆଦିବାସୀ ମଣିଷମାନେ ନିଜ ନିଜର ଅଧିକାରରୁ ବଞ୍ଚିତ ହୋଇଛନ୍ତି ସେତେବେଳେ ସେମାନେ ହିଂସ୍ର ହୋଇ ଉଠିଛନ୍ତି ଠିକ୍ ପଶୁଭଳି। ଉପଭୋଗୀ ଶୋଷକ ଗୋଷ୍ଠୀକୁ ହତ୍ୟା କରି ସର୍ବହରାର ମୁକ୍ତି ସଂକେତ ଦେଇଛନ୍ତି ଏବଂ ବୁର୍ଜିୟା ସମାଜ ଆଧିପତ୍ୟକୁ ସଂପୂର୍ଣ୍ଣ ରୂପେ ଧ୍ୱଂସ କରିଛନ୍ତି।

ବର୍ତ୍ତନା, ସୋମନାଥପୁର,ବାଲେଶ୍ୱର
Pin -756019
Mobile -7751926605

ISSN NO.
2582-208X

# ସ୍ନାନ ବେଦୀ



ତ୍ରିପତି ପ୍ରଧାନ

ତୁମେ, ଆସନ୍ତ ଆସନ୍ତ ପ୍ରଭୁ
ସ୍ନାନ ବେଦୀକୁ
ସ୍ନାନ କରି ଯାଅ ନାହିଁ
ଅଣସରକୁ (1)
ନଦେଖିଣ ଚର୍ମ ନେତ୍ର
ତୋ ରୂପ କଳା ସାଆନ୍ତ
ଭେଟିଲେ ଭେଟିବି ପଛେ
ଯମ ଦଣ୍ଡକୁ (2)
ବିଶ୍ୱ ବାସୀ ଦେଖି ତାତି
ହେ ବିଶ୍ୱବ୍ରହ୍ମାଣ୍ଡ ପତି
ହଅ ନାହିଁ ଉତ୍ତାପତ
ନିଜ ଦେହକୁ (3)
ତର୍ବୌଷଧି ତିଳ ତେଲ
ବୃକ୍ଷ ଲତା ଚେର ମୂଳ
ଆୟୁର୍ବେଦ ରହିଲାଣି
ବହୁ ପଛକୁ (4)
କାଞ୍ଚି ରାଜ ଭକ୍ତ ଭଟ
ଗଜାନନେ ନାହୁଁ ଭେଟ
ଫେରିଲେ ସେ ଫେରି ଯାଉ
ତାଙ୍କ ରାଜ୍ୟକୁ (5)

ବନ ଭୂମି ଗଜ ରାଜ
ହେଜି ଲାଗୁ ଅଛି ଲାଜ
ଲୋଭି ନର ନାଶିଲାଣି
ତାର ବଂଶକୁ (6)

ସଂସ୍କୃତ ଶିକ୍ଷକ, ଚିକିଟି, ଗଞ୍ଜାମ

ISSN NO.
2582-208X

# ପଥର



ଅକ୍ଷୟ ମହାନ୍ତ (ନିର୍ମାଲ୍ୟ)

ମାଇକେଲ ଆଞ୍ଜେଲୋ
ବଡ ସ୍ଥପତି ସେ
ବୁଲୁଥିଲେ ବଜାରରେ
ବୁଲୁ ବୁଲୁ ସିଏ
ଠିଆ ହୋଇଗଲେ
ମହାଜନଂକର ଦ୍ୱାରେ ।

ବିନୟ ବଚନେ
କହିଲେ ତାହାଂକୁ
"ମାଗିବି ତୁମକୁ କଛି
ପ୍ରାପ୍ୟ ଦେଇ ନେବି
ଦୁଆର ମୁହଁରୁ
ପଥରଟିଏ ମୁଁ ବାଛି।"

ହସି ମହାଜନ
କହିଲେ ତାହାଂକୁ
"ପ୍ରାପ୍ୟ ମୋର ଲୋଡା ନାହିଁ
ଅନାବନା ହୋଇ
ପଥର ପଡିଛି
ଅର୍ଥ ନେବି ତାହା ପାଇଁ???

ଧଳା ପଥରଟେ
ଉଠାଇ ସ୍ଥପତି
ନେଇଗଲେ ନଜ ସାଥେ
ଘସି ମାଜି କାଟି
ଚକ୍କଣ କରିଲେ
ବାରମ୍ବାର ନଜ ହାତେ।

ISSN NO.
2582-208X

ମହାଜନଂକୁ ସେ
ଅନୁରୋଧ କଲେ
"ଆସନ୍ତୁ ମୋହର ଘର
ଦେଖି ଦେଇ ଯିବେ
ଘରେ ସାଇତିଛି
ଆପଣଂକ ସେ ପଥର । "

ଗଲେ ମହାଜନ
ଆଞ୍ଜେଲୋଂକ ଘର
ବହୁ ଆଡେ ଦେଖିଥିଲେ
କେଉଁ ଆଡେ କାହିଁ
ପଥର ଖଣ୍ଡକୁ
ଖୋଜି ବି ପାଇ ନ ଥିଲେ ।

ମାଆ ପୁଅକୁ ସେ
ଦେଖାଇ କହିଲେ
"ଇଏ ମେରୀ ଆଉ ଖ୍ରୀଷ୍ଟ
ତୁମରି ପଥରେ
ତିଆରି ହୋଇଛି
ଇଏ ମୋ ଫଳ ଅଭିଷ୍ଟ। "

ଆଶ୍ଚର୍ଯ୍ୟ ଚକିତ
ହେଲେ ମହାଜନ
"ଏମିତି ବି ହୋଇପାରେ ?"
ସେହି ମୂର୍ତ୍ତି ଆଜି
ଶୋଭା ପାଉଅଛି
ରୋମ ମ୍ୟୁଜିୟମ୍ ଠାରେ ।

ମୋ ନଂ 9937462507

ISSN NO.
2582-208X

# ପ୍ରେମ ପ୍ରଲେପ



ଝରଣା ବାରିକ

ଆଜି ବି ସତେଜ ରହିଛି ମୋ ପାଖେ
ତୁମେ ଦେଇ ଥିବା ଗୋଲାପ,
ଏବେବି ହୃଦୟ ଭୁଲି ପାରି ନାହିଁ
ତୁମ ପ୍ରେମ ଭରା ପ୍ରଲେପ ।

କେତେ ଯେ ଫଗୁଣ ବିତି ସାରିଲାଣି
ମନେ ଅଛି ତୁମ କାହାଣୀ,
ଏବେବି ତୁମକୁ ଭୁଲି ପାରିନାହିଁ
ସାଜିଛି ମୁଁ ତୁମ ବାୟାଣୀ ।

ଆଜି ବି ଶ୍ରାବଣ ଝରିଗଲା ବେଳେ
ତୁମ କଥା ମନେ ପଡୁଛି,
ତୁମ ଦେଇଥିବା ପୁରୁଣା ଚଠିକୁ
ଏବେବି ମୁଁ ବସି ପଢୁଛି ।

ISSN NO.
2582-208X

ତୁମେ କହିଥିଲ ଭଲ ପାଇବା ମୋ
କହି ହେବ ନାହିଁ କଥାରେ,
ସେଦିନ ବୁଝିବ ମୋ ପ୍ରେମ ପ୍ରତୀକ
ଥିବ ଯେବେ ତୁମ ମଥାରେ ।

କେତେ ଭଲ ପାଅ ପଗ୍ଭରିଲି ବୋଲି
ରହିଥିଲ ମତେ ଅନେଇ,
କହିଥିଲ ମତେ ପଗ୍ଭରନା ଛାତି
ଚରି ହେବ ନାହିଁ ଦେଖେଇ ।

ଏଇ କଥା ପଦେ ଶୁଣିବା ପାଇଁ କ
ରହି ଥିଲି କେତେ ଅନେଇ,
ସେହିଦିନ ଠାରୁ ସବୁ ଦୁଃଖ କୁ ମୁଁ
ଦେଇଛି ମୋ ଠାରୁ ଦୂରେଇ ।

ସମଲ, ତାଳଚେର, ଅନୁଗୋଳ
ମୋବାଇଲ :- 9556846932

ISSN NO.
2582-208X

# ବିଡ଼ମ୍ବିତ ଯୌବନ



କୁଞ୍ଜ ବିହାରୀ ସାହୁ

କେନ୍ଦ୍ର ସରକାରଙ୍କ ଅଧୀନରେ ଉଚ୍ଚପଦସ୍ଥ ଅଧିକାରୀ ଭାବେ ଖୁବ୍ ଜଣାଶୁଣା ବିରାଜ ଦାସ ମହାପାତ୍ର । ବ୍ୟାଙ୍କ ବାଲାନ୍ସ, କୋଠାବାଡ଼ି, ଗାଡ଼ି କୋଉଥିରେ ଅଭାବ ନାହିଁ । ଉଚ୍ଚଭିଳାଷୀ ମଣିଷ ସେ । ସହରର ଚାକଚକ୍ୟରେ ଜୀବନ ବିତିଛି । ଭରପୂର ସୁଯୋଗ ପାଖରେ ରହିଛି ।

ଏକ ଆକସ୍ମିକ ଦୁର୍ଘଟଣାରେ ପତ୍ନୀ ସୁଜାତାର ପରଲୋକ ହେଇଯାଇଛି । ଆଖି ସାମ୍ନାରେ ଏଭଳି ମର୍ମନ୍ତୁଦ ଘଟଣାକୁ କେମିତି ପାସୋର ହେବ ମନରୁ, ଏକ ଶକ୍ତ ଧକ୍କା ଲାଗିଛି ବିରାଜଙ୍କୁ । ଏତେ ବଡ ଦୁନିଆରେ କାହିଁକି କେଜାଣି ହତାଶାବୋଧର ବୁଢିଆଣି ଜାଲ ଗୁଡ଼େଇତୁଡ଼େଇ ହେଉଛି । ନିବିଡ଼ ଅନ୍ଧାର ଆଉ ଭୟ / ଆଶଙ୍କା ପ୍ରତି ମୁହୂର୍ତ୍ତକୁ ସାଉଁଟି ଆଣୁଛି । ବାଟରେ, ଘାଟରେ କାକଟସର କଣ୍ଟା ବିଛେଇପଡ଼ିଛି । ଏକାକୀତ୍ୱକୁ କୋଳେଇ ନେଇ ବଞ୍ଚିବା କଷ୍ଟକର ହୋଇପଡୁଛି । ଗେଲ ବରଷର ପୁଅର ମୁହଁ ଚାହିଁ ଚାହିଁ ଦିନର ଅଧା ସମୟ ବିତିଯାଉଛି । ପୁଅର ପାଠପଢାକୁ ଠିକ୍ ଭାବେ ନଜର ରଖିପାରୁନାହାଁନ୍ତି । ବିରାଜଙ୍କ ବୟସ ୪୦-୪୫ ଭିତରେ । ରୋଗ ମାଡିବସୁଛି ଅକସ୍ମାତ୍ । ମନରେ ଦ୍ୱନ୍ଦ, ଭୟ, ଆଶଙ୍କା ଖୁନ୍ଦି ହେଇଯାଉଛି ଏକାବେଳେ । ମନେପଡିଯାଉଛି ପତ୍ନୀଙ୍କ ବିୟୋଗ ।

ବାଧ୍ୟହେଇ ବିରାଜ ରାଜଧାନୀର ନାଁ ନେଇଥିବା ବେସରକାରୀ ହସ୍ପିଟାଲକୁ ଯାଆନ୍ତି ଚେକ୍ ଅପ କରିବାପାଇଁ । ପରାମର୍ଶ ଲୋଡନ୍ତି ସ୍ପେଶିଆଲିଷ୍ଟଙ୍କର ।

ISSN NO.
2582-208X

ହସ୍ପିଟାଲରେ ଦେଖାହୁଏ ଷ୍ଟାଫ ନର୍ସ ରେଜିଆଙ୍କ ସହ । ରେଜିଆ ହସ୍ପିଟାଲର ଜଣେ ବିଶ୍ୱସ୍ତ କର୍ମଚାରୀ । ଫୁଲବାଣୀ ଜିଲ୍ଲାର ବାଲିଗୁଡାରୁ ଆସି ରେଜିଆ ନିଜର ଆସ୍ଥାନ ଜମେଇପାରିଛନ୍ତି । ଯେ କୌଣସି ରୋଗୀ ଆସିଲେ ବି ବାରଣ ନଥାଏ ତାଙ୍କର । ଅବିଚଳିତ ମନରେ ଡାକ୍ତରଙ୍କ ସହ ଉପଯୁକ୍ତ ଯୋଗାଯୋଗ ସ୍ଥାପନା କରିପାରନ୍ତି ରେଜିଆ। ପୁରୁଷ ଓ ନାରୀ ରୋଗୀ ଭିତରେ ଫରକ ଦେଖନ୍ତି ନାହିଁ । ଅପରେସନ ଥିଏଟର ହେଉ ଅବା ଡାଏଲିସିସ ସେଣ୍ଟର, ସବୁଠାରେ ଆବଶ୍ୟକତା ଅନୁଯାୟୀ ଉପସ୍ଥିତ ରୁହନ୍ତି । ବେଳେ ବେଳେ ଜ୍ଞାନ ଆହରଣ ପାଇଁ ଡେଲିଭରି ୱାର୍ଡରେ ପରିକ୍ରମା କରି ରୋଗୀମାନଙ୍କର ହାଲଚାଲ ବୁଝନ୍ତି । ମଦର ଟେରେସାଙ୍କୁ ନିଜ ଜୀବନର ଆଇଡଲ ବୋଲି ଭାବନ୍ତି । ସେବା ହିଁ ପରମ ଧର୍ମ - ଏହି ନୀତିକୁ ପାଥେୟ କରି ଆଗକୁ ଚାଲନ୍ତି । ସବୁଠାରୁ ବଡ କଥା ସେ ଶାଢି ପିନ୍ଧନ୍ତି ଯେ କୌଣସି ପରିସ୍ଥିତିରେ ବି । ଘରୋଇ ଆର୍ଥିକ ସମସ୍ୟା ଯୋଗୁ ବିବାହ କରିପାରିନାହାନ୍ତି । ମୃଦୁମଧୁର କଥାରେ ଜିଣିଯାଆନ୍ତି ରୋଗୀମାନଙ୍କ ହୃଦୟ । ରେଜିଆ ସଭିଙ୍କର ଆଦରଣୀୟା ଆଉ ଉଦାହରଣଟିଏ ।

ଏଇ କିଛି ଦିନ ହେଲା ବିରାଜଙ୍କର ପାଇଲିସ ବାହାରିଛି । ନିଜ କଷ୍ଟକୁ ଲୁଚେଇବାକୁ ଚେଷ୍ଟା କରି ବି ହାରିଯାଇଛନ୍ତି । ରବିବାର ଛୁଟିଦିନରେ ହସ୍ପିଟାଲକୁ ଯାଇଛନ୍ତି ବିରାଜ । ଅଧ ଘଣ୍ଟାଏ ଅପେକ୍ଷା ପରେ ଡାକ୍ତରବାବୁ ପହଞ୍ଚିଯାଇଛନ୍ତି । ସଂପୃକ୍ତ ଡାକ୍ତରଙ୍କ ପାଳି । ଡା ସୁଜିତ ଦାସବର୍ମା ପାଇଲିସ ରୋଗର ନିରାକରଣରେ ସିଦ୍ଧହସ୍ତ । ଫିସ୍ ଅପେକ୍ଷା ରୋଗୀସେବାକୁ ସମ୍ମାନ ଦିଅନ୍ତି । ଦାରିଙ୍ଗିବାଡ଼ିର ଅଧିବାସୀ, ଗାଉଁଲି କଥା ଓ ମାଟି ମା'କୁ ବେଶୀ ଭଲ ପାଆନ୍ତି ।

ସଂକୋଚରେ ବିରାଜ ନିଜ ରୋଗ କଥା କହୁ କହୁ ଡାକ୍ତରବାବୁ ଉପଦେଶ ଦିଅନ୍ତି ଚେକ ଅପ୍ କରିବାପାଇଁ ଓ.ଟି. ଭିତରେ । ମନରେ ଭୟ ପଶିଯାଏ ବିରାଜଙ୍କର। କିଭଳି କେଉଁ ଉପାୟରେ ନିଜକୁ ସଜାଡିବେ ଚିନ୍ତା କରିପାରୁନାହାନ୍ତି ସହଜରେ । ମନେ ମନେ କିନ୍ତୁ ଗୁଣୀ ହେଉଛନ୍ତି ରେଜିଆକୁ । ନିଜ ରୋଗକୁ କେମିତି ଦେଖାଇବେ ଡାକ୍ତରଙ୍କୁ। ଶଙ୍କିତ ହେଇଯାଉଛନ୍ତି ସେ । ଓ.ଟି.ରୁମକୁ ଗଲାପରେ ଦେଖନ୍ତି ରେଜିଆ ବେଡ ସଜାଡୁଛନ୍ତି

ISSN NO.
2582-208X

ସକାଳର ନିତ୍ୟକର୍ମପରି । ହଠାତ୍ ଭୟ ମାଡିବସୁଛି ବିରାଜଙ୍କ ମନ ଭିତରେ । ଜଣେ ଷ୍ଟାଫ ନର୍ସଙ୍କ ପାଖରେ ରୋଗକୁ ଦେଖେଇବେ କେମିତି ଡାକ୍ତରଙ୍କୁ !

ଡାକ୍ତରବାବୁ ଓ.ଟି.ରୁମକୁ ପ୍ରବେଶ କରନ୍ତେ ବିରାଜ କିନ୍ତୁ ବରଡାପତର ପରି ଥରୁଥାଆନ୍ତି । ଡାକ୍ତରବାବୁ ଆଶ୍ୱାସନା ଦେଇ କହନ୍ତି - 'ବିରାଜ ବାବୁ ଭୟ କରିବାର କ'ଣ ଅଛି । ଭୟ/ଲାଜ କଲେ ରୋଗ ବିଷୟରେ ଜାଣିବା କେମିତି ! ଏଇଟା ତ ହସ୍ପିଟାଲ୍ । ରୋଗ ଠିକ୍ ଭାବେ ଚିହ୍ନଟ ହେଲେ ସିନା ପ୍ରତିକାର ବ୍ୟବସ୍ଥା କରାଯିବ ।' ରେଜିଆକୁ ଡାକନ୍ତି ଡାକ୍ତର ଦାସବର୍ମା । ସାର୍ କହି ଉପସ୍ଥିତ ହୋଇଯାଆନ୍ତି ରେଜିଆ । ବିରାଜ ପେଟେଇ ବେଡ ଉପରେ ଶୋଇଯାଆନ୍ତି ।

ଏଭଳି ପରିସ୍ଥିତିରେ କିଛି କହିପାରିବାର ଯୁ ନଥାଏ ବିରାଜଙ୍କର ।

ଡାକ୍ତର ଦାସବର୍ମା ନିରୀକ୍ଷା କରି ଜାଣିବାକୁ ପାଆନ୍ତି ରୋଗ ବିଶେଷ ଭାବରେ ଆଗ୍ରାଭେଟ୍ ହେଇନି । ନିୟମିତ ଔଷଧ ସେବନରେ ଉପଶମ ମିଳିଯିବ ନିଶ୍ଚୟ । ଡାକ୍ତରବାବୁ ଫେରିଯାଆନ୍ତି ନିଜ କୋଠରୀକୁ । ହାତରୁ ଗ୍ଲୋଭସ କାଢିଦିଅନ୍ତି ।

ବିରାଜ ନିଜ ପୋଷାକ ସଜାଡି ଡାକ୍ତରବାବୁଙ୍କ ପାଖରେ ହାଜର ହୁଅନ୍ତି । ମେଡିସିନ ପ୍ରେସକ୍ରାଇମ କରିବା ସହ ରେଷ୍ଟ ନେବାକୁ ପରାମର୍ଶ ଦିଅନ୍ତି । ନମସ୍କାର କରି ଫେରିଆସନ୍ତି ଘରକୁ ବିରାଜ ଅଧା ମୁକୁଳା ଖୁସିରେ ।

ଡାକ୍ତର ଦାସବର୍ମାଙ୍କ ପରାମର୍ଶ ଅନୁଯାୟୀ ମେଡିସିନ ଚାଲୁ ରଖିଥାଆନ୍ତି ବିରାଜ । କିଛି ଦିନ ପରେ ନିଜକୁ ସୁସ୍ଥ ଅନୁଭବ କରନ୍ତି । ଠାକୁରଙ୍କୁ କୋଟିଏ ଜୁହାର ହୁଅନ୍ତି । ଡାକ୍ତରଙ୍କ ଅକୁଣ୍ଠ ସାହାଯ୍ୟ ଓ ସେବାମନୋବୃତ୍ତିକୁ ଭୂରିଭୂରି ପ୍ରଶଂସା କରୁଥାନ୍ତି । ବେଶୀ ପ୍ରଶଂସା କରୁଥାନ୍ତି ନିଜ ଯୌବନ ଉପରେ ନିଘା ନ ରଖି ରୋଗୀସେବାରେ ସମର୍ପଣ କରିଆସୁଥିବା ରେଜିଆକୁ । ଭାବୁଥାନ୍ତି ସତରେ ରେଜିଆ ଭଗବାନଙ୍କ ଅଂଶୀଦାର । ସେବା

ISSN NO.
2582-208X

ପାଇଁ ସତରେ ରେଜିଆ ଅଙ୍ଗିକାରବଦ୍ଧ । ରେଜିଆ ଯାହାର ଜୀବନସାଥୀ ହେବ, ସେ ପ୍ରକୃତରେ ସୁଖୀ ମଣିଷଟେ ହେଇଯିବ ଏ ସଂସାରରେ ।

ବେଳେବେଳେ ସମୟ ପାଇଲେ ରେଜିଆକୁ ଦେଖା କରିବା ବାହାନାରେ ହସ୍ପିଟାଲ ପଳେଇଯାଆନ୍ତି ବିରାଜ । ବୁଲି ଆସନ୍ତି । ସୁଯୋଗ ଖୋଜୁ ଖୋଜୁ ପଚାରି ଦିଅନ୍ତି - 'ଦିଦି ଭଲ ଅଛନ୍ତି ।'

ହଁ କହିଦିଅନ୍ତି ରେଜିଆ ।

ମନରେ ନିଆରା ଦୁର୍ବଳତା ଉଙ୍କିମାରେ ବିରାଜଙ୍କର । ଓ.ଟି.ରୁମରେ ବିରାଜଙ୍କ ଭୟକୁ ହାଲକା ଭାବେ ପ୍ରଶମିତ କରିଥିବା ରେଜିଆକୁ କିଭଳି କୃତଜ୍ଞତା ଜଣାଇବେ ଭାଳିହୁଅନ୍ତି ବିରାଜ । ଖବର ରଖନ୍ତି ରେଜିଆଙ୍କର ।

ଜାଣିବାକୁ ପାଆନ୍ତି ବିଶେଷ ସମ୍ବଳ ନଥିବା ଘରର ଝିଅ ରେଜିଆ । ତିନୋଟି ଝିଅ ହେଲାପରେ ବାପା ମା'ଙ୍କର ଇଛା ଥିଲା ଚତୁର୍ଥ ସନ୍ତାନଟି ପୁଅ ହେବ ବୋଲି । ବିଧିର ବ୍ୟତିକ୍ରମ ଭାଗ୍ୟରେଖା । କନ୍ୟାଟିଏ ଭୂମିଷ୍ଠ ହେଲାପରେ ମାନସିକ ଅଶାନ୍ତି ଲାଭ କରନ୍ତି ରେଜିଆର ବାପା, ମା । କାହାକୁ କିଛି ନ କହିପାରିଲେ ବି ଦୁଃଖରେ ଭାଙ୍ଗିପଡନ୍ତି ଗୋଟାପଣେ । କିନ୍ତୁ ପରବର୍ତ୍ତୀ ସମୟରେ ଉଚ୍ଚଶିକ୍ଷା ଗ୍ରହଣ କରି ସହରର ଆଧୁନିକ ଚାକଚକ୍ୟରେ ଗଢା ଏକ ହସ୍ପିଟାଲରେ ଷ୍ଟାଫ୍ ନର୍ସ ଭାବେ ଯୋଗ ଦିଅନ୍ତି ରେଜିଆ । ଦେହସାରା ସୌନ୍ଦର୍ଯ୍ୟର ପ୍ରଜାପତି ଉଡିବୁଲେ । କାର୍ଯ୍ୟର ସରଣୀରେ ବି ସମସ୍ତ କର୍ମଚାରୀ ମୁଗ୍ଧ । କେତେବେଳେ ରାତି ପାହେ ଜାଣିପାରନ୍ତିନି ରେଜିଆ । ଦିନ ବିତି ସନ୍ଧ୍ୟା କେତେବେଳେ କଡ ଲେଉଟାଏ, ଜାଣିବାର ଅବକାଶ ପାଆନ୍ତିନି ରେଜିଆ । ସାମଗ୍ରିକ ଦୃଷ୍ଟିକୋଣରୁ ଚମତ୍କାର ଝିଅଟେ । ବିବାହ କାହିଁକି କରିନି ବୋଲି ପଚାରିଲେ ମୁଣ୍ଡ ଟୁଙ୍ଗାରିଦିଅନ୍ତି ଆପେ ଆପେ । ସତେ ଅବା ରୋଗୀ ସେବା ହିଁ ଜୀବନର ମୂଳମନ୍ତ୍ର ।

ISSN NO.
2582-208X

ବିରାଜ ଚାହାଁନ୍ତି ଏଭଳି ସେବାକାରିଣୀ ଝିଅଟିଏ ତାଙ୍କର ସହଧର୍ମିଣୀ ହେଲେ କେମିତି ହୁଅନ୍ତା ! ମନରେ ଅନେକ ପ୍ରଶ୍ନ ବୁଢିଆଣି ପରି ଘୂରିବୁଲୁଛି । ଘରକୁ ଆସିଲାପରେ ବିରାଜଙ୍କର ସହାୟକ ହେବ ନା ଗେହ୍ଲାପୁଅ ସମୀରର ଉପଯୁକ୍ତ ମାଆ ହେଇପାରିବ ! ଏକ ଦ୍ୱନ୍ଦାତ୍ମକ ଚିନ୍ତାଧାରାର ଅଡୁଆ ସୂତାରେ ଛନ୍ଦି ହୋଇଯାଆନ୍ତି ।

କିଛି ମାସ ପରେ ଏକ ଘରୋଇ ସୂତ୍ରରୁ ପ୍ରସ୍ତାବ ଆଗତ କରାଗଲା ବିବାହ ପାଇଁ । ବୋଧହୁଏ ଇଛା ଥିଲା ଛତିଶ ବର୍ଷ ବୟସ୍କ ରେଜିଆର ବାହା ହେବାପାଇଁ । କାରଣ ବିରାଜ ଥିଲେ ଧନୀ, ସୁନ୍ଦର ଚେହେରାର ମଣିଷଟେ । ଧୀର ସ୍ଥିର, ସରଳ ତରଳ ସ୍ୱଭାବର । ବିରାଜକୁ ଜୀବନସାଥୀ କଲେ ହୁଏତ ଅଧୁରା ସ୍ୱପ୍ନ ସାକାର ହେବ ।

ତିଥି ଲଗ୍ନାନୁଯାୟୀ ଓ ବ୍ରାହ୍ମଣର ମନ୍ତ୍ର ଉଚ୍ଚାରଣ ଆଉ ବିଧିବଦ୍ଧ କାର୍ଯ୍ୟସୂଚୀରେ ବିରାଜ ଓ ରେଜିଆଙ୍କର ବାହାଘର ହୋଇଯାଏ । ଯାନିଯଉତୁକର ଘୋର ବିରୋଧୀ ରେଜିଆଙ୍କ ହାତ ଧରିଲାପରେ ସତେ ଅବା ଦେହ ଭିତରେ ସାଇତା ରୋଗ ଅପସରିଯାଏ ଆପଣାଛାଏଁ । ହସ୍ପିଟାଲକୁ ଯିବାର ବାହାନା ଆବଶ୍ୟକ ପଡେନି । ଆଉ ରେଜିଆକୁ ପାଖରେ ପାଇ ନିଜର ଅସଜଡା ଘରକୁ ସଜାଡନ୍ତି ବିରାଜ । ଆଖିରେ ଇନ୍ଦ୍ରଧନୁର ରଙ୍ଗ ଲାଗିଯାଏ । ଦେହରେ ଛିଟ ପ୍ରଜାପତି ପାଦ ପକାଏ ।

ବିରାଜ ଠିକ୍ ସମୟରେ ଅଫିସ ଯାଆନ୍ତି ବ୍ୟକ୍ତିଗତ କାର ଡ୍ରାଇଭିଂ କରି । ରେଜିଆ ମଧ୍ୟ ଦିନବେଳା ହସ୍ପିଟାଲ ଯାଇ ରୋଗୀସେବା କରନ୍ତି । ସମୟକୁ ମାପଚୁପ କରି ବିରାଜଙ୍କ ଏକମାତ୍ର ପୁଅ ସମୀରର ଦେଖାଚାହାଁ କରନ୍ତି ।

ସମୀର ଭଲ ପଢେ । ଦେଖିବାକୁ ଡଉଲ ଡାଉଲ । ଷୋଳ ବର୍ଷରେ ସବୁ କିଛି ସୁନ୍ଦର ଦିଶିଲା ପରି ସମୀରର ଦେହ ଲହୁଣୀ ପରି ଜଣାପଡୁଛି । ଛାତିରେ କେଶ ନାହିଁ ବରଂ ନାକ ତଳେ ମାଇ ନିଶଟିଏ ଗଜୁରିଛି ।

ISSN NO.
2582-208X

ସମୀରର ହଳଦୀଗଣ୍ଠି ପରି ଚେହେରାକୁ କହରା କେଶ ରାଶି ଖୁବ୍ ମାନୁଛି । ସୁଠାମ ଶରୀର, ପ୍ରଶସ୍ତ ଛାତି । ରେଜିଆ ଘରକୁ ଆସିଲା ପରେ ସମୀରକୁ ଦେଖି ତା ଭିତର ଯୌବନଟା ଈର୍ଷା କରୁଥାଏ ଯେମିତି । ଏତେ ବର୍ଷ ହସ୍ପିଟାଲରେ କାମର ଅବଧିରେ ସମୀର ଚେହେରାର ପୁଅଟିଏ ଦେଖିବାର ସୁଯୋଗ ପାଇନାହାନ୍ତି ସେ । ହଁ, ଅବଶ୍ୟ ତାଙ୍କ ଚାକିରୀର ପ୍ରଥମ ବର୍ଷରେ ବିଶ୍ୱବିଦ୍ୟାଳୟରେ ପଢୁଥିବା ଛାତ୍ରର କାଖଗୁଲି ଅପରେସନ ଆଉ ଛବିଶ ବର୍ଷର ବାଳକର ହାଇଡ୍ରୋସିଲ ଅପରେସନରେ ସହଯୋଗ କରିଛନ୍ତି ଡାକ୍ତରଙ୍କୁ । ସେତେବେଳେ କାହିଁକି କେଜାଣି ପୁଅମାନଙ୍କ ପ୍ରତି ଏତେଟା ଦୁର୍ବଳତା ଜାଗି ନଥିଲା ହେଲେ ଏବେ କିଆଁ ସମୀରଙ୍କୁ ଦେଖିଲାପରେ ଏକ ନିଆରା ଦୁର୍ବଳତା ଜଡସଡ ହେଉଛି ।

ବିରାଜ ନଥିଲା ବେଳେ ସମୀରକୁ ସହଯୋଗ କରିବା ଆଳରେ ରେଜିଆ ହସ୍ପିଟାଲରୁ ଶୀଘ୍ର ଫେରିଆସନ୍ତି । ସମୀର ସାଥୀରେ ଲଞ୍ଚ ବ୍ରେକ କରନ୍ତି । ବାସନ କୁସନ ସଫା ଜଲାପରେ କିଛି ସମୟ ରେଷ୍ଟ ନିଏ ରେଜିଆ । ସମୀରକୁ ପାଖକୁ ଡାକନ୍ତି । ବିଭିନ୍ନ ରୋମାଣ୍ଟିକ ସିନ ଥିବା ବହି ପଢାନ୍ତି । ଦେବକୀ ମାଆ ପରି ପରି ଗେଲ କରନ୍ତି । ସମୀର ଯେମିତି ତା ପ୍ରଥମ ମା' ନାହିଁ ବୋଲି ଅନୁଭବ ନ କରେ । କାରଣ ଏବେ ତ ରେଜିଆ ତା ମା' ହେଇସାରିଛି । ଅବଶ୍ୟ ସାବତ ମା' । ମା ଓ ସାବତ ମା ଭିତରେ ଫରକ କ'ଣ , କିଛି ବୁଝିବାକୁ ଦିଏନା ରେଜିଆ । ରେଜିଆର ଦୁଷ୍ଟ ଚାହାଁଣି ଫୁଲକା ଛାତି ଉପରେ ପହଁରିଯାଏ । କୌଶଳ କରି ହରମୋନ ଲୋସନ ଲେପିଦିଅନ୍ତି ସମୀରର ଛାତି ଉପରେ । ସମୀରକୁ ଭଲ ଲାଗେ ବୋଧହୁଏ, ଚୁପଚାପ ଶୋଇଯାଏ । ବେଶୀ ଭଲଲାଗେ ରେଜିଆକୁ ଦି ଆଙ୍ଗୁଠିରେ ନିପୁଲକୁ ଧରି ଗେଲ କରିବାକୁ । କେବଳ ସେତିକି ନୁହେଁ, ହସ୍ପିଟାଲରୁ ଲୁଚେଇ ଆଣିଥିବା ହରମୋନ ଦେହସାରା ବୋଳିଦିଅନ୍ତି । ସମୀରକୁ ପୁଅ ବଦଳରେ ଝିଅଟିଏ କରିବାର ଇଛାକୁ ସାକାର କରିବାକୁ ଅରମ୍ଭ କରନ୍ତି । ସମୀର ସବୁ କିଛି ପାଇଗଲାପରି ମନେରୁଥାଏ । କିଛି ପ୍ରଶ୍ନ ପଚାରିବା ପୂର୍ବରୁ ରେଜିଆ ଜାଣିପାରନ୍ତି ସମୀରର

ISSN NO.
2582-208X

ମନକଥା । କାରଣ ସେ ସମୀର ବୟସର ଅନେକ ପୁଅ ସହ ମିଳାମିଶା କରିଛନ୍ତି କେବଳ କଥା ଆଦାୟ କରିବାପାଇଁ ।

ରେଜିଆ ତା ଯୌବନରେ ଅନେକ ଥର ମାନସିକ ଭାବେ ଆହତ ହେଇସାରିଛନ୍ତି । ବାହା ହେଇ ମା ହେବାର ସ୍ୱପ୍ନ ଦେଖିଛନ୍ତି । ଯେତେବେଳେ ଲେବର ରୁମରେ ମହିଳାମାନଙ୍କୁ ଦେଖି କଥା ଛଳରେ ପଚାରିଦିଅନ୍ତି, ଅନ୍ତଃସତ୍ୱା ହେବାପାଇଁ କେତେ ଦିନ ଲାଗେ । ଶୁଣିଲାବେଳକୁ ରେଜିଆର ସ୍ତନ ଯୁଗଳ ସିଧା ଠିଆ ହେଲାପରି ଅନୁଭବ ହୁଏ । ଗୋପନୀୟ ଭାଗରେ ଅମାନିଆ ବିଜୁଳିର ଚମକ ଲାଗିଯାଏ । ପ୍ରଗଳଭ ଭାବରେ ଇଛାହୁଏ କାମ ବାସନାକୁ ସାକାର କରିବାପାଇଁ । ହେଲେ ସେ ଜଣେ ସ୍ୱାସ୍ଥ୍ୟକର୍ମୀ । ରୋଗୀ ସେବା ହିଁ ପରମ ଧର୍ମ। କାମ ପ୍ରବଣ ହେଲେ ସେବାକୁ ନିଜର କରିହେବନି ।

ମନେପଡିଯାଏ ସେଦିନର ସେ ଅସଜଡା ସମୟର କଥା । ବାହାରେ ବହଳ ଅନ୍ଧାର ଆଉ ଘର ଭିତରେ ପ୍ରଚୁର ଥଣ୍ଡା । ଦେହ ମନରେ କାମନାର ତାତି । ଦେହର ଉଷ୍ମତାକୁ ମାପିବାକୁ ବିଶ୍ୱବିଦ୍ୟାଳୟର ଆଇନ ବିଭାଗର ଛାତ୍ରଟି ରେଜିଆକୁ କୋଳେଇ ନେଇଯାଇଛି ପଲଙ୍କ ଉପରେ । ଏକ ନିରୋଳା ବିରଳ ମୁହୂର୍ତ୍ତର ଫାଇଦା ଉଠେଇ ସଙ୍ଗମ କରିଛି ଗୋଟାପଣେ । କୁମାରୀ ମା ବନେଇବାକୁ ବେଶି ସମୟ ନେଇନି ସିଏ । ନିଜ ଯୌବନକୁ ନେଇ ନିଜେ ନିଜେ ତାରିଫ କରୁଥିବା ରେଜିଆ ବିଡମ୍ବିତ ଯୌବନକୁ ନେଇ କାନ୍ଦୁଛନ୍ତି । ସମାଜର ନିନ୍ଦା ଅପମାନକୁ ସାମ୍ନା କରି ଅପରେସନ ସମୟରେ ଡାକ୍ତରଙ୍କ ଅସାବଧାନତା ଯୋଗୁଁ ଚିରଦିନ ପାଇଁ ମା ହେବାର ସୌଭାଗ୍ୟରୁ ବଞ୍ଚିତ ହେଇଛନ୍ତି । ହୃଦୟ ଫାଟିଯାଇଛି। ଦେହ ସାରା ଯୌବନ ପହଁରା ମାରିଲେ ବି କାହାକୁ ମୁହଁ ଦେଖେଇ ପାରିନାହାନ୍ତି । ଅସଜଡା ଯୌବନ ତାକୁ ହତାଦର କରିଛି । ମନରେ ରାଗ, ହିଂସା ଜୋର୍ ଧରିଛି । ଶକୁନି କୁରୁବଂଶ ଧ୍ୱଂସ କରିଲା ପରି ସେ ସମୀରକୁ ଉତ୍ତରଦାୟାଦ ହେବାର ସୌଭାଗ୍ୟକୁ ଛଡେଇ ନେଉଛନ୍ତି ।

ISSN NO.
2582-208X

ନିଜ ପୁଅ ହେଲେ ବି ଅନୈତିକ ଶାରୀରିକ ସମ୍ପର୍କ ରଖି ପୁରୁଷତ୍ୱକୁ ନଷ୍ଟ କରିଦେବାର ପଶାକାଠି ବିଞ୍ଚିଦେଇଛନ୍ତି । ସମୀର ତା ମା' ର ଆଲିଙ୍ଗନକୁ ସୁନାପିଲାଟି ପରି ଗ୍ରହଣ କରିସାରିଛି । ସତରେ ଏ ମଜା କୋଉଠି ପାଇଥାନ୍ତା ସେ ! ସେଥିପାଇଁ ସାବତ ମା' ଉପରେ ଗଭୀର ବିଶ୍ୱାସ ଜନ୍ମିଯାଇଛି । ରେଜିଆ ବୁଝିପାରିଛନ୍ତି ସମାଜ ତାକୁ କ୍ଷମା ଦେବନି। ହେଲେ ଯେତେବେଳେ ତା ବୟସଠୁ ଛୋଟ ହେଇଥିବା ବିଶ୍ୱବିଦ୍ୟାଳୟର ଆଇନ ଛାତ୍ରଟିଏ ମିଛ ପ୍ରଲୋଭନ ଦେଖାଇ ତା ଯୌବନଟାକୁ ଖିନଭିନ କରିଦେଇଛି, ସେତେବେଳେ ଏ ସମାଜ କୋଉଠି ଥିଲା ?? ରେଜିଆର ଯୌବନରେ ସେ ପ୍ରଲୁବ୍ଧ ହେଇଯାଇଛି ନା ରେଜିଆ ଜ୍ଞାତସାରରେ ନିଜ ଦେହଟିକୁ ସମର୍ପି ଦେଇଛି । ବେଳେ ବେଳେ ନିଜକୁ ବି ପ୍ରଶ୍ନ କରେ ରେଜିଆ । କାରଣ ତାଆରି ସମ୍ମତିରେ ହିଁ ଯୌବନକୁ ଅଜାଡିଦେଇଛି ଅନୈତିକ ଭାବେ । ପରିଣତି ଭୋଗୁଛି ଏବେ ।

ହାତଯୋଡି ଅନୁନୟ କରିସାରିଛି ରେଜିଆ । କିନ୍ତୁ ଡଷ୍ଟବିନରେ ଫୋପାଡିଦେଇଛି ଅସଭ୍ୟ ଛାତ୍ରଟି । ସୁନ୍ଦର ସୁଠାମ ଦେହଟିକୁ ବିକ୍ରି କଲାପରେ କେତେ ଲାଭ ଉଠାଇଛି ନା କ୍ଷତି ସହିଛି ରେଜିଆ ? ହଁ ଅସରନ୍ତି କ୍ଷତି ସହିଛି । କଅଁଳିଆ ଦେହଟିକୁ ଚାଟି ଚାଟି ସଫା କରିଦେଇଛି ଅବିବେକୀ ଛାତ୍ରଟି । ସେ ବି ନିଜ ଯୌବନକୁ ଗର୍ବ କରି ଓଲଟା ଫଳ ପାଇଛି। କେବଳ ଯନ୍ତ୍ରଣା ଆଉ ଘୋର ଅପମାନ । ନିନ୍ଦା- ଅପବାଦ । ଏ ସଭ୍ୟ ସମାଜ ଉପେକ୍ଷା କରିଛି । ସେହିଦିନଠୁ ଏ ବିଡମ୍ବିତ ଯୌବନକୁ ନେଇ ବଞ୍ଚିଛି । ବାଧ୍ୟ ହୋଇ ହସ୍ପିଟାଲରେ ସମୟ ବିତାଉଛି ରେଜିଆ ରୋଗୀସେବାରେ । ସୁନ୍ଦର ପୁଅମାନଙ୍କ ଉପରେ ବିତୃଷ୍ଣା ଭରିରହିଛି ରେଜିଆ ମନରେ ।

ବିରାଜକୁ ବାହା ହେଲା ପରେ ଭାବିଛନ୍ତି - 'ଏ ଘର ମୋର, ଏ ଗାଡି ମୋର । ଆଉ ସମୀର ପୁଅ ହେଇ ବି ବାହା ହେଇପାରିବନି କି ବାପ ହେଇପାରିବନି । ତା ଯୌନ କ୍ରିୟା ଅପସରି ଯିବ । ଶିଖଣ୍ଡୀ ପାଲଟିଯିବ ସମୀର । ହସ୍ପିଟାଲରେ ସୁନ୍ଦର, ରସାଳ ବ୍ୟବହାର ଦେଖାଇ ଭେଷଜ ଶାସ୍ତ୍ର ଉପରେ ଗଭୀର ଜ୍ଞାନ ପାଇଛି । ଅପରେସନ ସମୟରେ ଡାକ୍ତରଙ୍କୁ ବୁଝିନେଇଛି ନପୁଂସକ କରାଇବାର ପଦ୍ଧତି । ହିଂସାନଳରେ ଜଳି ଜଳି କେବଳ

ISSN NO.
2582-208X

ଗୋଟେ ସୁଯୋଗ ଖୋଜୁଥାନ୍ତି ରେଜିଆ । ତେଣୁ ଅନେକ ସମୟରେ ହସ୍ପିଟାଲରୁ ଫେରି ସମୀରର ଦେହସାରା ଲୋସନ ବୋଳି ଉତ୍ତେଜିତ କରିଦିଅନ୍ତି । ସମୀରର ବକ୍ଷୋଜକୁ ବିସ୍ତାର କରି ନାରୀ ରୂପରେ ସଜେଇ ଦିଅନ୍ତି । ଯୌନାଙ୍ଗକୁ ଶିଥିଳ କରାଇ ସମୀରକୁ ନପୁଂସକ କରାଇବାକୁ ପ୍ରୟାସ ଜାରିରଖନ୍ତି । ସମୀର ସୁନାପିଲାଟି ପରି ନିଜ ଯୌବନକୁ ଅଜାଡିଦିଏ ସାବତ ମା' ଉପରେ । ମନରେ ଥାଏ ଭରପୂର ବିଶ୍ୱାସ ଓ ଭରସା । ବାଳୁତ ମନରେ ବୁଝିପାରେନା ସହଜରେ ତା ଆଗାମୀ ଭବିଷ୍ୟତ କ'ଣ ? ନିରବରେ ଭାବିବସେ ସଂସାରରେ ସାବତ ମା' ମାନେ ନିଷ୍ଠୁର ନା ସୁବିଧାବାଦୀ । ପ୍ରଶ୍ନ ଟିଏ ସମାଜ ପାଇଁ । ସେ କେବେ ବି ଭାବିପାରେନା ଏ ଭଙ୍ଗା ମନଟା ହଁ ଯୌବନ । କିଛି ପାଉ ପାଉ ହରାଇବାର ଅବସୋସ ! ଭାଗଫଳ ନ ଆସୁଣୁ ଅଛିଣ୍ଡା ଭାଗଶେଷ । ଆଖି ଓଦା ନ ହୋଇପାରୁଥିବା କାନ୍ଦ ।

ଦିନ ପରେ ଦିନ ଗଡି ଚାଲେ । ରେଜିଆର ଖୋଲା ଯୌବନକୁ ବିରାଜ ମନଭରି ଉପଭୋଗ କରନ୍ତି । ରେଜିଆର ଓଠ ଆଉ ଆଖିଦିଇଟା ବହୁତ ସୁନ୍ଦର । ନୀଳ ନୟନା ଆଉ ଚମ୍ପକ ବରନା । ହରିଣୀ ଚାହାଁଣୀ । ଚିବୁକ ପାଖରେ ଛୋଟ ଡିମ୍ପଲ ବି ଆହୁରି ରମଣୀୟ / ଆକର୍ଷଣୀୟ । ନିତମ୍ବରେ ଯେମିତି କାମନାର ମିଠା ମିଠା ସ୍ୱାଦ । ଗୋପନୀୟ ସ୍ଥାନରେ କି ପ୍ରଚୁର ମାଦକତା । ସତେ ଯେମିତି ବିରାଜ ଅତି ମାତ୍ରାରେ ଖୁସିହେଇଯାଆନ୍ତି ! ଟିକେ ସମୟ ପାଇଲେ ରେଜିଆର ଦେହଟିକୁ ଚାଟିଦିଅନ୍ତି କାମ ମୋହରେ । କାରଣ ପ୍ରଥମ ସ୍ତ୍ରୀର ସମ୍ଭୋଗ ଏତେଟା ସମ୍ମୋହନ ଦେଉ ନଥିଲା ମନ-ପ୍ରାଣରେ । ରେଜିଆକୁ ଏତେ ରୋମାନ୍ସ ଦେଲାପରେ ବି ବିରାଜଙ୍କ ତନ୍ତ୍ରୀରେ ଏକ ଅସଜଡା ଭୟ ଓ ଆଶଙ୍କା ଉଙ୍କି ମାରୁଥିଲା । ଏତେ ସମୟ ଶାରୀରିକ ସମ୍ବନ୍ଧ ପରେ ବି ରେଜିଆ କାହିଁକି କ୍ଲାନ୍ତି ଅନୁଭବ କରୁନାହାଁନ୍ତି । ସବୁ ସୁଖକୁ ଆବୋରି ନେବାରେ ଖୁସି ପାଆନ୍ତି ନା ଏକ ଅଛପା ଦୁଃଖକୁ ସାମ୍ନା କରିବାର ଭୟରେ ଚୁପ୍ ହେଇଯାଆନ୍ତି ! ଏତେ ଦିନ ଧରି ଦୈହିକ ସୁଖ ପାଇଲାପରେ ବି ମା' ହେଉନାହାଁନ୍ତି କାହିଁକି ? କୋଉଠି ଦୁର୍ବଳତା ରହିଲା ?

ISSN NO.
2582-208X

ରେଜିଆ କିନ୍ତୁ ମନକଥାକୁ ଚାପି ବିରାଜକୁ ସବୁ ସୁଖ ଦେଇଚାଲନ୍ତି। ସେ ଜାଣନ୍ତି ଜୀବନରେ ମା' ହେଇପାରିବେନି । ତେଣୁ ରାତିଦିନ ବିରାଜକୁ ଖୁସି ଦେବାରେ ଅସୁବିଧା କଅଣ ! ଖୁସି ଯେତେ ବାଣ୍ଟିବ, ଆହୁରି ମହକିଯିବ । ବିରାଜଙ୍କ ମନରେ ଅତୃପ୍ତିର ଚିହ୍ନ ବାରିହୋଇପଡେ ସହଜରେ ।

ସମୀରର ଶରୀରରେ ପରିବର୍ତ୍ତନ ଦେଖି ବିରାଜ ଚମକିଯାଆନ୍ତି । ଭାବନ୍ତି ଏ ବୋଧେ ଯୌବନର ଦୋଷ । ନିଜ ମା' କୁ ହରାଇ ଏବେ ସାବତ ମା' ସାଥିରେ ଅନେକ ସମୟ ବିତାଉଛି ସମୀର । ସାଙ୍ଗସାଥୀମାନଙ୍କ ଘରକୁ ଯାଇ ଭୁଲବଶତଃ ଅଶାଳୀନ ସମ୍ପର୍କରେ ପଡିଯାଇଛି କି ? ପ୍ରଥମେ ପ୍ରଥମେ ଚୁପ୍ ରହନ୍ତି । କାରଣ ଖୋଜିଲେ ପାଇପାରନ୍ତିନି । ରେଜିଆକୁ ପଚାରନ୍ତି । ହେଲେ ସେ ହସି ଦିଅନ୍ତି ଗୋଲାପି ଓଠରେ । ଉପର ବାହାଡାଦାନ୍ତଟି ବହୁତ ସୁନ୍ଦର ଦିଶିଯାଏ । ମଜା ମଜଲିସରେ ସମୟ ବିତିଯାଏ ସେଇଠି ।

ଆଉ ସମ୍ଭାଳିପାରନ୍ତିନି ବିରାଜ ନିଜର ଏକମାତ୍ର ପୁଅ ସମୀରର ଅସନ୍ତୁଳିତ ଶାରୀରିକ ଅବସ୍ଥା ଦେଖି । ବିଶ୍ୱାସ ବି କରିପାରନ୍ତିନି ସହଜରେ । ଚିନ୍ତିତ ହେଇପଡନ୍ତି । କାରଣ ଖୁବ୍ ସରଳ, ତରଳ ସ୍ୱଭାବର ମଣିଷଟେ । ପୁଅ ସମୀରକୁ ନେଇ ଚିହ୍ନା ପରିଚିତ ଡାକ୍ତରଙ୍କ ସହ ପରାମର୍ଶ ଲୋଡିଛନ୍ତି । ବଡ ବଡ ସରକାରୀ ଓ ବେସରକାରୀ ହସ୍ପିଟାଲରେ ଡାକ୍ତରଙ୍କର ଚିକିତ୍ସା କରାଇଛନ୍ତି । ଭାବନାର ଗଣିତଟା ଅଛିଣ୍ଡା ହେଇଯାଇଛି ତାଙ୍କର ସରଳତାରେ/ ଏକ ଅସହାୟ ବିଶ୍ୱାସରେ । ଜାଣିପାରନ୍ତି ସମୀର ନପୁଂସକ ହେବାକୁ ଯାଉଛି । ସମୀରର ପୁରୁଷପଣିଆ ସୁତାଖିଅରେ ଝୁଲୁଛି । ଗୋଟିଏ ବୋଲି ପୁଅ। ପିଲାଟିବେଳୁ ମାଆକୁ ହରାଇ ଆଖି ଲୁହ ଆଖିରେ ଚାପି ରଖିଥିବା ପୁଅଟି ଉତ୍ତରଦାୟାଦ ହେଇପାରିବନି, ଜାଣିଲାବେଳକୁ ଆକାଶଟା ଛିଣ୍ଡିପଡୁଛି ମୁଣ୍ଡ ଉପରେ । ପାଦ ତଳୁ ପୁଳାଏ ମାଟି ଧସେଇ ଖସୁଛି ଆପଣାଛାଏଁ । ନିନ୍ଦା ଅପବାଦ, ଅସମର୍ଥତାକୁ ମୁଣ୍ଡେଇ ସମାଜର ଦାଣ୍ଡରେ ଚାଲିଲାବେଳକୁ ଧଇଁସଇଁ ହୋଇଯାଉଛନ୍ତି । ହେଲେ ଦୋଷ କାହାକୁ ଦେବେ ?

ISSN NO.
2582-208X

ରେଜିଆ ଯେ ଘର ଢିଙ୍କି କୁମ୍ଭୀର, ବିଶ୍ୱାସ କରୁ କରୁ ଅବିଶ୍ୱାସ ପାଖରେ ହାରିଯାଆନ୍ତି । ରେଜିଆର ଯୌବନର ମିଠା ମାଦକତା ବିରାଜକୁ ଏତେ ଘାରିଛି ଯେ ଜିଭ ଲେଉଟୁନି ଦି ପଦ ବିରୋଧଭାଷ ବଖାଣିବାକୁ । ନିରବତାରେ ସମୟ କଟୁଛି ।

ସବୁ ଥାଇ ବି ଘରଟା ଖାଁ ଖାଁ ଲାଗୁଛି । ନେଡିଗୁଡ କହୁଣୀକୁ ବୋହିଯାଉଛି ଆପେ ଆପେ। ଜୀବନର ସଂଜ୍ଞାକୁ ପରଖୁ ପରଖୁ ନିଜକୁ ଅସହାୟ ମଣୁଛନ୍ତି । ପୁଅର ଏ ବିଡମ୍ବିତ ଯୌବନ କେତେ ଦିନର ???

ଏଲ୍.ଆଇ.ଜି ୧୫
ନୟାପଲ୍ଲୀ ବ୍ରିଟ୍ କଲୋନୀ, ଭୁବନେଶ୍ୱର
୭୦୦୮୧ ୪୨୦୪୦

ISSN NO.
2582-208X

# ପ୍ରୀତିର ମହ୍ଲାର

ବେଣୁଧର ସୂତାର

ବୟସର ଗୋଲପି ବେଳାରେ
କାହାର ଏ ମୃଦୁ ପାଦଚହ୍ନ
ମୁହିଁ ମୁକ୍ତ ପ୍ରଜାପତି ଟିଏ
ମନ ତଳେ ମିଠା ଆଲୋଡନ ।।

ସପନରେ  ମହୁଆ ଚମକ
ପୁଲକତ ଉତ୍ ଫୁଲ ଉଲ୍ଲାସେ
ବୁକତଳେ ଖେଳେ ଉନ୍ମାଦନା
ମନ ମଲ୍ଲୀ ମହମହ ବାସେ ।।

ତନୁତୀର୍ଥେ ବହଳ ରୋମାଞ୍ଚ
ସପନର ଘୁଙ୍ଗୁରବେଳା ତୀରେ
ଝୁମିଝୁମି ନାଚଯାଏ ମନ
ମୂର୍ଚ୍ଛନା ର ଅପୂର୍ବ ଝଙ୍କାରେ ।।

ଅଙ୍ଗେଅଙ୍ଗେ ଶିହରଣ ଜାଗେ
ମନହୁଏ ସତେ ଆନମନା
ବୟସର ତନ୍ଦ୍ରିଳ ସ୍ୱପ୍ନରେ
ବିଳାସର ବହଳ ବ୍ୟଞ୍ଜନା ।।

ISSN NO.
2582-208X

ମିଠା ମିଠା ରୂପଚନ୍ଦ୍ର ଆଙ୍କେ
ନୀଳ ନୀଳ କପୋଳ ନୟନେ
ସପନର ଝୁଲଣାରେ ବସି
ମନଝୁମେ ପ୍ରୀତିଫୁଲବନେ ।।

ପ୍ରୀତିମୟ ଲାଗେ ଏ ସଂସାର
ବୟସରେ କୃଷ୍ଣଚୂଡା ରଙ୍ଗ
ମିଠା ତାତି ଭରିଦିଏ ଅଙ୍ଗେ
ନୟନରେ ତଡିତ୍ ତରଙ୍ଗ ।।

ଆବେଗର ମୁଗ୍ଧ ଅନୁରାଗ
ବୟସରେ ମଧୁର ଶୃଙ୍ଗାର
ଯୌବନର କାଉଁରୀ କୁହୁକେ
ମନ ଗାଏ ପ୍ରୀତିର ମହ୍ଲାର ।।

ରଙ୍ଗମୟ ଛନ୍ଦମୟ ତନୁ
ଋତୁ ଲାଗେ ଫଗୁଣ ଫଗୁଣ
ସପନର କୋଣ ଅନୁକୋଣେ
ପୁଲକତ ପ୍ରୀତିର ପାର୍ବଣ ।।

ରୂପ ରଙ୍ଗ ରସ ସମାହାର
ଲାବଣ୍ୟର ରମ୍ୟ ପଦ୍ମବନ
ତାରୁଣ୍ୟର ତନ୍ମୟ କୁଞ୍ଜକୁ
ରଙ୍ଗସ୍ୱପ୍ନେ ଆସିଛି ଯୌବନ ।।

କେଶଦୁରାପାଳ କେନ୍ଦୁଝର
ଦୂରଭାଷ -୯୧୭୮୫୬୮୨୪୬

ISSN NO.
2582-208X

# ନାଆଁ ସଙ୍କଟମୋଚନ



ରାଜକିଶୋର ସ୍ୱାଇଁ

ଜୟ ହନୁମାନ ମାରୁତି ନନ୍ଦନ
ପାଦତଳେ ଦିଅ ସ୍ଥାନ,
ଦୁଃଖ ଫେଡି ସୁଖ ଦେବାରୁ ତୁମରି
ନାଆଁ ସଙ୍କଟମୋଚନ ।୧ ।
ଦେହ ଲାଲ ରଙ୍ଗ ବଜ୍ର ପରି ଅଙ୍ଗ
ଶିବ ତେଜ ନେଇ ଜନ୍ମ,
ଟାଳ ବିପଦକୁ ରଖ ତୁମେ ତାକୁ
ଜପେ ଯିଏ ରାମ ରାମ ।୨ ।
ଲଲାଟରେ ଜଟା କାନ୍ଧରେ ପଇତା
ଜନମରୁ ବ୍ରହ୍ମଚାରୀ
ଦୁନଆଁରେ ନାହିଁ କେହି ଜଣେ କାହିଁ
ପ୍ରଭୁ ଭକ୍ତ ତୁମ ପରି ।
ମହିମା ତୁମରି ପାରିବ କେ କଳି
ହେ ରାମ ହୃଦୟ ହାର,
ତୁମ ଆରାଧନା କରେ ଯିଏ ତାକୁ
ମିଳେ କୃପା ରାମଙ୍କର ।୪ ।
ହେ ଶ୍ରୀରାମ ଦୂତ ତୁମେ ମୋ ବିଶ୍ୱାସ
ଆହେ ଜ୍ଞାନ ବୁଦ୍ଧି ଦାତା,

ISSN NO.
2582-208X

ନକରି ନୈରାଶ ମୋତେ ହେ କପିଶ
ଦୂର କର ମୋ ଅଜ୍ଞତା ।୫ ।
ଭକତି ଅନ୍ତରେ ଯିଏ ପାଠ କରେ
ନତି ତୁମେ ସ୍ତୁତି କରଶାକୁ,
ରୋଗ ଶୋକ ତାର ସବୁ କରି ଦୂର
ଆଶୀର୍ବାଦ ଦିଅ ତାକୁ ।୬ ।
ରାମ କୃପା ଲଭି ଜଗତରେ ତୁମେ
ଅମର ହେ ମହାବୀର,
ଗାଇବାକୁ ତୁମ ଭକତି ସଙ୍ଗୀତ
କଣ୍ଠେ ଭାଷା ଦିଅ ମୋର ।୭ ।
ଯିଏ ତୁମ ରାମ ସିଏ ଜଗନ୍ନାଥ
ବିଜେ ନୀଳାଚଳ ଧାମେ,
ସିଦ୍ଧ ନାମେ ଶ୍ରୀକ୍ଷେତ୍ରରେ
ପୂଜା ପାଉଅଛ ତୁମେ ।୮ ।
ଯେତେ ଦିନ ରହିଥିବ ରାମ ନାମ
ତୁମେ ଥିବ ସେତେ ଦିନ,
ତୁମ ବିନା ରହିଯାଏ ଜଗତରେ
ରାମ କଥା ଅସମ୍ପୂର୍ଣ୍ଣ ।୯ ।
ହେ ପବନ ସୁତ ରାମଙ୍କର ଭକ୍ତ
ଏତିକ ସୁଦୟା ହେଉ,
ଜୀବ ଗଲାବେଳେ ରାମ ନାମ ସଦା
ତୁଣ୍ଡରେ ମୋ ରହିଥାଉ ।୧୦ ।

ଅବସରପ୍ରାପ୍ତ ଉପ ଆରକ୍ଷୀ ଅଧିକ୍ଷକ
ନୂଆପଡା, ନୂଆବଜାର, କଟକ

ISSN NO.
2582-208X

# ପତିତପାବନ
# ହରି



ଅଳକା ବାରିକ୍

ପତିତ ପାବନ ହରି ଦଇତାରୀ ତପୀ ଜନଙ୍କର ତପ ।

ପୂର୍ଣ୍ଣବ୍ରହ୍ମ ପୁରୁଷ ଉତ୍ତମ ସେହି ରଘୁର୍‌ନ ବିଶ୍ୱ ବାପ ।୧।

ପୁତନାରୀ ମଧୁହାରି ଦାନବାରୀ ଦର୍ଶନେ ହରଇ ପାପ ।

ପାବନ ଯାହାର ନାମ ରୂପ ଗୁଣ ହରଇ ଯମ ବହାପ । ୨।

ପିତ ବସନ ପରଧାନ ମୋହନ ଭଜନେ ହରେ ସନ୍ତାପ ।

ପୂଣ୍ୟ କ୍ଷେତ୍ର ତାର ଧାମ ନୀଳା ଚଳ ନନ୍ଦନନ୍ଦନ ପାବନ ।୩।

ପୁରୁଷ ପୁର୍‌ଣ ଦେବ ନାର୍‌ୟଣ ଦର୍ଶନେ ଦୂରୀତ ଲୋପ ।

ପୁର୍‌ଣ ପୁରୁଷ ପ୍ରଭୁ ହୃଷୀ କେଶ ଜଗଦୀଶ ମାର ବାପ।୪।

ପୁତ୍ରରୂପେ ପାଇ ନନ୍ଦ ଗଲ୍ ତରି ଧନ୍ୟ ତାର ବିଶ୍ୱ ରୂପ ।

ପରମ ପୁରୁଷ କମଳା ବିଳାସ କୃଷ୍ଣ କଳା ଶିରୀ ଗୋପ ।୫।

ମହୁ, ଆଉଳ ,କେନ୍ଦ୍ରାପଡ଼ା,ଓଡ଼ିଶା

ISSN NO.
2582-208X

# ଅଚହ୍ନା ବନ୍ଧନ

(ଧାରାବାହିକ)



ଜୟଲକ୍ଷ୍ମୀ ସେଠୀ

ସୁନନ୍ଦା ଶାଶୁ ଶଶୁରଙ୍କୁ ଖାଇବାକୁ ଦେଇ ଅମନ ବେଡରୁମ୍ ରେ କମ୍ପ୍ୟୁଟର ଦେଖିଗଲା। ଇନ୍ଦୁମତୀ ବି ଶୋଇ ଯାଇଥିଲେ । ସିଦ୍ଧେଶ୍ୱର ବାବୁ ଖବରକାଗଜ ଧରି ଡ୍ରଇଁ ରୁମ୍ ରେ ପଢୁଥାନ୍ତି । ଅନେକ ଝଡ ଯେମିତି ସୁନନ୍ଦା ର ମୁଣ୍ଡ ଭିତରେ ଓହଳି ପଡିଛନ୍ତି । ମନ ଭଲ ଲାଗିଲାନି । ଗୀତା ଦିଦିଙ୍କୁ ଦେଖିବାକୁ ବେଶୀ ଇଚ୍ଛା ହେଉଥାଏ । କଣ କରିବ ଭାବିପାରୁ ନଥାଏ । ଶଶୁରଙ୍କୁ ଯାଇ କହିଲା, ବାପା, ମୋର ଟିକିଏ ମେଡିକାଲ ଯିବାକୁ ଇଚ୍ଛା ହେଉଛି ।

ଠିକ୍ ଅଛି ଯାଆ । ସଅଳେ ଫେରିବୁ । ସିଦ୍ଧେଶ୍ୱରବାବୁ କହିଲେ । ହଁ ବାପା। ଝିପିଝିପି ବର୍ଷା ହେଉଥାଏ। ଚାରିଆଡେ ଆକୁଳ କ୍ରନ୍ଦନ ଭାସି ଆସୁଥାଏ। ଭଲ ହୋଇ ଯାଇଥିବା କେତେଜଣଙ୍କ ଆନନ୍ଦର ସୀମା ରହୁ ନଥାଏ। ଘରକୁ ଯିବାପାଇଁ ବ୍ୟସ୍ତ ବିବ୍ରତ ହୋଇପଡୁଥିଲେ। ଲୋକମାନଙ୍କୁ ଆଡେଇ ଆଡେଇ ଗୀତାଙ୍କ ରୁମ୍ ପାଖକୁ ଗଲା ସୁନନ୍ଦା। ଗୀତାଙ୍କ ପାଖରେ ବସିପଡି ଜୋରରେ କାନ୍ଦିଲା। ମୁଁ ଆପଣଙ୍କ କଥା ଶୁଣିଛି ଦିଦି। ଆପଣ ବହୁତ ମହାନ । ଆପଣ ଚିନ୍ତା କରନ୍ତୁ ନାହିଁ। ଆପଣ ନିଶ୍ଚୟ ଭଲ ହୋଇଯିବେ । ଆଶ୍ଚର୍ଯ୍ୟ ହୋଇ ସୁନନ୍ଦାକୁ ଗୀତା ବଲବଲ କରି ଅନାଇଥାଏ, ଏବଂ କହିଲେ ମୋ ବିଷୟରେ କଣ ଜାଣିଛ ସୁନନ୍ଦା।

ISSN NO.
2582-208X

ସବୁକିଛି..... ।

ଆହୁରି ଆଶ୍ଚର୍ଯ୍ୟ ହୋଇଗଲା ଗୀତା । ଏ କିଏ ? କାହିଁକି ଏମିତି କହୁଛି ? କଥା ବୁଲାଇ ମୋ ଅଞ୍ଜନା କୁଆଡେ ଗଲା କି? ବର୍ଷା ହେଉଛି ତ ସେ ଆସୁଥିବ । ଆପଣ ଶୋଇଯାଆନ୍ତୁ । ବେଶୀ କଥା ହୁଅନ୍ତୁ ନାହିଁ। ଦେହ ଅସୁସ୍ଥ ଲାଗିବ । କହିଦେଇ ବାହାରକୁ ଯିବାକୁ ବାହାରିବା ବେଳେ ଜଣେ ଡାକ୍ତର ଗୀତାଉ ଚେକ୍ କରିବାକୁ ଆସିଗଲେ । ସବୁ ଦେଖା ଦେଖି କରିସାରିବା ପରେ ସୁନନ୍ଦାତାଙ୍କୁ ଯାଇ ବାହାରେ ଗୀତା ବିଷୟରେ ଆଲୋଚନା କରି କହିଲେ, ସାର୍, କଣ ମୁଁ ରକ୍ତ ଦେଇପାରିବି ? ହଁ, ଦେଇପାରିବ, ଡାକ୍ତର କହିଲେ । ହେଲେ ତୁମ ଜୀବନ ପ୍ରତି ବିପଦ ଅଛି । ସୁନନ୍ଦା ଡାକ୍ତରଙ୍କ ଚ୍ୟାମ୍ବରକୁ ଯାଇ ସବୁ କଥା ବୁଝାଇ କହିଲା ପରେ ଡାକ୍ତର ବାବୁ ବଡ ଧର୍ମ ସଙ୍କଟରେ ପଡିଗଲେ । ସୁନନ୍ଦା କାହାକୁ କିଛି ନ କହିବାକୁ ଅନୁରୋଧ କରିଥିଲା । ତା ପରେ ଡାକ୍ତର ସୁନନ୍ଦାକୁ ନେଇ ସବୁ ଟେଷ୍ଟ କରିସାରିବା ପରେ ତାଙ୍କର ରକ୍ତ ଗୀତାଙ୍କ ରକ୍ତ ସହିତ ମ୍ୟାଚ ହୋଇଗଲା। ସୁନନ୍ଦା ଖୁସିରେ ଡାକ୍ତରଙ୍କ ପାଦ ତଳେ ପଡି କାକୁତିମିନତି କରି ତା ରକ୍ତ ଗୀତା ଦିଦି ଙ୍କୁ ଦେବାକୁ କହିଲା । ଡାକ୍ତର ବାଧ୍ୟ ହୋଇ ରକ୍ତ ଦେବାପାଇଁ ବ୍ୟବସ୍ଥା କଲେ । ଏଣ୍ଟାଡେ ଅଞ୍ଜନା ଆସି ମାମାଙ୍କୁ ବେଡ୍ ରେ ନପାଇ ସବୁ ଓ୍ୱାର୍ଡର ଡାକ୍ତରଙ୍କୁ ପଚାରିବାରୁ ଜାଣିଲେ ଯେ ତାଙ୍କ ମମିଙ୍କୁ ଜଣେ ରକ୍ତ ଦାନ କରୁଛି । କିଛି ସମୟ ପରେ ସେ ତାଙ୍କ ବେଡ୍ କୁ ଆସିଯିବେ । ଆପଣ ବ୍ୟସ୍ତ ହୁଅନ୍ତୁ ନାହିଁ। ଜଗନ ଭୁବନେଶ୍ୱରରୁ ଫୋନ କଲା ସିଦ୍ଧେଶ୍ୱର ବାବୁଙ୍କୁ । ବାପା, ମୁଁ ଆଜି କଲିକତା ଯାଉଛି । ଆପଣମାନେ ସେହିଠାରେ ଥାଆନ୍ତୁ । ମାର ଦେହ ଭଲ ଅଛି ତ ?

ହଁ ରେ ଜଗନ । ମା ଠିକ୍ ଅଛି ଖାଲି ତା ଆଖିକୁ ଦିଶୁ ନାହିଁ। ତୁ ଜଲଦି ଆସିଲେ ଆଖି ଦେଖାଇ ମିଶିକି ପଳେଇ ଯିବା। ସୁନନ୍ଦା ହସପିଟାଲକୁ ଯାଇଛି । ଆସିଲେ କହିବି କଥା ହେବ । ହଉ ବାପା।

ISSN NO.
2582-208X

ଅଞ୍ଜନା ଅପରେସନ ଡୋର ଖୋଲା ହେଲା ଦେଖି ଧଡକିନା ଉଠିଯାଇ ମାମାଙ୍କୁ ଦେଖିଲା ସେ ପୂରା ସୁସ୍ଥ ଥିଲା, କିନ୍ତୁ ଆର ବେଡ୍ ରେ ଅମନର ମାଇଁ ସୁନନ୍ଦା ମୃତ୍ୟୁ ସହିତ ସଂଘର୍ଷ କରୁଥିଲେ । ଅଞ୍ଜନା କିଛି ଭାବି ପାରିଲାନାହିଁ । ଅଞ୍ଜନାଙ୍କ ହାତ ଧରି ସୁନନ୍ଦା କହିଲା – ଅଞ୍ଜନା ମୋର ଗୋଟେ ଅନୁରୋଧ ରଖିବ । ମୁଁ ମରିଗଲା ପରେ ମୋ ଆଖିକୁ ନେଇ ମୋ ଶାଶୁଙ୍କୁ ଦେଇଦେବ । ସଙ୍ଗେ ସଙ୍ଗେ କଣ କରିବ କିଛି ଭାବି ପାରିଲା ନାହିଁ ଅଞ୍ଜନା....... ଅମନ ପାଖକୁ ଫୋନ କରିଦେଲା ।

ଅମନ ଫୋନ ପାଇ ଯଥାଶୀଘ୍ର ପହଞ୍ଚିବ ବୋଲି କହିଲା । ଗୀତା ଉଠିପଡି ସୁନନ୍ଦାକୁ ଖୋଜିବାକୁ ଲାଗିଲା । ଅଞ୍ଜନା କହିବାରୁ ଗୀତା ଭୋ ଭୋ କରି କାନ୍ଦି ଉଠିଲା । ଅଞ୍ଜନା କିଛି ବୁଝିପାରିଲା ନାହିଁ । କାହିଁକି କାନ୍ଦୁଛୁ ବୋଲି ପଚାରିବାରୁ ଗୀତା କହିଲା ସେ ବି ତୋର ମା ରେ ଧନ ତାକୁ ବଞ୍ଚେଇ ପାରିବୁ କି ଚେଷ୍ଟା କର ? ଆଶ୍ଚର୍ଯ୍ୟ ହୋଇଗଲା ଅଞ୍ଜନା..... କିଛି ଭାବି ପାରିଲାନାହିଁ ।

ମମି ମମି ମତେ ଏବେ କଲିକତା ଚାଲିବାକୁ ହେବ । ଅମନ କହିଲା ।

କଣ ହୋଇଛି ଅମନ ? ମୁଁ ପରେ କହିବି ଆଗ ମୋ ଯିବା ନିହାତି ଦରକାର । ଟିକିଏ ବି ସମୟ ନଷ୍ଟ କର ନାହିଁ, ନହେଲେ ସବୁ ଅସୁବିଧା ହୋଇଯିବ ।

ହଉ ଶ୍ରୀଘ୍ର ବାହାରିପଡ । ପୂଜା କହିଦେଇ ଅମନର ସବୁ ଜିନିଷ ଗାଡିରେ ନେଇ ରଖିଦେଲା । ଏ ଯାଏ ବିକାଶବାବୁ ତ ଆସି ନାହାନ୍ତି । ମନଟା ବିଶୃଙ୍ଖଳିତ ଲାଗୁଥାଏ । ଅମନ ଗାଡି ଧରି ଚାଲିଗଲା ପରେ ପରେ ବିକାଶ ଓ କହ୍ନେଇ ଘର ଭିତରେ ପଶି ଆସିଲେ । ହଠାତ୍ କହ୍ନେଇକୁ ଦେଖି ପୂଜା ଚେତାଶୂନ୍ୟ ହୋଇଗଲା । କହ୍ନେଇ ମଧ୍ୟ ଲୁଚିଲୁଚି କାନ୍ଦୁଥାଏ । ହେଲେ ହାତରେ ତୋଳି ଧରିବାକୁ ସାହସ ହେଲାନି । ବିକାଶ ନଦେଖିଲା ପରି ସେଠୁ ଚାଲିଗଲା । ବୀଣା ଆସି ମମିର କଣ ହେଲା ବୋଲି ଚିତ୍କାର

ISSN NO.
2582-208X

କରିବାରୁ ବିକାଶ କିଛି ଜଳ ଆଣି ପୂଜାର ମୁହଁକୁ ଛିଞ୍ଚି ଦେବାରୁ ପୂଜାର ଚେତା ସିଲା । ବୀଣା ପୂଜାକୁ ନେଇ ବେଡରେ ଶୋଇବାକୁ ନେଇଗଲା । କହ୍ନେଇ ପଥର ପରି ତଳେ ବଶିପଡିଲା । କଣ ସବୁ ସ୍ୱପ୍ନ ନା ସତ କିଛି ବୁଝିପାରୁ ନଥାଏ । ବିକାଶ ଆସି ତା ପାଖରେ ବସି ସବୁ କଥା କହିଦେଲା । ଚିଠି ପଢିବା ଠାରୁ ଆରମ୍ଭ କରି ପୂଜାର କହ୍ନେଇ ପ୍ରତି ପବିତ୍ର ପ୍ରେମ ଯାଏ । ସବୁ କହିଲାପରେ କହ୍ନେଇ ନିଜକୁ ସମ୍ଭାଳି ପାରିଲାନାହିଁ । ଅତି ବିକଳ ହୋଇ ବିକାଶକୁ ଜାବୁଡି ଧରି କାନ୍ଦି ଉଠିଲା । ମୁଁ ଆଉ ଏଠି ରହିବା ଠିକ୍ ହବନି ବିକାଶ । ମତେ ଆଉ ଅଟକାଅନା । ମୁଁ ଏଠି ଅଣନିଶ୍ୱାସ ହୋଇଯିବି । ମତେ ଦୟାକରି ଯିବାକୁ ଦେ ରେ... ।

ଜୋର ଜୋର କରି କାନ୍ଦୁଥାନି କହ୍ନେଇ ସତେକି ଏତେ ବର୍ଷର ଲୁହଗୁଡାକୁ ଛାତି ଭିତରେ ଚାପି ହୋଇ ରହିଥିଲା । ଠିକ୍ ଅଛି ତୁ ଯାଆ । ହେଲେ ମତେ କଥା ଦେ ତୋ ଅଞ୍ଜନା ମୋ ବୋହୂ ହେବ ଯେମିତି ନ ଭୁଲୁ । ତୁ ସେମାନଙ୍କୁ ଧରି ନିଶ୍ଚୟ ଆସିବୁ ।

ଠିକ୍ ଅଛି ବିକାଶ । ମତେ ଗାଡି ପାଖରେଛାଡି ଦେଇ ଆସିବୁ ।

ହଁ... ହଁ... ଚାଲ । ବିକାଶ୍ ନିଜ ବାଇକ୍ ରେ କହ୍ନେଇକୁ ବସାଇ କଲିକତା ଯାଉଥିବା ଟ୍ରେନ୍ ରେ ଛାଡିଦେଇ ଆସିଲେ । ଏୟାଡେ ପୂଜାର ଦେହ ଅସୁସ୍ଥ ଥାଏ । କାନ୍ଦିବା ଛଡା ଆଉ କିଛି କହିପାରୁ ନଥାଏ ।ଉପରେ ଉପରେ ବହୁତ ଘୃଣା କରୁଥାଏ, କହ୍ନେଇକୁ । ବିକାଶ ତାକୁ ବୁଝାଉଥାନ୍ତି ।

କ୍ରମଶଃ...

ସଂଯୋଜିକା, ସମ୍ପାଦିକା, ଔପନ୍ୟାସିକା, କବି,
ଜୀବନୀ ଲେଖିକା ଓ ସମାଜସେବୀ

ISSN NO.
2582-208X

# ଦେଖ କନିକାକୁ ଥରେ



ପ୍ରଶାନ୍ତ କୁମାର ଦାଶ

ଦେଖି ଏ ପ୍ରକୃତି ମନେ ଭରେ ପ୍ରିତି
ରଚିବାକୁ ପ୍ରେମ ଗୀତି
ସତେ ସେ ଅନନ୍ୟା ଆମର ତ ଧନ୍ୟା
ରାଜ୍ୟ ପାଇଁ ହୀରା ମୋତି ।

ଭିତରକନିକା ଗହନ କାନନ
ପ୍ରକୃତିର ବର ଦାନ
ଦେଖିଲେ ନୟନେ କେହି ଏଠି ଜଣେ
ପ୍ରକୃତିରେ ହଜେ ମନ ।

ଲୁଣିଆ ଜଙ୍ଗଲ ଲୁଣିଆ ପାଣିରେ
ହୋଇଥାଏ ହାରା ଭରା
ମଧୁର ମହକେ ମହକାଇ ଥାଏ
ଆମରି ରାଇଜ ପରା।

ଦେଶଠୁ ବିଦେଶୀ କେତେ ପର୍ଯ୍ୟଟକ
ଆସିଥାନ୍ତି ଏହି ଠାକୁ

ISSN NO.
2582-208X

ମନେ ଭରି ଆଶ ଦେଖିବାକୁ ସେତ
ଗୋରୀ ମଲ୍ଲୀ ବୋଉଳାକୁ।

ସତେ ଲୋ ସୁନ୍ଦୁରୀ ଅପୂର୍ବ ସୁନ୍ଦରୀ
କାଉଁରୀ କିମିଆ କରୁ
ଗହନ କାନନେ ଡ଼ାଳ ପତ୍ର ମେଲି
ଶ୍ୟାମଳିମା ରୂପ ଧରୁ ।

କେତେ ବିହଙ୍ଗମ କାକଳି ଧ୍ୱନିରେ
ବନଭୂମି ମୁଖରିତ
ସୁପ୍ତ ମନ ପ୍ରାଣେ ଜାଗ୍ରତ କରାନ୍ତି
କୁରଙ୍ଗ କୁରଙ୍ଗୀ ନୃତ୍ୟ। ।

କୁଞ୍ଜର ସଙ୍ଗଳାଇ
ପିପିଲି ପୁରୀ
Mobile -9668822190

ISSN NO.
2582-208X

# ପରାହତ ପ୍ରଜାତନ୍ତ୍ର

ଦୀନବନ୍ଧୁ ବେଜ

ପ୍ରଜାତନ୍ତ୍ର ଏଠି ଗଣ୍ଠିଲି ଭିତରେ ଅଟକିଛି
କେଇଖଣ୍ଡ ପାଞ୍ଚଶହ ଟଂକିଆ ନୋଟ
ଗଦ ଶୁଙ୍ଘାଁଇଛି ତାର ଫଣା ଟେକା ଫଁ କୁ,
କିଛି ଡ଼ଙ୍କ ଭଙ୍ଗା କର୍ମୀ ଗର ଗର ହୋଇ
ସମ୍ମୁଖ ଯୁଦ୍ଧର ଛତ୍ରଭଙ୍ଗକୁ ହଜମ ନକରି
ରାଗରେ ଧରିଛନ୍ତି ପେଟରେ ଗଁ ଗଁ କୁ...।

ପ୍ରଜା ଏଠି ଜାଣିଲେଣି କ୍ରୟ ବିକ୍ରୟର କଥା
ରାଜନୀତିର ମଧୁରିଆ ମନଗଢ଼ା ଉପହାର
ଚତୁରିଆ ନାନା ଘୋଷ ପେଞ୍ଚର ଆଧାର,
ଗହମ ଗୋଟିଗଣିତା ପରି କରି ବିସ୍ତାରିତ
ଉପର ସମ୍ମୋହନ ହସ୍ତ ତଳେ ଭୋଟଭିକ୍ଷା
ସଠତା ଶାସନର ପାଇଛି ମଜବୁତ ଡୋର ।

କଳୁଷିତ ଭିତରେ ଆକାଶ ଆଙ୍କୁଛି ତୈଳଚିତ୍ର
ହାଡ଼, ରକ୍ତ ଓ ମଜ୍ଜା କରୁଛନ୍ତି ଜୟ ଜୟକାର
ଭଲ ସମୟ ଆସିବାର ଦିର୍ଘ ଅପେକ୍ଷା ଭିତର,
ସମୟବି ବୋହି ଚାଲିଛି ବଡ଼ ପ୍ରତିଶୃତି ଭାର
ନଇବଢ଼ି ପରି ପବନବି ବାଣ୍ଟୁଛି ପ୍ରତିଶୃତି ଝୁଡ଼ି
ହାତରୁ ଚାଲିଯାଇଛି ନାଚ କଣ୍ଢେଇର ଡୋର ।

ISSN NO.
2582-208X

ନିରପେକ୍ଷ ଜଳୁଜୁଳିଆ ପୋକର ଆଲୋକ
ନିଷ୍ପ୍ରଭ ବଲ୍‌ବ ପରି ଜଳି ଚାଲିଛନ୍ତି ଦିବାନିଶି
ଚିରିପାରୁ ନାହିଁ ଅମା ଅନ୍ଧାର ରଜନୀର ଛାତି,
ଅବସ୍ଥାନ ଭିତରେ ଦରଗଢ଼ା ପ୍ରଜାତନ୍ତ୍ର ସ୍ତୁପ
ରଙ୍ଗଛଡ଼ା କଳୁଷିତ ପୃଷ୍ଠ ପୋଷକ ହୋଇ
ଗୁମୁରି କାନ୍ଦୁଛି ଜୀବନର ସର୍ବାଧିକ ରାତି ।

ସଂପାଦକ
ଜାତୀୟ କବି ଲେଖକ ସଂଗଠନ
ଭଦ୍ରକ, ଓଡ଼ିଶା

ISSN NO.
2582-208X

# ଜୟ ଜଗନ୍ନାଥ କାଳିଆ ସାଆନ୍ତ

ସୁହାସିନ ବାରିକ୍

ଜୟ ଜଗନ୍ନାଥ କାଳିଆ ସାଆନ୍ତ
କମଳ ଲୋଚନ ହରି ।
ଶମନର ଡର ନାହିଁ ଯାର ପୁର
ସେହି ବୈକୁଣ୍ଠ ବିହାରୀ ।
ସେ ଜଗାକାଳିଆ ଭକତ ଭୋଳିଆ
ସଙ୍ଗେ ଧରି ଭଗ୍ନି ଭାଇ ।
ନୀଳ କନ୍ଦରରେ ଦାରୁ ବ୍ରହ୍ମ ରୂପ
ହୋଇ ବସିଛି କହ୍ନାଇ ।
ବସାଇ ଦେଇଛି କଇବଲ୍ୟ ହାଟ
ଆନନ୍ଦ ବଜାର ଖୋଲି ।
ସହସ୍ର ଭକତ ହୋଇ ଏକତ୍ରିତ
ହୋନ୍ତୁ ନତି ନଉଛାଳି ।
ଚଉବର୍ଗ ଦାନୀ ମୁକତି ବିତରେ
ରହି ସିଂହାସନେ ବସି ।

ବ୍ରହ୍ମା ରୁଦ୍ର ଇନ୍ଦ୍ର କଇବଲ୍ୟ ଲୋଭେ
ହୋଇଣ ଥାନ୍ତୁ ପ୍ରୟାସୀ ।
ଯାର ଦରଶନ କଲ୍ମଶ ଦହନ
ସ୍ମରଣ ପୂଣ୍ୟ ଦାୟକ ।
ସେହି ପ୍ରଭୁ ବିଶ୍ୱ ବ୍ୟାପି ଚରାଚର
ବିଶ୍ୱ ବ୍ରହ୍ମାଣ୍ଡ ନାୟକ ।

ମହୁ, ଆଳ, କେନ୍ଦ୍ରାପଡ଼ା
ଓଡ଼ିଶା ପିନ ୭୫୪୨୩୧

ISSN NO.
2582-208X

# ମା ଏକ ସଶ୍ରଦ୍ଧ ଉଚ୍ଚାରଣ



ବିଜୟ କୁମାର ସାହୁ

'ମା' ନାମ ହେଉଛି ଏକ ସଶ୍ରଦ୍ଧ ଉଚ୍ଚାରଣ । 'ମା' ହେଉଛି ଏକ ଅନୁପମ ଶବ୍ଦ ଯାହାକି ଅନ୍ୟ କୌଣସି ଶବ୍ଦ ସହିତ ତୁଳନୀୟ ନୁହେଁ । 'ମା' ହିଁ କେବଳ 'ମା' । ମା ହେଉଛି ସ୍ନେହ, ପ୍ରେମ, ଶ୍ରଦ୍ଧା, ଦୟା, ଅନୁକମ୍ପା, ଅନୁରାଗ, ଶାସନ କରିବାର ଏକ ବଳିଷ୍ଠ ଉପାଦାନ । 'ମା' ଗର୍ଭ ଭିତରେ ସଂଗ୍ରହିତ କୋମଳ ଶିଶୁଟି ଖୁବ ଧୀର ଏବଂ ସନ୍ତର୍ପଣ ସହିତ ଉଚ୍ଚାରିତ କରିଥାଏ ନାହିମାଁ ରକ୍ଷମାଁ । ସେ ଛାଟିପିଟି ହୁଏ କିପରି ବାହାର ଦୁନିଆକୁ ଅବଲୋକନ କରିବ । କାରଣ ସେ ଥାଏ ଏକ ଅତଳ ଏବଂ ଅନ୍ଧକାର ଜଳରାଶି ଭିତରେ । ଯଦିଓ ପବନର ହାଓ୍ୱା ତାକୁ ଜୀବିତ ରଖିଥାଏ ତେବେ ବି ସେ ହାତଗୋଡ ହଲାଏ, ଲାତ ମାରେ, ଚିତ୍କାର କରେ । ଗର୍ଭସ୍ଥ ଶିଶୁଟି ବିପ୍ଲବ କରେ ଅଥଚ ଅନ୍ତଃଶ୍ଚେତନାରେ ନିମଜ୍ଜିତ 'ମା' ଟି ସନ୍ତାନର ଅନ୍ତାକ୍ଷରୀକୁ ବେଶ ବୁଝିପାରିଥାଏ । ଶିଶୁଟିର ସବୁ ପ୍ରକାର ଅଳିଅର୍ଦ୍ଦଳି 'ମା' ହିଁ ତା କୋମଳ ହୃଦୟରେ ଧରି ରଖିଥାଏ । ସେଥିପାଇଁ ସେ ଦଶ ମାସର ଗର୍ଭ ଯନ୍ତ୍ରଣାକୁ ନିମିଷକେ ମାତ୍ରେ ଭୁଲିଯାଏ ଯେତେବେଳେ ତା ଚକ୍ଷୁ ସମ୍ମୁଖରେ ସନ୍ତାନଟି ଜନ୍ମ ହୋଇ କୁଆଁକୁଆଁ ରାବ କରେ ।

ଅପ୍ରତ୍ୟାଶିତ ଭାବରେ ନିନାଦିତ ଶିଶୁର ଶବ୍ଦକୁ, ତା ସ୍ୱରକୁ 'ମା' ବୁଝିଥାଏ । ସେ କ'ଣ କହୁଛି ତା'ର ଆବଶ୍ୟକତା କ'ଣ 'ମା' ହିଁ ଜାଣିପାରେ । ସକାଳ ସୂର୍ଯ୍ୟଙ୍କୁ ଦର୍ଶନ କଲେ ଯେପରି ଦେହ ଏବଂ ମନ ପ୍ରଫୁଲ୍ଲିତ ହୋଇଯାଏ ସେହିପରି ସନ୍ତାନ ଭୂମିଷ୍ଠ ହେଲାପରେ

ISSN NO.
2582-208X

ସେ ସକଳ ବେଦନା ଭିଲିଯାଇ ଖୁସିରେ ଆତ୍ମହରା ହୋଇଯାଏ । 'ମା' ର ପ୍ରେମ ଅଗଣାରେ ଅପରିଚତ ଶିଶୁଟି ଆଜି ତା ପାଇଁ ଇଶ୍ୱରଦତ୍ତ ବହୁମୂଲ୍ୟ ଉପହାର । ଏବେ ଶିଶୁଟି ତା'ପାଇଁ ଅତି ନଜର ଅତି ନକଟତର । କୁହାଯାଇଅଛି ନାରୀଟି ସେତେବେଳେ ଯାଇ ସୌଭାଗ୍ୟବତୀ ହୁଏ ଯେତେବେଳେ ସେ 'ମା' ହୋଇଯାଏ । 'ମା' ହେବାର ପୂର୍ଣ୍ଣତା ତା'ପାଇଁ ଆଣିଦିଏ ଜୀବନର ଶ୍ରେଷ୍ଠ ଅନୁଭୂତି ଏବଂ ଶ୍ରେଷ୍ଠ ବଳଦାନ ।

ସ୍ତ୍ରୀ ରୁ 'ମା' ହେବା ଏକ ଲମ୍ବା ପ୍ରକ୍ରୟା । ଏଥିପାଇଁ କଠୋର ତପସ୍ୟା ଏବଂ ଝଡଝଞ୍ଜା ସହିବାକୁ ପଡିଥାଏ । ଉଭୟ ପୁରୁଷ ଏବଂ ସ୍ତ୍ରୀ ସୁସ୍ଥ ମାନସିକତା, ସମଭାବାପନ୍ନ ଆବେଗ, ଅନୁରାଗ ସହିତ ଦୈହିକ ମିଳନ (ଏକ ପ୍ରକାର ଜୈବିକ ପ୍ରକ୍ରୟା ମାଧ୍ୟମରେ) ରୁ ସନ୍ତାନଟିଏ ଉତ୍ପନ୍ନ କରିବାରେ ସଫଳ ହୋଇଥାନ୍ତି । ଏଠାରେ ପୁରୁଷଟି ଯେ, କେବଳ ସ୍ତ୍ରୀ ସହିତ ସହବାସ କରିଦେଲେ ଯେ ତା'ର ଦାୟିତ୍ୱ ସରିଗଲା ଭାବିବା ନରର୍ଥକ । କାରଣ ଗର୍ଭଧାନଠାରୁ ସନ୍ତାନ ଜନ୍ମ କରିବା ପର୍ଯ୍ୟନ୍ତ 'ମା'ର ଉତ୍ତରଦାୟିତ୍ୱ କ'ଣ ହୁଏତ ଚନ୍ତାକରିବାକୁ ତା ପାଖରେ ସମୟ ନ ଥାଏ । ପ୍ରତିକୂଳ କମ୍ବା ଅନୁକୂଳ ଅବସ୍ଥା ହେଉ ସବୁ ସମୟରେ 'ମା' ତା ସନ୍ତାନ ସନ୍ତତି ତା ପରିବାର ପ୍ରତି ସଂବେଦନଶୀଳ ହୋଇଥାଏ। 'ମା' ର ଋଣ କେବେ ବି ପରିଶୋଧ କରିହୁଏନା । ଭଗବାନ ଶ୍ରୀକୃଷ୍ଣ ମା ଦେବକୀଙ୍କୁ କହିଲେ ହେ ମା ! ମୁଁ ତୁମଠାରୁ ପୃଥକ ହୋଇ ଏତେ ବର୍ଷ ହେଲା ଗୋପପୁରରେ ଯାଇ ରହିଲି, ଏଣେ ତୁମେ କଂସ ଦ୍ୱାରା ନାନପ୍ରକାର ଅତ୍ୟାଗ୍ଭରିତ ହୋଇ କାଳକୂଟ ଥିବା ଘୋର ଅନ୍ଧକାର ଗହ୍ୱରରେ କାଳାତିପାତ କରିଅଛ ଏହା କମ କଷ୍ଟ ନୁହେଁ । ମୁଁ ବାରମ୍ବାର ଜନ୍ମ ହେଲେବି ତୁମର ଏ ଋଣ ଶୁଝି ପାରିବି ନାହିଁ । ହେ ମାତା ! ମୋତେ କ୍ଷମା କରିଦିଅ । ମୋ ଯୋଗୁଁ ତୁମେ ପିତାମାତା ଉଭୟ ଏତେ କଷ୍ଟ ଭୋଗ କରିଅଛ । ଆହୁରି କୁହାଯାଇଅଛି 'ମା' କେବେ ବି କୁମାତା ହୋଇନପାରେ ।

'ମା' ଶବ୍ଦରେ ଯେପରି ସମ୍ମୋହନ ଥାଏ 'ବୋଉ' କମ୍ବା 'ମମୀ' ଉଚ୍ଚାରଣରେ ତାହା ମିଳେନାହିଁ । ଆମର ପରମ୍ପରା ଆମର ବୈଦିକ ସନାତନ ସଂସ୍କୃତି ଯେ କଥା ବି ଶିଖେଇଛି

ISSN NO.
2582-208X

ଯେ; ଛୋଟ ଛୋଟ କନ୍ୟା ମାନଙ୍କୁ ଏବଂ ପରନାରୀକୁ 'ମା' ବୋଲି ଡକାଯାଏ । 'ମାତୃବତ ପରଦାରେଷୁ' । 'ଯା ଦେବୀ ସର୍ବ ଭୂତେଷୁ ମାତୃ ରୂପେଣ ସଂସ୍ଥିତା ……………… ।' 'ମା' ର ପଣତକାନ ସନ୍ତାନର ଅକ୍ଷୟ କବଚ । ନିଜେ ନ ଖାଇ ନ ପିଇ ଶୀତ, ଗ୍ରୀଷ୍ମ, ବର୍ଷା ସହି ସନ୍ତାନକୁ ସୁରକ୍ଷା ପ୍ରଦାନ କରେ ଏଇ 'ମା' । ନାନାବାୟା ଗୀତ ହେଉ କ ଧୋରେ ବାୟା ଧୋ ପଲ୍ଲୀଗୀତ ଠାରୁ ଆରମ୍ଭ କରି ସନ୍ତାନର ବୌଦ୍ଧିକ ଚେତନା ସହିତ ଆଧାତ୍ମିକ ଚେତନାକୁ ଉଜ୍ଜୀବିତ କରିଥାଏ ଏଇ ମା । 'ମା' ହେଉଛି ଏକ ବ୍ୟାପକ ସତ୍ତା । ସେ ସବୁଠାରେ ଅଛି । ସେଥିପାଇଁ ଆମେ ଗାଇ, ଗଙ୍ଗା, ଗୀତା ଏବଂ ଧରିତ୍ରୀକୁ ମଧ୍ୟ 'ମା' କହିଥାଉ । ଏପରି ଶିକ୍ଷା କେବଳ ଭାରତୀୟ ସଂସ୍କୃତି ପ୍ରଦାନ କରିଥାଏ । ଯାହା ଅନ୍ୟ ରାଷ୍ଟ୍ରରେ ବିରଳ ।

ବିଜିଗୋଳ, ଏନ ଟି ପି ସି, ଅନୁଗୋଳ
ମୋ - ୮୭୬୩୧୪୮୬୨୩

ISSN NO.
2582-208X

# ନିସିଦ୍ଧ ସମ୍ଭୋଗ



ଅରୁଣ କୁମାର ତ୍ରିପାଠୀ

ଗୁରୁବାର ସକାଳୁ ସୁନିଲ ବାବୁ ଉଠିକି ବହୁତ ଖୁସି ହେଇଗଲେ, ଘଡ଼ି ଦେଖିଲା ବେଳକୁ ସମାନ ଆଠଟା ବାଜିଛି । ଏତେ ସୁନ୍ଦର ପାହାନ୍ତି ସ୍ୱପ୍ନ । ତାକୁ କାହାଣିଟେ କରିଦେବାକୁ ବହୁତ ଇଚ୍ଛା ହେଲା । ଆଜି କାଲିତ କେହି ଆଉ କାଗଜରେ ଲେଖନ୍ତି ନାହିଁ । ମୋବାଇଲ ଖୋଜିଲା ବେଳକୁ ଖଟ ତଳେ ପଡ଼ିଥିଲା । ଆଗ୍ରହ ସହକାରେ ଉଠେଇ ଦେଖିଲା ବେଳକୁ ୪୮ ପ୍ରତିଶତ ଚାର୍ଜ ଥିଲା । ଯା ହଉ ଲେଖି ହେଇଯିବ । ୱାଟସଅପ ଖୋଲି ଲେଖିବାକୁ ଆରମ୍ଭ କରିବି ମନସ୍ତ କରନ୍ତେ କେଉଁଠିଥିଲା ବେକ ଅପ୍ ଦେଖେଇ ନେଲା । ଯଦିଓ ସେ ପ୍ରତିଦିନ ରାତି ଦୁଇଟାରେ ସେୟା ନିର୍ଦ୍ଧାରଣ କରି ନିର୍ଦ୍ଦେଶ ଦେଇଅଛନ୍ତି କିନ୍ତୁ ସେଦିନ ତାଙ୍କ ଆଗ୍ରହକୁ  ଉଚ୍ଛୁର କରିବାକୁ ବୋଧେ ସେୟା ଆସୁରିକ ପ୍ରୟାସ ଥିଲା । ଜ୍ୟୋତିଷ କହିବା କଥା ମନେ ପଡ଼ିଯାଉଥିଲା, ଶୋଇଲା ବେଳେ ପାଖରେ ମୋବାଇଲ ରଖି ଶୋଇଲେ ରାହୁ ଖରାପ ହେବ । ସେ ଯା ହେଉ ଦୁଇ ମିନିଟରେ ବେକ୍ ଅପ୍ ନେଇ ମୋବାଇଲ ଲେଖିବା ନିମନ୍ତେ ଅନୁମତି ଦେଇଦେଲା ।

ସେତେବେଳକୁ ସ୍ୱପ୍ନଟି ଝାପ୍ସା ଭୁଲିଯାଇଥିଲେ । ସେ ନିକଟରେ ଯାଇଥିଲେ ରାଜଧାନୀର ୪ର୍ଥ ଅକ୍ଷର ପୁସ୍ତକମେଳା । ସେଠି ଦେଖାହେଇଥିଲା ରାଜଧାନୀର ଜଣେ ପ୍ରଖ୍ୟାତ ଲେଖିକାଙ୍କ ସହ । ତାଙ୍କ ରୂପଥିଲା କନମଚମ୍ପାଠାରୁ ଆଉ ଟିକିଏ ଗୋରା । ସେମାନଙ୍କ ପରିଚୟ ହୋଇଥିଲା ଫେସ୍ ବୁକ୍ ଠାରୁ । ଏମିତିରେ ଦୁହିଁଙ୍କର ଲେଖା ନିୟମିତ ବ୍ୟବଧାନରେ ଖବରକାଗଜରେ ବାହାରେ । ସେହି ହିସାବରେ ଦୁହିଁଙ୍କ ଦୂରାଭାଷ ନମ୍ବର ମଧ୍ୟ ବିନିୟମ ହେଇଯାଇଅଛି ।

ISSN NO.
2582-208X

ପରସ୍ପର ଅଭାବ ଥିବା ଭାବନାକୁ ଉଭୟେ ମତପରିପୋଷଣ କରି ସହାୟତା କରନ୍ତି ସାରସ୍ୱତ ଅଭିବୃଦ୍ଧି ନିମିତ୍ତ । ସୁନୟନାଙ୍କ ବୟସ ସୁନିଲ ବାବୁଙ୍କ ଠାରୁ ୭ ବର୍ଷ ଅଧିକ ହେଲେ ମଧ୍ୟ ବୟସର ଛାପ ତାଙ୍କଠି ଜମା ପଡ଼ିନଥିଲା । ବରଂ ସେ ଓଲିଉଡ଼ର ସବୁଠୁ ସୁନ୍ଦରି ହିରୋଇନ୍ ଙ୍କୁ ବି ମାତ୍ ଦେଇଦେବେ । ତାଙ୍କ ଚାଲି ଜଙ୍ଗଲର ମହାରାଣୀଙ୍କ ଠାରୁ କୌଣସି ଗୁଣରେ କମ ନଥିଲା । ସୁନିଲ ବାବୁଙ୍କ ପୁସ୍ତକ ମେଳେରେ ବୃଦ୍ଧି ହୋଇଥିବା ଅଭିମାନ ସେଦିନ ପାହାନ୍ତି ସ୍ୱପ୍ନରେ ପରିପୂରଣ ହୋଇଯାଇଥିଲା । ସ୍ୱପ୍ନଟି ଥିଲା କିଛି ଏହିଭଳି । ସମୟ ପ୍ରାୟତଃ ସକାଳ ସାଢେ ନଅ ହେବ । ସୁନୟନା ତାଙ୍କ ଦାଣ୍ଡରେ ବସି ପରିବା କାଟୁଥିଲେ । ସେ ଯଦିଓ ବିଶାଳ ସମ୍ପତ୍ତିର ମାଲିକାଣି ଥିଲେ, କିନ୍ତୁ ମନରେ ନଥିଲା ଏତିକି ଟିକିଏ ବି ଗର୍ବ । ସୁନିଲ ବାବୁଙ୍କୁ ମନେପଡୁଥାଏ, ସେୟା ବୋଧେ ପୁସ୍ତକମେଳା ବାସି ଦିନର କଥା ଭଳି । ସେ ସୋଇବା ସମୟରେ ଲାବଣ୍ୟବତୀରେ ଚନ୍ଦ୍ରଭାନୁଙ୍କ ଶୃଙ୍ଗାର ଅଭିସାରକୁ ଦେବାଧିଦେବ କିଭଳି ପରିପୂରଣ କରିଥିଲେ ସ୍ୱପ୍ନ ମାଧ୍ୟମରେ । ସେ ଯାଇ ସୁନୟନାଙ୍କ ଦୁଆର ମୁହଁରେ ଠିଆ ହେଇ ସ୍ୱର ଦେଲେ । ସେତେବେଳକୁ ସୁନୟନା କୁଲାରେ ଚାଉଳ ପାଛୁଡ଼ିଥିଲ । ସେକ୍ୟୁରିଟି ଗାର୍ଡ଼ କିଛି ଏନକ୍ୱାରୀ କରିବାକୁ ଉଦ୍ୟନ୍ତ ହୁଅନ୍ତେ, ସେପଟୁ ଆଦେଶ ଆସିଲା, ତାଙ୍କୁ ଅନୁମତି ଦିଅନ୍ତୁ । ଭିତରକୁ ଆଗ୍ରହ ସହକାରେ ଉଦ୍ୟତ ହୁଅନ୍ତେ, ପ୍ରତିପାଦରେ ବଢୁଥିଲା ଆଗ୍ରହ ଆଉ ଅଭିସାର । ସାମ୍ନାରେ ଥିଲା ଏକ ବିଶାଳ କୁନି ଜଙ୍ଗଲ କହିଲେ ଅତ୍ୟୁକ୍ତି ହେଉନଥିବା ଫାର୍ମ । ସୁନୟନାଙ୍କୁ ପ୍ରଣାମ ପୂର୍ବକ ସୁନିଲ ବାବୁ ଆସିଥିବା ବାଟକୁ ପଛରୁ ଦେଖିକି କହିଲେ, ତେବେ ମେଡ଼ମ୍ ଆପଣ ଏଠି ରହି ରିଲ କରନ୍ତି, ବହୁତ ସୁନ୍ଦର, ସହର ମଧ୍ୟରେ ଏଭଳି ଶାନ୍ତ, ପବିତ୍ର ସ୍ଥାନ ମୋତେ ଜମା ଦେଖିବାକୁ ମିଳିନାହିଁ । ଦୂର ରୁ ଦେଖାଯାଉଥିଲା କିଛି ହାତି । ସେମାନଙ୍କୁ ପୋଷା ମନେଇ ସେଠି ରଖାଯାଇଥିଲା । କିଛି ମୟୂର ମଧ୍ୟ ସେଠି ନିର୍ଭୟରେ ବିଚରଣ କରୁଥିଲେ । ସୁନୟନା ସୁନିଲଙ୍କୁ ନିଜର କୁନି ଜଙ୍ଗଲ ବୁଲେଇବାକୁ ନେବା ନିମନ୍ତେ ଆଗ୍ରହ କଲେ । କାଟିଥିଲା ପରିବା ଝୁଡ଼ିଟି ଚାକରାଣୀଙ୍କୁ ଦେଇଦେଇ କହିଲେ, ୟାକୁ ନେଇ ଧୋଇଦେବ । ମୁଁ ଏହିବାବୁଙ୍କୁ ଆମ ଅଞ୍ଚଳ ସବୁ ବୁଲେଇ ଆଣିବି, ଡ଼େରି ହେବା ଫୁଟେଇକି ବସେଇଦବ । ଚାଉଳ ଧୋଇ ବସେଇ ଦେଇଥିବ, ମୁଁ ଆସିଲେ ଗାଳିଦେବି । ସେ ଶ୍ରଦ୍ଧେୟ ସୁନିଲଙ୍କ ହାତଧରି ଆଗକୁ ବାଟ କଢେଇ ନେଲେ । କିଛି ଜୀବଜନ୍ତୁଙ୍କୁ ଦେଖେଇସାରିବା ପରେ ତାଙ୍କ ସ୍ୱାମୀଙ୍କ ଦ୍ୱାରା ସ୍ଥାପିତ ତଥାକଥିତ ଭଣ୍ଡବାବାଙ୍କ ମନ୍ଦିର ଦେଖେଇନେଲେ ଓ ଜୁହାରଟେ କରିଦେଲେ । ସୁନିଲ ବାବୁଙ୍କୁ କିନ୍ତୁ

ISSN NO.
2582-208X

ଏକଥା ଜମା ଭଲ ଲାଗିଲା ନାହିଁ । ସେ କିନ୍ତୁ ସ୍ଥିତପ୍ରଜ୍ଞ ଭାବେ କହିଲେ, ମେଡମ୍ ଆପଣଙ୍କୁ ୟାଂକ ଉପରେ ଭରସା ଅଛି ? 'ହୁଁ' ରେ ଉତ୍ତର ଦେଇ ସେ କହିଲେ, ନା ମ...ଆମର କ'ଣ ଦେବାଦେବୀ ଅଭାବ ଅଛନ୍ତି କି ୟାଂକୁ ପୂଜା କରିବୁ । ମେନ୍ କଥା ହଉଛି ମୋ ହଜବେଣ୍ଡ ଙ୍କ ପାଇଁ ଏହିସବୁ କରିକୁ ପଡ଼େ । ସେ ୟାର ଜଣେ ବଡ଼ ଡିଭୋଟି । ସେତେବେଳକୁ ତାଙ୍କ ସ୍ୱାମୀ କମ ରାଜନେତା ଜଣଙ୍କ ତାଙ୍କ କୁକୁର ଟାଇଗର୍ କୁ ବୁଲେଇ ଆଣୁଥିଲେ । ସେ ବଡ଼ପାଟିରେ କହିଲେ, ଟାଇଗର୍ କୁ ସେପଟେ ନେଇଯା, ସୁନିଲ ବାବୁ ଡରି ଯାଉଛନ୍ତି । ସେତେବେଳକୁ ଟାଇଗର୍ ବହୁତ ଜୋର୍ ରେ ତାଙ୍କ ଆଡ଼କୁ ମାଡ଼ିଆସିଲା, ତାଙ୍କ ସମ୍ବେଦନଶୀଳ ଅଙ୍ଗକୁ ଆଘ୍ରାଣ କରି ପୁଣି ପଳେଇ ଗଲା । ସେତେବେଳକୁ ଡର ସହକାରେ ପିଳେହିପାଣି ହୋଇଥିବା ସୁନିଲ ବାବୁଙ୍କୁ ସୁନନୟା ସାନ୍ତ୍ୱନା ଦେଇ କହୁଥିଲେ, ଇଏ ଛୋଟ ପିଲାଟି, ଖାଇବା ଶିଖିନି, ଖୁଏଇବାକୁ ପଡ଼େ । ଏମିତି ନୂତନ ଲୋକଙ୍କୁ ସ୍ୱାଗତ କରିବା ତାର ଅଭ୍ୟାସ । କଣ କହିବେ ବୁଝିପାରୁନଥିଲେ ସୁନିଲ ବାବୁ ।

ଟିକିଏ ଆଶ୍ୱସ୍ତି ଅନୁଭବ କରି, କଥା ଯେଉଁଠି ଅଟକି ଥିଲା, ସେଠୁ ପୁଣି ପ୍ରାରମ୍ଭ କଲେ । ମେଡମ୍, ମୁଁ ବି ୟାଙ୍କୁ ବିଶ୍ୱାସ କରେ ନାହିଁ, କିଛିଲୋକ ନିଜର ରାଜନୈତିକ ଫାଇଦା ବଢେଇବା ନିମନ୍ତେ ନିଜକୁ ଡିଭୋଟି କହି ଲୋକଙ୍କୁ ଭୂଆଁ ବୁଲାନ୍ତି, ବିଭିନ୍ନ ମିଛ ଉପଖ୍ୟାନ ମାନ କହି । ସେହି ସମୟରେ ଝାଙ୍କାଳିଆ ବରଗଛ ଯାଏଁ ସେମାନେ ପହଁଚି ସାରିଥିଲେ । ସୁନିଲ ବାବୁଙ୍କ ରୋଷେଇ ସଂକ୍ରନ୍ତ ପ୍ରଶ୍ନରେ ସେ ଉତ୍ତର ଦେଲେ, ଖାଇପାରିବେ, ଏମିତି ବି ଖରାପ ବନାଏନି । ବାକି ମୁଁ ଚାହା ବହୁତ ଭଲ ବନାଏ । ପରେ ପରେ ସୁନୟନା ନିଜ ହାତରେ ଲଗେଇଥିବା ମନ୍ଦାର ଗଛ ବୁଲେଇ ଦେଖେଇଲେ । ସୁନିଲ ବାବୁଙ୍କ ବଡ଼ ଆଗ୍ରହ ହେଉଥିଲା, ସେହି ବନାନୀରେ କାଳେ ଧରିନିଅନ୍ତେ କି, ନିଜ ମନର ରାଜକୁମାରୀଙ୍କୁ, କିନ୍ତୁ ସମାଜର ଛାଟ ତାଙ୍କୁ ପ୍ରତି ମୂହୂର୍ତ୍ତରେ ମନା କରୁଥିଲା । ଭାବୁଥିଲେ କହିଦେବି କି, ମେଡମ୍ ଆପଣ ମୋତେ ସାତ ବର୍ଷ ଆଗରୁ କାହିଁକି ମିଳିଲେ ନାହିଁ । ଯଦିଓ ଭାଷାରେ ପରିପ୍ରକାଶ କରିପାରୁନଥିଲା, କିନ୍ତୁ ତାଙ୍କ ଆଖିର ଅରମାନକୁ ଠିକ୍ ବୁଝିପାରୁଥିଲେ ସୁନୟନା । ଆଗକୁ ଥିବା ଭାଲୁଙ୍କ ମୂର୍ତ୍ତି ସାମ୍ନାରେ ଠିଆ କରେଇ ସୁନନୟା କହିଲେ, ଜାଣିଛ ସୁନିଲ, ଏହି ଭାଲୁଙ୍କ ବିଶେଷତ୍ୱ କଣ ? ଉଁ ଜାଣିନି ମେଡମ୍ । ସେ ନିଜେ ଉତ୍ତର ରଖି କହିଲେ ଏମାନେ ତାଙ୍କ ପାର୍ଟନର କୁ ଭଲ ଶାରୀରିକ ସୁଖ ଦେଇପାରନ୍ତି, ଯାହା ତୁମ ସାର୍ ଜମା ଦେଇପାରୁନାହାନ୍ତି । ଏକୋଇଶି ବର୍ଷରେ ବିବାହ କରିଥିଲି, ଗୋଟିଏ

ISSN NO.
2582-208X

ଛୁଆପରେ ସେ ମୋତେ ଜମା ଛୁଇଁନାହାନ୍ତି । ସେହି ତଥାକଥିତ ଗୁରୁଙ୍କୁ ଆଦର୍ଶମାନି ସେ ମୋତେ ମାତୃତୁଲ୍ୟ ବିବେଚନା କରୁଛନ୍ତି । ମାତୃତୁଲ୍ୟ ମାଇଁ ଫୁଟ୍ । ଯେତେବେଳେ ଭାବନା ସବୁ ମନରେ ଉଙ୍କିମାରେ, ଆଉ ମୁଁ କିଛି ବି କରିପାରେନାହିଁ । ସେହି ସମୟରେ ମୋ କଲମ ଚାଲେ । କଇଁ କଇଁ ହେଇ କାନ୍ଦି ସେ ସୁନିଲ ବାବୁଙ୍କ ଛାତିରେ ନିଜ ମୁଣ୍ଡ ରଖି ନିଜ ସାଗରର କ୍ଷୁଧା ନାସିବାର ଅଭିନୟ କଲେ ।

ସୁନିଲ ବାବୁ ମଧ୍ୟ ଏହିଭଳି ସୁଯୋଗର ଅପେକ୍ଷାରେ ଥିଲେ । ଓଡ଼ିଆ ଲୋକକଥାଟି ମନେ ପଡ଼ିଯାଉଥିଲା, ମନ ଖୋଜୁଥିଲା କାକର ପାଣି, ବଇଦ କହିଲା ପିଇ ତୋରାଣୀ । ସକାଳର କୋହଲା ପାଗ ତଥା ମଲାଙ୍କ ଲତା ଦ୍ୱାରା ସୃଜିତ ପ୍ରାକୃତିକ ତୋରଣରେ ତାଙ୍କ ଦିହିଁଙ୍କ ଭାବନ ନକ୍ଷତ୍ର ତେଜ ଭରି ଉଦ୍ଭାସିତ କରୁଥିଲା, ମନ ଆକାଶର ଦିଗବଳୟ । ସତେକି ସୁନିଲ ସାଗରର ଜୁଆର ସବୁ ସୁନୟନାଙ୍କ ବିଶାଳ ପ୍ରାଚୀର ରେ ଭଙ୍ଗା ମାରୁଥିଲା। ଚରମ ପରିତୃପ୍ତିରେ ଉଭୟେ  ମହାଆନନ୍ଦରେ ଭାଲୁ ଗୁମ୍ଫାଠାରୁ କୋଳାକୋଳି ହେଇ ପରସ୍ପର ଦେହରେ ଲାଗିଥିଲା ଧୂଳିକୁ ସଫା କରିବାରେ ବ୍ୟସ୍ତ ଥିଲେ । ସୁନୟନା କହୁଥିଲେ, ନିଜ ଗର୍ଭରେ ହାତଦେଇ, ଜାଣିଲ ସୁନିଲ, ଏହି ଜୁନିୟର ସୁନିଲଙ୍କ ହାତରେ ତୁମ ଆଗାମୀ ପୁସ୍ତକ ଯେମିତି ଉନ୍ମୋଚନ କର !

କାର୍ଯ୍ୟକାରୀ ସମ୍ପାଦକ
ଜୟପୁର  ସାହିତ୍ୟ ପରିବାର
କଥା ହୁଅନ୍ତୁ : ୯୦୭୮୮୩୮୬୨୭

ISSN NO.
2582-208X

# ନେତା



ନିରଞ୍ଜନ ସାହୁ

ସର୍ବେ କହୁଛନ୍ତି ତୁମେ କାଳେ ନେତା
ଭଲକି ମାରିକି ଖାଉଛ
ସେଥିପାଇଁ ଯିଏ ଯାହା କହୁଛନ୍ତି
ନିରବରେ ସହି ଯାଉଛ ।

ଭୋଟ ଆସିଗଲେ ଭୋଟ ଭିକ୍ଷା କର
ଜିତିଗଲେ ଯାଅ ଭୁଲି
ପାଞ୍ଚ ବର୍ଷ ପରେ ମନେପଡୁ ଆମେ
ଆସିଯାଅ ଟିକେ ବୁଲି
କହିବ କି ଖୋଲି ରାଜନୀତି ବେପାରରୁ
କେତେ ଲାଭ ତୁମେ ପାଉଛ ???

ସେବା ସେବା କହି ନେବା ତୁମେ ଜାଣ
ପାଶୋରିଛ ଦେବା କଥା
ଏମିତି ବାଗରେ କଥା କହି ଜାଣ
ତୁମ କଥା ଲାଗେ ଯଥା
ମିଛୁଆ ରାଧୁଆ ପରି ଲାଗୁଅଛ
ତୁଣ୍ଡେ "ରାମରାମ" ଗାଉଛ ।

ନିହଲପ୍ରସାଦ,
ଗନ୍ଦିଆପାଟଣା, ଢେଙ୍କାନାଳ
ମୋ :-- ୯୯୩୮୭୪୧୫୮୩

ISSN NO.
2582-208X

# ଗୁରୁ ପୂଜା



ପ୍ରଦୀପ କୁମାର ପଣ୍ଡା

ବିଦ୍ୟାଳୟ ଏକ ସୁନ୍ଦର ମନ୍ଦିର
ଭିତରେ ଛନ୍ତି ଦେବତା,
ଅଜ୍ଞାନ ନାଶନେ ଜ୍ଞାନ ସବିତା ସେ
ଜ୍ଞାନାଞ୍ଜନେ ହରେ ବ୍ୟଥା ।।
ଉପବାସ କରି ଉପଚାର ଧରି
ଅର୍ଚ୍ଚନା କରୁ ବିଧାତା,
ଭୋଗ ଥାଳି ଧରି ପଥର ମୂରତି
ପୂଜିଲେ ହେବେ କି କଥା ।।
ଖୋଜିଲେ ପାଇବୁ ଜୀବନ୍ତ ଦେବତା
ସାକାର ଶରୀରେ ଉଭା,
ଯାହାର ଆଶିଷେ ଭାରତ ବରଷେ
ପ୍ରକାଶୁଛି ଜ୍ଞାନ ଆଭା ।।
ଭୂମି ଠାରୁ ଭୂମା ଛୁଇଁଲା ଚନ୍ଦ୍ରମା
ପାଇ ତା'ର ବରଦାନ,
ତଥାପି ନିରବେ ବାଣ୍ଟୁଛି ସରବେ
ହୃଦେ ନାହିଁ ଅଭିମାନ ।।

ପୂଜିବାକୁ ହେଲେ ତା'ର ପାଦତଳେ
ମନୁ ଛାଡ ଅହଁକାର,
ମନ୍ତ୍ର ଯନ୍ତ୍ର ନାହିଁ ସେ ଠାକୁର ପାଇଁ
ଲୋଡଇ ଭକତି ତୋର ।

ନୂଆଁ ବରଙ୍ଗାମାଲ, ଯୁଯୋମୁରା,
ସମ୍ବଲପୁର - ୭୬୮୧୧୨,
ଦୂରଭାଷ-୯୯୩୭୩୯୬୭୭୮
ମେଲ panda.pradipkumar75@gmail.com

ISSN NO.
2582-208X

# ଦୁଷ୍ଟ ବୟସ

ଅପର୍ତ୍ତି ସେଠୀ

(ରମ୍ୟ ରଚନା)

ପଚାଶ ଫଗୁଣ ମୋ ଦେହେ ବାଜିଲା
ମଳୟ ଦୂରେଇ ଗଲା,
ବାର୍ଦ୍ଧକ୍ୟଟା ଆସି ମୋ ଦ୍ୱାର ନିକଟେ
ଗେଟ୍ ଠକ୍ ଠକ୍ କଲା ।
ସ୍ୱାଗତ କରିବ ଫୁଲଗୁଚ୍ଛ ଦେବ
ବରିଷ୍ଠ ବ୍ୟକ୍ତିତ୍ୱ କହି,
ଜରାଶ୍ରମ ପାଇଁ ଦରଖାସ୍ତଟିଏ
ଲେଖିଦେବ ମୋ ପାଇଁ ।
ଯମକାର୍ଯ୍ୟାଳୟେ ନାଁ ଟିକୁ ମୋର
କଲାଣି ପଞ୍ଜିକରଣ,
ତେଣୁ ବନ୍ଧୁ ପଣେ କରୁଛି ବରଣ
ତାଙ୍କୁ ମୋ ଶତ ପ୍ରଣାମ ।
ବାର୍ଦ୍ଧକ୍ୟ ଭତ୍ତା ମୋ ଶୀଘ୍ର ମିଳିବାକୁ
ବୟସ ମୁଁ ବଢ଼େଇଛି,
ପ୍ରେମ କରିବାକୁ ସୁନ୍ଦରୀଙ୍କ ପାଖେ
ବୟସକୁ କମଉଛି ।
ବାର୍ଦ୍ଧକ୍ୟର ଛାପ ବୋଳିଦେଇଗଲା
ସେଦିନୁଁ ଦୁଷ୍ଟ ବୟସ,
ମଉସା ଡାକଟା ଉପହାର ଦେଲା
ସେ ଡାକ ଲାଗୁଛି ବିଷ ।

ମୁଁ କିନ୍ତୁ ରସିକ ଏତେ ସହଜରେ
ବାର୍ଦ୍ଧକ୍ୟକୁ ଚାହେଁ ନାହିଁ,
ଚୂଳକଳା କରି ବରମୁଣ୍ଡା ପିନ୍ଧି
ନିଶ ଡେଲି ଚାଞ୍ଛେ ମୁହିଁ ।
ହାଇସ୍ପିଡ୍‌ରେ ମୁଁ ବାଇକି ବି ଚଢ଼େ
ବିନା ଚଷମାରେ ପଢ଼େ,
ସତର ବୟସ ଝିଅ ଫସୁଛନ୍ତି
ଯେବେ ତାଙ୍କୁ ଆଖିମାରେ ।
ଆଜିକା ଝିଅଙ୍କୁ ମୋହଠାରୁ କିଏ
ଅଧିକା ବା ଚିହ୍ନିଛନ୍ତି,
ଆଗେଆଗେ ମିଠା ପଛକୁ ଯେ ଅଠା
ଚୂଇଁଗମ୍ ଟି ଯେମିତି ।
ସପନ ଦେଖୁଛି ଦିନରେ ମୁଁ ପୁଣି
ରସିକ ଶେଖର ପଣେ,
ଫେସବୁକ୍ ଦେଖି ସୁନ୍ଦରୀ ମାନଙ୍କୁ
ଲାଇକ୍ କରେ ଜଣେ ଜଣେ ।
ମୋ ହାତେ ପାୱାର ଯଦିବା ଥାଆନ୍ତା
ମୋତେ ବୁଢ଼ା ହୁଅନ୍ତିନି,
ବୟସକୁ ମୋର ଆଗକୁ ଯିବାକୁ
ଆଉ କେବେ ଦିଅନ୍ତିନି ।

ISSN NO.
2582-208X

ତଣ୍ଟିଆ ମାରିକି ଦୁଷ୍ଟ ବୟସକୁ
ପାଖୁଁ ଦୂରେଇ ଦିଅନ୍ତି,
ହାତ ଧରି ତା'ର ଦରିଆ ସେପାଖେ
ନେଇ ଛାଡ଼ି ଆସିଥାନ୍ତି ।
ଆଜିକାଲି ପୁଣି ଛକ ବଜାରରେ
ଡିମାଣ୍ଡ ମୋ କମିଲାଣି,
ମଉସା ଡାକଟା ବାରମ୍ବାର ମୋର
ଛାତିକି ହକ୍ କଲାଣି ।
ପୁଉଣି କୁହନ୍ତି ଅଳିହା ବୁଢ଼ା ଏ
ରସିକ ନମ୍ବର ଓ୍ୱାନ୍,
ଝିଅଙ୍କୁ ଦେଖିଲେ ଅଧାଚନ୍ଦା ମୁଣ୍ଡେ
କରୁଛି ହସ୍ତ ଚାଳନ।
ଶାଢ଼ୀ ନ ପିନ୍ଧିକି ଆଜିକାଲି ବୁଢ଼ି
ପିନ୍ଧୁଥାନ୍ତି ଚୂଡ଼ିଦାର,
ଭେନିଟ୍ ଗଳେଇ ପ୍ରଚାର କରନ୍ତି
ବୟସ ତାଙ୍କ ଅଠର ।
ମୋବାଇଲ ଧରି ଫୁଲେଇ ହୁଅନ୍ତି
ଲିପିଷ୍ଟିକ୍ ଓଠେ ବୋଳି,
ଚୁଡିଦାର ପିନ୍ଧି ଆସୁଛି ଦେଖିଲି
ଷାଠିଏ ବର୍ଷର ବୁଢ଼ି ।
ମୋତେ ଦେଖିଦେଇ ମଉସା ଡାକିଲା
ହୋଅସ ଗଲା ମୋ ଉଡି,
ଚାଲୁଣି କହୁଛି ଛୁଞ୍ଚିକୁ ଦେଖ ହୋ
ତା ପଛରେ କଣା ବୋଲି ?

କ'ଣ କୁଆଡୁ ଦେଖିଦେଇ ମୋତେ
ଡାକୁଛ ତୁମେ ମଉସା,
ଡାଲା ବାଜିଲାଣି ତୁମର ମାଉସୀ
ଷୋଡ଼ଶୀ ହେବାକୁ ଇଚ୍ଛା ।
ଏତିକି କଥାରେ ଚପଲଟା କାଢ଼ି
ମୋ ଗାଲରେ ସେକି ଦେଲା,
ମୋ ମୁଣ୍ଡରେ ଥିବା ରସିକ ଭୂତଟା
ସାଙ୍ଗେ ସାଙ୍ଗେ ଓହ୍ଲେଇଲା ।
ଏଭଳି ବୁଢ଼ିଙ୍କୁ ଆଣ୍ଟି ଡାକିଦେଲେ
ଚିପିଦେବେ ପରା ତଣ୍ଟି,
ଆଇଲଭ ଇୟୁ କହିଦେବ ଯଦି
ତେବେ ହେବେ ଯାଇ ଶାନ୍ତି ।
ଚୂନରଙ୍ଗ ବୋଳି ମେକପ୍ ହୋଇଲେ
କି ବା ସବୁଦିନ ଥିବ,
ବୟସର ଦାଗ ଦେହେ ଲାଗିଗଲେ
ଆପେ ଫୁଟି ଦିଶୁଥିବ ।
ଦେହ ସିନା ବୁଢ଼ା ଅବଶ୍ୟେ ହୁଏ
ମନ ବୁଢ଼ା ହୁଏ ନାହିଁ,
କବିର ମନଟି ସଦା ସବୁଜୀମା
ସତେ ଚିର ସ୍ରୋତା ନଈ ।
ତେଣୁ ହେ ପଣ୍ଡିତେ ନ ଭାବ କିଞ୍ଚିତେ
ଦେଖି ଏହି ପରିସ୍ଥିତି,
ଏ ମୂର୍ଖ ଅପର୍ତ୍ତି ଲେଖିଦେଲା କିଛି
ଧରିବନି ଦୋଷ ତ୍ରୁଟି ।

ପାଳକଣା, କୋର୍େ, କେନ୍ଦ୍ରାପଡ଼ା
ମୋ - ୭୮୯୪୩୯୮୫୦୦

ISSN NO.
2582-208X



# ଘଟଣା ଓ ଦୁର୍ଘଟଣା



କାଳପ୍ରସାଦ ମହାପାତ୍ର

ରମାକାନ୍ତ  ସବୁଦିନ ପରି ଅଫିସକୁ ବାହାର ହେବା ପୂର୍ବରୁ ଦିପହର ଭୋଜନ ପାଇଁ ଟିଫିନ ବକ୍ସ  ସଜାଇ ରଖୁ ରଖୁ ପତ୍ନୀ ରାନୁ କହିଲେ, "ଆଜି ଟିକେ ଶୀଘ୍ର ଆସିବ ମୋର  ଆଜି ଟିକେ ଫିଲ୍ମ ଦେଖି ଯିବାକୁ ଇଛା ହେଉଛି।ଚାଲ ଗୋଟିଏ ନୂଆ ଫିଲ୍ମ ଶ୍ରୀୟା ଟକିଜରେ ପଡିଛି ଦେଖି ଆସିବା।" ରମାକାନ୍ତ କହିଲେ, "ତୁମେ ସଜବାଜ ହୋଇ ଥିବ । ମୁଁ ଆଅଁସିବା ବେଳକୁ ଦୁଇଜଣଙ୍କର ଟିକେଟ ଆଣିଥିବି ସାଙ୍ଗ ହୋଇ ଯିବା।" ଏତକି କହି କାର ଷ୍ଟାର୍ଟ କରି ଅଫିସକୁ ବାହାରିଗଲେ।ରାନୁ ତାଙ୍କର ଯିବା ବାଟକୁ ଚାହିଁ ରହିଲେ ।

ଅପରାହ୍ନ ୪ଟା ୩୦ରେ ରାନୁ ଦେଖିଲା ରମାକାନ୍ତ କାର ରଖି ଘରକୁ ପ୍ରବେଶ କରୁ କରୁ ଟିକେଟ ଦୁଇଟି ରାନୁଙ୍କୁ ଦେଖାଇ କହିଲେ, "ରେଡି ତ "? ରାନୁ ଖୁସିରେ  ସ୍ୱାମୀଙ୍କୁ କୁଣ୍ଢାଇ ପକାଇଲେ। ସଂଧ୍ୟା ସୋ ଦେଖିବା ପାଇଁ ବାହାରିଗଲେ ।

ଫିଲ୍ମଟି ରାତି ୯ଟାରେ ସରିବା ପରେ  ଘର ପାଇଁ କିଛି ଜିନିଷ ମାର୍କେଟିଂ କରୁ  କରୁ ରାତି ୧୧ଟା ୩୦ ହୋଇଗଲା।

ନିର୍ଜନ ରାସ୍ତାରେ ଶୂନଶାନ ପରିବେଶ ରାନୁ ଓ ରମାକାନ୍ତ ଦୁହେଁ ଗପସପ ହେଉଥାନ୍ତି। ରମାକାନ୍ତ କାର ଚଲାଉଥାନ୍ତି । ହଠାତ ସେ ଗାଡିର ଷ୍ଟାର୍ଟ ବନ୍ଦ କରିଦେଲେ। ରାଜୁଙ୍କ ଆଖି ଟିକେ ପଡିଆସୁଥିଲା। ସେ ଚମକି ଉଠି ଆଖି ମଳି ମଳି ପଚାରିଲେ, "କାହିଁକି କାର ରଖିଲ? କଣ ହେଲା?" ରମାକାନ୍ତ ଆଗକୁ ଦେଖିବାକୁ କହି ଆଙ୍ଗୁଠି ଦେଖାଇଲେ ।

ISSN NO.
2582-208X

ରାନୁ ଦେଖିଲେ କାର ଆଗରେ ଜଣେ ସ୍ତ୍ରୀ ଲୋକ ଠିଆ ହୋଇ କାନ୍ଦୁଛି। ରାନୁ ଡରିଗଲା। କାରର କବାଟ ଖୋଲିବାକୁ ମନା କଲା। କିନ୍ତୁ ରମାକାନ୍ତ କବାଟ ଖୋଲି କାରରୁ ଓହ୍ଲାଇ ପଚାରିଲେ; "ତମେ କିଏ? କଣ ପାଇଁ ଏତେ ରାତିରେ ଏକୁଟିଆ ଏପରି ନିର୍ଜନ ସ୍ଥାନରେ କଣ କରୁଛ?" ପ୍ରଶ୍ନ ଶୁଣି ସ୍ତ୍ରୀ ଲୋକଟି ମୁହଁ ବୁଲେଇ ଚାହିଁଲା ରମାକାନ୍ତ ତାକୁ ଦେଖି ଚମକି ପଡି କହିଲେ, 'ତୁମେ,ଏଠି ଏତେ ରାତିରେ କଣ କରୁଛ, ଲୀନା?" ରାନୁ ଆଶ୍ଚର୍ଯ୍ୟ ହୋଇ ରମାକାନ୍ତଙ୍କୁ ଚାହିଁ କହିଲା, "ତୁମେ ୟାଙ୍କୁ ଚିହ୍ନିଛ! ରମାକାନ୍ତ କହିଲେ, ହଁ ମୁଁ ଚିହ୍ନିଛି, ଭଲଭାବରେ ଚିହ୍ନିଛି। ମୋତେ ବିବାହ ବେଦିରେ ଛାଡିଦେଇ ନିଜର ପ୍ରେମିକ ସରୋଜ ସାଙ୍ଗରେ ଘର ଛାଡି ଚାଲିଯାଇଥିବା କନ୍ୟା ଇଏ। ନାମ ଲୀନା ଦାସ। ଆମର ବାହା ଘର ଏମିତି ହେଲା ଯେ ଆମେ କାହାକୁ ଭଲ ଭାବରେ ଜାଣିବା ପୂର୍ବରୁ ବାହାଘର ଠିକ ହୋଇଯାଇଥିଲା। ଶେଷରେ ଏଇ ଗଲା ବର୍ଷ ଡିସେମ୍ବର ମାସ ୨୫ ତାରିଖରେ ଠିକ ହେଲା। ବାହାଘର ଦିନ ବାଜା ରୋଷଣି ସହ ଶ୍ରୀଯୁକ୍ତ ଅଶୋକ ଦାସ ଯିଏ ଲୀନାର ବାପା, ତାଙ୍କ ବାସଭବନ ଆଗରେ ଆମେ ଯାଇ ପହଞ୍ଚିଲୁ । ବାହାଘର ଆରମ୍ଭ ହେଲା। ବ୍ରାହ୍ମଣ ମନ୍ତ୍ର ପଢିବା ଆରମ୍ଭ କଲେ। ଯେତେବେଳେ କନ୍ୟାର ଖୋଜା ପଡିଲା ଜଣାଗଲା ଲୀନା ତାର ପ୍ରେମିକ ସହିତ ବିବାହ ସଂପନ୍ନ ହେବା ପୂର୍ବରୁ ଘର ଛାଡିଦେଇ ପଳାୟନ କରିଛି।

ତାପରେ ଆମେ ସବୁ ସେଠାରୁ ଫେରିଆସିଲୁ। ବିବାହ ଏପରି ବନ୍ଦ ହୋଇଗଲା। କିଛିଦିନ ପରେ ମୋର ତୁମ ସହ ବାହାଘର ହେଲା। ମୁଁ ଏକ ପ୍ରକାର ମୋ ମନରୁ ସେ ଘଟଣାକୁ ଲିଭାଇ ଦେଇଥିଲି। ଆଜି ହଠାତ ଲୀନାକୁ ଦେଖି ମୋର ସବୁ କଥା ମନେ ପଡିଗଲା। ରମାକାନ୍ତ ଲୀନାର ପାଖକୁ ଯାଇ ଦେଖିଲେ ଲୀନାର ମୁଣ୍ଡ ଓ ଦେହସାରା ରକ୍ତ ଜୁଡୁବୁଡୁ ହୋଇଛି ଶାଢୀ ଓ ବ୍ଲାଉଜ ଚିରିଯାଇଛି। ଲୀନା ରାସ୍ତାର ଆର ପାଖକୁ ଦେଖାଇ ଚେତାଶୂନ୍ୟ ହୋଇ ରମାକାନ୍ତଙ୍କ ଉପରକୁ ଢଳି ପଡିଲା। ରାସ୍ତା ଉପରକୁ ଦୃଷ୍ଟିପାତ କରି ଦେଖିଲେ ତାଙ୍କ ସମବୟସ୍କ ଜଣେ ବ୍ୟକ୍ତିରକ୍ତାକ୍ତ ହୋଇ ପଡି ରହିଛନ୍ତି । କିଛିଦୂରରେ ତାଙ୍କ ବାଇକଟି ପଡିଛି। ରାନୁ କହିଲା, "ଚାଲ ଏମାନଙ୍କୁ ପ୍ରଥମେ ଡାକ୍ତରଖାନା ନେଇଯିବା।" ଦୁଇ ଜଣ ସେମାନଙ୍କୁ ଧରାଧରି କରି କାରରେ ବସାଇ ଡାକ୍ତରଖାନା ନେବା ପାଇଁ କାର ଷ୍ଟାର୍ଟ କଲେ। ରମାକାନ୍ତ ଓ ରାନୁ କାରରେ ନେଇ ଡାକ୍ତରଖାନା ଆଡକୁ ଚାଲିଲେ। ସମ ହସ୍ପିଟାଲ ଆଗରେ କାର ରଖି ଷ୍ଟ୍ରେଚରରେ ନେଇ ଡାକ୍ତରଙ୍କ ପାଖକୁ ଡକାଇ ଶିଘ୍ର ସେମାନଙ୍କର ଟ୍ରିଟମେଣ୍ଟ କରିବାକୁ କହିଲେ। ଡାକ୍ତର କିଛି ଫର୍ମ ପୁରଣ କରି ରମାକାନ୍ତଙ୍କ

ISSN NO.
2582-208X

ଦସ୍ତଖତ ନେଇ ସେ ଦୁହିଁଙ୍କୁ ଓଟିକୁ ନେଇ ଅପରେସନର ବ୍ୟବସ୍ଥା କଲେ। ରମାକାନ୍ତ ଓ ରାନୁ ବାହାର ଚଉକିରେ ବସି ଅପେକ୍ଷା କଲେ ।

ଅପରେଶନ ସରିବାପରେ ଡାକ୍ତର ଓଟିରୁ ବାହାରି ଆସୁ ଆସୁ କହିଲେ, "ସେମାନଙ୍କର ଅବସ୍ଥା ଭଲ ଅଛି; ବ୍ୟସ୍ତ ହୁଅ ନାହିଁ।" ଚେତା ଫେରିବା ପରେ ଘରକୁ ନେଇ ପାର ।

ଏହି ସମୟରେ ନର୍ସ ଆସି କହିଲେ, "ସାର, ସେମାନଙ୍କ ଚେତା ଫେରିଲାଣି ଆପଣ ଦୁଇ ଜଣଙ୍କୁ ଦେଖାକରିବାକୁ ଡାକୁଛନ୍ତି । ଯାଆନ୍ତୁ ଶିଘ୍ର ଦେଖା କରିବେ" ।

ରମାକାନ୍ତ ଓ ରାନୁ ଭିତରକୁ ଯାଇ ଲୀନାର ବେଡ ପାଖରେ ଠିଆ ହେଲେ। ସେମାନଙ୍କୁ ଦେଖି ଲିନା ଭୋ ଭୋ ହୋଇ କାନ୍ଦି ଉଠିଲା। ରମାକାନ୍ତଙ୍କ ହାତ ଧରି କହିଲା "ମୋତେ କ୍ଷମାକର ରମାକାନ୍ତ, ମୁଁ ସେଦିନ ଏକ ବଡ ଭୁଲ କରି ଦେଲି। ପ୍ରକୃତରେ ମୁଁ ସରୋଜଙ୍କୁ ବହୁତ ଭଲ ପାଉଥିଲି । ବାପା ମାଆଙ୍କୁ ଭୟରେ କିଛି କହିପାରୁ ନଥିଲି। ତେଣୁ ବାହାଘର ଦିନ ସରୋଜଙ୍କ ସହ ପଳାଇ ଯାଇଥିଲି । ମତେ ତୁମେ କ୍ଷମା କରିଦିଅ। ଏହା କହି ଲୀନା ଭୋ ଭୋ ହୋଇ କାନ୍ଦି ପକାଇଲା। ସରୋଜ ମଧ୍ୟ ରମାକାନ୍ତଙ୍କୁ କ୍ଷମା ମାଗିଲେ ।

ସେଦିନର ଘଟଣାର ବର୍ଣ୍ଣନା କରି ସରୋଜ କହିଲେ ଯେ ସେମାନେ ମାର୍କେଟିଂ ସାରି ଡେରିରେ ଫେରୁଥିଲେ । ସେ ଯାଗାରେ ଅନ୍ଧାର ଯୋଗୁ ହଂପସ ଥିବାର ଆମକୁ ଜଣା ପଡି ନ ଥିଲା। ଫଳରେ ଏପରି ଦୁର୍ଘଟଣାର ଶିକାର ଆମେ ହୋଇଥିଲୁ।

ତା' ପରଦିନ ରାଜୁ ଓ ରମାକାନ୍ତ ସେମାନଙ୍କର ଘରେ ସେମାନଙ୍କୁ ଛାଡିଦେଇ ନିଜର ଘରକୁ ଫେରିଥିଲେ।

ଶିକ୍ଷକ, ବନ୍ଧୁଗାଁ, କୋରାପୁଟ

ISSN NO.
2582-208X

# ପାଇଯାଏ ମୁହିଁ ମୋକ୍ଷ



ଜନ୍ମଜୟ ନାୟକ

ଜୀବନ ଯାତନା ଅମାପ ଯନ୍ତ୍ରଣା
ଦୁଃଖ ହେଉନାହିଁ ସହି,
ନୟନରୁ ନୀର ବହେ ଧାର ଧାର
ପୋଛିବାକୁ କେହି ନାହିଁ ।

ବତୁରା କୋହରେ ଛାତି ଆଜି ଥରେ
କାହାକୁ କହିବି ଆଉ,
ତୁହି ଏକା ମୋର ସାହା ଜୀଇଁବାର
ମୋ ଜୀବନ ମହାବାହୁ ।

ଲାଗନ୍ତା କି ଡୋରି ଯାଆନ୍ତି ମୁଁ ପୁରୀ
ଜୀବନ ହୁଅନ୍ତା ଧନ୍ୟ,
ନିର୍ମାଲ୍ୟ ତୁଳସୀ ପାଉଥାନ୍ତି ହସି
ଲଭୁଥାନ୍ତି କୋଟି ପୁଣ୍ୟ।

ISSN NO.
2582-208X

ମିଛ ଏ ଦୁନିଆ  ସତ ତୁ କାଳିଆ
ତୋ ଚରଣେ ମୋର ମନ,
ବଡଦାଣ୍ଡ ଧୂଳି  ଦେହେ ହୋଇ ବୋଳି
ଚାଲିଯାଉ ମୋର ପ୍ରାଣ।

ଆନନ୍ଦ ବଜାରେ ଅବଢା ହାଟରେ
ସରିଯାଉ ସବୁ ଭୋକ,
ସରଗ ଦୁଆରେ ସରିଯାଉ ବାଟ
ପାଇଯାଏ ମୁହିଁ ମୋକ୍ଷ।

ଗୋପୀନାଥଜୀଉ ସରକାରୀ ଉଚ୍ଚବିଦ୍ୟାଳୟ
ଜଗତସିଂହପୁର
ଫୋନ-୯୩୩୭୮୦୦୫୬୫

ISSN NO.
2582-208X

# ଏମିତି ଚାଲିଛି.......



ଚିତରଂଜନ ବେହେରା

ପିଇବା ପାଇଁ ପାଣି ମିଳେ ନାହିଁ
ମଦ ଦୋକାନ ଖୋଲା ଚାଲିଛି...
କ୍ଷୀର ଦୋକାନରେ ଗୋଟେ ଲୋକ ନାହିଁ
ମଦ ଦୋକାନେ ଭିଡ ଲାଗିଛି.....!!

ହଜାର ହଜାର କୋଟି ସମ୍ପତି ଲୁଟିଲେ
ତଥାପି ତାଙ୍କୁ ଋଣ ମିଳୁଛି.....
ଚାଷୀ ଲୋନ୍ ପାଇଁ ଗରିବ ଚାଷୀଙ୍କୁ
ବାରମ୍ବାର ନୋଟିସ୍ ଲାଗୁଛି.....!!

ସରକାରୀ ବାବୁ ଙ୍କ ଦରମା ବଢିଲା
ସୁବିଧା ବି ଅନେକ ବଢ଼ିଛି.....
ଶ୍ରମିକ ମାନଙ୍କ ମଜୁରୀ ବଢୁନି
ଜେମିତି କୁ ସେମିତି ରହିଛି......!!

ଚାଷୀ ରାଲି କରୁଛି ଦର ବଢ଼ାଅ ବୋଲି
ସରକାର ଚୁପ୍ ରହୁଛି.....
କଳକାରଖାନା ଜିନିଷର ଦର
ନ କହିଲେ ବି ବଢ଼େଇ ଦେଉଛି......!!

ଚାଷୀ ପୁଅ ହାତେ ଜମି ଖଣ୍ଡେ ନାହିଁ
ଚାଷୀ ଶ୍ରମିକ ହୋଇ ବଞ୍ଚୁଛି.....
ନେତା ମନ୍ତ୍ରୀ ଙ୍କ ସ୍ତ୍ରୀ ପିଲା ନାମରେ
ଶହ ଶହ ଏକର ଜମି ରହିଛି.....!!

ବୌଦ୍ଧ
ମୋ - ୯୪୩୮୭୧୦୩୮୭

ISSN NO.
2582-208X

# ଶୁଷ୍କ ପର୍ଣ୍ଣ ବ୍ୟଥା



ଚିତ୍ତରଞ୍ଜନ ନାଏକ

କ୍ଷୁଦ୍ର ବୀଜ ଦେହୁ  ଜନ୍ମଇ ପାଦପ
  ଆବରଣ ପୃଷ୍ଠ ଚିରି
କାଣ୍ଡ ବୃଦ୍ଧି ହେତୁ  ପଲ୍ଲବ ବିକଶେ
  ଅପୂର୍ବ ସୌନ୍ଦର୍ଯ୍ୟ ଧରି,,

ପଲ୍ଲବେ ରଞ୍ଜିତ  ସବୁଜ ବର୍ଣ୍ଣାଳୀ
  ସମୀର ସ୍ପର୍ଶଇ ସଦା,
ଦୋଳାୟିତ ନିତି  ସମୀରଣ ତାଳେ
  ତାମ୍ରପାତ୍ରେ ଯେହ୍ନେ ସୁଧା,,

ଦିବସାତିକ୍ରାନ୍ତେ  କ୍ଷୁଦ୍ର ତରୁ ବଢି
  ଗଗନାଭିମୁଖୀ ହୁଏ,
କାଣ୍ଡ, ପତ୍ର, ପୁଷ୍ପ  ସକଳ ବିକଶି
  ମହାଦ୍ରୁମ ରୂପୀ ହୁଏ,

କାଳାତିବାହିତେ  ପୁଷ୍ପ ରୂପାନ୍ତରେ
  ବୀଜଧାରୀ ଫଳ ରୂପେ,,
ପକ୍ୱ ହୁଏ ଫଳ  ମାଧୁର୍ଯ୍ୟ ପ୍ରବାହେ
  ଉଜ୍ଜ୍ୱଳ ଭାସ୍କର ତାପେ,,

ISSN NO.
2582-208X

ପୀତ ବର୍ଣ୍ଣା ହୁଏ  ପାଦପେ ପତର
ବୃନ୍ତ ହୁଏ ଶକ୍ତିହୀନ,
ସ୍ୱଳ୍ପ ବାୟୁ ଘାତେ  ଛିଣ୍ଡି ପଡିବକି
ଯେସନ ଶରୀରୁ ପ୍ରାଣ,

ସମୟାତିକ୍ରମେ   ପର୍ଣ୍ଣ ହୁଏ ଶୁଷ୍କ
ବିଚ୍ୟୁତେ ପାଦପ ଦେହୁ,
ଜୀବନାନ୍ତ କାଳେ  ପ୍ରାଣୀଏ ଏସନ
ବିଚ୍ୟୁତିବେ ପ୍ରାଣ ମୋହୁ ।।

କବାଟତଲ୍ଇ,
ସୋନପୁର, ସୁବର୍ଣ୍ଣପୁର

ISSN NO.
2582-208X

# ଅପ୍ରିୟ ସତ୍ୟ



ଖଗେଶ୍ୱର ବାଗ

## ଭାଗ- ୧୨

ଶ୍ରାବଣ ସନ୍ଧ୍ୟା, ମେଘାଚ୍ଛନ୍ନ ଆକାଶ। ଖାଦ୍ୟାନ୍ୱେଷଣରେ ଯାଇଥିବା ଦୂର ଦୂରାନ୍ତରର ବିହଙ୍ଗମଗଣ ଦଳ ଦଳ ହୋଇ ନିଜ ବସା ଅଭିମୁଖେ ଫେରୁଥା'ନ୍ତି। ସୂର୍ଯ୍ୟଙ୍କୁ ବହୁ ବେଳୁ ଜଳଧର ନିଜ ଆଢୁଆଳରେ ରଖି ଅଭିମାନ କରୁଥାଏ। କେତେ ବେଳେ ଜଳଧାର ଝରେଇ ଦେବ ଜଣା ନାହିଁ। ସତ୍ୟ ନିଜ ସାଙ୍ଗ ସହିତ ପରିଭ୍ରମଣରେ ଯାଇଥାଏ ନିକଟସ୍ଥ ଏକ ଗ୍ରାମକୁ। ପ୍ରାୟତଃ ଅବସର ସମୟ ବା କୌଣସି କାର୍ଯ୍ୟ ନେଇ ଏଠାକୁ ଆସୁଥିବାରୁ ତା'ର ସମ୍ପର୍କୀୟଙ୍କ ସଂଖ୍ୟା ଏଠି ଯଥେଷ୍ଟ ବଢି ଯାଇଥିଲା। ସାଙ୍ଗ ମେଳରେ ଏମିତି ବାର୍ତ୍ତାଳାପ ଚାଲିଛି। ଏହି ସମୟରେ ମାଳତି ବଧୂ ବେଶରେ ନିଜ ବଡ ଭାଇ ସହ ସେହି ପଥ ଦେଇ ଘର ଅଭିମୁଖେ ପ୍ରତ୍ୟାବର୍ତ୍ତନ କରୁଥାଏ। ସାଙ୍ଗ ଜଣକ ବ୍ୟସ୍ତତା ଭିତରେ ବଉଦରେ ବିଜୁଳିକୁ ଦେଖିଲା ଭଳି ମାଳତିକୁ ଦେଖି ସତ୍ୟକୁ ଇଙ୍ଗିତ ଦେଇ ଦେଲା। ମରୁ ଉଦ୍ୟାନର ମରୀଚିକା ପରି ସତ୍ୟ ଠାରୁ ଦୂରେଇ ଯାଉଥିଲା ମନର ମାନସୀ ମାଳତି। ସେହି ମରୀଚିକାର ପଦାନୁସରଣରେ ବାହାରି ପଡ଼ିଲେ ଦୁଇ ସାଙ୍ଗ। ମନରେ ଥିଲା ଉତ୍କଣ୍ଠା, ଦେଖିବାର ଅଜସ୍ର ଇଚ୍ଛା, କଥା ହେବାର ଅପାମ ବ୍ୟାକୁଳତା। କିଛି ପଥ ଅତିକ୍ରାନ୍ତ କଲା ପରେ ସେମାନଙ୍କ ଗାଡିର ଗତି ସହିତ ତାଳ ଦେଇ ପାରିଲେ ଦୁହେଁ। ସାଙ୍ଗ ଜଣକ ବଡ ଭାଇଙ୍କୁ କେଉଁଠୁ ଫେରୁ ଥିବାର ଅବାଞ୍ଛିତ ପ୍ରଶ୍ନ କରିଦେଲା। ମାତ୍ର ତା'ର ଏହି ପ୍ରଶ୍ନଟା ନିରର୍ଥକ ଓ ଲଜ୍ଜାବୋଧ ହେଲା ପ୍ରଶ୍ନକର୍ତ୍ତାଙ୍କୁ। ଯେହେତୁ ମାଳତି କି ତା'ର ବଡ ଭାଇ

ISSN NO.
2582-208X

ପ୍ରଶ୍ନର କୌଣସି ଉତ୍ତର ପ୍ରଦାନ କଲେ ନାହିଁ। ଅଥଚ ସେମାନେ ସ୍ପଷ୍ଟ ରୂପେ ଶୁଣି ପାରିଥିଲେ ତା'ଙ୍କୁ ପଚରା ଯାଇଥିବା ସରଳ ତଥା ସଂକ୍ଷିପ୍ତ ପ୍ରଶ୍ନଟି। ସ୍ମିତହାସ୍ୟଟି ପ୍ରକାଶ କରି ସଜଳ ନୟନରେ ଚାହିଁ ରହିଲା ମାଳତି ସତ୍ୟକୁ।

କଥାରେ ଅଛି ସୁଖ ପରେ ଦୁଃଖ ଓ ଦୁଃଖ ପରେ ସୁଖ ଆସେ। ଏହି ସୁଖ ଦୁଃଖ ପରସ୍ପର ଅଙ୍ଗାଙ୍ଗୀ ଭାବେ ଜଡ଼ିତ। ଜଣେ ଆର ଜଣ ବିନା ସତେ ଯେମିତି ଅସମ୍ପୂର୍ଣ୍ଣ। ମାତ୍ର ସୁଖର ଦିନଗୁଡିକ ଜଣା ପଡେ ନାହିଁ, ସଅଳ ସଅଳ ଚାଲିଯାଏ। ଆଉ ଦୁଃଖ, ଦୁଃଖ ଆସିଲେ ବିରାଟ ପାହାଡ ସମ୍ମୁଖରେ ଠିଆ ହେଲା ପରି ଲାଗେ। ସମୟ ଶୀଘ୍ର ଯାଏ ନାହିଁ। ଦିନଗୁଡିକ ଗୋଟିଏ ଗୋଟିଏ ଯୁଗ ପରି ମନେହୁଏ। ମୁଣ୍ଡର ବୋଝ ଆହୁରି ବଢ଼ିଯାଏ। ଏମିତି ଦିନଟି ଆସିଲା ସତ୍ୟ ପାଇଁ। ସେହି ନିସ୍ତବ୍ଧ ଦିବସର ନିର୍ଜନ ନଳକୂପ ଠାରେ ଏକାକୀ ଭେଟିଥିଲା ମାଳତି। ଅପଲକ ନୟନରେ ଚାହିଁ ସଂକ୍ଷିପ୍ତ ହସଟି ପ୍ରକାଶ କରିଦେଲା। ପ୍ରତି ବଦଳରେ ସତ୍ୟ ମଧ୍ୟ ସଲାଜରେ ହସି ଦେବା କଥା। ମାତ୍ର ସେ ହସି ନାହିଁ। ହସିବାକୁ ପ୍ରୟାସ ଯେ କରି ନାହିଁ ତାହା ନୁହେଁ। ଏହି ହସଟା ଭଗବାନଙ୍କ ଦାନ ଭଳି ବିନା ପ୍ରତିବନ୍ଧକରେ ପ୍ରକାଶିତ ହୋଇଯାଏ। କିନ୍ତୁ ସତ୍ୟ ----, ବିରସ ବଦନରେ ଚାହିଁ ରହିଲା ମାଳତିକୁ। ସତ୍ୟର ଏପରି ଆଚରଣରେ ମାଳତି କିଛି ବୁଝି ପାରିଲା ନାହିଁ। କାରଣ ସତ୍ୟ କେବେ ଏମିତି ଚାହିଁବାର ସେ ଦେଖି ନାହିଁ। ଅଭିମାନ କରିଥିଲେ ଦେଖି ନଦେଖିଲା ଭଳି ଚାହାଁଣୀ, ରାଗି ଥିଲେ କଟାକ୍ଷ, ଖୁସି ଥିଲେ ହସ ହସ ମୁହଁ। କିନ୍ତୁ ଏଇ ଚାହାଁଣୀର ଅର୍ଥ କି ଉଦ୍ଦେଶ୍ୟ ସେ ବୁଝେ ନା। ପ୍ରତୀକ୍ଷା କରି ରହିଲା ତା'ଠାରୁ କିଛି ଶୁଣିବା ପାଇଁ। ମାଳତି ଠାରୁ ଦୀର୍ଘ ଦିନର ବିଦାୟ ସୂଚନା ପାଇ ସତ୍ୟ ଖେଦ ପ୍ରକାଶ କରି କହିଲା, "ମଳତି, ବୋଧହୁଏ ଆଜି ଦିନଟି ତୁମ ମୋର ଶେଷ ଦିନ। ଆଉ ଏମିତି କୌଣସି ସମୟ କି ସୁଯୋଗ ମିଳିବ ନାହିଁ ତୁମ ସହ କଥାବାର୍ତ୍ତା କି ଥଟ୍ଟା ପରିହାସ କରିବା ନିମନ୍ତେ। ଏପରି କି ତୁମକୁ ଦେଖିବା ପାଇଁ ମଧ୍ୟ ପାଇ ପାରିବି ନାହିଁ। ଯାହାକୁ ଏତେ ଭଲ ପାଉଥିଲି ତା'ଠାରୁ ବି ଦିନେ ଦୂରେଇ ଯିବି ମୁଁ ଏହା କଦାପି ଭାବି ନଥିଲି।" ସରଳା ମାଳତି ପ୍ରିୟତମ ସତ୍ୟର ସତ୍ୟତା ବୁଝିବାରେ ଅକ୍ଷମ। କେଉଁ କଥାକୁ ନେଇ ଏପରି କହୁଛି ଜାଣି ପାରିଲା

ISSN NO.
2582-208X

ନାହିଁ। ମାତ୍ର ତା'ର ଭାବନା ରାଜ୍ୟରେ ଏହା ହିଁ ଦେଖାଗଲା ଯେ ସତ୍ୟ ତା'ଠାରୁ ସବୁ ଦିନ ପାଇଁ ଦୂରେଇ ଯାଉଛି। ତା'ହୃଦୟରେ ଗଢିଥିବା ସ୍ନେହର ସୁନ୍ଦର ବସାଟିକୁ ଛାଡି ଚାଲି ଯାଉଛି। ତା'କୁ ଚଲାପଥରେ ଏକାକୀ କରି ଫେରି ଯାଉଛି। ସେ ଉପଲବ୍ଧି କରି ପାରୁଥିଲା ସତ୍ୟ ତା'ର ନୁହେଁ। ଆଜି ପର୍ଯ୍ୟନ୍ତ ସତ୍ୟ କାହାର ହୋଇ ପାରି ନାହିଁ। ଯିଏ ସତ୍ୟକୁ ଆପଣାର କରିବାର ଅପଚେଷ୍ଟା କରିଛି ସେ କେବଳ ଦୁଃଖ, କଷ୍ଟ, ଯନ୍ତ୍ରଣା, ନିନ୍ଦା, ଅପବାଦ ପାଇଛି। ତା'କୁ ଯିଏ ଆଦର କରିଛି ତା'ବିରୁଦ୍ଧରେ ସାରା ଦୁନିଆ ଠିଆ ହେଇଛି। କାରଣ ଦୁନିଆ ଅସତ୍ୟର କରାଳ ଗର୍ଭରେ ଲୀନ ହେବାକୁ ବସିଛି। ଚାରିଆଡ଼େ ମିଛ, ମାୟା, ମୋହ, ଅତ୍ୟାଚାର, ପୀଡନ ଆଉ ଦୁଃଖ ହିଁ ଦୁଃଖ। ଅହିଂସା ଆଚରିତ ବ୍ୟକ୍ତି, ଧୈର୍ଯ୍ୟବାନ, ନୀତିବାନ ଲୋକ ହିଁ ସତ୍ୟକୁ ଆଦର କରିବ। କଥାର ଦିଗ ନବଦଳାଇ ସିଧା ସରଳ ଦୁଃଖଭରା କଣ୍ଠରେ ସତ୍ୟ କହିଲା,"କାଲି ଠାରୁ ପ୍ରଶିକ୍ଷଣ ପାଇଁ ମୁଁ ଦୂର ସ୍ଥାନକୁ ଚାଲି ଯାଉଛି। ଦୀର୍ଘ ଦେଢ ମାସ ତୁମ ବିନା କେମିତି ବିତାଇବି ଜଣାନାହିଁ। ଦଶହରାରେ ମଧ୍ୟ ତାଲିମ। ଇଏ କେଉଁ ପାପର ପ୍ରାୟଶ୍ଚିତ କେଜଣି? କିଭଳି ଜୀବନ ସତେ! କେମିତି ଚାକିରି! " ଏତିକି ଶୁଣିଲା ପରେ ମାଳତି ଲୋତକଭରା ଚକ୍ଷୁରେ ଚାହିଁ ରହିଲା ସତ୍ୟକୁ। ବେଦନାମଥିତ ରହସ୍ୟାଲୋକରେ ଭରି ଉଠିଲା ତା'ର ଆଖି ଦୁଇଟି। କୋଣେ କୋଣେ ଭରିଗଲା କ୍ରନ୍ଦନର ଧ୍ୱନି। ଧମନୀର ପ୍ରତିଟି ରକ୍ତ ବିନ୍ଦୁ ନିଷ୍କ୍ରିୟ ହୋଇଗଲା। ସତେ ଯେପରି ତା'ର ସେହି ଅଶ୍ରୁଭରା ନୟନଦ୍ୱୟ ସତ୍ୟକୁ ଛାଡି ଯିବା ପାଇଁ ବାରଣ କରୁଛି। ମାତ୍ର ଯିବାକୁ ମନା କି କେବେ ଆସିବ ବୋଲି ପ୍ରଶ୍ନ କରି ନାହିଁ। ଆଖିର ଝରକା ଡେଇଁ ଗଣ୍ଡଫଳକକୁ ଭିଜେଇ ଦେଲା ତା'ର ଦି'ଟୋପା ତତଲା ଲୁହ। କିଛି ସମୟ ଆଖିରେ ଆଖିକୁ ମିଳାଇ ଗାମ୍ଭୀର୍ଯ୍ୟ ବଦନରେ ମୁହଁ ପୋତିଦେଲା କେବଳ। ସତେ ଯେପରି ଲାଗିଲା କେଉଁ ଏକ ମହାସମର ଅଭିମୁଖେ ବିଦାୟ ନେବାକୁ ବସିଛି ନବ ବିବାହିତା ପ୍ରିୟତମା ପତ୍ନୀ ଠାରୁ।

ସେହି ସନ୍ଧ୍ୟାରେ ସତ୍ୟ ମାଳତିକୁ ସାକ୍ଷାତ କରିବା ପାଇଁ ବ୍ୟାକୁଳ ହୋଇ ଉଠିଛି। ଭାବିଛି ଯିବା ବେଳେ ଅନ୍ତତଃ ଥରେ ମାତ୍ର ସେହି ପ୍ରିୟତମାର ମୁଖ ଦର୍ଶନ କରିବ। ସାନ୍ତ୍ୱନା ଦେବାକୁ ଯାଇ କହିବ, "ପ୍ରିୟେ, ଏମିତି ଭାଙ୍ଗି ପଡ ନାହିଁ। ମୁଁ ଶୀଘ୍ର ଫେରି ଆସିବି। ତୁମ

ISSN NO.
2582-208X

ନିମନ୍ତେ ଆଣି ଦେବି ସ୍ମୃତିର ତାଜମହଲଟି। ଗୁନ୍ଥି ଦେବି ସୁଖର ସପନ ସବୁ। ଆକାଶରୁ ତାରା ତୋଳି ଆଣି ତୋ କବରୀରେ ସଜେଇ ଦେବି। ଫୁଲରୁ ସୁରଭି ଚୋରେଇ ତୋ ସୁକୋମଳ କାନ୍ତିରେ ଲଗେଇ ଦେବି। ଆସ, ଥରେ ମାତ୍ର ଦେଇ ଯାଅ ତୁମର ଶେଷ ସ୍ପର୍ଶ। କହିଦିଅ ଭଲରେ ଥିବ, ଅସମୟରେ ଖାଇବ ନାହିଁ,ବେଶି ବୁଲାବୁଲି କରିବ ନାହିଁ, ପ୍ରଶିକ୍ଷଣରେ ସଦା ମନ ଦେବ ବୋଲି।" ଭେଟିବା ନିମିତ୍ତ ସତ୍ୟ ବହୁତ ଉପାୟ କରିଛି। କିନ୍ତୁ ମାଳତି ଘରୁ ବାହାରକୁ ବାହାରିଲା ନାହିଁ। ବିଦାୟୀ ଯାତ୍ରୀର ବେଦନାକୁ ନେଇ ଲୁହ ଝରାଉଥିଲା କି ତା'ସହିତ କାଟିଥିବା ପ୍ରତିଟି ମୁହୂର୍ତ୍ତକୁ ନେଇ ସ୍ମୃତି ଚାରଣ କରୁଥିଲା ଜଣା ପଡିଲା ନାହିଁ। ନିଃସଙ୍ଗ ହୋଇ ଅବଶିଷ୍ଟ ଜୀବନ ବିତାଇବା ନିମନ୍ତେ ରାହା ଖୋଜୁ ଥିଲା କି ଅଭିଶପ୍ତା ଅହଲ୍ୟା ଭଳି ପଥର ପାଲଟି ଯାଇଥିଲା ବୁଝାଗଲା ନାହିଁ। ବିରହର ଶରାଘାତରେ ଶଯ୍ୟାଶାୟୀ ହେଲା କି ବିଚ୍ଛେଦର ଅଯାଚିତ ଦୁଃଖରେ ମ୍ରିୟମାଣ ଥିଲା ଜାଣି ହେଲା ନାହିଁ। ରାତିଟା କେବଳ ତା' କଥା ଭାବି ଭାବି ଅତିକ୍ରାନ୍ତ ହୋଇଗଲା।

ବୁଢ଼ିକୋମନା, ଜିଲ୍ଲା ନୂଆପଡ଼ା

ISSN NO.
2582-208X

# ନୀଳ ଅଭିମାନ



ଦିନେଶ ଅଗ୍ରୱାଲ୍

ମୁଁ ତୁମର ଧର୍ମପତ୍ନୀ ନୁହେଁ
ଅଥଚ ଧର୍ମପତ୍ନୀଠୁ କଛି
କମ ବି ନୁହେଁ ।
ତୁମର କେତେ କେତେ ପତ୍ନୀ
ଉପପତ୍ନୀ ଥିବା ସତ୍ୱେ
ମୁଁ ଶୁଣିନାହିଁ କେବେ
ତୁମ ନାଁ ସାଥେ
ଆଉ କାହା ନାଁ କୁ ।

ସାମାଜିକ ଲୋକଲଜ୍ଜା
ଅପବାଦ ସତ୍ୱେ
ଅହଂକାରରେ ପୋତି
ହୋଇଯାଉଥାଏ ମୁଁ ।

ମୋର ଦେହସାର୍ କଳଙ୍କ
ମୁଁ ନରୁତା କାଙ୍ଗାଳୁଣୀଟିଏ ।
ତଥାପି ପ୍ରେମର କଳଙ୍କ
କେତେ ଯେ ପବିତ୍ର
ତାକୁ କଣ ଶବ୍ଦ ମୋର
ରୂପ ଦେଇପାରେ
କଲମ ମୁନରେ ।

ବିଜେପୁର

ISSN NO.
2582-208X

# ସୁଧା ବାରିଧି



ଅମରନାଥ ବାରିକ

_ରାଧା ପ୍ରାଣ ନାଥ ବଲ୍ଲଭ_
_ମୀରା ଜୀବନ ଧନ_
_ଥାଉ ନିରନ୍ତରେ ସଦା ମୋ_
_ଲୟ ତୋ ପାଦେ ଧ୍ୟାନ ।_

_ମନ ମନ୍ଦିରରେ ପ୍ରଭୁ ହେ_
_ତୁମେ ପ୍ରାଣ ଦେବତା_
_ବିଷମ ବିଶାଳ ସଂସାରେ_
_ତୁମେ ଅମୃତ ଦାତା ।_

_କରେ ଶ୍ରଦ୍ଧାଞ୍ଜଳି ଅର୍ପଣ_
_ତୁମ ଛନ୍ଦା ଚରଣେ_
_ଅକୀଞ୍ଚନ ଦୁଖୀ ସେବକ_
_ଛାର ମନୁଷ୍ୟ ଜଣେ ।_

ISSN NO.
2582-208X

_ମନ ପ୍ରାଣ ଦେଲି ସମର୍ପି_
_ନିଅ ହେ ଲୀଳାମୟ_
_କ୍ଷମାର ସାଗର ତୁମେ ତ_
_ସ୍ୱାମୀ କରୁଣା ମୟ ।_

_କି ଦେଇ ପୂଜିବି ତୁମକୁ_
_ସବୁ ତୁମରି ସୃଷ୍ଟି_
_ଦିଅ ବାରେ ଏ ଅଧମ କୁ_
_କରି ସୁଦୟା ଦୃଷ୍ଟି ।_

_ଜୀବନ ହେବ ମୋ ସାର୍ଥକ_
_ପ୍ରଭୁ କରିଲେ ଆଜ୍ଞା_
_ଭିକ୍ଷା ପ୍ରାର୍ଥନା ମୁଁ କରିବି_
_ତୁମେ ହୋଇଲେ ଜିଜ୍ଞା ।_

_ତୁମ ଦରବାରେ ଚାକର_
_କରେ ତୁମ ଚାକିରୀ_
_ଦିଅ କରୁଣାର ଦରମା_
_ମୋର ଭଣ୍ଡାର ଭରି ।_

ISSN NO.
2582-208X

_ନେବି ଅବସର ଯେସନେ_
_ଯିବି ଦୁନିଆ ଛାଡ଼ି_
_ଦେବ ଟିକେ ତୁମ ଦର୍ଶନ_
_ପ୍ରାଣ ଯିବ ମୋ ଉଡ଼ି ।_

_ଆହେ ବିଶ୍ୱ ପିତା ଇଶ୍ୱର_
_ତୁମେ ଜଗତ ନାଥ_
_ତୁମେ ଆଦି ଅନ୍ତ ପ୍ରଳୟ_
_ସ୍ୱର୍ଗ ଗନ୍ତବ୍ୟ ପଥ ।_

କୟାଁ, ମଙ୍ଗଳପୁର, ଯାଜପୁର
ଓଡ଼ିଶା - ୭୫୫୦୧୧
ଦୂରଭାଷ - ୯୫୪୦୩୦୮୦୯୫

ISSN NO.
2582-208X

# ଯୁବ ଆଇ.ପି.ଏସ୍ ଅଫିସର୍



ରାମ ଚନ୍ଦ୍ର ପ୍ରଧାନ

କଥାରେ ଅଛି "ଦୃଢ଼ ଇଚ୍ଛା ଶକ୍ତି ସଫଳତା ଆଣିଦିଏ" । ଆଉ ତୁମେ ଯଦି ଏଭଳି ଚିନ୍ତାଧାରା ରଖି ଆଗକୁ ବଢ଼ିବ, ତେବେ ଦିନେ ନା ଦିନେ ସଫଳତା ତୁମକୁ ନିଶ୍ଚୟ ମିଳିବ । ଆଜି ମୁଁ ତୁମମାନଙ୍କୁ ଯେଉଁ ବ୍ୟକ୍ତିଙ୍କ କଥା କହିବି, ତାଙ୍କ ଜୀବନର ସଂଘର୍ଷ ମଧ୍ୟ କିଛି କମ ନୁହେଁ। ସେ ଆଉ କେହି ନୁହଁନ୍ତି, ଭାରତର ସର୍ବ କନିଷ୍ଠ ଯୁବ ଆଇ.ପି.ଏସ୍ ଅଫିସର୍ ଅସିଫ୍ ହାସନ୍ । ଗୁଜୁରାଟର ପାଲାନପୁର ଜିଲ୍ଲା କାନୋଦାର ଭଳି ଏକ ଛୋଟିଆ ମଫସଲି ଗାଁରେ ଅସିଫ୍ ହାସନ୍ 1995 ମସିହା ଜୁଲାଇ 21 ତାରିଖରେ ଜନ୍ମ ଗ୍ରହଣ କରିଥିଲେ । ତାଙ୍କ ପିତାଙ୍କ ନାମ ମୁସ୍ତାଫା ହାସନ୍ ଓ ମାତାଙ୍କ ନାମ ନାସିମବନୁ । ନିଜ ଜୀବନରେ ସଂଘର୍ଷ କରି ସେ ମାତ୍ର 22 ବର୍ଷ ବୟସରେ ଜଣେ ଆଇ.ପି.ଏସ୍ ଅଫିସର୍ ହୋଇଛନ୍ତି । ତାଙ୍କ ପରିବାର ଲୋକେ ବହୁତ ଗରିବ ଥିଲେ । ତାଙ୍କ ବାପା ମାଆ ଉଭୟ ହୀରା ଶିଳ୍ପରେ କାମ କରୁଥିଲେ । କିନ୍ତୁ ଅସିଫଙ୍କ ପାଠପଢ଼ା ଖର୍ଚ୍ଚ ଉଠାଇବା ପାଇଁ ତାଙ୍କ ବାପା ସ୍ଥାନୀୟ ଅଞ୍ଚଳରେ ଇଲେକ୍ଟ୍ରିସିଆନ ଭାବେ ପାର୍ଟ ଟାଇମ କାର୍ଯ୍ୟ କରୁଥିଲେ ଏବଂ ମାଆ ଜଣେ ରୋଷେୟା ଭାବେ ଆଖପାଖ ଅଞ୍ଚଳରେ ଥିବା ହୋଟେଲ ଓ ବିଭିନ୍ନ ଉତ୍ସବ ମାନଙ୍କରେ କାମ କରୁଥିଲେ । ପରିବାରର ଆର୍ଥିକ ସ୍ଥିତି ଏଭଳି ଥିଲା ଯେ ତାଙ୍କ ବାପାଙ୍କୁ କିଛି ଦିନ ଠେଲାରେ ଚାହା ଆଉ ଅଣ୍ଡା ବୁଲି ବୁଲି ବିକ୍ରି କରିବାକୁ ପଡିଥିଲା ।

ISSN NO.
2582-208X

ପାଠପଢ଼ାରେ ରୁଚି ରଖୁଥିବା ଅସିଫ୍ ହାସନ୍ ଗୁଜୁରାଟ ମେଡ଼ିଅମ ସ୍କୁଲରୁ ଦଶମରେ ୨୨% ରଖି ପାସ୍ ହୋଇଥିଲେ ଏବଂ ଦ୍ୱାଦଶରେ ବି ୨୨% ରଖିଥିଲେ । କଲେଜ ବେଳୁ ହିଁ ଅସିଫ୍ ନିଜ ପକେଟ ମନି ପାଇଁ ଛୋଟ ପିଲାମାନଙ୍କୁ ଟ୍ୟୁସନ୍ କରୁଥିଲେ । ଦିଲ୍ଲୀରେ ସିଭିଲ ସର୍ଭିସ କୋଚିଂ ନେଲାବେଳେ ଅସିଫ୍ ବହୁ ଆଇ.ପି.ଏସ୍ ଓ ଆଇ.ଏ.ଏସ୍ ଅଫିସରଙ୍କ ସହ ମିଶି ସେମାନଙ୍କ ପରାମର୍ଶ ଗ୍ରହଣ କରୁଥିଲେ । ସେ 2017 ମସିହାରେ ପ୍ରଥମ ପ୍ରୟାସରେ ହିଁ ୟୁ.ପି.ଏସ୍.ସି ପରୀକ୍ଷାରେ ପାସ୍ କରିଥିଲେ । ସର୍ବ ଭାରତୀୟ ସ୍ତରରେ ସେ 570 ପାହ୍ୟା ହାସଲ କରିଥିଲେ । ତାପରେ ସେ ଗୁଜୁରାଟର ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ଜାତୀୟ ପୋଲିସ ଏକାଡେମୀରେ ତାଲିମ ନେଇ ଏ.ଏସ୍.ପି ଭାବେ ଜାମନଗରରେ ନିଯୁକ୍ତି ପାଇଥିଲେ । ଆଉ ସେଦିନର ସେ ଟ୍ୟୁସନ୍ ବଏ ଆଜି ବନିଯାଇଛନ୍ତି ଆଇ.ପି.ଏସ୍ ଅଫିସର୍ । ଅସିଫଙ୍କ ଆଇ.ପି.ଏସ୍ ଅଫିସର୍ ହେବା ପଛରେ ଏକ କାହାଣୀ ଅଛି । ଥରେ ସ୍କୁଲରେ ପଢୁଥିବା ବେଳେ ପରିଦର୍ଶନରେ ଜଣେ କଲେକ୍ଟର ଆସିଥିଲେ ଏବଂ ସ୍କୁଲର ପ୍ରଧାନ ଶିକ୍ଷକ ସମେତ ଅନ୍ୟାନ କର୍ମଚାରୀମାନେ କଲେକ୍ଟରଙ୍କୁ ବହୁ ସମ୍ମାନିତ କରିଥିଲେ । ଏ ଦୃଶ୍ୟକୁ ଦେଖୁଥିଲେ ଅସିଫ୍ । ଘରକୁ ଯାଇ ମାଉସୀଙ୍କୁ ଏକଥା କହିଲେ ଏବଂ ମାଉସୀ ତାଙ୍କୁ ବୁଝାଇଲେ ଯେ କଲେକ୍ଟର ଜଣେ ଉଚ୍ଚ ପଦସ୍ଥ ଅଧିକାରୀ ଏବଂ ଯେ କେହି କଠିନ ପରିଶ୍ରମ ଓ ଦୃଢ଼ ଆତ୍ମ ବିଶ୍ୱାସ ଦ୍ୱାରା ଏହି ପଦବୀ ହାସଲ କରି ପାରିବ । ସେଇ ଦିନଠୁ ଅସଫ୍ ଜଣେ ଆଇ.ଏ.ଏସ୍ ହେବା ପାଇଁ ଚେଷ୍ଟା ଜାରି ରଖିଲେ । ଏ କ୍ଷେତ୍ରରେ ଅସିଫଙ୍କୁ ହୁସେନ ଭାଇ ଓ ଜରିନା ଭଉଣୀ ଆର୍ଥିକ ସହଯୋଗର ହାତ ବଢ଼ାଇଥିଲେ । ଆପଣ ଜାଣିଲେ ଆଶ୍ଚର୍ଯ୍ୟ ହେବେ ଅସିଫ୍ ୟୁ.ପି.ଏସ୍.ସି ଲିଖିତ ପରୀକ୍ଷା ଦେବାକୁ ଗଲାବେଳେ ବାଟରେ ଏକ ଦୁର୍ଘଟଣାର ସମ୍ମୁଖୀନ ହୋଇ ଗୁରୁତର ଭାବେ ଆହତ ହୋଇଥିଲେ । ତଥାପି ସେ ପରୀକ୍ଷା ଦେବା ପାଇଁ ଯାଇଥିଲେ ଏବଂ ପରୀକ୍ଷା ସରିବାପରେ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ । ଆଉ ସେଦିନର ସେଇ କଠିନ ପରିଶ୍ରମ ଓ ଦୃଢ଼ ଆତ୍ମ ବିଶ୍ୱାସ ଆଜି ତାଙ୍କୁ ସଫଳତାର ଶୀର୍ଷ ଦେଶରେ ପହଞ୍ଚାଇ ପାରିଛି । ଏଥିରୁ ଜଣାଗଲା ଯଦି ତୁମ ଭିତରେ ପ୍ରତିଭା ଆଉ ଦୃଢ଼ ଇଚ୍ଛାଶକ୍ତି ଅଛି, ତାହେଲେ ଯେ କୌଣସି ପ୍ରତିକୂଳ ପରିସ୍ଥିତିରେ ବି ତୁମେ ସଫଳତା ହାସଲ କରିପାରିବ । ଯାହା ଆଜି ଅସିଫ୍ ପ୍ରମାଣ କରି ଦେଖାଇଛନ୍ତି । ସେ

ISSN NO.
2582-208X

ଜଣେ ସମାଜ ସେବୀ ଓ କୁକୁର ପ୍ରେମୀ । ତାଙ୍କ ମତରେ ସ୍ୱପ୍ନରେ କେବେ କୌଣସି ସମସ୍ୟା ବାଧକ ସାଜିପାରିବ ନାହିଁ, ଯଦି ତୁମେ ନିଷ୍ଠାର ସହ ମନ ଲଗାଇ କାର୍ଯ୍ୟ କରିବ । ଅସିଫଙ୍କ ବହୁମୁଖୀ ପ୍ରତିଭାରେ ସନ୍ତୁଷ୍ଟ ହୋଇ ଗୁଜୁରାଟର ମୁଖ୍ୟମନ୍ତ୍ରୀ ବିଜୟ ରୁପାଣି ତାଙ୍କୁ ସମ୍ମାନିତ କରିଥିଲେ । ଖାଲି ସେତିକି ନୁହେଁ ଅସିଫ୍ ଏବେ ବହୁ N.G.O ସହ କାର୍ଯ୍ୟ କରି ସବୁ ଯୁବ ଗୋଷ୍ଠୀ ପାଇଁ ପ୍ରେରଣାର ଉତ୍ସ ଓ ଆଦର୍ଶ ପାଲଟି ଯାଇଛନ୍ତି ।

ଶିକ୍ଷକ
ସାନ୍ତର୍‌ପଲ୍ଲୀ, ଗଞ୍ଜାମ
ମୋ:9861638736

ISSN NO.
2582-208X

# ରଫ୍ ଖାତା



ଅର୍ପିତା ବେହେରା

ସବୁ ବିଷୟର ପାଠକୁ ସମ୍ଭାଳି
ବ୍ୟାଗ୍ ପଛରେ ଥାଏ
କିନ୍ତୁ ପରୀକ୍ଷା ବେଳେ ସେ ଖାତାଟି
ଆଗ ଦରକାର ହୁଏ ।

ଗଣିତଠାରୁ, ବିଜ୍ଞାନ, ସାହିତ୍ୟଠାରୁ
ସଂସ୍କୃତ ସବୁ ତା'ରି ଭିତରେ ଥାଏ
କଳା, ନାଲି, ନୀଳ, ସବୁଜ କାଳିରେ
ବଡ଼ ବିଚିତ୍ର ଦିଶୁଥାଏ ।

କଲମମୂନର ଟାଣ ଘୋଷରାରେ
ଖଣ୍ଡେ ପେଜ୍ ଉଡ଼ିଯାଏ
ସେ ଖାତାର ଅଭ୍ୟାସପାଠ ପରୀକ୍ଷାରେ
ମନେପଡ଼ିଲେ ଭଲ ନମ୍ବରଟି ରୁହେ ।

ପରିବା ମଧ୍ୟରେ ଆଳୁ ସେ ତ
ଖାଇବାରେ ଲୁଣ
ଘରର ମୁରବି ସମାନ ବାପାଙ୍କ ପରି
କିଏ ସୁଝିବ ତା ଋଣ ।

ISSN NO.
2582-208X

କେଉଁଠି କଣ ଜରୁରୀ କଥା ଜାଣିଲେ
ସେହି ଖାତାକୁ ଖୋଜୁଥାଏ
କିନ୍ତୁ ସେ ଟେବୁଲର କେଉଁ କଣରେ
ଲୋଚାକୋଚା ହୋଇ ପଡ଼ିଥାଏ ।

ସେ ତ ଜଣା ଅଜଣାର ଖାତା
ସଭିଁଏ ତାହାକୁ ଆଦରେ କହନ୍ତି
ମୋ ପ୍ରିୟ "ରଫ୍ ଖାତା"...

ସ୍ନାତ୍ତକୋତର ଓଡ଼ିଆ ଭାଷା ଓ ବିଭାଗ
(ପ୍ରଥମ ବର୍ଷ ଛାତ୍ରୀ)
ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ

ISSN NO.
2582-208X

# ଦୁଃଖ ମୋ ଭାଗ୍ୟ ରେ ଅଛି



ସ୍ମୃତି ରେଖା ନାୟକ

ଦୁଃଖ ମୋ ଭାଗ୍ୟ ରେ ଅଛି ଯଦି
ମୁଁ ସୁଖ କାହିଁକି ଖୋଜିବି
ବାମନଟିଏ ମୁଁ ଆକାଶ ଚାନ୍ଦକୁ
ହାତ କାହିଁ ବଢେଇବି ।
ମୋ ଚଲାପଥ ଯଦି କଣ୍ଟକମୟ
ମୁଁ ପୁଷ୍ପ ବର୍ଷା କାହିଁ ଖୋଜିବି
ମୋ ଜୀବନଟା ଯଦି ଶୁଖିଲା ଫଗୁଣ
ମୁଁ ଶ୍ରାବଣେ କାହିଁକି ଭିଜିବି ।
କଳାମେଘ ଯଦି ଜୀବନଟା ମୋର
ସପ୍ତରଙ୍ଗ କାହିଁ ଭରିବି
ସ୍ୱରହୀନ ଏଇ ଜୀବନରେ ମୋର
ସାତସ୍ୱର କାହିଁ ଭରିବି ।
ଥୁଣ୍ଟା ବରଗଛ ଜୀବନ ଟା ମୋର
ଚିରସବୁଜ କି ହୋଇବ
କଳୁଷିତ ପଙ୍କ ଜୀବନେ କି ମୋର
ପୂଣ୍ୟ ଶତଦଳ ଫୁଟିବ ?

ଈଶ୍ୱରଙ୍କ କୃପାହେଲେ ଏ ଜୀବନେ
ଦୁଃଖ ସବୁ ଦୂର ହୋଇବ
ତାଙ୍କରି କରୁଣା ବାରିବୃଷ୍ଟି ହେଲେ
ମୋ ଜୀବନରେ ପଦ୍ମ ଫୁଟିବ ।

ତୋରା ବରଗଡ଼

ISSN NO.
2582-208X

# ନାରୀର ଭୂମିକା



ଦେବାର୍ଚ୍ଚନ ମେହେର

ନାରୀ ରୂପ ଏକ ଭୂମିକା ଅନେକ...
ନାରୀ ତୁମେ ସନ୍ତାନର ମାଆ
ତ ପୁଣି କେବେ ବାପାର ଗେହ୍ଲେଇ ଝିଅ

ନାରୀ ରୂପ ଏକ ଭୂମିକା ଅନେକ...
କେବେ ପୁଣି ଭାଇର ଭଉଣୀ
ତ ପୁଣି କେବେ ସ୍ୱାମୀର ଧର୍ମପତ୍ନୀ

ନାରୀ ରୂପ ଏକ ଭୂମିକା ଅନେକ...
କେବେ ପୁଣି ପ୍ରେମିକର ପ୍ରେମିକା
ତ ପୁଣି କେବେ ବନ୍ଧୁର ଭଲ ବାନ୍ଧବୀ

ନାରୀ ରୂପ ଏକ ଭୂମିକା ଅନେକ...
ନାରୀ ତୁମେ ଜିଲ୍ଲାର ଜିଲ୍ଲାପାଳ
ତ ପୁଣି କେବେ ତୁମେ ପୋଲିସ୍

ନାରୀ ରୂପ ଏକ ଭୂମିକା ଅନେକ...
କେବେ ତୁମେ କୋର୍ଟ ର ବିଚାରପତି
ତ କେବେ ପୁଣି କୋର୍ଟ ର ଓକିଲ

ISSN NO.
2582-208X

ନାରୀ ରୂପ ଏକ ଭୂମିକା ଅନେକ...
କେବେ ତୁମେ ଅଫିସ୍ ର ଅଫିସର
ତ କେବେ ପୁଣି ଅଫିସ୍ ର ଚପରାସୀ

ନାରୀ ରୂପ ଏକ ଭୂମିକା ଅନେକ...
କେବେ ବିଦ୍ୟାଳୟର ତୁମେ ଶିକ୍ଷୟତ୍ରୀ
ତ କେବେ ପୁଣି ମହାବିଦ୍ୟାଳୟର ଅଧ୍ୟାପିକା

ନାରୀ ରୂପ ଏକ ଭୂମିକା ଅନେକ...
କେବେ ହସ୍ପିଟାଲର ତୁମେ ଡକ୍ଟର
ତ ପୁଣି କେବେ ନର୍ସ

ନାରୀ ରୂପ ଏକ ଭୂମିକା ଅନେକ...
କେବେ ଉଡାଜାହାଜର ପାଇଲଟ୍
ତ କେବେ ପୁଣି ମଟର ଯାନର ଡ୍ରାଇଭର

ନାରୀ ରୂପ ଏକ ଭୂମିକା ଅନେକ...
କେବେ ତୁମେ ଘରର ମାଲିକାଣୀ
ତ କେବେ ପୁଣି ଚାକରାଣୀ

ନାରୀ ରୂପ ଏକ ଭୂମିକା ଅନେକ...
କେବେ ତୁମେ ବିଦ୍ୟାଳୟର ଛାତ୍ରୀ
ତ କେବେ ପୁଣି ଭାବନାର କବିୟତ୍ରି

ନାରୀ ରୂପ ଏକ ଭୂମିକା ଅନେକ...
କେବେ ତୁମେ ନର୍ତ୍ତକୀ
ତ କେବେ ପୁଣି ଗାୟିକା

ଗ୍ରାମ – ବାପୁଜୀନଗର,ଜିଲ୍ଲା - ବୌଦ୍ଧ
ମୋ - ୭୮୯୪୩୪୩୫୫୨

ISSN NO.
2582-208X

# ଫେରି ଆସିଛି ଆମ ସହର



ଅଜିତ ପାଢ଼ି

ବଦଳିଗଲା ନିମିଷକ ମୂହୂର୍ତ୍ତ ଭିତରେ ଆଜି ଏହି ଛୋଟ ସହର। ଆଜି ସତରେ ଶାନ୍ତ, ଶିଷ୍ଟ, ନିରବତା, ସ୍ୱଚ୍ଛତା ଓ ଆଧ୍ୟାତ୍ମିକତାର ସର ପାଲଟି ଯାଇଛି। ସତେ କଣ ପୁନରାବୃତ୍ତି? ପୁରୁଖା ଓ ଭଦ୍ର ସମାଜ ଏହି ସହରକୁ ଗଢି ତୋଳିଥିଲେ ଦିନେ ନିଜର ନିଷ୍ଠା, ପରାକାଷ୍ଠା ଓ ଆଧ୍ୟତ୍ମିକତାର ପରିଚୟ ଦେଇ। ପରିଚୟ ଦେଇଥିଲା ସହରର ମହାନତା, ସଂସ୍କୃତି, ସଂସ୍କାର, ପ୍ରେମ ଓ ଅନେକ ମିଳନର ପର୍ବ ତାଳେ ତାଳେ ଖେଳ, ନାଟକ, ଅଭିନୟ ଓ ନିର୍ମଳ ହୃଦୟତାର ଭାବମୂର୍ତ୍ତୀ। ଆଜି ଏହି ପୁରୁଖା ଲୋକଙ୍କ ମୁହଁରୁ ଶୁଇବାକୁ ମିଳୁଛି "କରୋନାର ଜଘନ୍ୟତା ଭିତରେ କରୁଣା ଉଦ୍ୟୟ ନା ଯୁବ ବର୍ଗର ଚେତନା ଭିତରେ ପାଞ୍ଚ ଇନ୍ଦ୍ରିୟ ଶକ୍ତିର ଉଦୟତା ପୁଣି ଥରେ ସହରକୁ ବାସ୍ତବିକତାର ପୁନରାବୃତ୍ତିକୁ ଉଜ୍ଜିବୀତ କରୁଛି। ସହରର ସଜୀବତା ସତରେ ଫେରି ଆସୁଛି। ମୁଢ ମନରେ ସଚେତନା ର ଭାବ ସହରର ପୂର୍ବ ଗୌରବ ଫେରି ଆଣିବ ବୋଲି ପୁରୁଖା ଲୋକଙ୍କ ମୁଁହରୁ ଶୁଣିବାକୁ ମିଳୁଛି।

ହ୍ୱାଟସଆପ୍, ଫେସବୁକ୍ ଭିତରେ ମଜ୍ଜିଯାଇ ସହରର ନାଳ, ନର୍ଦ୍ଦମା, ରାଜରାସ୍ତା ଉପରେ କୋରେକ୍ସ ବୋତଲର ବୋମାମାଡ ର ଆତ୍ମ ଚିତ୍କାର କରୁଥିଲା। କେଉଁଠି ବିଅର ବୋତଲର ସଂନ୍ଧ୍ୟା ଗମନ ପର୍ବରେ ମହୁଲି ଉଦ୍ୟାନ ମାତାଲ ହୋଇ ପଡୁଥିଲା ଓ ଗଞ୍ଜାଇ ବାବାର ଶିବ ତାଣ୍ଡବ ଦୃଶ୍ୟ ସଭ୍ୟତା କୁ ମୁହଁ ମୋଡି ଦେଉଥିଲା। ଆମ୍ର କୁଞ୍ଜ ଭିତରେ ମାଦକତାର

ISSN NO.
2582-208X

ଆମ୍ବଝଡ ନା କୋରେକ୍ସ ବୋତଲ ର ରଣ ହୁଙ୍କାର ଶବ୍ଦ ରସ ମତେ ମଉଳିଗଲା ବିନା ଚାବୁକ ଓ ଲଗାମ୍ ବନ୍ଦୀରେ । ଯୁବ ବର୍ଗର ଚେତନା ଶକ୍ତିର ହୃଦୟତା ଭିତରେ ସହରର ସଜୀବତା ସତେ ଫେରି ଆସିଛି । ପୁରୁଖା ଲୋକଟି କଥା ସତେ ଅଜଣା ଅମେଘ ନୁହେଁ କେବେ !

ବନ୍ଦୀ, ଗୃହବନ୍ଦୀ, ଭାଟି ବନ୍ଦୀ, ଲକ ବନ୍ଦୀ, ଗଞ୍ଜାଇ ବନ୍ଦୀ ଏବଂ ବନ୍ଦୀ ଜୀବନରେ ସହରର ବାତାବରଣ ସତେ ନିରବତା ଭିତରେ ହୃଦୟତା, କୋମଳତା, ସ୍ୱଚ୍ଛତା ଓ ନିର୍ମଳ ଭାବମୂର୍ତ୍ତୀ ଟାଣି ଆଣିଛି, ସତେ ପୁରୁଖା ଲୋକଙ୍କ ମୁହଁରୁ । ଓ ! ସତେ ତ! ପରିବର୍ତ୍ତନର ସ୍ୱର ।

ଅଭିଭାବକ କହୁଛି, ମୋ ପୁଅ, ଆରେ ଗେହ୍ଲା ପୁଅ । ଚଗଲା ଫେରି ଆସିଲୁ ତୁ ମୋ କୋଳକୁ । ଫେରି ଆସିଲୁ ତୁ ସଚେତନା ଭିତରକୁ, ଫେରି ଆସିଲୁ ତୁ ମାଁ ର ପଣତ କାନିକୁ । ଫେରି ଆସିଛୁ ତୁ ଆଜି ଭଉଣୀର ହୃଦୟ ଭିତରକୁ । ଆଜି ନାହିଁ ପୁଅ ତୋ ହୃଦୟରେ ସେହି କୋରେକ୍ସ ର କର୍କସ ସ୍ୱର । ଆଉ ଜଣେ କହୁଛି, ମୋ ବସନ୍ତ, ବସନ୍ତ ଆଗମନେ କୋକିଳ ରାବରେ ସତେ ସେହି ବସନ୍ତ, ଜୟନ୍ତ, ସୁଶାନ୍ତ, ପ୍ରଦୀପ ଡାକରୁ ଆଜି କୋକିଳ ର ରାବ ସଂଗୀତ ଫେରି ଆସିଛି । ସହରରେ ମଧୁରତାର ଭାବ ବିନିମୟ ପୁରୁଖା ଲୋକ ମାନଙ୍କୁ ତାଙ୍କ ଆଗ କଥା ମନେ ପଡି ଯାଉଛି । ଦୁଲୁକି ପଡୁଛି, ମନେ ପଡୁଛି, ସେହି ପୁରୁଣା ସଂଗୀତ ର ହଳଦୀ ଗୀନା, ତେତେଲ ପତର ସୁରୁ ସୁରୁ, କିଏ ବେଟି ନେବ ରେ ହଳଦୀ ଗୀନାର ସ୍ୱର । ହେ ଭଗବାନ, ପୁରୁଖାମାନଙ୍କ ଅମୂଲ୍ୟ ନିଷ୍ଠା କର୍ତ୍ତବ ସାଧନା ର ସହର ଆଜି ଫେରି ଆସିଛି । ଆମ ସହର ଫେରି ଆସିଛି । ଆମ ସହର ଫେରି ଆସିଛି ।

ଘାସିରାମ ମାଝୀ ହାଇସ୍କୁଲ, ନୂଆଗାଁ

ISSN NO.
2582-208X

# ଭଙ୍ଗା ହୃଦୟ



ଦୁଷ୍ମନ୍ତ ବେହେରା

କେମିତି ବଞ୍ଚିବି
ମନ ଭାଙ୍ଗିଲ
ଭାଙ୍ଗିଲ ହୃଦୟ
ଶରୀର ପଡିଛି ଚାହିଁ !!

ଅପେକ୍ଷା କରିଛି ହସ
ଦବନା ଦେବ ଲୁହ
କଲବଲ କରି ମାରି ହସୁଛ
ଏମିତି ହସ ତୁମେ !!

ଚିଠି ଅଛି ତୁମେ ନାହଁ
ରଖିଛି ଛବି ତୁମର ସାଇତି
ଦେଖେଇ ମାରିଲ ମୋତେ
ତମ ଛଳନା ତାଟି !!

ଭୁଲିଗଲୁ ତୁ ମୋ
ମନ କୁ ଚିରି ଦେଇ
ଚାଲି ଗଲୁ ମୋ ଆଖି
କୁ ଚିତ୍ର ଦେଇ !!

ଏତିକି ବାଧିଲା ମୋତେ
ବୁଝିବାରେ ଡେରି କରିଲ
ହସ ସହିତ ଖେଳୁ ଖେଳୁ
ଲୁହକୁ ବୁଝିପାରିଲନି !!

ସାଧା କାଗଜ ର ମୂଲ୍ୟ ନାହିଁ
ବୋଲି ଚିରିଦେଲ ମୋ ସ୍ମୃତି
ମୁଁ ନଥିବି ଥିବ ମୋ ସ୍ମୃତି ତୁମ
ମନ ଭାଙ୍ଗି ମନେ ପକେଇ ଦେବ !!

ରସୋଳ (ମୁଣ୍ଡିଆପଷି)
ଢେଙ୍କାନାଳ

ISSN NO.
2582-208X

# ଦୁର୍ଲଭ ମାନବ ଜନ୍ମ

ଅଲେଖ ମେହେର

ଚତୁର୍ଥ ଅଧ୍ୟାୟ

ରାଗ-ଶଙ୍କରାଭରଣ

ଉଙ୍କିମାରୁଅଛି ଆମ ଅନ୍ତରେ ପ୍ରଶନ
କୃପାପର ବଶେ କରନ୍ତୁ ହେ ସମାଧାନ
ମୃତ୍ୟୁ ଦ୍ୱାରେ ଉପସ୍ଥିତ
ଏପରି ମାନବ କିସ କରିବା ଉଚିତ ।୧୧ ।

ଅବନୀ ବକ୍ଷରେ ଜୀବ ଜନ୍ମନେବା କ୍ଷଣି
ମୃତ୍ୟୁ ଦ୍ୱାରେ ଛିଡା ହୋଇଥାଏ ସେ ନଜାଣି
ପ୍ରଶ୍ନ ଏହିକି ତୁମର
ମୃତ୍ୟୁ ସମୀପରେ ଥାଇ କି କରିବ ନର ।୧୨ ।

ଶୁଣ ହେ ରାଜନ ଏବେ ଏହାରେ ଉତ୍ତର
ସ୍ମିତହାସ୍ୟେ ବଳଗିଲେ ସିଦ୍ଧ ତପୀବର
ଶୁକଦେବ ମହାମୁନି
ବ୍ୟାସଦେବଙ୍କ ତନୟ ମହାବ୍ରହ୍ମ ଜ୍ଞାନୀ ।୧୩ ।

ମୃତ୍ୟୁକୁ ଶଙ୍କିତ ହେବା ଉଚିତ ନୁହେଁଟି
ବୈରାଗ୍ୟ କଟୁରୀ ଧରି ମମତାକୁ କାଟି
ସଦା ରଟିବା ଓଁକାର
ରଖିବ ଆୟତ୍ତ ପ୍ରାଣ-ବାୟୁକୁ ନିଜର ।୧୪ ।

ISSN NO.
2582-208X

କରିବ ଦମନ ନିଜ ଚଞ୍ଚଳ ମନକୁ
ହଟାଇବ ଇନ୍ଦ୍ରିୟରୁ ସର୍ବ ବିଷୟାକୁ
ବୁଦ୍ଧି ସହାୟ ଲଉଡି
କରିବ କର୍ତ୍ତନ ମୋହ ମମତା ଦଉଡି ।୧୫ ।

କ୍ରମଶଃ.....


-:ଟୀକା:-

କର୍ତ୍ତନ – କାଟିବା
ଲଉଡି – ଜ୍ଞାନବାଡି

ବରପଦର, ଗୋବିନ୍ଦପୁର, ବରଗଡ

ISSN NO.
2582-208X

# ମାନି



କୀର୍ତ୍ତନ ସାହୁ

ମାନି
ମୁଁ ସିନା
ତୋ ହୃଦୟକୁ
ଛୁଇଁ ପାରିଲିନି
ତୁ
ମୋ ହୃଦୟକୁ ଛୁଇଁଛୁ
ତୁ କାଉଁରିଆ
କାଠି ପରି
ଭାଙ୍ଗି ଯାଇପାରୁ
ନଇଁ ଯାଉନା
ତୋ ସୁନ୍ଦର
ପୃଥିବୀ ଗଢ଼ଣରେ
ତୁ ଏକ
ସଫଳ ଗୃହିଣୀ

ତୁ ବିଫଳତାକୁ
ପାଦର ପାଉଁଜି
କରି ପିନ୍ଧି ପାରୁ
ସଫଳତାର ହାର
ନାଇବାକୁ ।

ମୁଁ
ମୁଁ ତ
ଇତଃସ୍ତତଃ
ଘୁରି ବୁଲୁଥିବା
ଅସଫଳ ନାୟକ
ଅସମ୍ପୂର୍ଣ୍ଣ ଗୃହସ୍ଥ
ତୋ ହୃଦୟକୁ
ଛୁଇଁବାର
ପ୍ରୟାସୀ ପଥିକ ।

ମିଶ୍ର କଲୋନୀ
ଶାଳପଡା, କେନ୍ଦୁଝର
ଦୂରଭାଷ - ୯୪୩୮୪୧୪୭୦୧

ISSN NO.
2582-208X

# ଭାଷା ର ବ୍ୟବହାର ଓ ଶବ୍ଦ ସଂଯୋଜନା - ଏକ ଅନୁଶୀଳନ



ପ୍ରତାପ ଚନ୍ଦ୍ର ସାହୁ

ଭାଷା ର ବ୍ୟବହାର ଓ ଶବ୍ଦ ସଂଯୋଜନା ରେ ସାରଲ୍ୟ ଓ ସଂକ୍ଷିପ୍ତତା କୁ ଆଦର୍ଶ ବୋଲି ଖୁବ୍ ନିଷ୍ଠା, ପ୍ରତିବଦ୍ଧତା ର ସହ କିଛି ଆଧୁନିକ ସାହିତ୍ୟିକ ଗ୍ରହଣ କରିନେଇଥିବାରୁ ଶବ୍ଦ କୋଷ ତଥା ଭାଷା କୋଷ ଗୁଡିକରେ ଥିବା ସହସ୍ରାଧିକ ଶବ୍ଦ ଅଲୋଡା ହୋଇ ପଡିଛନ୍ତି। ପ୍ରଶ୍ନ ଉଠେ ଯଦି ଆମର ସାହିତ୍ୟ, ଆଳାପ, ଆଲୋଚନା ଆଦି କର୍ମମାନ ପାଇଁ ଭାଷାକୋଷ ତଥା ଶବ୍ଦ କୋଷ ରେ ସ୍ଥାନିତ ଶବ୍ଦାବଳୀ ମଧ୍ୟରୁ ସୀମିତ ଶବ୍ଦ ରେ କାମ ଚଳାଇଦିଆ ଯାଏ, ତାହାହେଲେ ଏତେ ବଡ କଳେବର ଭାଷାକୋଷ ର ପ୍ରକାଶନ କରିବାରେ କିଛି ଆବଶ୍ୟକ ନ ଥିଲା ବୋଧେ। ସାମ୍ପ୍ରତିକ ପରିସ୍ଥିତି ରେ ଆଧୁନିକ ଜୀବନ ର ପରିସର କ୍ରମଶଃ ବ୍ୟପକ ରୁ ବ୍ୟାପକତର ହୋଇଚାଲିଥିଲା ବେଳେ ଭାଷାର ପରିସର କ୍ରମଶଃ ଅଧିକରୁ ଅଧିକତର ସଂକିର୍ଣ୍ଣ ଓ ସଂକୁଚିତ ହେବାରେ ଲାଗିଛି। ତଥାକଥିତ ସଭ୍ୟ ଓ ଶାଣିତ ମେଧାଧାରୀ ବୁଦ୍ଧିଜୀବି ମାନେ କଥାବାର୍ତ୍ତା, ପାରସ୍ପରିକ ମତ ବିନିମୟ ଓ ସାହିତ୍ୟିକ କର୍ମ ରେ ଯେତେ ସମ୍ଭବ ସରଳ ଓ ବୋଧଗମ୍ୟ ଶବ୍ଦ ବ୍ୟବହାର କରିବାକୁ ପରାମର୍ଶ ଦେଇ ଆସୁଛନ୍ତି। ହାତ ଗଣତି କେତେ ଗୋଟି ଶବ୍ଦ ବ୍ୟବହାର କରି କିପରି ସମସ୍ତ ପ୍ରକାର ଯୋଗାଯୋଗ, ମତବିନିମୟ କରାଯାଇପାରିବ, ସେ ନେଇ ଆବଶ୍ୟକ ପ୍ରଶିକ୍ଷଣ ଦିଆଯାଉଥିବାର ଜଣାପଡିଛି। ଶିଷ୍ଟ ଓ ଶାସ୍ତ୍ରୀୟ ଉଚ୍ଚାଙ୍ଗ ଶବ୍ଦ ଗୁଡିକ ପ୍ରତି ଶ୍ରଦ୍ଧା ରଖି ସେ ଗୁଡିକୁ ଯଦି ସାହିତ୍ୟ ରେ ବ୍ୟବହାର କରି ଚାଲିଥିବା ତେବେ କିଛି ଆଧୁନିକ ସାହିତ୍ୟିକ ଏହାକୁ ମରହଟ୍ଟିଆ ଯୁଗର କଥା କହି ଆକ୍ଷେପ କରିବାକୁ ପଛାଉ ନାହାନ୍ତି। ମାତୃଭାଷା ଓଡିଆ ର ପ୍ରାଚିନତା ଓ ଶାସ୍ତ୍ରୀୟ ବାଙ୍ମୟତା ନେଇ ଗର୍ବ ଗୌରବ ରେ ବକ୍ଷସ୍ଫିତ କରି ଚାଲିଥିଲେ ମଧ୍ୟ ମାତୃଭାଷା ଭଣ୍ଡାର ରେ ମହଯୁଦ ଥିବା ଶବ୍ଦର ତତ୍ତ୍ୱ

ISSN NO.
2582-208X

ଗୁଡିକୁ ପ୍ରାୟତଃ ଦେଖିବାକୁ ଚାହୁଁ ନାହୁଁ କି ଜାଣିବାକୁ ଇଛା ପ୍ରକାଶ କରୁନାହୁଁ। ଯଦିବା ଦୈବାତ୍ କେହି ସ୍ୱାଭାବିକ ଭାବୋଲ୍ଲାସ ରେ ଉଚ୍ଚାରଣ ବା ଲିଖନ ରେ କିଛି ଅଳ୍ପଜ୍ଞାତ ଅଥବା ଉଚ୍ଚାଙ୍ଗ ଶବ୍ଦ ବ୍ୟବହାର କରେ ତାକୁ ଆଧୁନିକ ସାହିତ୍ୟସମାଜ ମଧ୍ୟଯୁଗୀୟ ସାମନ୍ତବାଦୀ ଚିନ୍ତାଧାରା ବୋଲି ଧରି ନେଉଛି। କାଳେ ଲିଖନରେ ବା ଉଚ୍ଚାରଣରେ ଶବ୍ଦର ଆଡମ୍ବର ପୂର୍ଣ୍ଣ ବା ଅତି ରଞ୍ଜିତ ଶବ୍ଦ ର ବ୍ୟବହାର ହୋଇଯାଏ, ଭାଷାଜ୍ଞାନ ର ପରିସର କୁ ସୀମିତ, ସଂକୁଚିତ କରିଦିଆଯାଉଛି ବୋଲି କୁହାଯାଉଛି। ଲିଖନ ଉଚ୍ଚାରଣ ରେ ଶବ୍ଦର ପ୍ରୟୋଗ ର ବ୍ୟବହାର ରେ ସଂଯମତା, ନିୟନ୍ତ୍ରଣ ତଥା ଶୃଙ୍ଖଳା ପ୍ରଦର୍ଶନ କରାଯିବା ଦରକାର। ଏହାଦ୍ୱାରା ଯଦିଓ କିଛି ନକରାତ୍ମକ ପ୍ରଭାବ ପଡୁଛି, କିନ୍ତୁ ସେଥିପ୍ରତି କାହାର ନିଘା ନାହିଁ।

ଯେତେବେଳେ ଜଣେ ସତ୍ ଭାଷାପ୍ରେମୀ ମାତୃଭାଷା ର ପ୍ରାମାଣିକ ଶବ୍ଦ କୋଷ ର ପୃଷ୍ଠା ଲେଉଟାଏ, ସେ କେତେ ସୁନ୍ଦର ସୁନ୍ଦର ପୋଷାକ ପରିଛଦ ରେ ଶୁଶୋଭିତ ଧ୍ୱନିଗତ ଲାଳିତ୍ୟରେ ତରଙ୍ଗିତ ବ୍ୟଞ୍ଜନପୂର୍ଣ୍ଣ ଓ ଭାବ ଗର୍ଭକ ଶବ୍ଦ ମାନ ପାଇଥାଏ ଏବଂ ପ୍ରୟୋଗ କରିବାକୁ ଇଛାକରେ। କିନ୍ତୁ ସେ ଯେତେବେଳେ ଭାବିବସେ ଯେ ଏଇସବୁ ବିମଣ୍ଡିତ ଶବ୍ଦାବଳୀ କେବେଠାରୁ ଆମ ସହଜିଆ ଭାଷା ସାହିତ୍ୟିକ ଙ୍କ ଦ୍ୱାରା ଅସ୍ପୃଶ୍ୟ ଘୋଷିତ ହୋଇସାରିଲାଣି, ସେ ଗଭିର ମର୍ମବେଦନା ଅନୁଭବ କରେ। ବୈଷୟିକ, ବସ୍ତୁବାଦୀ ଓ ଉପଯୋଗୀତା ସର୍ବସ୍ୱ ଶିକ୍ଷା ବ୍ୟବସ୍ଥା ର ଶରବ୍ୟ ଆମର ଯୁବବର୍ଗ ଓଡିଆ ଭାଷାର ଯାଦୁକାରୀ ମହିମା ଓ ମହିମ୍ନ ଐଶର୍ଯ୍ୟ ସମ୍ପର୍କରେ ଜାଣିବାର ସମ୍ଭାବନା ଦିନ କୁ ଦିନ କ୍ଷିଣ ହେବାରେ ଲାଗିଛି କହିଲେ ଚଳେ। ସହଜ, ସରଳ କଥିତ ଭାଷା ବହୁସ୍ଥଳ ରେ ବ୍ୟାପକ ଭାବେ ସଂଚାରୀ ହେଲେ ମଧ୍ୟ ଏହାର ବ୍ୟବହାର କାରି ଶ୍ଳୀଳତା, ଶିଷ୍ଟତା, ତଥା ସଂଯମତା ଶୃଙ୍ଖଳତା ରଲକ୍ଷ୍ମଣ ରେଖା ମାନକୁ ଉଲଙ୍ଘନ କରିବାରେ ପଛାଉନାହାନ୍ତି। ଗଣ ଙ୍କ ସରଳ କଥିତ ଭାଷା ବହୁଳ ଭାବରେ ବ୍ୟବହୃତ ହେବା ଦୋଷାବହ ନୁହେଁ, ମାତ୍ର ଦୋଷାବହ ହେଉଛି ବୋଧଗମ୍ୟତା ଓ ସରଳତା ର ଦ୍ୱାହୀଦେଇ ସଚେତନ ଭାବେ ଉଚ୍ଚାଙ୍ଗ, ଶାସ୍ତ୍ରୀୟ ବା ସମ୍ଭ୍ରାନ୍ତ ଶବ୍ଦ ଗୁଡିକୁ ଅଛୁଆଁ, ଅଲୋଡା କରିଦେବା। ଏବେ ସମୟ ଆସିଛି ମାତୃଭାଷା ର ଶିଷ୍ଟ ଶାସ୍ତ୍ରୀୟ ଓ ଉଚ୍ଚାଙ୍ଗ ଶବ୍ଦ ଗୁଡିକୁ ଆଦର କରି ଶିଖିବା ସହ ସମୟେ ସମୟେ ସାହିତ୍ୟକୁ ଏପରି ଭାବେ ଆମ ନିତିଦିନିଆ କଥୋପକଥନ ରେ ବ୍ୟବହାର କରିବା ଯେପରି ଭାଷାର ଗାରିମା, ଐତିହ୍ୟ ସର୍ବ ସମ୍ମୁଖରେ ପ୍ରତିଷ୍ଠା ହୋଇପାରିବ। ଲିଖନ,

ISSN NO.
2582-208X

ଉଚ୍ଚାରଣରେ ପାଣି, ପବନ, ଆକାଶ, ପାହାଡ ଆଦି ଜଣାଶୁଣା ଶବ୍ଦ ଗୁଡିକୁ ଆଦର କରିବା ସଙ୍ଗେ ସଙ୍ଗେ ରୟ, ଅନିଳ, ଅଭ୍ର, ଅଦ୍ରୀ, ନଗ, ମହିଧର, ଶବ୍ଦ ଗୁଡିକୁ ଆଦରକରି ଶିଖିବା ସହ ସମୟ ସ୍ଥଳେ ବ୍ୟବହାର କରିବାକୁ ଚେଷ୍ଟା କରିବା, ନହେଲେ ଭାଷାକୋଷ ରେ ଯେଉଁ ସହସ୍ରାଧିକ ତଦ୍ ଭବ, ତଦ୍ ସମ ଓ ଲଳିତ ଦେଶଜ ଶବ୍ଦ ଗୁଡିକ ସନ୍ନିବିଷ୍ଟ ହୋଇଛନ୍ତି ସେଗୁଡିକ ଅଳ୍ପ ଦିନ ମଧ୍ୟରେ ଭାଷା ଇତିହାସ ର ଯାଦୁଘର କୁ ସ୍ଥାନାନ୍ତରିତ ହୋଇଯିବ। କଥାରେ ଅଛି "ଚାଷୀ ବୁଡିଲେ ବରଷେ  କିନ୍ତୁ ଭାଷା ବୁଡିଲେ ପୁରୁଷେ "।ଏଣୁ ଭାଷା ତିଷ୍ଠି ରହିବା ନେଇ ସମସ୍ତେ ସବୁ ସ୍ତରରେ ସଚେତନ ହେବା ସହ ଆନ୍ତରିକତା ର ସହ କାର୍ଯ୍ୟ କରିବାର ଆବଶ୍ୟକତା ରହିଛି ।

ନବରଙ୍ଗପୁର/୯୪୩୭୭୮୮୭୦

ISSN NO.
2582-208X

# ଗୁନ୍ଥା ଏକ ସୂତ୍ରେ



ଗୋକୁଳ ବିହାରୀ ଦାଶ

ଅନ୍ଧାର ରାତିରେ ମେଘୁଆ ଆକାଶେ
ଦିଶୁନାହିଁ ଗୋଟେ ତାରା,
ମନେ ହୁଏ ସତେ କିଛି କ୍ଷଣ ପରେ
ବର୍ଷିବ ମୂଷଳ ଧାରା ।୧ ।
ପ୍ରଚଣ୍ଡ ନିଦାଘେ ତପତ ମହୀ ଯେ
ଲାଗେ ମରୁଭୂମି ସମ,
ସବୁଜ ବନାନୀ ଶୁଷ୍କ ପାଲଟିଛି
ଯେହ୍ନେ ଯୋଗୀ ମୁଖେ ତମ ।୨ ।
ଶିଳା ଯେ ତପତ ମହୀ ଯେ ତପତ
ଶୁଷ୍କ ନଦୀ ଓ ତଡାଗ,
ଆକୁଳ ଅନ୍ତରେ କରଇ ପ୍ରାର୍ଥନା
ଢ଼ାଳିଦିଅ ବାରି ଆଗ ।୩ ।
ଆଷାଢ଼ ଆକାଶେ ଦୂର ଦିଗ୍‌ବଳୟେ
ବାଦଲ ସମ୍ଭାର ଦେଖି,
ପୁଚ୍ଛ ଟେକି ଦେଇ ଉଲ୍ଲସିତ ମନେ
ନୃତ୍ୟ ଆରମ୍ଭଇ ଶିଖି ।୪ ।

ISSN NO.
2582-208X

ଚଂଚଳ ମନରେ ଆକାଶେ ନିହାରେ
କେତେ ଆଶାରଖି ଚାଷୀ,
ତୃଷିତ ନୟନେ ଆଶା ରଖେ ମନେ
ମେଘରୁ ଯାଆ ବରଷି ।୫ ।
ଆରମ୍ଭିବ ଚାଷ ତୋହରି ଆଶୀଷେ
ହେବ ସୁନ୍ଦର ଫସଲ,
ଢ଼ାଳିଦେ କରୁଣା ନକରିବୁ ଊଣା,
ଭରିଯାଉ ମୋର ଥାଳ ।୬ ।
ତପତ ମହୀର ଆକୁଳିତ ଆତ୍ମା,
ଚାଷୀର ଅନ୍ତର ଜାଣି,
ହୃଦ ଆନ୍ଦୋଳିତ ହରଷିତ ମନେ,
ବଉଦ ଝରାଏ ପାଣି ।୭ ।
ମନ ଖୁସି ଥିଲେ ଚପଳ ବାଳକ
ଯେହ୍ନେ ଧାଏଁ ହସି ହସି,
ବଉଦ ସେପରି ଆକାଶେ ଦଉଡେ
ଦାମିନୀ ରୂପରେ ହସି ।୮ ।
ବରଷା ବାଦଲ ଧରିତ୍ରୀ ସହିତ
ଯାବତ ଜୀବ ସମୂହ,
ଏକସୂତ୍ରେ ଗୁନ୍ଥା ହୋଇ ରହିଛନ୍ତି
ଏକକୁ ଆରେକ ସହ ।୯ ।

ଖଲିଆପାଲି, ସୁବର୍ଣ୍ଣପୁର

ISSN NO.
2582-208X

# ଅନ୍ତ ନିବେଶୀ ଶିକ୍ଷା



ଚୌଧୁରୀ ତ୍ରିପାଠୀ

ବିଦ୍ୟାଳୟ ଅଟେ ସତେ ପାଠଶାଳା
ଥାନ୍ତି ସବୁ ବର୍ଗ ପିଲା,
ଜାତି ଭେଦଭାବ ନଥାଏ ପ୍ରଭେଦ
ନ କର ଶିକ୍ଷାରେ ହେଲା ।।

ଉଚ୍ଚନୀଚ ଭାବ ନ ଥାଏ ଅଭାବ
ଭିନ୍ନସ୍ତର ଶିକ୍ଷା ଦାନେ,
ଭିନ୍ନକ୍ଷମ ସଦା ନୁହେଁ ସେ ଅକ୍ଷମ
ହୃଦେ ଘେନ ପ୍ରତିକ୍ଷଣେ ।।

ବିବିଧତା ଆଣେ ପ୍ରତିଟି ବାଳକେ
ଶ୍ରେଣୀ କକ୍ଷ ପାଠଦାନେ
ସମସ୍ତେ ବସିବା ସମସ୍ତେ ପଢ଼ିବା
ଗୁଣାତ୍ମକ ଶିକ୍ଷାଦାନେ ।।

ପଢ଼ିବା ପଢ଼ାଇବା ଏ କଥା ବୁଝିବା
ଏ ଅଟେ ଅନ୍ତ ନିବେଶୀ ଶିକ୍ଷା
ସ୍ନେହ ଆଦରରେ ଶିକ୍ଷାଦାନ କଲେ
ଦେଶକୁ ଗଢ଼ି ତୋଳିବା ।।

ମା ଜ୍ୟୋତିଷ କାର୍ଯ୍ୟାଳୟ,
ପଣ୍ଡକଟାଲ, ସୁବର୍ଣ୍ଣପୁର
ମୋ-୯୯୩୭୦୨୮୫୧୮,
୯୪୩୭୮୮୦୯୦୧

ISSN NO.
2582-208X

# ଥୋଇଲୀ



ସିଦ୍ଧେଶ୍ୱର ତ୍ରିପାଠୀ

ମଧୁପୁର ଭାରି ବଡ଼ ଗାଆଁ ଟେ । ଗାଁରେ ପଧାନେଙ୍କର ଭାରି ଖାତିରି । ଦଶବାଟି ଜମି ଚାରିହଳ ବଳଦ ଶଗଡ଼ ନଙ୍ଗଳ ହଳିଆ ଚାକର ଆଉ କୋଉଥିରେ ତାଙ୍କର କମି ଯେ । ବଡ଼ ପୁଅ ଦାଶରଥି ସାନପୁଅ ଭାଗିରଥି ଦୁହେଁ ଏବେ ବଡ଼ ହେଲେଣି । ଘରକୁ ଦୁଇ ବୋହୁ ବି ଆସିଲେଣି । ନାତି ନାତୁଣୀ ମାନଙ୍କ କୋଳାହଳ ରେ ଘର ଏବେ ପୁରି ଉଠୁଛି ।

ସବୁ ଠିକ୍ ଠାକ ଚାଲିଥିଲା ହେଲେ ବିଧିର ବିଧାନକୁ କଣ ଏଡେଇ ଦିଆଯାଇ ପାରେ କି ? ବଡ଼ ବୋହୁ କୁ ସାପ ଟେ କାମୁଡି ଦେଲା ତାକୁ ଗୁଣିଆ ପାଖକୁ ନେଲେ ହେଲେ ସିଏ ମରିଗଲା । ନୋକ ମାନେ କୁହାକୋହି ହଉଥିଲେ ତାକୁ ସହର ଡାକତର ପାଖକୁ ନେଇଥେଲେ କାଳେ ବଞ୍ଚି ଯାଇଥାନ୍ତା । ସେ ଯା ହେଉ ବଡ଼ ବୋହୁ ଟା ମଲା ଯାହା ଯେମିତି ଶୁଦ୍ଧଘରଟା ସରିଗଲା । ଛମାସେରେ ବୋହୂର ବର୍ଷକିଆ କରି ପଧାନେ ବଡ଼ ପୁଅକୁ ଆଉ ଗୋଟେ ବାହାକଲେ । ଏଇ ବୋହୂଟି ରୂପରେ ଯେମିତି ଗୁଣରେ ବି ସେମିତି । ସେନେହ ଆଦରରେ ଘଡିକରେ ସଭିଙ୍କୁ ଆପଣାର କରିନେବ ସତରେ । ଗୋରା ତକ ତକ ଚେହେରା କୁ ସେ ନାଲି ଲୁଗା ସାଥେ ନାଲି ସିନ୍ଦୁର ଟୋପାଟେ ନଗେଇଦେଲେ ସତରେ ପୁରା ତ ଦେବୀ ନେଖେ ଦୁଶୁଚି । ହେଲେ ମହାକାଳ ଫଳ ଭଳି ଏ ବୋହୁ ଭିତରେ ଏତେ କେଁ ଅଛି ବୋଲି କିଏ ଜାଣିଛି ।

ଏଇ ପଧାନେ ଯୋଉ ଦେହ ଦୁଃଖରେ ପଡି ଚାଲିଗଲେ । ସେଇଠୁ ତ କଥାଟା ଧାରା ପଇଲା। ଏଇ ଶୁଦ୍ଧିକ୍ରିୟା ବେଳକୁ କଥାଟା ଦାଣ୍ଡରେ ପଡି ହାଟରେ ଗଡ ଗଡେଇଲା ପରା। କିଏ ଜଣେ ବ୍ରାହ୍ମଣ ନାହାକ ଦୁହିଁଙ୍କୁ ଚେଙ୍ଗିଦେଲା ପରା ଏଇ ବୋହୁଟା ଗୋଟେ ଥୋଇଲୀ।

ISSN NO.
2582-208X

ଆଗରୁ ଆଉ କାହାକୁ ବାହା ହେଇଥେଲା । ବାହାଘର ଚାରିମାସ ହେଉଥେଲା ନାଁ କଣ ତା ସ୍ଵାମୀ ଟା ପାଣିରେ ବୁଡି ମରିଗଲା । କିଏ କହୁଛି ହାଣ୍ଡିଆ ପିଇଥିଲା କିଏ କହୁଛି ମହୁଲି ପିଇଥିଲା ଆଉ କେତେ ନୋକ କହୁଶନ୍ତି ତାକୁ କୁଆଡେ ଠାକୁରାଣୀ ଚିପିଦେଲା । ସେଇଠୁ ଇଏ ତା ବୋପା ଘରକୁ ଆସି ଇଆଡ଼େ ପଧାନ ଙ୍କ ବଡ଼ ପୁଅକୁ ଦ୍ୱିତୀୟ ହେଇଛି । ଛି ଛି ଛି ଏଗୁଡ଼ାକ ମୁହଁକୁ ଲାଜ ନାହିଁ ଲୋ । ଆଲୋ ଶୁଦ୍ଧଘର କଣ ହବ ଗାଁରେ ସଭା ବସିଲା ଲୋ ସମସ୍ତେ ହାଉ ହାଉ ହେଲେ ଛି ଛାକର କଲେ ଥୋଇଲୀ ହାତରୁ ପିଣ୍ଡପାଣି କିଏ ପାଇଛି ନାଁ ଏ ପଧାନେ ପାଇବେ ।

ଯାହା ଯେମିତି ହେଲା ହେଲା ଦାଣ୍ଡରେ ନିଶାପ ବସିଲା । କୋଉଠୁ କେମିତି ଖବର ପାଇ ବଡ଼ ବୋହୂର ଭାଇ ପାଞ୍ଚକୋଷ ବାଟରୁ ପୁଲିସି ନେଇକି ଆସିଲା । ପୁଲିସିକି ଦେଖି ଧର୍ମ ଶାସ୍ତ୍ର ପୁରାଣ ପ୍ରଥା ପରମ୍ପରା ଚୋବୋଉଥିବା ନାହାକ ବ୍ରାହ୍ମଣ ସବୁ ଚୁପ ହେଇଗଲେ ।

ସେ ଯାହା ହେଉ ଶୁଦ୍ଧିକ୍ରିୟା ତ ସରିଲା ହେଲେ ସମସ୍ତଙ୍କ ଗଞ୍ଜଣା ଠିକି ଠିକି ମାର ମାର ଭାରି ଅଡୁଆ ହେଉଥିଲା ଏଇ ବଡ଼ ବୋହୂ ପ୍ରତି । ସ୍ୱାମୀ ଦିଇଟା ବାହାହେଲେ ଛୁଆପିଲା ଦିଟା ଆଗରୁ ଅଛନ୍ତି ଚଳିଲା । ହେଲେ ଇଏ ହେଲା ଥୋଇଲୀ ୟାକୁ କୁଆଡେ ଦେଖିଲେ ଅଶୁଭ ୟା ହାତରୁ ପିତୃ ପୁରୁଷ ପାଣି ପାଇବେନି ଲୋ ନୋକ କହୁଶନ୍ତି । ଦେଖୁନ ପଧାନେ କେତେ ଅର୍ଜିଥେଲେ ମଲାପରେ ପିଣ୍ଡ ଉଦକ ବାଢିବାକୁ ଏଇ ଥୋଇଲୀ ବୋହୂ ତାଙ୍କ ଭାଗ୍ୟରେ ଥିଲା । ଆଲୋ ଯାଇଁଲୁଣି ଏତେ ଟାହି ଟାପରା ସହି ନପାରି ସେ ବୋହୂଟା କୁଆଡେ ପଳେଇଛି ଯେ ଆଉ ତାର ଖୋଜ ଖବର ନାହିଁ । ଏ ଅଲାଜୁକ ବଡ଼ ପୁଅଟା ଏବେ ଛି ଛି ଛି କେତେବା ବୟସ ହେଇଥେବ ୟାକୁ।

ହଉ ଚାଲେ ଲୋ ଅପା ଗାଧୁଆ ତୁଠରେ ଘଡ଼ିଏ ହେଲାଣି ଗପୁ ଗପୁ ବେଳ ଗଲାଣି ଚାଲେ ସିଆଡେ ସଞ୍ଜ ଗଡିଯିବ ଯେ ତେମେ ସବୁ କଣ ଗପ ଶୁଣୁଥିଲ କିଲୋ ଚାଲ ତମ ଘରେ କଣ ସଞ୍ଜ ଦବନି କି ? ଆଜିକାଲି ପରଘର କଥା ଶୁଣିବାକୁ ସମତଙ୍କର ଭାଆରି ଆଗରହ ।

କବିର ଘର
କୁଣ୍ଡିଲୋ କେରଙ୍ଗ ଖୋର୍ଦ୍ଧା

ISSN NO.
2582-208X

# ଦୁର୍ନୀତି ର ଜୟ



ବିଶ୍ୱ ରଞ୍ଜନ ମହାନ୍ତ

କଳ୍ପନାରେ ଯେତେ ଅବା
ମିଳୁ ପଛେ ସୁଖ
ବାସ୍ତବ ଏ ଦୁନିଆଟା
ଦିଏ ଭାରି ଦୁଃଖ ॥
ଅନ୍ୟାୟ ଅନୀତି ମିଥ୍ୟା
ପାପ ଭ୍ରଷ୍ଟାଚାର
ଦେଖି ଦେଖି ମନେ ଅବା
ଆସଇ ବିଚାର ॥
ବେଶିଦିନ ରହିଲେ ଏ
ପିଚ୍ଛିଳ ସଂସାରେ
ଦୁର୍ନୀତି ଆଡ଼କୁ ଗୋଡ଼
ଖସେ ଧୀରେ ଧୀରେ ॥
ସୁ -ନୀତିର ପଥ ହୁଏ
କି କଣ୍ଟକମୟ
ଅଧିକାଂଶ ଗାଉଛନ୍ତି
ଦୁର୍ନୀତିର ଜୟ ॥

ଆଗକୁ ନିର୍ଦ୍ଦେଶ ଅବା
ଦେଉଛନ୍ତି ଯିଏ
ନିଜେ କହି ହେଉଛନ୍ତି
ଭ୍ରଷ୍ଟାଚାରୀ ସିଏ ॥
କହୁଛନ୍ତି ଦୁନିଆର
ଆମେ କର୍ଣ୍ଣଧାର
ଆମପରି ନୋହି ତୁମେ
ଭଲକାମ କର ॥

କୁଳସାହି, ଅଲଣାହାଟ,
ଜଗତସିଂହପୁର

ISSN NO.
2582-208X

# ଗାଁ ବରଗଛ



ସୁହଂସ ଭୋଇ

ଗାଁଆ ମୁଣ୍ଡେ ବଟ ବସିଛି ନିରବ
ନିରଅହଂକାର ମନ
ନାନାଦି ବିହଙ୍ଗେ ଖେଳନ୍ତି ତା ଅଙ୍ଗେ
କିଚିରି ମିଚିରି ସ୍ୱନ..

ମୂଳରେ ତାହାର ଜମିଛି ଆସର
ଓହଳରେ ଦୋଳି ଖେଳ
ଚାଟଶାଳୀ ସାରି ଯାଆନ୍ତି ବାହାରି
ବାଳକ ବାଳିକା ମେଳ..

ନିତି ଆସି ନିତି ବସନ୍ତି ଫକୀରେ
କରନ୍ତି ସ୍ମୃତି ମନ୍ଥନ
କିଶୋର ବୟସ ବିତିଛି ତା କୋଳେ
ବିତିଛି ଭରା ଯୌବନ...

କୋରଡ଼ରେ ତାର ସରୀସୃପ ବାସ
ମଠ ସନ୍ୟାସୀର ତହିଁ
ଭାଗବତ ପାଠ ଧର୍ମ ପାରାୟଣେ
ଏକତ୍ର ହୁଅନ୍ତି ଯହିଁ....

ISSN NO.
2582-208X

ମଧୁଠୁ ମଧୁର ସ୍ୱାଦ ତା ଛାଇର
କୋମଳ ଶୀତଳ ଅତି
କ୍ଳାନ୍ତ ପଥିକ ଟି ବସି ଗଲେ ଥୋକେ
ଲଭଇ ପରମ ତୃପ୍ତି...

ଆଦ୍ୟ ପ୍ରଣୟର ରାଗିଣୀ ର ସୁର
ସଂଗୀତ ସାଜେ ଏଇଠି
ପ୍ରେମିକ ପ୍ରବର ଲୁଚି ବସି ଲେଖେ
ବିରହ ଗାଥାର ଚିଠି....

ପୁର୍ଣ୍ୟ ପ୍ରତୀକର ମହୀରୁପ ସେତ
ସେତୁବନ୍ଧ ବିଶ୍ୱାସର
ଧୂପ ଦୀପ ନୀରେ ପୂଜନ୍ତି ସକଳେ
କରି ଧର୍ମ ଜୟକାର...

ଅନ୍ତିମ ଯାତ୍ରାର ମୁକସାକ୍ଷୀ, ଦେଖେ
ଜଳଇ ଜୁଇ ଅନତି
ସଦା ନିର୍ବିକାର ବଡ଼ ଧୈର୍ଯ୍ୟ ତାର
ଲେଖେ ଚିତ୍ରଗୁପ୍ତ ପୋଥି...

ବିଜେପୁର, ବରଗଡ

ISSN NO.
2582-208X

# କୃତ୍ରିମତା ଆଉ ମୌଳିକତା..



ମନୋଜ କୁମାର ବେହେରା

ବହୁଥର କୃତ୍ରିମତାର ଚକ୍କରରେ ମନୁଷ୍ୟ ମୌଳିକତାର ମାର୍ଗରୁ ଭୂଲିଯାଇ ସତ୍ୟଠୁ ନିଜକୁ ଦୂର କରିଦେଇ ଥାଏ । ଯିଏ ହାର୍‌କୁ ମାନି ନିଏ, ସେ ଉପଲବ୍ଧିର ପାହାଚରେ ସର୍ବଦା ତଳକୁ ଖସିଯାଏ । କିନ୍ତୁ ଯିଏ ନହାରି କି ହାର୍‌କୁ ମାନିକରି ଗୋଟିଏ ବଡ ଆହ୍ୱାନ ମାନି ନିଏ, ସେ ଅନିବାର୍ଯ୍ୟତଃ ଲକ୍ଷ୍ୟ ପର୍ଯ୍ୟନ୍ତ ପହଞ୍ଚିବାର କ୍ଷମତା ରଖିଥାଏ । ହାର୍ ଯାହାକୁ ହରେଇ ଦିଏ, ସେ ତ ଡରୁଆ..ଯିଏ ହାର୍‌ରୁ ଶିକ୍ଷା ନିଏ, ତାକୁ ନିଜର ପୌରୁଷକୁ ପରାସ୍ତ କରିଦିଏ । ସେ ବାସ୍ତବରେ ବିଜୟୀ ଅଟେ । କର୍ମବୀର ସର୍ବଦୈବ ଆଶାବାଦୀ ହୋଇଥାଏ । ଅସଫଳତାକୁ ସେ ହାର୍ ମାନି ନଥାଏ, ଆଉ ଇଶ୍ୱରଙ୍କ ତରଫରୁ ଦିଆ ଯାଇଥିବା ଦୁର୍ଲଭ ଅବସରକୁ ସମାନର୍ଥକ ମାନିନିଏ ।

କୃତ୍ରିମତା ମନୁଷ୍ୟ ମହମର ବନା ହେଇଥିବା ମୂର୍ତ୍ତି ସଦୃଶ୍ୟ । ଆଉ ମୌଳିକତା ଦେହଧାରୀ ଚେତନାମୁକ୍ତ ମନୁଷ୍ୟ ପରି । କୃତ୍ରିମତାର ସମ୍ବନ୍ଧ ସଂସାରରେ, ମୌଳିକତା କେବଳ ଇଶ୍ୱରଙ୍କଠାରେ । କୃତ୍ରିମତା ବାଉଁଶ ଭଳି ଫମ୍ପା ଆଉ ମୌଳିକତା ପ୍ରଭୁଙ୍କ ଦୟା ପରି ଅନନ୍ତ ଆନନ୍ଦ ଦାୟିନୀ । ଏହି ସଂସାରରେ ସବବୁ କିଛି କୃତ୍ରିମ ଅଟେ, ସେ ସୁଖ ହେଉ ଅଥବା ସମ୍ବନ୍ଧ ହେଉ ଅଥବା ଉପଲବ୍ଧି ହେଉ । ଇଶ୍ୱରଙ୍କର ପ୍ରତ୍ୟେକ ରଚନା ମୌଳିକ ଅଟେ । ମାନବକୁ ପ୍ରତ୍ୟେକ ସ୍ୱାର୍ଥ କେନ୍ଦ୍ରିତ କର୍ମ ପଶ୍ଚାତାପ ଆଉ ଦୁଖର ସହିତ ସମାପ୍ତ ହେବାରେ ବାଧ୍ୟ ହୋଇଥାଏ । ଆଉ ନିଷ୍କାମ ଭାବରେ କରା ଯାଇଥିବା କର୍ମ ସମୟ ଆସିଲେ ନିଜର ପ୍ରଭୁତ୍ୱର ପରିଚୟ ଦେଇଥାଏ । ମୌଳିକତା ଦେବତ୍ୱ ଅଟେ, ଯେମିତି କୃତ୍ରିମ ସଂସାରରେ କେବେ ପରାସ୍ତ କରି ପାରିବନାହିଁ । ସଂସ୍କାରର ଯେଉଁ

ISSN NO.
2582-208X

ପୃଷ୍ଠଭୂମିରୁ ଆସିଥାଏ, ସେ ସେମିତି ଭାବି କରି କାର୍ଯ୍ୟ କରିବାକୁ ବାଧ୍ୟ ହୋଇଥାଏ । ବିଷାକ୍ତ ହୃଦୟ ବ୍ୟକ୍ତିରେ ଚିନ୍ତନ ଏବଂ କର୍ମର ପବିତ୍ରତାର ଉପେକ୍ଷା କରାଯାଇ ପାରିବନି । ସଂସ୍କାର ହିଁ ବ୍ୟକ୍ତିର କର୍ମ ଏବଂ ଚିନ୍ତନର ଦିଗ ନିର୍ଣ୍ଣୟ କରିଥାଏ । ଏହାର ଆଧାରରେ ତାହାର ଜୀବନର ଗ୍ରାଫ୍ ତିଆରି ହୋଇ ଚାଲିଥାଏ ।।

୨୧୭,ୟୁନିଟ-୯(ଫ୍ଲାଟ)
ବାୟାବାବା ମଠ ଲେନ, ଭୁବନେଶ୍ୱର-୨୨
ଫୋନ-୭୯୭୮୩୦୬୧୧

ISSN NO.
2582-208X

# ମୌସୁମୀ



ପ୍ରକାଶ ଚନ୍ଦ୍ର ପଣ୍ଡା

ବହୁ ପ୍ରତୀକ୍ଷାର ଅନ୍ତ ଘଟାଇ ତୁମେ ଆସିଛ
ଖୁସିରେ ଆତ୍ମହରା ହୋଇ ପାଇବାକୁ ତୁମ ସ୍ପର୍ଶ
ମୁଁ ଯେମିତି ଅପେକ୍ଷାରତ
କିନ୍ତୁ ତୁମର ଏ କି ପରିବର୍ତ୍ତନ
ଆବାକ ଲାଗୁଛି ତୁମକୁ ଦେଖିଲେ
ତୁମେ ଆଉ ଆଗପରି ନାହଁ
ଦାରୁଣ ଗ୍ରୀଷ୍ମର ଗଞ୍ଜଣା
ଦେଇଛି ଅଶେଷ ଯନ୍ତ୍ରଣା
ତୁମେ ଦେଖ ମୋ ଦେହରେ
କେତେ ଖଣ୍ଡିଆ ଖାବରା
ଭାବିଥିଲି ତୁମ ସ୍ପର୍ଶେ ଦୂର ହେବ
ମୋ ଦେହେ ଯନ୍ତ୍ରଣା
କିନ୍ତୁ ତୁମେ ଆଉ ଆଗପରି ନାହଁ

ISSN NO.
2582-208X

ତୁମ ଆଗମନେ ବରଷାର ବାରିଧାରା
ଝରି ଯାଉଥିଲା
ତୁମେ ଆସିଲେ ଶିତଳ ସମୀରଣ ବହୁଥିଲା
ପ୍ରଶାନ୍ତ ଖେଳି ଯାଉଥିଲା ଶରୀରେ ମୋହର
କିନ୍ତୁ ଆଜି ମତେ ଆବାକ ଲାଗେ
ତୁମେ ଆଉ ଆଗପରି ନାହଁ
ତୁମେ ବଦଳି ଯାଇଛ ॥

କଲ୍ୟାଣପୁର, ଭୁଇଁପୁର,
ପାଣିକୋଇଲି, ଯାଜପୁର

ISSN NO.
2582-208X

# ଆମେ ତ ମିଡ଼ିଲ୍ କ୍ଲାସ୍



ତାରାପ୍ରସାଦ ଜେନା

ଦେଶ ଦଶ ପାଇଁ ନାଆଁ ବୁଡ଼ିଗଲୁ ଆମେ ତ ମିଡ଼ିଲ୍ କ୍ଲାସ୍
ବାସିଟାରେ କେହି ପଚାରନ୍ତି ନାହିଁ ମିଡ଼ିଆରେ ନାହିଁ ଫ୍ଲାସ୍
.........ଆମେ ତ ମିଡ଼ିଲ୍ କ୍ଲାସ୍ .......! ୦ !

କୋଟା ଆମ ହାତ ଦେଇଅଛି ଛାଡ଼ି ମେଧା ହୋଇ ନାହିଁ ଭେକ
ଗଧ ଏଠି ପାଏ ମୁଣ୍ଡରେ ଶିରପା ପଛଆଡୁ ସିଏ ନିକ
ଭଲ କଲେ ଭେଲ କୋଟା ସଂରକ୍ଷଣ ଚାକିରିକୁ ନାହିଁ ଚାନ୍ସ୍
.........ଆମେ ତ ମିଡ଼ିଲ୍ କ୍ଲାସ୍ .......! ୧ !

କର କପାଳରେ ଦେଇଅଛୁ ସିନା ଭାଗ୍ୟକୁ ଯାଉଛୁ ନିନ୍ଦି
ମିଡ଼ିଲ୍ କ୍ଲାସରେ ଜନ୍ମ ହେବା ମନ୍ଦ ଖିଆ ପିଆ ସବୁ ଧନ୍ଦି,
ତୋଳିବାକୁ ଘର ପଙ୍ଖା ଖଣ୍ଡେ ନାହିଁ ଉଡ଼ିଯାଏ ଯାହା ହୋସ୍
.........ଆମେ ତ ମିଡ଼ିଲ୍ କ୍ଲାସ୍ .......! ୨ !

ଆମ ଝିଅ ଏଠି ଅଭିଆଡ଼ୀ ରହେ ଟଙ୍କା ସୁନା ନାହିଁ ଜମା
ସେମାନଙ୍କ ପାଇଁ ସ୍ୱାସ୍ଥ୍ୟଠୁ ଆରମ୍ଭ ଅନେକ ପ୍ରକାର ବୀମା,
ଆମ ଲାଗି ନାହିଁ ଉଜ୍ଜ୍ୱଳ ଯୋଜନା ରନ୍ଧାବଢ଼ା ପାଇଁ ଗ୍ୟାସ୍
.........ଆମେ ତ ମିଡ଼ିଲ୍ କ୍ଲାସ୍ .......! ୩ !

ISSN NO.
2582-208X

ଫନ୍ଦି ଫରିଆଦି କେଶ୍ ହୁଏ ଚନ୍ଦା ଆମେ କାଳେ ବେଇମାନ
ଇତିହାସ ଚୁପ୍ ଆମ ପୂର୍ବ ଖ୍ୟାତି ନିନ୍ଦା ମିଳେ ଅପମାନ,
ଆମ ପୁଅ ଝିଅ ପାଣି ମୂତିଛନ୍ତି ସେଥିଲାଗି ସର୍ବନାଶ
.........ଆମେ ତ ମିଡ଼ିଲ୍ କ୍ଲାସ୍ .......! ୩ !

ନେତାମାନଙ୍କର ଛପର ଫାଡ଼ିକି କଳାଟଙ୍କା, ସୌଧ ବଡ଼
ସମାଜରେ ଯାହା ନ୍ୟାୟ ମାଗି ମାଗି ହେଲୁ ଆହା ଛାଡ଼ ବାଡ଼,
କାହାକୁ କହିବୁ କିଏବା ଶୁଣିବ ପାଲଟୁ ଜୀବନ୍ତ ଲାସ୍
.........ଆମେ ତ ମିଡ଼ିଲ୍ କ୍ଲାସ୍ .......! ୪ !

ଗ୍ରାମ ରଣପୁର, ଜିଲ୍ଲା-ନୟାଗଡ଼, ପିନ୍-୭୫୨୦୨୬
ଦୂରଭାଷ-୯୩୪୮୦୫୪୩୦୦

ISSN NO.
2582-208X

# ଏକା ବାଟୋଇ...



ଶିଶିର କୁମାର ସାମଲ

ବାଟ ଭି ଏକା ବାଟୋଇ ଏକା
ନାହିଁ କିଛି ଅଭିଳାଷ,
ଦୁର୍ଗମ ପଥ ଜୀବନ ମୋର
ହୁଏନାହିଁ କେବେ ଶେଷ ।।
ତୁମ ଠିକଣା ମତେ ଅଜଣା
ତଥାପି ମୁଁ ଚାଲୁଥାଏ ,
ବିଶ୍ୱାସ ଅଛି କେବେ ନା କେବେ
ଭେଟ ହେବ ସାଥି ଟିଏ ।।
ତୁମରି ସ୍ପର୍ଶ ଭରିବ ମନେ
ଅସରନ୍ତି ଆତ୍ମଗ୍ଲାନି,
ତୁମ ସାଥିରେ ଚାଲିବି ବାଟ
ସାଥି ତୁମେ ଅଭିମାନୀ ।।
ଜୀବନ ବାଟେ ସାଥୀରେ ତୁମ
ଚାଲୁଥିବି ହାତ ଧରି ,
ଆସୁ ଯେ ପଥେ ଜୀବନେ ଝଡ଼
ଯିବିନି ପଛକୁ ଫେରି ।।

କଣ୍ଟିପୁର, ବିଞ୍ଝାରପୁର, ଯାଜପୁର

ISSN NO.
2582-208X

# ଯଥା ପିତା, ତଥା ପୁତ୍ର



ବ୍ରଜମୋହନ ମେହେର

ପଶ୍ଚିମ ଓଡ଼ିଶାରେ ଏକ ସୁପ୍ରଚଳିତ ଲୋକୋକ୍ତି ହେଉଛି, "ମାଁ ଜାନି ଝି', ତେଲେନ୍ ଜାନି ରୁଟି"। ଏହି ଲୋକୋକ୍ତିର ଭାବାର୍ଥ "ଯଥା ପିତା, ତଥା ପୁତ୍ର" ମଧ୍ୟରେ ହିଁ ପରିଷ୍ଫୁଟ । ପ୍ରକୃତରେ ଏହି ଲୋକୋକ୍ତି ବା ଢଗଟି ସ୍ୱଭାବକବି ଗଂଗାଧର ମେହେରଂକ ଆତ୍ମଜ 'ଭଗବାନ ମେହେର'ଙ୍କ ପ୍ରତି ପ୍ରଯୁକ୍ତ ହୋଇପାରେ ସୁଂଦର ଭାବରେ । ଏହା ସତ ଯେ ଗଂଗାଧରୀୟ ସାହିତ୍ୟର ମହନୀୟତା ଏକାଂତ ସୁଦୂରପ୍ରସାରୀ । ଗଂଗାଧରଂକ ସାହିତ୍ୟ କମନୀୟ ମନୋରମ ମାଧୁର୍ଯ୍ୟଗୁଣ ସହିତ ପାଠକକୁ ବାଂଧିରଖି ସମାଜରେ ଯେଭଳି ଏକ ସୁଂଦର ପରିବେଶ ଗଠନ କରିବାର ମହତ୍ତ୍ୱ ଆକାଂକ୍ଷା ଭରି ଦେଇଥାଏ, ସେହିପରି ଗଂଗାଧରଂକ ସରଳ ଶାଂତ ଶିଷ୍ଟ ଋଷି ସୁଲଭ ଜୀବନ ବିଚ୍ଛୁରଣ କରି ଦେଇଥାଏ ପବିତ୍ରତାର ଆଲୋକ, ଦେଖାଇ ଦେଇଥାଏ ସନ୍ମାର୍ଗରେ ବାଟ ଚାଲିବାର ଉନ୍ମୁକ୍ତ ସାହସ। ପାଠକ ମାତ୍ରେ ହିଁ ଲାଭ କରି ପାରିବେ ସେହି ଅପୂର୍ବ ପ୍ରେରଣା । ଗଂଗାଧରଂକ ଲେଖନୀ ହିଁ କହେ "ନବ ବିକଶିତ ଫୁଲ ଗଂଧ/ ନବ ସରସ କବିତା ଛଂଦ/ ବନ ବିହଗ ମଧୁର ତାନ/ ଶିଶୁ ସରଳ ତରଳ ଗାନ ×× ଅମୃତମୟ ଅମୃତ ରୟ ଭସାଇ ନେଉଛି ଜୀବନ" ବା "ଜନକ ଆଦର ଏକ ଏକ ଝର ହରି ନେଉଛଂତି ତାପ ରେ ଜୀବନ, ବିଶ୍ୱ ଦେଖ ମଧୁମୟ ।" ଗଂଗାଧର ଗାଇ ଉଠିଛଂତି ଯେମିତି ସ୍ୱକୀୟ ଅନୁଭବ, ସ୍ୱପରିବାରର ମଧୁମୟ ଗୀତ । ସେହି ପରିବାରରେ ଜନ୍ମ ହୋଇଥିବା ଭଗବାନ ମେହେର ଭାଗ୍ୟବାନ ନିଶ୍ଚୟ । ଜଣେ ଋଷି ପ୍ରତିମ କବିଂକ ସଂତାନ ହେବା କ'ଣ କମ ସୌଭାଗ୍ୟର ବିଷୟ ! କବି ଗଂଗାଧରଂକ ପ୍ରପୌତ୍ର ଡ. ମଣୀଂଦ୍ର କୁମାର ମେହେରଙ୍କ ଭାଷାରେ :

ISSN NO.
2582-208X

"ସ୍ୱଭାବ କବି ଗଙ୍ଗାଧରଙ୍କ ପରିବାରରେ ତାଙ୍କ ପ୍ରପୌତ୍ର ଭାବରେ ଜନ୍ମ ନେବାର ସୌଭାଗ୍ୟ ଲାଭ କରି ମୁଁ ଯେଉଁ ଅପୂର୍ବ ଅନୁଭୂତି ଅର୍ଜନ କରିବାର ସୁଯୋଗ ପାଇଛି ତାହା ପ୍ରକୃତରେ ଜୀବନର ସବୁଠୁ ଶ୍ରେଷ୍ଠ ଆନନ୍ଦ । ଅନେକ ଭଦ୍ରବ୍ୟକ୍ତି ମୋତେ ବେଳେ ବେଳେ ପଚାରି ଦିଅନ୍ତି- ଆପଣ କ'ଣ କବିଙ୍କୁ ଦେଖିଛନ୍ତି? କବିଙ୍କ ଦେହାବସାନ ଘଟିବାର ଦୀର୍ଘ ୩୯ ବର୍ଷ ପରେ ମୋର ଜନ୍ମ ହୋଇଥିବାବେଳେ ତାଙ୍କୁ କିପରି ବା ମୁଁ ଦେଖି ପାରନ୍ତି? କିନ୍ତୁ କବି ପରିବାରରେ ଯେଉଁ ବାତାବରଣରେ ମୁଁ ବଢ଼ି ଆସିଛି, ମୋତେ କେବେ ମନେ ହୋଇ ନାହିଁ ଯେ ମୁଁ କବିଙ୍କୁ ଦେଖି ନାହିଁ । ସେ ଏକ ସୂକ୍ଷ୍ମସତ୍ତା ହୋଇ ଅହର୍ନିଶି ମୋ ଚିତ୍ତକୁ ଆଲୋଡିତ କରି ଆସିଛନ୍ତି । ସ୍ୱଭାବ କବିଙ୍କ ସୁଯୋଗ୍ୟ ସନ୍ତାନ ମୋର ପରମପୂଜ୍ୟ ପିତାମହ କବିପୁତ୍ର ଭଗବାନ ମେହେର ହିଁ କବିଙ୍କ ସୂକ୍ଷ୍ମ ଚେତନା ସହ ଆମ ହୃଦୟକୁ ସଂଯୁକ୍ତ କରି ଦେଇଥିଲେ ନିବିଡ଼ ଭାବରେ । ଗଙ୍ଗାଧରଙ୍କ ବ୍ୟକ୍ତିତ୍ୱ ଓ ସାହିତ୍ୟର ଆଲୋକ ତାଙ୍କ ଜୀବନଧାରାରେ ଭାସ୍ୱର ହୋଇ ଉଠୁଥିଲା ପ୍ରତିଟି ମୁହୂର୍ତ୍ତରେ ।"

(ଭୂମିକା - ଅମୃତ ନନ୍ଦନ)

ଗଂଗାଧରଙ୍କ ଦ୍ୱିତୀୟ ପୁତ୍ର ଭାବରେ ଜନ୍ମ ଗ୍ରହଣ କରିଥିଲେ ଭଗବାନ ମେହେର । ଅଳ୍ପ ବୟସରେ ହୋଇଗଲେ ମାତୃହରା । ସେଇଭଳି ତାଂକ ବଡ଼ଭାଇ ଅର୍ଜୁନ ମେହେର ମଧ୍ୟ ଅଳ୍ପ ବୟସରେ ଛାଡ଼ିଗଲେ । ଭାତୃହରା, ମାତୃହରା ଭଗବାନ ସେହିଭଳି ନିଜକୁ ପ୍ରସ୍ତୁତ କରିନେଲେ ଜଣେ ପ୍ରକୃତ ପିତୃଭକ୍ତ ଭାବରେ । ସବୁବେଳେ ସତ୍ୟ ଶାଂତିରେ ଜୀବନକୁ ଗଠନ କରିଥିବା ଗଂଗାଧର ପୁତ୍ର ଭଗବାନଂକୁ ମଧ୍ୟ ଦେଖାଇ ଦେଲେ ସେହି ପବିତ୍ରତାର ପଥ ।

"ବିପଦ କାଳରେ ମହତ ଲୋକର
ଧଇର୍ଯ୍ୟ ନ ହୁଏ ଭଂଗ
ଦାହ ପ୍ରହାରଣେ ଶୁଦ୍ଧ ଜମ୍ବୁନଦ
ସେ ରଂଗକୁ ସେହି ରଂଗ ।"

ଏହି ଧୈର୍ଯ୍ୟ ଯେଭଳି ଗଂଗାଧରଂକର ଅନ୍ୟତମ ଗୁଣ, ଯାହାକୁ 'ତପସ୍ୱିନୀ' କାବ୍ୟରେ ରାମଚଂଦ୍ରଂକ ହୃଦୟରେ ଦେଖବାକୁ ପାଇଥିଲେ, ଧରାଇ ଦେଇଥିଲେ ଧୈର୍ଯ୍ୟ-ଅସି । ହୃଦୟ ପଛେ ବିଦ୍ୟୁତ ଅନଳରେ ଜଳୁଥିଲା, ପ୍ରଜାଂକ ମଂଗଳ ନିମିତ୍ତ ଜଳଦାନ କରିବାକୁ ବାଧ୍ୟ

ISSN NO.
2582-208X

ହେଉଥିଲା ଘନ । ପିତାଂକର ଏହି ଧୈର୍ଯ୍ୟର ମଂତ୍ର ଶିଖି ପାରିଥିଲେ ଭଗବାନ । ଦେଖି ପାରୁଥିଲେ ..."ଜନକ ଆଦର ଏକ ଏକ ଝର ହରି ନେଉଛଂତି ତାପ ରେ ଜୀବନ, ବିଶ୍ୱ ଦେଖ ମଧୁମୟ ।"

"ନ କର ମାନବେ କ୍ଷୁଦ୍ର ଜୀବେ ଉପହାସ/ ନିଜର ଜୀବନ ଜ୍ୟୋତି କର ପରକାଶ" କେବଳ ଉପଦେଶ ଦେବା ଛଳରେ ଗଂଗାଧର ଏହା କହି ନ ଥିଲେ, କରି ନେଇଥିଲେ ଜୀବନର ମଂତ୍ର । ଦେଖି ପାରିଥିଲେ "ମହତକୁ ଦେଖି ମହତ ଚିହ୍ନଇ ଇତର ତହିଁକି ଅଂଧ/ ସୂର୍ଯ୍ୟୋଦୟ ଦେଖି ପ୍ରକୃତି ହସଇ ଉଲ୍ଲୁକର ଦୃଷ୍ଟିବନ୍ଧ ।" ନିଜ ଜୀବନର ଅନୁଭବଦୀପ୍ତ ରଚନା ହିଁ ଏହି ପଂକ୍ତି ସମୂହ । ଓଡ଼ିଶାର ବିଦ୍ୱନମଂଡଳୀଙ୍କ ଆଗ୍ରହ ଆକର୍ଷିତ ହୋଇଥିବା ଚିର ଦେଦୀପ୍ୟମାନ ସତ୍ୟ ହିଁ ଏହି ମଧୁର ପଦ୍ୟାବଳୀ । ଭଗବାନଙ୍କ ଅଂତର ଆତ୍ମାକୁ ଗୁଂଜରିତ କରି ଦେଉଥିଲା ମଂଜୁମୟ ସଂଗୀତ ସଦୃଶ ପ୍ରତିଟି ଅକ୍ଷର, ପ୍ରତିଟି ପଦ ।

ପିତାଙ୍କ ସେବା କରିବା ଯେମିତି ଥିଲା ତାଂକ ଜୀବନର ବ୍ରତ, ସେହିଭଳି ତାଂକ ଅମର କୃତିକୁ ସଜାଇ ରଖିବା, ଯତ୍ନର ସହିତ ସଂରକ୍ଷିତ କରିବା ଥିଲା ଭଗବାନଂକ ପରମ ଉପାସନା । କବି ଗଂଗାଧରଂକ ପ୍ରପୌତ୍ର ପ୍ରଫେସର ମଣୀଂଦ୍ର କୁମାର ମେହେରଂକ ଭାଷାରେ:-

" ସ୍ୱଭାବ କବିଙ୍କ ପୁତ୍ର ଭାବରେ ପୂଜ୍ୟ ପିତାଙ୍କ ଅମର ସ୍ମୃତିକୁ ଉଜ୍ଜୀବିତ କରି ରଖିବା ସକାଶେ ସେ ନିଜକୁ ଯେପରି ଉତ୍ସର୍ଗ କରି ଦେଇଥିଲେ ଓ ଗଙ୍ଗାଧରୀୟ ଆଦର୍ଶରେ ଅନୁପ୍ରଣିତ ହୋଇ ସମାଜର ସେବାରେ ଆପଣାକୁ ଯେପରି ସମର୍ପିତ କରି ରଖିଥିଲେ, ତାହା ଭାବି ବସିଲେ ହୃଦୟ ଦ୍ରବୀଭୂତ ହୋଇଯାଏ ଅନନ୍ୟ ଅନୁଭୂତିରେ ।× × × । ନିଜ ପିତା ଗଙ୍ଗାଧର ମେହେର ଓ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଦେଶ ସେବାରେ ନିଜକୁ ସମର୍ପିତ କରି ରଖିବା ଥିଲା ତାଙ୍କ ଜୀବନର ଶ୍ରେଷ୍ଠ ସଫଳତା । ପିତାଙ୍କ ସାହିତ୍ୟାଦର୍ଶ ଦ୍ୱାରା ଅନୁପ୍ରାଣିତ ହୋଇ ସେ ମଧ୍ୟ କବିତା ରଚନାରେ ହାତ ଦେଇଥିଲେ ଓ ଜୀବନର ଅନ୍ତିମ ପର୍ଯ୍ୟାୟରେ ପିତାଙ୍କ ଜୀବନୀ 'ପିତୃ ପ୍ରସଙ୍ଗ' ଲେଖିଥିଲେ । ଜଣେ ନିରଳସ ସମାଜସେବୀ ଓ ନୀରବ ସାଧକ ଭାବରେ ତାଙ୍କର ଅବଦାନକୁ ଓଡ଼ିଶାର ସୁଧୀ ସାହିତ୍ୟିକ ଓ ସମାଜସେବୀମାନେ ସ୍ୱୀକାର କରିଛନ୍ତି ଆନ୍ତରିକ ଭାବରେ ।"

ISSN NO.
2582-208X

( ଭୂମିକା, ଅମୃତ ନନ୍ଦନ )

କବିପୁତ୍ର ଭଗବାନ ମେହେର ତାଂକ ପିତାଂକ ଜୀବନୀକୁ ରଚନା କରିଛଂତି 'ପିତୃ ପ୍ରସଙ୍ଗ' ନାମରେ । ସେ ଏହି ପୁସ୍ତକରେ ବରପାଲିର ସଂକ୍ଷିପ୍ତ ଇତିହାସ ଓ ଅବସ୍ଥିତି, ସାମାଜିକ ଅବସ୍ଥା, ଭୁଲିଆ ଜାତିର ଇତିହାସ, ଗଂଗାଧରଂକ ଜୀବନ ଯାତ୍ରାର କଥା, ତତ୍‌ସହିତ ସାହିତ୍ୟ ଓ ସାହିତ୍ୟିକମାନଂକର ଭାବ ଆଦାନର ପତ୍ରାବଳୀ ସଂଯୁକ୍ତ କରିଛଂତି ଅତ୍ୟଂତ ଯତ୍ନ ସହକାରେ । ସେ ନିଜେ କହଂତି :

"ସ୍ନ ୧୯୧୦-୧୧ ସାଲରୁ ସେ ଯାହାସବୁ କରିଥିଲେ, ସେ ସମସ୍ତର ପ୍ରତିଲିପି ପ୍ରସ୍ତୁତ କରିବା ଭାର ମୋ ଉପରେ ଅର୍ପଣ କରିଥିଲେ । ଏଠାରେ ଉଲ୍ଲେଖନୀୟ ଯେ ବାଲ୍ୟକାଳରୁ ମୁଁ ମାତୃହୀନ ହେବାରୁ ପିତାଙ୍କ ସ୍ନେହ ଯତ୍ନରେ ବଢ଼ି ତାଙ୍କ ନିକଟରେ ସର୍ବଦା ରହି ଆସିଥିଲି । ବିଶେଷତଃ କେତେକ ଗୋପନୀୟ ଓ ଆବଶ୍ୟକୀୟ ଲେଖାପଢ଼ା କାର୍ଯ୍ୟ ମୋ ଦ୍ୱାରା ସଂପାଦନ କରାଇ ସେ ସ୍ୱାକ୍ଷର କରୁଥିଲେ ।" (ପିତୃପ୍ରସଙ୍ଗ, ପୃ-୧୨୩)

ସ୍ୱଭାବ କବିଂକର ସାରସ୍ୱତ ସାଧନାରେ କେବଳ ଏତିକି ସୀମିତ ନ ଥିଲା କବିପୁତ୍ରଂକର କର୍ତବ୍ୟ । କବିଂକ ମୃତ୍ୟୁ ପରେ ତାଂକ ଅସଂପୂର୍ଣ 'ପଦ୍ମିନୀ' କାବ୍ୟକୁ ସଂପୂର୍ଣ କରିଥିଲେ କବିପୁତ୍ର ଠିକ୍ କବିଂକ ଭାବନାକୁ ହୃଦୟ ମଧ୍ୟରେ ସ୍ଥାପନ କରି, ଗଂଗାଧରୀୟ ଶୈଳୀର ପ୍ରକୃତ ଅନୁସରଣ ଫଳରେ । ସତେ କି ଗଂଗାଧରଂକ କବିଆତ୍ମା ପ୍ରବିଷ୍ଟ ହୋଇଯାଇଥିଲା କବିପୁତ୍ର ଭଗବାନ ମେହେରଂକ ଅଂତରାତ୍ମାରେ ।

କେବଳ ଏତିକି ନୁହେଁ, କବିପୁତ୍ର ଭଗବାନ ମେହେରଂକ ହୃଦୟ ଦେଇ ଝରି ପଡ଼ିଥିଲା ଅନେକ କବିତା ସ୍ୱଭାବ କବିଂକ ପ୍ରେରଣା ଲାଭ କରି । ତାହାଂକ ପ୍ରଭାବରେ ଫୁଟି ଉଠିଲା ଶବ୍‌ଦ ଫୁଲ, ମହକି ଉଠିଲା ଛଂଦର ମହକ, ଭାବର ସୌଂଦର୍ଯ୍ୟରେ ହୋଇଗଲା ସୌଂଦର୍ଯ୍ୟମୟ । ଯଦିଚ ନିଜ ଲେଖନୀରୁ ସ୍ରବିତ ହୋଇଗଲା କାବ୍ୟିକ ପ୍ରବାହ, ତଥାପି କବିପୁତ୍ର ରହିଗଲେ ମୌନ; ନିଜକୁ ପରିଚିତ କଲେ ନାହିଁ କବି ଭାବରେ । ପିତାଂକ କୃତିର ପ୍ରଚାର ପ୍ରସାର କଲେ ନିମଜ୍ଜି ରହି ଦେଖାଇ ଗଲେ ଆଂତରିକ ନିଷ୍ଠା । ପ୍ରକାଶିତ କଲେ ନାହିଁ ନିଜର କବିତାବଳୀକୁ । ପରବର୍ତୀ କାଳରେ କବି ପରିବାର କବିପୁତ୍ରଂକ କବିତା ସମୂହକୁ ଚୟନ କରିଛଂତି 'ଚୟନିକା' ନାମରେ କବିତା ସଂକଳନ; ଯାହାକି ୧୯୯୧ ମସିହାରେ ହୋଇଛି ପ୍ରକାଶିତ । ଅବଶ୍ୟ ଏହି ସଂକଳନରେ ସ୍ଥାନ ପାଇପାରି ନ ଥିଲା

ISSN NO.
2582-208X

କବିପୁତ୍ର ଭଗବାନ ମେହେର୍‌ଙ୍କ 'ଯୋଗୀମୁଂଡା' ନାମକ କୃତି । 'ଚୟନିକା' ସଂକଳନଟି ପୁନଃ ପ୍ରକାଶିତ ହୋଇଛି ୨୦୧୭ ମସିହାରେ 'ଗଙ୍ଗାଧର ସାହିତ୍ୟ ପରିଷଦ, ବରପାଲି'ରୁ ଡ. ମଣୀଂଦ୍ର କୁମାର ମେହେର୍‌ଙ୍କ ସଂପାଦନରେ । ଏହି ସଂସ୍କରଣରେ ନୂତନ ଭାବରେ ସଂଯୋଜିତ ହୋଇଛି ଉପରୋକ୍ତ କବିତା ସହିତ ସ୍ୱଭାବ କବିଂକ ବିଷୟରେ ଲେଖିଥିବା କବିପୁତ୍ରଂକ କେତୋଟି ଗଦ୍ୟକୃତି : 'ପିତୃତର୍ପଣ'(ଏହା ପ୍ରଜାତଂତ୍ର ୨୫/୩/୧୯୬୩ରେ ପ୍ରକାଶିତ ହୋଇଥିଲା ।), 'ପିତୃସ୍ମୃତି'(ସ୍ୱରାଜ୍ୟ- ଅଗଷ୍ଟ-୧୯, ୧୯୬୭) ଓ 'ପିତୃ ଦେବଙ୍କ ଜୀବନ ଯାତ୍ରା ପଥେ' ( ଗଙ୍ଗାଧର ସ୍ମରଣିକା ପ୍ରକାଶନ କମିଟି, ଭୁବନେଶ୍ୱର )।

କବିପୁତ୍ର ଭଗବାନ ମେହେର୍‌ଙ୍କ କବିତାବଳୀର ଭାଷା ଯେମିତି ସରଳ, ସେହିଭଳି ମଧୁର ଏବଂ ମଂଜୁଳ । ସୁଂଦର ଭାବଯୁକ୍ତ ଅଭିବ୍ୟକ୍ତିରେ ଅତ୍ୟଂତ ମନୋହାରୀ । 'ସଂଧ୍ୟା' କବିତାର କେତୋଟି ପଂକ୍ତିକୁ ଏଠାରେ ଦୃଷ୍ଟାଂତ ସ୍ୱରୂପ ଉପସ୍ଥାପନା କରାଯାଇପାରେ :-

"ଅସ୍ତ ଦିବାକର କର-ବାସ ପିନ୍ଧି ଦେଖ ଆସିଲାଣି ସନ୍ଧ୍ୟା
ଅଟଇ କିବା ସେ ଗୈରିକ-ବସନା-ଯୋଗିନୀ ଜଗତ-ବନ୍ଦ୍ୟା?
ଜ୍ଞାନ ସଙ୍ଗେ ସଙ୍ଗେ ହୃଦୟେ ବିବେକ ସଂଜାତ ହେଲା ପରାଏ
ସନ୍ଧ୍ୟା ସହ ଚନ୍ଦ୍ର-ମଣ୍ଡଳ ଆକାଶେ ଉଦିତ ଉଜ୍ଜ୍ୱଳ କାୟେ ।
ଶୁଭ ସବୁ ଯଥା ଆସିଯାଏ ଭାଗ୍ୟ ହୁଅଇ ଯେବେ ପ୍ରସନ୍ନ
ସେହି ରୂପେ ଆହା ପଡୁଅଛି ଦେଖ ଚୌଦିଗେ ଚନ୍ଦ୍ର-କିରଣ।"
(ସନ୍ଧ୍ୟା, ଚୟନିକା, ପୃ-୨୧ )

ଅମୃତମୟୀ ସ୍ନେହମୟୀ ଜନନୀର ସ୍ନେହକୁ ରୂପ ଦେବାକୁ ଯାଇ କବିପୁତ୍ର ରଚନା କରିଛଂତି ତାଂକର ଅଂଗେ ଲିଭା ଅନୁଭୂତି 'ମାତୃହୀନର ବିଳାପ' ନାମକ କବିତାଟିରେ । ଏହା ଅତ୍ୟଂତ ମର୍ମସ୍ପର୍ଶୀ ଏବଂ ପାଠକ ହୃଦୟକୁ ଅଶ୍ରୁସିକ୍ତ କରି ଦେଇଥାଏ ।

" ଭବେ କେ ଅଛି ଅବା ଏମନ୍ତ ଜନ
ଜନନୀ ପଦକୁ ମୋ' ହେବ ଭାଜନ
ସସ୍ନେହେ ବସାଇବ କୋଳକୁ ନେଇ
ଭାଷିବ ଭାଷା ମୁଖେ ଚୁମ୍ବନ ଦେଇ ।୧।

ISSN NO.
2582-208X

କା' ପ୍ରାଣ ହେବ ମୋହପାଇଁ କାତର
ନୟନୁ ହେବି ଯଦି ତିଳେ ଅନ୍ତର,
ଟାକି ରହିବ ବସି ମୋ ପଥ ଚାହିଁ,
ମୋ ଠାରୁ ଅଗ୍ରେ ଅନ୍ନ ଛୁଇଁବ ନାହିଁ । ୨।

ମଙ୍ଗଳ ମନାସି ମୋ ଅନବରତ
କେ ଅବା ଆଚରିବ ବାର ବରତ,
ନିଜ ଦୁଃଖରେ ହୋଇ ଅଟଳ ମତି
ମୋ ଦୁଃଖ ସ୍ମରି ହେବ ଦୁଃଖେ କରତି। ୩।
(ମାତୃହୀନର ବିଳାପ, ଚୟନିକା, ପୃ-୪୦)

ପ୍ରଖ୍ୟାତ ସମାଲୋଚକ ଡକ୍ଟର ହେମଂତ କୁମାର ଦାସ କବିପୁତ୍ରଙ୍କ ସାହିତ୍ୟକୁ ଆଲୋଚନା କରିବା ପୂର୍ବକ ଅଭିମତ ପ୍ରଦାନ କରନ୍ତି:-

"ସାହିତ୍ୟ ସଂସାରରେ ଏହିଭଳି ଏକନିଷ୍ଠତା ଖୁବ୍ ବେଶି ଦେଖିବାକୁ ମିଳେ ନାହିଁ । ତାଙ୍କର ସୃଷ୍ଟି ବିପୁଳ ନ ହେଲେ ମଧ୍ୟ ବୈଚିତ୍ର୍ୟର ସ୍ପର୍ଶରେ ବର୍ଣାଢ୍ୟ ।ସୂକ୍ଷ୍ମ ଅନୁଭୂତି ସ୍ପର୍ଶରେ ଅର୍ଥବହ । ଭାବ ତରଳ ଆବେଗରେ ରସାଳ । ସୁଚିନ୍ତିତ ଛନ୍ଦ ଯୋଜନାରେ କୋମଳ ତଥା ସୁପରିକଳ୍ପିତ ଅଳଙ୍କାର ପ୍ରୟୋଗରେ ମଞ୍ଜୁଳ ।"
(ଅମୃତ ନନ୍ଦନ, ଡ. ମଣୀଂଦ୍ର କୁମାର ମେହେର, ପୃ-୧୨୬)

ପ୍ରକୃତରେ ଏକାଂତ ହୃଦ୍ୟ ଓ ଉପଭୋଗ୍ୟ କବିପୁତ୍ରଙ୍କର ରଚନାବଳୀ। କବିପୁତ୍ର ଭଗବାନଂକ ଜୀବନ ଓ ସାହିତ୍ୟ ଠିକ୍ ତାଂକ ପିତାଂକ ସଦୃଶ ପାଠକମାନଂକ ପାଇଁ ଅନୁସରଣୀୟ ।

କବିଂକ କଲମରେ ପ୍ରଶଂସିତ ହୋଇଉଠେ ସହନ ଶକ୍ତି- ସହିଷ୍ଣୁତା :-
"ଏଣୁ ଭାବେଁ ଅଛି ଯା'ର ସହିବା କ୍ଷମତା
ସେ ସିନା ଅଟଇ ମର୍ତ୍ତ୍ୟେ ପ୍ରକୃତ ଦେବତା।
(ମର୍ତ୍ତ୍ୟ ଦେବତା, ଚୟନିକା, ପୃ-୩୧)

ISSN NO.
2582-208X

ସେହିଭଳି 'ପର ଉପକାର' ସର୍ବଦା ପ୍ରଶଂସନୀୟ:-

"ପର ଉପକାର ଇଚ୍ଛା ହେଲେ ଉପଗତ
ମାନବତ୍ୱ ଦେବତ୍ୱକୁ ହୁଅଇ ଉନ୍ନତ।"
(ପ୍ରକୃତି ଓ ବିଜ୍ଞାନ, ଚୟନିକା, ପୃ-୪୪)

ଜଳଦ ଯେପରି ତା' ହୃଦୟର ବିଦ୍ୟୁଜ୍‌ଜ୍ୱାଳା ସହ୍ୟ କରି ଜଳଦାନ କରୁଛି:-

"ନିର୍ଜୀବ ତୁ, ଦୟାପୂର୍ଣ୍ଣ ତୋହୋର ହୃଦୟ
କି ଅଦ୍ଭୁତ ଜୀବବାନ ମାନବ ହୃଦୟ!"
(ଜଳଦ, ଚୟନିକା, ପୃ-୭୯)

ଶ୍ରେଷ୍ଠ ଏକା ଭ୍ରାତୃତ୍ୱ ଭାବନା :-

"ମହତ୍ତ୍ୱ ତୁମ୍ଭର ତିଳେ ଅପଚିତ ହେବ ନାହିଁ,
ସ୍ୱଦେଶୀୟ ସମସ୍ତଙ୍କୁ ଯଦି ଡାକ, 'ବଡ଼ଭାଇ'।
(ପରିଚୟ, ଚୟନିକା-୮୩)

ପ୍ରକୃତ ସତ୍ୟ:-

"ନିରନ୍ତର ବିତରଣେ ନ ହୁଏ ଯାହାର କ୍ଷୟ
ସେହି ଧନ ଅଟେ ଏକା ବିଶ୍ୱେ ମହା ପୁଣ୍ୟମୟ।"
(କଳ୍ପନା, ଚୟନିକା-୮୨)

ସ୍ୱଭାବ କବିଂକ ପ୍ରପୌତ୍ର ଡ. ମଣୀନ୍ଦ୍ର କୁମାର ମେହେରଂକ ଭାଷାରେ କହିଲେ କବିପୁତ୍ର ଭଗବାନ ମେହେର ହେଉଛଂତି ବାସ୍ତବରେ 'ଅମୃତ ନଂଦନ'। ଅମୃତସ୍ରାବୀ କବି ଗଂଗାଧରଂକର ଆତ୍ମଜ 'ଅମୃତ ନଂଦନ' ନାମରେ ପରିଚିତ ହେବା ଏକାଂତ ସତ୍ୟ । ଏହି ନାମରେ ଡ. ମଣୀନ୍ଦ୍ର କୁମାର ମେହେରଂକ ଲେଖନୀରେ ପୁସ୍ତକାକାର ନେଇଛି କବିପୁତ୍ରଙ୍କ ଜୀବନୀ 'ଅମୃତ ନନ୍ଦନ', ଯାହାକି ୧୯୧୭ ମସିହାରେ ମିତାବୁକ୍‌ସ, କଟକ ତରଫରୁ ପ୍ରକାଶିତ । ଏହି ଯୋଗଜନ୍ମା 'ଅମୃତ ନନ୍ଦନ' କବିପୁତ୍ର ଭଗବାନ ମେହେର ଜନ୍ମଲାଭ କରିଥିଲେ ୧୮୯୨ ମସିହା ଅଗଷ୍ଟ ମାସ ୧୯ ତାରିଖରେ । ଏହାଂକ ସ୍ୱର୍ଗବାସ ଘଟିଥିଲା ତା: ୨୦/୧୨/୧୯୭୭ ରେ ।

ISSN NO.
2582-208X

-----------------------------------------------------
ସହାୟକ ପୁସ୍ତକ:

୧- ଅମୃତ ନନ୍ଦନ : ଡ. ମଣୀନ୍ଦ୍ର କୁମାର ମେହେର, ମିତା ବୁକ୍ସ, କଟକ-୨୦୧୭ ।

୨-ଚୟନିକା : ଭଗବାନ ମେହେର, ସଂ-ଡ. ମଣୀନ୍ଦ୍ର କୁମାର ମେହେର, ଗଂଗାଧର ସାହିତ୍ୟ ପରିଷଦ, ବରପାଲି, ବରଗଡ଼-୨୦୧୭ ।

୩-ପିତୃପ୍ରସଙ୍ଗ : ଭଗବାନ ମେହେର, ସଂ- ଡ. ମଣୀନ୍ଦ୍ର କୁମାର ମେହେର, ଓଡ଼ିଶା ବୁକ୍ଷ୍ଟୋର-୨୦୧୧ ।

୪-ଗଂଗାଧର ଗ୍ରନ୍ଥାବଳୀ: ସଂ -ଡ.ମଣୀନ୍ଦ୍ର କୁମାର ମେହେର, ଗ୍ରନ୍ଥମନ୍ଦିର-୨୦୧୫ ।

ତୁକଲା, ଜି-ନୂଆପଡ଼ା
ପିନ୍-୭୬୬୧୦୭
ମୋ-୯୮୬୧୮୬୫୭୦୦

ISSN NO.
2582-208X

# ଜୟମାତ ଲଙ୍କେଶ୍ୱରୀ ଗୋ



କୁମରଲାଲ ରଣା

ଜୟମାତ ଲଙ୍କେଶ୍ୱରୀ ଗୋ
କଲାହାଣ୍ଡି ବାସିନୀ
ଅଭୟ ମହିମା ଜାଗ୍ରତ
ପୁରିଅଛି ଦୟିନୀ ॥
କରୁଣା ମୟୀ ମା ଜନନୀ
ଦେଉ ଅଭୟ ବର
ଲଙ୍କାର ସୁରକ୍ଷା କାରିଣୀ
କେତେ ମହିମା ତୋର ॥
ସୋନ ପୁର ନଦୀ କୂଳରେ
ପୁଜା ଲଭୁ ତୁ ମାଆ
ଲଙ୍କେଶ୍ୱରୀ ନାମ ବହିଛୁ
ଯଶ ଭରେ ଦୁନିଆ ॥

ଲଙ୍କାରେ ଭେଟିଲା ପବନ
ନନ୍ଦନ ହନୁମାନ
ବର ଦେଇ ତାକୁ କହିଲୁ
କର ଲଙ୍କା ଦହନ ॥
ଆଜ୍ଞା ପାଇ ହନୁ ପଶିଲା
ସ୍ୱର୍ଣ୍ଣ ଲଙ୍କା ଭୁବନ
ସୀତା ଠାବ କଲା ସତ୍ୱରେ
ଖୋଜି ବିକନ୍ଦି ବନ ॥

ମହୁଆଭଟା

ISSN NO.
2582-208X

ବେଦାନ୍ତି

# ତୁ ଖୋଜୁଥିବୁ ମୋତେ ଆଉ ମୁଁ ଖୋଜୁଥିବି ତୋତେ

ବିରଞ୍ଚି ନାରାୟଣ ମିଶ୍ର

*(ପ୍ରତ୍ୟେକ ବରିଷ୍ଠ ନାଗରିକ ମାନଙ୍କୁ ଉତ୍ସର୍ଗୀକୃତ)*

ବୋହୂ ଚାଲି ଯିବ ପୁଅର ସାଥିରେ
ଝିଅ ଥିବ ଶାଶୁଘରେ,
ଆମେ ବୁଢ଼ାବୁଢ଼ୀ ଏକୁଟିଆ ଥିବା
ଆମ ଏଇ ଛୋଟଘରେ....

ହାତ ଗଣ୍ଠିଟା ଯେ ଏତେ ମଜବୁତ୍
ଜାଣିଲି ମୁଁ ଏତେ ଦିନେ
ରାଗରୁଷା ସବୁ ଉଭେଇ ଯିବଯେ
ଷାଠିଏ ଆସିଲେ ଘନେ....

ହଇଓ ଶୁଣୁଛ ବୋଲି ଡାକୁଥିବି
ବସିକି ସୋଫା ଉପରେ,
ଯାଉଚି ଯାଉଚି କହିକି ତୁମେଯେ
ପହଁଞ୍ଚିବ ମୋ ପାଖରେ...

ପେପରଟା ଆଉ ଚାଆ କପ୍ ଧରି
ପଶି ଆସୁଥିବ ଘରେ,

ISSN NO.
2582-208X

ଚାତକ ପରାଏ ଚାହିଁ ବସିଥିବି
ଅଶ୍ରୁ ଭିଜା ନୟନରେ.....

ଚଷମା ଆଉ ମୋ ବଙ୍କୁଲି ବାଡ଼ିକୁ
ଦେଉଥିବ ମୋର କରେ,
ଚାଲିବାକୁ ଯେବେ ବଳ ପାଇବନି
ତମେ ଥିବ ମୋ ପାଖରେ.....

ପଡିଗଲା ବେଳେ ତୁମେଯେ ଧରିବ
ହାତଥିବ ତୁମ କାନ୍ଧେ,
କେହି କାହାରିକୁ ଛାଡି ପାରିବାନି
ନିୟତି ଆମକୁ ବାନ୍ଧେ.....

ତୁମ ଆଣ୍ଠୁରେ ମୁଁ ତେଲ ଘଷିଦେବି
ତୁମେ ଦେବ ମୋ ଆଣ୍ଠୁରେ,
ଦୁହେଁ ଦୁହିଁଙ୍କର ସାହାରା ହେବାଟି
ଖୁସି ହେବା ବଞ୍ଚିବାରେ.....

ବାହାରକୁ ଆଉ ବୁଲା ବୁଲି ପାଇଁ
ଯାଇ ପାରିବାନି ଥରେ,
ଘରକୁ ଦୁଆର ଦୁଆରକୁ ଘର
ବୁଲୁଥିବା ବଗିଚାରେ.....

ଦିନେ ମୁଁ ଚାଲିବି ତୁମେ ରହିଯିବ
ଅଥବା ମୁଁ କି ରହିବି
ଭରା ଏହି ସଂସାର ସାଗର
କେଉଁ କଥା ଅବା କହିବି.....

ISSN NO.
2582-208X

ସଂସାରଟା ସିନା ମିଛରେ ସଜନୀ
ମିଛ ନାହିଁ ଆମ ମିଳନ
ସୁଖଦୁଃଖ ଆମେ କାହାକୁ ବାଣ୍ଟିବା
ସଂସାରୁ ଛାଡିଲେ ପରାଣ.....

ତୁମେ ଏକା ଥିବ ମୁଁ ଏକା ଥିବି
ତୁମେ କି ମୁଁ ଗଲା ପରେ
ନୟନରୁ ଅଶ୍ରୁ ବହି ଯାଉଥିବ
ଏକା ହେଇଗଲା ପରେ......

ସେତେବେଳେ ଆମେ କେମିତି ବଞ୍ଚିବା
ଅବଶିଷ୍ଟ ଜୀବନକୁ,
କାହିଁକି କେଜାଣି ଶିହରଣ ଜାଗେ
ଭାବି ଭାବି ହୃଦୟକୁ....

ସଭିଙ୍କ ଜୀବନେ ନିଶ୍ଚୟ ଘଟିବ
ସ୍ୱୟଂସିଦ୍ଧ ସତ୍ୟତାର,
ଈଶ୍ୱର ରଚିଛି ଏହି ମାୟାଜାଲ
ଭାବେ ମନେ ନିରନ୍ତର....

ଅବିସ୍ମରଣୀୟ ସନ୍ଦେଶଟିଏ.....ଏସବୁ ପ୍ରତ୍ୟେକଙ୍କ
ଜୀବନରେ ନିଶ୍ଚୟ ଘଟିବ....

ମଇ-୨୦୨୩
www.vedantimagazine.com
ISSN NO.
2582-208X

# ଓଡିଶା ଏବଂ ଉତ୍କଳ ଦିବସ

ବିଜୟ କୁମାର ନାଏକ

ଉତ୍କଳ, କଳିଙ୍ଗ, ଓଡିଶା ଆଉ କେତେ ଯେ ନାମ
କଲା ଆଶୋକଙ୍କୁ ଧର୍ମାଶୋକ ନେଇ ବୁଦ୍ଧଙ୍କ ନାମ
ଆସିଲେ ଖାରବେଳ ଅଶୋକଙ୍କ ପରେ
ଖଣ୍ଡଗିରି ଓ ଉଦୟଗିରି ତାଙ୍କ ସ୍ମୃତି ବିକାଶ କରେ
ଚୋଡ଼ଗଙ୍ଗ ଏବଂ ନରସିଂହ ଦେବ ଆମର ଅତି ନିଜର
ତୋଳି ଦେଲେ ଆମ ପାଇଁ ଜଗନ୍ନାଥ ଓ କୋଣାର୍କ ମନ୍ଦିର

କେବେ ରହିଲା ଆମ ରାଜ୍ୟ ମାଡ୍ରାସ ସହିତ
ତ କେବେ ମିଶିଗଲା ପୁଣି ବଙ୍ଗଳା ସହିତ
ରହିଥିଲା ମଶି ମଧ୍ୟ ବିହାର ସହିତ
ଶେଷରେ ସୃଷ୍ଟି ହେଲା ଆମ ପ୍ରଦେଶ
ଏପ୍ରିଲ ୧, ମସିହା ୧୯୩୬
ପାଳନ କଲୁ ଆମ ଉତ୍କଳ ଦିବସ

ସୁବର୍ଣ୍ଣରେଖା ରୁ ଋଷିକୁଲ୍ୟା ପର୍ଯ୍ୟନ୍ତ
ଆମ ଓଡ଼ିଶାର ସୌନ୍ଦର୍ଯ୍ୟ ସୁନ୍ଦର ଅତ୍ୟନ୍ତ
ବୁଢ଼ାବଳଙ୍ଗ, ବୈତରଣୀ, ବ୍ରାହ୍ମଣୀ, ଜୀରା ସହ ଅନ୍ୟନଦୀ
ହେଲେ ମହାନଦୀ ଆମ ଓଡ଼ିଶାର ବଡ଼ ନଦୀ
ଓଡ଼ିଶାର ପ୍ରଭୁ ଯେ ଜଗନ୍ନାଥ
କୁସୁମିତ କରନ୍ତୁ ସଭିଙ୍କ ଚଲା ପଥ ।।

ଶରଧାପାଲି, ବରଗଡ-୭୬୮୦୩୦

ISSN NO.
2582-208X

# ତୁମେ କାହାକୁ ଏତେ ଠକୁଛ

ବୈଷ୍ଣବ ମେହେର

ତୁମ କାମକୁ ଅନ୍ୟକୁ ସମର୍ପି,
ଚାତୁର୍ଯ୍ୟରେ ଆଧିପତ୍ୟ ଦେଖାଉଛ;
ସାଜି ଲୋକ ସେବକ ତୁମେ,
ଅନ୍ୟ ଲୋକଙ୍କୁ ଧୋକା ଦଉଛ ।

ସ୍ୱାର୍ଥ ଥିଲେ ବନ୍ଧୁ ବାନ୍ଧି,
ସ୍ୱାର୍ଥ କମିଗଲେ ଦଉଛ ଛାଡି;
ନିଜ ଦୋଷକୁ ଅଠା ବୁଲେଇ,
ନିନ୍ଦୁଛ ବନ୍ଧୁ ଉପକାର ଭୁଲି ।

ବାପା ମାଆଙ୍କୁ ଭୁଲି ଯାଇ,
ନିଜ ସ୍ୱାର୍ଥକୁ ମାନୁଛ ସର୍ବଶ୍ରେଷ୍ଠ ;
ଶ୍ୱ-ସ୍ୱାର୍ଥ କୁ ଆଧାର କରି,
କରୁଛ ଅନ୍ୟ ଲୋକର ଅନିଷ୍ଟ ।

ମୁଣ୍ଡ ଝାଳ ତୁଣ୍ଡେ ମାରି,
ବଡ କଲା ତୁମକୁ ଯିଏ;
କି ବିଡ଼ମ୍ବନା ଦେଖ ସର୍ବେ,
ଜରାଶ୍ରମେ ଆଜି ଝୁରୁଛି ସିଏ ।

ISSN NO.
2582-208X

ଝିଅ ପିଲା ସ୍ତ୍ରୀଙ୍କୁ ଛାଡ଼ି,
ପର ଭାରିଯାରେ ଦଉଛ ମନ ;
ମୋହ ମାୟା ସବୁ କ୍ଷଣଭଙ୍ଗୁର,
କେବେ ପାଇବ ହିତାହିତ ଜ୍ଞାନ ।

ଭାବୁଛ ନିଜକୁ ବଡ଼ ଚତୁର,
ବିପଦେ ନଥିବେ କେହି ଜଣେ,
ତୁମେ କାହାକୁ ଏତେ ଠକୁଛ,
ବିଧାତା ରଖୁଛି ଖବର ପ୍ରତିକ୍ଷଣେ ।

ଗଣ୍ଡାବାହାଲି
ନୂଆପଡ଼ା
6264305003

ISSN NO.
2582-208X

# ବଗିଚା ର ସେ ଫୁଲ

ରଶ୍ମିତା ବେଗ୍

ନୀଳବର୍ଣ୍ଣା ପୃଥିବୀ ର ଏହି ଘରେ ଅଗ୍ରଜ କନ୍ୟା ସବୁଜା। ପ୍ରତ୍ୟେକ ଦିବସେ ଭଳିକି ଭଳି ରଙ୍ଗ ବେରଙ୍ଗର ଢିଲା ବସନ ପରିଧାନ ହିଁ ତାଙ୍କୁ ପ୍ରଦାନ କରିଥାନ୍ତି ସ୍ୱତନ୍ତ୍ର ସୌନ୍ଦର୍ଯ୍ୟ ର ମାନପତ୍ର ।

"ଜୀବନ"ଶୀର୍ଷକ ରୂପୀ ଏକ ନାଟକ ର ରଙ୍ଗମଞ୍ଚ ରେ ଗୋଟାଏ ଉପାଖ୍ୟାନ କୁ ଅଭିନୟ କରିବା ନିମିତ୍ତ ନିର୍ଦ୍ଧାରିତ ସମୟ ରେ ଉପସ୍ଥିତ ରହି ପୁନଃ ଅଭିନୟ ନିମିତ୍ତ ପ୍ରସ୍ତୁତ ହେବା ପୂର୍ବରୁ ମୁଁ ଟିକେ ବିଶ୍ରାମ ନେଇଥାଏ କିଛି ସମୟ ପାଇଁ ବୋଧ ହୁଏ ସେଇ ସମୟ ଟି ଥିଲା ଅନ୍ଧାରମୟ ରାତ୍ରୀ । କାରଣ ସେଇ ଅନ୍ଧାର ରାତି ହିଁ ସର୍ବକୃଷ୍ଟ ଉଜ୍ଜ୍ୱଳ ତାରା ଏବଂ ଜହ୍ନ ମାମୁଁଙ୍କର ଜନନୀ, ହୁଏତ ତାଙ୍କର ଏଇ ମାତୃତ୍ୱ କେବଳ ଜହ୍ନ ତାରକାପୁଞ୍ଜ ଙ୍କ ନିମିତ୍ତ ସୀମିତ ନୁହେଁ ବରଂ ତାହାର ପରିସୀମା ସୁଦୂର ପ୍ରସାରି । ସେଇଥି ପାଇଁ ତ ସେଇ ସମୟରେ ସବୁ ସନ୍ତାନ ମାନଙ୍କ ପାଖେ ନିଦ ମାଉସୀ ଙ୍କୁ ପହଞ୍ଚାଇ ଦେଇ କର୍ମ ମୟ ଜୀବନ ରେ କାର୍ଯ୍ୟରତ ରହି ରହି ଥକି ପଡିଥିବା ସନ୍ତାନ ମାନଙ୍କୁ ପ୍ରଦାନ କରନ୍ତି ବିଶ୍ରାମ ନିଜର ଶୀତଳ ଛୁଆଁ ରେ, ଆଉ ଜଗି ରହିଥାନ୍ତି ସେ ପର୍ଯ୍ୟନ୍ତ ଯେଉଁ ପର୍ଯ୍ୟନ୍ତ ସନ୍ତାନ ର ନିଦ୍ରା ଭଙ୍ଗ ନ ଘଟିଛି ସାଙ୍ଗରେ ଆକର୍ଷଣୀୟ ତାରକା ପୁଞ୍ଜ କୁ ରଖି ।। କାଳେ ସନ୍ତାନ ର ନିଦ ଭାଙ୍ଗିଯିବ ଆଉ ସେ ଉଠିଯିବ , ତେଣୁ ତାରା ମାନେ ସର୍ବଦା ମିଟି ମିଟି କରୁଥାନ୍ତି ତାଙ୍କ ନିର୍ଦ୍ଦେଶ ରେ ତାରା ପୁଞ୍ଜ ର ସେଇ ମିଟି ମିଟି କୁ ଦେଖି ଆଉ ଥରେ ଆସିଯିବ ନିଦ ।।

ପୁନଃ ଅଭିନୟ ନିମିତ୍ତ ସମୟ ଆସିଯିବା ପରେ ଜହ୍ନ ଧୀରେ କଡ଼ ଲେଉଟାଇ ଆଗମନ କଲେ ଚିର ଔଜ୍ଜ୍ୱଲ୍ୟମୟ ସବିତାଙ୍କୁ, ସବିତାଙ୍କ ର ସେଇ ସ୍ୱର୍ଣ୍ଣ ରେଣୁ ଝରକା ର ପରଦା

ISSN NO.
2582-208X

ଆଡ଼େଇ ଆସିପଡେ ମୋ ମୁଖମଣ୍ଡଳେ, ଆଉ ଝାପସା ଝାପସା ଆଖି ଖୋଲି ଅନେଇଲା ବେଳକୁ ସେ କହେ ଶୁଭ ସକାଳ ।

ନିଦ ସମ୍ପୂର୍ଣ୍ଣ ରୂପେ ଛାଡ଼ି ନ ଥାଏ, ମୁହଁ କୁ ଆଉଁସି ମୁଣ୍ଡ କୁଣ୍ଢେଇ ବହୁ କଷ୍ଟ ରେ ଉଠିଲି ସିନା ହେଲେ ପୁଣି ତକିଆ ଟାକୁ ଧରି ମୁଣ୍ଡ ରଖି ଶୋଇପଡ଼ିଲି ପାଖରେ ଥିବା ମୋର ପଢ଼ା ଟେବୁଲ୍ ଉପରେ। ସେଇ ଟେବୁଲ୍ ପାଖରେ ଝରକା ସୂର୍ଯ୍ୟ ରଶ୍ମି ତୀକ୍ଷ୍ଣ ବେଗେ ଆସି ପୁଣି ମୋ ଉପରେ ପଡିଲା ଆଉ ନିଦ ଭାଙ୍ଗିଗଲା ହେଲେ ଉଠିବାକୁ ଇଚ୍ଛା ନାହିଁ। ସେଇଭଳି ପଡ଼ି ରହିଲି ... କିଛି ସମୟ ପରେ ଟିକେ କଢ଼େଇ ହୋଇ ଝରକା ଆଡେ ଅର୍ଦ୍ଧମୁଦ୍ରିତ ଚକ୍ଷୁ ରେ ଅନେଇଲି । ଆରେ ! ଏ କ'ଣ ଝରକା ର ପରଦା ଆଢୁଆଳରେ ଚିକ୍କଣ ରଶ୍ମି କୁ ମଧ୍ୟ ଟପି ଯାଇ ନିଜ ସୌନ୍ଦର୍ଯ୍ୟ ର ପ୍ରଚାର କରିବାକୁ ନ ପଛେଇ ସଭିଙ୍କୁ କରୁଛି ମତ୍ତ । କିଏ ସେ ରୂପ ନିରୁପମା? ସୂର୍ଯ୍ୟ କିରଣ ରେ ଆହୁରି ଝଲସି ଉଠୁଛି । ଆଉ ବିଛଣା ଉପରେ ପଡ଼ି ରହିପାରିଲିନି ଧଡ଼୍ କରି ଉଠିଗଲି ଆଉ ଚାଲିଲି ଦେଖିବା ପାଇଁ ସେ କିଏ । ଆକାଂକ୍ଷା ରେ ବିହ୍ୱଳିତ ହୋଇ ଆଉ କବାଟ ପାଖକୁ ନ ଯାଇ ଝରକା ଆଡକୁ ଦ୍ରୁତ ଗତିରେ ଅଗ୍ରସର ହେଲି । ଆଃ...... ମୁଣ୍ଡରେ ଝରକା ର ଲୁହା ରଡ୍ ଆଘାତ ଲାଗିଲା ବହୁ ଜୋର୍ ରେ କାହିଁକି ନା ଚକ୍ଷୁ ଖାଲି ସେଇ ସୌନ୍ଦର୍ଯ୍ୟା ଉପରେ ହିଁ ରହିଥିଲା,କାଳେ ଯଦି କେଉଁ ମରୀଚିକା ହେଇଥିବ ମୁଁ ଟିକେ ଅନ୍ୟମନସ୍କ ହେଲେ ସେ ଉଭେଇ ଯିବ । ମୁଣ୍ଡ ରେ ଆଘାତ ଲାଗିଥିବା ଜାଗାରେ ହାତ ଆଉଁସି କବାଟ ଖୋଲି ବାହାରକୁ ବାହାରିଲି ଆଉ ଆସିଗଲି ସେଇ ନିର୍ଦ୍ଧାରିତ ସ୍ଥାନ କୁ । ଆରେ !! ଇଏ କ'ଣ, ଏ ତ ଆମ ବଗିଚା । ଆଉ ସେଇ ଆକର୍ଷିତା ଜଣକ ହେଉଛି ବଗିଚାର ଫୁଲ ଟିଏ ଯିଏକି ମୋତେ ଡାକିଆଣି ଥିଲା ଏପର୍ଯ୍ୟନ୍ତ । ସବୁଜ କିଶଳୟ ମଧ୍ୟରେ ପ୍ରସ୍ଫୁଟିତ ସେଇ ଫୁଲ ସତେ କାମଦେବ ଙ୍କ ର ଏକ ସ୍ୱତନ୍ତ୍ର ସୃଷ୍ଟି । ନିୟତି ସମସ୍ତ ସୌନ୍ଦର୍ଯ୍ୟ ର ଖଣି ତା ପାଖରେ ହିଁ ଉଜାଡ଼ି ଦେଇଛି । ତାର ସେଇ ଖିଲି ଖିଲି ହସ କୁ ଦେଖି ମୋ ଓଠ ରେ ବି ସ୍ମିତହସ କେତେବଳେ ଆସିଯାଇଛି ମୋତେ ଜଣା ନାହିଁ କିଛି ସମୟ ପାଇଁ ସ୍ଥାଣୁ ପାଲଟି ଯାଇଛି ତାର ସେଇ ରୂପରେ ବିମୋହିତ ହୋଇ । ମାଦଳିତ ହୋଇ ମତ୍ତ ଭ୍ରମର ଚାରିପାଖେ ଘୁରିବୁଲୁଛନ୍ତି ଆଉ

ISSN NO.
2582-208X

ତତ୍ ସହ ଅନ୍ୟ ସାଙ୍ଗ ଙ୍କୁ ମଧ୍ୟ ଡାକିଆଣୁଛି , କାଳେ ସେ ଫୁଲ କୁଆଡ଼େ ପଳେଇବ । ସେହି ଫୁଲ ର ସେହି ହସ, ଚାହାଣି, ଆଉ ଇଶାରା ରେ ମୋର ସମସ୍ତ କ୍ଲେଶ, ତିକ୍ତତା, ଦୁଃଖ ଦୂର ହେଇଗଲା ଆଉ ଅନୁଭବ ହେଲା ସତେ ମୁଁ ଦର୍ଶନ କଲି ଭଗବାନ ଙ୍କ ଚିରଯୌବନ ର ଏକ ସତ୍ତା ଙ୍କୁ । ମୃଦୁ ପବନେ ସେ ନିଜ ମୁଣ୍ଡକୁ ପବନ ର ଗତି ର ଦିଗ କୁ ନିରୀକ୍ଷଣ କରି ଧୀରେ ଧୀରେ ଏପଟ ସେପଟ କରୁଛି ଉଃ .... କି ରୂପ ଲାବଣ୍ୟ ! ମୁଁ ବିମୋହିତ ହୋଇଗଲି ।

ମଧୁମକ୍ଷୀ ଆଉ ଭ୍ରମର ମାନଙ୍କ ମଧ୍ୟରେ ଫୁଲ କୁ ଛୁଇଁବା ନିମନ୍ତେ ସତେକି ପରସ୍ପର ମଧ୍ୟରେ ଚାଲିଛି ପ୍ରତିଯୋଗିତା, ତା' ମଧ୍ୟରେ କିଛି ପ୍ରତିଯୋଗିତା ରୁ ଦୂରରେ ରହି ଫୁଲ ର କୋମଳ ଅବୟବ କୁ ଧିରେ ସ୍ପର୍ଶ କରି ଚୁମ୍ବନ କରେ କି.... ଲାଜରେ ଝାଉଁଳି ଯାଏ ଫୁଲ। ତା'ର ସେହି ନିଷ୍ପାପ, ପବିତ୍ର ମୁଁଖ ଦର୍ଶନ ରେ ଆଜି ଦିନ ମୋର ଭଲ ରେ କଟିବ ।

ଠିଆ ହୋଇ ଥାଏ ବାହାରପାଖ ଝରକା ତଳେ । ଝରକା ଉପରେ ବାହାର କୁ ବାହାରିଥିବା କାନ୍ଥ ରେ ପଡ଼ିଥିବା ଶିଶିର ବିନ୍ଦୁ ଆସି ପଡିଲା ମୋ ମୁଣ୍ଡ ଉପରେ। ଆରେ... ଇଏ ତ କିନ୍ତୁ ଶୀତ ଋତୁ ନୁହେଁ ତାହାଲେ କାକର .... କେଉଁଠୁ ଆ.. ସି..ଲା କହି ଉପରକୁ ଅନେଇଲା ବେଳକୁ ମା' ଛାତ ଉପରେ ଫୁଲ ଗଛ ରେ ପାଣି ଦେଉଛନ୍ତି, ଆଉ ସେଇ ଗଛ ର ପତ୍ର ର ପାଣି ବିନ୍ଦୁ ଆସି ମୋ ମୁଣ୍ଡରେ ପଡିଲା ।

ହଠାତ୍ ମୋ ମାଆ ଛାତ ଉପରୁ ଡାକିଲେ ... ମୁନା ତୁ ସେଇଠି କ'ଣ କରୁଛୁ ? ଯା... ନିଜ କାମରେ ଲାଗିପଡ଼ ପୁଣି କଲେଜ ପାଇଁ ଲେଟ୍ ହେଲେ, ତୁ ରାଗ ରେ ଗର ଗର ହେବୁ ଆଉ ସେଥିପାଇଁ ମୋତେ ହିଁ ହଇରାଣ ହେବାକୁ ପଡ଼ିବ । ବୁଝିଲୁ ... ଆରେ ଆଉ ସେଠି ଛିଡ଼ା ହୋଇ ରହନା ବାବା .. କ'ଣ କରୁଛୁ ସେଇଠି ? ଯା.... ।

ଉତ୍ତର ରେ ମୋର ମାଆ ମୁଁ ଆଜି ଜୀବନର ଏକ ନିଛକ ସତ୍ୟ କୁ ଅନୁଭବ କଲି। ଯାହାକି ବହୁ ଆଗରୁ କରିବାର ଥିଲା ହେଲେ ଏଇ ମୋହ ର ମାୟା ଜାଲେ ଛନ୍ଦି ହୋଇ ମୁଁ ଅବହେଳା କରିଦେଇଛି ବହୁ ସମୟ ଆଉ ତାର ପ୍ରାୟଶ୍ଚିତ ମୁଁ କରିବି ନିଶ୍ଚେ । ମାଆ

ISSN NO.
2582-208X

ମୋର କିଛି ବୁଝିନପାରି ଅବାକ୍ ହୋଇ ମୋତେ ଚାହିଁ ରହିଲେ । ସେପଟେ ପାଣି ପାଇପ୍ ର ପାଣି ଫୁଲ ଗଛ କୁଣ୍ଡ ରେ ପୂର୍ଣ୍ଣ ହୋଇ ତଳକୁ ବୋହିଗଲାଣି ....

ଦୌଡ଼ି ଗଲି ମୁଁ ଛାତ ଉପରକୁ ଯେଉଁଠାରେ ଭେଳିକି ଭେଳି ନାନା ପ୍ରକାର ଫୁଲ ମାନଙ୍କର ସମାହାର ଗଢ଼ିତୋଲିଥିଲା ସ୍ୱର୍ଗପୁର ।। ମା'ଙ୍କ ହାତରୁ ପାଇପ୍ ତ ନେଇଯାଇ ପାଣି ଦବାକୁ ଲଗିପଡ଼ିଲି ଆଉ ଅନୁଭବ କଲି ଅତୃପ୍ତ ଶାନ୍ତି । ଜୀବନ ର ସର୍ବୋତ୍ତମ ଆନନ୍ଦ। ସେହି ଫୁଲ ଗଛ ସବୁ ସିନା ଆକାରରେ ଛୋଟ ହେଲେ ତାଙ୍କ ଦାନ ସୁଦୂର ପ୍ରସାରି .... କ୍ଷୁଦ୍ର ହୋଇ ମଧ୍ୟ ଅନ୍ୟ କୁ ବଞ୍ଚାଇବାକୁ ଅନବରତ ସୃଷ୍ଟି କରେ ଅମ୍ଳଜାନ। ପାଣି ଦେବା ସମୟ ରେ ମୋର ଅନୁଭବ୍ୟ ଯେ ଜୀବନ ର ସବୁ ଖୁସି କୁ ମୁଁ ସାଉଁଟି ଆଣିଛି ଏକାଥରକେ।

ଆଉ ଅନୁଭବ କରିଛି ଆତ୍ମୀୟତା ର ସହିତ... । ଏପଟେ ମାଆ ମୋତେ ଆଉ କ'ଣ ସବୁ କହିଛନ୍ତି ମୁଁ କିଛି ଶୁଣିପାରିନାହିଁ ... ଫୁଲ ଯେ ମୋତେ ବନ୍ଧନ କରିଦେଇଛି ତାର ଶୃଙ୍ଖାରେ ତେବେ ଅନ୍ୟ କିଛି ମୋତେ ଅବା ଭେଦ ହେବ କିପରି ।

ବିଦେଇପୁରପାଳ,
ବାସୁଦେବପୁର, ଭଦ୍ରକ

ISSN NO.
2582-208X

# ବନ୍ଦେ ଉତ୍କଳ ଜନନୀ
# ଆମ ପାଇଁ ବି



ଡୁଇଟ ଡେଭିଡ ଫୀଲିପ

ମୁଁ ବି ଗାଉଛି,
ତୁମ ମନରେ ଖୁସି,
ମୋ ମନରେ ନାହିଁ ତୃପ୍ତି,
ମୋତେ ଏମାନେ କହୁଛନ୍ତି, ଇଏ କ'ଣ ମୁହିଁ ଶୁଖାଇ ଗାଉଛି ?

ଚାରୁ-ହାସମୟି ଚାରୁ-ଭାଷମୟି,
ଜନନୀ, ଜନନୀ, ଜନନୀ, ବିଚ୍ଛିନ୍ନାଞ୍ଚଳବି,
ଚଇବଶା, ସଢେଇଖଳା ଖରଶୁଆ, ମାଁ ବିନା ଗାଉଛି!

ମୁଁ ସଂଗ୍ରାମ କରିବି, ସ୍ୱାଧୀନ ରାଜ୍ୟ ହେବି
ତୁମ ନାମ ଓଡ଼ିଶା, ମୁଁ ଉତ୍କଳ ବୋଲାଇବି ।
ଜନନୀ, ଜନନୀ, ଜନନୀ,
ବନ୍ଦେ ଉତ୍କଳ ଜନନୀ ।

ମୋର ନାହିଁ
ତାଳ-ତମାଳ ସୁଶୋଭିତ ତୀରା,
ଶୁଭ୍ର-ତଟିନୀ-କୂଳ ଶୀକର-ସମୀରା,

ISSN NO.
2582-208X

ଯୋଡିଲେ ସିନା ମୁଁ ଗାଇବି
ଜନନୀ, ଜନନୀ, ଜନନୀ,
କିନ୍ତୁ ବନ୍ଦେ ଉତ୍କଳ ଜନନୀ ।

ଯାହାବି ଯଥେଷ୍ଟ ଆମ ପାଇଁ
ପ୍ରଦେଶ ଆମ ଉତ୍କଳ ନୁହେଁ କି ଓଡ଼ିଶା ନୁହଁଇ
ସଂଗ୍ରାମ ଆମ ଲାଗିଛି
ଓଡ଼ିଆ କଲେଜରେ ପଢା ଯାଉନି
ସଂସ୍କୃତି, ଭାଷା, ରୀତି ନୀତି ଲୋପ ପାଉଛି,
ଜନନୀ, ଜନନୀ, ଜନନୀ,
କିନ୍ତୁ ବନ୍ଦେ ଉତ୍କଳ ଜନନୀ ।

ଗୁଇବସା, ଝାଡ଼ଖଣ୍ଡ
ଫୋନ:୯୪୩୭୧୦୪୩୦୩
https://www.pensofdavid.com/

ISSN NO.
2582-208X

# ମିଛେ ଗର୍ବ କର ନାହିଁ



ଅନନ୍ତ କୁମାର

ଛଅ ଖଣ୍ଡ ବାଉଁଶ ଲୋଡା ହେବ
ସଭିଙ୍କ ପାଇଁ ଦିନେ
ଲୋଭ, ମୋହ, ମାୟା କାହିଁକି କର
ମିଛେ ଏ ପାପ ମନେ।

ପ୍ରାଣ ଉଡିଗଲେ ଛିଡିବ ସମ୍ପର୍କ
ଏ ସଂସାର ବନ୍ଧନରୁ
ଶରୀର ଜଳିଗଲେ ଲିଭିବ ନାମ
ଏ ଦୁନିଆ ସମାଜରୁ।

କେହି ନୁହଁ ତୋର କିଛି ନୁହଁ ତୋର
ଏ ସଂସାର ଭିତରେ
ତଥାପି କାହିଁକି ଗର୍ବ କରୁଅଛୁ
ସଦାସର୍ବଦା ମନେ ।

ପ୍ରାଣ ଥିଲେ ମଣିଷ ଶରୀରେ
କରୁଥିବେ କେତେ ଆଦର।
ଉଡିଗଲେ ପ୍ରାଣ ବାୟୁ ଥରେ,
ମଡା କହି କରିବେ ବାହାର ।

ISSN NO.
2582-208X

ଗଣି ଗଣି ଛଅ ଖଣ୍ଡରେ ଶୁଆଇବେ
ଖଣ୍ଡେ କାଠ ଅଧିକ ଦେବେ ନାହିଁ।
ଏକ ଦୁଇ କରି ବାର କ୍ରିୟା ପାଳିବେ ।
ମୁହୂର୍ତ୍ତେ ଅଧିକ ପାଳିବେ ନାହିଁ।

ପାଣିର ଫୋଟକା ଅଟେ ମଣିଷ ଜୀବନ
କ୍ଷଣିକରେ ଯିବ ମିଳେଇ
ତୁଚ୍ଛାଟାରେ ଗର୍ବ କାହିଁକି ଆମେ କରିବା
ଶ୍ରେଷ୍ଠ ପ୍ରାଣୀ ବିବେଚିତ ହୋଇ ।

ତିହିଡି, ଭଦ୍ରକ,
ଯୋଗାଯୋଗ-୮୩୩୯୯୩୯୯୨୯
କାର୍ଯ୍ୟକାରୀ ସମ୍ପାଦକ
ଜାତୀୟ କବି ଲେଖକ ସଂଗଠନ

ISSN NO.
2582-208X



# ସ୍ୱପ୍ନ

ପୂଜା ଷାଣ୍ଡ

ନିଦରେ ଆମେ ଯେଉଁ ସ୍ୱପ୍ନ ଦେଖୁ
ତାହା କେବେ ସତ ହୋଇ ନ ଥାଏ
ଆଉ ଯାହା ସତରେ ଚାହୁଁ
ତାହା ନ ମିଳିଲେ ସ୍ୱପ୍ନ ହୋଇ ରହିଯାଏ

ସ୍ୱପ୍ନ ବି କେତେ ହୋସିଆର
କାହାକୁ ଦେଖା ଦେଇ ଲୁଚିଯାଏ
ତ କାହା ନିକଟେ ଏଇ ସ୍ୱପ୍ନ
ସତ ହେଉ ହେଉ ଅଧା ରହି ଯାଏ

ଏ ଅଧା ରହି ଯାଇଥିବା ସ୍ୱପ୍ନ ତ
ଜୀବନରେ ରାହା ଦେଖାଇ ଥାଏ
ଯାହାକୁ ପୂରା କରିବା ପାଇଁ ମଣିଷ
ସାତ ସମୁଦ୍ର ଡେଇଁ ଯାଏ

ଜନମରୁ ମରଣ ପର୍ଯ୍ୟନ୍ତ
ସ୍ୱପ୍ନ ମଧ୍ୟରେ ହିଁ ବିତିଯାଏ
ବିତୁଥିବା ଦିନ ଦେଖୁଥାଏ ସ୍ୱପ୍ନ
କେତେ ସ୍ୱପ୍ନ ଜିଇଁବାର କାରଣ ସାଜିଯାଏ

ଜିଲ୍ଲା-ବରଗଡ଼
ବିଜେପୁର ଡୀଗ୍ରୀ କଲେଜ /ଓଡ଼ିଆ ସମ୍ମାନ ୨ୟ ବର୍ଷ

ISSN NO.
2582-208X

# ଜଗପ୍ରତି ଦନୁଜାରୀ



ଅଭିଳାଶ ବାରିକ୍

ଜଗପ୍ରତି ଦନୁଜାରୀ ଶ୍ରୀହରି ବାଙ୍କବିହାରୀ ।
ଜଗଦୀଶ ପରମେଶ ମୋହନ ମୁରଲୀ ଧାରୀ ।
ଜଗନ୍ନାଥ ରାଧା କାନ୍ତ ନୀଳମଣି ମଧୁହାରୀ ।
ଜଗ ଖ୍ଜନ ବନ୍ଧୁ କୃପାସିନ୍ଧୁ ମୁକୁନ୍ଦ ମୁରାରୀ ।
ଜଗୁଜୀବନ ମୋହନ ନୀଳକନ୍ଦର ବିହାରୀ ।
ଜୟ ଜୟ ଦେବରାୟ ଶଙ୍ଖ ଚକ୍ର ଗଦା ଧାରୀ ।
ଜୟ ଜୟ ହୃଷୀକେଶ ନାମ ପାବନ ଯାହାର ।
ଜଗବନ୍ଧୁ କୃପାସିନ୍ଧୁ ଦୀନ ବନ୍ଧୁ ରମା ବର ।
ଜପ ମନ ବୃନ୍ଦାବନ ଶ୍ୟାମ ଘନ ନୀଳଗିରି ।
ଜାମଲା ଭଞ୍ଜନ କୃଷ୍ଣ ଜନାର୍ଦନ ପୁତନାରୀ ।
ଜଗମୋହନ ଶ୍ରୀକୃଷ୍ଣ କଂସାରୀ ବକାରୀ ହରି ।
ଜାମୁଡ଼ାଳିଆ କାଳିଆ ଅଗ୍ରଜ ଯା ହଳଧାରୀ ।
ଜୀବର ପରମ ସେହି ଭାବ ଗ୍ରାହି ଦାନବାରୀ ।
ଜୀବକୁ ଆଣଇ ଟାଣି ଲଗାଇନ ତାର ଡୋରି ।

ISSN NO.
2582-208X

ଜଗତ ଜନ ରଞ୍ଜନ ମନମୋହନ ଶ୍ରୀହରି ।
ଜୟ ବାନା ପତିତପାବନ ଅଟଇ ଯାହାର ।
ଜଗବନ୍ଦନ ଶ୍ରୀ କୃଷ୍ଣ ବନମାଳୀ ବଂଶିଧାରୀ ।
ଜିତେନ୍ଦ୍ରିୟ ଦେବରାୟ ଘରଣୀ ଯାହାର ଶିରୀ ।
ଜୀବ ଜନମ ମରଣ କାରଣ ସେ ବେଣୁ ଧାରୀ ।
ଜନ୍ତୁପତି ଭୟ ହାରୀ ପାର୍ଥ ସଖା ଦନୁଜାରୀ ।

ନମତସ୍ ଶାଖା ଡାକଘର
ରାଜକନକା, କେନ୍ଦ୍ରାପଡା/୭୮୦୯୮୨୯୦୫

ISSN NO.
2582-208X

# ମୁର୍ଦାର



ଲକ୍ଷ୍ମୀଧର ସାହୁ

ବାହାରେ ଚେୟାର ଦିଓଟି ପକେଇ ପାଇପ ରୁ ଧୂଆଁ ପରେ ଧୂଆଁ ଟାଣୁ ଥାନ୍ତି ରାୟବାହାଦୁର କେଦାରନାଥ ଚୌଧୁରୀ । ତାଙ୍କ ଧଳା ପାଇଜାମା ସହ ବାହାରୁଥିବା ଧୂଆଁ ଟା ଖୁବ ମେଳ ଖାଇଯାଏ । ମୁଁ ଆପାଦମସ୍ତକ ତାଙ୍କୁ ଅନୁଧ୍ୟାନ କରୁଥିଲି କେତେବେଳୁ । ମୁଣ୍ଡ ରେ ଚୁଟି ତାଙ୍କ କେଉଁ ଅମଳ ରୁ ବୋଧେ ପାଚିଲାଣି । ମସ୍ତକ ର କପାଳ ପାଖ ଅଂଶଟା ଟିକେ ଚନ୍ଦାଳିଆ । କଳା ମଚ ମଚ ଚମ । ମୁହଁଟା ଧୀରେ ଧୀରେ ସଂକୁଚିତ ହେବାକୁ ଲାଗିଛି ପରିଣତ ବୟସର ପଟି ପଟି ଦାଗରେ କିନ୍ତୁ କେଦାର ବାବୁ ବେଳେ ଆଖି କୁ ନାଲି ଏବଂ ବିଶାଳ କରି ତାକୁ ପ୍ରସାରିତ କରୁଥାନ୍ତି । କହରା ନିଶ । ମଝିରେ ମଝିରେ ରେଶମୀ ଧଳା ରୁମାଲରେ ପୋଛି ପକାଉଥାନ୍ତି ମୁହଁକୁ । ଗାଲଟା ତଳକୁ ଓହଳି ଗଲାଣି । କାନରେ ଶୋଭା ପାଉଛି ସୁନାର ଦୁଇ ହଳ କୁଣ୍ଡଳ ।

ସେ ନିଶାରୁ ଉଠି କେତେବେଳେ ଗ୍ଲାସଟାକୁ ହାତରେ ଉଠାଇଲେ ହାତ ର ସୁନା ଭେସଲେଟ ଟା ଚମକି ଉଠେ ଲଣ୍ଠନର ତେଜରେ ।

ସମୟ ତର ତର ହେଉଛି । ଲଣ୍ଠନର ଧୂଆଁ ସହ ଉର୍ଦ୍ଧ୍ୱମୁଖି ହେଇ ବଢିଚାଲିଛନ୍ତି ସିଗାରେଟ ର ଧୂଆଁ ଗୁଡା ଉପରକୁ ଉପରକୁ । ସେଇ ଉପରେ ପୁଣି ପୂର୍ଣ୍ଣମୀ ଜହ୍ନଟା କେତେବେଳୁ ଉଆଁସୀ ହେଇ ସାରିଲାଣି କାଳ ବୈଶାଖୀର କୃଷ୍ଣାୟ ପଣତରେ । ଧିମା ଧିମା ପବନ ଧୀରେ ଧୀରେ ତାଳ ଦେଇ ବେଗଟାକୁ ମଧ୍ୟ ବଢ଼େଇ ଚାଲିଛି । ବାଡ଼ିରେ ଆମ୍ବ ଗଦା ହେବାର ଶବ୍ଦ ଟିକେ ଟିକେ । ପରେ ଗୋଟେ ବଡ଼ ନଥ୍ କିନା ହେବାର ଶବ୍ଦ । ବୋଧେ ନଡ଼ିଆଟେ ପଇଲା

ISSN NO.
2582-208X

ନା କଣ । ପରେ ବିଲୁଆର ପ୍ରହରକିଆ ହୁକେ ହୁ । ଗୋଟେ ଶୁଖିଲା ଘଡଘଡିଟା ପଇଲା ଏଇ ସମୟରେ ।

ମୁଁ କେଦାର ବାବୁଙ୍କୁ କହିଲି, "ବାବୁ, ଦସ୍ତଖତ ତ ସବୁ ସରିଲାଣି । ଏବେ ମୁଁ ଯାଉଛି ଏଠୁ । ରାତି ବି ବହୁତ ହେଲାଣି । "

ବାବୁ ଗିଲାସରୁ ମୁହଁ ଟା କାଢି କହିଲେ, "ବାବୁ ମଦଟା ଢ଼ାଳିଲ ଗ୍ଲାସରେ ଟିକେ । ବଢିଆ ପେଗଟେ ବନେଇବା ।"

ଓଃ! ଅସ୍ୱାଭାବିକ । ଏମିତି ପୁଣି କରିବାକୁ ପଡିବ ? ମୁଁ ଭାଟ - ୬୨ ଟା ଉଠେଇ ଦେଲି । ସେ ଏକାଥରେ ଦୁଇ ତିନି ପେଗ ର ହୁଇସକି ଢାଳିନେଲେ । ମୁଁ ମନେ ମନେ ଭାବିଲି, "ବାବୁ ଙ୍କୁ ବୋଧେ ପେଗ ମାପି ଆସେନି । ମଦ ପିଇବାରେ ଅଭ୍ୟସ୍ତ ନୁହନ୍ତି ।"

ମୁଁ ଟିକେ ମୁଖୁରା ହସଟା ଦେଇଦେଲି । ବାବୁ ଗାଢା ଗାଢା ଆଖିରେ ମୋତେ ଚାହିଁ କହିଲେ, "ବାପା, କଣ ଭାବୁଛ ମଦ ପିଇ ଆସେନି କି ? ଆରେ ଟମାଟୋ ଜୁସ ସୋଢା ନାହିଁ ନହେଲେ ଭୋଦକାରେ ପକେଇ ବଢିଆ ବ୍ଲଡିମେରୀ କକଟେଲ କରିଥାନ୍ତି । ଆଉ ଏ ହୁଇସକି ଦେଖୁଛ । କଷ୍ଟମସ ମାଲ । ବୁନିୟାଡ ସ୍କଚ । ଖାଲି ନିଶା ହେବା ପାଇଁ ବିନା ପେଗ ମାପରେ ପିଉଚି । ତୁମେ ପିଇବ କି ? "

ମୁଁ ମୁଣ୍ଡଟାକୁ ହଲେଇ ଅସମ୍ମତି ପ୍ରକାଶ କଲି । କିନ୍ତୁ ମନ ଭିତରେ ଖେଳିଗଲା ଭାବନାର ଜୁଆର, "ବାବୁଙ୍କ ଭଳି ବଡ଼ ଘର ଥାନ୍ତା କି ? ଧନୀ ହୋଇଥାନ୍ତି କି ? ଖାଲି ଏଭଳି ବାବୁଙ୍କ ସମ୍ପତ୍ତିର ଗୁମାସ୍ତା ଗିରି କରିବାରେ କିଛି ଲାଭ ନାହିଁ ।

ମୋ ମୁହଁକୁ ଧୂଆଁ ଟିକେ ପକେଇ ଦେଇ ବାବୁ ପୁଣି କଥାକୁ ଦୋହରାଇଲେ, "ବାବୁ ଆଜିକ ଏଇଠି ରହିଯାଅ ।"

ISSN NO.
2582-208X

ମୁଁ ଯିବା ନଯିବା ଭିତରେ ଦ୍ୱନ୍ଦ୍ୱ ରେ ଥିଲି କି ଆକାଶର ଛାତିକୁ ଚିରି ସୌଦାମିନୀଟେ ଆସି ଛିଡ଼ିକି ପଡିଲା ଖଣ୍ଡେ ଦୂରରେ ଗୋଟେ ଉଚ୍ଚା ଶବ୍ଦ ସହ ।

ମୋ ଛାତିରେ ଭୟର ସୁନାମି । ଛାତି ରେ ନଣ୍ଡାଏ ଛିପ ମାଖିଲା ବେଳକୁ ବର୍ଷାର ପ୍ରକୋପ ବୃଦ୍ଧି ଘଟିଛି । ବାବୁ ଚେଇଆର ଦିଟା କୁ ହାତ ରେ ଧରି ଉଆସ ଭିତରକୁ ଦୌଡିଲେ । ସାଙ୍ଗ ରେ ଗ୍ଲାସ ଦିଟା କୁ ଧରି ମୁଁ ଭିତରକୁ ପଶିଗଲି ।

ପରେ ବାବୁଙ୍କୁ ଦେଖିଲି ସେ ଢଳି ଢଳି ଅସ୍ଥିର ଭାବେ ପଦଚାରଣା କରୁଥିଲେ ବାରଣ୍ଡା ଭିତରେ । ଝରକା ଗୁଡାକ ଅସ୍ଥିର ଭାବେ ପବନ ରେ ଦୋହଲୁଥାନ୍ତି । ଗୋଟେ ଝରକା ବାଜିଥାନ୍ତା ଏବେ । ଭାଗ୍ୟ ଭଲ ବାବୁ ବଂଚିଗଲେ । ମୁଁ ବାବୁ ଙ୍କ ପଛେ ପଛେ ଗଲି । ଝରକା କୁ ଯଥାସମ୍ଭବ ବନ୍ଦ କରି କରି ତାଙ୍କ ପାଦ ରେ ପାଦ ବଢ଼ାଇ ଚାଲିଥାଏ ।

ଏହିକ୍ଷଣି ଧକ୍କା ହେଇ ପଡିଲେ ଗୋଟେ ଗମଲା ସହ । ଫୁଲ ସହ ପାଣି ବିଛାଡି ହେଇ ପଡିଲା ଚଟାଣ ସାରା । ମୁଁ ସାହେବ ଙ୍କୁ ଚଟାଣ ରେ ଉଠେଇ ସ୍ୱାଭାବିକ କଲି । ପରେ ବାବୁ ଙ୍କ ପଛେ ପଛେ ତାଙ୍କ ତାଳ ଦେଇ ଯିବାକୁ ଚେଷ୍ଟା କଲି । ଦୁଇ ହାତ କୁ ତାଙ୍କ ଅଣ୍ଟା ଠୁ ସାମାନ୍ୟ ବ୍ୟବଧାନ ରେ ଦେଇ ଚାଲୁଥାଏ । ଯେମିତି ସେ ପଡିଗଲେ ମୁଁ ଧରିପାରିବି ।

"ଆଚ୍ଛା ବାପା । ଏବେ କଣ କରୁଚ ? "

"ସାର । MBAସରିଲା । ଭାବୁଛି ବିଜିନେସ ଆରମ୍ଭ କରିବି ବୋଲି । "

"ଆରେ ଏବେ କଣ କରୁଚ ? "
"ଏବେ ଗାଁ ରେ ଅଛି । ବାପା ଯେହେତୁ ଆପଣଙ୍କ ସମସ୍ତ ସମ୍ପତି ର ହିସାବ ରଖୁଥିଲେ । ସେଇ କାମଟା ଶିଖୁଛି ବାପା ଙ୍କ ଠୁ ଏବେ । "

" ଓଃ ଖୁବ ଭଲ । ଧନୀ ହେବାକୁ ଚାହୁଁଚ ବୋଧେ ? "

ISSN NO.
2582-208X

"ହଁ ନିଜ ପଇସା ରେ । ମୁଁ ଜାଣିଛି କେବଳ ଦୁନିଆ ର ସମସ୍ତ ବନ୍ଧନ କୁ ପାଦ ରେ ଆଡେଇ ଜୀବନ ସଫଳତା ର ବ୍ୟବଧାନ କୁ ଯେତେବେଳେ କମ ସମୟରେ ଅତିକ୍ରମ କରିପାରିବି ଊର୍ଦ୍ଧ୍ୱ ଶ୍ୱାସ ବାହି । ଜୀବନ ଯୁଦ୍ଧ ରେ ସେତେ ଦିଗବିଜୟୀ ରୂପେ ପରିଗଣିତ ହେବି । "

ସେ ସାମାନ୍ୟ ହସି ଦେଇ କହିଲେ, "ପ୍ରେରଣା କେଉଁଠୁ ପାଇଲ ? "

" ଆପଣଙ୍କ ଠୁ । "

ସେ ଆହୁରି ଜୋରରେ ଜୋରରେ ହସି । ବଢିଚାଲିଥାନ୍ତି ବାରଣ୍ଡା ରେ । ହଠାତ ଗୋଟେ ଜାଗା ରେ ରହିଗଲେ । ସେଉଠୁ କବାଟ ଟା ଖୋଲି ଦେଲେ ଗୋଟେ କୋଠରୀ ର ।

ମୁଁ ରୁମ ଚାରି ପଟ କୁ ଦେଖିଲି, ଧୂଳି ରେ ଚାରି ପଟ ନିମଗ୍ନ । ପାଖକୁ ଗୋଟେ ଆଲମାରୀ ଓ ଆଲେଣା ।  ଆଲେନା ରେ ଅନେକ ଡିଜାଇନ ର କଟକୀ ସମ୍ବଲପୁରୀ ଶାଢୀ । କେଉଁଠି କେଉଁଠି ବୁଢିଆଣୀ ବସା ବି ହୋଇଯାଇଛି । ମୁଁ ଆଲମାରୀ ରେ ହାତ ପ୍ରଖାଳୁଥିବାର ଦେଖି ସେ କହିଲେ, " ଗନି ସେଥିରେ । " କିନ୍ତୁ ମୋ କୌତୁହଳମୟୀ ହାତ କଣ ରହୁଛି ?

ଉପର ସ୍କାଇଲାଇଟ ରୁ ଟିକେ ଟିକେ ଆଲୋକ ପଡି ଚିକ ଚିକ କରୁଛି ଗୋଟେ ଜିନିଷ ଉପରେ ସେଇଟା ଦିଟା ପାଉଁଜି ବୋଧେ । ଖଟ ପାଖକୁ ଆଇନା ଗୋଟେ ଥୁଆ ହେଇଛି । ମୁଁ ଡ୍ରଇୟର ଟା ଖୋଲିଦେଲି । ବହୁ ଦିନ ରୁ ବନ୍ଦ ପଡିଥିଲା ବୋଧେ ତେଣୁ ଖୋଲିଲା ବେଳେ ଆସ୍ତେ ଟିକେ ଶବ୍ଦ ହେଲା । ସେଇଟା କଣ ଦେଖିବାକୁ ଗଲା ବେଳକୁ ବାବୁ ପଛରୁ ଡାକି କହିଲେ, "ଜାଣିଛ ? ଜାଣିଛ ତନ୍ମୟ । ଏଇ କୋଠରୀ କାହାର ?"

"କାହାର ?" ଡ୍ରୟିର ଭିତର ର ସିଙ୍ଗ ପାନିଆ ବାସ୍ନା ତେଲ ଖୋଳ ପୁରୁଣା ଜହ୍ନମାମୁଁ ପତ୍ରିକା କୁ ଖେଳେଇ ଖେଳେଇ କହିଲି ମୁଁ ।

ISSN NO.
2582-208X

ତାଙ୍କର ମୋ ପ୍ରତି ଦୃଷ୍ଟି ନାହିଁ । ସେ କହିଚାଲିଛନ୍ତି, "ଏଇ ଖଟ ଉପରେ ବସି ମୁଁ ମୋ ଝିଅ ମୁଣ୍ଡ ରେ ତେଲ ଲଗେଇ ଦିଏ । ଏଇ ଆଇନା ଆଗରେ ବସି ଝିଅ ଟା ସଜ ହେଉଥିଲା । ଚନ୍ଦ୍ରଝୁମ୍ପି, ବେକରେ ଖାସୁ ମାଳି, ହାତ ରେ କଙ୍କଣ, ମୁଣ୍ଡ ରେ ଖୋସା ଫୁଲ ବାନ୍ଧେ । ସବୁ ମୁଁ ତାକୁ ସଜ କରିଦିଏ । ତା ଓଠ ତଳେ ଚିତା କୁଟା ଲବଙ୍ଗ ଚିହ୍ନ ଟା ଏବେ ବି ମନେ ଅଛି ମୋର । କିନ୍ତୁ ?"

ଡ୍ରଇୟର ଭିତରୁ କିଛିଟା କାଗଜ ମିଳିଥିଲା ସବୁକୁ କାଢି ମୁଁ ଦେଖିଲି ଉପର ର ଦୁଇ ତିନୋଟି ଅକ୍ଷର । ପ୍ରିୟ ର ସୌଦାମିନି ।

"ଆପଣଙ୍କ ଝିଅ ନାଁ ବୋଧେ ସୌଦାମିନୀ ନା" ମୁଁ କହିଲି । ତାଙ୍କ ଦୃଷ୍ଟି ମୋ ଉପରକୁ ବୁଲି ସାରିଥାଏ । ସେ ଝଞ୍ଜାକ୍ରାନ୍ତ ସାଗର ଟେ ପରି ଟାଣି ନେଲେ କାଗଜ ଗୁଡାକ ମୋ ହାତ ରୁ । ସେଗୁଡାକ ଚିରି ଦେଲେ । କାଗଜ ଟୁକୁରା ଗୁଡାକ କାଳ ବୈଶାଖୀ ର ଧୂମାଳିଆ ପବନ ରେ ଉଡ଼ିକି ପଡିଲା ରୁମ ର ପ୍ରତି କୋଣ ରେ ।

କେଦାର ବାବୁ ଗୋଡ଼ ଟାକୁ ଫୁର୍ତ୍ତି କରି ଦୌଡ଼ି ଚାଲିଲେ । ତାଙ୍କ ସହ ତାଳ ଦେଇ ଯିବା ଏବେ କଷ୍ଟ । କେଜାଣି ଧୋତି ଟାକୁ ପିନ୍ଧି ଅଫିସିଆଲ ଚପଲ ଟେ ମଡ଼େଇ ଥିବା ତାଙ୍କ ପାଦ କେମିତି ମୋ ସ୍ପୋର୍ଟ ସୁ କୁ ଟକ୍କର ଦେଇ ପାରୁଛି ?

ମୁଁ ତାଙ୍କୁ ପଛରୁ କହୁଥିଲି, "ସାର । ଦୟାକରି ଖରାପ ଭାବନ୍ତୁନି । ମୁଁ ଏମିତି ଲାଗିଦେଲି । "

ସାର ଗୋଟେ ଜାଗା ରେ ସ୍ଥିର ହେଇ ରହିଗଲେ । ପରେ ଗୋଟେ ନିର୍ଦ୍ଦିଷ୍ଟ ଦିଗ କୁ ହାତ ଠାର ଦେଇଦେଲେ । ସେଇଟା ବୋଧେ ବାଲକୁନୀ । ବାଳକୁନୀ ରେ ଧାପା ଧାପା ବର୍ଷା ପାଣି ଛିଟିକି ପଡୁଛି । ଫୁଲ କୁଣ୍ଡ ରେ ଅର୍କିଡ଼ କିଛି କଅଁଳି ତଳକୁ ଚାହିଁ ଛନ୍ତି । ମୁଁ କାଠ ଧାର ରେ ହାତ କୁ ରଖି କହିଲି, " ଆରେ ବା । ୟାରୀ ଭିତରେ ତ ପୁରା ଭଲ ଭିୟୁ ଆସୁଛି । "

ସେ ଟିକେ ହସି ଦେଇ ବସି ପଡିଲେ ଗୋଟେ ପଲଙ୍କ ଉପରେ । ତା ଉପରକୁ ମୋ ନଜର ଯାଇ ନଥିଲା । ମୁଁ ଟର୍ଚ୍ଚ ଲାଇଟ ଟା ପକେଇଲି ସେ ଅନ୍ଧାରିଆ ଜାଗା କୁ । ସିଧା ଲାଇଟ

ISSN NO.
2582-208X

ପଏଣ୍ଟ ହେଇ ପଡିଲା ତାଙ୍କ ମୁହଁ କୁ । କିନ୍ତୁ ସେ ବନ୍ଦ କରିବାକୁ କହିଲେ । ଖାଲି ପଲଙ୍କ ର ଗୋଟେ ପାର୍ଶ୍ୱ ହିଁ ଦେଖି ପାରିଲି ।ଆଶ୍ଚର୍ଯ୍ୟ ର ସୀମା ରହିଲାଣି ଏତେ ସୁନ୍ଦର ସେଇଟି ।

ହାତୀ ଦାନ୍ତ ଖୁରା ତଳେ ରୁପା ର ବଇଠି । ବିରାଟ ବାକ୍ସ ଫିଟିଙ୍ଗ । ପଲଙ୍କ ର ଦୁଇ ଧାର ରେ ନୃତ୍ୟରତା ଦୁଇଟି ମୟୂରୀ । ସତେ କି ଶିଳ୍ପୀ ଟି ନିହାଣ ମୁନ ରେ କବିତା ଲେଖିଛି ।

ସେ ହସିଦେଇ କହିଲେ, "ଜାଣିଛ? ଏଇଟା ଶାଗୁଆନ ମଞ୍ଜ ରେ ହେଇଛି । ଖାଣ୍ଟି କାଠ । ହେଇ ହାତୀ ଦାନ୍ତ ଟା ନୁହେଁ ମୁଁ ଆଉ ମୋ ପୁଅ ଗୋଟେ ହାତୀ କୁ ମାରି କରି ଆଣିଥିଲୁ । ଏଇଠି ବସି ଆମେ ନାୟ ନିଶାପ କରୁଥିଲୁ । ସେତେବେଳେ ଓଃ କି ମଜା । ଏମିତି ବର୍ଷା ପାଗ ରେ ମୁଢି ଚନାଚୁର ସଙ୍ଗେ ଏଭଳି ଦୃଶ୍ୟ ଦେଖିବା ସତରେ ଲୋଭନୀୟ । "

ମୋ ମନ ରେ ପ୍ରଶ୍ନ ଟିଏ ଉଙ୍କି ମାରିଲା, "ସାର ଆପଣ ବେଳେ ବେଳେ ଆପଣଙ୍କ ଭାଇ ଙ୍କ କଥା କହୁଛନ୍ତି କି ବେଳେବେଳେ ଆପଣଙ୍କ ଝିଅ ଙ୍କ କଥା କହୁଛନ୍ତି କିନ୍ତୁ ସେମାନେ ବାସ୍ତବ ରେ ଏବେ କୁଆଡେ ଅଛନ୍ତି । "

ମୋ ପ୍ରଶ୍ନ ଟାକୁ ଶୁଣି ସାର ଟିକେ ଗମ୍ଭୀର ହେଇଗଲେ । ମୁହଁ ଟା ମୋ ଆଡୁ ବଙ୍କେଇ ଚାଲିଲେ ସିଧା ସିଧା । ବାହାରେ ବରଷା ସେମିତି ଗାଜୁଛି । ଝରକା ସବୁ ରୋକ ଠୋକ ଏପଟ ସେପଟ ହେବାରେ ଲାଗିଛନ୍ତି । ତାକୁ ଆଡେଇ ସେ ଚାଲିଛନ୍ତି । ତାଙ୍କ ପଛ ରେ ମୁଁ। ସେ ହଟାତ ଗୋଟେ ଜାଗା ରେ ଅଟକି ଗଲେ ।

ସେଇଠୁ ବାମ କୁ ରୁମ ଭିତରକୁ ପଶିଗଲେ । ମୁଁ କିନ୍ତୁପୁଣି ଏଥର ଗଲି ନାହିଁ । କାଳେ ଗଲେ ପୁଣି ସେ ମୁହଁ ଫୁଲେଇ ଦେବେ । ଗୋଟେ ଛାତିଥରା ଘଡ ଘଡି ଟେ ।

ମୋ ହୃତସ୍ପନ୍ଦନ ତେଜିକି ଥାଏ । ସେ ରୁମ ବାହାରକୁ ଆସିଲେ । ହାତ ରେ ବନ୍ଧୁକ ଛୁରୀ, ଅଣ୍ଟା ରେ ଚାବୁକ ଟାକୁ ମୋଡି । ମୁଁ କହିଲି, "ସାର ? "

ISSN NO.
2582-208X

ସେ ନିଶ ଟାକୁ ମୋଡି ଚିହିଁକି ଉଠି କହିଲେ, "ସାର ସାର କଣ ? ମୁଁ ରାୟବାହାଦୁର କେଦାର ଚୌଧୁରୀ । ଖାଉନ୍ଦ ବାବୁ ବୋଲି ଡାକ । "

ସେ ପରେ ଚାଲିଲେ । ମୁଁ ତାଙ୍କ ପଛେ ପଛେ । ଅନେକ ପ୍ରଳାପ ଚାଲିଥାଏ ତାଙ୍କର, "ଦେଖ ଆମ ଉଆସ ଟା କେଡେ ବଡ଼ । ପ୍ରାୟ ପାଞ୍ଚ ଏକର ଜମିରେ ହେବ । ଶହେ ସାତୋଟି ଟି ନଡ଼ିଆ ଗଛ । ପଚାଶ ଟି ତାଳ ଗଛ । ଅଶୀ ଟି ଆମ୍ବ ଗଛ । ଉଆସ ଦି କଡ କୁ ଦିଟା ପୋଖରୀ ମାଛ ଚାଷ ପାଇଁ । ଅମାର ଘର ଟା ଆମର ବହୁତ ବଡ଼ ।...... "

ଦୀର୍ଘ ଇତିହାସ । ସେ ଚାଲି ଚାଲି ସିଧା ତଳ ବାଡ଼ିକୁ ଚାଲି ଆସିଲେଣି । ବର୍ଷା ଟିକେ ଥମି ଥାଏ । ଜହ୍ନ ଜୋସନା ମୟ ଥାଏ ବାଡ଼ି ଟା ସାରା । ହଟାତ ପୁଣି ତାଙ୍କ ପ୍ରଳାପ ଆରମ୍ଭ ହୋଇଗଲା । ଚାବୁକ କୁ ଭୂଇଁ ରେ ଜୋରରେ ପିଟି କହିଚାଲିଥିଲେ, "କର ଦେବୁନି କି କର ଦେବୁନି ? କଣ ସୋଇଛୁ କର ଦେ ?"

ନିଶ ଅଗ ରେ ରାଗ । ଚାବୁକ କୁ ପବନ ରେ ଦୋହ୍ଲାଇ ବାରମ୍ବାର ସେଇ ଗୋଟିଏ କଥା କହୁଥିଲେ । ମୁଁ ଚାରିପଟ କୁ ଅନାଉଥିଲି କେହି ନଥିଲେ । ସେ କୋଦାଳ ଆଣି ମାଟି ଖୋଲିବାରେ ଲାଗିଲେ । କିଛି ସମୟ ପରେ କଣ ଗୋଟେ ଅଜୀବ ଚିଜ ଟେ ବାହାର କଲେ ତା ଭିତରୁ । ତାକୁ ଚାବୁକ ରେ ପିଟି ପିଟି ଧମକାଉଥି ଲେ । ମୁଁ ଅଜୀବ ଜିନିଷ ଟାକୁ ପଛକୁ ବୁଲି ଦେଖିଲା ବେଳକୁ ସେଇଟା ଗୋଟେ କଙ୍କାଳ ଟେ । ମୋ ଆଶ୍ଚର୍ଯ୍ୟ ସୀମା ରହିଲାନି ।

କଙ୍କାଳ ଟେ ସେ ତାର ଜୀବନ ନାହିଁ । ତଥାପି ତା ଉପରେ ଏତେ ରାଗ । ତା ଖପୁରି କୁ ଟାଣି ତା ନିର୍ଜୀବ ଶରୀର କୁ ପାଦ ରେ ଚକଡୁ ଛନ୍ତି ସେ । ଛି ।

ସେ ଦୁଇ ତିନିଟା ଗୁଳି ଦାବି ଦେଲେ ତା ଛାତି ରେ । ପୁଣି ପୋତି ଦେଲେ । କେମିତି ଗୋଟେ ତୃପ୍ତି ର ହସ, "ହାଃ ହାଃ ହାଃ । କେଦାର ର ସମ୍ପତି ରେ ଭାଗ ବସେଇଲେ ଏଇଆ ହେବ ।"

ISSN NO.
2582-208X

ମୋତେ ଆଉ ରହିବାକୁ ଇଚ୍ଛା ନଥାଏ ଭୟ ରେ ସେଠି ତେଣୁ ମୁଁ ଖସିବାକୁ ଯିବାକୁ ଚେଷ୍ଟା କରୁଥାଏ କି ସାହେବ ଦଉଡିବାକୁ ଲାଗିଲେ । ଢୁଳି ଢୁଳି ପଡିଯିବେ କାଳେ ସେଇ ଭୟ ରେ ମୁଁ ତାଙ୍କ ପଛ ରେ ଚାଲିଲି । ସେ ପହଁଚିଲେ ତାଙ୍କ ଝିଅ ସୌଦାମିନୀ ରୁମ ରେ ।

ମୁଁ ରୁମ ଭିତରକୁ ଗଲାବେଳକୁ ସେ ସେମିତି ପବନ ରେ ବିଳାପ କରୁଥାନ୍ତି, "ତୁ ଏ ଗାଡି ଡ୍ରାଇଭର କୁ ବାହା ହେଲୁ । ଛି । ସେ ଏବେ ମୋ ସମ୍ପତି ରେ ଭାଗ ବସେଇବ । ଛି । "

ଆଲମାରୀ କବାଟ ଖୋଲିଲା ବେଳକୁ ଦୁଇଟି ଛାୟା ମୂର୍ତ୍ତି ଖସି ପଡିଲେ ତଳେ । ସାହେବ ତଳକୁ ମୁହଁ କରି କହିଲେ, "ଯେତେ ମୋ ଗୋଡ଼ ତଳେ ପଡିଲେ ବି କିଛି ନାହିଁ । ମୋ ସମ୍ପତି ଖାନଦାନ ମୋର ବେଶୀ ପ୍ରିୟ । "

ଦୁଇଟା ଗୁଳି ତଳକୁ ମାରିଲେ । ମୋ କପାଳ ରେ ଝାଳ ର ବନ୍ୟା । ତିଳ ରୁ ତଳିପା ଯାଏଁ ଖସି ପଡୁଥିଲା ଝାଳ । ମୁଁ ଟର୍ଚ୍ଚ ଲାଇଟ ଟା ମାରିଲାରୁ ଦେଖିଲି, ଦୁଇଟା କଙ୍କାଳ ତଳେ ଲୋଟିଛନ୍ତି ସେଇଟାକୁ ଗୁଳି ମାରୁଛନ୍ତି ସେ । ମୁଁ ଯେତିକି ଅନୁମାନ କରୁଛି ଲୋକ ଟା ମସ୍ତବଡ଼ ପାଗଳ ବୋଧେ । ନିଜ ସମ୍ପତି ରକ୍ଷା ରେ ସେ ଏମିତି ଅନ୍ଧ ଅତୀତ ରେ କେତେ ଲୋକ ଙ୍କୁ ନ ମାରିଥିବ ?

ହଟାତ ମୋ ଆଡକୁ ଚାହିଁ ପ୍ରଳାପ କଲେ, "କିଏ କିଏ ତୁ ? ମୋ ଉଆସ ରେ କେମିତି ? ତୁ କିଏ ? "

ବନ୍ଧୁକ ର ମୁନ ଟା ମୋ ଆଡକୁ ଅଛି ବୋଲି ଦେଖି ମୁଁ ଦୌଡ଼ିଲି । ସେ ବି ମୋ ପଛେ ପଛେ। ମୁଁ ଉଆସ ର ଜାଣିଥିବା ଅଳ୍ପ କେତେଟା ରାସ୍ତା ରେ ଦୌଡ଼ିଲି । ଯାଇଁ ଆଶ୍ରୟ ନେଲି ପଲଙ୍କ ଟା ତଳେ ।

ମୋ ହୃତ ସ୍ପନ୍ଦନ ବହୁତ ଜୋରରେ ବଢୁଥିଲା । ତା ସହ ତାଳ ଦେଇ ବଢିଚାଲିଥିଲା ଝାଳ ର ବନ୍ୟା । ନିଜ ଶରୀର କୁ ଅତି ସଂକୁଚିତ କରି ତାରି ଭିତରେ ପଶିଚାଲିଥିଲି ଧୀରେ ଧୀରେ । ଚଟାଣ ରେ ବି ଝାଳ ଥୋପା ଥୋପା ପଡ଼ିଲାଣି । ସେଇଟା ବି ଓଦା ହେଇ ଗଲାଣି।

ISSN NO.
2582-208X

ନିଶ୍ୱାସ କୁ ପୁରା ଧୀର କରିଦେଲି । ସର୍ବାଙ୍ଗ ଝାଳ ରେ ବୁଡ଼ିଥିଲା । ସେ ପଶି ଆସିଲେ ବାଲକୋନୀ ଆଡେ । ବନ୍ଧୁକ ର ଫାଙ୍କା ଆୱାଜ କରି କହିଲେ, "ରେ ପ୍ରତିପେଶୀ ଆତ୍ମ ସମର୍ପଣ କର । "

ମୁଁ ପଲଙ୍କ ତଳେ ନିଜକୁ କୁଞ୍ଚିତ କରିବାକୁ ଚେଷ୍ଟା କରୁଥିଲି କି ହାତ ଟା ବାଜିଲା କେଉଁ ଏକ ଦୋଳାୟମାନ ନିଦା ଜିନିଷ ଟା ଉପରେ । ଧଳା ଧଳା କଠିନ ଲମ୍ବାଳିଆ କିଛି । ମୁଁ ସମ୍ପୂର୍ଣ୍ଣ ତଳକୁ ଟାଣି ଆଣିଲି ସେଇଟାକୁ । ଆରେ କଙ୍କାଳ ଟା କୁ ଧରିଦେଲି । ଜୋରରେ ଚିଲେଇଉଠିଲା ବେଳକୁ ସାହେବ ବନ୍ଧୁକ ଟାକୁ ସେ କଙ୍କାଳ ଆଡକୁ ଦେଖେଇ ପ୍ରଳାପ କଲେ, "ଏ ଭାଇ । ମୋ ସହ ଏ ପଲଙ୍କ ଟା ପାଇଁ କାଇଁ ଲଢୁଛୁ କହନି । ଏ ପଲଙ୍କ ମୋର ଏ ଧନ ସବୁ ମୋର ।"

ମୋ ହାତ ରୁ ଖସିପଡ଼ିଲା କଙ୍କାଳ ଟା । ଚଟାଣ ରେ ପଡ଼ିଥିବା କଙ୍କାଳ ଟା ଉପରେ ଦୁଇଟା ଗୁଳି ଚଳେଇ ଦେଲେ । ପରେ ହସି ହସି କହିଲେ, "ମୁଁ ସମ୍ରାଟ । ମୁଁ ରାଜା । "

ମୁଁ ତାଙ୍କ ଦୃଷ୍ଟି ଆଢୁଆଳ ରେ ପଛକୁ ପଛକୁ ଯାଉଥିଲି କି ତାଙ୍କ ବନ୍ଧୁକ ମୁନ ଟା ମୋ ଦେହ ଉପରେ । ମୁଁ ସିଧା ବାଲକୁନୀ ଧାର ରେ ।

ସେ ଗର୍ଜି କରି ହସି କହୁଥିଲେ, "ତୁ ମୋ ସମ୍ପତି ରେ ଭାଗ ବସାଇବୁ ?"

ଧୀରେ ଧୀରେ ମୋ ଆଡକୁ ହେଉଥିଲା ତାଙ୍କ ପାଦ । ମୋ ପାଦ ପଛକୁ । ମୁଁ ଡେଇଁ ପଡିଲି ସିଧା ଦ୍ୱିତୀୟ ମହଲା ତଳକୁ ।

ଦୌଡ଼ି ଚାଲିଲି । ସିଆଡୁ ଗୋଟିଏ ଗୁଳି ସିଧା ମୋ ଧାର ଦେଇ ଗଲା । ଏବେ ବାଜିଥାନ୍ତା ଦେହ ରେ । ତଥାପି ଟିକେ ହାଲକା ଭାବେ ଯାଇ ବାଜିଥିବାରୁ ରକ୍ତ ବୋହିବା ଆରମ୍ଭ ହୋଇଯାଇଥାଏ । ମୁଁ ସେଇଠି ନଇଁ ପଡିଲି । କିନ୍ତୁ ଗୋଡ଼ ଟା ବାଜିଗଲା ସେହି ପୂର୍ବ କଙ୍କାଳ

ISSN NO.
2582-208X

ଉପରେ ଯେଉଁଟାକୁ ସାହେବ କୋଦାଳ ରେ ବାହାର କରିଥିଲେ । ମୁଁ ଚିଲେଇ ଉଠି ପୁଣି ଚାଲିଲି ।

ପରେ ଦୌଡ଼ିଲି ଦୌଡ଼ିଲି ବରଷା କାଦୁଅ ଭିତରେ । ଦୌଡ଼ିଲି । ପଛରୁ ଶୁଣାଗଲା ସେହି ଫାଙ୍କା ବନ୍ଧୁକ ର ଆବାଜ । ସେଇ ହସ । ସେଇ ସ୍ୱାଭିମାନ ର ହସ । ସେଇ ଗର୍ବ । ସେଇ ଆସ୍ପର୍ଦ୍ଧା, " ସବୁ ମୋର.. ସବୁ ମୋର । "

ଦୌଡ଼ିଲି ପଛରେ ଉଆସ କୁ ଛାଡି ଯାହାକୁ ଜଗି ରହିଛି ଏକ ଜିଅନ୍ତା ମୁର୍ଦାର । ସେ ସ୍ୱାଭିମାନ ର ହସ । ସେଇ ଫାଙ୍କା ଆବାଜ ।

ଦୌଡ଼ି ଚାଲିଲି ମୁଁ ମୋ ଚାରିପଟ ର ଭୟ ଗୁଡା ନିଶବ୍ଦ ହେବା ପର୍ଯ୍ୟନ୍ତ ।

ଦୌଡ଼ି ଚାଲିଲି ସମ୍ପତି ର ମୋହ କୁ ଛାଡି ।

ଦ୍ୱାଦଶ ଶ୍ରେଣୀ
କେନ୍ଦ୍ରାପଡ଼ା

ISSN NO.
2582-208X

# ମୋ ଗାଁ ବସନ୍ତ



ସନାତନ ଦାସ

ମୋ ଗାଆଁର ବସନ୍ତ ଆଜି ମଉନେ କାଇଁ ବସିଛି,
ଝରାଇ ଆଖିରୁ ଲୁହ ସେ ମନରେ ଗୁମୁରି କାନ୍ଦୁଛି..!!

ମୃଦୁ ମଳୟର ସୁଶିତଳ ବାଆ କୁଆଡେ ଯେ ହଜିଯାଇଛି,
ନୂତନ ପଲ୍ଲବ ନିଦାଘର ଝାସେ ମଉଳି ସେ ଝରି ପଡ଼ିଛି..!!

ନାହିଁ ସେହି ମାଦକତା ଆଉ ପ୍ରେମ ଫଗୁଣର ଗାଥା,
ଆଧୁନିକତା ଆଜି ଛଡ଼ାଇ ନେଇଛି ପୀରତିର ସବୁ କଥା..!!

ଋତୁ ରାଜ ଆଜି ଦାଣ୍ଡର ଭିକାରୀ ଶିରୀ ତାର ତୁଟି ଯାଇଛି,
ହାତ ପତାଇ ସେ ମାନବ କୁ ଆଜି
ତା ହଜିଲା ଦିନକୁ ମାଗୁଛି..!!

ବସନ୍ତ କାଳରେ ବାସନ୍ତିକ ଦୃଶ୍ୟ ସତେକି ଅତୀତ ହୋଇଛି,
ଚନ୍ଦ୍ରମା ପରି ଖଣ୍ଡ ଖଣ୍ଡ ଛିଣ୍ଡି
ଆକାଶରେ ମିଶି ଯାଇଛି..!!

ପ୍ରକୃତି ଆଜି କ୍ଷତ ବିକ୍ଷତ ଆମ ସ୍ୱାର୍ଥର ନିଆଁ ଯୁଇରେ,
କରିବାକୁ ହେବ ପ୍ରକୃତି ସୁରକ୍ଷା ବଞ୍ଚିବାକୁ ହେଲେ ମହୀରେ..!!

ସମ୍ପାଦକ, ସାହିତ୍ୟ ସୃଜନୀ
ସଅଁର୍‌, ଜଗତସିଂହପୁର
ପିନ୍ - ୭୫୪୧୦୪/ମୋ - ୯୭୭୬୪୧୪୮୦୫

ISSN NO.
2582-208X

# ତୁମେ ଯେବେ ଆସ



ସନ୍ତୋଷ କୁମାର ସୂତାର

ତୁମେ ଯେବେ ଆସ,
ମାଟି ଅଗଣାରେ ଅଳତା ପାଦ ର ଚ଼ିହ୍ନ ।
ତୁମେ ଯେବେ ଆସ,
ଶୀତ ସଞ୍ଜବେଳ କୁହୁଡି ଧୂଆଁ ଆଚ୍ଛନ୍ନ ।
ତୁମେ ଯେବେ ଆସ,
ଚଉରା ମୂଳରେ ନୂଆ ବୋହୂ ସଞ୍ଜବତୀ ।
ତୁମେ ଯେବେ ଆସ,
ଚମକେ ଚନ୍ଦ୍ରମା ଉଜାଗର ଥାଏ ରାତି ।
ତୁମେ ଯେବେ ଆସ,
କଅଁଳ କଢି ଟା ଫୁଟି ଫୁଲ ପାଇଁ ଚାହେଁ ।
ତୁମେ ଯେବେ ଆସ,
ମଧୁର ପରସ ସବୁ ମନ ଛୁଇଁ ଯାଏ ।
ତୁମେ ଯେବେ ଆସ,
ଝରା ଝାଞ୍ଜି ପୁଣି ମିଠା ମିଠା ଲାଗେ ସତେ ।
ତୁମେ ଯେବେ ଆସ,
ଝଡି ବରଷା ର ଛିଟା ଛିଟା ଦାଗ କେତେ ।
ତୁମେ ଯେବେ ଆସ,
ମନରେ ବିଶ୍ୱାସ ଜନ୍ମନିଏ ପୁଣି ଥରେ ।

ISSN NO.
2582-208X

ତୁମେ ଯେବେ ଆସ,
କ୍ଷୀଣ ମନୋବଳ ଦୃଢ ଶକ୍ତ ହୋଇପାରେ ।
ତୁମେ ଯେବେ ଆସ,
ଅତୀତ ଟା ଫେରେ ଝରକା ଫାଙ୍କ ରେ ଚାହିଁ ।
ତୁମେ ଯେବେ ଆସ,
ମିଠା ମିଠା ଗୀତ ମଳୟ ଟା ଯାଏ ବହି ।
ତୁମେ ଯେବେ ଆସ,
ଦୁଃଖ ର ଦରଜ ଉପସମ ପାଇଯାଏ ।
ତୁମେ ଯେବେ ଆସ,
ମୃତ୍ୟୁ ଅପେକ୍ଷା ରୁ ମରି ପୁଣି ଜନ୍ମନିଏ ।
ତୁମେ ଯେବେ ଆସ,
ହାରିବା ଆଗରେ ଜିତିବା ଟା ଲାଗେ ତୁଚ୍ଛ ।
ତୁମେ ଯେବେ ଆସ,
ଅଯୁତ ଅପେକ୍ଷା କିଛି ସତ କିଛି ମିଛ ॥

ସ୍ନାତକୋତ୍ତର ଇଂରାଜୀ ସାହିତ୍ୟ ସମ୍ମାନ ବିଭାଗ
ମୂର୍ଦ୍ଧୁଣ୍ଡି, ଗୋପୀନାଥପୁର, ସାଲେପୁର, କଟକ-754203
ମୋବାଇଲ - 9777278293/ 9114728078

ISSN NO.
2582-208X

# ସେ ଜଣେ ନାରୀ



ଶ୍ରୀମାନ ପ୍ରିୟଦର୍ଶିନୀ ଦାସ

ସେ ଜଣେ ନାରୀ
ସେ ନିରୀହା ବି, ନିଷ୍ପାପ ବି
ଅବଳା ବି ଦୁର୍ବଳା ବି
ହେଲେ, ସେ ବି ସାଜିପାରେ
ପାପର ବିନାଶ ପାଇଁ
ଦୁର୍ଗତିନାଶିନୀ ଦୁର୍ଗା ।
ସେ ଝଡିଯାଏ
ଗଙ୍ଗଶିଉଳି ଟିଏ ପରି
ନିଜ ବାସ ଚହଟାଇ
ହେଲେ, ସେ ବି ଶୋଭା ପାଏ
ଦେବତା ମଥାରେ ଓ ସମାଜ ଗହଣରେ
ସେ ନୁହଁ କଣ୍ଢେଇ ପରି
କିଛି ବ୍ୟବହୃତ ବସ୍ତୁ
ସେ ଅଟେ ତୁମ ପ୍ରିୟ
ମାଆ, ଭଉଣୀ, ବୋହୂ, ପତ୍ନୀ
ହେଲେ, ସେ ପାଇଥାଏ ହତାଦର
କିନ୍ତୁ, ସବୁ ସହି ସେ ହସିପାରେ
ପ୍ରତିଟି ହସଦୁଃଖର ମୁହୂର୍ତ୍ତ କୁ
ସାହସର ସହ ସେ ଜିଇଁ ପାରେ
କାରଣ, ସେ ଜଣେ ନାରୀ ।

ସ୍ନାତକୋତ୍ତର ଦ୍ୱିତୀୟ ବର୍ଷ
ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ
ଉଦୟନାଥ ସ୍ୱୟଂଶାସିତ ବିଜ୍ଞାନ ଏବଂ
ବୈଷୟିକ ମହାବିଦ୍ୟାଳୟ

ISSN NO.
2582-208X

# ରଙ୍ଗ ....

ଶ୍ରୀମନ୍ତ ପଣ୍ଡା

କାଲି ଜଦି ପବନର
ଦିଗ ବଦଳିଯିବ...
ରଙ୍ଗ ପସରାର ସାତରଙ୍ଗ
ମିଶି ଏକାକାର ହେବ
ତମେ କଣ ବାଛି ପାରିବ ?
କୁହ, ବାଛି ପାରିବ ତୁମ
"ନୀଳ" ରଙ୍ଗକୁ....
ନା ବେରଙ୍ଗି ପବନକୁ
ପଚାରି ପାରିବ ...
ଏମିତି କାହିଁକି କଲ .....?
ନୀଳଶାଢୀ କାନିରେ
ବାନ୍ଧିଥିବ
ବଳକା ସମୟକୁ
ଘସିମାଜି ରଖିବାକୁ
ବୟସ ତୁଠରେ....
ଓଠ ରଙ୍ଗ ହେଉଥିବା ଫିକା
ଜହ୍ନିଫୁଲ ଜହ୍ନରାତି
ଲାଉଥିବ ଭାରି ଏକାଏକା
ଚନ୍ଦ୍ରସେଣା ଘୁଙ୍ଗୁଡିରେ
ସ୍ୱପ୍ନସବୁ ହେଉଥିବେ
ବାଟବଣା.....
ଆଉ ତୁମେ ! ତୁମେ
ଚିଇଁକି ଉଠୁଥିବ ବାରମ୍ବାର
କାଳେ ବଦଳିବ
ପବନର ଦିଗ....
ଫେରିବକି ପସରାକୁ
ତୁମେ ସାତରଙ୍ଗ.....

"ଶବ୍ଦଘର"
ଭୁବେନେଶ୍ୱର-୨
୯୮୩୯୮୭୧୧୮୭

ISSN NO.
2582-208X

# ପ୍ରେମିକାର ଗାଁ



ସୂର୍ଯ୍ୟ ନାରାୟଣ ସାହୁ

ଅନିୟତ ବିଶ୍ୱର ଅନେକ ସୁନ୍ଦର ସୁନ୍ଦର ଜାଗା ଭିତରୁ ପ୍ରେମିକାର ଗାଁ ବି ଅନ୍ୟତମ । ଯଥା; ନଦ-ନଦୀ, ପାହାଡ- ପର୍ବତ, ଝରଣା -ସାଗର, ବିଲ - ବଣ, ପରି ପ୍ରେମିକାର ଗାଁ ବି ଖୁବ ନିଆରା ଲାଗେ । କାହିଁକି; କେଜାଣି ପୃଥିବୀର ସପ୍ତଷ୍ଚର୍ଯ୍ୟ ଭିତରୁ ସେ ବି ଗୋଟେ ଆଷ୍ଚର୍ଯ୍ୟ ପରି ଅନୁଭୂତ ହୁଏ । ଶରୀରର ପ୍ରତ୍ୟେକଟି ଜାଗାରେ ଖେଳି ଯାଏ ଅପାରଗ ଆନନ୍ଦ । ଦେଖିବାକୁ ବ୍ୟାକୁଳ ହୁଏ ଉତ୍କଣ୍ଠିତ ମନ । ଆଉ ସେଠାକୁ ଗଲା ପରେ ଫେରିବାର ମନ ଅପସରି ଯାଏ ।

****************************

ବହୁତ ଦିନ ପରେ ଆଜି ହଠାତ ସେଇ ପାହାଡ଼ ପାଖ ମନ୍ଦିରଟି ମତେ ହାତ ଠାରି ଡାକିଲା ପରି ପ୍ରତ୍ୟୟମାନ ହେଲା । ଆଉ ସେଇଥିପାଇଁ ବୋଧେ!! ରାତି ନ ଶୋଇ ପାହାନ୍ତିଆ ପ୍ରହରୁ ହିଁ ଧ୍ରୁବ ତାରାର ପାଶ୍ଚାତ୍ ଗମନ ନ ହେଉଣୁ ନିତ୍ୟ କର୍ମ ସାରି ତାଙ୍କ ମନପସନ୍ଦର ପୋଷାକ ପରିଧାନ କରି ପ୍ରସ୍ତୁତ ହୋଇ ଭକ୍ତିପୂତ ମନରେ ଭଗବାନଙ୍କୁ ପାଖକୁ ବାହାରିଲି । ସେଇ ପାହାଡ଼, ଝରଣା, ମନ୍ଦିର, ଗାଁର ଚିତ୍ରପଟ କିଛି ଦୂରରୁ ସେଇ ଦୃଶ୍ୟ ଦେଖିଲେ ଲାଗୁଥାଏ, ସେଇ ପାହାଡ଼ ସହ ଯେମିତି ମୋର ବହୁତ ଦିନର ପୁରୁଣା ସଂମ୍ପର୍କ ରହି ଅଛି, ତାହା ପୁଣି ଅତି ଘନିଷ୍ଠ । ସକାଳର ଧୂଆଁ ଧୂଆଁ କୁହୁଡି ଭାସମାନ ଅବସ୍ଥାରେ ସେଇ ପାହାଡ଼ର ସବୁଜ ସୁନ୍ଦର ଚତୁର୍ପାଶ୍ୱକୁ ରୁଦ୍ଧିମନ୍ତ କରୁଥିଲା ଏବଂ ଲାଗୁଥିଲା ସମୁଦ୍ର ଯେମିତି ପାହାଡ଼ କୁ ମାଡି ଗଲା କି!! ।

ସକାଳୁ ବାଇକ ଛୁଟାଇ ବାହାରି ପଡିଲି ତାଙ୍କ ଗାଁ ଦେଇ,ସେଇ ପାହାଡ଼ ପାଖର ମନ୍ଦିରକୁ । ଶାନ୍ତ, ସରଳ, ନିଶବ୍ଦ ସୁନ୍ଦର, ବାତାବରଣ ଭିତରେ ସେଇ ଗାଁର ପରିପାଟୀ -ପ୍ରତିଛବି ମୋ

ISSN NO.
2582-208X

ମନକୁ ରୁଦ୍ଧିମନ୍ତ କରି ଅନେକ ଆନନ୍ଦ ଦେଉଥିଲା । ସକାଳର କୋହଲା ପବନ ସାଙ୍ଗକୁ ହାଲକା ହାଲକା ଥଣ୍ଡା ବୁଲିବାକୁ ଭାରି ସତେଜ ଲାଗୁଥାଏ । ମୋଟର ସାଇକେଲର ମୃଦୁ-ମନ୍ଦ ଗତିରେ, ସକାଳର ହାଲକା ହାଲକା ପବନ ଶରୀରର ଉଷ୍ମତାକୁ ଧୀରେ ଧୀରେ ଶୀତଳ କରିବାରେ ଲାଗିଥିଲେ । କଥାରେ ଅଛି ପରା "ସକାଳ ବୁଲା ଦେହକୁ ହିତ।" ମୋଟର ସାଇକେଲର ଗତିରେ ସ୍ଥଗିତ ପବନ ଧାବମାନ ହୋଇ ମୋ କର୍ଣ୍ଣ ପଟରେ ପ୍ରବେଶ କରି ମନ- ପ୍ରାଣକୁ ଆନ୍ଦୋଳିତ ପୂର୍ବକ ସୁଷୁପ୍ତ ମସ୍ତିଷ୍କକୁ ବାରମ୍ବାର ଚେତନାଶୀଳ କରାଇ ଜାଗ୍ରତ ପ୍ରାୟ କରାଇ ଦେଉଥିଲା । ଏବଂ କର୍ଣ୍ଣ ପଟରେ ପ୍ରତ୍ୟେକଟି ଧୂଳି ଆଉ ପବନ ମତେ ଗୁଞ୍ଜୁରଣ କରି କହିଦେଉଥିଲା ଯେ; ଏଇ ଦେଖ!! ଏହା ହେଉଛି ତୋର ପ୍ରେମିକାର ଗାଁ । ମୋଟର ସାଇକେଲରେ ଗଲା ବେଳେ ସେଇ ଗାଁର ପ୍ରତ୍ୟେକ ଜୀବିତ ଏବଂ ନିର୍ଜୀବ ପଦାର୍ଥ ଯଥା; ଗଛ, ପତ୍ର, ଧୂଳି, ପାହାଡ଼, ବିଲ, ବଣ, ଝରଣା,ଗାଈ, ଛେଳି, କୁକୁର ଓ ପକ୍ଷୀ ଏବଂ ଅନ୍ୟାନ୍ୟ ଜୀବ, ମନୁଷ୍ୟକୃତ ବା ନିର୍ଜୀବ ବସ୍ତୁ ପଛରୁ ହାତ ଠାରି ଡାକିଲା ପରି ଅନୁଭୂତ ହେଉଥିଲା ।

ସେଇ ରାସ୍ତାରେ ଗଲା ବେଳେ ତାଙ୍କ ପ୍ରତ୍ୟେକଟି କଥା ସ୍ୱର କର୍ଣ୍ଣପଟରେ ଭେଦ କରି ଗୁଞ୍ଜୁରଣ କରୁଥିଲା । ସେଇ ଅମୂଲ୍ୟ କଥା ମନେ ପକାଇ ମନୋପମନ ଘୋଡାରେ ଚୁପ ଚାପ ବସି ସେଇ ଗାଁର ପ୍ରତ୍ୟେକଟି ଚିତ୍ରପଟକୁ ବିହରଣ କରି ଆଗକୁ ମାଡିଚାଲିଥିଲି । ଗାଁ ପାର ହେଲା ପରେ ପାହାଡ଼କୁ ସପେଇ ସାପେଇ ପିଚୁ ରାସ୍ତା ଟିଏ ଯାଇଥାଏ । ରାସ୍ତାର ଗୋଟିଏ ପଟେ ପାହାଡ଼ ସାଙ୍ଗକୁ ସବୁଜ- ସୁନ୍ଦର ଶାଳ ଜଙ୍ଗଲ ପରିପୂର୍ଣ୍ଣ । ଆଉ ଗୋଟିଏ ପଟେ ରାଶି ଜାତୀୟ ଶସ୍ୟର କ୍ଷେତ ଦୃଶ୍ୟ ଏକ ନୈସର୍ଗିକ ଦୃଶ୍ୟ ପରି ଅନୁଭବ ହୁଏ ।

ଆହାଃ!! କି ସୁନ୍ଦର !! ଏକାନ୍ତରେ ଦେଖିଲେ ଲାଗେ ସତେକି!! ଧରିତ୍ରୀ ମା' ନୂଆ ବୋହୂ ହୋଇ ଏଇ ଗାଁରେ ଓ୍ଵଲ୍ଲେଇଛି କି!! ଥରୁଟିଏ ସେଇ କ୍ଷେତ ଆଡେ ଆଖି ବୁଲେଇ ଆଣିଲେ ହୃଦୟର ମର୍ମକୁ ତ ନିଷ୍ଚୟ ଭେଦ କରିବ କିନ୍ତୁ; ତାର ପ୍ରେମରେ ଆପଣ ନିଷ୍ଚୟ ପଡ଼ିଯିବେ । ରାତ୍ରିର ସୁଷୁପ୍ତ ଅଂଶୁର ପ୍ରକୋପରେ ପାହାନ୍ତିଆର ପ୍ରହର ଭିତରେ ସେଇ ରାଶି କ୍ଷେତରେ କାକର ବୁନ୍ଦାମାନ ପଡି ପରିଦୃଶ୍ୟ ଜଗତର ଆଗତ ସୂର୍ଯ୍ୟଙ୍କ କଅଁଳ କିରଣରେ ଚକ ଚକ ହୋଇ ପୃଥିବୀରାଣୀ ସତେଜ ଲାଗୁଥାଏ । ଏବଂ ତାରି ଭିତରେ କୃଷକ ମାନଙ୍କର ଠାଏଁ ଠାଏଁ ପାଳ ଭୁତ ଜନିତ ପ୍ରତିମୂର୍ତ୍ତି କୁ ଦେଖିଲେ ଲାଗେ, ସତେକି!! ନୂଆ ବୋହୂ ପରି ଆସୁଥିବା ପୃଥିବୀ ରାଣୀକୁ ସେମାନେ ସ୍ୱାଗତଂ କରିବା ପାଇଁ ଠିଆ ହୋଇଛନ୍ତି କି!! ପୁଣି

ISSN NO.
2582-208X

ମନେ ମନେ ଅନୁଭୂତ ହୁଏ ସବୁଜ-ସୁନ୍ଦର କ୍ଷେତ ଗୁଡିକରେ ପୃଥିବୀ ଯେମିତି ଏକ ସୁପ୍ତ ବାତାବରଣ ଘେନି ସେଇ ପାଲଭୂତ ମାନଙ୍କୁ ନିଜର ଅପେକ୍ଷା କରି ବସିଛି କି!! ସୂର୍ଯ୍ୟଙ୍କ କଅଁଳ କିରଣ ପୂର୍ବ ଦିଗରେ ଦୃଶ୍ୟମାନ ହେଉଥାଏ ଆଉ ବାଇକର ଗତି ସେଇ ପୂର୍ବ ଦିଗକୁ ମୁହଁକରି ନିସ୍ତବ୍ଧ ଜଙ୍ଗଲ ଭିତରେ ଚାଲିଥାଏ ।ଏମିତି କିଛି କ୍ଷଣ ଗଲାପରେ ହଠାତ ସେଇ ନିସ୍ତବ୍ଧ ମନ୍ଦିର ଆସିଯାଇଛି ।

ମନ୍ଦିର ଭିତରେ କୌଣସି ଦର୍ଶକର ଘଣ୍ଟି ବଜେଇବା ଶବ୍ଦ ଭାସି ଆସି ପାହାଡ଼ର ପାଦ ଦେଶକୁ ଛୁଇଁଯିବା ପରେ, ସୁପ୍ତ ମସ୍ତିଷ୍କର ଭକ୍ତିପୂତ ଭାବନାକୁ ଜାଗ୍ରତ କରାଇ ଦେଉଥିଲା । ସେଇ ପାହାଡ଼ର ଶାନ୍ତ-ସରଳ ବାତାବରଣ,ଉଷାର କଅଁଳ ଛୁଆଁ ଆଗକୁ ବାଟ କଢେଇବାରେ ସହାୟକ ହେଉଥିଲା । ଜଣେ ଆଗନ୍ତୁକଙ୍କ ପରି ଯେମିତି ସେଇ ପାହାଡ଼ ପାଛୋଟି ନେଉଥିଲା ।ମନ୍ଦିର ଭିତରକୁ ପ୍ରବେଶ କରି ଭଗବାନଙ୍କ ଶରଣାର୍ଥ ହୋଇ ମନର ଅକୁହା ବ୍ୟଥାକୁ ଛାତିର ଧକ ଧକ ସ୍ପନ୍ଦନ ଶବ୍ଦ ମାଧ୍ୟମରେ କହି ସରିଲା ପରେ ବିଚଳିତ ମନଟା ଧୀରେ ଧୀରେ ଥମିବାକୁ ଲାଗିଲା ।

ଯେଉଁ ପାହାଡ଼ ଦିନେ ଦୁହିଁଙ୍କୁ ପାଖରେ ପାଇ ଖୁସିରେ ଛାତି ଫୁଲେଇ ହସୁଥିଲା ସେ ପାହାଡ଼ ଆଜି ତାଙ୍କ ଅନୁପସ୍ଥିତ ଥିବାର ଦେଖି ତାଙ୍କୁ ପାଖରେ ନପାଇ ଏକଦମ ଗୁମ ସୁମ ହୋଇ ବସିଛି ।ତାଙ୍କ କଥା ନିସ୍ତବ୍ଧରେ କହୁଥିବା ସେଇ ପାହାଡ ଆଜି କାହିଁ ଚୁପ ରହିଛି । ଏମିତି କି ସେ ଭଲରେ କଥା ବି ହେଉନାହିଁ ।ବୋଧେ!! ସେ ଚିହ୍ନି ପାରୁନାହିଁ ମତେ, ମୋର ଏଇ କ୍ଷୀଣ ଆଉ ରୋଗୀଣା ଶରୀରକୁ ଦେଖି ।ତଥାପି; ଆରମ୍ଭ କରି ପଚାରିଲି । କଣ ଚିହ୍ନି ପାରୁନୁ ମତେ ।ମୁଁ ହେଲି ସେଇ ।ଓହଃ!! ସେ ଆସିନାହାନ୍ତି ବୋଲି ତୁ ରାଗିଛି ବୋଧେ!! ଯାହା ହେଲେ ବି ତୁ ହେଲୁ ତାଙ୍କ ପ୍ରକୃତ ସାଙ୍ଗ ଆଉ ତୁ ଯଦି ଏମିତି ଚୁପ ରହିବୁ ତାହେଲେ ତାଙ୍କ କଥା ମତେ କିଏ କହିବ?ତାଙ୍କଗାଁ ପାଖରେ ରହିଛୁ ବୋଲି ଆଜି ତୋରି ପାଖକୁ ଆସିଥିଲି ।ତୋ ମୁହଁରୁ ତାଙ୍କର କେଇପଦ କଥା ଶୁଣିବି ବୋଲି ମନରେ ଅସରାଏ ଇଚ୍ଛା ନେଇ ।ହେଲେ,ଏଠାକୁ ଆସି ଦେଖୁଚି ତୁ ଏକଦମ ଚୁପ ରହିଛୁ ।ଏମିତିକି କୌଣସି ପ୍ରଶ୍ନର ଉତ୍ତର ବି ଦେଉନୁ । ତୁ ବୋଧେ!! କିଛି କଥା ଲୁଚୋଉଛୁ ।ତୁ ଯଦି ତାଙ୍କ ବନ୍ଧୁ ହୋଇଥାନ୍ତୁ, ତାହେଲେ ତାଙ୍କ କଥା ନିଶ୍ଚୟ କହିଥାନ୍ତୁ । ତାଙ୍କ କଥା କହିବାକୁ ଚାହୁଁନୁ ଯଦି ତାହେଲେ ଠିକ ଅଛି ।ମୁଁ ଏବେ ଆସୁଛି... ।

ISSN NO.
2582-208X

ସେ ବୋଧେ!! ତାଙ୍କ ଅନୁପସ୍ଥିତିର ଖବର ପାଇସାରିଛି । ସେଥିପାଇଁ ଆଜି ଚୁପ ରହୁଛି । କ'ଣ କରାଯିବ?" ବିଧିର ବିଧାନ କେ କରିବ ଆନ ।" ପରିଦୃଶ୍ୟମାନ ଜଗତରେ ସମସ୍ତଙ୍କୁ ଫେରିବାକୁ ହୁଏ ନିଜ ଅଭିନୟ ସାରି ଏଇ ରଙ୍ଗମଞ୍ଚରୁ । କାହାର ଅଭିନୟ ଟିକେ ଜଲଦି ସରିଯାଏ ତ! କାହାର ବିଳମ୍ବରେ । ହେଲେ ତାଙ୍କ ଅନୁପସ୍ଥିତି ଆଜି ଚାରିଦିଗକୁ ଅସ୍ତ-ବ୍ୟସ୍ତ କରି ପକାଇ ଥିଲା । ସବୁ ଆଡେ ଖାଁ ଖାଁ ମାଡି ଗୋଡ଼ଉଥିଲା । ଚୁଲ-ବୁଲ କଥା କହୁଥିବା ଝରଣାଟି ଆଉ ଗୀତ ଗାଉ ନଥିଲା । ରାସ୍ତା ଘାଟର ଗଛ ପତ୍ର ଗୁଡିକ ମଳିନ, ଶ୍ରୀହୀନ ଏବଂ ଖୁଣ୍ଟା ହୋଇ ଯାଇଥିଲା । ସେ ନିଜ ଗାଁ ମଶାଣି ପଥରେ ପଥ ବାହୁଡିଲା ପରେ, ରାସ୍ତା ଗୁଡିକ ବି ଦୁଃଖରେ କାଳାତିପାତ କରୁଥିଲେ । ସେଇ ରାସ୍ତା ଗୁଡିକ ପ୍ରେମିକାର ଶବକୁ ନିଜ ମୁଣ୍ଡରେ ମୁଣ୍ଡେଇ ଦେଇ କ୍ଷତାକ୍ତ ହୋଇ ପଡ଼ିଥିଲେ । ଏବଂ ସେମାନଙ୍କୁ ଦେଖିଲେ ଲାଗୁଥିଲା; ତାଙ୍କ ଶରୀର ଗୁଡିକ ସବୁ ଆବୁଡ଼ା- ଖାବୁଡ଼ା ହୋଇ କ୍ଷତ ବଢ଼ି ଶରୀରରେ ଘା ସୃଷ୍ଟି ହୋଇଯାଇଛି । ଏବଂ ତାଙ୍କୁ ହରାଇଥିବା ରାସ୍ତା ଗୁଡିକ ଏକ ନିସ୍ତବ୍ଧ ପଥ ପରି କାନ୍ଦି କାନ୍ଦି ଶୋଇ ଯାଇଥିଲେ ।

ଦୁଇ ଆଖିର ଅମାନିଆ ଅଶ୍ରୁ କେଇ ବୁନ୍ଦା ଆପେ ଆପେ ନିମ୍ନଗାମୀ ହୋଇ ନିଜ ଲକ୍ଷ୍ୟସ୍ଥଳେ ପହଞ୍ଚିବାକୁ ବ୍ୟାକୁଳ ହେଉଥିଲେ । ଫେରିଲାବେଳେ ବିୟୋଗର ଦୁଃଖରେ କଥା କହୁନଥିବା ପ୍ରକୃତି ଯେମିତି ମନ ମାରି ବସିଥିଲା । ସମସ୍ତେ ଯେମିତି ମୋ ଆଖିକୁ ପଢି ସାରିଥିଲେ । ଆଉ କିଛି କହିବାକୁ ବାକି ନଥିଲା, ମୁଁ ବି ଚାହୁଁନଥିଲି । କିନ୍ତୁ; ସେମାନେ ସବୁ ଜାଣି ସାରିଥିଲେ । କାଳେ ମତେ କୌଣସି ପ୍ରଶ୍ନ ପଚାରିଦେବେ ଭାବି, ଏକ ଠକଙ୍କ ପରି ଦ୍ରୁତ ବେଗରେ ବାଇକ ଛୁଟାଇ ଏକ ନିଶ୍ୱାସରେ ଚାଲି ଆସିଲି, ସମସ୍ତଙ୍କୁ ହାତ ହଲାଇ ବିଦାୟ ଦେଇ । ସମସ୍ତେ ବି ସେଠି ନିଶ୍ଚଳ ବସ୍ତୁ ପରି ପଡିରହିଥିଲେ । ଆଉ ମୋର ଯିବା ଦୁଃଖରେ ଭାଳେଣି ପକାଇ କ୍ରନ୍ଦନ କରୁଥିଲେ । ସେମାନଙ୍କ ମୁହଁକୁ ଦେଖି ଆଖି କୁ ଆଖି ମିଶାଇ ହସିବାର ସାହସ ନଥିଲା । ସେଠି ଆଉ ବେଶୀ ସମୟ ରହିବା ଉଚିତ ହେବନି ଭାବି ତୁରନ୍ତ ବାଇକ ଚୁଟାଇଲି, ନିଜ ଲକ୍ଷ୍ୟ ପଥ ଆଡକୁ । ଆଉ ଅଣନିଶ୍ୱାସୀ ହୋଇ ସିଧା ଆସି ଘରେ ପହଞ୍ଚି ନିଶବ୍ଦରେ ଶୋଇଗଲି । ଆଉ ଶୋଇକି ମନେ ମନେ ଭାବି ହେଉଥିଲି ମୋ ପ୍ରେମିକାର ଗାଁ.... ।

ଜଗନ୍ନାଥପ୍ରସାଦ, ଗଞ୍ଜାମ

ISSN NO.
2582-208X

# ଅତିରୁ ଇତି



ମନୋଜ କୁମାର ଅଦା

ଅତିରୁ ହୁଅଇ ଇତି
ଏକଥା ଟି ସତ୍ୟ
ଅତି ଗର୍ବେ ହତ ଲଙ୍କା
ଏହା ପୁରାଣ ସମ୍ମତ ।।

ଅତି ଦାନେ ବଳି ବଧ
ଏହା ସର୍ବତ୍ର ବିଦିତ
ଅତି ମାନ କରିବାରୁ
କୌରବେ ନିପାତ ।।

ଏକଥାକୁ ଜାଣିଛନ୍ତି
କେବଳ ଜ୍ଞାନୀ ଓ ପଣ୍ଡିତ
ଅତି ରୌଦ୍ରତାପେ ହୁଏ
ଜୀବ କୁଳରେ ପ୍ରମାଦ ।।

ଅତି ବରଷାରୁ ପୁଣି
ବନ୍ୟା ଯୋଗୁଁ ବିପ୍ଲାତ
ଅତି ଫଳନ୍ତି ବୃକ୍ଷ ପୁଣି
ମୂଳରୁ ହୁଏ ଉତ୍ପାଟ ।।

ଅତି ହେବାରୁ ନଳ ରାଜା
କାଟିଥିଲା ଯେ ଘାସ
ଅତିରୁ ହୁଅଇ ଇତି
ଏକଥାଟି ସତ୍ୟ ।।

କ୍ରଷ୍ଣା ପବ୍ଲିକ ସ୍କୁଲ, କୋମନା

ISSN NO.
2582-208X

# ଆଜିବି ଖୋଜେ ତୁମକୁ



ପିଙ୍କୁନ୍ ମାଝୀ

ମନ ବଗିଚାରେ ଖୋଜୁଥାଏ ତାକୁ
କେବେ ସେ ଆସିବ ବୋଲି
ଖୋଜି ଖୋଜି ତାକୁ ଭୁଲିତ ଗଲିଣି
ନିଜକୁ ମୁଁ ଆଜି କାଲି ॥୧॥
ମନ ବଗିଚାରେ ଅଛି ଯେତେ ଫୁଲ
କାହାପାଖେ ନାହିଁ ପ୍ରୀତି
ସେହି ପ୍ରୀତି ପାଇଁ ଘୁରି ବୁଲେ ନିତି
ମୁଁ ଯେ ସେଇ ପ୍ରଜାପତି ॥୨॥
ଘାସ ର ଗାଲିଚା ବିଛାଇ ଦେଇଛି
ତୁମେ ତ ଆସିବ ବୋଲି
ଆସିଲି ମୁଁ ଯେବେ ଦେଖିଲି ସେଠାରେ
ତୁମେ ତ ଗଲଣି ଚାଲି ॥୩॥
ଜୀବନଟା ମୋର ନିସଙ୍ଗତା ଲାଗେ
ପାଶେ ତୁ ନଥିଲେ ମୋର
ଛୁଇଁବାକୁ ଯେବେ ପାଖକୁ ମୁଁ ଯାଏ
କାହିଁ ଚାଲିଯାଉ ଏତେ ଦୂର ॥୪॥
ମତ୍ତ ଭଅଁର ମୁଁ ଉଡିବୁଲୁଥାଏ
ତୋର ଚଉପାଶେ ନିତି

ISSN NO.
2582-208X

ତୋ ପାଶେ ଆସି ଶୋଷିନିଏ ବସି
ଅଛି ଯେତେ ମଧୁପ୍ରୀତି ॥୫॥
କାହିଁକି କେଜାଣି ଜାଣିମୁଁ ପାରୁନି
କେଉଁଠି ଅଛୁ ତୁ ମୋର
ଯେତେ ଚାହିଁଲେ ବି ଭୁଲିତ ପାରୁନି
ଦେଖେ ସ୍ୱପ୍ନ ନୀତି ତୋର ॥୬॥
ଭାବିଥିଲି ତତେ କରିବି ନିଜର
କାହିଁ ଚାଲିଗଲୁ ଦୂରେ
ଫଗୁଣର ଫଗୁ ଭଲ ଲାଗୁନାହିଁ
ତୁମେ ନଥିଲେ ମୋ ସାଥିରେ ॥୭॥
ଫେରି ଆସ ମୋର ସପନ ନାୟିକା
ରହିଛି ମୁଁ ଚାହିଁ ଏକା
ଅଧୁରା ସ୍ୱପ୍ନକୁ ସାକାର କରିବା
ଆଉ ଦିଅନାହିଁ ଧୋକା ॥୮॥
ମନ ବଗିଚାରେ ତୁମେ ରହିଅଛ
କାହିଁ ମୁଁ ପାରୁନି ଦେଖି
ଖୋଜି ଖୋଜି ଆଜି ନୀରବି ଗଲିଣି
ତୁମ ପ୍ରେମେ ହେଲି ଦୁଃଖୀ ॥୯॥

ଫକୀର ମୋହନ ବିଶ୍ୱବିଦ୍ୟାଳୟ
ସ୍ନାକକୋତ୍ତର ପ୍ରଥମ ବର୍ଷ, ଓଡିଆ

ISSN NO.
2582-208X

# ନିର୍ବାଣ



ଶୁଭେନ୍ଦୁ ମେହେର

ଆସ.......!
ଆମେ ଦୁହେଁ ମିଶି ପାଦ ରଖିବା
ସତ୍ୟ ଆଉ ଶାନ୍ତିର ସେ
ଦୁର୍ଗମ ଇଲାକାରେ ।

ଯେଉଁଠି.....!
ସନ୍ଧାନ ମିଳିବ
ଗୋଟାପଣେ ଅବିନାଶୀ,
ଅକ୍ଷୟ ଅମୃତମୟ
ରଙ୍ଗୀନ ସହର ।

ଯେଉଁଠି ନଥିବ
ହସ ପରେ କାନ୍ଦ
ଆଉ ଭଲ ପରେ ମନ୍ଦ !

କେବେଠୁ ମୁଁ ତ,
ତୁମ ପାଦ ତଳେ ସମର୍ପି ଦେଇଛି
ମୋର ସମସ୍ତ
ମୁଁ କାର ଓ ଅହଂକାର ।

ISSN NO.
2582-208X

ଆତ୍ମାନୁଭୂତି ର ନୈବେଦ୍ୟ
ସମର୍ପଣର ଦିବ୍ୟଚେତନା
ହ୍ଲାଦିନି ଶକ୍ତିର ପ୍ରେମ
ଗତିଶୀଳ, ଦକ୍ଷତାର ପ୍ରେରଣା ।
ଚିର ସବୁଜ କାମିନୀ କାଞ୍ଚନ
ଆଉ ପୂର୍ଣ୍ଣତା ର ଦିବ୍ୟସ୍ପନ୍ଦନ ।
ଜୀବନର ଶବ୍ଦକୋଷ ରେ
ତୁମେ ମୋର ତନ୍ମୟ ଚେତନ ।
ତୁମରି ବାହୁ ବନ୍ଧନେ
କଟିଯାଉ ନଶ୍ୱର ଜୀବନ ।।

ତୁମେ ଅମରାବତୀ ର
ରାଜକୁମାରୀ ଶଶୀସେଣା ହୁଅ,
କି ସ୍ୱର୍ଣ୍ଣପୁର ର ତନ୍ତ୍ର ସାଧିକା
ଜ୍ଞାନଦେଈ ମାଳୁଣୀ ?

ମୁଁ ଅହିମାଣିକ୍ୟ ପରି
ସମର୍ପି ଦେଇସାରିଛି ମୋର
ସମସ୍ତ ରୂପ ଯୌବନ ।
ତମେ ମେଣ୍ଟା କର କି ଭେଣ୍ଟା
ମୋର କିଛି ଯାଏ ଆସେ ନାହିଁ
ମୁଁ ତ ତମ ଭିତରେ
ହଜି ସାରିଛି ।

ମାଗି ନଥିଲି ନିର୍ବାଣର ପଥ
ଖୋଲି ନଥିଲି ମୋକ୍ଷର କବାଟ
ସ୍ରୋତ ହୋଇ
ନିଃସୃତ ହେଲା ଯେବେ

ISSN NO.
2582-208X

ଅଯାଚିତ ବାରି
ସେ ପଥକୁ ନେଲି ମୁଁ ଆବୋରି ।

ପ୍ରେମ ପ୍ରୀତି କରି ସମ୍ମିଶ୍ରଣ,
ଆତ୍ମା ଆଉ ଆତ୍ମା ସାଥେ
ନିଃସର୍ତ ମିଳନ !!

ତୁମର ଅମୃତ ଦାନ
ଜଗାଏ ସ୍ପନ୍ଦନ
ସବୁରି ଶୀର୍ଷରେ ତୁମେ ପାଇଛ ଆସ୍ଥାନ
କେବଳ ତୁମରି ପାଇଁ,
ସ୍ୱର୍ଗ କଲି ମୋକ୍ଷ ଆଉ ନିର୍ବାଣ
ନିର୍ବାଣ ପଥରେ କଲି ଆତ୍ମ ସମର୍ପଣ ।

ମୁଁ ତ ସରଳ ମଣିଷଟିଏ....!
ନା କେବେ ହୋଇପାରିବି "ଗୌତମ"
ନା କହିପାରିବି....
"କାମନା ର ବିନାଶ ରେ ଦୁଃଖ ର ବିନାଶ "

ନା କୃଷ୍ଣ ହୋଇ ଗୀତାରେ କହିବି....!
ଆତ୍ମାକୁ ସ୍ତିରୀ ବେଶ କରି
ଶ୍ରୀରାଧା ଅଙ୍ଗରେ ବିହାରୀ ।
କୃଷ୍ଣେ ଆସ୍ୱାଦ ରସ ଦେଇ
ଏହାକୁ ପ୍ରେମ ଭକ୍ତି କହି ।
ପ୍ରେମ ଭକ୍ତିରୁ ଭକ୍ତି ନାହିଁ
ପ୍ରେମ ନିକଟେ ଥାଏ ମୁହିଁ ।।

ଯାଲ୍ଲେଏ, ସୁବର୍ଣ୍ଣପୁର

ISSN NO.
2582-208X

# ଆସନ୍ତୁ ଚର୍ଚ୍ଚିକା ଦେବୀଙ୍କ ପୀଠ ବିଷୟରେ କିଛି ଜାଣିବା



ନରେନ୍ଦ୍ର ପ୍ରସାଦ ବେହେରା

ପବିତ୍ର ମହାନଦୀ କୂଳ ରଚିକ ପାହାଡ ଉପରେ ଅବସ୍ଥିତ ଏକ ମହାନ ତନ୍ତ୍ରପୀଠ । ଦେବୀ ଚର୍ଚ୍ଚିକା ଏହାର ଅଧିଷ୍ଠାତ୍ରୀ ଦେବୀ । ୬ଷ୍ଠ/୭ମ ଶତାବ୍ଦୀରେ ଭୌମକର ରାଜାଙ୍କ ରାଜତ୍ୱ କାଳରେ ଅଷ୍ଟଭୂଜା ଦେବୀ ଚର୍ଚ୍ଚିକାଙ୍କ ଆରାଧନା ଆରମ୍ଭ ହୋଇଥିବା ଅନୁମାନ କରାଯାଏ । ଦେବୀ ଅଷ୍ଟଭୂଜରେ ଖଡ୍ଗ, ତ୍ରିଶୁଳ, ସର୍ପ, ଅଙ୍କୁଶ, ଅକ୍ଷମାଳ, ଛିନ୍ନମସ୍ତକ ଓ ଡମ୍ବରୁ ଧାରଣ କରିଥିବା ବେଳେ ବାମହସ୍ତ କନିଷ୍ଠାଙ୍ଗୁଳିକୁ ଦାନ୍ତରେ କାମୁଡି ଧରିଛନ୍ତି । ମା' ଙ୍କ ବକ୍ଷରେ ନରମୁଣ୍ଡମାଳା ଶୋଭା ପାଉଥିବା ବେଳେ ମା' ଏକ ଶବ ଉପରେ ଆସୀନ । ଦେବୀ ଚାମୁଣ୍ଡା ହୋଇଥିବାରୁ ଏହି ପୀଠକୁ ଚାମୁଣ୍ଡା ମଣ୍ଡଳ ଭାବରେ ଅଭିହିତ କରାଯାଇଛି । ଚାମୁଣ୍ଡାମାନେ ପରମ ବୈଷ୍ଣବୀ ନୁହନ୍ତି । ସେଥିପାଇଁ ସେମାନଙ୍କ ନିକଟରେ ଆମିଷ ଭୋଜନର ବ୍ୟବସ୍ଥା ରହିଛି । ଦେବୀ ଚର୍ଚ୍ଚିକାଙ୍କ ପାଖରେ କାର୍ତ୍ତିକ, ମାଘ ଓ ବୈଶାଖ ମାସରେ ଆମିଷ ଭୋଗ କରାଯାଏ ନାହିଁ । ଅନ୍ୟସବୁ ମାସରେ କେବଳ ଗୁରୁବାରକୁ ଛାଡି ଆମିଷ ଭୋଗ ହେଉଥିବା ବେଳେ ଶାରଦୀୟ ଷୋଳ ପୂଜାରେ ପ୍ରତ୍ୟେକ ଦିନ ଆମିଷ ଭୋଗ ହୋଇଥାଏ । ଦେବୀଙ୍କ ବାହନ ସିଂହ । ଜୀବନ ମାତ୍ରେ ଶକ୍ତିମୟୀଙ୍କର ଭାବନା- ହୃଦୟରେ ବହନ କଲେ ବରଜୀବ ସଦୃଶ ହେବ । ସିଂହ ହିଁ ଶକ୍ତିର ପ୍ରତୀକ । ତେଣୁ ଭକ୍ତ 'ଯା 'ଶବ୍ଦ ଯୁକ୍ତ କରି ମହାଲକ୍ଷ୍ମୀ, ମହାକାଳୀ ଓ ମହାସରସ୍ୱତୀ ରୂପା ଜଗଜ୍ଜନନୀ ଶକ୍ତି ସିଂହ ବାହିନୀଙ୍କୁ ପ୍ରାର୍ଥନା କରେ । ବାଙ୍କୀ ଚର୍ଚ୍ଚିକା ପୀଠର ପରିଚୟ ଓ ପ୍ରସିଦ୍ଧି ବହୁ ପୁରାତନ । କେଉଁ ଯୁଗରେ ଏହି ପୀଠର ସୃଷ୍ଟି ହୋଇଥିଲା, କିଏ ଏହାର ପ୍ରତିଷ୍ଠାତା ସେ ବିଷୟରେ କୌଣସି ଐତିହାସିକ ତଥ୍ୟ ମିଳିନାହିଁ । ପୌରାଣିକ ଉପାଖ୍ୟାନ, କିମ୍ବଦନ୍ତୀ ଓ ଜନଶ୍ରୁତିରୁ ଏହି ପୀଠର ଆର୍ବିଭାବ ସମ୍ପର୍କରେ ଯାହା କିଛି ବିବରଣୀ ମିଳିଥାଏ । ପ୍ରଖ୍ୟାତ

ISSN NO.
2582-208X

ପ୍ରତ୍ନତତ୍ତ୍ୱବିତ୍ ପରମାନନ୍ଦ ଆଚାର୍ଯ୍ୟ ଚର୍ଚ୍ଚିକାଦେବୀଙ୍କ ମୂର୍ତ୍ତି ୯ମ-୧୦ମ ଶତାବ୍ଦୀର କୀର୍ତ୍ତି ବୋଲି ୧୯୫୫ ମସିହା ବାଙ୍କୀ ଅଞ୍ଚଳର ପ୍ରତ୍ନତତ୍ତ୍ୱରେ ଲେଖିଥିଲେ । ପୁରୁଣା କାଳର ଦେବୀ ମନ୍ଦିର ପରିବର୍ତ୍ତିତ ହୋଇ ପିତାମ୍ବର ଶ୍ରୀଚନ୍ଦନ ଅମଳରେ ମନ୍ଦିରର ପୁନଃ ନିର୍ମାଣ ଓ ଶୂନ୍ୟ ବାହିନୀ ମଣ୍ଡପ ନିର୍ମାଣ ହୋଇଥିଲା । ସବୁ ଦେବଦେବୀ ପୀଠ ପରି ଚର୍ଚ୍ଚିକା ପୀଠରେ କେତେକ ପାର୍ଶ୍ୱ ଦେବତା ରହିଥିବାର ଦେଖାଯାଏ । ଏମାନଙ୍କ ମଧ୍ୟରେ ପଞ୍ଚ ମହାଦେବ, ଶ୍ରୀ ଗଣେଶ, ଶ୍ରୀମଙ୍ଗଳା, ଶ୍ରୀରାମ, ସନ୍ତୋଷୀ ଓ ମା' ତ୍ରୀନାଥ ଦେବୀଙ୍କ ମନ୍ଦିରମାନ ରହିଛି । ଦେବୀଙ୍କ ସମ୍ମୁଖ ଭାଗରେ ଏବଂ ତା' ଠାରୁ ସାମାନ୍ୟ ନିମ୍ନରେ ତଳଉପର ହୋଇ କାଠ ତିଆରି ଦୁଇଟି ମଣ୍ଡପ ରହିଛି । ପ୍ରଥମ ମଣ୍ଡପଟି ବାରଗୋଟି ସ୍ତମ୍ଭ ଉପରେ ସ୍ଥାପନ କରାଯାଇଛି । ଏହାକୁ ଶୂନ୍ୟବାହିନୀ ମଣ୍ଡପ ବୋଲି କୁହାଯାଏ । କାଠରେ ଏପରି ସୂକ୍ଷ୍ମ କାରୁକାର୍ଯ୍ୟ ମଣ୍ଡିତ ମଣ୍ଡପ ବୋଧହୁଏ ଓଡ଼ିଶାରେ ବିରଳ । ମା' ଚର୍ଚ୍ଚିକାଙ୍କ ନୀତିକାନ୍ତି ପୂଜା ସେବା ବ୍ରାହ୍ମଣମାନେ କରିଥା'ନ୍ତି । ମାଳୀ ସେବାୟତମାନେ ଅନ୍ୟାନ୍ୟ ସେବାନୀତି କରିଥାନ୍ତି। ଦେବୀ ଚର୍ଚ୍ଚିକାଙ୍କ ନିତିଦିନିଆ ସେବା ମଧ୍ୟରେ ଭୋରରୁ ମନ୍ଦିର ଖୋଲାଯାଇ ମା' ଙ୍କ ଆଳତି ଓ ମାଜଣା କରାଯାଏ । ମାଜଣା ପରେ ନେତ୍ର ଲାଗି ହୁଏ ।

ଏହି କାର୍ଯ୍ୟ ଘୋରା ଚନ୍ଦନ ଉପରେ ଲାଗି ହୁଏ । କାରଣ କଳା ମୁଗୁନି ପଥର ଦେହରେ ପର୍ଶୁରାମ ଶର ମୂନରେ ଆଙ୍କିଥିବା ମା' ଙ୍କ ମୂର୍ତ୍ତିରେ ଚନ୍ଦନ ଲେପି ଭୁଜ, ପୟର, ନେତ୍ର, ଚିତା ଇତ୍ୟାଦି ଲଗାଇ ବେଶ କରାଯାଏ । ବେଶ ପରେ ବ୍ରାହ୍ମଣ ପୂଜକଙ୍କ ଦ୍ୱାରା ସୂର୍ଯ୍ୟ ପୂଜା, ଦ୍ୱାରପାଳ ପୂଜା କରାଯାଇ ମା' ଙ୍କ ବଲ୍ଲଭ ଭୋଗ କରାଯାଏ । ଦୈନିକ ଏଠାରେ ଚାରିଥର ଧୂପ ହୋଇଥାଏ । ଦ୍ୱିପ୍ରହର ପରେ ମନ୍ଦିର ବନ୍ଦ ରହେ, ପୁର୍ନବାର ସନ୍ଧ୍ୟା ପୂର୍ବରୁ ଖୋଲେ । ସନ୍ଧ୍ୟା ଧୂପ ଓ ରାତ୍ରି ଧୂପ ପରେ ମା' ଙ୍କ ବିଶ୍ରାମ ପାଇଁ ବ୍ୟବସ୍ଥା କରାଯାଏ । ଚର୍ଚ୍ଚିକା ପୀଠରେ ପଣ୍ଡା ବା ଝାମୁଯାତ୍ରା, ଦଶହରା, କୁମାର ପୂର୍ଣ୍ଣିମା, ବାସନ୍ତୀ ପୂଜା, ଦୋଳଯାତ୍ରା ଓ ଚନ୍ଦନ ଯାତ୍ରା ଆଦି ମହାସମାରୋହରେ ପାଳିତ ହୁଏ । ଦିନ ଥିଲା ଏଠାରେ ପଣାଯାତ୍ରା ଦେଖିବାକୁ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ହଜାର ହଜାର ସଂଖ୍ୟାରେ ଭକ୍ତ ଆସୁଥିଲେ । ଏହିଯାତ୍ରା ମାସାଧିକକାଳ ଚାଲୁଥିଲା । କାଳକ୍ରମେ ସେ ସବୁର ପରିବର୍ତ୍ତନ ହୋଇଯାଇଛି । ଆଶ୍ୱିନ ମାସରେ ଦଶହରା ଉପଲକ୍ଷେ ଦେବୀ ଚର୍ଚ୍ଚିକାଙ୍କ ପାଖରେ କୃଷ୍ଣପକ୍ଷ ମୂଳାଷ୍ଟମୀ ଠାରୁ ଶୁକ୍ଲପକ୍ଷ ନବମୀ ପର୍ଯ୍ୟନ୍ତ ପୂଜା ଅନୁଷ୍ଠିତ ହୁଏ ।

ଆଳଦା, ଖଇରା, ବାଲେଶ୍ୱର

ISSN NO.
2582-208X

# ନିରାମୟ ଉପାୟ



ମାଳତୀ ଦେବୀ

ନିରାମୟ ପାଇଁ କର ଜଳପାନ
ତୃସାର୍ତ୍ତ ହୁଅ ନ ହୁଅ ।
ପ୍ରତିଦିନ ଦୁଇ ଲିଟର ପର୍ଯ୍ୟନ୍ତ
ସ୍ୱଚ୍ଛ ଜଳ ନରେ ପିଅ ।
ଶାରୀରିକ ଶ୍ରମ ଯଥା ଚାଲିବା
ପ ହଁରିବା ବ୍ୟାୟାମ ଆଦି ।
ଚାଲୁ ରଖୁ ଥିଲେ ନିରୋଗ ଶରୀର
ଲାଭ ହୋଇବ ସମ୍ପାଦି ।
ମିତାହାରି ହୁଅ ପୁଷ୍ଟିକର ଶ୍ୱେତ ସାର
ଆଦି ଖାଦ୍ୟ ଖାଅ ।
ଲାଳସା ନରଖ ଅଧିକ ଭୋଜନେ
ରୋଗଠୁଁ ଦୂରେଇ ରୁହ ।
ସାଧାରଣ କାର୍ଯ୍ୟେ ଗାଡ଼ି ମଟର ର
ବ୍ୟବହାର କର ନାହିଁ ।
ପଦ ବ୍ରଜେ ଗମ କରି ପରିଶ୍ରମ
ପାଖ ଆଖ କାମ ପାଇଁ ।
କ୍ରୋଧ ପରିତେଜ ବ୍ୟସ୍ତତା ବରଜ
ଖରାପ ସ୍ଥିତି ଆବର ।

ISSN NO.
2582-208X

ତହିଁରୁ ଅନ୍ତର ହୋଇଣ ଆସ୍ତିକ
ଜଣଙ୍କର ସଂଗ କର ।
ଅର୍ଥରୁ ଦୂରରେ ରୁହ ସରବଦା
ପ୍ରତିବେଶୀଙ୍କ ସହିତ ।
ହସ ଗପସପ କରିଣ ଆନନ୍ଦେ
ସୁଖ ହୁଅ ପରାପତ ।
ଅପ୍ରାପ୍ୟ ପଦାର୍ଥ ପାଇଁ କଦା ଚନ
ମନରେ ନକର ଦୁଃଖ ।
ପ୍ରାପ୍ତ ପଦାର୍ଥ ରେ ସଦା ତୃପ୍ତ ରହି
ପ୍ରାପ୍ତ ହୁଅ ଦିବ୍ୟ ସୁଖ ।
ଅର୍ଥ ଉଚ୍ଚ ସ୍ଥିତି ସମ୍ମାନ ଶକତି
ସୋନ୍ଦର୍ଯ୍ୟ ଜାତି ପ୍ରଭାବ ।
ଆତ୍ମ ବଡିମା ଏ ମାନ ହିଁ ବଢ଼ାଏ
ପ୍ରେମରେ ବାନ୍ଧ ମାନବ ।
ପଳିତ କେଶରାଶି ଅର୍ଥ ଜୀବନର
ନୁହଇଁ କେବେ ଅନ୍ତ ।
ଆରମ୍ଭ ଏକ ନୂତନ ଏ ଜୀବନ
ଉପଭୋଗେ ଦିଅ ଚିତ୍ତ ।
ହସ ହସ ମୁଖେ ବଡ଼ ସାନ ମାନଙ୍କୁ
କର ସଦା ସ୍ୱାଗତ ।
ଅତୀତର ବଡ଼ ସ୍ଥିତି ସ୍ମୃତି ଆଦି
ତେଜି ହୁଅ ଆନନ୍ଦିତ ।

ପୁରୁଣା ବଜାର, ଲୋକାପଦା, ଆଳ,
କେନ୍ଦ୍ରାପଡ଼ା, ଓଡ଼ିଶା

ISSN NO.
2582-208X

# ହୋଇଗଲି ମୁଁ କାଙ୍ଗାଳ



ବିକାଶ କୁମାର ହୋତା

ଘରଣୀ ଟି ମୋର କଜିଆ କରିଲା
ଯିବାକୁ ବିୟୁଟି ପାର୍ଲର
କାନ ମୋଡି ହୋଇ ମୁଁ ହଁ କରିଦେଲି
ଖୁସିରେ ହୋଇଲା ବିଭୋର ।।(୧)
ହସ ଖୁସି ହୋଇ ପହଞ୍ଚିଲୁ ଦୁହେଁ
ଯାଇକି ବିୟୁଟି ପାର୍ଲରେ
ମେକପ ନିଶା ରେ ଧାଇଁଲା ଭିତର
ଜଗିଲି ଓଟିଙ୍ଗ ରୁମ୍ ରେ ।।(୨)
କାକୁଡ଼ି କାଟିକି ଆଖିରେ ଥୋଇଲା
ମୁହଁ ରେ ମାରିଲା କିରିମି
କେତେ ରକମର ମେକପ ନେଲା ସେ
ଦେଖିଲି ଖାଲି ମୁଁ ଡ଼ିରିମି ।।(୩)
ବବ୍ କଟ୍ ସହ ଆଇବ୍ରୋ ସେଏଭ
ନେଲା ବ୍ରାଇଡ଼ାଲ ମେକପ
ଫେସିଆଲ ଯୋଗୁଁ କଳା କଲର ତା
ହୋଇଗଲା ପୂରା ଗ୍ୟାଆପ ।।(୪)
ଘରଣୀ କୁ ମୋର ଚିହ୍ନି ପାରିଲିନି
ନେଇଥିଲା ଥୋଡ଼େ ମେକପ
ବବ୍ କଟ୍ ଯୋଗୁଁ ଲାଗୁଥିଲା ପରା

ISSN NO.
2582-208X

ମାଙ୍କଡ଼ ପରି ତା ଗେଟପ ।।(୫)
ବିଇଲି ଦେବାର ସମୟ ଆସିଲା
ମାଇଣ୍ଡି କଲି ମୁଁ ସେଏଟ
ଦଶ ହଜାର ର ବିଇଲି ଆସିଲା
ନାଗିକି ଜିଏସ୍ଟି ରେଏଟ ।।(୬)
ବିଇଲି ପାଇଁ କି ପର୍ସ ଦରାଣ୍ଡିଲି
ନଥିଲା ଗୋଟାଏ ପଇସା
ବିଇଲି ପେମେଟ କରିପାରିଲିନି
ମୁଁ ହୋଇଗଲି ଲୋକ ହସା ।।(୭)
ରାଗ ତମ ତମ ହୋଇଗଲା ପୂରା
ସେ ଦେଖେଇକି ଚଣ୍ଡୀ ରୂପ
ଚଣ୍ଡୀ ରୂପ ଦେଖି ହାଲୁକ ଶୁଖିଲା
ବଢ଼ିଗଲା ମୋ ରକ୍ତ ଚାପ ।।(୮)
ବିଚରା ଟା ମୁହିଁ କରିବି କଅଣ
ମୋବାଇଲ ଦେଲି ବନ୍ଧାରେ
ଚଣ୍ଡୀ ରୂପ ଟିକେ ଶାନ୍ତ ପଡ଼ିଗଲା
ନିଃଶ୍ୱାସ ମାରିଲି ଶାନ୍ତିରେ ।।(୯)
କାନ ମୋଡ଼ି ମୋର ଚାପୁଡ଼ା ଖାଇଲି
ନେବିନି ବିୟୁଟି ପାର୍ଲର
ଘରଣୀ ଟି ମୋର ବଡ଼ ଖର୍ଚ୍ଚୀ ପରା
ବୁଡ଼େଇବ ମୋର ବେପାର ।।(୧୦)
ଘରଣୀ ପ୍ରେମରେ ହେବ ନାହିଁ ଭାଇ
ଟିକିଏ ହେଲେ ବି ପାଗଳ
ନ ହେଲେ ଭାଇରେ ଭେଳା ବୁଡ଼ିଯିବ
ହୋଇଯିବ ପୂରା କାଙ୍ଗାଳ ।।(୧୧)

ଦକ୍ଷିଣକାଳୀ ରୋଡ଼,ବିଦ୍ୟାନଗର,
ଢେଙ୍କାନାଳ,୮୭୫୮୨୯୨୦୫୧

ISSN NO.
2582-208X

# ମୋ ପ୍ରିୟା



ଲକ୍ଷ୍ମପତି ମଲ୍ଲିକ

ମୁକ୍ତ ଆକାଶ ତଳେ ଉଡୁଥିଲି ମୁଁ ଶୁଆ ଟିଏ ହୋଇ,
ଶାରୀ ହୋଇ ଆସିଲ ଜୀବନରେ ନୂଆ ରଙ୍ଗ ନେଇ । (୧)
ଅନ୍ତଃ ମନରେ ମୋର ମୃତ୍ୟୁ ପାଇଁ ନଥିଲା କେବେ ଡର,
ତୁମେ ଆସିବା ମାତ୍ରେ ବଞ୍ଚିବା ପାଇଁ ଚିତ ହୁଏ ଆକୁଳ । (୨)
ଲାଗେ ସତେ ଯେପରି ତୁମେ ଶରୀର ମୁ ତୁମ ପ୍ରାଣ,
ଉଭୟେ ପରସ୍ପର ଠୁ ବିଚ୍ଛିନ୍ନ ହେଲେ ରହିବ ନି ତାର ମାନ୍ୟ । (୩)
କବି ଟିଏ ନହୋଇ ତୁମ ପାଇଁ ଲେଖି ଦେଇଛି ଅନେକ କବିତା,
ଯେତେ ଲେଖିଲେ ମଧ୍ୟ ସରୁ ନାହିଁ ଲେଖା ଭାବିଲେ ତୁମ କଥା ।(୪)
ଉଚ୍ଚତା ରେ ଛୋଟ ହୋଇପାର ହେଲେ ମନରେ ତୁମେ ବଡ଼,
ଦୂରୁ ଦେଖିଦେଲେ ତୁମକୁ ଥରେ ଧକ୍ ଧକ୍ କରେ ମନ ଭିତର ।(୫)
ନୟନ ତୁମର ଅଟଇ ସତେ ଆକର୍ଷଣୀୟ ବିଶାଳ ସାଗର,
ସେଇ ସାଗର ରେ ବୁଡିବା ପାଇଁ ମନ କରେ କେତେ ବିଚାର ।(୬)
ଚାଲି ତୁମ ଗଜଗାମିନୀ ଲାଗେ ସତରେ ସ୍ୱର୍ଗର ମୋହିନୀ,
ସେହି ଚାଲି ଦେଖି ପଛପଟୁ କହିଦେବି ପ୍ରିୟା ମୋ ଯାଉଛି ବୋଲି ।(୭)
କେତେ ଭଲପାଏ ତତେ ଲେଖି ପାରିବି ନାହିଁ କଲମ ରେ ମୋର,
ସାହାଜାହାନ୍, ମମତାଜ୍ ଙ୍କ ପରି ତୋ ମୋ ପ୍ରେମ ରହିବ ଅମର ।(୮)

ଗ୍ରାମ - ଫୁଲକାନ
ଭରୁଆପାଲି,ବେଳପଡ଼ା, ବଲାଙ୍ଗିର
ଦୂରଭାଷ- ୭୩୨୭୦୯୧୮୧୨

ISSN NO.
2582-208X

# ଲୁହ



ରାଧାରାଣୀ ରାଉଳ

ବନ୍ଧୁକୁ ମାଗିଲି ବନ୍ଧୁତା ଟିକଏ
ବନ୍ଧୁ କରିଦେଲେ ମନା
କବିକୁ ମାଗିଲି କବିତା ଧାଡିଏ
କବି କରିଦେଲେ ମନା
ଚନ୍ଦ୍ରା ପ୍ରେମକୁ ମୁଁ ଚେନାଏଁ ଗୃହିଁଲି
ସେ ବି ହେଲା ଅଚନ୍ଦ୍ରା
ବିରହ ନିଆଁରେ ଜଳୁଛି ଆଜି ମୁଁ
ଛାତିରେ ଛାତିଏ କୋହ
ଆଜି ମୁଁ ଜାଣିଲି ଏଇ ଦୁନିଆଁରେ
ନିଜର କେବଳ ଲୁହ ॥

କଟିକଟା, ଯାଜପୁର

ISSN NO.
2582-208X

# ସ୍ୱାସ୍ଥ୍ୟ ବିଭାଗ

ISSN NO.
2582-208X

# ବିଶ୍ୱ ମ୍ୟାଲେରିଆ ଦିବସ ଉପଲକ୍ଷେ ବାର୍ତ୍ତା



ଡାକ୍ତର ବସନ୍ତ କୁମାର ଷଡଙ୍ଗୀ

ସମଗ୍ର ବିଶ୍ୱ ରେ ଦେଖା ଦେଉଥିବା ବିଭିନ୍ନ ଜୀବାଣୁ, ବୀଜାଣୁ, ଭୁତାଣୁ ଦ୍ୱାରା ସୃଷ୍ଟି ହେଉଥିବା ରୋଗ ଗୁଡିକ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ କୁ ସଂକ୍ରମିତ ହୋଇଥାଏ I ସେଥି ମଧ୍ୟରୁ ସାରା ବିଶ୍ୱ ରେ 'ମ୍ୟାଲେରିଆ' ନାମକ ଜ୍ୱର ମାଇ ଏନୋଫିଲିସ ନାମକ ମଶା ଦ୍ୱାଦ୍ୱାରା ସଂକ୍ରମିତ ମନୁଷ୍ୟ ଠାରୁ ସୁସ୍ଥ ମନୁଷ୍ୟଙ୍କୁ ସଂକ୍ରମିତ ହୋଇଥାଏ I ଉକ୍ତ ମ୍ୟାଲେରିଆ ପରଜିବି ବିଷୟରେ ସର୍ବପ୍ରଥମେ 20/ ଅଗଷ୍ଟ 1897 ମସିହା ରେ *ରୋନାଲଡ ରସ* ନାମକ ଜଣେ ବୈଜ୍ଞାନିକ ଚିହ୍ନଟି କରଣ କରିବା ସହିତ ମ୍ୟାଲେରିଆ ଜ୍ୱର କୁ ପ୍ରତିରୋଧ କରିବା ନିମନ୍ତେ ମ୍ୟାଲେରିଆ ଔଷଧ ବା କ୍ଲୋରୋକୁଇନ ଆବିଷ୍କାର କରିଥିଲେ I ସାରା ବିଶ୍ୱରେ ସାଧାରଣତଃ ଚାରି ପ୍ରକାର ର ମ୍ୟାଲେରିଆ ପାରାସାଇଟ ଦେଖାଦେଇଥାଏ I

1. ପ୍ଲାସମୋଡିୟମ ଫଲସିଫରମ,
2. ପ୍ଲାସମୋଡିୟମ ଭାଇବେକ୍ସ,
3. ପି. ଓଭେଲ୍,
4. ପି. ମ୍ୟାଲେରିଆ

ଏହି ଚାରୋଟି ମଧ୍ୟରୁ ଆମ ଭାରତରେ ପ୍ଲାସମୋଡିୟମ ଫଲସିଫରମ, ପ୍ଲାସମୋଡିୟମ ଭାଇବେକ୍ସ ମ୍ୟାଲେରିଆ ପରଜିବି ଦ୍ୱାରା ବହୁ ଲୋକ ଆକ୍ରାନ୍ତ ହେବାର ଦେଖା ଯାଏ I ଏହି ଦୁଇଟି ମଧ୍ୟରୁ ପ୍ଲାସମୋଡିୟମ ଫଲସିଫରମ ମ୍ୟାଲେରିଆ ପରଜିବି ଅତି ମାରାତ୍ମକ ଏବଂ

ISSN NO.
2582-208X

ବିଶ୍ୱ ସ୍ତରରେ ଏହି 'ପ୍ଲାସମୋଡିୟମ ଫଲସିଫରମ' ମ୍ୟାଲେରିଆ ଜ୍ୱରରେ ଆକ୍ରାନ୍ତ ହୋଇ ସର୍ବାଧିକ ଲୋକ ମୃତ୍ୟୁ ମୁଖରେ ପଡ଼ିଥାନ୍ତି, ତେଣୁ ଲକ୍ଷଣ ଦେଖାଦେବା ମାତ୍ରେ ଡାକ୍ତର ଙ୍କ ପରାମର୍ଶ ଅନୁସାରେ ରୋଗୀର ରକ୍ତ ନମୁନା ପରୀକ୍ଷା କରାଇ ଔଷଧ ସେବନ କରିବା ଜରୁରୀ ଅଟେ ।

*ମ୍ୟାଲେରିଆ କପରି ହୋଇଥାଏ*

ମ୍ୟାଲେରିଆ ସାଧାରଣତଃ 'ମାଇଏନୋଫିଲିସ' ନାମକ ଏକ ମଶା ର ଲାଳ ଗ୍ରନ୍ଥିରେ ମ୍ୟାଲେରିଆ ଜୀବାଣୁ ରହିଥାଏ । ଉକ୍ତ ମ୍ୟାଲେରିଆ ଜୀବାଣୁ ଯୁକ୍ତ ମଶା ଜଣେ ସୁସ୍ଥ ବ୍ୟକ୍ତିଙ୍କୁ କାମୁଡ଼ିଲେ ଉକ୍ତ ବ୍ୟକ୍ତି ମ୍ୟାଲେରିଆ ଜ୍ୱର ରେ ଆକ୍ରାନ୍ତ ହୋଇଥାନ୍ତି । ଏହି ଜ୍ୱର ମ୍ୟାଲେରିଆ ପାରାସାଇଟ (ମ୍ୟାଲେରିଆ ପରଜୀବି) ର ସଂକ୍ରମଣରୁ ଦେଖାଦେଇଥାଏ । ଏହି ପରଜୀବି ନିଜ ଜୀବନ ଚକ୍ରରେ କିଛି ଅଂଶ ମଣିଷ ଦେହରେ ଏବଂ କିଛି ଅଂଶ ମଶା ଦେହରେ ବିତାଇ ଥାଏ । ମାଇଏନୋଫିଲିସ ମଶା ମ୍ୟାଲେରିଆ ଜ୍ୱର ରେ ଆକ୍ରାନ୍ତ ରୋଗୀକୁ କାମୁଡିବା ଦ୍ୱାରା ମଶା ଦେହକୁ ମ୍ୟାଲେରିଆ ପରଜିବି ପ୍ରବେଶ କରିଥାଏ, ତାପରେ 'ପରଜିବି' ମଶା ର ଖାଦ୍ୟ ନଳରେ ପହଁଚ ମଶା କୁ ସଂକ୍ରମିତ କରିଥାଏ । ଏହି ସଂକ୍ରମିତ ମଶା ଯେତେବେଳ ସୁସ୍ଥ ମନୁଷ୍ୟକୁ କାମୁଡ଼ି ସେତେବେଳେ ମ୍ୟାଲେରିଆ ପରଜିବି ମନୁଷ୍ୟର ରକ୍ତ ଭିତରକୁ ପ୍ରବେଶ କରେ । ସୁସ୍ଥ ବ୍ୟକ୍ତିଙ୍କୁ ମଶା କାମୁଡ଼ିବାର 14 ରୁ 21 ଦିନ ଭିତରେ ଜ୍ୱରର ଲକ୍ଷଣ ପ୍ରକାଶ ପାଇଥାଏ । ଜଣେ ମ୍ୟାଲେରିଆ ସଂକ୍ରମିତ ରୋଗୀଙ୍କ ଠାରୁ ମାଇଏନୋଫିଲିସ ମଶା ଦ୍ୱାରା ସୁସ୍ଥ ବ୍ୟକ୍ତିଙ୍କୁ ମ୍ୟାଲେରିଆ ଜ୍ୱର ହେବାର ଆଶଙ୍କା ରହିଥାଏ ।

*ମ୍ୟାଲେରିଆ ଜ୍ୱର ର ଲକ୍ଷଣ*

ଜଣେ ସୁସ୍ଥ ବ୍ୟକ୍ତି ମ୍ୟାଲେରିଆ ଜ୍ୱର ରେ ଆକ୍ରାନ୍ତ ହେଲେ ଶରୀରରେ ଶୀତ ଅନୁଭୂତ ହେବା ସହ 'କମ୍ପ' ଅନୁଭୂତ ହୋଇଥାଏ, ମୁଣ୍ଡ ବ୍ୟଥା ଓ ପ୍ରବଳ ଶୀତ ହେତୁ ରୋଗୀ କମ୍ବଳ କମ୍ବା ରେଜେଇ ଘୋଡେଇ ହୋଇଥାଏ, ହାତର ଆଙ୍ଗୁଠି, ଟିପ, ଓଠ ଆଦି ନୀଳ ବର୍ଣ୍ଣ ଦିଶେ । ଶରୀରର ବାହ୍ୟ ଚର୍ମ ଶୁଷ୍କ ଅନୁଭୂତ ହେବା ସହ 'ଲୋମ ଟାଙ୍କୁରୀ' ହୋଇଯିବା ଲକ୍ଷଣ ଦେଖାଯାଏ । ରୋଗୀ ର ଶରୀରରେ ତାପମାତ୍ରା ପ୍ରବଳ ବୃଦ୍ଧି ପାଇ

ISSN NO.
2582-208X

ଭୀଷଣ ମୁଣ୍ଡ ବ୍ୟଥା, ବାନ୍ତ ଲାଗିବା, ଶୋଷ ଲାଗିବା, ଖାଦ୍ୟ ଖାଇବା ପାଇଁ ଅରୁଚ ଆଦି ଲକ୍ଷଣ ଦେଖାଯାଇଥାଏ ।

*ମ୍ୟାଲେରିଆ ଜ୍ୱର ର ପ୍ରତିକାର*

ମ୍ୟାଲେରିଆ ଜ୍ୱର ସାଧାରଣତଃ ବର୍ଷ ର ସବୁ ମାସରେ ଦେଖାଦେଉଥିବା ବେଳେ ମୁଖ୍ୟତଃ ବର୍ଷା ଋତୁରେ ବହୁଳ ଭାବେ ଦେଖାଦେଇଥାଏ । ମ୍ୟାଲେରିଆ ଜ୍ୱର ର ବାହକ 'ମାଇଏନୋଫିଲିସ ମଶା' ସାଧାରଣତଃ ମନୁଷ୍ୟ କୁ ରାତିରେ କାମୁଡି ଥାଏ । ଏହି ମଶା ସ୍ଥିର, ସ୍ୱଚ୍ଛ ଓ ମାଟି ଉପରେ ଜମିଥିବା ପାଣିରେ ହିଁ ବଂଶ ବିସ୍ତାର କରିଥାଏ । 'ମାଇଏନୋଫିଲିସ ମଶା' ୧ ରୁ ୨ କଲୋମିଟର ଦୂରତା ଭିତରେ ଉଡି ସୁସ୍ଥ ବ୍ୟକ୍ତଙ୍କୁ କାମୁଡି ଥାଏ । ମଶା କାମୁଡିବା ରୁ ରକ୍ଷପାଇବା ନମନ୍ତେ ଘରେ 'ଝୁଣା ଧୂପ' ଧୂଆଁ ଦେବା ସହ ଶୋଇବା ବେଳେ ମଶାରୀ ଟାଙ୍ଗୀ ଶୋଇବା ଉଚତ । "ସରକାରଙ୍କ ତରଫରୁ ଦିଆଯାଉଥିବା ଔଷଧ ଯୁକ୍ତ ମଶାରୀ ସର୍ବୋତ୍କୃଷ୍ଟ ଅଟେ"।

*ଆୟୁର୍ବେଦୀୟ ଚକତ୍ସା ପଦ୍ଧତି*

ଭାରତୀୟ ଆୟୁର୍ବେଦ ଚକତ୍ସା ଶାସ୍ତ୍ରରେ ଉଲେଖ ଅନୁଯାଇ ମ୍ୟାଲେରିଆ ଜ୍ୱର ରେ ଆକ୍ରାନ୍ତ ରୋଗୀ ଙ୍କୁ

1. ଅମୃତାରିଷ୍ଟ 10 -15 ଏମ.ଏଲ. ଦିନରେ ଦୁଇ ବେଳା ଗରମ ପାଣି ଥଣ୍ଡା କରି ମିଶାଇ ରୋଗୀଙ୍କୁ ଦେବା ଉଚତ ।

2. ଗଙ୍ଗଶିଉଳ ଗଛ ର ପତ୍ରର ରସ ଦୁଇ ଗ୍ରାମଚ ଲଖାଏ ଖାଲିପେଟରେ ଦିନକୁ ଦୁଇବେଳା ସେବନ କରିବା ଉଚତ, ଏହା ମ୍ୟାଲେରିଆ ଜ୍ୱର ନମନ୍ତେ ଅମୃତ ତୁଲ୍ୟ କାମ କରିଥାଏ ।

3. ମ୍ୟାଲେରିଆ ଜ୍ୱର ରେ ଆକ୍ରାନ୍ତ ରୋଗୀ କୁ "ସୁଦର୍ଶନ ଘନ ବଟିକା" ଗୋଟିଏ ଲେଖାଏଁ ଦିନରେ ଦୁଇ ବେଳା ଖାଦ୍ୟପରେ ଉଷୁମ ଜଳ ସହ ଦିଆଯିବା ଉଚତ ।

ISSN NO.
2582-208X

ମ୍ୟାଲେରିଆ ଜ୍ୱର ଏକ ମାର୍‌ତ୍ମକ ଏବଂ ଏଥି ପ୍ରତି ଅବହେଳା କଲେ ରୋଗୀ ମୃତ୍ୟୁ ମୁଖରେ ପଡ଼ିବାର ଅଧିକ ସମ୍ଭାବନା ରହିଥାଏ । ମଶା ଦାଉରୁ ରକ୍ଷା ପାଇବା ନିମନ୍ତେ ବାସ ଗୃହ ଓ ଘର ଚତୁର୍ପାର୍ଶ୍ୱ ରେ ପାଣି ଜମିବାକୁ ନଦବା ଏବଂ ପରିଷ୍କାର ପରିଚ୍ଛନ ରଖିବା ଉଚତ । ସରକାରଙ୍କ ତରଫରୁ କରାଯାଉଥିବା ଡ଼ିଡ଼ିଟି ସିଞ୍ଚନ କରାଇବା ସହ ବ୍ଲିଚଙ୍ଗ ପାଉଡ଼ର ସିଞ୍ଚନ କରାଇବା ଉଚତ । ଯଦ୍ୱାରା ମଶା ଙ୍କ ପ୍ରାଦୁର୍ଭାବ ରୁ ରକ୍ଷା ପାଇବା ସହ ମ୍ୟାଲେରିଆ ଜ୍ୱର ରେ ଆକ୍ରାନ୍ତଙ୍କ ସଂଖ୍ୟା ହ୍ରାସ ପାଇପାରିବ ।

ଉକ୍ତ 'ମ୍ୟାଲେରିଆ' ର ପ୍ରଦୁର୍ଭାବ କୁ ପ୍ରତିରୋଧ କରିବା,ଦମନ କରିବା, ଆକ୍ରାନ୍ତ ରୋଗୀ ସଂଖ୍ୟା ହ୍ରାସ କରାଇବା ନିମନ୍ତେ ସାରା ବିଶ୍ୱ ସ୍ତରରେ ପ୍ରତିବର୍ଷ ଏପ୍ରିଲ ମାସ 25 ତାରିଖ କୁ ବିଶ୍ୱ ମ୍ୟାଲେରିଆ ଦିବସ ଭାବେ "ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ(WHO)" ଦ୍ୱାରା ପାଳନ କରାଯାଇ ଆସୁଅଛି । ଚଳିତ ବର୍ଷ ମଧ ଏପ୍ରିଲ 25 ତାରିଖ 2023 କୁ ବିଶ୍ୱ ମ୍ୟାଲେରିଆ ଦିବସ ଭାବେ ପାଳନ କରାଯାଉଅଛି । "ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ" ଦ୍ୱାରା ଜାରିକରାଯାଇଥିବା ଚଳିତ ବର୍ଷ 'ବିଶ୍ୱ ମ୍ୟାଲେରିଆ ଦିବସ ଉପଲକ୍ଷେ' ର ବାର୍ତ୍ତା ହେଉଛି ଯେ - *TIME TO DELIVER ZERO MALARIA : INVEST,INNOVATE, IMPLEMENT । ତେଣୁ ମ୍ୟାଲେରିଆ ରୋଗ କୁ ହ୍ରାସ କରିବା ଏବଂ ମ୍ୟାଲେରିଆ ଜ୍ୱର ହେତୁ ମୃର୍ତ୍ୟୁ ସଂଖ୍ୟା କୁ "ଶୂନ" କରିବା ନିମନ୍ତେ ସ୍ୱାସ୍ଥ୍ୟ ବିଭାଗ ସମେତ ସର୍ବସାଧାରଣଙ୍କ ସହଯୋଗ ର ଆବଶ୍ୟକତା ରହିଛି ।

ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଚନ୍ଦାହାଣ୍ଡି, ନବରଙ୍ଗପୁର,
ଫୋନ-୭୮୯୪୧୧୨୪୮୭

ISSN NO.
2582-208X

# ଶରୀର ପାଇଁ ଜଳର ଉପାଦେୟତା



ଡାକ୍ତର ଅଭିମନ୍ୟୁ କାନୁନଗୋ

ମଣିଷ ଦେହରେ ଜଳର ମାତ୍ରା ହେଉଛି ୭୦ ଶତଅଡା ବା ସତୁରୀ ଭାଗ । ଏଥିରେ ଯଦି ସାମାନ୍ୟ ଅସନ୍ତୁଳନ ଦେଖାଦିଏ ତେବେ ସେ ଅସୁସ୍ଥ ହୋଉପଡେ । ତେଣୁ ସବୁବେଳେ ନିଜକୁ ସୁସ୍ଥ ରଖିବା ପାଇଁ ଶରୀରକୁ ସନ୍ତୁଳତ ରଖିବା ଅତ୍ୟନ୍ତ ଜରୁରୀ । ପ୍ରଚୁର ଜଳପାନ କରିବା ଦ୍ୱାରା ରକ୍ତ ସନ୍ତୁଳତ ରହିଥାଏ । ରକ୍ତ ସଂଗ୍ଚଳନ ବଢିଥାଏ । ଆଉ ରକ୍ତର କୋଷିକା ଗୁଡିକ ସୁଗ୍ଚରୁରୂପେ କାମ କରିଥାନ୍ତୁ ।

ବ୍ରୋକୋଲି ଓ ବନ୍ଧାକୋବି ଆଣ୍ଟି ଅକ୍ସିଡାଣ୍ଟ ଓ ଭିଟାମିନ୍ ସି ରେ ପରିପୂର୍ଣ୍ଣ । ଏସବୁ ପରିବାକୁ ଖାଦ୍ୟରେ ସାମିଲ କରନ୍ତୁ । ଏସବୁ ଖାଇବା ଦ୍ୱାରା ରକ୍ତ କୋଷିକା ଗୁଡିକ ନଷ୍ଟ ହୋଇନଥାଏ । ଏଥିରୁ ଫାଇଟୋ ନ୍ୟୁଟ୍ରିଏଣ୍ଟ ମିଳଥାଏ । ଫଳରେ ରକ୍ତର ଶିରା ଗୁଡିକରେ ହେଉଥିବା ଯନ୍ତ୍ରଣା କମ ରହିଥାଏ । ବ୍ଲୁବେରୀ ଓ କ୍ରୋନ୍ ବେରୀ ଜୁସ୍ ଖାଦ୍ୟରେ ସାମିଲ କରିବା ଦ୍ୱାରା ରକ୍ତ ସଞ୍ଚାଳନ ଠିକ୍ ଭାବରେ ହୋଇଥାଏ ଓ ରକ୍ତବାହୀ ଶିରାଗୁଡିକ ନମନୀୟ ହୋଇଥାଏ । ଫଳରେ ରକ୍ତଚାପ ଠିକ୍ ରହିଥାଏ ।

ଏହାଛଡା ସେଓ ରେ ବହୁ ମାତ୍ରାରେ ସାଲ୍ୟୁବଲ୍ ଫାଇବର ଥିବାରୁ ଏହା ଖାଇବା ଦ୍ୱାରା ରକ୍ତ ଶର୍କରା ନିୟନ୍ତ୍ରୀତ ରହିଥାଏ । ଏହା ବ୍ୟତିତ ଓମେଗା-୩ ଫ୍ୟାଟି ଏସିଡ୍ ମାଛରୁ ମିଳଥାଏ ।ଫ୍ୟାଟି ଏସିଡ ରକ୍ତରେ ଟ୍ରାଇଗ୍ଲିସରାଇଡ ମାତ୍ରାକୁ କମାଇଥାଏ ଓ ରକ୍ତଚାପ ଓ ରକ୍ତ ସଞ୍ଚାଳନ ନିୟନ୍ତ୍ରଣରେ ରଖିଥାଏ ।

ବି.ଏ.ଏମ୍.ଏସ୍, ପୁରୀ-୨

ISSN NO.
2582-208X

# ଆମ ହାଣ୍ଡିଶାଳ

ISSN NO.
2582-208X

# ଦହି ପନିର



ଜୟନ୍ତୀ ଦେବୀ

**ଆବଶ୍ୟକ ସାମଗ୍ରୀ:** ପନିର, ଦହି, ଲୁଣ, ହଳଦି ଗୁଣ୍ଡ, ଲଙ୍କା ଗୁଣ୍ଡ, ତେଲ, କସ୍ତୁରୀ ମେଥି, କାଜୁ ଧନିଆ ପାଉଡର, କଞ୍ଚାଲଙ୍କା, କ୍ରିମ, ପୁଦିନା ପତ୍ର ଓ ଧନିଆ ପତ୍ର

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ପନିରକୁ କ୍ୟୁବ୍ ସାଇଜ୍ ରେ ଛୋଟ ଛୋଟ ଖଣ୍ଡ କରି କାଟି ଦିଅନ୍ତୁ । ଏହା ପରେ ଏକ ପାତ୍ରରେ ରିଫାଇନ୍ ତେଲ, ଲୁଣ, ହଳଦୀ ଗୁଣ୍ଡ, ଲଙ୍କା ଗୁଣ୍ଡ ଓ କସ୍ତୁରୀ ମେଥିଉ ଇଶାଇ ଏକ ଘୋଳ ପ୍ରସ୍ତୁତ କରନ୍ତୁ । ସେଥିରେ ପନିରକୁ ଭଲ ଭାବରେ ଗୋଳାଇ ମ୍ୟାରିନେଟ୍ କରିଦିଅନ୍ତୁ । ଏହା ପରେ ଏକ ପ୍ୟାନରେ ତେଲ ଗରମ କରନ୍ତୁ । ତେଲ ଗରମ ହୋଇଗଲା ପରେ ପନିରକୁ ହାଲକା ଫ୍ରାଏ କରନ୍ତୁ । ସେହି ପ୍ୟାନ୍ ରେ ଅଳ୍ପ ତେଲ ଗରମ କରନ୍ତୁ । ସେଥିରେ ଶୁଖିଲା ଲଙ୍କା, କଟା ଅଦା, ଓ ଗୁଜୁରାତିକୁ ପକାଇ ଦିଅନ୍ତୁ । ଅନ୍ୟ ଏକ ପାତ୍ରରେ ଦହି ନେଇ ସେଥିରେ ହଳଦି ଗୁଣ୍ଡ, ଲଙ୍କା ଗୁଣ୍ଡ, ଧନିଆ ପାଉଡର ଓ ସିଝା କାଜୁ ପେଷ୍ଟଉ ଭଲ ଭାବେ ମିଶାନ୍ତୁ । ଏହି ମିଶ୍ରଣକୁ ତେଲ ଗରମ ଥିବା ପ୍ୟାନ୍ ରେ ପକାଇ ଗୋଳାଇ ଦିଅନ୍ତୁ । ଏହାପରେ ମସଲା ଭଲଭାବେ ଅଷି ହେବା ପରେ ସେଥିରେ ଆବଶ୍ୟକ ଅନୁସାରେ ପାଣି ଓ ଲୁଣ ପକାଇ ଦିଅନ୍ତୁ । ପରେ ସେଥିରେ କଞ୍ଚା ଲଙ୍କା ପକାନ୍ତୁ । ଏହା ପରେ ପନିର ପକାଇ ଅଳ୍ପ ସମୟ ପାଇଁ ଫୁଟାଇ ବନ୍ଦ କରିଦିଅନ୍ତୁ । ଏହାପରେ କିଛି କ୍ରିମ, କଟା ଧନିଆ ପତ୍ର ପକାଇ ସଜାଇ ଦିଅନ୍ତୁ । ପ୍ରସ୍ତୁତ ହୋଇଗଲା ସ୍ୱାଦିଷ୍ଟ ଦହି ପନିର । ଏହି ରେସିପିଟିକୁ ଫ୍ରାଏଡ୍ ରାଇସ୍ ବା ରୁଟି ସହିତ ଖାଇଲେ ବେଶୀ ସୁଦିଆ ଲାଗିଥାଏ ।

ମହୁ, ଆଳ, କେନ୍ଦ୍ରାପଡା

ISSN NO.
2582-208X

# ଛେନା ପଲାଉ



ଅଧ୍ୟାପିକା ରୋଜାଲିନ୍ ବାରିକ୍

## ଆବଶ୍ୟକ ସାମଗ୍ରୀ:

ଗ୍ଧରି କପ୍ ସରୁ ଅରୁଆ ଗ୍ଧଉଳ, ଦୁଇ କପ୍ ଦୁଧ ଛେନା, ୨ଟି ବଡ ପିଆଜ, ୨ଟା ଅଳେଇଚ, ୨ ଖଣ୍ଡ ଡାଲଚନି, ୮ଟି ଗୋଲ ମରିଚ, ୨ଟି ବଡ ଆଳୁ, ଏକ କପ୍ ଘିଅ, ଦରକାର ମୁତାବକ ଲୁଣ ।

## ପ୍ରସ୍ତୁତି ପ୍ରଣାଳୀ:

ଛେନାକୁ ଲୁଣ ଦେଇ ଭଲ ଭାବରେ ଚକଟି ଥାଳରେ ଖେଳାଇ ଦିଅନ୍ତୁ । ତା ପରେ ଛେନାକୁ ଗ୍ଧରି କଣିଆ କରି ସଜାଇ ରଖନ୍ତୁ । କଡେଇ ଅଧା ଘିଅ ଏଇ ଗରମ କରି ଛେନାକୁ ପତଳା କରି କାଟି ଛାଣି ରଖନ୍ତୁ ଓ ପିଆଜକୁ ଲମ୍ବା ଲମ୍ବା କରି କାଟି ଘିଅ ରେ ଲାଲ୍ କରି ଛାଣି ରଖନ୍ତୁ । ଅବଶିଷ୍ଟ ଘିଅକୁ ଗରମ କରନ୍ତୁ । ଘିଅ ଗରମ ହେଲେ ଅଳେଇଚ ଡାଲଚନି ଗୋଲ ମରିଚ ପକାନ୍ତୁ । ଏହା ପରେ ଗ୍ଧଉଳ ଧୋଇ ଘିଅରେ ଭାଜି ପାଣି ଦେଇ ଅଧଘଣ୍ଟା ଫୁଟାଇ ସେଥିରେ ଅନ୍ୟ ସମସ୍ତ ପୂର୍ବ ପ୍ରସ୍ତୁତ ସାମଗ୍ରୀ ପକାଇ ୧୦ ମିନଟ୍ ଘୋଡାଇ ଦିଅନ୍ତୁ । ପରେ ଆଞ୍ଚରୁ ବାହାର କରି ପରଷନ୍ତୁ ।

ମହୁ, ଆଳ, କେନ୍ଦ୍ରାପଡା

ISSN NO.
2582-208X

# ପିପର ମସରୁମ୍



ଅଳକା ବାରିକ୍

**ଆବଶ୍ୟକ ସାମଗ୍ରୀ:**

ଦେଢ କପ୍ ଧନଆ ପତ୍ର, ଗୋଟିଏ ବଡ ପିଆଜ, ମୁଠାଏ କଟା ରସୁଣ, ୨ ଗ୍ଲମଚ ଅଲିଭ୍ ଅଏଲ୍, ୩ କପ୍ ପାଣି, ୧ କପ୍ ଉଷୁନା ଗ୍ଉଳ, ୨ କପ୍ ଛତୁ, ସ୍ୱାଦ ଅନୁସାରେ ଲୁଣ, ଲଙ୍କା ଗୁଣ୍ଡ ଏବଂ ଗୋଲ ମରିଚ ଗୁଣ୍ଡ ।

**ପ୍ରସ୍ତୁତି ପ୍ରଣାଳୀ:**

ପ୍ରଥମେ ପ୍ୟାନ ରେ ତେଲ ନେଇ ଛତୁ ଭ୍ଜନ୍ତୁ । ଭଲ ଭ୍ବେ ଭ୍ଜି ହୋଇଗଲେ ଏହାକୁ ଅନ୍ୟ ଏକ ପାତ୍ରକୁ କାଢିଦେବେ । ଏବେ ଅନ୍ୟ ଏକ ପ୍ୟାନରେ ତେଲ ନେଇ ଗରମ କରନ୍ତୁ । ତେଲ ତାତିଲେ ସେଥିରେ କଟା ଧନଆ ପତ୍ର, ପିଆଜ ଏବଂ ରସୁଣ ପକାଇ ୫ ମିନଟ୍ ପର୍ଯ୍ୟନ୍ତ ଫ୍ରାଏ କରନ୍ତୁ । ପୂର୍ବରୁ ଭଜା ହୋଇଥିବା ଛତୁ ଏବଂ ଅନ୍ୟ ସାମଗ୍ରୀମାନ ଏଥିରେ ମିଶାଇ ଦିନ୍ତୁ । ଚାଉଳ ସିଝିବା ପର୍ଯ୍ୟନ୍ତ ଏହାକୁ ଧିମା ଆଞ୍ଚରେ ବସାନ୍ତୁ । ପ୍ରାୟ ୪୫ ମିନିଟ ପର୍ଯ୍ୟନ୍ତ ରାନ୍ଧିବା ପରେ ଆଞ୍ଚ ବନ୍ଦ କରି ଦେଇ ଧନିଆ ପତ୍ର ପକାଇ ୧୦ ମିନିଟ୍ ଢାଙ୍କୁଣି ଘୋଡାଇ ଦିଅନ୍ତୁ । ଏହାପରେ କାପସିକମ୍ ଅଳ୍ପ ଭାଜି ଏଥିରେ ଦେଇ ସଜାଇ ରୁଟି କିମ୍ବା ନାନ୍ ସହିତ ଗରମ ଗରମ ପରିବେଷଣ କରନ୍ତୁ । ଏହା ହେଉଛି ପିପର୍ ମସରୁମ୍ ର ପ୍ରସ୍ତୁତି ର ତରିକା ।

ମହୁ, ଆଳ, କେନ୍ଦ୍ରପଡା

ISSN NO.
2582-208X

# ଆଞ୍ଚଳିକ

ISSN NO.
2582-208X

ବେଦାନ୍ତି

# ଜିଁତା ଜିଁ ମୁରଦାର୍



ସୁନୀଲ କୁମାର ଅଗସ୍ତି

କାଏଁଟା ଅ' ଯେ 'ତମେ'
କି' ମୁଁଇଁ ଭାଏଲେ ଅନମୁନଷିଆ
ବିଟାଲ୍ କେଚକେଚା ନୀଲଜ୍ ସେଁର୍'ରା
ତମର୍ ଲାଗତି ମାହାପୁରୁ କୁଁ ଗଲେ
ପାସରି ଦେଲିଁ,
ମାଁ' ବୁଆ କେନ୍ ଅନ୍ ଯେ ନି' ଜାନି ପାରଲିଁ,
ଦଦା ଭାଏ କକା ବବା ବଡ଼ମା ବଡେଇ
ସାଙ୍ଗ୍ ସରସା ସମକୁଁ କେରେଇ ଦେଲିଁ,
ଆ"ଦେ ତ' ଚେତା ମୋର୍ ଫିରଲା
ହେଲେ,ନିଜକେ ନରକ୍ ଗଦା ନେ ଠାବ୍ କଲିଁ,
ଯେତେ 'ତମେ'ର୍ ଲାଗତି କାଁ'ଯେ ସଭେଁ ବାଇ
ଇ' ଶବଦର୍ ମୋଲ୍ କାଏଁଟା ଆଏ ?
ଇ' ଯେତେ 'ତମେ' ମାନେ 'ସତ'ର୍ ନିଦାନର୍
କୁଶେ ଦୁରେଁ କାଏଁ ?
ଇ' 'ତମେ' ମାନେ ଯଦରବି ସୁଧରି ଯାଏତେ ?
ହେଲେ, 'ତମେ' ର୍ ଗୁନ୍ ଗାଏବାର୍ ଥିଁ
କାଗଜ୍ କଲମ୍ ଆର୍ ଶବଦ୍ ଯେତେ ତ'
ଗୋଡ୍ ଟେକିଛନ୍ ନ',

ISSN NO.
2582-208X

ଜୁନହାଁ ଫରଦ୍ ସାକ୍ଷୀ ଆଏ
'ତମେ' ମାନକଁର୍ ଗୁନ୍ ଗାଏବାର୍ ଲାଗତି
ଶବଦର୍ ଅଭାବ୍ ନି'
କାଗଜର୍ ଅଭାବ୍ ନି'
କଲମ ତ' ଯାହାକେ ଯେତେ
ବାଟେ ଘାଟେ ପଡିଛେ,,
ଫିରଭି ଜିଁତା ଜିଁ ମୁରଦାର୍ ସଙ୍ଗେ
ଭାବ ବଢାବାର୍ ମଉକା ମିଲ୍'ଲା ଉତାଗୁଁ
ଇ' ଶବଦ୍ କାଗଜ୍ ଆର୍ କଲମ୍ ଯେତେ କେ
ଯେତେ ନିନ୍ଦା କଲେ ଗଲେ ନରକ୍ ଗଦା'ନୁ ମତେ
ଆର୍ କେନ୍ ଘିଚି ଆନି ପାର୍'ବେ ବଲି ଆଶ୍
ନି' ଲାଗବାର ନ',,

ଟିଟିଲାଗଡ଼, ବଲାଙ୍ଗୀର
ମୋ/୯୪୩୭୨ ୧୦୮୮୭

ISSN NO.
2582-208X

# ସଟ୍ଟା ମଟ୍ କା



ମାନସ ରଞ୍ଜନ ସାହୁ

ସଟା ତ ମଟ୍ କା ସଟା.....
ଯିଏ ତକେ ଖେଲ୍ ଲେ ତାକେ
ବାର୍ ବାର୍ ଡାକୁ ଥିସୁ କର୍ ବାର୍ ଲାଗି ହଟ୍ ହଟା ।
ଯେଏ ଥରେକ୍ ତକେ ପାଇଛେ ନେଇପାରେ କେବେ ପାସ୍ ରି
ଗୁଟେ ଜାଗା ରେ ରହି ଦେଶ୍ ଥି
ଖେଲ୍ କରୁଛୁ କିଏ ହେବା ତୋର ସରି ।
ତର୍ ନାଁ ରେ କଲ୍ୟାଣ, ରାଜଧାନୀ, ବମ୍ବେଇ କେତେ ଅଫିସ୍ ଅଛେ
ସହର୍ ରେ ଗାଁ ରେ ଛକେ, ଗଲି କନ୍ଦି ରେ
ଅଛୁ ବିଜେ କରି ତୁଇ ଗୁଟେବି ଚପ୍ କାଣିଆଁ ଅଠା ।।

ତକେ ପାଏବା କେ ଶିଖଉଥିସନ୍ ଲୋକ୍ କେ
ତର୍ ଗୁରୁ ମନେ ବୁଟ,ସୁଟ, ଚସ୍ ମା, ପିନ୍ଧି କରି
ସୁନ୍ଦର୍ ସୁନ୍ଦର୍ କରି ତର୍ ନମ୍ବର୍ ଲେଖୁ ଥିସନ୍ ତର୍ ଭକ୍ତ ମନେ ।
ଖେଲିଛେ ଯିଏ ତକେ ଯତନ୍ କରି ରଖୀ ଥିସି ତର୍ ଚିଠା ।

ସବୁ ବାର୍ ରେ ତର୍ ଧନ୍ଦା ଚାଲିଥିସି ରଏ ବାର୍ ରେ ଗୁଟେ ନେଇ
ତର୍ ଗ୍ରାହାକ୍ ଯେତେ କାମ କଭାର ଥିଲେ ବି କିନ୍ଦରି ବୁଲି
ଆଏସନ୍ ଧାଇଁ

ISSN NO.
2582-208X

ବନ୍ଦ ଥିଲେ କଉ ଥିସନ୍ କେବେ ଖୁଲ୍ ବା ଖେଲ୍ ତିଁ
ନମ୍ବର୍ ଚିଆର୍ ପାଁଚ୍ ଟା। ।
ଇଉଟୁବ୍,ୱାଟ ସପ୍ ଫେସ୍ ବୁକ୍ କେ ବି ତୁଇ ବିଜେ କରିଛୁ
କିଏ ପାର୍ ବା ତକେ ଧରି,
କମ୍ ସହଜେ ତୁଇ ଧରା ନେଇ ପଡୁ କିଏ ପାର୍ ବା ତକେନୁରି
ଧଏନ୍ ଧଏନ୍ ରେ ସଟା ତର ଲୀଳା ଖେଳା
ତୁଇ ଗୁଟେବି ମହନୀ ଅଠା ।।

ଟିଟିଲାଗଡ
୮୪୫୬୮୭୩୦୫୩

ISSN NO.
2582-208X

# ବିତା - ଫଗୁନ
# ପୁନି ର୍ ସୁର୍ତା ଟେ



ସତ୍ୟନାର୍ାୟଣ ମିଶ୍ର

ଏନ୍ତା ଫଗୁନ ପୁନି ଆସଲେ ତମେ କାଁ ଯେ
ଜହ କରି ସୋର୍ ଲାଗସ କେ ଜାନେ!
କାଁ ଯେ ମୋର୍ ମନ ଆକାଶ ର୍ ବାଦଲ ଉପୁରେ
ଟାନି ଦେସ ସାତ ରଙ୍ଗିଆ ଇନ୍ଦ୍ରଧନୁ ଟେ ?
ରଙ୍ଗେ ରଙ୍ଗେ ଭିଜେଇ ଦେସ ତନ୍ ମନ ସବୁକେ
କାଁ ଯେ ଫେର ଫିରେଇ ଆନସ ଘଟତେଯୌବନ ର୍
ଉଦୁର୍ ମାତ୍ ଉତ୍ପାତ ଭାବ କେ ?

ଇ ଦିନେ ଜହ କରି ସୋର୍ ପଡ଼ସି ନ ସେ ସମିଆଁ
ଜେନ୍ ସମିଆଁ ନେ ତମର ମୋର୍ ପହେଲା ଭେଟ
କିଆ ଫୁଲିଆ ଜନକ ରାଏତ୍
ଫଗୁନ ପୁନି ର୍ ଚକା ଜନ୍
ହର ହରି ଭେଟ ର୍ ଲଗନେ ଦୋଲ୍ ବିମାନ ର୍
ମିଲନ ମେସନ୍ ।

ଘୁମୁରା ବାଲେ କର୍ ଲେ ଲେ ହୁକାର୍
ଗର୍ଜି ଘୁମୁରି ଘୁ ଘୁ ସୋର ଘୁମୁରା ର୍
ଫଗୁ ଖେଲ ରଂଗ ଗୁଲାଲ ଧମାଲ୍
ଲାଲ ଗୁଲାପି ହଳଦି ନିଲି ସାତ ରଙ୍ଗର କମାଲ୍
ଇ ତାହାକେ ସେ ଇତକେ ଫଗୁ ମଖବା ର୍

ISSN NO.
2582-208X

ମାହୋଲ ଭିତିରେ,
ତମେ ଛାପି ଦେଲ ମୋର୍ ଗାଲେ ଗାଲେ
ଛାପରେ ଫଗୁ,
ସେ ଫଗୁ ଟା ଭକ୍ତି କି ଆରୁ କେଁ ଭାବନା ର୍ ଯେ
ତମକେ ଏଖା ଜନା ।
ଫଗୁ ସିନା ତମେ ମଖେଇ ଦେଲ,
ମାତର ମୋର୍ ଦିଲ ନେ ତ ଛାପି ହେଇଗଲା
ଅଭୁଲା ଭାବ ହେଇ କରି
ସୁର୍ତା ଟେ ରହି ଗଲା ପଥର ର୍ ଗାର ହେଇ କରି
କିଏ ତମେ ବୋଲି ପଚରେଇ ଥିତି
ହେଲେ, ତମେ ଆରୁ ନାଇଁ ଥେଇ ନ .....
ମୋର୍ ଗାଁ ନୁ ସକାଲ୍ ସକାଲ୍ ଭାଗି ଜେଇଥିଲ
କାହିଁ ଧୁର୍ ... ବହୁତ ଦୂର୍ ..କେତେ ନି କେତେ ଦୂର୍

ସିନ୍ଧେକେଲ୍ ବଲାଙ୍ଗୀର
9583605915

ISSN NO.
2582-208X

# ଶିଶୁ ବିଭାଗ



ISSN NO.
2582-208X

# ରାଜା ହେବାକୁ ଯୋଗ୍ୟ କିଏ



ଅମରନାଥ ବାରିକ

ଗୋଟେ ଦେଶରେ ଅନ୍ତର୍ଯ୍ୟାମୀ ନାମକ ଜଣେ ମହାବଳୀ, ଜ୍ଞାନୀ ତଥା ପରମ ଦୟାଳୁ ରାଜା ଥିଲେ । ନାମଟି ଯେମିତି କାମଟି ମଧ୍ୟ ସେମିତି । ସେ ଅନ୍ତର୍ଯ୍ୟାମୀ ପରି ସମସ୍ତଙ୍କ ଅନ୍ତରର କଥାକୁ ଜାଣିପାରନ୍ତି, ଉଡ଼ିଗଲା ଚଢ଼େଇର ପେଟ କଥାକୁ ଜାଣିଲା ପରି । ଦାନଧର୍ମ କରିବାରେ ସେ ତିଳେ ହେଳା କରନ୍ତି ନାହିଁ । ଯଦି କେହି ଜଣେ ଭିକାରୀ ରାଜ ଦରବାରକୁ ଭିକ୍ଷା କରିବାକୁ ଆସି ଥାଆନ୍ତି, ତାହାଲେ ମଣିମା ତାଙ୍କୁ ପାଛୋଟି ନେଇ ତାଙ୍କର ସମସ୍ତ ପ୍ରକାର ଅଭାବ ପୂରଣ କରିଥାନ୍ତି । ସେଥିଲାଗି କେବଳ ରାଜ ଉଆଁସରେ ନୁହେଁ ବରଂ ପୁରା ଦେଶର ପ୍ରଜାମାନେ ତାଙ୍କୁ ଭଲପାଉଥିଲେ ।

ତାଙ୍କ ରାଣୀଙ୍କର ନାମ ଥିଲା ପୁଷ୍ପବତୀ । ସେ ରୂପରେ ପୁଷ୍ପଠାରୁ ଅତ୍ୟନ୍ତ ସୁନ୍ଦର ଓ କୋମଳ ଥିଲେ। ବାଟରେ ଚାଲିଗଲେ ସତେ ଯେମିତି ତାଙ୍କ ପାଦରୁ ମୁକ୍ତା ଝରିପଡେ । ତାଙ୍କ କଥା ଏତେ ମଧୁର ଏବଂ ନମ୍ର, ଭାଷାରେ କହି ହେବ ନାହିଁ । ଗୋଟିଏ ଚାଉଳରୁ ଗଢା । ଆଧ୍ୟାତ୍ମିକ ଚେତନାରେ ପରିପୂର୍ଣ୍ଣ ତଥା ସର୍ବଗୁଣ ସମ୍ପନ୍ନ ଥିଲେ । ଆଉ ସବୁଠାରୁ ଆଶ୍ଚର୍ଯ୍ୟର କଥା ଯେ ତାଙ୍କ ପାଖରେ ରାଜ ସମ୍ପଦ ଥାଇ ବି ସୁଧା ଟିକେ ହେଲେ ବି ଗର୍ବୀ ଅହଙ୍କାରୀ ନଥିଲେ । ଆଉ ରହିଲା ବାକି କ୍ରୋଧ ! କ୍ରୋଧକୁ ସେ ନିଜ ଆୟତ୍ତର ଲଗାମରେ ବାନ୍ଧି ରଖିଥିଲେ । ଯାହା ତାଙ୍କୁ କେବେବି ଭେଦ କରିପାରିନଥିଲା ।

ହଁ ଏ କଥା ସତ, ରାଜଗାଦିରେ ବସିଥାଇ ମଧ୍ୟ ତାଙ୍କ ସ୍ୱାଭାବ ଅତି ସାଧାରଣ ଥିଲା । ରାଜା ହୋଇ ମଧ୍ୟ ପ୍ରଜାଙ୍କ ସାଙ୍ଗରେ ପ୍ରଜା ହୋଇ ଚଳୁଥିଲେ ।

ISSN NO.
2582-208X

ରାଜା ରାଣୀଙ୍କର ଦୁଇ ପୁତ୍ର ରାଜକୁମାର ଥିଲେ । ଜଣଙ୍କର ନାମ ଅଶ୍ୱଜିତ୍ ଯିଏକି ବଡ଼ ଭାଇ ଏବଂ ଅନ୍ୟ ଜଣଙ୍କର ନାମ ବିଶ୍ୱଜିତ୍ ଯିଏକି ସାନ ଭାଇ ଥିଲା । ସର୍ବଦା ସେମାନେ ଏକତ୍ର ଖାଇବା, ଶୋଇବା, ବୁଲିବା ଏମିତିକି ଜଣେ ଜଣଙ୍କୁ ନଦେଖିଲେ ରହିପାରନ୍ତି ନାହିଁ। କିନ୍ତୁ ସ୍ୱଭାବରେ ପାର୍ଥକ୍ୟ ତାଙ୍କୁ ଭିନ୍ନ ମଣିଷର ପରିଚୟ ଦେଉଥିଲା ।

ବିଶ୍ୱଜିତ୍ ସୁଧାର ପିଲାମାନଙ୍କ ସହିତ ମିଳାମିଶା କରୁଥିଲା ବେଳେ ଅଶ୍ୱଜିତକୁ ଜଣେ ଦୁଃସଙ୍ଗୀ ମିଳିଯାଇଥିଲା । କିନ୍ତୁ ବିଶ୍ୱଜିତ୍ ସତେ ଯେମିତି ପାଠରେ ବିଶ୍ୱକୁ ଜିତିପାରୁଥିଲା । ଦିନେ ଅଶ୍ୱଜିତର ସଙ୍ଗାତ ଅଶ୍ୱଜିତକୁ କହିଲା "ଆରେ ତୁ କାହିଁକି ଏତେ କଷ୍ଟ କରୁଛୁ ? ତୋ'ର ପଢ଼ିବାର କ'ଣ ଆବଶ୍ୟକ ? ତୋର ପିତାଶ୍ରୀ ଜଣେ ରାଜା ଆଉ ତୁ ଜଣେ ରାଜକୁମାର । ତୋ'ର ପୁଣି କ'ଣ ଅଭାବ ?" ସେ ତା' ସଙ୍ଗାତ କହିବା ଅନୁସାରେ ସେଦିନ ଠାରୁ ଆଉ ପାଠରେ ଧ୍ୟାନ ଦେଲା ନାହିଁ । ପଢ଼ା ଛାଡ଼ିଦେଇ ଏଣେ ତେଣେ ମନ ଲଗାଇଲା । ସମସ୍ତଙ୍କ ଘୃଣାର ପାତ୍ର ହେଲା। ହେଲେ ବିଶ୍ୱଜିତ୍ ପାଠରେ ଉତ୍ତୀର୍ଣ୍ଣ ହୋଇ ଜଣେ ଭଲ ମଣିଷଟିଏ ହୋଇପାରିଲା । କଥାରେ ଅଛି 'ଯେମିତି ସଂଗତ ସେମିତି ପ୍ରାପତ'।

ଦିନ ବିତିଗଲା ନଦୀର ପାଣି ପରି । କାଳର କରାଳ ଗତିରେ ରାଜାଙ୍କର ଅକାଳ ମୃତ୍ୟୁ ଘଟିଲା । ତାଙ୍କର ମୃତ୍ୟୁକୁ ନେଇ ଚିନ୍ତିତ ହୋଇପଡିଲେ ମହାରାଣୀ ପୁଷ୍ପବତୀ । ଶୋକର ଛାୟା ଖେଳିଗଲା ସାରା ରାଇଜରେ । ଭାଳେଣି ପଡ଼ିଲା ରାଜାଙ୍କ ଅନ୍ତେ ରାଜ୍ୟ ସମ୍ଭାଳିବି କିଏ ? ଆଉ କିଏ ପିନ୍ଧିବ ସେ ରାଜ ମୁକୁଟ ? ପୁରା ରାଜ୍ୟରେ ଲହରି ଖେଳିଗଲା ଯେ ରାଜାଙ୍କର ତ ଦୁଇ ପୁତ୍ର, ତାଙ୍କ ଭିତରୁ ଯିଏ ଯୋଗ୍ୟ ସେ ହିଁ ରାଜା ହୁଅନ୍ତୁ । ଯେହେତୁ ତାଙ୍କ ପିତା ଜଣେ ବିଦ୍ୱାନ ରାଜା ଥିଲେ ନିଶ୍ଚୟ ତାଙ୍କ ପୁତ୍ରଙ୍କ ଶରୀରରେ ତାଙ୍କ ସାଧୁତାର ରକ୍ତ ପ୍ରବାହିତ ହେଉଥିବ । ତା' ଛଡା ରାଜ୍ୟ ସମ୍ଭାଳିବା କେଉଁ ସାଧାରଣ ବ୍ୟକ୍ତି ବିଶେଙ୍କ ପକ୍ଷରେ ସମ୍ଭବ ନୁହେଁ । ମହାମନ୍ତ୍ରୀ ତ ସବୁ ଜାଣନ୍ତି, ଦୁଇ ରାଜକୁାରଙ୍କ ମଧ୍ୟରୁ ରାଜା ହେବାପାଇଁ ଉପଯୁକ୍ତ ପ୍ରାର୍ଥି କିଏ ? ସମସ୍ତ ପ୍ରଜା ମହାମନ୍ତ୍ରୀଙ୍କୁ କ୍ଷମତା ଦେଲେ ଦୁଇ ରାଜକୁାରଙ୍କ ମଧ୍ୟରୁ ପରୀକ୍ଷା ନେଇ ଉପଯୁକ୍ତ ବିଚାର କରନ୍ତୁ କିଏ ରାଜଗାଦି ସମ୍ଭାଳିବେ !

ISSN NO.
2582-208X

ପରଦିନ ଘୋଷଣା ପାଇଁ ପାତ୍ରମନ୍ତ୍ରୀ ସୈନ୍ୟସେନା ଏବଂ ସମସ୍ତ ପ୍ରଜାମାନଙ୍କୁ ଆମନ୍ତ୍ରଣ କରାଗଲା ସଭାକୁ । ଅୟୋଜନ କରାଯାଇଥିବା ସଭାରେ ସମସ୍ତେ ଆସି ଉପସ୍ଥିତ ହୋଇଗଲେ । ଦୁଇ ରାଜକୁମାର ଦୁଇଟି ଆସନ ଉପରେ ବସି ମନେ ମନେ ଭାବୁଥାନ୍ତି କାହା ଉପରେ ଭାଗ୍ୟଲକ୍ଷ୍ମୀ ପ୍ରସନ୍ନ ହେବେ । ଏବେ ଘୋଷଣାର ସମୟ ଆସିଗଲା । ମହାମନ୍ତ୍ରୀ କହିଲେ, "ଶୁଣନ୍ତୁ, ମହାରାଜ ଯେତେବେଳେ ଜୀବିତ ଥିଲେ ସେତେବେଳେ ସମସ୍ତ ପ୍ରକାର ଆୟ ବ୍ୟୟର ହିସାବ ମୋତେ ରଖିବା ପାଇଁ ଆଦେଶ ଦେଉଥିଲେ । ପୁଣି ବର୍ଷ ଶେଷରେ ଏକକାଳୀନ ବାର୍ଷିକ ମୋଟ ଆୟ ବ୍ୟୟର ହିସାବ କରି ଆଗାମୀ ବର୍ଷ ପାଇଁ କର ନିର୍ଦ୍ଧାରଣ କରାଯାଉଥିଲା। ଚଳିତ ବର୍ଷ ମଧ୍ୟ ବାକି ଥିବା ହିସାବ କରାଯିବ । ଆଉ ଏହି ଆୟ ବ୍ୟୟର ହିସାବ ତଥା କର ନିର୍ଦ୍ଧାରଣ, ଆପଣ ଦୁଇ ରାଜକୁମାରଙ୍କ ମଧ୍ୟରୁ ଯେଉଁ ମହାଶୟ ନିର୍ଭୁଲ ଭାବରେ ଓ ଖୁବ୍ କମ୍ ସମୟରେ କରି ଦେଖାଇବେ ତାଙ୍କୁ ରାଜ ମୁକୁଟ ପିନ୍ଧାଇ ରାଜ୍ୟର ଭାର ଅର୍ପଣ କରାଯିବ ।

ଅଶ୍ୱଜିତ୍ ପାଠ ପଢାରେ ମନ ଦେଇ ନଥିବା ହେତୁ ହିସାବ ଦେଖି ଡରିଗଲେ । ଯାହା ଫଳରେ କି ସମସ୍ତ ରାଜଧିକାରରୁ ବଞ୍ଚିତ ହେଲେ କିନ୍ତୁ ବିଶ୍ୱଜିତ୍ ପାଠ ପଢ଼ାରେ ମନ ଦେଇ ଜଣେ ବିଦ୍ୱାନ ହୋଇଥିବାରୁ ସମସ୍ତ ହିସାବ ଯଥା ଶୀଘ୍ର ନିର୍ଭୁଲ ଭାବରେ କରିପାରିଥିଲେ । ତେଣୁ ସେ ହିଁ ରାଜା ହୋଇ ପ୍ରଜା ମାନଙ୍କୁ ସୁଖରେ ପାଳିଲେ ଓ ବହୁ ସୁନାମ ଅର୍ଜନ କଲେ ।

ତେବେ କୁହ ପିଲାମାନେ ଏଥିରୁ ଆମେ କ'ଣ ଶିକ୍ଷା ପାଇଲେ ? ଯେ -: ପାଠ ଜୀବନର ମୂଳମନ୍ତ୍ର, ବାକି ସବୁ ଧନ ଦୌଲତ ଯାହା ରହିଲା ସେ ସବୁ କ୍ଷଣିକ, ଚିରସ୍ଥାୟୀ ନୁହେଁ । ପାଠ ପଢ଼ିଥିଲେ ଜଣେ ବଡ଼ ମଣିଷରେ ଗଣାଯିବ ।

କୟାଁ, ମଙ୍ଗଳପୁର, ଦଶରଥପୁର, ଯାଜପୁର
ଓଡ଼ିଶା, ପିନ୍ ନଂ - ୭୫୫୦୧୧
ଦୂରଭାଷ - ୯୫୪୦୩୦୮୦୯୫

ISSN NO.
2582-208X

# ବୁଢାବୁଢୀଙ୍କ ତୀର୍ଥ ଦେଖା



ଦୀପ୍ତିମୟୀ ସାହୁ

ଅନେକ ଦିନ ତଳର କଥା । ଧରମପୁର ଗାଁରେ ବୁଢାଟିଏ ଓ ବୁଢୀଟିଏ ବାସ କରୁଥିଲେ । ସେମାନେ ଥିଲେ ଭାରି ଗରିବ । ଘରେ ବସି ଖାଇବା ଶୋଇବା ବୟସରେ ସେମାନେ ଜଙ୍ଗଲରୁ କାଠ କାଟନ୍ତି । ତାକୁ ବିକ୍ରିକରି ଦୁଇ ପ୍ରାଣୀ ଚଳନ୍ତି । ସେମାନଙ୍କର ପୁଅଟିଏ ଥିଲା । ହେଲେ ଦିନେ ପାଖ ଗାଁ ମେଳାରେ ସେ ହଜିଗଲା । ତାକୁ ବହୁତ ଖୋଜିଲେ, ହେଲେ ପାଇଲେ ନାହିଁ । ତାଙ୍କର ସାହା ଭରଷା ଆଉ କେହି ନଥିଲେ । ବାକି ଜୀବନତକ ପୁଅକୁ ଝୁରି ଝୁରି ଦୁଃଖରେ କାଳ କାଟୁଥିଲେ ।

ବୁଢା ବୁଢୀ ଦୁହେଁ ଦୁହିଁଙ୍କୁ ଭାରି ଭଲ ପାଆନ୍ତି । ଏକାଠି କାମ କରିବାକୁ ଯାଆନ୍ତି । ମିଳିମିଶି ଦୁଃଖେ ସୁଖେ ଚଳିଯା'ନ୍ତି । ପନ୍ଦର ବର୍ଷର ପୁଅକୁ ହରେଇବାଦିନୁ ଏଇ ଦୁଇ ପ୍ରାଣୀ ପୁରୀର ଠାକୁର ଜଗାକୁ ନିଜ ପୁଅ ବୋଲି ମାନି ନେଲେ । ଶେଷ ଜୀବନ ତାରି ସାହାରାରେ ବଞ୍ଚିବାକୁ ନିଷ୍ପତି ନେଲେ ।

ଥରେ ବୁଢା ବୁଢୀଙ୍କର ମନ ହେଲା ପୁରୀ ଯାଇ ଜଗାକୁ ଟିକେ ଦେଖି ଆସିବାକୁ । ମନ ସିନା ହେଲା, ହେଲେ ଧନ କାଇଁ ? ମାଇଲ ମାଇଲ ବାଟ । ଗାଡିରେ ଯିବାକୁ ଟଙ୍କାଟିଏ ବି ପାଖରେ ନାହିଁ । କଣ କରିବେ ଭାବିଲେ । ତା ପରେ ସ୍ଥିରକଲେ ଟଙ୍କା ନ ଥିଲେ କ'ଣ ହେଲା ? ଆମେ ପାଦରେ ଚାଲି ଚାଲି ପୁରୀ ଠାକୁରଙ୍କୁ ଦର୍ଶନ କରି ଆସିବା ।

ISSN NO.
2582-208X

ତା' ପରଦିନ ବୁଢ଼ୀ ଖୁଦ-ବିରିରେ ଚକୁଳିଟିଏ କରି ଜଗା ପାଇଁ ନେବାକୁ ବାହାରକଲା । ଯାହା ହେଲେ ବି ପୁଅ କରିଛି ତାକୁ । ଖାଲି ହାତରେ କ'ଣ ଯିବି । ସେ ପୁଣି ଜଗତପତି । ତାକୁ ଦେବାକୁ ଏ ପିଠା ଛଡା ଆମ ପାଖରେ ଆଉ କିଛି ନାହିଁ । ପୁଅ ଦର୍ଶନ ସହ ଦିଅଁ ଦର୍ଶନ ବି ହେବ । ଦୁହେଁ ଲୁଗା ପୁଟୁଳି ଧରି ସଅଳ ସଅଳ ପୁରୀ ଅଭିମୁଖେ ବାହାରିଲେ । ଗୋଟିଏ ଗୋଟିଏ କରି ଚାଲିଲେ । ବୁଢାର ଅଣ୍ଟା କ'ଣ କଟ କଟ କରେ ବୋଲି ଏକ ଠେଙ୍ଗାକୁ ଭୂଇଁରେ ପକାଇ ଠକ ଠକ କରିଚାଲୁଥାଏ । ବାଟରେ ଗୋଟିଏ ଜଙ୍ଗଲ ପଡିଲା । ସେ ଜଙ୍ଗଲର ରାଜା ବାଘ ଆସି ଦୁହିଁଙ୍କର ବାଟ ଓଗାଳିଲା । ସେ ମଣିଷ ପରି କହିଲା - ଏ ବୁଢା ବୁଢୀ ତୁମେ ଦୁହେଁ କୁଆଡେ ଯାଉଛ ? ମୁଁ ତୁମକୁ ଖାଇବି । ବହୁତ ଦିନ ହେଲା ମୁଁ ଭୋକିଲା ଅଛି ।

ବୁଢା ବୁଢୀ ଅଥୟ ନ ହୋଇ କହିଲେ - ଆମେ ଉତ୍କଳ-ରାଜା ପ୍ରଭୁ ଜଗନ୍ନାଥଙ୍କୁ ଦେଖିବାକୁ ଯାଉଛୁ । ଆମ ପାଖରେ ଧନ ନାଇଁ ବୋଲି ଆମେ ପାଦରେ ଚାଲି ଚାଲି ଯାଉଛୁ । ଜୀବନ ସାରା ଆମେ ବହୁତ ଭଲ ଖରାପ କାମ କଲୁ, ଏବେ ତୀର୍ଥ କରି କିଛି ପୂଣ୍ୟ ଅର୍ଜନ ପାଇଁ ବାହାରିଛୁ । ଆମକୁ ଛାଡି ଦିଅ ।

ବାଘ କ'ଣ ଭାବିଲା କେଜାଣି କହିଲା - ସତରେ ନା କ'ଣ !! ମୁଁ ବି ଜୀବନ ସାରା ବହୁତ ପ୍ରାଣୀ ମାରି ପାପ କରିଛି । ଏବେ ପ୍ରାୟଶ୍ଚିତ କରିବା ପାଇଁ ତମ ସାଙ୍ଗରେ ଠାକୁର ଦେଖିବାକୁ ଯିବି । ତମ ସାଙ୍ଗରେ ପୁଣ୍ୟ ଅର୍ଜନ କରିବି ।

ବୁଢା ବୁଢୀ ବାଘର ଅନୁନୟ ବିନୟ ହେବା ଦେଖି ତାକୁ ସାଙ୍ଗରେ ନେଲେ । ହେଲେ ତାକୁ ସେମାନେ ବିଶ୍ୱାସ କରୁନଥିଲେ । କିଛି ବାଟ ଚାଲି ଚାଲି ଗଲା ପରେ ଏକ ଘଞ୍ଚ ଜଙ୍ଗଲ ପଡିଲା । ବୁଢା ବୁଢୀଙ୍କ ପାଦ ଆଉ ଆଗକୁ ଯିବାକୁ ବଳ ପାଇଲାନି । ସେଠାରେ କିଛି ସମୟ ବିଶ୍ରାମ ନେଇ ଆଗକୁ ଯିବାକୁ ଭାବିଲେ । ସେଠାରେ ସମସ୍ତେ ବିଶ୍ରାମ ନେଲେ । ବୁଢା ବୁଢୀ ସେଠି ଶାନ୍ତିରେ ଆଖିକୁ ବନ୍ଦ ବି କରିପାରୁନଥାନ୍ତି । ଭାବୁଥାନ୍ତି - ଏ ବାଘକୁ ଡରି ସିନା ୟାକୁ ସାଙ୍ଗରେ ଆଣିଲୁ, ହେଲେ ଏ ପରା କହୁଥିଲା - ସେ ଭୋକିଲା ଅଛି ବୋଲି ! ଆମେ ଶୋଇଲାବେଳେ ଯଦି ଆମକୁ ଖାଇଦିଏ ଆମେ ଆଉ ଜଗାକୁ ଦେଖିପାରିବୁନି !

ISSN NO.
2582-208X

ସେମାନେ ବାଘକୁ ପାଖରେ ଦେଖି ଡରୁଥାନ୍ତି । ବୁଢୀ ପୁଟୁଳିରେ ଆଣିଥିବା କେତୋଟି ପୋଡପିଠାରୁ ବାଘକୁ ଗୋଟେ ଦେଇ ନିଜେ ଦୁଇ ପ୍ରାଣୀ ଗୋଟିଏ ଖାଇଲେ । ବାଘ ଦେଖିଲା ବୁଢା ବୁଢୀ ଦିହେଁ ଦୁହିଙ୍କୁ ଖଣ୍ଡେ ଖଣ୍ଡେ କରି ଖୁଆଖୋଇ ହେଉଛନ୍ତି । କି ଅନାବିଳ ପ୍ରେମ ଏମାନଙ୍କର ! ଏ ଦିହିଙ୍କୁ ମୁଁ କ'ଣ ମାରିଥାନ୍ତି ?

ବୁଢାବୁଢୀ ଡରିଡରି ଶେଷରେ ସେଇଠି ଶୋଇପଡିଲେ । ଦିନ ଯାଇ ରାତି ହେଲା । ତାଙ୍କର କୌଣସି ଚେତା ନ ଥିଲା । ବାଘ ସେଇମିତି ତାଙ୍କୁ ଜଗିରହିଥାଏ । ରାତିରେ ସେଠି ପ୍ରବଳ ଝଡ ତୋଫାନ ହେଲା । କିଛି ଡାଳପତ୍ର ନେଇ ବୁଢାବୁଢୀଙ୍କ ଉପରେ ସେ ତମ୍ବୁ ପରି ଛାଉଣି କରିଦେଲା । ଟୋପେ ବି ପାଣି ତାଙ୍କ ଉପରେ ପଡିଲାନି ।

ତା' ପରଦିନ ଆରାମରେ ଦୁହିଙ୍କର ନିଦ ଭାଙ୍ଗିଲା । ଦୁହେଁ ଦେଖିଲେ ବାଘ ସେମିତି ତାଙ୍କୁ ଜଗି ବସିଛି । ରାତି ସାରା ବାଘ ଶୋଇ ନ ଥିଲା । ସେମାନେ ଜାଣିଲେ । ଏତେ ବଡ ଝଡ ତୋଫାନରୁ ଆମକୁ ରକ୍ଷା କରିବା ପାଇଁ ଏ ବାଘଟା ତମ୍ବୁ ତିଆରି କରିଦେଲା । ଇଏ ଏସବୁ କେମିତି କଲା ? ସେ କଥା ଭାବି ସେମାନେ ଆଶ୍ଚର୍ଯ୍ୟ ହୋଇଗଲେ । ଗୋଟିଏ ଭୟଙ୍କର ପଶୁ ବୋଲି ବୁଢାବୁଢୀ ତାକୁ ଯେଉଁଭଳି ଭୟ କରୁଥିଲେ, ତା'ର ଏ କାର୍ଯ୍ୟକଳାପ ଦେଖି ତାକୁ ସ୍ନେହ କଲେ । ତାକୁ ତାଙ୍କ ମନରେ ତା'ପ୍ରତି ରଖିଥିବା ଖରାପ ଭାବନା ପାଇଁ କ୍ଷମା ମାଗିଲେ ।

ବାଘ କହିଲା – ମୁଁ ଗୁରୁଜନଙ୍କଠୁଁ କ୍ଷମା ନୁହେଁ ଭଲ ପାଇବା ଆଉ ସ୍ନେହ ଚାହେଁ । ତମ ସାଙ୍ଗରେ ମୋତେ କିଛି ଖାଇବା ପିଇବା ଦେଇ ତୀର୍ଥରେ ନେଉଛ, ସେଇଟା ମୋ ପାଇଁ ବହୁତ ବେଶୀ । କିନ୍ତୁ ମୋର ଗୋଟିଏ ଇଚ୍ଛା । ତମେ ପାଦରେ ନ ଚାଲି ମୋ ପିଠିରେ ବସିଲେ ତମକୁ ମୁଁ ନେଇ ପୁରୀରେ ପହଞ୍ଚାଇଦିଅନ୍ତି । ତମେ ଖାଲି ମୋତେ ବାଟ ଦେଖାଇବ ଆଉ ରାସ୍ତାରେ ଖଣ୍ଡେ ଖଣ୍ଡେ ତମ ସୁଆଦିଆ ଖୁଦ ପିଠା ଦେଉଥିବ । ବୁଢାବୁଢୀ ମନା କରୁଥିଲେ ଶେଷରେ ବାଘର ଜିଦ ଦେଖି ତା ପିଠିରେ ବସିଲେ ।

ବାଘ କହିଲା – ବର୍ତ୍ତମାନ ମୁଁ କ୍ଷିପ୍ର ଗତିରେ ଯିବି ତମେ ଦୁହେଁ ଆଖି ବନ୍ଦ କରି ବସ । ରାସ୍ତାରେ କୌଣସି ତୀର୍ଥ ଆସିଲେ ମୁଁ ତମକୁ ଓହ୍ଲାଇଦେବି ।

ISSN NO.
2582-208X

ବାଘ ଉପରେ ବୁଢାବୁଢୀଙ୍କର ବିଶ୍ୱାସ ଆସିଯାଇଥିଲା । ବାଘ ଯେମିତି କହିଲା ଏମାନେ ସେମିତି କଲେ । କିଛି ସମୟ ପରେ ବାଘ ତାଙ୍କୁ କହିଲା – ହେଇ ଦେଖ ଏ ହେଉଛି ଦ୍ୱାରକା ଧାମ ।

ବୁଢାବୁଢୀ ଧଡପଡ କି ଉଠି ମୁଣ୍ଡିଆ ମାରିଲେ । ତା'ପରେ ସେଠି ବୁଲାବୁଲି କରି ପୁଣି ବାଘ ପିଠିରେ ବସିଲେ । ତା'ପରେ କିଛି ସମୟ ପରେ ପୁଣି ବାଘ ବୁଢାବୁଢୀଙ୍କୁ କହିଲା – ଏଇ କାଶୀ , ବୃନ୍ଦାବନ ଉଠିକି ଦେଖ । ବୁଢାବୁଢୀ ସେଠି ମୁଣ୍ଡିଆ ମାରି ପୁଣି ବାଘ ପିଠିରେ ପୂର୍ବ ପରି ସବାର ହେଲେ ।

ଏହିପରି ଭାବେ ସେମାନଙ୍କୁ ବାଘ ମଥୁରା, ଅଯୋଧ୍ୟା, ଗୟା, ଦ୍ୱାରକାନାଥ, ଅମରନାଥ, ବଦ୍ରିନାଥ, ରାମେଶ୍ୱରମ, କେଦାରନାଥ ପରି ବହୁ ତୀର୍ଥ ଦେଖାଇ ଗଙ୍ଗାଠି ତାଙ୍କୁ ପୁଣି କହିଲା – ହେଇ ଦେଖ ଗଙ୍ଗା ନଦୀ, ପାଖରେ କାଳୀଘାଟ । ବୁଢାବୁଢୀ ସେଠି ସ୍ନାନ କରି ମୁଣ୍ଡିଆ ମାରି ପୁଣି ବାଘ ପିଠିରେ ସବାର ହେଲେ । ସେମାନେ ବାଘର ଗତି ଦେଖି ଚକିତ ହେଇଯାଉଥା'ନ୍ତି । ଆଖି ପଲକରେ ତାଙ୍କୁ ସେ ଗୋଟିଏ ପରେ ଗୋଟିଏ ତୀର୍ଥ ଦେଖାଉଥିଲା । ଭାରତବର୍ଷର ସମସ୍ତ ତୀର୍ଥ ସ୍ଥାନକୁ ଦେଖି ସେ ଦୁହେଁ ଆନନ୍ଦିତ ହେଲେ । କିଛି ସମୟ ପରେ ବାଘ ବୁଢାବୁଢୀଙ୍କୁ ଆଣି ପୁରୀରେ ପହଞ୍ଚାଇଦେଲା । ପୁରୀ ଆସିଗଲା ବୋଲି ବୁଢାବୁଢୀ ଧଡପଡ କି ବାଘ ପିଠିରୁ କୁଦି ପଡିଲେ । ମହୋଦଧିରେ ଗାଧୋଇ ଶ୍ରୀ ମନ୍ଦିର ଆଡେ ଗଲେ । ବଡ ଦାଣ୍ଡରୁ ବୁଢାବୁଢୀ ମୁଣ୍ଡିଆ ତ ମୁଣ୍ଡିଆ କୋଟି ମୁଣ୍ଡିଆ ମାରି ଆଗକୁ ଯାଉଥାନ୍ତି । ଧୀରେ ଧୀରେ ବାଇଶି ପାହାଚ ଚଢି ରତ୍ନବେଦୀ ନିକଟକୁ ଯାଇ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଦେଖିଲେ । ଲମ୍ବ ଲମ୍ବ ମୁଣ୍ଡିଆ ମାରି ଭାବ ବିହ୍ୱଳରେ କାନ୍ଦି ପକାଉଥାନ୍ତି । ଜଗାକୁ କ'ଣ କ'ଣ ଦେବ ଭାବି ବୁଢୀ ବୁଜୁଳାକୁ ଅଣ୍ଡାଳି ଦେଖେ ତ, ସେଥିରେ କିଛି ନାହିଁ। ସବୁ ପିଠା ଶେଷ । ଗୋଟିଏ ଗୋଟିଏ କରି ବାଘ ସବୁ ଖାଇଦେଇଛି । ଆମକୁ ପିଠିରେ ସବାର କରି ଆଣିଲା ବୋଲି ମୋ ଜଗା ପିଠା କେତେବେଳେ ମୋଠୁଁ ନେଇ ଖାଇପକାଇଲା। କ'ଣ ଆଉ ଜଗାକୁ ଦେବ ଭାବି କାନ୍ଦି ପକାଇଲା ବୁଢୀ । କେତେ ଶ୍ରଦ୍ଧାରେ ତିଆରି କରିଥିବା ପିଠା ଖଣ୍ଡେ ଠାକୁରଙ୍କୁ ଦେଇ ନପାରିବାରୁ ମୁଣ୍ଡିଆ ମାରି କ୍ଷମା ମାଗିଲା ।

ISSN NO.
2582-208X


ଏତିକିବେଳେ ବୁଢାବୁଢୀ ଦେଖିଲେ ରତ୍ନ ସିଂହାସନରେ ଜଗନ୍ନାଥଙ୍କ ସ୍ଥାନରେ ସେ ବାଘ ବସି ହସୁଛି । ତାଙ୍କୁ ଆଖିମିଟିକା ମାରୁଛି । ଆଉ ତାଙ୍କ ପିଠା ଭାରି ସୁଆଦିଆ ହୋଇଛି କହି ଲମ୍ବା ଲମ୍ବା ହାକୁଟି ମାରୁଛି । ଠାକୁରଙ୍କ ସ୍ଥାନରେ ବାଘକୁ ଦେଖି ଏମାନେ ତଟସ୍ଥ ହୋଇଗଲେ । ପ୍ରଭୁ ଜଗନ୍ନାଥ ବାଟରେ ଆମକୁ ସାହାରା ଦେଇ ଏଠାକୁ ଅଣାଇଲେ । କୋଟିଏ ତୀର୍ଥ ବୁଲାଇଲେ । ଆମକୁ ତ ବାଘ ତୀର୍ଥ ଦେଖେଇଲାବେଳେ ସ୍ୱପ୍ନ ପରି ଲାଗୁଥିଲା । ଯାହାକୁ ଦେଖିବାକୁ ହେଲେ ଆମକୁ ଯିବାକୁ ବର୍ଷ ବର୍ଷ ଲାଗିଯିବ, ସେ ସବୁକୁ ଇଏ କ୍ଷଣକରେ ଦେଖାଇଦେଲା । ନିଜ ପୁଅ ରୂପରେ ଏମିତି କଲା, ନା ଭକ୍ତଙ୍କ ପାଇଁ ଭଗବାନ ହୋଇ ଏମିତି କଲା ବୋଲି ଉଭୟେ କିଂକର୍ତ୍ତବ୍ୟବିମୂଢ ହୋଇଗଲେ । ଭାବ ବିହ୍ୱଳ ହୋଇ ସେମାନେ ସେଠାରେ ଲମ୍ବ ହୋଇ ପଡିଗଲେ । ସ୍ୱୟଂ ଜଗନ୍ନାଥ ତାଙ୍କୁ ସାହାହେଲେ ଭାବି ବୁଢାବୁଢୀ ଅଶ୍ରୁ ନିଗାଡି ମୁଣ୍ଡିଆ ମାରି କହିଲେ – ଜୟ ଜଗନ୍ନାଥ, ତୋ ମହିମା କେଡେ ଅପାର, ନିର୍ଧନ ପ୍ରତି ତୋର ମମତା କେତେ ଆଜି ତୁ ଜଣେଇ ଦେଲୁ । ରେ ଜଗା, ଆମକୁ ସବୁ ତୀର୍ଥ ଦେଖେଇ ତୋ କରୁଣାରେ କୃତାର୍ଥ କଲୁ । ଏବେ ତୋ ଚରଣରେ ଶରଣ ଦେ' କହି ବହୁତ କାକୁତି କଲେ । ଏହି ସମୟରେ କେହି ଜଣେ ସୁନ୍ଦର ଯୁବକ ଆସି ବୁଢାବୁଢୀଙ୍କ ପାଦ ଛୁଇଁ ପ୍ରଣାମ କଲା । ନିଜ ପୁଅକୁ ଚିହ୍ନି ଉଭୟେ ବହୁତ ଖୁସି ହୋଇଗଲେ । ଜଗନ୍ନାଥଙ୍କ ପାଇଁ ସେମାନେ ପୁଣି ନିଜର ହଜିଲା ପୁଅକୁ ଫେରି ପାଇଲେ । ମା'ଲକ୍ଷ୍ମୀ ସାଆନ୍ତାଣୀଙ୍କ କୃପାରୁ ସେମାନଙ୍କର ସବୁ ଦୁର୍ଦ୍ଦଶା ଦୂର ହେଲା । ବ୍ରାହ୍ମଣୀ ରୂପରେ ଆସି ଲକ୍ଷେ ସ୍ୱର୍ଣ୍ଣ ମୁଦ୍ରା ଦେଇଗଲେ ।

ସେମାନେ ସେଇ ଶ୍ରୀକ୍ଷେତ୍ରରେ ଘର କରି ନିତି ଦିଅଁ ଦର୍ଶନ କଲେ । ପୁଅକୁ ବାହାଘର କଲେ । ମାଆଙ୍କ ଶୁଭାଶିଷରୁ ଗୁଣବତୀ ସୁନ୍ଦରୀ ବୋହୂଟିଏ ତାଙ୍କୁ ମିଳିଲା । ସମସ୍ତଙ୍କୁ ପିଠାପଣା ଖିରିପୁରୀ ଆଉ ଅବଢା ଖାଇବାକୁ ଦେଲେ । ମୁଁ ଯାଇ ତାଙ୍କ ନୂଆ ବୋହୂଙ୍କୁ ଦେଖିଲି । ତାଙ୍କ ରୂପ ଦେଖି ମୋ ଆଖି ଟେରା ହୋଇରହିଲା । ଖାଇବା ପାଇଁ ଗଲାବେଳକୁ ସବୁ ଖାଇବା ସରିଯାଇଥିଲା । ଅଖିଆ ଅପିଆ ମୁହଁ ଶୁଖାଇ ମୁଁ ଘରମୁହାଁ ହେଲି ।

ଗେଙ୍ଗୁଟିଆ, ଅନୁଗୁଳ
ଦୂରଭାଷ – ୮୦୧୮୫୨୭୦୩୫

ISSN NO.
2582-208X

# ଜଳ ହିଁ ଜୀବନ



ବିକାଶ କୁମାର ହୋତା

ଜଳ ବିନୁ ପ୍ରାଣ ବଞ୍ଚିପାରେ ନାହିଁ
ଜଳ ହୁଏ ଦରକାର
ଜଳର ମହତ୍ତ୍ୱ ବୁଝି ନ ପାରିଲେ
ପଡ଼ିଯିବ ହାହା କାର ।।(୧)

ଜଳ ତିନିଭାଗ ସ୍ଥଳ ଏକ ଭାଗ
ଧରା ମଧ୍ୟେ ଭରପୁର
ତଥାପି ବି ହୁଏ ଜଳର ଅଭାବ
ଗ୍ରୀଷ୍ମେ ସର୍ବେ ଥର ହର ।।(୨)

ଅମୃତ ସମାନ ଅଟେ ପରା ଜଳ
ଜଳ ଅମୂଲ୍ୟ ରତନ
ଜଳ ବି ଆମର ଦରଦୀ ବନ୍ଧୁ ହେ
ସଦା କର ତା ଯତନ ।।(୩)

ଜଳର ବହୁଳେ ଜଳର ବିହୁନେ
ହୁଏ ପରା ସୃଷ୍ଟି ନାଶ

ISSN NO.
2582-208X

ଜଳର ସୁରକ୍ଷା ନ କରିଲେ ଭାଇ
ହେବ ଜୀବସତ୍ତା ଶେଷ ।।(୪)

ଟିକି ଜଳ ବିନ୍ଦୁ ମିଶି ହୁଏ ସିନ୍ଧୁ
ଜଳ କରେ ଉପକାର
ଜଳର ମହତ୍ତ୍ୱ ବୁଝିଯାଇ ସର୍ବେ
ଜଳ ସଂରକ୍ଷଣ କର ।।(୫)

ଜଳ ପାଇଁ ଯଦି ବନ ରକ୍ଷା ହେବ
ସମୟେ ବରଷା ହେବ
ଋତୁ ବ୍ୟତିକ୍ରମ ହେବ ନାହିଁ ଜମା
ନ ହେବ ଜଳ ଅଭାବ ।।(୬)

ସତୁରୀ ଭାଗର ଜଳ ଦ୍ୱାରା ପରା
ମାନବ ଶରୀର ଗଢ଼ା
ଖାଦ୍ୟ ସହ ପୁଣି ସମ ପରିମାଣେ
ଜଳର ହୁଅଇ ଲୋଡ଼ା ।।(୭)

ଜଳ କରିଥାଏ ପ୍ରକ୍ରିୟା ପୂରଣ
କରେ ପାଚନ,ରେଚନ
ଜଳ ଯୋଗୁଁ ପୁଣି ଶରୀରରୁ ହୁଏ
ବର୍ଜ୍ୟବସ୍ତୁ ର କ୍ଷରଣ ।।(୮)

ବିଶ୍ୱ ତାପାୟନ କରେ ନିୟନ୍ତ୍ରଣ
ସଦା କରିଥାଏ ଜଳ
ଜଳର ସୁରକ୍ଷା କରି ନ ପାରିଲେ
ପାଇଯିବ ତା'ର ଫଳ ।।(୯)

ISSN NO.
2582-208X

ଲୋକ ଦେଖାଣିଆ ଶପଥ ହୁଅଇ
ରୋକିବାକୁ ଜଳ କ୍ଷୟ
ସ୍ୱାର୍ଥପର ହୋଇ ସ୍ୱାର୍ଥ ସବୁ ଭୁଲି
ଜଳକୁ ମଣନ୍ତି ହେୟ ।।(୧୦)

ଜଳ ହିଁ ଜୀବନ ଜଳ ବିନା ପ୍ରାଣ
ଦଣ୍ଡେ ନ ପାରଇ ଜୀଇଁ
ଜଳର ସୁରକ୍ଷା କଲେ ଜୀବ ରକ୍ଷା
ଏହି ମନ୍ତ୍ର ଘୋଷ ଭାଇ ।।(୧୧)

ବିଦ୍ୟାନଗର, ଦକ୍ଷିଣକାଳୀ ରୋଡ଼,
ଢେଙ୍କାନାଳ
୮୨୫୮୨୯୨୦୫୧/୭୦୦୮୯୨୮୭୯୮

ISSN NO.
2582-208X

# ଗଛ ଓ ଗୁଗୁଲୁ

ବୈଶାଖୀ ଦୀପ

ଗୁଗୁଲୁ ଚତୁର୍ଥ ଶ୍ରେଣୀରେ ପାଠ ପଢ଼େ, ଦେଖିବାକୁ ଡଉଲ ଡାଉଲ ଓ ଭାରି ଦୁଷ୍ଟ । ଏଠି ର କାମ ସେଠି ଓ ସେଠି ର କାମ ଏଠି କରିବାରେ ସେ ବେଶ୍ ମାହିର । ତେଣୁ ସେ ପ୍ରତ୍ୟେକ ଦିନ ମା ଙ୍କ ଠାରୁ ଗାଳି ଶୁଣେ ଓ ବେଳେ ବେଳେ ମାଡ ମଧ୍ୟ ଖାଏ, କିନ୍ତୁ ତାକୁ ମାଡ କାଟେନି । ତାକୁ ଯେତେ ମାରିଲେ ମଧ୍ୟ ସେ ହସ ରେ ଉଡେଇ ଦିଏ । ଦିନେ ଗୁଗୁଲୁ ଖେଳୁ ଖେଳୁ ସବୁ ତକ ଅଟାରେ ପାଣି ଢାଳି ଦେଲା । ମା ତାହା ଦେଖି ରାଗିଯାଇ ତାକୁ ବହୁତ ଜୋରରେ ପିଟିଲେ, ଓ ଗୁଗୁଲୁ ମଧ୍ୟ ବହୁତ ଜୋରରେ କାନ୍ଦିଲା । କାନ୍ଦି କାନ୍ଦି ଯାଇ ଘର ପାଖରେ ଥିବା ଗୋଟେ ଅଶ୍ୱସ୍ଥ ଗଛ ମୂଳେ ବସିଲା । ଗୁଗୁଲୁ କୁ ଯେତେ ମାରିଲେ ମଧ୍ୟ ସେ କାନ୍ଦେନି, କିନ୍ତୁ ସେ ଦିନ ସେ ବହୁତ କାନ୍ଦୁଥାଏ । ଗୁଗୁଲୁ ଗଛଟି ଉପରେ ମୁଣ୍ଡଟିକୁ ଆଉଜେଇ କାନ୍ଦୁଥାଏ, କିନ୍ତୁ ସେ ଦିନ ମା ମଧ୍ୟ ତାକୁ ବୁଝେଇବାକୁ ଆସିଲେ ନାହିଁ । ଗୁଗୁଲୁ ର କାନ୍ଦ ଗଛଟି ସହି ନ ପାରି ସେ ମଧ୍ୟ ଜୋର ରେ କାନ୍ଦିଲା ଓ ତାର ମଧ୍ୟ ଆଖିରୁ ଲୁହ ବାହାରିଲା । ଗଛର କାନ୍ଦ ଦେଖି ଗୁଗୁଲୁ ତୁନି ପଡି ହସିବାକୁ ଲାଗିଲା, ଓ ଗଛଟି ମଧ୍ୟ ତା ହସ ଦେଖି ଜୋରରେ ହସିଲା । ଗଛକୁ ଗୁଗୁଲୁ କହିଲା ତୁ କାଇଁ ହସୁଛୁ ଗଛଟି କହିଲା ତୋ ହସ ଦେଖି ମୁ ବି ହସୁଛି । ଗୁଗୁଲୁ କହିଲା ତାହେଲେ ମୁଁ କାନ୍ଦିଲେ ତୁ ବି କାନ୍ଦିବୁ, ଗଛ କହିଲା ହଁ । ଗୁଗୁଲୁ କହିଲା ତାହେଲେ ତୁ ମୋ ସହ ଖେଳିବୁ, ଗଛ କହିଲା ହଁ ଖେଳିବି । ମତେ ସବୁ ଦିନ କାହାଣୀ ଶୁଣେଇବୁ ଗଛ କହିଲା ହଁ ଶୁଣେଇବି । ଗଛ ସହ ଅନେକ କଥା ହୋଇ ଗୁଗୁଲୁ ହସି ହସି ଘରକୁ ଚାଲିଗଲା । ଏଥର ପ୍ରତ୍ୟକ ଦିନ ଗୁଗୁଲୁ ସ୍କୁଲ ରୁ ଆସିବା ପରେ ସେହି ଗଛ ମୂଳକୁ ଯାଏ ଗଛଟି ସହ ଖେଳେ ଓ ଅନେକ କଥା ସବୁ କୁହେ । ଗଛଟି ମଧ୍ୟ ସେ ଜନ୍ମ ହେଲା ଦିନରୁ ଏବେ ଯାଏଁ ଦେଖିଥିବା ବାତ୍ୟା, ପବନ, ନଈ ବଢ଼ି, ଆଦି ଦୀର୍ଘ କୋଡିଏ ବର୍ଷ ର କଥା ଗୁଡିକୁ କାହାଣୀ ପରି ଶୁଣାଉ ଥାଏ । ଗୁଗୁଲୁ ଆଉ ପୂର୍ବ ପରି ଦୁଷ୍ଟ ହଉନାହିଁ, ଏଥର ସେ ମା ଙ୍କ କଥା ମାନୁଛି ଓ ପାଠ ମଧ୍ୟ ପଢୁଛି । ଗୁଗୁଲୁ ଓ ଗଛ ଏବେ ବହୁତ ସାଙ୍ଗ ହଉଛନ୍ତି କେହି

ISSN NO.
2582-208X

କାହାରିକୁ ଛାଡିକି ରହିପାରୁନାହାନ୍ତି । ଗୁଗୁଲୁ ଗଛଟିକୁ ତୁ ମୋ best friend ବୋଲି କହୁଛି ।

ଦିନେ ଗୁଗୁଲୁ ସ୍କୁଲ ଯାଇଥିବା ସମୟରେ କିଛି ଲୋକ ଆସି ଗଛଟିକୁ କାଟିବା ପାଇଁ ଉଦ୍ୟମ କରୁଥାନ୍ତି । ଗଛଟି କୁ କାଟିବାକୁ ପଡିବ କାରଣ ସେଠାରେ ଗୋଟାଏ କ୍ଲବ ଘର ତିଆରି ହେବ । ଗଛ କାଟିବା ପାଇଁ ବଡ ବଡ଼ ହତିଆର ସବୁ ଆସିଲା ଏବେ ଗଛ କଟା ହେବ, ଏଣେ ଗଛ ମଧ୍ୟ ଯେତେ କାନ୍ଦି କାନ୍ଦି ନେହୁରା ହେଲେ ବି ତା କାନ୍ଦ କାହାରିକୁ ଶୁଣାଯାଉନଥିଲା । ଏଣେ ଠିକ ସମୟକୁ ଗୁଗୁଲୁ ସ୍କୁଲ ରୁ ଫେରିଲା ଓ ଦେଖିଲା ଗଛଟିକୁ କଟା ହେଉଛି ପାଖରେ ଯାଇ ଗଛଟିକୁ କାଟନି କହି କହି ଜୋର ରେ କାନ୍ଦିଲା ତାହା ଦେଖି ଗୁଗୁଲୁ ର ମା ବାପା ଆସି ତାକୁ ବୁଝାଉଥାନ୍ତି ଓ ଆଖ ପାଖ ଲୋକ ମଧ୍ୟ ଆସି ଗହଳି କରୁଥାନ୍ତି । ଗୁଗୁଲୁ କୁ ଯେତେ ବୁଝେଇଲେ ବି ସେ ଚୁନିଲାନି ଖାଲି କାନ୍ଦିଲା ଓ ଜିଦି କରିଲା ମୋ friend କୁ କାଟନି । ସେ ତା ସହ ଖେଳେ, ଗପ ଶୁଣେ, କଥା ହୁଏ, ଓ ଖରାଦିନେ ବାଟୋଇ କୁ ସେ କିପରି ଛାଇ ପବନ ଦିଏ, ଅମ୍ଳଜାନ ଦିଏ, ଓ ତା ଡାଳରେ କେତେ କାଉ, କୋଇଲି ର ଜନ୍ମ ଏବଂ କେତେ ବଗ, ବାଦୁଡ଼ି ର ଘର ସେ ସବୁ କଥା ଗୁଗୁଲୁ କାନ୍ଦି କାନ୍ଦି କହୁଥାଏ । ଶେଷରେ ଗୁଗୁଲୁ ର କାନ୍ଦ ଦେଖି ଗଛଟି ମଧ୍ୟ ଆଉ ସହି ନ ପାରି ସେ ମଧ୍ୟ ଜୋର ରେ କାନ୍ଦିଲା, ଗଛର କାନ୍ଦ ଦେଖି ଗୁଗୁଲୁ ମଧ୍ୟ ତାପାଖକୁ ଯାଇ ତାକୁ ଜାବୁଡି ଧରି ଦୁହେଁ କାନ୍ଦିବାକୁ ଲାଗିଲେ । ଗଛର ଲୁହ ଓ ଦୁହିଁଙ୍କର ଭଲପାଇବା ଦେଖି ସମସ୍ତେ ଆଶ୍ଚର୍ଯ୍ୟ ହେଲେ ଓ ଗଛ ନକାଟି ଯିଏ ଯୁଆଡେ ଚାଲିଗଲେ । ଏବେ ଦୁହେଁ ଖୁସିରେ ସବୁଦିନ ଖେଳିଲେ ଓ ଅନେକ କଥା ହେଲେ । ଗୁଗୁଲୁ ଏବେ ତା ପାଖକୁ ଅନେକ ଛୋଟ ବଡ଼ ଗଛ ଲଗାଇ ତାର ଅନେକ ନୂଆ ନୂଆ ସାଙ୍ଗ କଲାଣି ଓ ସମସ୍ତେ ଏବେ ଖୁସି ଖୁସି ରେ ଖେଳୁଛନ୍ତି ।


କୋରାପୁଟ, ସୁନାବେଡା

ISSN NO.
2582-208X

# ଚିତ୍ର



ଆଦବିକା ପଟ୍ଟନାୟକ



ଦିଲ୍ଲୀ ପବ୍ଲିକ ସ୍କୁଲ, ବସନ୍ତ ବିହାର, ନୂଆଦିଲ୍ଲୀ

ISSN NO.
2582-208X

# ମତାମତ/ସମୀକ୍ଷା

## ବେଦାନ୍ତୀ – ଅପ୍ରେଲ ସମୀକ୍ଷା



ଦେବଯାନୀ ସ୍ୱାଇଁ

ବସନ୍ତ ବିଦାୟରତ। ବିଦାୟ ନେବା ପୂର୍ବରୁ ପ୍ରୀତିର ରଙ୍ଗରେ ରଙ୍ଗେଇ ଦେଇଛି ଧରାପୃଷ୍ଠ। ହିମ କାକରର ଦାଉରେ ହରାଇଥିବା ନିଜର ପତ୍ର ସବୁକୁ ପୁଣି ଫେରାଇ ଆଣି ପାରିଚି ବୃକ୍ଷ। ଖୁସିରେ ପରିତୃପ୍ତିରେ ସତେ ଯେମିତି ସରମି ଯାଉଛି ବୃକ୍ଷ ଋତୁ ରାଜ ବସନ୍ତ ଆଗରେ। କେତେ ସୁନ୍ଦର ତାର ସେଇ ଲାଜୁଆ ଗୋଲାପି ରଙ୍ଗ। ସେମିତି ଏକ ଗୁଲାବୀ ରଙ୍ଗ ମଣ୍ଡିତ ବୃକ୍ଷର ପ୍ରତିଛବିକୁ ପ୍ରଚ୍ଛଦ ପୃଷ୍ଠାରେ ନେଇ, ଏଥରକ ଆସିଛି ଆମ ପ୍ରିୟ "ବେଦାନ୍ତୀ"।

ସମ୍ପାଦକୀୟ ପୃଷ୍ଠାରେ, ଉତ୍କଳ ଦିବସର ଶୁଭେଚ୍ଛା ଜଣାଇବା ସହିତ ଉତ୍କଳର ଐତିହ୍ୟ ଓ ସ୍ୱତନ୍ତ୍ରତା ଉପରେ ସଂକ୍ଷିପ୍ତ ଆଲୋକପାତ କରିଛନ୍ତି ପ୍ରତିଷ୍ଠାତା "ଶ୍ରୀଯୁକ୍ତ ଅରବିନ୍ଦ ମିଶ୍ର"। ସେ କହିଛନ୍ତି- ଆମ ଓଡିଶା ଏକ ସ୍ୱତନ୍ତ୍ର ପ୍ରଦେଶ ହେଲାପରେ ମଧ୍ୟ ଏହାର ବହୁତ ଅଞ୍ଚଳ ଅନ୍ୟ ପ୍ରଦେଶ ସହିତ ମିଶି କରି ଅଛି। ଏହି ସବୁ ବିଚ୍ଛିନ୍ନାଞ୍ଚଳ କିପରି ପୁଣି ଆମ ଓଡିଶାରେ ମିଶିବ ତାହା ଆମ ସମସ୍ତଙ୍କର ଲକ୍ଷ୍ୟ ହେବା ଉଚିତ୍।

ଭିତର ପୃଷ୍ଠାରେ ଭରି ରହିଛି ବିଭିନ୍ନ ପ୍ରସଙ୍ଗ ଉପରେ ଗଳ୍ପ ଓ କବିତା ଲେଖା। ଏଥରକ ଉତ୍କଳ ଦିବସକୁ ଆଧାରିତ କରି ପ୍ରଥମ ପ୍ରସଙ୍ଗ ରହିଚି-"ସ୍ୱତନ୍ତ୍ର ଓଡିଶା ରାଜ୍ୟ ଗଠନର ଉନ୍ମାଦନା"। ଧାରାବାହିକ ଗଳ୍ପ "ଡି. ଏଫ୍. ଓ. କ୍ୟାମ୍ପବେଲ୍ ବେ" ରେ ଡି. ଏଫ୍. ଓ.

ISSN NO.
2582-208X

ଅସୀମ ଓ ସାଥୀ ଶୋଭନା, ପଥୁରିଆ ସମୁଦ୍ର କୂଳରେ ସେମିତି ଚାଲୁ ଚାଲୁ ସମୁଦ୍ର ସମ୍ପର୍କରେ ଅନେକ ତଥ୍ୟ ଓ ଅନେକ ପ୍ରଶ୍ନର ଉତ୍ତର ଖୋଜି ପାଇଛନ୍ତି। "ଉଠ୍ ପୁଟୁର୍" ରେ, ସ୍କୁଲ୍ ଖେଳଛୁଟିରେ ପଞ୍ଝା ଲଢାଇ ଖେଳ କୌତୁକରେ ଦୁର୍ବଳ, ମଫସଲିଆ ପିଲା ଅଭିମନ୍ୟୁ ସବଳ, ସହରିଆ ସୂର୍ଯ୍ୟପ୍ରକାଶକୁ ହରେଇଦେଇଚି। ଏହି ପରିପ୍ରେକ୍ଷୀରେ ଗାଳ୍ପିକାଙ୍କ ମତ ଖୁବ୍ ଉଚ୍ଚକୋଟୀର- ଏକ ଗରିବର ସ୍ୱପ୍ନ ହିଁ ତାର ସାଧନା, ଏକ ଦୁର୍ବଳର ଦୃଢତା ହିଁ ତାର ଏକାଗ୍ରତା। "ଆଜିର ଦ୍ରୌପଦୀ ଓ ସୀତା ମାନ ଙ୍କୁ" ଗାଳ୍ପିକା ଙ୍କ ସୁନ୍ଦର ନିବେଦନ। "ଯୋଗାଡିଆ" ମାନଙ୍କ ଠୁ ରୁହ ସାବଧାନ। ଗାନ୍ଧିଜୀଙ୍କ ଜିବନୀ ଭିତ୍ତିକ ତଥ୍ୟ ରହିଛି "ସେବା ଗ୍ରାମରେ ଦିବ୍ୟ ଅନୁଭୂତି"। ଏହା ସହିତ ବହୁ ବିଶିଷ୍ଟ ବ୍ୟକ୍ତିଙ୍କ ଜିବନୀ ସମ୍ବନ୍ଧିୟ ଆଲେଖ୍ୟ ରହିଛି, ଯଥା- ଭାରତୀୟ ସଂଗୀତ ଜଗତର ଜଣେ ସ୍ୱନାମଧନ୍ୟ ଗାୟକ "ସଲମାନ୍ ଅଲ୍ଲୀ"। ଗଂଜାମ ବାଘ "ଶଶୀ ଭୂଷଣ ରଥ"।

କବିତା ତାଲିକାରେ ମଧ୍ୟ "ଉତ୍କଳ ଦିବସ" ପରିପ୍ରେକ୍ଷୀରେ ରହିଛି ଅନେକ ଗୁଡିଏ କବିତା। "ଉତ୍କଳ ଦିବସରେ ଆହ୍ୱାନ" "ଜାଗ୍ରତେ ଅନୁଭବ" "ଆମ ଓଡିଶା" "ଉତ୍କଳ ଜନନୀ, ସୌଭାଗ୍ୟ ଦାୟିନୀ", "ସ୍ୱପ୍ନ ଦେଖେ ସତ୍ୟବାଦୀ", "ଓଡିଆ ବୋଲି ମୁଁ ଆଜି ଗର୍ବ କରେ"!!

ହେ "ସ୍ୱପ୍ନ ମୋହିନୀ" !! "ପ୍ରେମ ଓ ଫଗୁଣ" ରଙ୍ଗ ମଞ୍ଚରେ କେତେବେଳେ ସାଇତି ରଖେ ତୁମକୁ "ରଫ ଖାତାରେ" ପୁଣି କେତେବେଳେ ତୁମ ପାଇଁ ଜଳୁଥାଏ ହେଇ "ଦୀପାଳୀ"!! ତୁମର ସେଇ "ମିଠା ଉଆଁସ", "ଶ୍ରାବଣ ଓ ଫଗୁଣ" ଦୁହେଁ ସରସ, ସଭି ଦିଅଇ ପ୍ରୀତି ପରଶ। "ଯୁଦ୍ଧ କାହିଁକି" ଲାଗେ ମଣିଷ ସଙ୍ଗେ ମଣିଷର, ଯଦିଓ ଜାଣିଛି ସେ କିଛି ପ୍ରାପ୍ତ ନ ହେବ। "ଅବାଗିଆ" ଅଟେ ସେ କ୍ରୋଧ, "ମାୟା"ର ସଂସାରରେ ବିଚରା ମଣିଷଟି ହୁଏ ଆବଦ୍ଧ।

"ଅମ୍ବୁରୁହ", "ଇସ୍ତାହାର" "କବିତା ଜ୍ୟାମିତି ଧାରା" "ଜାତୀୟତା" "ମୁକ୍ତ କର ନିଜକୁ ନିଜଠୁଁ, ଯୁଗାଦ୍ୟା ହେଇଯା" "ଛାଡି ଗଲ କି କିଛି ପଛରେ" ଭଳି ରହିଛି ଅନେକ ଗୁଡିଏ ସୁନ୍ଦର କବିତା।

ସ୍ୱାସ୍ଥ୍ୟ ବିଭାଗରେ "ଭାରତୀୟ ଖାଦ୍ୟ ବ୍ୟବହୃତ ମସଲା ଓ ଦୀର୍ଘାୟୁ ସ୍ୱାସ୍ଥ୍ୟ" ଏବଂ "ଶରୀରରେ ପ୍ରୋଟିନ୍ ଅଭାବ ଜନିତ ରୋଗ"।

ISSN NO.
2582-208X

ଏଥରକ "ଆମ ହାଣ୍ଡିଶାଳ" କୁ ଯିବା। ଏଇ ଗରମ ଦିନରେ ଆପଣ ମାନଙ୍କୁ ନିଶ୍ଚୟ ଭଲ ଲାଗିବ "ଦହି ଭେଣ୍ଡି ବେସର" ଆଉ "ଆଳୁ ଖଟା ମିଠା"। ଏତକ ଖାଇ ସାରି ଥଣ୍ଡା ଥଣ୍ଡା "ନଡିଆ ପୁଡିଂ" ଓ "ଚୂଡା ଖିରି" ଚାଖିବାକୁ ଭୁଲନ୍ତୁନି। ହଁ, ହାଣ୍ଡିଶାଳର ସମସ୍ତ ସଦସ୍ୟ ଙ୍କୁ ଗୋଟେ ଛୋଟ ବିନତି, ଯଦି ପ୍ରସ୍ତୁତି ସହିତ ବ୍ୟଞ୍ଜନର ଏକ ଫଟୋଚିତ୍ର ପଠାନ୍ତେ ତାହାଲେ ଏହା ଆହୁରି ଆକର୍ଷଣୀୟ ହୁଅନ୍ତା।

ସବୁଥର ଭଳି "ଶିଶୁ ବିଭାଗ" ଶିକ୍ଷଣୀୟ ଓ ମଜାଦାର୍। ପ୍ରଶ୍ନ ପ୍ରହେଳିକା ମାଧ୍ୟମରେ ଲେଖକ ପିଲାମାନ ଙ୍କୁ ଅବଗତ କରାଇଛନ୍ତି "ନ ଦେଖିଥିବା ଓଉ ଛଅ ଫଡା"। ମହାନାୟକ ବିଜୁ ବାବୁ ଙ୍କ ସମ୍ବନ୍ଧରେ ଜ୍ଞାନ "ଝଡର ଇଗଲ୍"।

କୁନି ଆଦବିକା ଏଥର ଖୁବ୍ ଏକ ଶିକ୍ଷଣୀୟ ଚିନ୍ତାଧାରାକୁ ଦର୍ଶାଇ ତା'ର କୁନି ହାତରେ ଆଙ୍କିଦେଇଛି ବିଉଟି ଆଣ୍ଡ୍ ବିଷ୍ଟ୍ । ସୁନ୍ଦର ଗୋଲାପ ଫୁଲ ସହିତ ବିପଦପୂର୍ଣ୍ଣ କଣ୍ଟା ଥିବା ଭଳି ସବୁ ଭଲ କାମ ପଛରେ ଅନେକ ବାଧା ବିଘ୍ନ ରହିଥାଏ। ହେଲେ ଆମକୁ ସେ ସବୁ ଭ୍ରୂକ୍ଷେପ ନ କରି ସତର୍କତା ସହ ଆଗକୁ ବଢିବାକୁ ହେବ।

ବୈଶାଖ ଏକ ପୂଣ୍ୟ ମାସ। ପରମ୍ପରା ଅନୁଯାୟୀ ଆମକୁ ଦାନ ଧର୍ମ କରିବା କଥା। ପ୍ରଚଣ୍ଡ ରୌଦ୍ର ତାପରୁ ନିଜକୁ ଓ ପରିବାର ବର୍ଗ ଙ୍କୁ ସୁରକ୍ଷାରେ ରଖି ଧର୍ମ କରନ୍ତୁ। ଜୀବଜନ୍ତୁ, ବୃକ୍ଷପକ୍ଷୀ ସମସ୍ତଙ୍କୁ ଜଳ ଦାନ କରନ୍ତୁ। ପବିତ୍ର ଅକ୍ଷୟ ତୃତୀୟାର ଶୁଭେଚ୍ଛା ସମସ୍ତଙ୍କୁ।

ଜୟ 'ବେଦାନ୍ତୀ', ଜୟ ପାଠକ ବୃନ୍ଦ।

ଗୋରେଗାଓଁ, ମୁମ୍ବାଇ

ISSN NO.
2582-208X

# ମଇ ମାସରେ ପଡୁଥିବା ପର୍ବପର୍ବାଣୀ

| | |
|---|---|
| ୦୧/୦୫/୨୦୨୩ | ଶ୍ରମିକ ଦିବସ, ମୋହିନୀ ଏକାଦଶୀ |
| ୦୪/୦୫/୨୦୨୩ | ନୃସିଂହ ଜନ୍ମ |
| ୦୫/୦୫/୨୦୨୩ | ଚନ୍ଦନ ପୂର୍ଣ୍ଣିମା, ବୁଦ୍ଧ ଜୟନ୍ତୀ |
| ୧୨/୦୫/୨୦୨୩ | ଶ୍ରୀକ୍ଷେତ୍ରେ ଭଉଁରୀ |
| ୧୩/୦୫/୨୦୨୩ | ଉତ୍କଳେ ଭଉଁରୀ |
| ୧୪/୦୫/୨୦୨୩ | ଶରଣ ଶେଷ ଓ ମାସାନ୍ତ |
| ୧୫/୦୫/୨୦୨୩ | ବୃଷ ସଂକ୍ରାନ୍ତି |
| ୧୮/୦୫/୨୦୨୩ | ଶିବଚତୁର୍ଦ୍ଦଶୀ ଉପବାସ |
| ୧୯/୦୫/୨୦୨୩ | ସାବିତ୍ରୀ ବ୍ରତ, ଜ୍ୟେଷ୍ଠା ଅମାବାସ୍ୟା |
| ୨୧/୦୫/୨୦୨୩ | ଚନ୍ଦ୍ରଦର୍ଶନ ଓ ପୂଜା |
| ୨୨/୦୫/୨୦୨୩ | ରମ୍ଭା ତୃତୀୟା |
| ୨୩/୦୫/୨୦୨୩ | ଉମା ଚତୁର୍ଥୀ |
| ୨୪/୦୫/୨୦୨୩ | ଶିବ ବିବାହୋତ୍ସବ |
| ୨୫/୦୫/୨୦୨୩ | ଶୀତଳ ଷଷ୍ଠୀ ଓ ଆରଣ୍ୟକ ଷଷ୍ଠୀ |
| ୩୦/୦୫/୨୦୨୩ | ଗଙ୍ଗା ଦଶହରା |
| ୩୧/୦୫/୨୦୨୩ | ନିର୍ଜଳା ଏକାଦଶୀ ଉପବାସ |

ISSN NO.
2582-208X

# ଚିତ୍ର କଥା କହେ



ଦୃଶ୍ୟ ଭିତରୁ ଭାବକୁ ବାହାର କରିବାର ପରଖ ଦୃଷ୍ଟିକୁ ୨୦-୨୫ ଶବ୍ଦ ମଧ୍ୟରେ ଆମ ପାଖକୁ ଇମେଲ୍ ମାଧ୍ୟମରେ ପଠାନ୍ତୁ । ଶ୍ରେଷ୍ଠ ବିବେଚିତ ଉତ୍ତର, ଉତ୍ତରଦାତାଙ୍କ ନାମ ସହିତ ପରବର୍ତ୍ତୀ ସଂଖ୍ୟାରେ ପ୍ରକାଶ ପାଇବ । ଆମ ଠିକଣା -vedantimagazine@gmail.com/ editor.vedantimagazine@gmail.com

## ଅପ୍ରେଲ ମାସର ବିଜେତାଙ୍କ ନାମ



ISSN NO.
2582-208X

ଗରମ ଦିନରେ ପଖାଳ ସାଙ୍ଗକୁ
ମାଛଭଜା ଟିକେ ହେଲେ
ଶାନ୍ତିମିଳେ ଆମ ଉଦରକୁ ଆଉ
ଶାନ୍ତି ମସ୍ତିଷ୍କକୁ ମିଳେ

ଅର୍ପିତ ମିଶ୍ର, ଭୁବନେଶ୍ୱର

ଆଇଲା ରୋହି ମାଛ, ଜଲଦି ଖାଇବ ଆସ
ବାହାଘର ହେଉ, ଭୋଜିଭାତ ହେଉ
ରୋହିମାଛ ଖାଇ ମଜା ଭାରି ଆସେତ

ତାରାକାନ୍ତ ମହାପାତ୍ର, ଲକ୍ଷ୍ନୌ

ବେଦାନ୍ତୀର ଅନେକ ସଂଖ୍ୟାରେ ବାହାରୁଥିବା ପ୍ରଚ୍ଛଦପଟ୍ଟ ଏବଂ "ଚନ୍ଦ୍ର କଥା କହେ"ର ଛବି ହେଉଛି ବେଦାନ୍ତୀର ସଂପୂର୍ଣ୍ଣ ନିଜସ୍ୱ । ପ୍ରଚ୍ଛଦପଟ୍ଟ ଚନ୍ଦ୍ର ସମୟେ ସମୟେ ପାଠକପ୍ରେମୀଙ୍କ ଦ୍ୱାରା ପଠାଯାଇଥିବା ଚନ୍ଦ୍ରକୁ ମଧ୍ୟ ବ୍ୟବହାର କରାଯାଇଥାଏ । ଯଦି କୌଣସି ପାଠକ/ପାଠିକା ନିଜସ୍ୱ ଉତ୍ତୋଳନ କରିଥିବା ଛବିକୁ ବେଦାନ୍ତୀ ପତ୍ରିକାର ପ୍ରଚ୍ଛଦପଟ୍ଟରେ ପ୍ରକାଶ କରିବାକୁ ଚାହାଁନ୍ତି, ତେବେ ସେମାନେ ଆମକୁ ଯୋଗାଯୋଗ କରନ୍ତୁ । ଆମକୁ ସମ୍ପର୍କ କରିବାର ଠିକଣା ହେଲା - vedantimagazine@gmail.com

ଯୋଗାଯୋଗ

Whatsapp:+ 91 9594993733

ଭ୍ରାମ୍ୟଭାଷ - +91 9594993733/8828213733

**Website: www.vedantimagazine.com**

**Email ids:**
vedantimagazine@gmail.com /editor.vedantimagazine@gmail.com

ISSN NO.
2582-208X

## ବେଦାନ୍ତୀ ଇ-ପତ୍ରିକାକୁ ଲେଖା ପଠାଇବାକୁ ଚାହୁଁଥିବା ଓଡିଆପ୍ରେମୀଙ୍କ ପଇଁ କିଛି ସନ୍ଦେଶ:

- ଲେଖାକୁ ଟାଇପ୍ କରି MS WORD ଫାଇଲରେ ଏବଂ ପି.ଡି.ଏଫ୍ ଫାଇଲରେ ପଠାନ୍ତୁ ।
- ଲେଖାକୁ ପ୍ରତି ମାସ ୫ ତାରିଖ ଭିତରେ ପଠାନ୍ତୁ ।
- ଏହି ପ୍ରତ୍ରିକାରେ ଗଳ୍ପ ଏବଂ କବିତା ସମାନ ସଂଖ୍ୟାରେ ପ୍ରକାଶିତ କରାଯାଉଛି । ଯେହେତୁ ଅନେକ କବିତା ଆମପାଖକୁ ଆସୁଛି, ତେଣୁ ଏହାକୁ ପ୍ରକାଶ କରିବା ପାଇଁ କିଛି ସମୟ ଲାଗୁଛି । ଯଦି ଆପଣ ଲେଖା ପଠାଇଥିବା ମାସରେ ଏହା ନବାହାରିଲା, ତେବେ ଏହି ଲେଖା ଆସନ୍ତା ମାସରେ ପ୍ରକାଶ ପାଇବ ।
- ଚେଷ୍ଟା କରନ୍ତୁ ଲେଖାକୁ ଇ-ମେଲ୍ ଜରିଆରେ ପଠାନ୍ତୁ । ଆମ ଇ-ମେଲ୍ ହେଲା - Editor.vedantimagazine@gmail.com ଏବଂ vedantimagazine@gmail.com
- ମାସକୁ ଥରଟିଏ ହିଁ ଲେଖା ପଠାନ୍ତୁ ।ବାରମ୍ବାର ଅନେକ ଲେଖା ଇ-ମେଲ୍ ଜରିଆରେ ପଠାନ୍ତୁ ନାହିଁ ।
- ଲେଖା ସହିତ ଆପଣଙ୍କର ଠିକଣା ଏବଂ ଫଟୋ ମଧ୍ୟ ପଠାନ୍ତୁ ।
- ପ୍ରକାଶ କରିବା ପାଇଁ ଯେଉଁ ଲେଖା ପଠାଉଛନ୍ତୁ ତାହା ଆଉ କୌଣସି ଗୃପରେ ପଠାନ୍ତୁନାହିଁ । ପ୍ରକାଶିତ ହେବା ପରେ ଏହାକୁ ପଠାଇପାରିବେ ।
- ବେଦାନ୍ତୀ ଇ-ପତ୍ରିକା ଏକ ସଂପୂର୍ଣ୍ଣ ମୁକ୍ତ ଏବଂ ପାରିବାରିକ ପତ୍ରିକା । ଏଥିପାଇଁ ଉପଯୁକ୍ତ ଲେଖା ହିଁ ପଠାନ୍ତୁ ।
- ପୁରୁଣା ସଂଖ୍ୟା ପଢିବା ପାଇଁwww.vedantimagazine.comକୁ ପଦାର୍ପଣ କରନ୍ତୁ ।

ISSN NO.
2582-208X

"ବେଦାନ୍ତୀ" ଏକ ସମ୍ପୂର୍ଣ୍ଣ ପାରିବାରିକ ମାସିକ ପତ୍ରିକା। ବେଦାନ୍ତୀରେ ପ୍ରକାଶିତ ସମସ୍ତ ଲେଖାରେ ଦିଆଯାଇଥିବା ବିଚାର ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ। ଯଦିଓ ସମ୍ପାଦକ ସବୁ ଲେଖାକୁ ଭଲଭାବରେ ପଢିବା ଏବଂ ବୁଝିବା ପରେ ହିଁ ପ୍ରକାଶିତ କରିଥାନ୍ତି, ତଥାପି ଲେଖାର ଶତ ପ୍ରତିଶତ ସତ୍ୟତାର ଦାବି କେବଳ ଲେଖକଙ୍କର। ଏଥିରେ ସମ୍ପାଦକ କିମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ନାହିଁ।

ବେଦାନ୍ତୀ ଇ-ପତ୍ରିକା ପ୍ରତ୍ୟେକ ମାସ ୧ ତାରିଖରେ ପ୍ରକାଶିତ ହେଉଛି ଏବଂ ଏହା ସମ୍ପୂର୍ଣ୍ଣ ମାଗଣାରେ ସାରା ବିଶ୍ୱର ଓଡିଆ ପ୍ରେମୀଙ୍କୁ ପଢିବା ପାଇଁ ୱେବସାଇଟ୍, ଇ-ମେଲ୍ ଏବଂ ସୋସିଆଲ୍ ମିଡିଆ ଦ୍ୱାରା ଯୋଗାଇ ଦିଆଯାଏ। ଲେଖକ/ଲେଖିକା ମାନେ ସେମାନଙ୍କର ଲେଖା ଓଡିଆରେ ଟାଇପ୍ କରି ଲେଖାର ସ୍କାନ କପି ଏବଂ ସଫ୍ଟକପି ଆମ ପାଖକୁ ଇମେଲ୍ ରେ ପଠାନ୍ତୁ: vedantimagazine@gmail.com। ପ୍ରତ୍ୟେକ ମାସ ୫ ତାରିଖ ଭିତରେ ପ୍ରାପ୍ତ କରାଯାଇଥିବା ଲେଖାଗୁଡିକୁ ସେହି ମାସରେ ହିଁ ପ୍ରକାଶ କରାଯାଇଥାଏ । ଯଦି କୌଣସି କାରଣରୁ କୌଣସି ଲେଖକ/ଲେଖିକାଙ୍କ ଲେଖା ଚଳତ ମାସରେ ପ୍ରକାଶ ପାଇନାହିଁ, ତେବେ ତାହା ଆଗାମୀ ମାସରେ ପ୍ରକାଶିତ ହେବ।

ବେଦାନ୍ତୀ ପତ୍ରିକାକୁ ପଢିବା ପାଇଁ ଏବଂ ଡାଉନଲୋଡ କରିବା ପାଇଁ (ସମସ୍ତ ସଂଖ୍ୟା) ନିମ୍ନଲିଖିତ ସାଇଟକୁ ପଦାର୍ପଣ କରନ୍ତୁ:-

**www.vedantimagazine.com**